# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଡିସେମ୍ବର ୩୧/୨୦୧୯ (୨୦ପୃଷ୍ଠା) Sambalpur, Tuesday, December 31 / 2019 ★★

୧୬ଶ ଭାଗ ୧୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




## ଫୁକେଟରେ ନୂଆବର୍ଷ ପାଳିବେ ଏକତା

ନୂଆବର୍ଷକୁ ନେଇ ଅଧିକାଂଶ ବଲିଉଡ୍ ସେଲିବ୍ରିଟି ସ୍ୱିଜରଲାଣ୍ଡରେ ଛୁଟି କଟାଇବାକୁ ଯାଉଥିବା ବେଳେ ଏକତା କପୁର ଫୁକେଟ ବିଚ୍ ଯିବାକୁ ପ୍ରସ୍ତୁତ ହେଉଥିବା ଜଣାପଡିଛି। ୦୯

୧୮

## ମନିଷା ଶ୍ରେଷ୍ଠ ମହିଳା ଆଥଲେଟ୍

କଟକ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟ ଆଥଲେଟିକ୍ ମିଟ୍‌ରେ କିଟ୍‌ର ମନିଷା ମେରେଲ ଶ୍ରେଷ୍ଠ ମହିଳା ଆଥଲେଟ୍ ବିବେଚିତ ହୋଇଛନ୍ତି।



# ସହର ପ୍ରଦୂଷଣ: କଠୋର ହେଲେ ଏନ୍‌ଜିଟି

ଭୁବନେଶ୍ୱର,୩୦।୧୨(ବ୍ୟୁରୋ)

- ବ୍ୟକ୍ତିଗତ ହାଜର ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ
- ଜାନୁୟାରୀ ୧୭ରେ ସତ୍ୟପାଠ ଦାଖଲ କରିବେ ସରକାର
- ସବୁ ସହର ପାଇଁ ଗଠନ ହେଲା ବାୟୋ ଡାଇଭରସିଟି କମିଟି



ଦେଶର ବଡ଼ ବଡ଼ ସହରରେ ମାତ୍ରାଧିକ ପ୍ରଦୂଷଣ ଚିନ୍ତା ବଢ଼ାଇଲାଣି। ବାୟୁ, ଜଳ, ମାଟି ଭୟଙ୍କର ଭାବେ ପ୍ରଦୂଷିତ ହେବାରେ ଲାଗିଛି। ଯାନବାହନ ବୃଦ୍ଧି ସାଙ୍ଗକୁ ସବୁଜ ବଳୟ ନଷ୍ଟ ଯୋଗୁ ପରିବେଶ ବିଗିଡିବାରେ ଲାଗିଛି। ନିକଟରେ ଦିଲ୍ଲୀରେ ହୋଇଥିବା ପ୍ରଦୂଷଣ ଯୋଗୁ ନିଃଶ୍ୱାସ ପ୍ରଶ୍ୱାସ ନେବା ମଧ୍ୟ ମୁସ୍କିଲ ହୋଇପଡ଼ିଥିଲା। ପ୍ରଦୂଷଣ ଏତେ ଭୟଙ୍କର ଥିଲା ଯେ ପିଲାମାନଙ୍କ ସ୍କୁଲ ବନ୍ଦ କରିବାକୁ ପଡ଼ିଥିଲା। କେବଳ ଦିଲ୍ଲୀ ନୁହେଁ ଦେଶର ଅନେକ ସହର ଅବସ୍ଥା ଶୋଚନୀୟ ସ୍ତରକୁ ଗତି ଗଲାଣି। ଓଡ଼ିଶାର ଭୁବନେଶ୍ୱର ସମେତ ୭ଟି ସହର ଅତି ପ୍ରଦୂଷଣ ତାଲିକାରେ ଆସୁଛି। ସହରାଞ୍ଚଳ ପ୍ରଦୂଷଣକୁ ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି)ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ କଠୋର ହୋଇଛନ୍ତି। ସହରାଞ୍ଚଳ ପରିବେଶକୁ ସୁରକ୍ଷିତ ରଖିବା ଲାଗି ରାଜ୍ୟ ସରକାର କି ପଦକ୍ଷେପ ନେଇଛନ୍ତି। ଏ ନେଇ ତୁରନ୍ତ ଜବାବ ଦାଖଲ କରିବାକୁ ଏନ୍‌ଜିଟି ରାଜ୍ୟ ସରକାରଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ପ୍ରତ୍ୟେକ ସହର ପାଇଁ ବାୟୋ ଡାଇଭରସିଟି କମିଟି ଗଠନ କରିବାକୁ ମଧ୍ୟ ତାଗିଦ କରିଛନ୍ତି। ୨୦୨୦ ଜାନୁୟାରୀ ୩୧ ତାରିଖ ସୁଦ୍ଧା ଯଦି ଏହି କମିଟି ଗଠନ ନ ହେବ ତେବେ ପ୍ରତ୍ୟେକ ଦିନ ରାଜ୍ୟ ସରକାରଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଭାବେ ଏନଜିଟିରେ ଜମା କରିବାକୁ ପଡ଼ିବ। ଏପରି କି ରାଜ୍ୟ ମୁଖ୍ୟ ଶାସନ ସଚିବ ବ୍ୟକ୍ତିଗତ ଭାବେ ହାଜର ହୋଇ ଜବାବ ଦେବାକୁ କୁହାଯାଇଛି। ଆସନ୍ତା ଜାନୁୟାରୀ ୧୭ ତାରିଖରେ ମୁଖ୍ୟ ଶାସନ ସଚିବ, ଗୃହ ନିର୍ମାଣ ବିଭାଗ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ ସଚିବ ଏନଜିଟିଙ୍କ ନିକଟରେ ହାଜର ହୋଇ ସହରାଞ୍ଚଳ ପରିବେଶ ପାଇଁ ସରକାର ନେଇଥିବା ପଦକ୍ଷେପ ବିଷୟରେ ସତ୍ୟପାଠ ଦାଖଲ କରିବେ।

ଏନ୍‌ଜିଟିର କଡ଼ା ତାଗିଦ ପରେ ସହରାଞ୍ଚଳ ପରିବେଶକୁ ସୁରକ୍ଷିତ ରଖିବାକୁ ରାଜ୍ୟ ସରକାର ସମସ୍ତ ୧୧୪ଟି ସହରାଞ୍ଚଳରେ ବାୟୋ ଡାଇଭରସିଟି କମିଟି ଗଠନ କରିଛନ୍ତି। ସହରାଞ୍ଚଳ ପରିବେଶକୁ କିପରି ସୁରକ୍ଷିତ କରାଯାଇ ପାରିବ ସେ ଦିଗରେ ବାୟୋଡାଇଭରସିଟି କମିଟି ପରାମର୍ଶ ଦେବ। ଏଥିରେ ନଗର ଉନ୍ନୟନ ବିଭାଗର ଜଣେ ଅଧିକାରୀ କନଭେନର ଭାବେ ☞ପୃଷ୍ଠା-୧୫

## ଲାଞ୍ଚ ନେଇ ଆଇଏଏସ୍ ଅଫିସର ବିଜୟ ନିଲମ୍ବିତ



ବିଜୟ କେତନ ଉପାଧ୍ୟାୟ

ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)

୧ଲକ୍ଷ ଟଙ୍କା ଲାଞ୍ଚ ନେଲାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଆଇଏଏସ୍ ଅଫିସର ବିଜୟ କେତନ ଉପାଧ୍ୟାୟ। ଧରାପଡ଼ିବା ପରେ ରାଜ୍ୟ ସରକାର ତାଙ୍କୁ ତୁରନ୍ତ ନିଲମ୍ବନ କରିଛନ୍ତି। ୨୦୦୯ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ବିଜୟ କେତନ ଉଦ୍ୟାନ କୃଷି ବିଭାଗର ନିର୍ଦ୍ଦେଶକ ଥିଲେ। ଏକ ବିଲ୍ ପାସ୍ କରିବା ଲାଗି ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ତାଙ୍କୁ ଧରିବା ସହ ତାଙ୍କଠାରୁ ଟଙ୍କା ଜବତ କରିଛି। ଏନେଇ ଭିଜିଲାନ୍ସର ଏକ ୧୦ ଜଣିଆ ଟିମ୍ ☞ପୃଷ୍ଠା-୧୫

## ବିପିନ ରାୱତ ପ୍ରଥମ ସିଡିଏସ୍

ନୂଆଦିଲ୍ଲୀ,୩୦।୧୨



ବିପିନ ରାୱତ

ସେନାଧକ୍ଷ ଜେନେରାଲ ବିପିନ ରାୱତ ଦେଶର ପ୍ରଥମ ଡିଫେନ୍ସ ଷ୍ଟାଫ୍ ମୁଖ୍ୟ (ସିଡିଏସ୍) ହେବାକୁ ଯାଉଛନ୍ତି। ମଙ୍ଗଳବାର ରାୱତ ସେନାମୁଖ୍ୟ ପଦବୀରୁ ଅବସର ନେବାକୁ ଥିବାବେଳେ ଏହାର ଦିନକ ପୂର୍ବରୁ ସିଡିଏସ୍ ମୁଖ୍ୟ ଭାବେ ତାଙ୍କ ନାମ ଘୋଷଣା କରାଯାଇଛି। କିଛିଦିନ ପୂର୍ବରୁ କେନ୍ଦ୍ର ସରକାର ଏହି ପଦବୀ ସୃଷ୍ଟି କରିଥିଲେ। ଦେଶର ସାମରିକ ବ୍ୟବସ୍ଥା ସମ୍ପର୍କରେ ସିଡିଏସ୍ ସରକାରଙ୍କୁ ପରାମର୍ଶ ଦେବା ସହିତ ତିନି ବାହିନୀ ସ୍ଥଳସେନା, ବାୟୁସେନା ଓ ନୌସେନା ମଧ୍ୟରେ ସମନ୍ୱୟ ରକ୍ଷା କରିବେ।

ସିଡିଏସ୍ ପଦବୀ ଦୌଡ଼ରେ ଜେନେରାଲ ବିପିନ ରାୱତ ଆଗରେ ରହିଥିଲେ। ବର୍ତ୍ତମାନ ସେନା ଷ୍ଟାଫ୍ ଉପମୁଖ୍ୟ ଥିବା ଲ୍ୟୁଟ୍‌ନାଣ୍ଟ ଜେନେରାଲ ମନୋଜ ମୁକୁନ୍ଦ ନରଭାନେ ପରବର୍ତ୍ତୀ ସେନାଧକ୍ଷ ଭାବେ ଦାୟିତ୍ୱ ନେବାକୁ ଯାଉଛନ୍ତି। ଜେନେରାଲ ରାୱତ ଶିମ୍‌ଲାର ସେଣ୍ଟ ଏଡ୍‌ୱାର୍ଡ ସ୍କୁଲ, ଖଡକ୍ୱାସ୍‌ଲାର ନ୍ୟାଶନାଲ ଡିଫେନ୍ସ ଏକାଡେମୀ ଏବଂ ଡେରାଡୁନ୍‌ର ଇଣ୍ଡିଆନ ମିଲିଟାରି ଏକାଡେମୀରୁ ଶିକ୍ଷାଗ୍ରହଣ କରିଥିଲେ। ସେ ପୂର୍ବାଞ୍ଚଳର ପ୍ରକୃତ ନିୟନ୍ତ୍ରଣ ରେଖା ସୁରକ୍ଷା ଦାୟିତ୍ୱରେ ଥିବା ଇନ୍‌ଫାଣ୍ଟ୍ରି ବାଟାଲିୟନର ନେତୃତ୍ୱ ନେଇଥିଲେ। ୨୦୧୬ ଡିସେମ୍ବର ୩୧ରେ ସେ ସେନାମୁଖ୍ୟ ଭାବେ ନିଯୁକ୍ତ ହୋଇଥିଲେ। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ସ୍ୱାଧୀନତା ଦିବସ ବକ୍ତୃତାରେ ଭାରତର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ସମ୍ପର୍କରେ ଘୋଷଣା କରିଥିଲେ।

■ ଶ୍ରୀକ୍ଷେତ୍ର ବିକାଶର ମାଷ୍ଟର ପ୍ଲାନ

# ରାଜ୍ୟବାସୀଙ୍କୁ ଉତ୍ସର୍ଗ କଲେ ମୁଖ୍ୟମନ୍ତ୍ରୀ

- ଶ୍ରୀଜଗନ୍ନାଥ ଐତିହ୍ୟ କରିଡର ଚିଠା ଯୋଜନା
- ଲୋକଙ୍କ ମତାମତ ଅନୁଯାୟୀ ହେବ ଚୂଡ଼ାନ୍ତ ପ୍ଲାନ
- ଫଳକରେ ଜମି ଦେଇଥିବା ବ୍ୟକ୍ତିଙ୍କ ନାମ ରହିବ
- ଅଧିଗ୍ରହୀତ ଜମି ଜଗନ୍ନାଥଙ୍କ ନାମରେ ରେକର୍ଡ କରାଯିବ
- ୨୦୨୦ ଫେବୃୟାରୀ ସୁଦ୍ଧା ହେବ ଚୂଡ଼ାନ୍ତ ଯୋଜନା



ଭୁବନେଶ୍ୱର,୩୦।୧୨(ବ୍ୟୁରୋ)

ମହାପ୍ରଭୁ ଶ୍ରୀ ଜଗନ୍ନାଥ ମନ୍ଦିରକୁ ବିଶ୍ୱ ଐତିହ୍ୟରେ ପରିଣତ କରିବାକୁ ରାଜ୍ୟ ସରକାର ଆଉ ଦୁଇ ପାଦ ଆଗକୁ ବଢ଼ିଛନ୍ତି। ଶ୍ରୀ ଜଗନ୍ନାଥ ଐତିହ୍ୟ କରିଡର ଚିଠା (ଡ୍ରାଫ୍ଟ) ସ୍ଥାପତ୍ୟ ଯୋଜନାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ରାଜ୍ୟବାସୀଙ୍କୁ ଉତ୍ସର୍ଗ କରିଛନ୍ତି। ଚୂଡ଼ାନ୍ତ ଯୋଜନା ପୂର୍ବରୁ ୨୦୨୦ ଜାନୁୟାରୀ ୧୫ ସୁଦ୍ଧା ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ଠାରୁ ପରାମର୍ଶ ଓ ମତାମତ ଲୋଡ଼ିଛନ୍ତି। ମତାମତ ମିଳିବା ପରେ ୨୦୨୦ ଫେବୃୟାରୀ ସୁଦ୍ଧା ଚୂଡ଼ାନ୍ତ ଯୋଜନା ପ୍ରସ୍ତୁତ କରାଯିବ। ଇ-ମେଲ୍ ଆଇଡି jagannath.or@nic.in, ଫ୍ୟାକ୍ସ ନମ୍ବର ୦୬୭୫୨-୨୫୨୧୦୦, ଏବଂ ଲ୍ୟାଣ୍ଡଲାଇନ ନମ୍ବର -୦୬୭୫୨-୨୫୨୯୦୦ ଜରିଆରେ ଜନସାଧାରଣ ସେମାନଙ୍କର ମତାମତ ପଠାଇବାକୁ ଅନୁରୋଧ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀ ଲୋକସେବା ଭବନଠାରେ ଉକ୍ତ ଡ୍ରାଫ୍ଟ ପ୍ଲାନର ଏକ ଭିଡିଓ ଜାରି କରିଛନ୍ତି। ଶ୍ରୀଜଗନ୍ନାଥ ଐତିହ୍ୟ କରିଡର ପାଇଁ ଯେଉଁ ବ୍ୟକ୍ତି ବିଶେଷମାନେ ଜମି ପ୍ରଦାନ କରିଛନ୍ତି ସେମାନଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇ କହିଛନ୍ତି। ଏହି ବ୍ୟକ୍ତିବିଶେଷଙ୍କ ନାମ ଉକ୍ତ ଐତିହ୍ୟ କରିଡରରେ ସବୁଦିନ ପାଇଁ ସ୍ଥାନିତ ହୋଇରହିବ। ଏହି ବିଶ୍ୱ ପ୍ରସିଦ୍ଧ ଐତିହ୍ୟର ବିକାଶ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଥିବା ଜମିର ରେକର୍ଡ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନାମରେ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ପାନ୍-ଆଧାର ଲିଙ୍କ୍ ଅବଧି ୩୧ ମାର୍ଚ୍ଚ ଯାଏ ବୃଦ୍ଧି

ନୂଆଦିଲ୍ଲୀ,୩୦।୧୨

ପର୍ମାନେଣ୍ଟ ଆକାଉଣ୍ଟ ନମ୍ବର (ପାନ୍) ସହ ଆଧାର ଲିଙ୍କ୍ କରାଇବାର ଅବଧିକୁ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ଆସନ୍ତା ମାର୍ଚ୍ଚ ୩୧ ଯାଏ ବଢାଇ ଦେଇଛି। ପୂର୍ବରୁ ପାନ୍-ଆଧାର ଲିଙ୍କ୍ ଲାଗି ଧାର୍ଯ୍ୟ ସମୟ ସୀମା ଚଳିତ ମାସ ୩୧ ରହିଥିଲା। ତୃତୀୟ ଥର ଲାଗି ଲିଙ୍କ୍ ସମୟ ସୀମାରେ ବୃଦ୍ଧି କରାଯାଇଥିବା ଜଣାପଡିଛି। ଡିସେମ୍ବର ୩୧ ମଧ୍ୟରେ ପାନ୍ ସହ ଆଧାର ସଂଯୋଗ କରାଇନେବାକୁ ସିବିଡିଟି ଏହାର ସେପ୍ଟେମ୍ବର ଅର୍ଡରରେ କହିଥିଲା। ପୂର୍ବରୁ ଏହି ସଂଯୋଗ ଅବଧି ସେପ୍ଟେମ୍ବର ୩୦ ରହିଥିଲା। ଗତବର୍ଷ ସେପ୍ଟେମ୍ବରରେ ସୁପ୍ରିମକୋର୍ଟ ଆଧାରକୁ ସାମ୍ବିଧାନିକ ଭାବେ ବୈଧ ବୋଲି ଘୋଷଣା କରିଥିଲେ। ପାନ୍ ପ୍ରଦାନ ଏବଂ ଆଇଟି ରିଟର୍ନ ଲାଗି ବାୟୋମେଟ୍ରିକ ପରିଚୟପତ୍ର ବାଧ୍ୟତାମୂଳକ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ରାୟରେ କହିଥିଲେ।

## ଆଜିଠୁ ବରଗଡ଼ରେ କଂସଙ୍କ ରାଜୁତି



ବରଗଡ଼ ଲୋକମଣ୍ଡପ ପଡ଼ିଆରେ ନିର୍ମିତ ରଙ୍ଗ ମହଲ ମଞ୍ଚ।

- ୧୧ଦିନ ବ୍ୟାପୀ ଚାଲିବ ଧନୁଯାତ୍ରା ମହୋତ୍ସବ
- ବରଗଡ଼ ମଥୁରା, ଅମ୍ବାପାଲି ଗୋପପୁର ହେବ

ବରଗଡ଼ ଅଫିସ,୩୦।୧୨

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ହାଟପଦାରେ ରାଜଦରବାର ଏବଂ ନିଶାମଣି ସ୍କୁଲ ସମ୍ମୁଖ ଲୋକମଣ୍ଡପ ପଡ଼ିଆରେ ରଙ୍ଗମହଲ ମଞ୍ଚ ନିର୍ମାଣ ହୋଇଛି। ସ୍ଥାନୀୟ ହାଟପଦାସ୍ଥିତ ରାଜଦରବାର ମଞ୍ଚରେ ସନ୍ଧ୍ୟା ୭ଟାରେ ମହୋତ୍ସବ ଉଦ୍‌ଘାଟିତ ହେବ। ପରମ୍ପରା ଅନୁଯାୟୀ ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ, ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଏବଂ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଏହାପରେ ୧୧ଦିନ ପର୍ଯ୍ୟନ୍ତ ବରଗଡ଼ ମଥୁରା ନଗରୀ ଓ ଅମ୍ବାପାଲି ଗୋପପୁର ହେବ । ବରଗଡ଼ ଓ ଅମ୍ବାପାଲି ମଝିରେ ବହି ଯାଇଥିବା ଜିରା ନଦୀ ଯମୁନା ପାଲଟିବ । ଧନୁଯାତ୍ରା ମହୋତ୍ସବ ଅବସରରେ ମଙ୍ଗଳବାର ଅପରାହ୍ନ ୩ଟାରୁ ସ୍ଥାନୀୟ ଗାନ୍ଧୀଛକ ନିକଟ କଲ୍ୟାଣ ମଣ୍ଡପରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କରି ସମଲେଶ୍ୱରୀ ମନ୍ଦିର ଅଭିମୁଖେ ବାହାରିବ। ଶୋଭାଯାତ୍ରାରେ ଧନୁଯାତ୍ରା ମହୋତ୍ସବ ସମିତି ସଭାପତି ତଥା ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, କାର୍ଯ୍ୟକାରୀ ସଭାପତି ତଥା ଏସ୍‌ପି ପଦ୍ମିନୀ ସାହୁଙ୍କ ସମେତ ଅନ୍ୟ ପଦାଧିକାରୀ ଉପସ୍ଥିତ ରହିବେ । ସେହିପରି ଧନୁଯାତ୍ରା ପ୍ରସ୍ତୁତି ଚୂଡ଼ାନ୍ତ ସୋପାନରେ ପହଞ୍ଚି ଥିବାବେଳେ ମହାରାଜ କଂସଙ୍କ ପାଇଁ ଗୋଟିଏ ହାତୀ ଏବଂ ପାତ୍ରମନ୍ତ୍ରୀଙ୍କ ପାଇଁ ୬ଟି ଓଟ ପହଞ୍ଚି ସାରିଛନ୍ତି। ସୁସଜ୍ଜିତ ତୋରଣ, ଆଲୋକମାଳାରେ ଏବେଠାରୁ ସହର ଚଳଚଞ୍ଚଳ ହୋଇପଡ଼ିଲାଣି । ଅନ୍ୟପଟେ ଅମ୍ବାପାଲି(ଗୋପପୁର)ର ଲୋକଙ୍କ ଘର କାନ୍ଥରେ କୃଷ୍ଣଲୀଳା ଚିତ୍ର ମଧ୍ୟ ଅଙ୍କାଯାଇଥିବା ଦେଖିବାକୁ ମିଳିଛି। ☞ପୃଷ୍ଠା-୧୫

### ଆଜିର ସମ୍ପାଦକୀୟ

ବାଉଳା ବିକାଶ

### ଆଜିର ମନ୍ତବ୍ୟ

“ଏନ୍‌ଆର୍‌ସି ଓ ସିଏଏକୁ ନେଇ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ମୁହଁ ଖୋଲିବା ଉଚିତ।

-ପ୍ରଶାନ୍ତ କିଶୋର, ଜେଡିୟୁ ଉପାଧକ୍ଷ

# ସିଏଜି ରିପୋର୍ଟ ଦର୍ଶାଇଲା ଅନିୟମିତତା

ଭୁବନେଶ୍ୱର,୩୦।୧୨(ବ୍ୟୁରୋ)

### ଉଜ୍ଜ୍ୱଳା ଯୋଜନାର ବାସ୍ତବ ଚିତ୍ର

- ରିଫିଲିଂ କ୍ଷେତ୍ରରେ ଓଡ଼ିଶା ସ୍ଥିତି ନୈରାଶ୍ୟଜନକ
- ଜାତୀୟ ହାରଠାରୁ କମ୍ ହେଉଛି ରିଫିଲିଂ
- ଉପଭୋକ୍ତାଙ୍କୁ ମିଳୁନି ରିହାତି ଟଙ୍କା




୨୦୧୪ରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର କ୍ଷମତାକୁ ଆସିବା ପରଠାରୁ ଅନେକ ଯୋଜନା ଆରମ୍ଭ କରିଛନ୍ତି। ଯୋଜନାର ସଫଳତା ନେଇ ମଧ୍ୟ ପ୍ରଚାର ଜୋରସୋର କରୁଛନ୍ତି। କରଦାତାଙ୍କ ଅର୍ଥକୁ ବ୍ୟବହାର କରି କେନ୍ଦ୍ର ଯୋଜନାର ପ୍ରଚାର ପାଇଁ ବ୍ୟାପକ ଟଙ୍କା ମଧ୍ୟ ଖର୍ଚ୍ଚ ଚାଲିଛି। ରାସ୍ତା କଡରେ ବଡ଼ବଡ଼ ହୋର୍ଡିଂ ଲଗାଯାଇଛି। ହେଲେ ବାସ୍ତବତା କିନ୍ତୁ ଭିନ୍ନ ଭଳି ମନେ ହେଉଛି। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା(ପିଏମ୍‌ୟୁୱାଇ)କୁ ଅନୁଧ୍ୟାନ କଲେ ଏହା ସହଜରେ ଅନୁମେୟ। ଏହି ଯୋଜନାରେ ବହୁ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଯାଇଛି। ଏହାସହ ଗ୍ୟାସ ସଂଯୋଗ ନେଇଥିବା ବହୁ ହିତାଧିକାରୀ ନିୟମିତ ରିଫିଲିଂ କରୁନାହାନ୍ତି। ଏପରି କି ଗ୍ୟାସ ସଂଯୋଗ ନେଇଥିବା ବହୁ ହିତାଧିକାରୀଙ୍କ ଖାତାକୁ ସବ୍‌ସିଡି ଟଙ୍କା ମଧ୍ୟ ଠିକ୍ ସମୟରେ ଆସୁ ନ ଥିବା ଅଭିଯୋଗ ହେଉଛି। ଏନେଇ ପୂର୍ବରୁ ଧରିତ୍ରୀରେ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇଥିଲା। ଧରିତ୍ରୀର ଉକ୍ତ ଖବର ଏବେ ସତ୍ୟରେ ପରିଣତ ହୋଇଛି। କାରଣ କମ୍ପ୍‌ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ରିପୋର୍ଟ ଏହି ସମସ୍ତ ତଥ୍ୟକୁ ପ୍ରକାଶ କରି ଉଜ୍ଜ୍ୱଳା ବିଫଳତାର ପେଡ଼ି ଖୋଲିଦେଇଛନ୍ତି। ଯାହାଫଳରେ ଏହି ଯୋଜନାର ବାସ୍ତବତା ପଦାରେ ପଡ଼ିଯାଇଛି।

ପିଏମ୍‌ୟୁୱାଇ ୨୦୧୬ ମେ ମାସରେ ଆରମ୍ଭ କରାଯାଇଥିଲା। ୨୦୨୦ ସୁଦ୍ଧା ୮ କୋଟି ଗରିବ ଲୋକଙ୍କ ଘରେ ଗ୍ୟାସ ସଂଯୋଗ ପହଞ୍ଚାଇବା ପାଇଁ ମୋଦି ସରକାର ଲକ୍ଷ୍ୟ ରଖିଥିଲେ। ମାତ୍ର ବର୍ତ୍ତମାନ ସୁଦ୍ଧା ଏହା ସମ୍ପୂର୍ଣ୍ଣ ହୋଇସାରିଥିବା କୁହାଯାଉଛି। ହେଲେ ସିଏଜି ଦେଇଥିବା ରିପୋର୍ଟକୁ ଅନୁଧ୍ୟାନ କଲେ ସରକାରଙ୍କ ଘୋଷଣାରେ ବାସ୍ତବତା ନ ଥିବା ଭଳି ଲାଗୁଛି। ଏହି ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ସିଏଜି ରିପୋର୍ଟରେ ଦର୍ଶାଯାଇଛି। ୨୦୧୮ ମାର୍ଚ୍ଚ ୩୧ ସୁଦ୍ଧା ଏହି ଯୋଜନାରେ ୧.୯୩ କୋଟି ହିତାଧିକାରୀ ଥିଲେ। ଏମାନଙ୍କ ମଧ୍ୟରୁ ମାତ୍ର ୩.୬୬ ପ୍ରତିଶତ ହିତାଧିକାରୀ ଗ୍ୟାସ୍ ନେବାପରେ ପ୍ରଥମ ଥର ଲାଗି ରିଫିଲିଂ କରିଛନ୍ତି। ୨୦୧୮ ଡିସେମ୍ବର ୩୧ ସୁଦ୍ଧା ହିତାଧିକାରୀଙ୍କ ସଂଖ୍ୟା ବୃଦ୍ଧି ପାଇ ୩ କୋଟି ୧୮ଲକ୍ଷରେ ପହଞ୍ଚିଥିଲା। ସେଥିରୁ ମାତ୍ର ୩.୨୧ ପ୍ରତିଶତ ଲୋକ ରିଫିଲିଂ କରିଛନ୍ତି। ସାରା ଦେଶରେ ରିଫିଲିଂ କ୍ଷେତ୍ରରେ ଓଡ଼ିଶା ଶେଷଆଡୁ ୪ ନମ୍ବରରେ ରହିଛି। ୨୦୧୮ ଡିସେମ୍ବର ୩୧ସୁଦ୍ଧା ଜାତୀୟ ସ୍ତରରେ ହାରାହାରି ଉଜ୍ଜ୍ୱଳା ହିତାଧିକାରୀମାନେ ବାର୍ଷିକ ୩.୨୧ଟି ରିଫିଲିଂ କରୁଥିବାବେଳେ ଓଡ଼ିଶାରେ ହାରାହାରି ୨.୮୮ଟି ରିଫିଲିଂ ହୋଇଛି। କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିଜ ରାଜ୍ୟ ଓଡିଶା ଶେଷ ଆଡୁ ୪ ନମ୍ବରରେ ଥିଲାବେଳେ ଏହା ତଳକୁ ଛତିଶଗଡ଼ରେ ହାରାହାରି ୧.୬୧ଟି, ମଧ୍ୟପ୍ରଦେଶରେ ୨.୩୮ଟି ଏବଂ ଝାଡ଼ଖଣ୍ଡରେ ୨.୫୭ଟି ରିଫିଲିଂ ହେଉଛି।

କେବଳ ଉଜ୍ଜ୍ୱଳାରେ ନୁହେଁ, ଗ୍ୟାସ ସଂଯୋଗ ନେଇଥିବା ସାଧାରଣ ହିତାଧିକାରୀଙ୍କ ରିଫିଲିଂ ମଧ୍ୟ ନିମ୍ନଗାମୀ ଦେଖିବାକୁ ମିଳିଛି। ୨୦୧୬-୧୭ ଏବଂ ୨୦୧୭-୧୮ରେ ଉଜ୍ଜ୍ୱଳା ହିତାଧିକାରୀଙ୍କ କ୍ଷେତ୍ରରେ ରିଫିଲିଂ କମିଛି। ସେହିପରି ଗ୍ରାମାଞ୍ଚଳର ହିତାଧିକାରୀଙ୍କ ଘରେ ଗ୍ୟାସ ପହଞ୍ଚାଇବା ଏବଂ ରିଫିଲିଂ ଦେବାରେ ବିଳମ୍ବ ହେଉଥିବା ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି। ଏପରି କି ବିପଦପୂର୍ଣ୍ଣ ଭାବେ ଏଲ୍‌ପିଜି ବ୍ୟବହାର କରାଯାଉଥିବା ଲକ୍ଷ୍ୟ କରାଯାଇଛି। ଏହି ଯୋଜନାରେ ରୋଷେଇ ଘରର ସୁରକ୍ଷା ଉପରେ ଧ୍ୟାନ ରଖିବାକୁ ନିୟମ ରହିଥିଲେ ମଧ୍ୟ ତାହା କଡାକଡି ପାଳନ କରାଯାଇନାହିଁ। ସେହିପରି ୨୦୧୧ ଜନଗଣନା ଅନୁଯାୟୀ ଗ୍ୟାସ ସଂଯୋଗ ନେଇଥିବା ହିତାଧିକାରୀଙ୍କ ମଧ୍ୟରୁ ୮ଲକ୍ଷ ୫୯ହଜାର ନାବାଳିକା ଏବଂ ନାବାଳକ ରହିଥିବା ଦର୍ଶାଯାଇଛି। ଅନ୍ୟପକ୍ଷରେ ହିତାଧିକାରୀମାନେ ଗ୍ୟାସ୍ ରିଫିଲିଂ କରିବାପରେ ସେମାନଙ୍କ ବ୍ୟାଙ୍କ ଖାତାକୁ ଠିକ୍‌ଭାବେ ସବ୍‌ସିଡି ଅର୍ଥ ଆସୁନାହିଁ। ଅନେକ କ୍ଷେତ୍ରରେ ଲୋକମାନେ ସବସିଡି ଟଙ୍କା ନ ପାଇବା ନେଇ ବାରମ୍ବାର ଅଭିଯୋଗ କରୁଛନ୍ତି। ☞ପୃଷ୍ଠା-୧୫

## ମହାରାଷ୍ଟ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରିତ ଅଜିତ୍ ଉପମୁଖ୍ୟମନ୍ତ୍ରୀ, ଆଦିତ୍ୟଙ୍କୁ କ୍ୟାବିନେଟ୍ ପାହ୍ୟା

ନୂଆଦିଲ୍ଲୀ,୩୦।୧୨(ପି.ଟି.)

ମହାରାଷ୍ଟ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରିତ କରାଯାଇଛି। ମୋଟ ୪୩ଜଣିଆ ମନ୍ତ୍ରିମଣ୍ଡଳରେ ସୋମବାର ୩୬ ଜଣ ବିଧାୟକ ମନ୍ତ୍ରୀ ଭାବେ ଶପଥଗ୍ରହଣ କରିଛନ୍ତି। ଏନ୍‌ସିପି ନେତା ଅଜିତ୍ ପାୱାର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବାବେଳେ କ୍ୟାବିନେଟ ମନ୍ତ୍ରୀ ଭାବେ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ପୁଅ ଆଦିତ୍ୟ ଠାକ୍‌ରେ(୨୯) ସ୍ଥାନ ପାଇଛନ୍ତି। କଂଗ୍ରେସ ନେତା ଅମିତ୍ ଦେଶମୁଖ, ଏନ୍‌ସିପି ନେତା ନୱାବ୍ ମଲିକ, ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚଭନ୍ ପ୍ରମୁଖ ମନ୍ତ୍ରୀ ଭାବେ ଶପଥଗ୍ରହଣ କରିଛନ୍ତି। ରାଜ୍ୟପାଳ ଭଗତ୍ ସିଂ କୋଶିୟାରି ବିଧାନଭବନରେ ଏନ୍‌ସିପିର ୧୪(୧୦ କ୍ୟାବିନେଟ), କଂଗ୍ରେସର ୧୦(୮ କ୍ୟାବିନେଟ) ଓ ଶିବସେନାର ୧୨(୮ କ୍ୟାବିନେଟ) ମନ୍ତ୍ରୀଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ☞ପୃଷ୍ଠା-୧୫








30.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 88 | 142 | 152 |
| CTC | 86 | 140 | 150 |
| DKL | 88 | 142 | 152 |
| BDK | 83 | 136 | 146 |
| BLS | 82 | 135 | 145 |
| ANG | 89 | 144 | 154 |
| BHM | 90 | 145 | 155 |

*Conditions Apply

Issued in the Interest of Consumers

ଐତିହ୍ୟ, ପରମ୍ପରା ସହିତ ଆଧୁନିକତାର ଝଲକ ନେଇ ଆଜି ଆରମ୍ଭ ହେଉଛି ବିଶ୍ୱ ପ୍ରସିଦ୍ଧ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା । ୭୧ ବର୍ଷରେ ପାଦ ଥାପିଥିବା ଏହି ଯାତ୍ରାରେ ଭରି ରହିଛି ନାଟ୍ୟକଳାର ଅପୂର୍ବ ନିଦର୍ଶନ। ମହୋତ୍ସବରେ ଦେଖିବାକୁ ମିଳିବ କଳାକାରଙ୍କ ଜୀବନ୍ତ ତଥା ନିଖୁଣ ଅଭିନୟ । ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତିର ଛଟାରେ ମହକିବ ବରଗଡ଼ ମାଟି । କଂସ ଏଠାରେ ଖଳ ନାୟକ ନୁହେଁ, ବରଂ ମହାନାୟକ। ଅନ୍ୟପଟେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳାରେ ଗୋପପୁରବାସୀଙ୍କ ମନରେ ଜାଗି ଉଠିବ ଆଧ୍ୟାତ୍ମିକ ଭାବ। ଏଠାରେ ଲୋକେ ପାଲଟିଯିବେ ଗୋଟିଏ ଗୋଟିଏ ଚରିତ୍ର । ଏଭଳି ଏକ ସାଂସ୍କୃତିକ ବର୍ଣ୍ଣାଳିକୁ ନେଇ ଏଥର ଧନୁଯାତ୍ରା ସ୍ୱତନ୍ତ୍ର...

# ମୁକ୍ତାକାଶ ମଞ୍ଚ ନାଟକର ମହାନାୟକ



## ଆଜିର ଆକର୍ଷଣ

୩୧/୧୨/୨୦୨୦(ମଙ୍ଗଳବାର)

**ମଥୁରାନଗରୀ**

ସନ୍ଧ୍ୟା ୭ଟାରେ ରାଜ ଦରବାର (ହାଟପଦା)ରେ ଧନୁଯାତ୍ରା ମହୋତ୍ସବର ଉଦ୍‌ଘାଟନୀ ସମାରୋହ। ରାମଜୀ ମନ୍ଦିରରେ ଦେବକୀ, ବସୁଦେବଙ୍କ ବିବାହ, ଦୈବବାଣୀ, ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି କଂସର ସିଂହାସନ ଆରୋହଣ, ଦେବକୀ ଓ ବସୁଦେବଙ୍କୁ କାରାଗାର ପ୍ରେରଣ ।



କଂସ ମହାରାଜା ପାତ୍ରମନ୍ତ୍ରୀଙ୍କ ଗହଣରେ ନଗର ପରିକ୍ରମା କରୁଛନ୍ତି ।

## ଦୁଇଟି କର୍ମକର୍ତ୍ତାଙ୍କ ମତାମତ



ଧନୁଯାତ୍ରା ଏକ ପାରମ୍ପରିକ ମହୋତ୍ସବ। ଏହାର ମୌଳିକତାରେ ପରିବର୍ତ୍ତନ ହେବ ନାହିଁ। ତଥାପି ମହୋତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଆଲୋକ ସାଜସଜ୍ଜା ଆଦି ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ଆଶା କରୁଛୁ, ଏଥର ଧନୁଯାତ୍ରା ଅଧିକ ଆକର୍ଷଣୀୟ ହେବ ଏବଂ ଦର୍ଶକ, ପର୍ଯ୍ୟଟକମାନେ ଉପଭୋଗ କରି ପାରିବେ ।

-ଜ୍ୟୋତିରଞ୍ଜନ ପ୍ରଧାନ, ଜିଲାପାଳ



ଧନୁଯାତ୍ରାକୁ ସୁରକ୍ଷିତ, ନିରାପଦ ଭାବେ ସମାପନ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏଥିରେ ୧୦ରୁ ୧୬ ପ୍ଲାଟୁନ ଫୋର୍ସ ମୁତୟନ ରହିବେ। ୩୦ଟି ପ୍ରମୁଖ ସ୍ଥାନରେ ସିସିଟିଭି ଲଗାଯିବ। ଜର୍ଜ ହାଇସ୍କୁଲ ପଡ଼ିଆର ମୀନାବଜାର, କଂସ ଦରବାର, ରଙ୍ଗ ମହଲ ଏବଂ ଗୋପପୁରରେ ୪ଟି ପୋଲିସ ସହାୟତା କେନ୍ଦ୍ର ଖୋଲାଯାଇଛି । -ପଦ୍ମିନୀ ସାହୁ, ଏସ୍‌ପି

-:ଉପସ୍ଥାପନା:-
ପ୍ରେମାନନ୍ଦ ଖମାରୀ, ବରଗଡ଼

# ଅଭିନୟ ପାଇଁ ରହିଛି ମା'ଙ୍କ ଆଶୀର୍ବାଦ

ଧନୁଯାତ୍ରାର ପ୍ରଥମ ବୈଠକରୁ ଏଥର ଦେଖାଯାଇଥିଲା କଂସ ବିବାଦ। କଂସ ସମେତ ଅନ୍ୟ ପ୍ରମୁଖ ଚରିତ୍ରର କଳାକାର ଚୟନ କଥା ଉଠିଥିଲା । ଏଥିପାଇଁ ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଇଥିଲା । ଫଳରେ ଏଥର ଏଠି ଅଭିନୟ ନେଇ ଆଶଙ୍କା ମଧ୍ୟରେ ରହିଥିଲେ କଂସ ଅଭିନେତା ଭୁବନେଶ୍ୱର ପଧାନ। ହେଲେ ୨୧ଜଣ କଂସ କଳାକାରଙ୍କୁ ପଛରେ ପକାଇ ଏହି ଚରିତ୍ର ପାଇଁ ମନୋନିତ ହୋଇଥିବା ଭୁବନେଶ୍ୱରଙ୍କ ଅଭିନୟ ୩ ବର୍ଷ ନ ପୂରୁଣୁ ପୁଣି କଂସ ଚୟନ ପ୍ରସଙ୍ଗକୁ ଅଞ୍ଚଳର କବି, କଳାକାର, ସଚେତନ ନାଗରିକମାନେ ନାପସନ୍ଦ କରିଥିଲେ । ଏପରିକି କଂସ ଚୟନ ପ୍ରକ୍ରିୟା ବାତିଲ କରିବା ପାଇଁ ଧନୁଯାତ୍ରା ମହୋତ୍ସବ ସମିତିର ସଭାପତି ତଥା ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଫେରାଦ ହୋଇଥିଲେ । ଏହାପରେ ଜିଲାପାଳ ବାସ୍ତବତାକୁ ହୃଦୟଙ୍ଗମ କରିଥିଲେ । ଚୟନ ପ୍ରକ୍ରିୟା ସେତିକିରେ ଅଟକି ଯାଇଥିଲା ଏବଂ ଭୁବନେଶ୍ୱରଙ୍କୁ ପୁଣିଥରେ ଏଠାରେ ଅଭିନୟର ସୁଯୋଗ ମିଳିଛି। କ୍ରମାଗତ ତୃତୀୟଥର ପାଇଁ କଂସ ଭୂମିକାରେ ଅବତୀର୍ଣ୍ଣ ହେବାକୁ ଯାଉଥିବା ଭୁବନେଶ୍ୱରଙ୍କ ସହିତ ଏକ ସଂକ୍ଷିପ୍ତ ସାକ୍ଷାତକାର ।

**ପ୍ରଶ୍ନ**-ଏଥର ଆପଣଙ୍କ ପ୍ରସ୍ତୁତି କିଭଳି ରହିଛି ?

**ଉତ୍ତର**-ଗତ ଧନୁଯାତ୍ରା ସରିବା ପରଠାରୁ ପ୍ରସ୍ତୁତି ଜାରି ରଖିଛି । ଏଥର ନୂତନ ସଂଳାପ, ଅଭିନୟ, ଅସ୍ତ୍ର ଚାଳନା, ହାତୀପିଠିରେ ଅଭିନୟରେ ନୂତନତା ଆଦି ଦେଖିବାକୁ ମିଳିବ ।

**ପ୍ରଶ୍ନ**:-ସାମ୍ପ୍ରତିକ ଘଟଣାବଳୀ ଉପରେ କିଛି ଝଲକ ରହିଛି କି ?

**ଉତ୍ତର**-ନିଶ୍ଚୟ । ନାରୀ ନିର୍ଯାତନା ଭଳି କୁସଂସ୍କାର ବିରୋଧରେ ଲୋକଙ୍କୁ ସଚେତନ କରିବା ପାଇଁ ନୂତନ ସଂଳାପ ରହିଛି ।

**ପ୍ରଶ୍ନ**:-ସେଭଳି କିଛି ଏକ ସଂଳାପ ?

**ଉତ୍ତର**-ମହାମନ୍ତ୍ରୀ,
ମୁଁ ହେଉଛି କଂସ
ମଥୁରା ରାଜ୍ୟରେ ହେବ ନାହିଁ ନାରୀ ନିର୍ଯାତନା
ମନେରଖ ସର୍ବେ
ମଥୁରା ରାଜ୍ୟରେ ଯଦି ହୁଏ ନାରୀ ନିର୍ଯାତନା
ତ୍ରିଭୁବନ ବିଜୟୀ କଂସ
ମୃତ୍ୟୁଦଣ୍ଡରେ ତାକୁ କରିବ ଦଣ୍ଡିତ ।

**ପ୍ରଶ୍ନ**:-ଆପଣଙ୍କ ଅଭିନୟରେ ପରିବାରର ପ୍ରତିକ୍ରିୟା । ପରିବାର ଲୋକେ ଆପଣଙ୍କୁ କେଉଁ ଦୃଷ୍ଟିରେ ଦେଖନ୍ତି ?

**ଉତ୍ତର**-ପରିବାର ଲୋକେ, ସମ୍ପର୍କୀୟମାନେ ବହୁତ ଖୁସି ହୁଅନ୍ତି । ସ୍ତ୍ରୀ, ପୁଅ, ବୋହୂ ସଭିଁଏ ମୋତେ ୧୧ଦିନର କଂସ ଭାବି ଗର୍ବ ଅନୁଭବ କରିଥାନ୍ତି ।

**ପ୍ରଶ୍ନ**:-ଆପଣଙ୍କ ଚରିତ୍ରରେ ଅନେକ ଦୃଶ୍ୟାଭିନୟ ରହିଛି। ତନ୍ମଧ୍ୟରୁ କେଉଁ ଅଭିନୟଟି ଆପଣଙ୍କୁ ବେଶୀ ଭଲ ଲାଗେ ?

**ଉତ୍ତର**-ଶେଷଦିନ ଅଭିନୟ ମୋତେ ଭାରି ଭଲ ଲାଗେ ।

**ପ୍ରଶ୍ନ**:-ଆପଣ ଅନେକ ଧନୁଯାତ୍ରାରେ କଂସ ଅଭିନୟ କରି ସାରିଛନ୍ତି । ବରଗଡ଼ ଧନୁଯାତ୍ରାରେ କି ସ୍ୱାତନ୍ତ୍ର୍ୟ ଅନୁଭବ କରିଛନ୍ତି ?

**ଉତ୍ତର**-ଆକାଶ ପାତାଳ ଫରକ୍ । ଅନ୍ୟ ଧନୁଯାତ୍ରା କେବଳ ଗୋଟିଏ ମଞ୍ଚରେ ହୋଇଥାଏ। ହେଲେ ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଅଗଣିତ ଦର୍ଶକଙ୍କ ସମ୍ମୁଖରେ ଏକାଧିକ ମଞ୍ଚରେ ଅଭିନୟର ସୁଯୋଗ ରହିଛି ।

**ପ୍ରଶ୍ନ**:-କଂସ ବିବାଦ ପରେ ବି ପୁଣିଥରେ ଅଭିନୟର ସୁଯୋଗ ମିଳିବା ଆଶା ଥିଲା ?

**ଉତ୍ତର**:- ନିଶ୍ଚୟ ଥିଲା । କାରଣ ଏଠାରେ ମୋର କ୍ରମାଗତ ଅଭିନୟ ୩ ବର୍ଷ ପୂରି ନ ଥିଲା । ମାଁ ସମଲେଶ୍ୱରୀ ଏବଂ ବରଗଡ଼ବାସୀଙ୍କ ଆଶୀର୍ବାଦରୁ ମୋତେ ସେହି ସୁଯୋଗ ମିଳିଛି ।

## କଂସଙ୍କ ଦଣ୍ଡବିଧାନ ଏକ ଚର୍ଚ୍ଚିତ ଦିଗ



କେବଳ ଅଟ୍ଟହାସ୍ୟାଭିନୟ ନୁହେଁ, କଂସ ମହାରାଜଙ୍କ ଦଣ୍ଡ ବିଧାନ ବରଗଡ଼ ଧନୁଯାତ୍ରାରେ ଏକ ଚର୍ଚ୍ଚିତ ଦିଗ। କଂସ ରାଜୁତି ସମୟରେ ଟ୍ରାଫିକ ଆଇନ ଅବମାନନା, ସର୍ବସାଧାରଣ ସ୍ଥାନରେ ଧୂମପାନ କିମ୍ବା ହରିନାମ ନିଅନ୍ତି, ସେମାନଙ୍କୁ ମଥୁରାଧିପତି ଦଣ୍ଡ ବିଧାନ କରନ୍ତି । ମଥୁରା ପରିଭ୍ରମଣବେଳେ ମହାରାଜଙ୍କ ଏହି ଦଣ୍ଡବିଧାନ ଦୃଶ୍ୟ ବେଶ୍ ଉପଭୋଗ୍ୟ ହୋଇଥାଏ । ବର୍ଷିଆନ ଲୋକଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ସ୍ୱର୍ଗତ ଯୁଧିଷ୍ଠିର ଶତପଥୀ କଂସ ହେବା ସମୟରୁ ଏହି ଦଣ୍ଡ ବିଧାନ ବ୍ୟବସ୍ଥା ଆରମ୍ଭ କରିଥିଲେ । ଏହି ଦଣ୍ଡବିଧାନ ଅନୁଯାୟୀ, ଏକ ହଜାର ସ୍ୱର୍ଣ୍ଣ ମୁଦ୍ରାକୁ ୧ଟଙ୍କା ହିସାବରେ ସର୍ବନିମ୍ନ ୫ ହଜାରରୁ ୫୦ ହଜାର ସ୍ୱର୍ଣ୍ଣମୁଦ୍ରା ପର୍ଯ୍ୟନ୍ତ ଜରିମାନା ଆଦେଶ ଦିଆଯାଇଥାଏ ଏବଂ ସେଥିରୁ ଯାହା କିଛି ଆଦାୟ ହୁଏ, ତାହା ଧନୁଯାତ୍ରା ମହୋତ୍ସବ ସମିତି ପାଣ୍ଠିକୁ ଯାଏ । ଏପରିକି ଧନୁଯାତ୍ରା ମହୋତ୍ସବର ରଙ୍ଗସଭାରେ ଯୋଗଦାନ କରିଥିବା ଜିଲାର ବିଭିନ୍ନ ପ୍ରଶାସନିକ ଅଧିକାରୀମାନଙ୍କୁ ଡକାଇ ରାଜା ଶାସନ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନ ଉତ୍‌ଥାପନ କରନ୍ତି । ସନ୍ତୋଷଜନକ ଉତ୍ତର ନ ମିଳିଲେ ସମ୍ପୃକ୍ତ ଅଧିକାରୀମାନଙ୍କୁ ମଧ୍ୟ ଦଣ୍ଡିତ କରିଥାନ୍ତି। ଅନ୍ୟପଟେ କଂସ ମହାରାଜ ଯେଉଁଠି ସନ୍ତୋଷ ପ୍ରକଟ କରନ୍ତି, ସେମାନଙ୍କୁ ପୁରସ୍କୃତ କରିବାର ଦୃଶ୍ୟାଭିନୟ ମଧ୍ୟ ଦେଖିବାକୁ ମିଳିଥାଏ ।

## ମଥୁରାନଗରୀ



୧୯ଟି ୱାର୍ଡ଼କୁ ନେଇ ବରଗଡ଼ ପୌରାଞ୍ଚଳ । ଧନୁଯାତ୍ରା ସମୟରେ ସେଥିରୁ ୧୮ଟି ୱାର୍ଡ଼ ମଥୁରା ନଗରୀ ପାଲଟୁଥିବାବେଳେ ୱାର୍ଡ଼ ନଂ-୧୭ ଅମ୍ବାପାଲି ହୋଇପଡ଼େ ଗୋପପୁର । ଗୋପପୁର ଓ ମଥୁରାନଗରୀ ମଝିରେ ବହି ଯାଇଥିବା ଜିରା ନଦୀ ପାଲଟେ ଯମୁନା । ସ୍ଥାନୀୟ ପଞ୍ଚାୟତି ଧର୍ମଶାଳା ରାଜମହଲ ହେଉଥିବାବେଳେ ପ୍ରଥମ ୭ ଦିନ ହାଟପଦା ଯାତ୍ରା ପଡିଆରେ ନିର୍ମିତ ମଞ୍ଚ ରାଜ ଦରବାର ହୋଇଥାଏ। ଶେଷ ୪ଦିନ ସେହି ମଞ୍ଚ ରଙ୍ଗମହଲ ହୋଇପଡ଼େ । ସେହିପରି ପ୍ରଥମ ୭ଦିନ ଧରି ରଙ୍ଗମହଲ ହୋଇଥିବା ସ୍ଥାନୀୟ ନିଶାମଣି ସ୍କୁଲ ସମ୍ମୁଖ ଲୋକ ମଣ୍ଡପ ପଡିଆର ମଞ୍ଚ ଅନ୍ତିମ ୪ଦିନ ପାଇଁ ରାଜ ଦରବାର ପାଲଟିଯାଏ। ଅନୁରୂପ ଭାବେ ୱାର୍ଡ ନଂ-୩ ସ୍ଥିତ ରାଧାକୃଷ୍ଣ ମନ୍ଦିରରେ ଦେବକୀ, ବସୁଦେବଙ୍କ ବିବାହ ହେଉଥିବାବେଳେ ସମଲେଶ୍ୱରୀ ମନ୍ଦିର କାରାଗାର ହୁଏ ଏବଂ ସେଠାରେ ବିଜୁଳି କନ୍ୟା ଜନ୍ମ ନିଅନ୍ତି । ସେହିପରି ଆଦିମାତାଙ୍କ ମନ୍ଦିର ମଧୁବନ ତୋଟା ପାଲଟେ ।

## ଗୋପପୁର



ପୌରାଣିକ କଥାବସ୍ତୁରେ ଯେଭଳି ମଥୁରା ନଗରୀର ପଶ୍ଚିମରେ ଗୋପପୁର ରହିଛି। ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଗୋପପୁର ପାଲଟୁଥିବା ଅମ୍ବାପାଲିର ଅବସ୍ଥିତି ଠିକ୍ ସେହିଭଳି । ଗୋପପୁର ପାଖରେ ବହି ଯାଇଥିବା ଜିରା ନଦୀ(ଯମୁନା)କୂଳ ବୃନ୍ଦାବନ ପଡ଼ିଆ ହୋଇଥାଏ । ସେଠାରେ ଶ୍ରୀକୃଷ୍ଣଙ୍କ ବସ୍ତ୍ରହରଣ ଦୃଶ୍ୟ ଦେଖିବାକୁ ମିଳେ । ସେହିପରି ଗ୍ରାମର ପୂର୍ବପଟେ ଥିବା ଫକୀରା ବନ୍ଧରେ କାଳୀୟ ଦଳନ, ବେଣୁବାବା ମଠ ସମ୍ମୁଖରେ ଯାମଳାର୍ଜ୍ଜୁନ ଭଞ୍ଜନ, ଶ୍ରୀକୃଷ୍ଣ, ବଳରାମ ଓ ଗୋପୀ ଗୋପାଙ୍ଗନାଙ୍କ ବଣଭୋଜି ହେଉଥିବାବେଳେ ବୃନ୍ଦାବନ ପଡ଼ିଆରେ ଅକ୍ରୁର ଆଗମନ ଏବଂ ଅମ୍ବାପାଲି ଛକରେ ବେନିଭାଇଙ୍କୁ ଧରି ଅକ୍ରୁରଙ୍କ ମଥୁରା ପ୍ରତ୍ୟାବର୍ତ୍ତନ ଭଳି ଭାବ ବିହ୍ୱଳ ଦୃଶ୍ୟାଭିନୟ ଦେଖିବାକୁ ମିଳିଥାଏ । ସେହିପରି ନନ୍ଦ ମଣ୍ଡପରେ କୃଷ୍ଣଙ୍କ ବାଲ୍ୟଲୀଳା ହୋଇଥାଏ ।

## ବିଦେଶୀ କଳାକାର, ପର୍ଯ୍ୟଟକ



ବରଗଡ଼ ଧନୁଯାତ୍ରା ମହୋତ୍ସବ ଚାଲିଥିବାବେଳେ ଏଠାକୁ ବିଦେଶୀ ପର୍ଯ୍ୟଟକ ମଧ୍ୟ ଆସିଥାନ୍ତି। କେବଳ ସେତିକି ନୁହେଁ, ଋଷ୍, ଜାପାନ, ଇଟାଲିରୁ କଳାକାରମାନେ ମଧ୍ୟ ଧନୁଯାତ୍ରା ମଞ୍ଚରେ ନୃତ୍ୟାଭିନୟ କରିଥିବାର ନଜିର ରହିଛି। ଏଥର ବାଂଲାଦେଶର ଏକ ନୃତ୍ୟାନୁଷ୍ଠାନ ଆସିବାର କାର୍ଯ୍ୟକ୍ରମ ରହିଥିବା ଧନୁଯାତ୍ରା କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

## ଜୀବିକାର ଉତ୍ସ



ବରଗଡ଼ ଧନୁଯାତ୍ରା ମହୋତ୍ସବ ଅନେକଙ୍କ ପାଇଁ ଜୀବିକାର ଉତ୍ସ ପାଲଟିଛି । ମୀନା ବଜାରଠାରୁ ଆରମ୍ଭ କରି ବିଭିନ୍ନ ଶିଳ୍ପ, ବସ୍ତ୍ର ପ୍ରଦର୍ଶନୀ ହୋଇଥାଏ । ଓରମାସ୍, ବୟନିକା, ଶିଳ୍ପ ବଜାର ଭଳି ଅନେକ ଷ୍ଟଲ ଖୋଲିଥାଏ । ସାଇକେଲ, ବାଇକ୍ ଷ୍ଟାଣ୍ଡ ଖୋଲି ଲୋକେ ରୋଜଗାର କରିଥାନ୍ତି । ସେହିଭଳି ଫୁଟପାଥିରେ ଚା, ଚଣା, ଚାଟ୍, ଗୁପ୍‌ଚୁପ୍‌ଠାରୁ ଆରମ୍ଭ କରି ମଥୁରା କେକ୍‌ର ମଧ୍ୟ ଚାହିଦା ରହିଥାଏ।



"କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ




# ଆଜି ରାତି ସାଢେ ୧୦ ସୁଦ୍ଧା ପହୁଡ଼, ୧ଟାରେ ଦ୍ୱାରଫିଟା

ପୁରୀ ଅଫିସ,୩୦।୧୨

ଆସୁଛି ନୂଆବର୍ଷ। ପୁରୁଣା ବର୍ଷକୁ ବିଦାୟ ଏବଂ ନୂଆବର୍ଷକୁ ସ୍ୱାଗତ କରିବା ଲାଗି ପ୍ରସ୍ତୁତ ହୋଇଯାଇଛି ପୁରୀ ସହର। ଏଥିପାଇଁ ହୋଟେଲ, ଲଜ୍, ରେସ୍ତୋରାଁ, ହଲିଡେ ହୋମ୍‌ଗୁଡିକରେ ଭକ୍ତ ଓ ପର୍ଯ୍ୟଟକଙ୍କ ଭିଡ଼ ଜମିଲାଣି। ଜିରୋ ନାଇଟ୍ ସେଲିବ୍ରେଶନକୁ ସମସ୍ତଙ୍କ ଅପେକ୍ଷା। ୩୧ ତାରିଖ ରାତି ୧୨ଟାରେ ମନାଇବେ ଜିରୋ ନାଇଟ୍ ସେଲିବ୍ରେଶନ। ମଉଜ, ମସ୍ତିରେ ସ୍ୱାଗତ କରିବେ ନୂଆବର୍ଷ ୨୦୨୦କୁ। ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦେଖି ପ୍ରସ୍ତୁତି ହୋଇଯାଇଛି ଜିଲା ପ୍ରଶାସନ ପୋଲିସ ଓ ଶ୍ରୀମନ୍ଦିର ପ୍ରଶାସନ। ସହରର ବଡ଼ ବଡ଼ ହୋଟେଲଗୁଡ଼ିକ ସଜେଇ ହୋଇଗଲାଣି। ରଙ୍ଗିନ ଆଲୋକମାଳାରେ ଝଲସୁଛି ହୋଟେଲ ଓ ରେସ୍ତୋରାଁ। ଜିରୋ ନାଇଟ୍ ସେଲିବ୍ରେଶନ ପାଇଁ କେତେକ ହୋଟେଲରେ ମଧ ବିଶେଷ କାର୍ଯ୍ୟକ୍ରମ ବ୍ୟବସ୍ଥା ହୋଇଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିରରେ ନୂଆବର୍ଷ ଲାଗି ସ୍ୱତନ୍ତ୍ର ଭାବେ ନୀତି ନିର୍ଘଣ୍ଟ କରାଯାଇଛି। ୩୧ ତାରିଖ ରାତି ସାଢେ ୧୦ଟା ସୁଦ୍ଧା ଠାକୁରଙ୍କ ପହୁଡ଼ ହୋଇ ରାତି ୧ଟାରେ ଦ୍ୱାର ଫିଟାଯିବାକୁ ସ୍ଥିର କରାଯାଇଛି। ପବିତ୍ର ମହୋଦଧିରେ ସ୍ନାନ କରି ନୂଆବର୍ଷର ପ୍ରଥମ ସୂର୍ଯ୍ୟ ଏବଂ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବା ଲାଗି ପୁରୀରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ପ୍ରବଳ ଭିଡ଼ ହେଲାଣି। ମଙ୍ଗଳବାର ରାତି ୧୨ଟାରେ ଜିରୋ ନାଇଟ୍ ସେଲିବ୍ରେଶନ ପରେ ଭୋରୁ ସମୁଦ୍ରରେ ସ୍ନାନ କରିବେ ଏବଂ ନୂଆବର୍ଷର ପ୍ରଥମ ସୂର୍ଯ୍ୟଙ୍କୁ ଦର୍ଶନ କରିବେ। ଏହାପରେ ଶ୍ରୀମନ୍ଦିରକୁ ଯାଇ ଦାରୁଦିଅଁଙ୍କୁ ଦର୍ଶନ କରି ପରିବାର ମଙ୍ଗଳ କାମନା କରିବେ। ଏମିତି ଭାବନା ନେଇ ଛୁଟି ଆସିଛନ୍ତି ବହୁ ସଂଖ୍ୟାରେ ଭକ୍ତ। ତେଣୁ ଭକ୍ତ ଏବଂ ପର୍ଯ୍ୟଟକଙ୍କ ନିରାପଦ ସ୍ନାନ ଏବଂ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ନୂଆବର୍ଷରେ ଭକ୍ତମାନେ କିପରି ଶୃଙ୍ଖଳିତ ଭାବେ ଠାକୁରଙ୍କୁ ଦର୍ଶନ କରିବେ ସେଥିଲାଗି ବ୍ୟବସ୍ଥା ହୋଇଛି। ଶ୍ରଦ୍ଧାଳୁଙ୍କ ପାଇଁ ମୋବାଇଲ ଓ ଜୋତା ଷ୍ଟାଣ୍ଡ, ପାନୀୟଜଳ, ଟଏଲେଟ୍‌ର ସୁବିଧା କରାଯାଇଛି। ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ଶ୍ରୀମନ୍ଦିର ବାହାରେ ଏବଂ ଭିତରେ ୨୪ ଘଣ୍ଟିଆ ପୋଲିସ କର୍ମଚାରୀ ମୁତୟନ ରହିବେ। ମାର୍କେଟ ଛକରୁ ଆଗକୁ କୌଣସି ଗାଡି ଛଡାଯିବ ନାହିଁ। ଏଠାରୁ ସ୍ୱତନ୍ତ୍ର ଭାବେ ପାଦଚଲା କରିଡର କରାଯାଇଛି। ସେହିପରି ସିଂହଦ୍ୱାର ଦେଇ ଭକ୍ତମାନେ ମନ୍ଦିର ଭିତରକୁ ପ୍ରବେଶ କରିବେ। ଦର୍ଶନ କରିସାରିବା ପରେ ଅନ୍ୟ ତିନିଦ୍ୱାର ଦେଇ ବାହାରିବେ। ଉତ୍ତରଦ୍ୱାର ଦେଇ ପ୍ରସ୍ଥାନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଭକ୍ତମାନେ ଯେପରି ମୋବାଇଲ ଫୋନ ନେଇ ଭିତରକୁ ଯିବେ ନାହିଁ ସେଥିପାଇଁ ପ୍ରବେଶ ପଥରେ ଯାଞ୍ଚ ବ୍ୟବସ୍ଥାକୁ କଡାକଡି କରାଯାଇଛି। ଭିତରେ ସାଦା ପୋଷାକଧାରୀ ସୁରକ୍ଷା କର୍ମୀ ନିୟୋଜିତ ହୋଇଛନ୍ତି। ଲକ୍ଷାଧିକ ଭକ୍ତଙ୍କ ଭିଡ଼ ସମ୍ଭାବନା ଥିବାରୁ ୩୧ ତାରିଖ ରାତି ସାଢେ ୧୦ଟା ସୁଦ୍ଧା ପହୁଡ଼ ଏବଂ ରାତି ୧ଟାରେ ଦ୍ୱାର ଫିଟିବ ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା ସୂଚନା ଦେଇଛନ୍ତି।

## ଶ୍ରୀମନ୍ଦିରରେ ନୂଆବର୍ଷ ପ୍ରସ୍ତୁତି

■ ଆଲୋକମାଳାରେ ଝଲସୁଛି ହୋଟେଲ



■ ପୂଜା ବାହାନାରେ ପ୍ରେମ, ପରେ ପ୍ରତାରଣା

# ଦ୍ୱିତୀୟ ବିବାହ କରି ଜେଲ୍ ଗଲେ ସରପଞ୍ଚ

■ ବୌଦ୍ଧରୁ ଗିରଫ କଲା ଚନ୍ଦ୍ରଶେଖରପୁର ପୋଲିସ

■ ହନୁମାନ ପୂଜକ ପରିଚୟ ଦେଇ ସମ୍ପର୍କ ଯୋଡୁଥିଲେ

ଭୁବନେଶ୍ୱର,୩୦।୧୨(ବ୍ୟୁରୋ)

ପୂଜକରୁ ସରପଞ୍ଚ, ପ୍ରେମିକରୁ ପ୍ରତାରକ। ପୂଜା ବାହାନାରେ ଭୁବନେଶ୍ୱରର ଜଣେ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ମନ୍ଦିରରେ ବିବାହ, ପରେ ଗାଁରେ ଜଣେ ଇଞ୍ଜିନିୟରଙ୍କୁ ଦ୍ୱିତୀୟ ବିବାହ କରି ଗିରଫ ହୋଇଛନ୍ତି ରଙ୍ଗିଲା ସରପଞ୍ଚ। ସେ ହେଲେ ବୌଦ୍ଧ ଜିଲା ମୁଣ୍ଡିପଦରର ଅନ୍ତର୍ଯ୍ୟାମୀ ସାହୁ। ରବିବାର ବିଳମ୍ବିତ ରାତିରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ତାଙ୍କ ଗାଁରେ ଚଢ଼ାଉ କରି ଅନ୍ତର୍ଯ୍ୟାମୀଙ୍କୁ ଗିରଫ କରିଛି। ଆଇପିସି ଦଫା ୩୭୬, ୩୦୨, ୫୦୬ ଏବଂ ୩ ଏସ୍‌ଟି/ଏସିରେ ମାମଲା (ନଂ.୪୦୯/୧୯) ରୁଜୁ କରି ସୋମବାର ତାଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଅନର୍ଯ୍ୟାମୀଙ୍କୁ ଝାରପଡା ଜେଲକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ପ୍ରତାରଣାର ଶିକାର ହୋଇଥିବା ଯୁବତୀଙ୍କ ଘର ଭୁବନେଶ୍ୱର ପଟିଆ ଅଞ୍ଚଳରେ ହୋଇଥିବାବେଳେ ସେ ୨୦୧୩ରେ ଏକ ସ୍ପାରେ ରିସେପ୍ସନିଷ୍ଟ ଭାବେ କାର୍ଯ୍ୟ କରୁଥିଲେ। ସ୍ପା'ରେ ଏକ ପୂଜାର୍ଚ୍ଚନା ପାଇଁ ସମ୍ବଲପୁରର ବର୍ଷା ନାମ୍ନୀ ଝିଅ ଉକ୍ତ ଯୁବତୀଙ୍କୁ ଅନ୍ତର୍ଯ୍ୟାମୀଙ୍କ ନମ୍ବର ଦେଇଥିଲେ। ଅନ୍ତର୍ଯ୍ୟାମୀ ବୌଦ୍ଧ ଜିଲାର ଏକ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ହନୁମାନ ସାଧକ ଭାବେ ପରିଚିତ ଥିଲେ। ଯୁବତୀ ଜଣକ ତାଙ୍କ ସହ ଯୋଗାଯୋଗ କରିବା ପରେ ପୂଜାର୍ଚ୍ଚନା ପାଇଁ ଅନ୍ତର୍ଯ୍ୟାମୀ ସ୍ପା'କୁ ଆସିଥିଲେ। ଏହାପରେ ସେ ଯୁବତୀଙ୍କ ସହ ବିଭିନ୍ନ ବାହାନାରେ ଫୋନ୍‌ରେ କଥା ହେଉଥିଲେ। କିଛିଦିନ ପରେ ଅଭିଯୁକ୍ତ ଅନ୍ତର୍ଯ୍ୟାମୀ ତାଙ୍କୁ ପ୍ରେମ ନିବେଦନ କରିବା ସହ ବିବାହ କରିବାକୁ ଚାହୁଁଥିବା କହିଥିଲେ। ସମ୍ପର୍କ ବଢ଼ିବା ସହ ଉଭୟ ମିଳାମିଶା ମଧ୍ୟ ବଢ଼ିଥିଲା। ଏହା ନଜରକୁ ଆସିବା ପରେ ଯୁବତୀଙ୍କ ଗାଁଲୋକେ ଟାହିଟାପରା କରିଥିଲେ। ୨୦୧୩ ଜୁଲାଇ ୨୮ରେ ଉଭୟ ଏକ ମନ୍ଦିରରେ ବିବାହ କରି ଅରବିନ୍ଦନଗର ବସ୍ତିରେ ୭ବର୍ଷ ଧରି ଘର ଭଡା ନେଇ ରହୁଥିଲେ। ଗାଁର ଏକ ଆଶ୍ରମର ପୂଜା କରୁଥିବାରୁ ଅନ୍ତର୍ଯ୍ୟାମୀ ଭୁବନେଶ୍ୱରରେ ନିୟମିତ ନ ରହି ସପ୍ତାହରେ ଦୁଇଥର ଆସୁଥିଲେ। ମାତ୍ର ଏହି ବିବାହକୁ ଅନ୍ତର୍ଯ୍ୟାମୀଙ୍କ ପରିବାର ଲୋକେ ଗ୍ରହଣ କରୁ ନ ଥିଲେ। ୨୦୧୪ରେ ଯୁବତୀ ଗର୍ଭବତୀ ହୋଇଥିଲେ ମଧ୍ୟ ଅନ୍ତର୍ଯ୍ୟାମୀ ଜବରଦସ୍ତ ମେଡିସିନ ଦେଇ ଗର୍ଭପାତ କରାଇଥିଲେ। ଏହାପରେ ୨୦୧୭ରେ ଅନ୍ତର୍ଯ୍ୟାମୀ ସରପଞ୍ଚ ହେବା ପରେ ପୂର୍ବଭଳି ଭୁବନେଶ୍ୱର ଆସିପାରି ନ ଥିଲେ। ଏପରି କି ଯୁବତୀଙ୍କର ଫୋନ୍ ଉଠାଇ ନ ଥିଲେ। ୨୦୧୯ ମେ ୧୪ରେ ବ୍ଲକ୍ ଜେଇକୁ ବିବାହ କରିଥିଲେ। ଏହାର କିଛିଦିନ ପୂର୍ବରୁ ଅନ୍ତର୍ଯ୍ୟାମୀ ଭୁବନେଶ୍ୱର ଆସି ଯୁବତୀଙ୍କୁ ମରିଯିବେ ବୋଲି କହିବା ସହ ତାଙ୍କୁ ଅନ୍ୟତ୍ର ବିବାହ କରିବା ପାଇଁ କହି ବୁଝାଇଥିଲେ। କିଛିଦିନ ପରେ ଗାଁରେ ଦ୍ୱିତୀୟ ବିବାହ କରି ପୁଣି ଭୁବନେଶ୍ୱର ଆସି ଯୁବତୀଙ୍କ ନିକଟରେ ରହିଥିଲେ। ହେଲେ ଦ୍ୱିତୀୟ ବିବାହ କଥା ନ କହି ଫଟୋ ଦେଖାଇ ତାଙ୍କୁ ଭଲ ପାଉଥିବା କହିଥିଲେ। ତାଙ୍କ ହାବଭାବରେ ସନ୍ଦେହ ହେବାରୁ ଯୁବତୀ ଜଣକ ଅନ୍ତର୍ଯ୍ୟାମୀଙ୍କ ଗାଁକୁ ଯାଇ ଦ୍ୱିତୀୟ ବିବାହ କଥା ଜାଣିବାକୁ ପାଇଥିଲେ। ଏହାପରେ ଅନ୍ତର୍ଯ୍ୟାମୀଙ୍କ ଫୋନ୍‌କୁ କଲ୍ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲେ। ତାଙ୍କ ଦ୍ୱିତୀୟ ସ୍ତ୍ରୀ ଫୋନ୍‌ରେ ଯୁବତୀଙ୍କୁ ଗାଳିଗୁଲଜ କରିଥିଲେ। ଶେଷରେ ଯୁବତୀ ଜଣକ ପ୍ରତାରଣାର ଶିକାର ହୋଇଥିବା ଜାଣିବା ପରେ ନ୍ୟାୟ ପାଇ ଥାନାରେ ଅଭିଯୋଗ କରିଥିଲେ।

■ ଆପୋଲୋ ହସ୍ପିଟାଲର କିଡ୍‌ନୀ ଚୋରି ମାମଲା

# ତଦନ୍ତ କରିବ ସ୍ୱାସ୍ଥ୍ୟ ବିଭାଗ

ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)

ଆପୋଲୋ ହସ୍ପିଟାଲର କିଡ୍‌ନୀ ଚୋରି ମାମଲାର ତଦନ୍ତ କରିବ ସ୍ୱାସ୍ଥ୍ୟ ବିଭାଗ। ସମ୍ପୂର୍ଣ୍ଣ ଘଟଣା ସମ୍ପର୍କରେ ଅନୁଧ୍ୟାନ କରିବା ଲାଗି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି। ଏହାସହ ରିପୋର୍ଟ ଆସିବା ପରେ ତର୍ଜମା କରାଯିବ ଏବଂ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ୨୦୧୩ରେ ବରଗଡ଼ ଜିଲାର ଅନିଲ କୁମାର ସ୍ୱାମୀଙ୍କ କିଡ୍‌ନୀ ବେଆଇନ ଭାବେ ତାଙ୍କ ପଡ଼ୋଶୀ ରାଘବ ରାମ ଦୋରାଙ୍କଠାରେ ଆପୋଲୋ ହସ୍ପିଟାଲରେ ପ୍ରତିରୋପଣ କରାଯାଇଥିଲା। ଏହାକୁ ନେଇ ୨୦୧୬ ଜାନୁୟାରୀ ୩ରେ ଅନିଲ ବରଗଡ଼ ଟାଉନ ଥାନାରେ ଅଭିଯୋଗ କରିଥିଲେ। ସେହି ମାସ ୫ ତାରିଖରେ ମାନବାଧିକାର କର୍ମୀ ଶ୍ରୀ ଅଖଣ୍ଡ ଏହି ଘଟଣାରେ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଆବେଦନ କରିଥିଲେ। ଦୁଇଦିନ ତଳେ ଆପୋଲୋ ହସ୍ପିଟାଲ ପକ୍ଷରୁ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ କରାଯାଇଥିବା ଯୁକ୍ତିକୁ କମିଶନ ଖାରଜ କରିଛନ୍ତି। ଏଥିସହ ହସ୍ପିଟାଲ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମେଡିକାଲର ପଞ୍ଜୀକରଣ ରଦ୍ଦ କରିବା ସହ ପୀଡ଼ିତଙ୍କୁ କ୍ଷତିପୂରଣ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

DSPL - 213



## ଶୀତ ପ୍ରବାହ ପାଇଁ ସତର୍କତା



- ଭୀଷଣ ଶୀତ ହେଉଥିବା ସମୟରେ ଯଥାସମ୍ଭବ ଘର ଭିତରେ ରୁହନ୍ତୁ ଏବଂ ଏକୁଟିଆ ରହୁଥିବା ବୟସ୍କ ବ୍ୟକ୍ତି ଓ ଶିଶୁମାନଙ୍କ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ।
- ଯାତାୟତ କରୁଥିବା ସମୟରେ ଯଥେଷ୍ଟ ଶୀତବସ୍ତ୍ର ଯଥା- ସ୍ୱେଟର, ଟୋପି/ ମଫଲର ପିନ୍ଧନ୍ତୁ ଏବଂ ପାଦରେ ଜୋତାମୋଜା ବ୍ୟବହାର କରନ୍ତୁ।
- ଜେନେରେଟର, କିରୋସିନି ଲଣ୍ଠନ କିମ୍ବା ଷ୍ଟୋଭ ବ୍ୟବହାର କରୁଥିଲେ ନିର୍ଗତ ବିଷାକ୍ତ ଧୂଆଁକୁ ଘର ବାହାରକୁ ଯିବାର ବ୍ୟବସ୍ଥା କରନ୍ତୁ ଏବଂ ଶୋଇବା ପୂର୍ବରୁ ବନ୍ଦ କରି ଶୁଅନ୍ତୁ।
- ଶୀତଦାଉରୁ ରକ୍ଷା ପାଇବା ପାଇଁ ରୁମ୍ ହିଟର, ପାଣି ଗରମ ପାଇଁ ଇମରସନ୍ ହିଟର ବା ଅନ୍ୟ ବୈଦ୍ୟୁତିକ ଉପକରଣ ବ୍ୟବହାର କରୁଥିଲେ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରନ୍ତୁ।
- ରୋଷେଇ ସମୟରେ ଏବଂ ନିଆଁ ପୋଇଁବା ସମୟରେ ଚାଦର କିମ୍ବା ଅନ୍ୟ ଶୀତବସ୍ତ୍ର ଘୋଡେଇ ହୋଇଥିଲେ ଯଥାସମ୍ଭବ ସତର୍କତା ଅବଲମ୍ବନ କରନ୍ତୁ।
- ଗରମ ଖାଦ୍ୟ ଖାଆନ୍ତୁ ଓ ଉଷୁମ ପାଣି ପିଅନ୍ତୁ। ଅତ୍ୟଧିକ ଥଣ୍ଡା ପାଣି ବ୍ୟବହାର କରନ୍ତୁ ନାହିଁ।
- ଖଳା ଏବଂ ଚାଳ ଘରେ ନିଆଁ ପୋଇଁବା ସମୟରେ ନିଆଁ ଲାଗିବାର ଯଥେଷ୍ଟ ସମ୍ଭାବନା ଥିବାରୁ ଉକ୍ତ ଜାଗାରେ ନିଆଁ ପୋଇଁବା ବର୍ଜନ କରନ୍ତୁ।
- ନିଆଁ ପୋଇଁବା ବେଳେ ଛୋଟ ପିଲାଙ୍କ ପ୍ରତି ସତର୍କତା ଅବଲମ୍ବନ କରନ୍ତୁ ଏବଂ ପରେ ନିଆଁକୁ ଠିକ୍ ଭାବରେ ଲିଭାନ୍ତୁ।
- ଗୃହପାଳିତ ପଶୁ ଓ ପକ୍ଷୀମାନଙ୍କୁ ରାତିରେ ବାହାରେ ରହିବାକୁ ଦିଅନ୍ତୁ ନାହିଁ। ଥଣ୍ଡାରୁ ରକ୍ଷା ପାଇବା ପାଇଁ ସେମାନଙ୍କୁ ସୁରକ୍ଷିତ ସ୍ଥାନରେ ଘୋଡାଇ ରଖନ୍ତୁ।
- ଶୀତ ଯୋଗୁଁ ଯଦି ଅସୁସ୍ଥ ଅନୁଭବ କରୁଥାନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।
- ଆପଣଙ୍କ ଅଞ୍ଚଳରେ ଶୀତ ପ୍ରବାହ ସମ୍ବନ୍ଧରେ ଜାଣିବା ପାଇଁ ଟି.ଭି., ରେଡ଼ିଓ ଓ ସମ୍ବାଦପତ୍ରରେ ଦିଆଯାଉଥିବା ସୂଚନା ପ୍ରତି ଧ୍ୟାନ ଦିଅନ୍ତୁ।

24007/13/0013/1920

ସଚେତନତା ଓ ସତର୍କତା ହିଁ ସୁରକ୍ଷା

OSDMA
ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ
ରାଜୀବ ଭବନ, ଭୁବନେଶ୍ୱର



ଅଶେଷ ଦୁର୍ଗତି ଓ ଦୁଃସମୟରେ ମଧ୍ୟ ଯେଉଁମାନେ ଶାନ୍ତ ଓ ସ୍ଥିର ରହିପାରନ୍ତି, ସେମାନେ ଦୃଢ଼ମନା ଏବଂ ସ୍ଥିର ଚିତ୍ତ ଅଟନ୍ତି।

- ସାରଳା ଦାସ

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: ..............................



ଅନନ୍ୟା
ପରିବାରବର୍ଗ



ତ୍ରିଲୋଚନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ସର୍ବେଶ୍ୱର ପରିଡ଼ା



ସନ୍ତୋଷିନୀ ମାହାନ୍ତି



ସ୍ୱାଗତିକା ପାଇକରାୟ



ଜୀବନ ଘୋଷ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

■ରାଜ୍ୟ ଯୋଗାଣ ନିଗମର ବୈଷୟିକ ତ୍ରୁଟି

# ୮୦୦ଚାଷୀଙ୍କ ଜମାଖାତାରେ ୨ଥର ଜମା ହେଲା ଧାନବିକ୍ରି ଟଙ୍କା

**ସୁବର୍ଣ୍ଣପୁର ଜିଲା**

■ଚାଷୀଙ୍କୁ ଟଙ୍କା ଫେରସ୍ତ ପାଇଁ ଚିଠି

■ଆକାଉଣ୍ଟ ହୋଲ୍ଡ କଲା ବ୍ୟାଙ୍କ

ସୋନପୁର,୩୦।୧୨(ନି.ପ୍ର.)

ଧାନକିଣାରେ ସ୍ୱଚ୍ଛତା ପାଇଁ ପି-ପାସ୍(ପ୍ୟାଡି ପ୍ରୋକ୍ୟୁମେଣ୍ଟ ଅଟୋମେସନ ସିଷ୍ଟମ)ରେ ରାଜ୍ୟ ସରକାର ଧାନ କିଣୁଛନ୍ତି। ଯୋଗାଣ ନିଗମ ଧାନ ବିକ୍ରି କରିଥିବା ଚାଷୀଙ୍କ ତାଲିକା ପ୍ରଦାନ ପରେ ସମବାୟ ବ୍ୟାଙ୍କ ରାଜ୍ୟର ଚାଷୀଙ୍କ ଆକାଉଣ୍ଟରେ ୪୮ଘଣ୍ଟା ମଧ୍ୟରେ ଟଙ୍କା ଜମା କରିଥାଏ। ତେବେ ବୈଷୟିକ ତ୍ରୁଟି ପାଇଁ ସୁବର୍ଣ୍ଣପୁର ଜିଲାର ପ୍ରାୟ ୮୦୦ ଚାଷୀଙ୍କ ଖାତାରେ ଦୁଇଥର ଲେଖାଏ ଧାନ ବିକ୍ରି ଟଙ୍କା ଜମା ହୋଇଛି। ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କର ଭୁବନେଶ୍ୱର ମୁଖ୍ୟ ଶାଖାରୁ ଆନୁମାନିକ ୮୦ ଲକ୍ଷ ଟଙ୍କା ସୁବର୍ଣ୍ଣପୁର ଜିଲାର ଚାଷୀଙ୍କୁ ଡବଲ ପେମେଣ୍ଟ ହୋଇଥିବା ଜଣାପଡିଛି। ଏହା ଜଣାପଡିବା ପରେ ଟଙ୍କା ପେରସ୍ତ କରିବା ପାଇଁ ଚାଷୀଙ୍କ ଆକାଉଣ୍ଟ ଥିବା ବିଭିନ୍ନ ବ୍ୟାଙ୍କକୁ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ଚିଠି କରିଛି। ଚିଠି ପାଇବା ପରେ ଜିଲାର ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ, ଏକ୍ସିସ ବ୍ୟାଙ୍କ ଓ ସମବାୟ ବ୍ୟାଙ୍କଗୁଡିକ ସମ୍ପୃକ୍ତ ଚାଷୀଙ୍କ ଆକାଉଣ୍ଟକୁ ହୋଲ୍ଡ କରିଛନ୍ତି। ଫଳରେ ଚାଷୀ ଆଉ ସେହି ଆକାଉଣ୍ଟରୁ ଟଙ୍କା ଉଠାଣ କରିପାରୁନି। ଚାଷୀଙ୍କୁ ଟଙ୍କା ଫେରସ୍ତ କରିବା ପାଇଁ ସମ୍ପୃକ୍ତ ବ୍ୟାଙ୍କଗୁଡିକ ପକ୍ଷରୁ ତାଗିଦ୍ କରାଯାଉଛି । କେତେଜଣ ଚାଷୀ ଟଙ୍କା ଫେରସ୍ତ କରି ସାରିଲେଣି । ଯେଉଁ ଚାଷୀ ଖୁସିରେ ଟଙ୍କା ଉଠାଇ ଖର୍ଚ୍ଚ କରି ଦେଇଛନ୍ତି ସେମାନେ ଆଉ ଧରାଛୁଆଁ ଦେଉନାହାନ୍ତି । ଘଟଣାଟି ଏବେ ଜିଲାରେ ଚର୍ଚ୍ଚାର ବିଷୟ ପାଲିଟିଛି । ତେବେ ସେଭଳି ଚାଷୀଙ୍କ ନାମରେ ଆବଶ୍ୟକ ପଡିଲେ ଓପିଡିଆର କେସ୍ ରୁଜୁ ହେବ ବୋଲି ଯୋଗାଣ ବିଭାଗର ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକୋରା କୁହନ୍ତି, ଏହା ମନୁଷ୍ୟକୃତ ତ୍ରୁଟି ନୁହଁ। ସଫ୍ଟୱେର ପ୍ରବ୍ଲେମ ପାଇଁ ଏଭଳି ହୋଇଛି। ତ୍ରୁଟି ଜଣାପଡିଲା ପରେ ସଂଶୋଧନ କରାଯାଇଛି । ଯେଉଁ ଚାଷୀମାନେ ଡବଲ ଧାନବିକ୍ରି ଟଙ୍କା ପାଇଛନ୍ତି ସେମାନେ ଟଙ୍କା ଫେରାଉଛନ୍ତି।

# ଜିଆର୍‌ଏସ୍‌ଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ଝାରସୁଗୁଡା ଅଫିସ୍/ ଲଖନପୁର, ୩୦।୧୨ (ଡି.ଏନ.ଏ.)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ବିଭାଗ ସୋମବାର ଝାରସୁଗୁଡା ଜିଲା କିର୍ମିରା ବ୍ଲକ୍ ଅର୍ଡା ପଞ୍ଚାୟତ କୋଟିପତି ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍) ଉଜ୍ଜଳ କୁମାର ବଡମାରିଙ୍କ ଘରେ ଚଢ଼ାଉ ହୋଇଛି। ଉଜ୍ଜଳଙ୍କ କୋଠା ଘର, କାର୍, ସୁନା ଓ ରୁପା ଗହଣା, ନଗଦ ଲକ୍ଷାଧିକ ଟଙ୍କା, ଲକ୍ଷାଧିକ ଟଙ୍କାର ବ୍ୟାଙ୍କ ବଲାନ୍ସ, ଦୋକାନ ଘର, ବିଭିନ୍ନ ଆସବାପତ୍ର ଆଦି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ସମ୍ପତ୍ତି ରହିଛି ବୋଲି ଭିଜିଲାନ୍ସ ଡିଏସ୍‌ପି ଦିଲୀପ କୁମାର କର କହିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗକୁ ନେଇ ସମ୍ବଲପୁର ଭିଜିଲାନ୍ସ ଏସ୍‌ପି ରବିନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶରେ ଝାରସୁଗୁଡା ଭିଜିଲାନ୍ସ ଡିଏସ୍‌ପି ଦିଲୀପ କୁମାର କରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏଥିମଧ୍ୟରେ ଜିଆର୍‌ଏସ୍‌ଙ୍କ ନିଜ ଗ୍ରାମ ସାରସପାଲି, ବାଲିଯୋରୀ ଓ ଶ୍ୱଶୁରଘର ଗ୍ରାମ ଦଲଗାଁ ଆଦି ସ୍ଥାନରେ ଏକ ସାଙ୍ଗରେ ଚଢ଼ାଉ କରାଯାଇଥିଲା। ଚଢଉ ପୂର୍ବାହ୍ନ ୬ଟାରୁ ଆରମ୍ଭ ହୋଇ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିଲା । ଅଧିକ ତଥ୍ୟ ହାସଲ ପାଇଁ ଭିଜିଲାନ୍ସ ବିଭାଗ ସମ୍ପୃକ୍ତ ଜିଆର୍‌ଏସ୍‌ଙ୍କୁ ପଚରାଉଚରା ଚଳାଇଛି। ଏଥିରେ ଝାରସୁଗୁଡା ଡିଏସ୍‌ପି ଦିଲୀପ କୁମାର କର, ସମ୍ବଲପୁର ଡିଏସ୍‌ପି ପରମେଶ୍ୱର କିଷାନ, ଇନ୍‌ସ୍ପେକ୍ଟର ପ୍ରଦୀପ କୁମାର ଆଇନ୍ଦ, ସୁଧାଂଶୁ ପୂଜାରୀ ପ୍ରମୁଖ ଅଧିକାରୀମାନେ ସାମିଲ ହୋଇଥିଲେ।



ଜିଆର୍‌ଏସ୍ ଉଜ୍ଜଳ କୁମାର ବଡମାରି।

## ଆନ୍ଧ୍ରକୁ ଚାଲାଣ ବେଳେ ଧାନ ବୋଝେଇ ଟ୍ରକ୍ ଅଟକ

ତିହିଡ଼ି, ୩୦।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ବ୍ଲକରୁ ଆନ୍ଧ୍ରପ୍ରଦେଶକୁ ଚାଲାଣ ହେଉଥିବା ବେଳେ ଧାନ ବୋଝେଇ ଏକ ଟ୍ରକକୁ ସୋମବାର ତହସିଲ ଛକଠାରେ ତହସିଲଦାର ଅଟକ ରଖିଥିଲେ। ପରେ ଗାଡ଼ିକୁ ପୋଲିସକୁ ହସ୍ତାନ୍ତର କରାଯାଇଛି। ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା ଧାନ ଯାଞ୍ଚ ପାଇଁ ଯୋଗାଣ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯୋଗାଣ ନିରୀକ୍ଷକ ଯାଞ୍ଚ କଲା ପରେ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ଟ୍ରକ ଚାଳକ ଓ ହେଲପରଙ୍କୁ ତିହିଡ଼ି ଥାନାରେ ଅଟକ ରଖାଯାଇଛି। ସୂଚନାଥାଉ କି, ତିହିଡ଼ି ଅଞ୍ଚଳରୁ ପ୍ରତିଦିନ ହଜାର ହଜାର କୁଇଣ୍ଟାଲ ଧାନ ବାହାର ରାଜ୍ୟକୁ ଚାଲାଣ ହେଉଛି। ସରକାରୀ ଭାବେ ମଣ୍ଡି ଖୋଲିଥିଲେ ମଧ୍ୟ ଏଜେଣ୍ଟମାନେ ଚାଷୀଙ୍କୁ ପ୍ରବର୍ତ୍ତାଇ ଧାନ ସଂଗ୍ରହ କରୁଛନ୍ତି। ସରକାରୀ ମୂଲ୍ୟଠାରୁ କୁଇଣ୍ଟାଲ ପିଛା ୫ଶହ ଟଙ୍କା କମ୍‌ରେ ସେମାନେ ଧାନ କିଣୁଥିବାରୁ ଚାଷୀମାନେ ଶୋଷଣର ଶିକାର ହେଉଥିବା ଅଭିଯୋଗ ହେଉଛି। ପ୍ରଶାସନର ନିଷ୍କ୍ରିୟତା ଯୋଗୁ ଗତ ୧୫ ଦିନ ହେଲା ଏପରି ଧାନ ଚାଲାଣ ହେବାରେ ଲାଗିଥିଲା। ସୋମବାର ଏହି ବ୍ଲକରୁ ଏକ ଦଶଚକିଆ ଟ୍ରକ ଯୋଗେ ଧାନ ଚାଲାଣ ହେଉଥିବା କୌଣସି ସୂତ୍ରରୁ ଖବର ପାଇ ତହସିଲଦାର ଅଟକ ରଖିଥିଲେ।

**କିଛି ତଥ୍ୟ**

୨୦୧୭-୧୮ରେ ଭାରତର ରପ୍ତାନି ୪୬୫.୬ ବିଲିୟନ ଡଲାର ଥିଲା। ୨୦୧୮-୧୯ରେ ଏଥିରେ ୯% ବୃଦ୍ଧି ଘଟି ୫୦୭.୫ ବିଲିୟନ ଡଲାର ଟପିଛି।

– ବାଣିଜ୍ୟ ମନ୍ତ୍ରଣାଳୟ


classifieds Everyday 0674-2580101, 2549302

**real estate**

**SALE**

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1000sqft. 5,50,000. Contact: 8908492594. D-15790

ଭୁବନେଶ୍ୱର ତମାଣ୍ଡୋ ବଜାର ପାଖରେ ଘରବାରି, Boundary, Bank, Finance ଥାଇ plot କିଣନ୍ତୁ sqft.- 1800/-, 8480281029. D-68459

ଭୁବନେଶ୍ୱର, Ravitalkies Sai mandir ପୂର୍ବରୁ ପ୍ଲଟ୍ ବିକ୍ରି ହେବ। Possession immediately. 9178660666. D-68943

Bhubaneswar ପିତାପଲ୍ଲୀଛକରେ NHକୁ ଲାଗିକି plot ମିଳୁଅଛି। 9090963952. D-68451

ଭୁବନେଶ୍ୱର କଟଣାଗେଟ୍‌ଠାରେ sqft.-180/-, ଅରଗୁଳ ରେଲ୍‌ୱେଷ୍ଟେସନ ପାଖରେ sqft.-180/-, ନଖରା ତ୍ରିନାଥ ବଜାର SC ପ୍ଲଟ୍ 370/- ଘରବାରି outright/ instalment- 9348817649, 7750909843. D-68462

ଭୁବନେଶ୍ୱର Sum Hospital, IIIT, NALCO ଗୋଠପାଟଣା ନିକଟସ୍ଥ କାଟେଣୀ Zeeschool ରେ ଘରବାରି, Boundary Patta plot-550/-, 9777553622. D-68461

Bhubaneswar Infocity-II ମଦନପୁର ନିକଟରେ sqft.499/- demarcation plot କିଣନ୍ତୁ 9861218400 D-68463

ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ 3K.m well developed demarcated plot sqft. 650/-, 9348063060. D-68464

**construction**

Construct your building as per your terms and condition. Contact: 9937064680. D-27284

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**to-let**

Single room, attach bath, Kitchen, Lewis road, Bhubaneswar, rent- 5000/-, 9337524451. D-67271

100sqft. Shop- To-let, Cuttack road, Kalpana, Bhubaneswar. Contact: 9337483021. D-68323

Fully furnished carpet area 1000sqft. at Saheed Nagar, side of Honda Showroom, Bhubaneswar having 3Nos. of AC, garage for commercial/ Office use only. Rate negotiable. Contact: 8018084443. D-15990

**packers & movers**

India's No.1 Packers, Leo Packers & Movers Car, Household & Office movement countrywide, 9438133699. D-15784

**healthcare**

Rejuvenate and ayurvedic full body massage by smart therapist. 9114402304. D-68904

Ayurvedic full body massage ladies/ gents smart experts therapist: 8480939300. D-68726

Sai herbal spa refresh your body with smart, expert therapist. 7608062524. D-68937

Full body herbal massage with refreshment expert therapist. 7381239385, 06742540855. D-68938

Experience full body massage with us (expert). Call: 7377048581, 06742597822. D-68939

Herbal full body massage by smart / expert therapist. Contact: 8338067247. D-68940

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68941

Refresh your mind and soul with best therapy at Orchid Salon/Spa. 9937287222. D-68739

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68742

Ayurvedic full body massage ladies and gents. Contact: 9861064981. D-68743

**business**

3000 ଟଙ୍କାରେ ନିଜର LED Business କରନ୍ତୁ। ଦିନକୁ ୧୦୦୦ କମାନ୍ତୁ। Mob: 9777434078. D-15939


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜିର ଏକାଦଶ ଚନ୍ଦ୍ର ପ୍ରଭାବରେ ପ୍ରତ୍ୟୁଷ ଯାତ୍ରା ସାଙ୍ଗକୁ ମନେ ମନେ ଭାବୁଥିବା କାମରେ ସଫଳତା ପାଇବେ। ପାରସ୍ପରିକ ଉତ୍ତମ ବୁଝାମଣା ଏବଂ ଉତ୍ସାହ ଜନିତ ପାରିବାରିକ ଜୀବନ ସୁନ୍ଦର ଓ ସୁମଧୁର ହୋଇ ଉଠିବ। କାର୍ଯ୍ୟକୁଶଳତା କାରଣରୁ ଆନୁଷ୍ଠାନିକ କ୍ଷେତ୍ରରୁ ସମ୍ମାନ ଓ ସଦିଚ୍ଛା ଲାଭ କରିବାର ଯୋଗ ରହିଛି।

**ବୃଷ**

ଶନି କ୍ଷେତ୍ରରେ ଶୁକ୍ର ହେତୁ ଅଟକି ରହିଯାଇଥିବା କାମଗୁଡିକ ସମ୍ପନ୍ନ କରିବା ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ସବୁ କାମରେ ଆଗୁଆ ରହି କାମ କରିବା ହେତୁ ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ। ବନ୍ଧୁଙ୍କ ଠାରୁ ହଠାତ୍ ନିମନ୍ତ୍ରଣ ପାଇ ଯାତ୍ରା କରିବାକୁ ପଡ଼ିପାରେ। ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ।

**ମିଥୁନ**

ଅନ୍ୟମାନଙ୍କ ଫୁସୁଲା ଫୁସୁଲି କଥାରେ ଭାସିଯାଇ ଯେଉଁ କାମ କରିବେ ପରେ ସେଥିସକାଶେ ଅନୁତାପ କରିବାକୁ ପଡ଼ିପାରେ। ଆନୁଷ୍ଠାନିକ କାମରେ କେବଳ ବେଠି ଖଟିବା ବ୍ୟତୀତ କିଛି ଲାଭ ହେବନି। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ପରିଶ୍ରମ ମୁତାବକ ଫଳ ନ ପାଇବା କାରଣରୁ ଭାବପ୍ରବଣତା ବୃଦ୍ଧିପାଇବ।

**କର୍କଟ**

କର୍ମକ୍ଷେତ୍ରରେ ନିଜ ପାରୁପର୍ଯ୍ୟନ୍ତ ଚେଷ୍ଟା କରି କାମ କଲେ ମଧ୍ୟ ପ୍ରଶଂସାସୂଚକ ପଦୁଟିଏ କଥା ମଧ୍ୟ ଶୁଣିବାକୁ ମିଳିବ ନାହିଁ। ପରିବହନରେ ଅଭିଯୋଗ ଆସିପାରେ କିମ୍ବା ଘରୋଇ କଥାରେ କିଛି ମତପାର୍ଥକ୍ୟ ସୃଷ୍ଟି ହେବ। ଆପଣଙ୍କ ଆଶଙ୍କା ଅପରାହ୍ନେ ଦୂର ହୋଇଯିବ। ଉପରିସ୍ଥଙ୍କ ଶୁଭଦୃଷ୍ଟିରୁ ସାମାଜିକସ୍ତରରେ ସମ୍ମାନ ଲାଭ କରିବେ।

**ସିଂହ**

ପରିସ୍ଥିତିବଶତଃ ଇଚ୍ଛା ନ ଥିଲେ ମଧ୍ୟ ବାଧ୍ୟବାଧକତାରେ ଦୂରସ୍ଥାନକୁ ଯିବାକୁ ପଡ଼ିବ। ପୃଷ୍ଠପୋଷକତା ଅଭାବରୁ କାମଗୁଡିକ ସୁବିଧାରେ ହେବା କଷ୍ଟକର ହୋଇପଡ଼ିବ। କୌଣସି ଲୋକର ଚାପ ପ୍ରଭାବରୁ ଧୀରେ ସୁସ୍ଥେ କାମ କରିବାକୁ ବାଧ ହେବେ। ଆବଶ୍ୟକତା ବୃଦ୍ଧି ପାଉଥିବାରୁ ଅର୍ଥାଭାବ ପ୍ରତ୍ୟେକ କାମକୁ ବିଳମ୍ବିତ କରିବ।

**କନ୍ୟା**

ଆଜି ଫେରିବା ବେଳକୁ ଯିବା ସମୟର ଆନନ୍ଦ ମନରେ ଆଉ ନ ଥିବ, ନିରାଶ ମନରେ ଫେରିବେ। ରୋଗଣା ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେବ, ବ୍ୟବସାୟ କ୍ଷେତ୍ରରେ ଅଥବା କିଣାବିକାର ଚୁକ୍ତି କ୍ଷେତ୍ରରେ ଠକାମିରେ ପଡ଼ିପାରନ୍ତି। କଚେରି ମାମଲାର ସମାଧାନର ଆଶା ମନକୁ ସାମୟିକ ଲାଘବ କରିବ।

**ତୁଳା**

ନିକଟ ସମ୍ପର୍କୀୟଙ୍କଠାରୁ ବାଧିଲାଭଳି କଥା ଶୁଣି ସବୁ ଆନନ୍ଦ ପାଣିଫୋଟକା ପରି କୁଆଡ଼େ ମିଳେଇଯିବ। କିନ୍ତୁ ଏଭଳି ପରିସ୍ଥିତିରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଆଜି ଦିନଟିରେ ମାତ୍ରାଧିକ ଭ୍ରମଣ ଯୋଗୁ ସାୟାହ୍ନରେ କ୍ଳାନ୍ତି ଅନୁଭବ କରିବେ।

**ବିଛା**

ଭଲ ସମ୍ପର୍କ ଥିବା ବନ୍ଧୁମାନେ କ୍ରମଶଃ ଦୂରେଇ ରହୁଥିବାର ଅନୁଭବ କରିବେ। ଫଳରେ ମନ ଭଲ ରହିବ ନାହିଁ। କଳା, ସାହିତ୍ୟ ଓ ବନ୍ଧୁମିଳନ କ୍ଷେତ୍ରରେ ବେଶ୍ ଆଦୃତ ହେବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି। କିଛି କାମ ହାସଲ ସକାଶେ ଗୁଡ଼ିଏ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ।

**ଧନୁ**

ପରିବାରରେ ବିରକ୍ତିଜନିତ ଅପ୍ରିୟ ସତ୍ୟ ଭାଷଣ ମତାନ୍ତରର ଆଶଙ୍କା ରହିଛି। ଭାଙ୍ଗିପଡ଼ିଥିବା ସମ୍ପର୍କକୁ ଯୋଡ଼ିବା ସକାଶେ ଚେଷ୍ଟା କରି ମଧ୍ୟ କିଛି ଲାଭ ପାଇବେ ନାହିଁ। ଦୀର୍ଘଦିନରୁ ଭିତରେ ଭିତରେ କୁହୁଳୁଥିବା ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ହିତୈଷୀଙ୍କ ପରାମର୍ଶରେ କୌଣସି ନୂତନ କାମ ଆରମ୍ଭ କରିବା ପାଇଁ ମନ ବଳାଇବେ।

**ମକର**

କାର୍ଯ୍ୟଦକ୍ଷତାଜନିତ ଅଭିଳାଷ ପୂରଣ କରି ପ୍ରଶଂସା ଓ ପ୍ରୋତ୍ସାହନ ପାଇବେ। ପରିବାର ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ, ମାତ୍ର ବହୁତ ତକ୍‌ଲିଫ ସହିବାକୁ ପଡ଼ିପାରେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ, କିନ୍ତୁ ମନଟା କେଜାଣି କାହିଁକି ଏକ ଅଜଣା ଆଶଙ୍କାରେ ଉଦ୍‌ବେଳିତ ହୋଇପାରେ। କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**କୁମ୍ଭ**

ବାଧ୍ୟତାମୂଳକ ଭାବେ ପ୍ରତ୍ୟେକ କାମକୁ ଆନ୍ତରିକତାବିହୀନ ଓ ନିରୁତ୍ସାହିତ ଭାବେ କରିବେ। ଶାରୀରିକ ଅସୁସ୍ଥତା ମଧ୍ୟ ଏହାର ଏକ କାରଣ ହୋଇପାରେ। କର୍ମକ୍ଷେତ୍ରରେ, ମାଙ୍ଗଳିକ କାମରେ ସମ୍ମାନ୍‌ନୀୟ ବ୍ୟକ୍ତିବିଶେଷ ସହାୟତା କରିବାର ସୂଚନା ରହିଛି। ପାରିବାରିକ ଜୀବନରେ ଉଚିତ ବୁଝାମଣାଜନିତ ଶାନ୍ତି ଫେରି ଆସିବ।

**ମୀନ**

କାମଟିର ଶେଷ ସମୟ ପର୍ଯ୍ୟନ୍ତ ଚେଷ୍ଟା ଜାରି ରଖିଲେ ନିଶ୍ଚିତ ଉଦ୍ଦେଶ୍ୟ ପୂରଣ ହୋଇପାରିବ। ପାରିବାରିକ ପ୍ରତିରୋଧ କେତେକ କାମକୁ ବିଶୃଙ୍ଖଳିତ କରିପାରେ। କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାରେ ମଧ୍ୟାହ୍ନରେ ଉଚ୍ଚବାଚ ଘଟିବାର ଆଶଙ୍କା ରହିଛି। ଉତ୍ତର ଭାଦ୍ରପଦ୍ ନକ୍ଷତ୍ର ପରିସ୍ଥିତି ପ୍ରତି ସତର୍କ ରହି କାମ କଲେ ଉପକୃତ ହୋଇପାରିବେ।

ଆଜି ପୌଷ ଶୁକ୍ଳ ୫ମୀ ଯୁକ୍ତ ଷଷ୍ଠୀ ମଙ୍ଗଳବାର, ଡିସେମ୍ବର ୩୧ ତାରିଖ, ଅଦ୍ୟ ବରଗଡ଼ରେ ୧୧ ଦିନ ବ୍ୟାପୀ ପ୍ରସିଦ୍ଧ ଧନୁଯାତ୍ରା ଆରମ୍ଭ, ଖ୍ରୀଷ୍ଟୀୟ ବର୍ଷ ଶେଷ, ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୭।୫୧ମି. ଗତେ ଘ.୧୧।୨୭ମି. ମଧ୍ୟେ ଅମୃତବେଳା। ଦିବା ଘ.୧୦।୩୧ମି. ଗତେ ଘ,୧୧।୫୨ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୨।୩୧ମି. ଗତେ ଘ.୩।୫୨ମି. ମଧ୍ୟେ ରାହୁକାଳ।



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ

# ପୁଣି ଘୁଞ୍ଚିଲା ବିମାନ ବନ୍ଦର ରନ୍‌ୱେ ରିକାର୍ପେଟିଙ୍ଗ

**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)**

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ହେବାକୁ ଥିବା ରନ୍‌ୱେ ରିକାର୍ପେଟିଙ୍ଗ କାର୍ଯ୍ୟ ଆହୁରି ଦୁଇ ମାସ ଘୁଞ୍ଚିଲା। ପୂର୍ବରୁ ନଭେମ୍ବର ୧ରୁ ଘୁଞ୍ଚି ୧ ଡିସେମ୍ବରରେ ହେବାକୁ ଥିଲା। ଏବେ ଏହି ରିକାର୍ପେଟିଙ୍ଗ୍ କାର୍ଯ୍ୟ ଆସନ୍ତା ବର୍ଷ ଫେବୃୟାରୀରୁ ଆରମ୍ଭ ହେବ ବୋଲି ସୋମବାର ବିମାନ ବନ୍ଦର ନିର୍ଦ୍ଦେଶକ ବି.ଭି. ରାଓ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆଠରୁ ଦଶମାସ ମଧ୍ୟରେ ଏହି କାର୍ଯ୍ୟ ଦୁଇ ପର୍ଯ୍ୟାୟରେ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରଥମ ପର୍ଯ୍ୟାୟ ରାତି ୧୨ଟାରୁ ସକାଳ ୬ଟା ଓ ଦ୍ୱିତୀୟ ପର୍ଯ୍ୟାୟ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ କାର୍ଯ୍ୟ ଚାଲିବ। ଏହି ସମୟରେ ବିମାନ ବନ୍ଦର ଆଂଶିକ ଭାବେ ବନ୍ଦ ରହିବ। ସୂଚନାଯୋଗ୍ୟ, ପ୍ରତି ୧୦ବର୍ଷରେ ଥରେ ବିମାନବନ୍ଦର ରିକାର୍ପେଟିଂ କରାଯାଇଥାଏ। ୨୦୦୭ରେ ଏଠାରେ ଶେଷଥର ରନ୍‌ୱେ ରିକାର୍ପେଟିଙ୍ଗ କରାଯାଇଥିଲା। ତେବେ ଏହି କାର୍ଯ୍ୟ ପାଇଁ ୨୮ କୋଟିର ବଜେଟ୍ କରାଯାଇଛି।

# ପୁଣି ରାସ୍ତାକୁ ଓହ୍ଲାଇଲେ ଚାଷୀ

- ଧାନ ଉଠାଣକୁ ନେଇ ବିଳମ୍ବ
- ଧାନ ବସ୍ତା ରଖି ଜାତୀୟ ରାଜପଥ ଅବରୋଧ

**କୋକସରା, ୩୦।୧୨ (ଡି.ଏନ.ଏ.)**



ଚାଷୀମାନେ ରାସ୍ତାରେ ଧାନ ବସ୍ତା ରଖି ରାସ୍ତା ଅବରୋଧ କରିଛନ୍ତି।

କଳାହାଣ୍ଡି ଜିଲା କୋକସରା ବ୍ଲକ ବିଭିନ୍ନ ମଣ୍ଡିରେ ଗତ ୨ ସପ୍ତାହ ହେବ ଧାନ କିଣାରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏହାର ପ୍ରତିବାଦରେ ପୂର୍ବରୁ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇଥିବା ବେଳେ ସୋମବାର ପୁଣି କୋକସରା ବ୍ଲକ ଆମପାଣି ଧାନ ମଣ୍ଡିରେ ଚାଷୀମାନେ ଧାନ ନ ଉଠିବାରୁ ଦୀର୍ଘ ୧ ଘଣ୍ଟା ଧରି ଭବାନୀପାଟଣା–ବୋରିଗୁମା ୨୬ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବର ପାଇ ଆମପାଣି ଥାନା ପୋଲିସ ପହଞ୍ଚି ଆନ୍ଦୋଳନ ପ୍ରତ୍ୟାହୃତ କରିବା ପାଇଁ ଚାଷୀଙ୍କୁ ବୁଝାଇଥିଲେ ମଧ ଚାଷୀମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ପରେ କୋକସରା ତହସିଲଦାର ମୌସୁମୀ ନାୟକ ଆନ୍ଦୋଳନରତ ଚାଷୀଙ୍କ ସହ ଫୋନରେ କଥାହୋଇ ମଙ୍ଗଳବାର ସୁଦ୍ଧା ଧାନ ଉଠାଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଆନ୍ଦୋଳନକୁ ପ୍ରତ୍ୟାହୃତ କରିଥିଲେ। ୧ ଘଣ୍ଟା ରାସ୍ତା ଅବରୋଧ ଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।

ଧାନକିଣା ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ପାଇଁ ଯୋଗାଣ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ହେଲେ ଯେତେ ଚେଷ୍ଟା କଲେ ମଧ ପ୍ୟାକ୍ସ କର୍ମଚାରୀମାନେ ମଣ୍ଡି ପରିଚାଳନାରେ ଅବହେଳା କରୁଥିବାରୁ ପ୍ରତିଦିନ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳୁଛି। ଆମପାଣି ପ୍ୟାକ୍ସ ଅଧୀନରେ ଥିବା ଆମପାଣି, ବରଡଙ୍ଗା ଓ ବଡପୋଡାଗୁଡା ଅଞ୍ଚଳର ଚାଷୀମାନଙ୍କ ଧାନ ବିକ୍ରି ପାଇଁ ମଣ୍ଡିରେ ପଡି ରହିଥିବାବେଳେ ଟାର୍ଗେଟ ନ ଥିବା ଦର୍ଶାଇ ପ୍ୟାକ୍ସ କର୍ମଚାରୀ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଚାଷୀମାନଙ୍କ ପୁଞ୍ଜୀଭୂତ ଅସନ୍ତୋଷ ଆନ୍ଦୋଳନର ଦାନା ବାନ୍ଧିଛି। ସୂଚନାଯୋଗ୍ୟ, ଆମପାଣି ପ୍ୟାକ୍ସ ଅଧୀନରେ କାଉଡୋଳା ଉପମଣ୍ଡିରେ ଧାନ ଉଠାଇବା ପରେ ଟାର୍ଗେଟ ସରିଯାଇଥିବା କୁହାଯାଇଥିଲା। ସୋମବାର ଉଠାଣରେ ବିଳମ୍ବ ଯୋଗୁ ଚାଷୀମାନେ ଆମପାଣି ମଣ୍ଡି ନିକଟରେ ୧୨.୩୦ରୁ ୧.୩୦ ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିଥିଲେ। ଆମପାଣି ମଣ୍ଡିରେ ୯୪,୫୯୮ କୁଇଣ୍ଟାଲ ଧାନ ଟାର୍ଗେଟ ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୫୬,୪୩୨ କୁଇଣ୍ଟାଲ ଧାନ ଉଠାଣ ହୋଇଛି। ୩୧ ତାରିଖ ପର୍ଯ୍ୟନ୍ତ ୮୯୨ ଜଣ ଚାଷୀଙ୍କୁ ପି ପାସ ମାଧ୍ୟମରେ ଟୋକନ ପ୍ରଦାନ କରାଯାଇଥିବା ବେଳେ ପାଖାପାଖି ୫୦୦୦ କୁଇଣ୍ଟାଲ ଧାନ ମଣ୍ଡିରେ ପଡିରହିଥିବା ଅଭିଯୋଗ ହୋଇଛି।





ମନ୍ ମିଜାଜ୍: ନୂଆବର୍ଷରେ ଯୁବପିଢ଼ିଙ୍କ ସଂକଳ୍ପ
ଦେଖନ୍ତୁ ଭିଡିଓ
YouTube /dharitrilive

# ସଙ୍ଗୀତ ନିର୍ଦ୍ଦେଶକ ପୂର୍ଣ୍ଣ ଖୁଣ୍ଟିଆଙ୍କ ପରଲୋକ

**କଟକ ଅଫିସ,୩୦।୧୨**



ସଙ୍ଗୀତ ନିର୍ଦ୍ଦେଶକ ପୂର୍ଣ୍ଣ ଖୁଣ୍ଟିଆ(୭୩)ଙ୍କର ରବିବାର ରାତି ପ୍ରାୟ ୪ଟାରେ ହୃଦ୍‌ଘାତରେ ପରଲୋକ ଘଟିଛି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ସଙ୍ଗୀତପ୍ରେମୀ କଟକ ବକ୍ସିବଜାର ଯାଚକଲେନ୍‌ସ୍ଥିତ ଖୁଣ୍ଟିଆଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ଆଦିତ୍ୟପ୍ରଭା ଖୁଣ୍ଟିଆ, ଦୁଇ ଝିଅ ଓ ପୁତ୍ର ସୌମ୍ୟରଞ୍ଜନ ଖୁଣ୍ଟିଆଙ୍କ ସମେତ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ଓଡିଆ ଚଳଚ୍ଚିତ୍ର ‘ନଳ ଦମୟନ୍ତୀ’, ‘ମହୁଆ’, ‘କୋଣାର୍କ’, ‘ଟିକେ ହସ ଟିକେ ଲୁହ’, ‘ତୁ ମୁଁ ଆଉ ସିଏ’ ଭଳି ଅନେକ ଚଳଚ୍ଚିତ୍ରରେ ଖୁଣ୍ଟିଆ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ସେ ୨୦୦୦ରୁ ଅଧିକ ଗୀତର ନିର୍ଦ୍ଦେଶନା ଦେଇଥିବାବେଳେ ୫ ହଜାରରୁ ଅଧିକ ଗୀତରେ ସଙ୍ଗୀତ ପରିଚାଳକ ଭାବେ କାମ କରିଛନ୍ତି। ଏପରି କି ଓଡ଼ିଶା ବାହାରେ ୧୦ରୁ ଊର୍ଦ୍ଧ୍ୱ ଭାଷାରେ ନିର୍ମିତ ଚଳଚ୍ଚିତ୍ରରେ ସେ ସଙ୍ଗୀତ ପରିଚାଳକ ଭାବେ କାମ କରିଛନ୍ତି।

## ଜିଲା ଚିଠି
## ଝାରସୁଗୁଡ଼ା



# ଦୁର୍ଘଟଣା ଚିନ୍ତା

ଜିଲାରେ ସଡ଼କ ଦୁର୍ଘଟଣା ବଢ଼ିଚାଲିଛି। ପ୍ରତିଦିନ ଜାତୀୟ ରାଜପଥର ବିଭିନ୍ନ ଛକ ତଥା ସଂଯୋଗସ୍ଥଳୀରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଦୁର୍ଘଟଣାରେ ସାଧାରଣ ପଥଚାରୀଙ୍କଠାରୁ ଆରମ୍ଭ କରି ଦୁଇ ଚକିଆ ଗାଡ଼ି ଆରୋହୀ ଅଧିକ ସଂଖ୍ୟାରେ ମୃତାହତ ହେଉଛନ୍ତି। ମାତ୍ର ଦୁର୍ଘଟଣା ନିୟନ୍ତ୍ରଣ ହୋଇପାରୁନି। ସେହିପରି ଜିଲା ଦେଇ ଯାଇଥିବା ଜାତୀୟ ରାଜପଥ-୪୯ ଓ ବିଜୁ ଏକ୍ସପ୍ରେସ ହାଇୱେକୁ ସଂଯୋଗ କରୁଥିବା ପ୍ରସନ୍ନ ପଣ୍ଡା ଛକ ଏକ ଅତି ଦୁର୍ଘଟଣାପ୍ରବଣ ସ୍ଥାନରେ ପରିଣତ ହୋଇଛି। ସେହି ଛକ ଦେଇ ଦୈନନ୍ଦିନ ଯାନବାହନଗୁଡ଼ିକ ସମ୍ବଲପୁର, ରାଉରକେଲା ଓ ଛତିଶଗଡ଼କୁ ଚଳାଚଳ ହୋଇଥାଏ। ମାତ୍ର ସେଠାରେ ଏପର୍ଯ୍ୟନ୍ତ ଏକ ଫ୍ଲାଏଓଭରବ୍ରିଜ ନିର୍ମାଣ ହୋଇପାରିନାହିଁ କିମ୍ବା ଯାନବାହନ ନିୟନ୍ତ୍ରଣ ପାଇଁ ଆବଶ୍ୟକ ଟ୍ରାଫିକ ବ୍ୟବସ୍ଥା କରାଯାଇନାହିଁ। ଏଥିପାଇଁ ଉପରୋକ୍ତ ଛକରେ ବାରମ୍ବାର ଦୁର୍ଘଟଣା ଘଟୁଛି, ମୃତାହତଙ୍କ ସଂଖ୍ୟା ବି ବଢ଼ି ଚାଲିଛି। ଗତ ନଭେମ୍ବର ମାସରେ ସଂଘଟିତ ଦୁର୍ଘଟଣାରେ ୧୦ ଦିନ ମଧ୍ୟରେ ୩ ଜଣଙ୍କ ଅକାଳ ମୃତ୍ୟୁ ଘଟିଥିଲା। ଜାତୀୟ ରାଜପଥ ଦୁର୍ଘଟଣା କେବଳ ପ୍ରସନ୍ନ ପଣ୍ଡା ଛକରେ ସୀମିତ ରହି ନାହିଁ। ଜିଲାରେ ତାଲପଟିଆ ଛକ, ଗାନ୍ଧୀ ଛକ, ବେଲପାହାଡ଼ ବାଇପାସ୍ ଛକ, ମହିମା ଛକ, ପିପିଲିମାଲ ଛକ, ପଞ୍ଚଗାଁ ଛକ ଓ କନକତୋରା ଆଦି ଅନେକ ସମ୍ବେଦନଶୀଳ ଛକ ରହିଛି, ଯେଉଁଠି ବାରମ୍ବାର ଦୁର୍ଘଟଣା ଘଟି ବହୁ ଲୋକଙ୍କ ଜୀବନ ଚାଲିଯାଇଛି। ଆହତଙ୍କ ସଂଖ୍ୟା ବି କମ୍ ନୁହେଁ। ସେହିପରି ଗୋଟିଏ ବର୍ଷ ମଧ୍ୟରେ ଝାରସୁଗୁଡ଼ାରୁ କନକତୋରାକୁ ସଂଯୋଗ ହୋଇଥିବା ଜାତୀୟ ରାଜପଥ-୪୯ରେ ଏକାଧିକ ଦୁର୍ଘଟଣା ଘଟିଯାଇଛି ଏବଂ ବହୁ ଲୋକଙ୍କ ଜୀବନ ଚାଲିଯାଇଛି। ପ୍ରତି ଦୁର୍ଘଟଣା ପରେ ଲୋକେ ରାସ୍ତାରୋକୋ ଆନ୍ଦୋଳନ କରୁଛନ୍ତି ଏବଂ ଦୁର୍ଘଟଣାର ପ୍ରତିକାର ପାଇଁ ବିଭିନ୍ନ ପ୍ରକାର ପ୍ରସ୍ତାବ ଉପସ୍ଥାପନ କରୁଛନ୍ତି। ପ୍ରଶାସନିକ ଅଧିକାରୀମାନେ ରାସ୍ତା ଅବରୋଧକାରୀଙ୍କୁ ସେହି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଉଛନ୍ତି। ମାତ୍ର ପରବର୍ତ୍ତୀ ସମୟରେ ସେହି ପ୍ରତିଶ୍ରୁତି କାର୍ଯ୍ୟକାରୀ ହେଉନାହିଁ। ଏଥିଯୋଗୁ ଦୁର୍ଘଟଣା ଯେଭଳି ନିୟନ୍ତ୍ରଣ ହେବା କଥା ତାହା ହୋଇପାରୁନି। ଜାତୀୟ ରାଜପଥ-୪୯ର ବିଭିନ୍ନ ଟ୍ରାଫିକ ଜଙ୍କ୍‌ଶନ ସ୍ଥାନରେ ଓଭରବ୍ରିଜ ନିର୍ମାଣ କରା ନ ଯିବା, ଭାଙ୍ଗିଯାଇଥିବା ରାସ୍ତା ଓ ତ୍ରୁଟିପୂର୍ଣ୍ଣ ଛକଗୁଡ଼ିକୁ ପୁନଃ ମରାମତି କରା ନ ଯିବା, ବେପରୁଆ ଓ ଦ୍ରୁତ ଗତିରେ ଚଳାଚଳ ହେଉଥିବା ମାଲବାହୀ ଯାନବାହନ ଉପରେ ଅଙ୍କୁଶ ଲଗା ନ ଯିବା ଓ ନୂତନ ଟ୍ରାଫିକ ଆଇନକୁ କଡ଼ାକଡ଼ି ଭାବେ ଲାଗୁ କରା ନ ଯିବା ଆଦି ଅନେକ କାରଣ ରହିଛି, ଯାହା ଦୁର୍ଘଟଣାକୁ ବାରମ୍ବାର ଆମନ୍ତ୍ରଣ କରିଚାଲିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଏ ସଂକ୍ରାନ୍ତରେ ବିଭାଗୀୟ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

– ରଞ୍ଜନ ମହାପାତ୍ର

# ନାଳରୁ ମୃତ ନବଜାତ ଶିଶୁ ଉଦ୍ଧାର

**ରାଉରକେଲା ଅଫିସ,୩୦।୧୨**

ସେକ୍ଟର–୧୯ ଥାନା ଅନ୍ତର୍ଗତ ଆଇଜିଏଚ୍ ନିକଟ ଏସ୍‌ବିଆଇ ଏଟିଏମ୍ ପାଖ ନାଳରୁ ସୋମବାର ସକାଳୁ ଏକ ମୃତ ନବଜାତ ଶିଶୁ ଉଦ୍ଧାର କରାଯାଇଛି। ଏହି ଖବର ଜଣାପଡିବା ପରେ ସେଠାରେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶିଶୁଟିକୁ ନାଳରୁ ଉଦ୍ଧାର କରି ନେଇ ଯାଇଥିଲା। କି ଭଳି ସ୍ଥିତିରେ ଜଣେ ଶିଶୁର ମୃତଦେହ ନାଳକୁ ଆସିଲା ସେନେଇ ପୋଲିସ ତଦନ୍ତ ଜାରି ରଖିଛି। କେହି ନିଜର ମୃତ ଶିଶୁକୁ ଶ୍ମଶାନକୁ ନ ନେଇ ନାଳରେ ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି।

# ପୁରୀ ଉନ୍ନତୀକରଣ ପଛର କାହାଣୀ କହିଲେ ପାଣ୍ଡିଆନ



ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସୋମବାର ଲୋକ ସେବା ଭବନରେ ବସିଥିବା ବୈଠକ।

**ଭୁବନେଶ୍ୱର,୩୦।୧୨(ବ୍ୟୁରୋ)**

ପୁରୀ ଜଗନ୍ନାଥ ମନ୍ଦିରର ସୌନ୍ଦର୍ଯ୍ୟକରଣ ଲାଗି ରାଜ୍ୟ ସରକାର ବଡ ପଦକ୍ଷେପ ଗ୍ରହଣ କରିଛନ୍ତି। ମନ୍ଦିର ଚତୁର୍ପାର୍ଶ୍ୱରୁ ୭୫ ମିଟର ପର୍ଯ୍ୟନ୍ତ ଘର ଏବଂ ଦୋକାନ ଉଚ୍ଛେଦ କରାଯାଉଛି। ତେବେ ହଠାତ୍ କାହିଁକି ପୁରୀ ପାଇଁ ଏତେ ବଡ ଘୋଷଣା ହୋଇଥିଲା ସେନେଇ ସମସ୍ତେ ପ୍ରଶ୍ନ ଉଠାଇଥିଲେ ମଧ କାରଣ ଜଣାପଡି ନ ଥିଲା। ମାତ୍ର ଏବେ ପୁରୀର ବିକାଶ ପଛର ପ୍ରକୃତ କାରଣ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିଗତ ସଚିବ ଭି.କାର୍ତ୍ତିକେୟ ପାଣ୍ଡିଆନ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଲୋକସେବା ଭବନଠାରେ ବସିଥିବା ପୁରୀ ସମ୍ପର୍କିତ ବୈଠକରେ ପାଣ୍ଡିଆନ କହିଛନ୍ତି, ୨୦୧୬ ଜାନୁୟାରୀ ସମୟର କଥା। ସମସ୍ତେ ଜାଣନ୍ତି ପ୍ରତ୍ୟେକ ଥର ନୂଆବର୍ଷ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀ ଯାଇ ଜଗନ୍ନାଥଙ୍କ ଦର୍ଶନ କରିଥାଆନ୍ତି। ୨୦୧୬ ନୂଆବର୍ଷରେ ମୁଖ୍ୟମନ୍ତ୍ରୀ ପୁରୀ ଯିବା ସମୟରେ ସେ ମଧ ସାଙ୍ଗରେ ଗାଡି ପଛରେ ବସି ଯାଉଥିଲେ। ନୂଆବର୍ଷ ସମୟରେ ରାସ୍ତାର ଦୁଇ ପାର୍ଶ୍ୱରେ ବହୁତଗୁଡିଏ ହୋର୍ଡିଂ ଲାଗିଥାଏ। ହୋର୍ଡିଂଗୁଡିକରେ ଜଗନ୍ନାଥଙ୍କ ଫଟୋ ମଧ ଥାଏ। ସେହି ସମୟରେ ଦେଖିଲି ରାସ୍ତାରେ ଥିବା ହୋର୍ଡିଂ ଯେଉଁଥିରେ ଜଗନ୍ନାଥଙ୍କ ଫଟୋ ଅଛି ସବୁଗୁଡିକୁ ଦେଖି ମୁଖ୍ୟମନ୍ତ୍ରୀ ହାତ ଯୋଡି ପ୍ରାର୍ଥନା କରୁଥିଲେ। ଏହାପରେ ଜଗନ୍ନାଥଙ୍କୁ ଦର୍ଶନ ସମୟରେ ନିଆରା ମୁଖ୍ୟମନ୍ତ୍ରୀଙ୍କୁ ଦେଖିବାକୁ ପାଇଲି। ଶେଷରେ ଫେରିବା ସମୟରେ ଏ ସମ୍ପର୍କରେ ତାଙ୍କ ସହ କଥା ହୋଇଥିଲେ। ଜଗନ୍ନାଥ ମନ୍ଦିର ପାଇଁ କିଛି ଭଲ କଲେ ଭଲ ହୁଅନ୍ତା ବୋଲି କହିଥିଲି। ସେଇଠୁ ଏହି ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଆରମ୍ଭ ହୋଇଥିଲା। ୨୦୧୬ ଜାନୁୟାରୀ ପ୍ରଥମ ସପ୍ତାହରେ ପୁରୀର ଜେଲ ସ୍ଥାନାନ୍ତର ପାଇଁ ଘୋଷଣା କରାଗଲା। ସମସ୍ତେ ଆଶ୍ଚର୍ଯ୍ୟ ହେଲେ ହଠାତ୍ କାହିଁକି ଏମିତି ନିଷ୍ପତ୍ତି ନିଆଗଲା। ଏତେ ପୁରୁଣା ଜେଲ୍ କାହିଁକି ହଠାତ୍ ସ୍ଥାନାନ୍ତର ହେବ ବୋଲି ଏଡିଜି(ଜେଲ୍) ବହୁତ ଥର ମନାକଲେ। ଏହାପରେ ସଙ୍ଗେସଙ୍ଗେ ପ୍ରୋଜେକ୍ଟ ଘୋଷଣା ହେଲା। ଯଥାଶୀଘ୍ର ନୂତନ ଜେଲ୍ ନିର୍ମାଣ କରାଯାଇ ପୁରୁଣା ଜେଲ୍ ଭଙ୍ଗାଗଲା। ସେହି ସମୟରେ କେହି ଜାଣି ନ ଥିଲେ ଏହା କାହିଁକି ସ୍ଥାନାନ୍ତର କରାଯାଉଛି, ଏବେ ସମସ୍ତେ ଜାଣୁଛନ୍ତି ବୋଲି ପାଣ୍ଡିଆନ କହିଥିଲେ।

ଇଂରାଜୀ ନୂତନ ବର୍ଷ ୨୦୨୦ର ସମ୍ବଲପୁର ଜିଲ୍ଲାବାସୀଙ୍କୁ ମୋର ଶୁଭେଚ୍ଛା ଓ ଶୁଭକାମନା ପାଇଁ ସ୍ୱାଗତ ଜଣାଉଛି।
ମାତାପିତା ଅଟନ୍ତି ଭଗବାନ। ମାତାପିତାଙ୍କୁ କରିବା ସମ୍ମାନ।
AMBIRA SOCIO TRUST
AMBIRA NAGAR
SAMBALPUR



ଶ୍ରୀ ଜୟଲାଲ ବେହେରା
ସଭାପତି, ଅମ୍ବିରା ସୋସିଓ ଟ୍ରଷ୍ଟ, ଅମ୍ବିରା ନଗର, ସମ୍ବଲପୁର

Book for Marriage
@1.5 Lakh package
* 7000 sqft. Marriage hall
* 25000 sqft. Lawn
* 8 nos. Room
THE WELCOME RESORT
At- Majhipali, Sason, Sambalpur
Mob:- 9937000050, 7008987076



बैंक ऑफ़ बड़ौदा Bank of Baroda Bhubaneswar Region
ଦେନା ବ୍ୟାଙ୍କ, ବିଜୟା ବ୍ୟାଙ୍କ ଓ ବ୍ୟାଙ୍କ ଅଫ୍ ବରୋଦାର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ଅନ୍ତର୍ଗତ ଗ୍ରାହକମାନଙ୍କ ପାଇଁ ବିଜ୍ଞପ୍ତି

ଆମ୍ଭେ ବିନମ୍ରତା ପୂର୍ବକ ଆମ୍ଭର ସମସ୍ତ ସମ୍ମାନୀତ ଗ୍ରାହକମାନଙ୍କୁ ସୂଚିତ କରୁଅଛୁ କି ୦୧.୦୪.୨୦୧୯ ଠାରୁ ବ୍ୟାଙ୍କ ଅଫ୍ ବରୋଦା, ବିଜୟା ବ୍ୟାଙ୍କ ଏବଂ ଦେନା ବ୍ୟାଙ୍କର ସମିଶ୍ରଣ ହୋଇଯାଇଅଛି। ବ୍ୟାଙ୍କଦ୍ୱାରା ନିରିକ୍ଷଣ କରି ଦେଖାଯାଇଅଛି କି କିଛି ଶାଖା କାର୍ଯ୍ୟାଳୟ ନିକଟତର ଦୂରତାରେ ଅବସ୍ଥିତ ଅଛି, ତେଣୁ ବ୍ୟାଙ୍କ ଏହି ଶାଖା ଗୁଡ଼ିକୁ ପୁନଃ ଅବସ୍ଥାପିତ କରିବା ପାଇଁ ନିଷ୍ପତି ନେଇଛନ୍ତି। ଆମ୍ଭେ ଆପଣଙ୍କୁ ସୂଚିତ କରୁଅଛୁ କି, ଉପରୋକ୍ତ ତିନୋଟି ବ୍ୟାଙ୍କର ୭ଗୋଟି ଶାଖା ଏହି ପର୍ଯ୍ୟାୟ ଅନ୍ତର୍ଭୁକ୍ତ ହୋଇଥିବାରୁ ନିମ୍ନମତେ ଏହି ଶାଖା ମାନଙ୍କୁ ସମିଶ୍ରଣ କରିବା ପାଇଁ ବ୍ୟାଙ୍କ ନିଷ୍ପତି ନେଇଛନ୍ତି।
୧. ଦେନା ବ୍ୟାଙ୍କ ଭଦ୍ରକ ଶାଖାକୁ ବିଜୟା ବ୍ୟାଙ୍କ ଭଦ୍ରକ ଶାଖା ସହିତ
୨. ଦେନା ବ୍ୟାଙ୍କ ଭୁବନେଶ୍ୱର ଶାଖାକୁ ବିଜୟା ବ୍ୟାଙ୍କ ଭୁବନେଶ୍ୱର ସହିତ
୩. ଦେନା ବ୍ୟାଙ୍କ କେନ୍ଦ୍ରାପଡ଼ା ଶାଖାକୁ ବିଜୟା ବ୍ୟାଙ୍କ କେନ୍ଦ୍ରାପଡ଼ା ଶାଖା ସହିତ
୪. ଦେନା ବ୍ୟାଙ୍କ ପାରାଦୀପ ଶାଖାକୁ ବିଜୟା ବ୍ୟାଙ୍କ ପାରାଦୀପ ଶାଖା ସହିତ
୫. ବିଜୟା ବ୍ୟାଙ୍କ ବାରିପଦା ଶାଖାକୁ ବ୍ୟାଙ୍କ ଅଫ୍ ବରୋଦା ବାରିପଦା ଶାଖା ସହିତ
୬. ଦେନା ବ୍ୟାଙ୍କ ଯାଜପୁର ରୋଡ଼ ଶାଖାକୁ ବିଜୟା ବ୍ୟାଙ୍କ ଯାଜପୁର ରୋଡ଼ ଶାଖା ସହିତ
୭. ବିଜୟା ବ୍ୟାଙ୍କ ନୟାଗଡ଼ ଶାଖାକୁ ବ୍ୟାଙ୍କ ଅଫ୍ ବରୋଦା ନୟାଗଡ଼ ଶାଖା ସହିତ
ଏଣୁ ଆମ୍ଭେ ଆପଣଙ୍କୁ ସୂଚିତ କରୁଅଛୁ କି ଉପରୋକ୍ତ ଶାଖା ଗୁଡ଼ିକ ୩୧.୦୧.୨୦୨୦ (ଶୁକ୍ରବାର) ଠାରୁ ନିମ୍ନ ଦର୍ଶିତ ଠିକଣାରେ କାର୍ଯ୍ୟକାରୀ ହେବ।
୧. ଦେନା ବ୍ୟାଙ୍କ ଭଦ୍ରକ ଶାଖା - ବିଜୟା ବ୍ୟାଙ୍କ ଭଦ୍ରକ ଶାଖା, ପ୍ରଥମ ମହଲା, ଅନମୋଲ କମ୍ପ୍ଲେକ୍ସ, ସ୍ୱାଦ ହୋଟେଲ ନିକଟ, ବନ୍ତ ଛକ, ଭଦ୍ରକ, ଓଡ଼ିଶା- ୭୫୬୧୦୦
୨. ଦେନା ବ୍ୟାଙ୍କ ଭୁବନେଶ୍ୱର ଶାଖା - ବିଜୟା ବ୍ୟାଙ୍କ ଭୁବନେଶ୍ୱର ଶାଖା, ଓସିଏଚ୍‌ସିଏଲ ବିଲ୍ଡିଂ, ବ୍ଲକ-୨, ତଳମହଲା, ୨୪, ଜନପଥ, ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର, ଓଡ଼ିଶା- ୭୫୧୦୦୧
୩. ଦେନା ବ୍ୟାଙ୍କ କେନ୍ଦ୍ରାପଡ଼ା ଶାଖା - ବିଜୟା ବ୍ୟାଙ୍କ କେନ୍ଦ୍ରାପଡ଼ା ଶାଖା, ତଳମହଲା, ମଣ୍ଡ ବ୍ଲକ୍, ଗୁଆଲସିଙ୍ଗ, ପାଦିରି, କଲେଜ ରୋଡ, କେନ୍ଦ୍ରାପଡା, ଓଡିଶା- ୭୫୪୨୫୦
୪. ଦେନା ବ୍ୟାଙ୍କ ପାରାଦୀପ ଶାଖା - ବିଜୟା ବ୍ୟାଙ୍କ ପାରାଦୀପ ଶାଖା, ତଳମହଲା, ମହାବୀର କମ୍ପ୍ଲେକ୍ସ, ଆର୍ଶିବାଦ ନଗର, ଇଫ୍‌କୋ ସ୍କୋୟାର, ପୋ: ଅଠରବାଙ୍କି, ଜି: ଜଗତସିଂହପୁର, ପାରାଦୀପ, ଓଡିଶା- ୭୫୪୧୨୦
୫. ବିଜୟା ବ୍ୟାଙ୍କ ବାରିପଦା ଶାଖା - ବ୍ୟାଙ୍କ ଅଫ୍ ବରୋଦା ବାରିପଦା ଶାଖା, କେସି ସର୍କଲ, ଷ୍ଟେସନ ରୋଡ଼, ବାରିପଦା, ଜି: ମୟୁରଭଞ୍ଜ, ଓଡିଶା- ୭୫୭୦୦୧
୬. ଦେନା ବ୍ୟାଙ୍କ ଯାଜପୁର ରୋଡ଼ ଶାଖା - ବିଜୟା ବ୍ୟାଙ୍କ ଯାଜପୁର ରୋଡ଼ ଶାଖା, ପ୍ରଥମ ମହଲା, ପ୍ଲଟ ନଂ. ୧୫୬୬, ନହକା ଛକ, ରୟାଲ କଳିଙ୍ଗ ହୋଟେଲ ନିକଟ, ଯାଜପୁର ରୋଡ଼, ଜି: ଯାଜପୁର, ଓଡିଶା- ୭୫୫୦୧୯
୭. ବିଜୟା ବ୍ୟାଙ୍କ ନୟାଗଡ଼ ଶାଖା - ବ୍ୟାଙ୍କ ଅଫ୍ ବରୋଦା ନୟାଗଡ଼ ଶାଖା, ପୁରୁଣା ହଷ୍ଟେଲ ଲାଇନ୍, ନ୍ୟୁ ଟାଉନ୍, ମେନ୍ ରୋଡ଼, ଜି: ନୟାଗଡ, ଓଡିଶା- ୭୫୨୦୬୯
ସମସ୍ତ ଗ୍ରାହକ ବନ୍ଧୁମାନଙ୍କୁ ତା ୩୧.୦୧.୨୦୨୦ ଠାରୁ ସମସ୍ତ ବ୍ୟାଙ୍କିଙ୍ଗ୍ ସେବାର ଲାଭ ଉଠାଇବା ପାଇଁ ଉପରୋକ୍ତ ଠିକଣାରେ ଯିବା ପାଇଁ ଅନୁରୋଧ କରାଯାଉଅଛି। ଏହି ସମ୍ବନ୍ଧୀୟ ଅସୁବିଧା ଜନିତ ତ୍ରୁଟି ପାଇଁ ଆମ୍ଭେ ଦୁଃଖିତ।
ଆମ୍ଭେ ଆପଣଙ୍କୁ ସର୍ବୋତ୍କୃଷ୍ଟ ସେବା ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ।
ସ୍ଥାନ: ଭୁବନେଶ୍ୱର — କ୍ଷେତ୍ରୀୟ ପ୍ରବନ୍ଧକ, ବ୍ୟାଙ୍କ ଅଫ୍ ବରୋଦା
ତା: ୩୧.୧୨.୨୦୧୯ — କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର

## ଆଜି କ'ଣ କେଉଁଠି

**ବୌଦ୍ଧ**
- ବୌଦ୍ଧ ଜିଲା କଲଚରାଲ ଏକାଡେମୀର ପଞ୍ଚମ ବାର୍ଷିକ ଉତ୍ସବ, ଟାଉନହଲ ବୌଦ୍ଧ, ସନ୍ଧ୍ୟା ୬ଟା।
- ଜେପିଏଲ କ୍ରିକେଟ ଫାଇନାଲ ମ୍ୟାଚ, ଜହ୍ନାପଙ୍କ ମେଡିକାଲ ପଡିଆ, ଦିନ ୧୧ଟା।

**ନୂଆପଡା**
- ଗୁରୁକୁଳ ଆଶ୍ରମ ଆମ ସେନାରେ ନିଃଶୁଳ୍କ ଚିକିତ୍ସା ଶିବିର, ଗୁରୁକୁଳ ହସ୍ପିଟାଲ କ୍ୟାମ୍ପସ, ସକାଳ ୮ ଟା।

**ଭବାନୀପାଟଣା**
- ହିଲ ଟାଉନ୍ ସିଭିଲ ସୋସାଇଟିର ଷଷ୍ଠ ବାର୍ଷିକୋତ୍ସବ, ଭବାନୀପାଟଣାସ୍ଥିତ ହିଲଟାଉନ୍ ଲେନ ନଂ.୩ ପୂର୍ବ, ଅପରାହ୍ନ ୫ ଟା।

**କର୍ଲାମୁଣ୍ଡା**
- ଅନସ୍ଥା ପ୍ରସ୍ତାବ ଗୃହୀତ ପାଇଁ ସ୍ୱତନ୍ତ୍ର ସମିତି ବୈଠକ, କର୍ଲାମୁଣ୍ଡା ପଞ୍ଚାୟତ ସମିତି ସଭାଗୃହ, ପୂର୍ବାହ୍ନ ୧୧ଟା।

**ସୁନ୍ଦରଗଡ**
- ଜୟଦୁର୍ଗା କ୍ଲବର ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ମହୋତ୍ସବର ଉଦ୍‌ଯାପନୀ, ରଙ୍ଗାଢିପା ଖେଳ ପଡିଆ, ସନ୍ଧ୍ୟା ୬।୩୦।

**ଲୋଇସିଂହା**
- ୨୦୨୦ ଅଭିନନ୍ଦନ କାର୍ଯ୍ୟକ୍ରମ, ଜନକଲ୍ୟାଣ ଯୁବ ସାମ୍ମୁଖ କ୍ଲବ ପରିସର, ରାତି ୮ଟା।

**ଦେଓଗାଁ**
- ପ୍ରସିଦ୍ଧ ଶୁଲିଆ ଯାତ୍ରା, କୁମୁରିଆ ଓ ଖଇରଗୁରା, ସକାଳ ୮ ଟାରୁ ଆରମ୍ଭ।

**ସମ୍ବଲପୁର**
- ମା ରାମଚଣ୍ଡିଙ୍କ ପୂଜା ଉତ୍ସବ, ସରଲାକାନୀ, ସନ୍ଧ୍ୟା ୫ଟା।
- ବୀରତା ଦିବସ ଉତ୍ସବ, ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସନ୍ଧ୍ୟା ସାଢ଼େ ୬ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## CLASSIFIED DISPLAY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9650446732 9990987786



## ନିକାଶ ସ୍ୱୀକୃତି

ଲକ୍ଷ୍ମୀ ଫ୍ରାଙ୍କଲିନ୍ ହସ୍ପିଟାଲିଟି ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ପାରାଦ୍ୱୀପର ପ୍ଲଟ୍ ନଂ.–୪୭(ପି), ଖାତା ନଂ.–୧, ମୌଜା– ନୂଆ ଷଣ୍ଢକୁଦ, ପାରାଦ୍ୱୀପ, ଜିଲ୍ଲା– ଜଗତ୍‌ସିଂହପୁରଠାରେ ଏକ ବ୍ୟବସାୟ କେନ୍ଦ୍ରିକ ହୋଟେଲ ପ୍ରତିଷ୍ଠା କରାଯାଉଅଛି। ଏହାକୁ ଭାରତ ସରକାର, ଓଡ଼ିଶା ସରକାର ଏବଂ ସାମୁଦ୍ରିକ ଉପକୂଳ ପରିଚାଳନା ଅନୁଷ୍ଠାନ ଦ୍ୱାରା ନିକାଶ ସ୍ୱୀକୃତି ଦିଆଯାଇଅଛି।

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable



ଧରିତ୍ରୀ
DHARITRI
ମଙ୍ଗଳବାର, ୩୧ ଡିସେମ୍ବର, ୨୦୧୯

ଯେଉଁ ଲୋକ ତୁମ ଉପରେ ରାଗୁଛି ବା ତୁମକୁ ଅପମାନ କରୁଛି–ତୁମର ଆଗ ବୁଝିବା ଉଚିତ ଯେ, ସେ ଗୋଟିଏ ଦୁର୍ବଳ ଲୋକ। ଏଣୁ ସେ ଏତେ ରାଗୁଛି। କିନ୍ତୁ ତୁମେ ଯଦି ତା'ର ଏହି ରାଗ ଓ ହିଂସାର ପ୍ରତ୍ୟୁତ୍ତର ଦିଅ ବା ପ୍ରତିକ୍ରିୟା ଦେଖାଅ– ତେବେ ଏ କଥା ନିଶ୍ଚୟ ଜାଣିବ ଯେ, ତୁମେ ମଧ୍ୟ ତା'ଭଳି ଏକ ଦୁର୍ବଳ ବ୍ୟକ୍ତିତ୍ୱ।

–ଶ୍ରୀମା



# ବାଉଳା ବିକାଶ

ନୀତି ଆୟୋଗ ପକ୍ଷରୁ ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ସୂଚକାଙ୍କ ୨୦୧୯–୨୦କୁ ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଅମିତାଭ କାନ୍ତ ୩୦ ଡିସେମ୍ବରରେ ଉନ୍ମୋଚନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ କେରଳ, ହିମାଚଳ ପ୍ରଦେଶ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଓ ତେଲଙ୍ଗାନା ରାଜ୍ୟସ୍ତରରେ ପ୍ରମୁଖ ସ୍ଥାନରେ ରହିଛନ୍ତି। ଉତ୍ତର ପ୍ରଦେଶ, ଓଡ଼ିଶା ଏବଂ ସିକ୍କିମ ସର୍ବାଧିକ ଉନ୍ନତି କରିଛନ୍ତି। କିନ୍ତୁ ପୂର୍ବବର୍ଷ ତାଲିକାର ଶୀର୍ଷରେ ଥିବା ଗୁଜରାଟ ଏ ଦିଗରେ ସେଭଳି ପ୍ରଗତି କରିପାରି ନାହିଁ। ସଂଗୃହୀତ ତଥ୍ୟ ଆଧାରରେ ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି ଯେ, ଜଳ ଓ ପରିମଳ, ଶକ୍ତି ଓ ଶିଳ୍ପ କ୍ଷେତ୍ରରେ ଉନ୍ନତି ଦେଖାଦେଇଥିବାରୁ ଭାରତର କମ୍ପୋଜିଟ୍ ସ୍କୋର ବା ସାମଗ୍ରିକ ସ୍କୋରରେ ୩ ପଏଣ୍ଟ ବୃଦ୍ଧି ଘଟିଛି।

ନୀତି ଆୟୋଗଙ୍କ ଏଭଳି ସକାରାତ୍ମକ ରିପୋର୍ଟରେ ତଥ୍ୟ କେତେ ବାସ୍ତବ ରହିଛି, ତାହା ସାଧାରଣ ଲୋକଙ୍କ ପକ୍ଷେ ଜାଣିବା କଷ୍ଟକର। ଜନସାଧାରଣ ପ୍ରକୃତ ବିକାଶକୁ ଉପଲବ୍ଧି କରିଥାଆନ୍ତି। ପରିସଂଖ୍ୟାନ ଜରିଆରେ ତଥ୍ୟ ପ୍ରକାଶ ପାଇବା ହେଉଛି ଏକ ପ୍ରଶାସନିକ ବ୍ୟାୟାମ। ଏଭଳି ସ୍ଥଳେ ଓଡ଼ିଶା କଥା ଦେଖାଯାଉ। ୨୦୧୮ରେ ସରକାରୀ ରିପୋର୍ଟରେ କୁହାଯାଇଥିଲା ଯେ ରାଜ୍ୟରେ ପ୍ରାୟ ୬୮ ଲକ୍ଷ ଲୋକ ସର୍ବନିମ୍ନ ଜଳ ପାଇବାରୁ ବଞ୍ଚିତ ହୋଇଥିଲେ। ୨୦୧୯ରେ ଏହି ସଂଖ୍ୟାରେ ସମ୍ଭବତଃ କିଛିଟା ଉନ୍ନତି ଘଟିଥାଇପାରେ। କିନ୍ତୁ ଏହା ନିଶ୍ଚିତ ଯେ ରାଜ୍ୟର ବହୁ ଲୋକ ଜଳ ବିହୁନେ ଛଟପଟ ହେଉଛନ୍ତି। ଗ୍ରୀଷ୍ମ ଋତୁରେ ଅବସ୍ଥା ଅଧିକ ସଙ୍ଗିନ ହୋଇଯାଉଛି। କିନ୍ତୁ ନୀତି ଆୟୋଗଙ୍କ ରିପୋର୍ଟ ଓଡ଼ିଶାକୁ ସର୍ବାଧିକ ଉନ୍ନତି ତାଲିକାରେ ରଖିଛି। ଆମେ ଏଠାରେ ରହି ଯାହା ଅନୁଭବ କରୁଛେ, ତାହା ରିପୋର୍ଟରେ ପ୍ରକାଶିତ ତଥ୍ୟଠାରୁ ଭିନ୍ନ। ଏସ୍‌ଡିଜିରେ ଜଳ ଓ ପରିମଳ, ଶକ୍ତି ଓ ଶିଳ୍ପ କ୍ଷେତ୍ରରେ ଉନ୍ନତି ଘଟିଛି ବୋଲି କୁହାଯାଉଛି। ବାସ୍ତବ ଚିତ୍ର ଭିନ୍ନ ଗାଥା ଗାଉଛି। ଏହି ପରିପ୍ରେକ୍ଷୀରେ ଫ୍ରାନ୍ସ ଅର୍ଥନୀତିଜ୍ଞ ଗାଏ ସୋରମାନ ଭାରତୀୟ ଅର୍ଥନୀତି ଉପରେ ଦେଇଥିବା ମନ୍ତବ୍ୟ ପ୍ରଣିଧାନଯୋଗ୍ୟ। ସେ ୨୯ ଡିସେମ୍ବରରେ କହିଛନ୍ତି ଯେ, ଭାରତ ସରକାରଙ୍କ ଧ୍ୟାନ ଏବେ ରାଜନୈତିକ ପ୍ରସଙ୍ଗ ଆଡ଼କୁ ଚାଲିଯିବାରୁ ଏହା ଅର୍ଥନୀତି ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ଏଥିଲାଗି ଉଭୟ ଘରୋଇ ଓ ବିଦେଶର ନିବେଶକମାନେ ଭୟଭୀତ ହୋଇ ଭାରତରେ ନିବେଶ ଲାଗି ମୁହଁ ମୋଡୁଛନ୍ତି। ଏହା ସୋରମାନଙ୍କ ବ୍ୟକ୍ତିଗତ ମତ ହୋଇଥିଲେ ମଧ୍ୟ ସରକାରଙ୍କ କଥା ଓ କାର୍ଯ୍ୟରେ ଦେଖାଦେଉଥିବା ଫରକ ବୁଝାପଡ଼ିଯାଉଛି। ସମସ୍ତେ ଜାଣନ୍ତି, ଦେଶର ଅଭିବୃଦ୍ଧି ହାର ୬ ବର୍ଷର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଗତ ଜୁଲାଇ–ସେପ୍ଟେମ୍ବର ତ୍ରୈମାସରେ ଏହା ୪.୫ ପ୍ରତିଶତକୁ ଖସିଛି। ମାନ୍ଦାବସ୍ଥା ଯୋଗୁ ଭାରତରେ ନିବେଶ, ନିଯୁକ୍ତି, ଚାହିଦା ଏବଂ ଖାଉଟିଙ୍କ ଖର୍ଚ୍ଚ କମିବାରେ ଲାଗିଛି। ଅଥଚ ନୀତି ଆୟୋଗ ରିପୋର୍ଟ କହୁଛି, ଶିଳ୍ପ କ୍ଷେତ୍ରରେ ନିରନ୍ତର ବିକାଶ ଘଟୁଛି। କିନ୍ତୁ ବାସ୍ତବ ପରିସ୍ଥିତି ସହ ରିପୋର୍ଟକୁ ଦେଖିଲେ ତାଳମେଳ ଘଟୁ ନାହିଁ।

ଏଠାରେ ମନେପଡୁଛି ଗତ ମାସ ଜାତୀୟ ପରିସଂଖ୍ୟାନ ଅଫିସ (ଏନ୍‌ଏସ୍‌ଓ) ପକ୍ଷରୁ ଖାଉଟିଙ୍କ ଖର୍ଚ୍ଚ କମିବା ସମ୍ପର୍କିତ ପ୍ରକାଶିତ ରିପୋର୍ଟ କଥା। ଏଥିରେ ଦର୍ଶାଯାଇଥିଲା ଯେ ଗତ ବର୍ଷକ ମଧ୍ୟରେ ଲୋକଙ୍କ ମାସିକ ହାରାହାରି ଖର୍ଚ୍ଚ ୪ ଦଶନ୍ଧି ମଧ୍ୟରେ ସବୁଠାରୁ କମ୍ ରହିଛି। ଏଥିରୁ ବୁଝିବାକୁ ହେବ, ଭାରତରେ ନିରନ୍ତର ବିକାଶରେ ବାଧା ସୃଷ୍ଟି ହୋଇଛି। ଏ ବିଷୟ ଜଣାପଡ଼ିଯିବା ପରେ କେନ୍ଦ୍ର ସରକାର ତତ୍‌କ୍ଷଣାତ୍ କହିବସିଲେ ଯେ, ଏନ୍‌ଏସ୍‌ଓ ତଥ୍ୟର ଗୁଣବତ୍ତା ଠିକ୍ ନ ଥିଲା। ଏବେ ସରକାରୀ ସଂସ୍ଥା ନୀତି ଆୟୋଗ ପକ୍ଷରୁ ପ୍ରକାଶିତ ଏସ୍‌ଡିଜି ସଂକ୍ରାନ୍ତରେ ସକାରାତ୍ମକ ରିପୋର୍ଟ ଦେଇଥିବାରୁ ତାହାକୁ ସରକାର ସତ୍ୟ ବୋଲି କହିଥିବା ବେଳେ ପରବର୍ତ୍ତୀ ସମୟରେ ଏହାର ଅସତ୍ୟତା ଜଣାପଡ଼ିବାର ଆଶଙ୍କା ରହିଛି। କାରଣ ଦେଶ ଓ ରାଜ୍ୟଗୁଡ଼ିକ ବାସ୍ତବରେ କିଭଳି ଉନ୍ନତି କରୁଛନ୍ତି, ତାହା ଜନସାଧାରଣ ହୃଦୟଙ୍ଗମ କରୁଛନ୍ତି। ସାଧାରଣ ନାଗରିକ ବୁଝିଲେଣି, ବିକାଶ ଏବେ ବାଉଳା।

## ଚିରନ୍ତନୀ

ନିଜକୁ ଭୁଲି ଏ ନଦୀ ତଟେ
ସୁଦୂର ଗ୍ରାମେ ରହେ ମୁଁ ଚାହିଁ,
ଲୁପତ ଧରା ଲୁପତ ବିଶ୍ୱ
ବିଜନ ଏଥି କେହି କି ନାହିଁ।

(ନିଜ ଭୁଲା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

### ୩୧ ଡିସେମ୍ବର ୧୯୯୪

- ତୁର୍କୀ ଏୟାରଲାଇନ୍ସର ଏକ ଯାତ୍ରୀବାହୀ ବିମାନ ତୁଷାର ଝଡ଼ର ସମ୍ମୁଖୀନ ହୋଇ ଦୁର୍ଘଟଣା ହେବା ଫଳରେ ୫୪ ଜଣ ଯାତ୍ରୀଙ୍କ ମୃତ୍ୟୁ।
- ଚନ୍ଦନକାଠର କୁଖ୍ୟାତ ଚୋରା ବ୍ୟବସାୟୀ ବୀରାପ୍ପାନ ପଣବନ୍ଦୀ କରି ରଖିଥିବା ଡିଏସ୍‌ପି ଚିଦାମ୍ବରନାଥନ ଏବଂ ତାଙ୍କର ଦୁଇଜଣ ସମ୍ପର୍କୀୟଙ୍କୁ ମୁକ୍ତ କରାଯାଇଛି।
- ଉତ୍ତର କଶ୍ମୀରର ବାରମୂଲା ଜିଲାର ଝେଲମ ନଦୀରେ ନୌକା ଦୁର୍ଘଟଣା ଘଟିବା ଫଳରେ ୧୧ ଯବାନ ମୃତ।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | | 7 | | | | | 9 | | | | | | | |
| | 6 | 9 | | | | B | | | 1 | | | 2 | 4 | C |
| 1 | | | | | | | | C | 4 | B | | | | |
| | B | | | 8 | | 0 | | | A | 3 | D | | | |
| | D | | | | 2 | | | | | | | 6 | 8 | |
| | | | 9 | 4 | | 8 | C | | | 0 | | | 1 | |
| | | | 7 | 0 | D | | | | 8 | | A | | | |
| | | | | A | | E | 6 | | 3 | 7 | 4 | 5 | B | |
| | | | | | | 2 | | | | | 6 | | 0 | |
| 7 | 3 | A | 2 | | B | | | | | 5 | | | 9 | |
| | | 8 | | 9 | E | | 1 | | 6 | | B | | | |
| | 1 | | | | 8 | | | 5 | | C | | | | 0 |
| | | | | | | D | B | | 7 | A | E | | | 6 |
| E | | 6 | | C | | 4 | | | | | 8 | 7 | | |
| | 2 | | B | 3 | | 6 | | | | | | | C | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 5 | A | 6 | E | D | 8 | 2 | 3 | 0 | 4 | B | 7 | 1 | 9 |
| 7 | 3 | 0 | 2 | C | B | E | D | 4 | 8 | 1 | 9 | 5 | 6 | A |
| 4 | 8 | 2 | 1 | 3 | A | C | 7 | 9 | 6 | D | 5 | E | B | 0 |
| E | 6 | B | 0 | 7 | 9 | 5 | 1 | A | 3 | 2 | C | D | 8 | 4 |
| D | 9 | 1 | 8 | 5 | 4 | 0 | B | 6 | E | 7 | A | C | 2 | 3 |
| 0 | D | 5 | A | 1 | E | B | 4 | 2 | C | 9 | 7 | 8 | 3 | 6 |
| 1 | 7 | 6 | 3 | 8 | 2 | D | E | 0 | A | 5 | 4 | 9 | C | B |
| A | E | 9 | 5 | D | 0 | 3 | 6 | C | B | 8 | 1 | 4 | 7 | 2 |
| B | 2 | 3 | 4 | 9 | C | 7 | 5 | 8 | D | 6 | 0 | A | E | 1 |
| 8 | 4 | C | 7 | B | 6 | 9 | A | 1 | 2 | 3 | E | 0 | 5 | D |
| 3 | 1 | E | C | 4 | 7 | A | 9 | D | 5 | B | 6 | 2 | 0 | 8 |
| 9 | C | 4 | D | 0 | 8 | 6 | 3 | B | 7 | E | 2 | 1 | A | 5 |
| 6 | 0 | 7 | E | 2 | 3 | 4 | 8 | 5 | 1 | A | D | B | 9 | C |
| 5 | B | 8 | 9 | A | 1 | 2 | 0 | 7 | 4 | C | 3 | 6 | D | E |
| 2 | A | D | B | 6 | 5 | 1 | C | E | 9 | 0 | 8 | 3 | 4 | 7 |

ଗତକାଲିର ଉତ୍ତର

# ଏସିଆର ଆଗାମୀ ଦଶନ୍ଧି



ଶରତ ଚନ୍ଦ୍ର ମିଶ୍ର

ଗତ କେତେବର୍ଷ ହେଲା ଏସିଆରେ ଅଭୂତପୂର୍ବ ପ୍ରଗତି ଘଟିଛି। ପ୍ରାୟ ୬୦୦ ନିୟୁତ ବ୍ୟକ୍ତିଙ୍କୁ ଗୋଟିଏ ପିଢ଼ିରେ ଦାରିଦ୍ର୍ୟରୁ ରକ୍ଷା କରିବାରେ ଚାଇନାର ସଫଳତା, ଚାଇନା ଓ ଜାପାନର ଅର୍ଥନୈତିକ ସଫଳତା, ଆମେରିକାର ସମାସ୍କନ୍ଦ ହେବା ଲାଗି ଚାଇନାର ପ୍ରୟାସ, ଭାରତ ଓ ଇଣ୍ଡୋନେସିଆର ପ୍ରଗତି ସାରା ଜଗତର ଦୃଷ୍ଟିଆକର୍ଷଣ କରିଛି। ଏସିଆର ପୁଞ୍ଜି ଲଗାଣ, ଏସିଆ ସହିତ ଆମେରିକା ଓ ୟୁରୋପର ବାଣିଜ୍ୟ, ଏସିଆବାସୀଙ୍କର ବିଦେଶ ଭ୍ରମଣ ଓ ଏସିଆରେ ବିମାନ ଯାତ୍ରୀଙ୍କ ସଂଖ୍ୟା ଆଦି ଆଶାତୀତ ଭାବରେ ବୃଦ୍ଧି ପାଇଛି। ପୃଥିବୀର ମଧ୍ୟବିତ୍ତ ଶ୍ରେଣୀର ଅର୍ଦ୍ଧେକ ଓ ନଗରବାସୀଙ୍କ ମଧ୍ୟରୁ ଦୁଇତୃତୀୟାଂଶ ବର୍ତ୍ତମାନ ଏସିଆରେ ବାସ କରୁଛନ୍ତି। କ୍ରୟ କ୍ଷମତା ସମତା ହିସାବରେ ବର୍ତ୍ତମାନ ଜଗତର ବିରାଟ ଅର୍ଥନୀତି ହେଲେ ଚାଇନା, ଆମେରିକା, ଭାରତ, ଜାପାନ, ଜର୍ମାନୀ ଓ ଇଣ୍ଡୋନେସିଆ। ତନ୍ମଧ୍ୟରୁ ଚାରୋଟି ଦେଶ ଏସିଆର। ଚାଇନାର Belt and Road initiative ଭବିଷ୍ୟତରେ ଗତ ଶତାବ୍ଦୀର ଆମେରିକାର ମାର୍ଶାଲ ଯୋଜନା ଭଳି ଏସିଆକୁ ପୁଞ୍ଜି ଯୋଗାଣ କରିବାରେ ସକ୍ଷମ ହେବ। ଆକଳନ କରାଯାଉଥିଲା ଯେ, ପୃଥିବୀଟା ଏସିଆକୈନ୍ଦ୍ରିକ ହେବା ଆଡ଼କୁ ଗତିକରୁଛି ଓ ଏସିଆର ପ୍ରଗତିର ମାନ ଓ ହାର, ୟୁରୋପର ଊନବିଂଶ ଶତାବ୍ଦୀର ପ୍ରଗତି ଓ ଆମେରିକାର ବିଂଶ ଶତାବ୍ଦୀର ପ୍ରଗତିଠାରୁ ଆଗେଇ ଯାଇପାରେ।

ବିଗତ ଦୁଇବର୍ଷର କେତେକ ଘଟଣା ଏସିଆ ଭୂଖଣ୍ଡକୁ ଅଗ୍ରଗାମୀ କରିବା ବଦଳରେ ପାଶ୍ଚାତ୍ୟର ଅନୁଧାବନ କରିବାକୁ ବାଧ୍ୟ କରିଛି। ଆମେରିକା ଓ ଚାଇନା ମଧ୍ୟରେ ତିକ୍ତତା ଏହାର ପ୍ରମୁଖ କାରଣ। ଚାଇନା ନିର୍ମିତ ୱାଶିଙ୍ଗ ମେଶିନ ଓ ସୋଲାର ପାନେଲ ଉପରେ ଆମେରିକା ଶୁଳ୍କ ବସାଇବା ପରେ ଏ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହେଲା। ଚାଇନା ପାଶ୍ଚାତ୍ୟ ଦେଶରୁ ଜ୍ଞାନକୌଶଳ ଚୋରିକରି ଓ ନିଜର ଶ୍ରମିକମାନଙ୍କୁ ଉଚିତ ପାଉଣା ପ୍ରଦାନ ନ କରି, ଶସ୍ତାରେ ଜିନିଷ ସବୁ ଉତ୍ପାଦନ କରୁଛି ଏବଂ ଏହିସବୁ ଶସ୍ତା ଉତ୍ପାଦିତ ପଦାର୍ଥ ଅନ୍ୟ ଦେଶଗୁଡ଼ିକର ଅର୍ଥନୀତିକୁ ଦୁର୍ବଳ କରୁଛି ବୋଲି ଅଭିଯୋଗ କରି ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ତାଙ୍କ ଦେଶର ଉଭୟ ଦଳର ସମର୍ଥନରେ ଚାଇନା ସହ ଛାୟାଯୁଦ୍ଧ ଆରମ୍ଭ କରିଦେଲେ। ବିଗତ ଶତାବ୍ଦୀରେ ଋଷିଆର ପ୍ରଭାବକୁ କ୍ଷୁଣ୍ଣ କରିବା ନିମନ୍ତେ ଆମେରିକା ଯେପରି containment of communion କୌଶଳ ପ୍ରୟୋଗ କରିଥିଲା, ଠିକ୍ ସେହିପରି ଚାଇନାର ଅଭିଳାଷ ଓ ପ୍ରତିପତ୍ତିକୁ ହ୍ରାସ କରିବା ନିମନ୍ତେ ଆମେରିକା ସବୁ ଦିଗରୁ ଉଦ୍ୟମ ଆରମ୍ଭ କରିଦେଇଛି।

ଚାଇନା ରପ୍ତାନି କରୁଥିବା ଦ୍ରବ୍ୟ ଉପରେ ଶୁଳ୍କ, ପାଶ୍ଚାତ୍ୟ ଦେଶରୁ ଚାଇନାର ଜ୍ଞାନକୌଶଳ ଚୋରି ବନ୍ଦ, ବିଶ୍ୱବ୍ୟାଙ୍କ ଓ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିରୁ ଚାଇନାକୁ ଋଣ ପ୍ରଦାନରେ ବାଧା ପ୍ରଦାନ, ସିଙ୍ଗାପୁର, ଭାରତ, ଅଷ୍ଟ୍ରେଲିଆ ଓ ଜାପାନ ସହିତ ସାମରିକ ସହଯୋଗ ବୃଦ୍ଧି ଓ ସଦ୍ୟ ସମାପ୍ତ ନାଟୋର ସପ୍ତଦଶ ବର୍ଷ ପାଳନ ସମୟରେ ଚାଇନାକୁ ହିଁ ପ୍ରଧାନ ଶତ୍ରୁ ଭାବେ ବିବେଚନା କରିବା ନିମନ୍ତେ ଆମେରିକାର ପ୍ରସ୍ତାବ ଆଦି ଏ କୌଶଳର ଅଂଶବିଶେଷ। ଆମେରିକାର ଏ ଶତ୍ରୁଭାବାପନ୍ନ ଆଚରଣ ହେତୁ ଚାଇନାର ରପ୍ତାନି ଓ ଜିଡିପି କ୍ରମାଗତ ଭାବରେ ହ୍ରାସ ପାଇବାକୁ ଲାଗିଛି। ଡିସେମ୍ବର ୧୫ ତାରିଖଠାରୁ ଅଧିକ ଆମେରିକାନ ବାଣିଜ୍ୟ ଶୁଳ୍କ ଭୟରେ ଚାଇନା ଆମେରିକାଠାରୁ ବାର୍ଷିକ ୫୦ ବିଲିୟନ ଡଲାରର କୃଷିଜାତ ଦ୍ରବ୍ୟ ଆମଦାନି କରିବାକୁ ରାଜି ହୋଇଛି। ପକ୍ଷାନ୍ତରେ ଚାଇନା Belt and Road ଓ ଆଞ୍ଚଳିକ ଅର୍ଥନୈତିକ ସହଯୋଗ ଯୋଜନା କରି ଏସିଆ ଓ ପାର୍ଶ୍ୱବର୍ତ୍ତୀ ଦେଶଗୁଡ଼ିକରେ ନିଜର ପ୍ରଭାବ ଓ ବାଣିଜ୍ୟ ବୃଦ୍ଧି କରିବାକୁ ଉଦ୍ୟମ କରୁଛି। ଏ ଦୁଇଟି ଯାକ ଯୋଜନାରେ ଭାରତର ଅସହଯୋଗ ଚାଇନାକୁ ଅସୁବିଧାରେ ପକାଇଛି ଓ ଭାରତ ଯୋଗ ନ ଦେଲେ ଆଞ୍ଚଳିକ ଅର୍ଥନୈତିକ ସହଯୋଗରେ ଜାପାନ ଭାଗୀ ହେବନାହିଁ ବୋଲି ସ୍ପଷ୍ଟ କରିଦେଇଛି। ଏ ଯୋଜନାଗୁଡ଼ିକ ହେଉଛି ଶସ୍ତା ଚାଇନା ପଦାର୍ଥ ଅନ୍ୟ ଦେଶର ବଜାରକୁ ପ୍ରବେଶ ଉଦ୍ୟମ।

ଏସିଆର ବିଭିନ୍ନ ଦେଶରେ ଚାଇନା ୯ ବିଲିୟନ ଆମେରିକାନ ଡଲାରର ପୁଞ୍ଜି ଲଗାଣ କଲାଣି। ସେଥିରୁ ଅର୍ଦ୍ଧେକ କାଜାକସ୍ତାନ ଓ ପାକିସ୍ତାନରେ। ଚାଇନା ପୁଞ୍ଜି ଶତକଡା ୯୫ ଭାଗ ଭିତ୍ତିଭୂମି ସଂରଚନାରେ ଲଗାଣ କରେ। ସେଗୁଡିକର ଫଳ ଅନେକ ବର୍ଷ ପରେ ପ୍ରାପ୍ତ ହୁଏ। ଜିନ୍‌ଜିଆଙ୍ଗ୍ ପ୍ରଦେଶରେ ମୁସଲମାନମାନେ ନିର୍ଯାତିତ ହେଉଥିବାର ଅଭିଯୋଗ ହେତୁ, ଉଭୟ ପାକିସ୍ତାନ ଓ କାଜାକସ୍ତାନରେ ପ୍ରଚ୍ଛନ୍ନ ଚାଇନାବିରୋଧୀ ମନୋଭାବ ରହିଛି। ଚାଇନା ଯେଉଁ ଦେଶରେ ପୁଞ୍ଜି ଲଗାଣ କରୁଛି ସେଠାରେ ସେ ପୁଞ୍ଜି ଫଳ ପ୍ରଦାନ କରିବାରେ ବିଳମ୍ବ ହେବା ହେତୁ, ସେ ଦେଶଗୁଡ଼ିକ ଋଣ ପରିଶୋଧ କରିପାରୁ ନାହାନ୍ତି ଓ ଋଣଗ୍ରସ୍ତ ହୋଇଯାଇଛନ୍ତି। ଶ୍ରୀଲଙ୍କା ତାହାର ପ୍ରକୃଷ୍ଟ ଉଦାହରଣ। ଫଳତଃ ଚାଇନା ପାଖରେ ଯଥେଷ୍ଟ ଅର୍ଥ ଲଗାଣ ନିମନ୍ତେ ମହଜୁଦ ଥିଲେ ମଧ୍ୟ ଭାରତ ସମେତ ଅନେକ ଦେଶ ଏ ପୁଞ୍ଜି ଲଗାଣ ନିମନ୍ତେ ଅନାଗ୍ରହୀ।

ସାମରିକ ଓ ଆର୍ଥିକ ଶକ୍ତିରେ ବଳୀୟାନ ଚାଇନା ନିଜର ପଡ଼ୋଶୀ ଦେଶଗୁଡ଼ିକ ସହିତ ବଡ଼ଭାଇସୁଲଭ ଆଚରଣ ପ୍ରଦର୍ଶନ କରୁଛି। ଦକ୍ଷିଣ ଚାଇନା ସାଗରରେ କୃତ୍ରିମ ବାଲି ଦ୍ୱୀପ ନିର୍ମାଣ କରି, ସେଠାରେ ନିଜର ନୌବହର ମୁତୟନ କରିବା ଫଳରେ ଭିଏତ୍‌ନାମ ଓ ଫିଲିପାଇନ୍ସରେ ତୀବ୍ର ଚାଇନାବିରୋଧୀ ମନୋଭାବ ପ୍ରକାଶ ପାଉଛି। ନିଜର ସମସ୍ତ ପାର୍ଶ୍ୱବର୍ତ୍ତୀ ଦେଶଗୁଡ଼ିକ ସହିତ ସୀମା ବିବାଦର ସମାଧାନ କରିଥିଲେ ମଧ୍ୟ ଭାରତ ସହିତ ସୀମା ବିବାଦକୁ ଜାଣିଶୁଣି ଅସମାହିତ ରଖୁଛି ଓ ଏହା ଆଗାମୀ ପିଢ଼ିର କର୍ତ୍ତବ୍ୟ ହେବ ବୋଲି ଇଙ୍ଗିତ କରୁଛି। ଭାରତ ଉପରେ ଚାପ ସୃଷ୍ଟି ବଜାୟ ରଖିବା ଏହାର ଲକ୍ଷ୍ୟ। ଭାରତକୁ ଉପମହାଦେଶରେ ବିଭିନ୍ନ ସମସ୍ୟା ସହ ଜଡ଼ିତ ରଖି ବିଶ୍ୱ ଦରବାରରେ ଭାରତର ପ୍ରଭାବ ହ୍ରାସ କରିବା ଚାଇନାର ଲକ୍ଷ୍ୟ। ଯେଉଁ ଜାପାନର ପୁଞ୍ଜିଲଗାଣ ଫଳରେ ଚାଇନାର ଆର୍ଥିକ ଅଭ୍ୟୁଦୟ ଘଟିଲା, ସେଇ ଜାପାନ ପ୍ରତି ବିରୋଧଭାବ ପୋଷଣ କରିବା ଫଳରେ ଜାପାନକୁ ଦେଶରକ୍ଷା ଦିଗରେ ଅଧିକ ଅର୍ଥ ବ୍ୟୟ କରିବାକୁ ପଡୁଛି। ସିଙ୍ଗାପୁରର ଏକ ସର୍ବେକ୍ଷଣରୁ ସୂଚିତ ହୁଏ ଯେ, ପୂର୍ବ ଏସିଆର ଜନସାଧାରଣ ଚାଇନା ରାଷ୍ଟ୍ରପତିଙ୍କୁ ବିଶ୍ୱାସ କରନ୍ତି ନାହିଁ। ସେମାନେ ଜାପାନ ପ୍ରଧାନମନ୍ତ୍ରୀ ଆବେ ଓ ଭାରତ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଅଧିକ ବିଶ୍ୱାସଯୋଗ୍ୟ ନେତା ବୋଲି ବିବେଚନା କରନ୍ତି। ଭାରତ ଉପମହାଦେଶରେ ଭାରତ ନିଜର ପ୍ରାଧାନ୍ୟ ବଜାୟ ରଖିବାରେ ଚେଷ୍ଟିତ ଓ କଶ୍ମୀର ବାବଦରେ ପାକିସ୍ତାନର କୌଣସି ଦାବି ବା ଆଶା ପୂରଣ କରିବା ନିମନ୍ତେ ଆଗ୍ରହୀ ନୁହେଁ। ଭାରତରେ ଅଭିବୃଦ୍ଧିର ହାର ହ୍ରାସ ପାଇବା ଆରମ୍ଭ ହେଲାଣି ଓ ଅଗାମୀ କିଛିବର୍ଷ ମଧ୍ୟରେ ୫ ଟ୍ରିଲିୟନ ଡଲାରର ଅର୍ଥନୀତି ହେବାର ଅଭିଳାଷ ସୁଦୂରପରାହତ ମନେହୁଏ। ଜାପାନର ଆର୍ଥିକ ଅଭିବୃଦ୍ଧି ମଧ୍ୟ ହ୍ରାସ ପାଉଛି ଓ ନିଜର ବର୍ଦ୍ଧିଷ୍ଣୁ ବରିଷ୍ଠ ନାଗରିକ ସମସ୍ୟା ନେଇ ଦେଶ ଆକଣ୍ଠ ହେଲାଣି।

ଏସିଆର ମଧ୍ୟବର୍ଗ ଦେଶ ଇଣ୍ଡୋନେସିଆ, ମାଲେସିଆ, ପାକିସ୍ତାନ ଓ ମ୍ୟାନ୍‌ମାର ମଧ୍ୟରେ ପ୍ରଥମ ଦୁଇ ଦେଶ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ଥିଲେ ମଧ୍ୟ ଆଭ୍ୟନ୍ତରୀଣ ଗଣ୍ଡଗୋଳ ଲାଗିରହିଛି ଓ ଶେଷୋକ୍ତ ଦୁଇଦେଶ ଅସ୍ଥିରତା ମଧ୍ୟ ଦେଇ ଗତି କରୁଛି। ମଧ୍ୟପ୍ରାଚ୍ୟରେ ଅଶାନ୍ତି, ଇରାନ ଓ ସୁନ୍ନି ଦେଶଗୁଡ଼ିକ ମଧ୍ୟରେ ବିଭେଦ ସହ ପାଲେଷ୍ଟାଇନ ଓ ଇସ୍ରାଏଲ ବିବାଦର ଅନ୍ତ ଘଟୁନି ଓ ଆର୍ଥିକ ଅଭିବୃଦ୍ଧି ହ୍ରାସ ପାଉଛି। ଋଷିଆର ଭୂଭାଗ ୟୁରୋପ ଅପେକ୍ଷା ଏସିଆରେ ଅଧିକ ରହିଛି। ଋଷିଆ କିନ୍ତୁ କେବେ ଏସିଆର ନେତୃତ୍ୱ ନେଇ ପାରିନାହିଁ ଓ ବର୍ତ୍ତମାନ ଚାଇନାର ସହଯୋଗୀ ରାଷ୍ଟ୍ର ଭାବରେ କାର୍ଯ୍ୟ କରୁଛି। ନିଜକୁ ଆର୍ଥିକ ଦୁରବସ୍ଥାରୁ ରକ୍ଷା କରିବା ନିମନ୍ତେ ଚାଇନାକୁ ପ୍ରଚୁର ପରିମାଣର କଞ୍ଚାମାଲ ବିକ୍ରୟ କରୁଛି। ଋଷିଆ ନେତା ପୁଟିନ୍‌ଙ୍କର ଦେଶରେ ପ୍ରଭାବ ହ୍ରାସ ପାଉଛି। ଏହିସବୁ କାରଣ ହେତୁ, ଏସିଆର ଅଗ୍ରଗତିରେ ବାଧା ସୃଷ୍ଟି ହୋଇଛି ଓ ନିକଟ ଭବିଷ୍ୟତରେ ପୃଥିବୀଟା ଏସିଆ କୈନ୍ଦ୍ରିକ ହେବା ଆଶା କ୍ଷୀଣ। ଚାଇନା ସକାରାତ୍ମକ ମନୋଭାବ ପୋଷଣ କରି ଭାରତ ସହିତ ସହଯୋଗ କଲେ ଓ ପାର୍ଶ୍ୱବର୍ତ୍ତୀ କ୍ଷୁଦ୍ର ଦେଶଗୁଡ଼ିକୁ ଆର୍ଥିକ ଶୋଷଣର ଉଦ୍ୟମ ବନ୍ଦ କଲେ, ଉଭୟ ଦେଶର ପ୍ରଗତି ସହିତ ଏସିଆର ପ୍ରଗତି ସମ୍ଭବପର।

ମୋ–୯୯୩୭୪୨୨୫୨୧

# ମୁଁ ଓଡ଼ିଶାକୁ ଜଗିଛି



ଦିଲୀପ ଦାଶଶର୍ମା

୧୯୦୩ ମସିହା ଆଜିର ଦିନରେ ମୋର ଜନ୍ମ ହୋଇଥିଲା। ମୋ ଜନ୍ମର ମୁଖ୍ୟ କାରଣ ଥିଲା ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରିତ କରି ଏକ ସୁନ୍ଦର ଓଡ଼ିଶା ପ୍ରଦେଶ ଗଠନ କରିବା। ମୋ ଜନ୍ମ ଓ ଲାଳନ ପାଳନରେ ଯେଉଁ କେତେଜଣ ବରପୁତ୍ର ନେତୃତ୍ୱ ନେଇଥିଲେ, ସେମାନେ ହେଲେ ଉତ୍କଳ ଗୌରବ ମଧୁସୂଦନ ଦାସ, ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ବ୍ୟାସକବି ଫକୀର ମୋହନ ସେନାପତି, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ହରିହର ମର୍ଦ୍ଦରାଜ ପ୍ରମୁଖ ବହୁ ବରପୁତ୍ର। ଏମାନଙ୍କ ସହିତ ବହୁ ନେତା ଓ କର୍ମୀଙ୍କ କଠିନ ପରିଶ୍ରମ ଫଳରେ ସ୍ୱତନ୍ତ୍ର ଓଡ଼ିଶା ଗଠନ ହେଲା ୧୯୩୬ ମସିହା ଏପ୍ରିଲ ୧ ତାରିଖରେ। ମୋର ମୁଖ୍ୟ ଲକ୍ଷ୍ୟ ସାଧିତ ହେଲା। ମୁଁ ବର୍ତ୍ତମାନ କାମ କରୁଛି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ କଳାର ଅଭିବୃଦ୍ଧି, ପ୍ରସାର ଓ ସୀମାର ସୁରକ୍ଷା ତଥା ଓଡ଼ିଆମାନଙ୍କର ଓଡ଼ିଶା ଭିତରେ ଓ ବାହାରେ ସାମାଜିକ ସୁରକ୍ଷା ପାଇଁ। ପ୍ରତିଦାନରେ କୌଣସି ଆଶା ରଖିନାହିଁ। ଭାରତର ସ୍ୱାଧୀନତା ପୂର୍ବରୁ ସବୁ ସ୍ୱାଧୀନତା ସଂଗ୍ରାମୀ ଜାତୀୟ କଂଗ୍ରେସ ଗଠନ କରି ସ୍ୱାଧୀନତା ଆନ୍ଦୋଳନ ଆରମ୍ଭ କରିଥିଲେ। ସ୍ୱାଧୀନତା ପ୍ରାପ୍ତି ପରେ ଏହି କଂଗ୍ରେସ ନାମରେ ରାଜନୈତିକ ଦଳ ତିଆରି ହୋଇ ରାଜନୀତି ଆରମ୍ଭ ହେଲା। ମାତ୍ର ମୁଁ ଓଡ଼ିଶାର ଶାସନ ଡୋରି ହାତକୁ ନେବା ପାଇଁ ଦଳୀୟ ରାଜନୀତି କରିନାହିଁ। ବରଂ ପୁରାଣର ଭୀଷ୍ମ ପିତାମହଙ୍କ ଭଳି ଓଡ଼ିଶାର ସୀମା ସହିତ ଭାଷା, ସାହିତ୍ୟ, ସଂସ୍କୃତି ଓ କଳାକୁ ଜଗି ରହିଛି। ଆଉ ଏଭଳି ଜଗି ରହିଥିବି ମଧ୍ୟ।

ମୁଁ ମୋର ମୁଖ୍ୟ ଲକ୍ଷ୍ୟ ୮୩ ବର୍ଷ ପୂର୍ବରୁ ଅର୍ଥାତ୍ ୧୯୩୬ ମସିହା ଏପ୍ରିଲ ପହିଲା ଦିନ ପୂରଣ କରିଛି ଓ ବର୍ତ୍ତମାନର ଲକ୍ଷ୍ୟ ନେଇ ଆଗକୁ ଅଗ୍ରସର ହେବାକୁ ଚାହୁଁଛି। ମୋର କ୍ଷମତା ଲୋଡ଼ା ନାହିଁ– କେବଳ ମମତା ଲୋଡ଼ା। କ୍ଷମତା ଲୋଡ଼ା ନାହିଁ ତେଣୁ ସମ୍ମିଳନୀ ନାମରେ ରାଜନୀତି କରିନାହିଁ। ଶାସନ ଡୋରି ହାତକୁ ନେବା ପାଇଁ କେବେ ଚେଷ୍ଟା କରିନାହିଁ। ସବୁ ଦଳ ଓ ସବୁ ବର୍ଗର ଲୋକ ଏଥିରେ ଅଛନ୍ତି। ଏହା ହେଉଛି ତ୍ୟାଗ। କେବଳ ମମତା ଲୋଡ଼ା, ହେଲେ ମମତା କାହିଁ? କିଏ ମୋତେ ମମତା ଦେଲା? ଯେଉଁମାନଙ୍କୁ ମୁଁ ଏକ ସ୍ୱତନ୍ତ୍ର ରାଜ୍ୟ ଦେଲି ଓ ନିଜ ରାଜ୍ୟରେ ନିଜେ ଶାସନ କରିବାର ଅଧିକାର ଦେଲି, ସେମାନେ ମୋତେ ମମତା ଦେଲେ କି? ଦୁଃଖର ସହିତ କହିବାକୁ ଗଲେ ମୋତେ ଓଡ଼ିଶାର ଅନେକ ଲୋକ ଭୁଲି ଗଲେଣି। ସମ୍ମିଳନୀ କହିଲେ କେହି କେହି ଭାବୁଛନ୍ତି ଅନ୍ୟାନ୍ୟ ଏନ୍‌ଜିଓ ଭଳି ଗୋଟିଏ ଏନ୍‌ଜିଓ।

### ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା ଦିବସ ଉପଲକ୍ଷେ

ଯେଉଁମାନେ ଏହି ସମ୍ମିଳନୀ ପାଇଁ ଗତ ୮୩ ବର୍ଷ ଧରି ଶାସନ କ୍ଷମତା ଉପଭୋଗ କରି ଆସୁଛନ୍ତି, କାହିଁ ତାଙ୍କର ମମତା? ଉତ୍କଳ ସମ୍ମିଳନୀ ପାଇଁ ଆଜି ଏ ରାଜ୍ୟ, ଏ ରାଜଧାନୀ, ଏ ବିଧାନ ସଭା, ଏ ମନ୍ତ୍ରିମଣ୍ଡଳ, ଏ ଲୋକ ସେବା ଭବନ ଇତ୍ୟାଦି ସମ୍ଭବ ହୋଇ ପାରିଛି। ହେଲେ ଯେଉଁ ଅନୁଷ୍ଠାନ ରାଜ୍ୟ ଗଠନ କଲା, ସରକାର ତିଆରି କଲା, ସେହି ଅନୁଷ୍ଠାନକୁ ରାଜ୍ୟ ସରକାରମାନେ ଦେଇଛନ୍ତି କ'ଣ? ୧୧୬ ବର୍ଷର ଅନୁଷ୍ଠାନ ରାଜଧାନୀରେ ନିଜର କାର୍ଯ୍ୟାଳୟ ପାଇଁ ଖଣ୍ଡେ ଜାଗା ପାଇବା ଲାଗି ଯୋଗ୍ୟ ନୁହେଁ କି? ତୁଳନା କରାଯାଉ କେଉଁ ଅନୁଷ୍ଠାନମାନେ ରାଜଧାନୀରେ ଜାଗା ପାଇଛନ୍ତି। ସେମାନଙ୍କଠାରୁ ଉତ୍କଳ ସମ୍ମିଳନୀ କେଉଁ ଗୁଣରେ ନ୍ୟୂନ? ଆଜି ପର୍ଯ୍ୟନ୍ତ ନିଜସ୍ୱ ଘର ନାହିଁ। ସରକାର ଗୋଟିଏ ଛୋଟ ଭଡ଼ାଘର ଯୋଗାଇ ଦେଇଛନ୍ତି। ସେହିଭଳି ବହୁ ଦାବି ପରେ ମୋ ଜନ୍ମର ୧୦୩ ବର୍ଷ ପରେ ତା୩୧।୦୫।୨୦୦୬ ରିଖରେ ଭୁବନେଶ୍ୱର ମହାନଗର ନିଗମ ପାୱାର ହାଉସ୍ ଛକଠାରୁ ସିଆରପି ଛକ ପର୍ଯ୍ୟନ୍ତ ରାସ୍ତାକୁ ଉତ୍କଳ ସମ୍ମିଳନୀ ସରଣୀ ନାମରେ ନାମିତ କଲା। ହେଲେ ଆଜି ପର୍ଯ୍ୟନ୍ତ ସେହି ସରଣୀର ଆରମ୍ଭରେ କିମ୍ବା ଶେଷରେ ଫଳକଟିଏ ଲେଖା ନାହିଁ। ବର୍ତ୍ତମାନ ଲୋକ ତ ଭୁଲିଗଲେଣି ଯେ, ଏହି ରାସ୍ତାର ନାମ ଉତ୍କଳ ସମ୍ମିଳନୀ ସରଣୀ ବୋଲି।

ଭଲଭାବେ ବୁଝି ହେଉଛି, ଏଇଥି ପାଇଁ ଆଜିର ସମାଜରେ ତ୍ୟାଗକୁ ଅଧିକାଂଶ ପସନ୍ଦ କରୁ ନାହାନ୍ତି। କାରଣ ଲୋକ ବୁଝିଛନ୍ତି ଆଜିର ସମାଜ ତ୍ୟାଗ ଚାହେଁ ନାହିଁ। ଯିଏ ତ୍ୟାଗ ସ୍ୱୀକାର କଲା ଅନ୍ୟମାନେ ତାଙ୍କୁ ବୋକା କିମ୍ବା ଶୋଇଲା ପୁଅ ଭାବେ ବିବେଚନା କରନ୍ତି। ଉତ୍କଳ ସମ୍ମିଳନୀରେ ସମ୍ପ୍ରତି ସ୍ୱାଭିମାନୀ ଯୁବତୀଯୁବକଙ୍କର ଆବଶ୍ୟକତା ରହିଛି, ଯେଉଁମାନେ ପଖାଳ ଖାଇ ଶୋଇ ନ ଥିବେ ବରଂ ଲଢ଼ି ଶିଖିଥିବେ। ନଚେତ୍ ୧୧୬ ବର୍ଷ ନୁହେଁ ୧୦୧୬ ବର୍ଷ ହେଲେ ମଧ୍ୟ ଏହା ଏହିଭଳି କଚ୍ଛପ ଗତିରେ ଚାଲିଥିବ।

ସଭାପତି, ଉତ୍କଳ ସମ୍ମିଳନୀ, ମଞ୍ଚେଶ୍ୱର
ଶିଳ୍ପାଞ୍ଚଳ ଶାଖା, ଭୁବନେଶ୍ୱର,
ମୋ–୯୯୩୮୫୩୭୬୦୦

## ଏଇ ଭାରତରେ

ସମାଜରେ କିଛି ଲୋକ ସାମାନ୍ୟ ବିଫଳତାରେ ଭାଙ୍ଗି ପଡୁଥିବାବେଳେ କିଛି ଲୋକ ଏହାକୁ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରି ଉଦାହରଣ ସୃଷ୍ଟି କରିଥାନ୍ତି। ସେମାନଙ୍କ ମଧ୍ୟରୁ ଆନ୍ଧ୍ରପ୍ରଦେଶର ହିନ୍ଦୁପୁରରେ ଜନ୍ମିତ ଏମ.କେ. ଶ୍ରୀଧର ଜଣେ। ପିଲାବେଳୁ ୮୦ ପ୍ରତିଶତ ଦିବ୍ୟାଙ୍ଗ ୬୫ ବର୍ଷୀୟ ଶ୍ରୀଧର ଦେଶର ନୂଆ ଶିକ୍ଷାନୀତି ଡ୍ରାଫ୍ଟ କରିବାରେ ପ୍ରମୁଖ ଭୂମିକା ନିଭାଇଛନ୍ତି। ଦିବ୍ୟାଙ୍ଗ ପିଲାଙ୍କ ଲାଗି ଏକ ସଂସ୍ଥା ଗଠନ କରି ସେଠାରେ ସେମାନଙ୍କ ଚିକିତ୍ସା, ଶିକ୍ଷା ଓ ସୁରକ୍ଷାର ବ୍ୟବସ୍ଥା ମଧ୍ୟ କରିଛନ୍ତି। ଏଠାରେ ପିଲାମାନେ ଷଷ୍ଠରୁ ସ୍ନାତକ ଯାଏ ପଢୁଛନ୍ତି। ସାରା ଦେଶରୁ ଆସି ଏଠାରେ ପଢୁଥିବା ୧୦୦ ଦିବ୍ୟାଙ୍ଗ ପିଲାଙ୍କ ଖର୍ଚ୍ଚ ନିଜେ ଶ୍ରୀଧର ବହନ କରୁଛନ୍ତି। ନୂଆବର୍ଷରୁ ଧନ୍ଦାମୂଳକ ଶିକ୍ଷା ଆରମ୍ଭ କରାଯିବ ବୋଲି କହିଛନ୍ତି ଶ୍ରୀଧର। ସେ ଦିବ୍ୟାଙ୍ଗ ହୋଇ ବି ପଢିବା ବେଳେ ସଂଘର୍ଷ କରିଛନ୍ତି। ବେଙ୍ଗାଲୁରୁରେ ସ୍ନାତକୋତ୍ତର ଓ ମହୀଶୂର ବଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ଲାଭ କରି ସେଠାରେ ସେ ପ୍ରାଧ୍ୟାପକ ହୋଇପାରିଥିଲେ। ସେତେବେଳେ ହ୍ୱିଲ୍ ଚେୟାର ନ ଥିଲା। ମାଟିରେ ହାତ ଭରା ଦେଇ ସେ ଚାଲୁଥିଲେ। ସ୍କୁଲରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ଯାଏ ତାଙ୍କୁ ଏମିତି ପଢିବାକୁ ହୋଇଛି। ପ୍ରତିଦିନ ସେ ୪୦ ଜଣ ଲୋକଙ୍କ ସହ କଥା ହୋଇ ସେ ୪ ଲକ୍ଷ ପ୍ରସ୍ତାବ ସଂଗ୍ରହ କରିପାରିଥିଲେ, ଯାହା ତାଙ୍କୁ ନୂଆ ଶିକ୍ଷା ନୀତି ଡ୍ରାଫ୍ଟ କରିବାରେ ସହାୟକ ହୋଇଥିଲା।

## ଚାକିରି

ଗୋପବାବୁ ସରକାରୀ ସ୍କୁଲର ଶିକ୍ଷକ ମାସକୁ ଦରମା ଷାଠିଏ ହଜାର। ଝିଅ ନର୍ସିଂ ପଢ଼େ। ଥରେ ଝିଅକୁ ଜ୍ୱର ହେଲା। ଗୋପବାବୁ ଝିଅକୁ ଭୁବନେଶ୍ୱର ନେଇ ଗଲେ। ଏକ ଘରୋଇ ହସ୍ପିଟାଲରେ ଭଲକରି ଆଣିଲେ। ଝିଅ ପଚାରିଲା ବାପା, ଆମ ଗାଁରେ ପରା ଡାକ୍ତରଖାନା ଅଛି। ମୋତେ ଭୁବନେଶ୍ୱର କାହିଁକି ନେଲ। ବାପା କହିଲେ, ଗାଁ ଡାକ୍ତରଖାନାରେ ରୋଗ ଭଲ ହେବନି, ଡାକ୍ତର ନାହାନ୍ତି। ଝିଅର ନର୍ସିଂ ଶେଷ ହେଲା। ଗୋପବାବୁ ସରକାରୀ ହସ୍ପିଟାଲରେ ଷ୍ଟାଫ ନର୍ସ ପାଇଁ ଆବେଦନ କଲେ। ଝିଅ କହିଲା, ବାପା ଘରୋଇ ହସ୍ପିଟାଲରେ ଦରଖାସ୍ତ କରୁନ। ଡାକ୍ତର ଅଛନ୍ତି। ରୋଗ ଭଲ ହେଉଛି। ଗୋପବାବୁ ଟିକିଏ ଥମିଯାଇ କହିଲେ, କାମ ବେଶି ଦରମା କମ୍। ପେନ୍‌ସନ ନାହିଁ। ଛୁଟି ନେଲେ ଦରମା କଟିବ। ସରକାରୀ ଚାକିରିରେ ଛୁଟିରେ ବି ଦରମା ଅଛି।

**କମଳାକାନ୍ତ ପଣ୍ଡା,** ଅନ୍ନପୂର୍ଣ୍ଣା ପାଠାଗାର, ମାର୍କୋଣା

# ପାଠକ ଶ୍ରେଷ୍ଠ ବିଚାରକ

### ଇଜିପ୍ଟରୁ ଆସିବ ପିଆଜ

ମହାଶୟ,

ଏବେ ପିଆଜ ଦରବୃଦ୍ଧି ନେଇ ଚିନ୍ତା ପଡ଼ିଛି। ଓଡିଶାର ଖାଉଟିମାନେ ଆନ୍ଧ୍ରର ମାଛ, ଅଣ୍ଡା, ବଙ୍ଗଳାର ଆଳୁ ଓ ମହାରାଷ୍ଟ୍ରରୁ ଆସୁଥିବା ପିଆଜ ଉପରେ ନିର୍ଭରଶୀଳ। ଆମ ରାଜ୍ୟରେ ଉତ୍ପାଦିତ ଦ୍ରବ୍ୟସବୁ ରଖିବା ବ୍ୟବସ୍ଥା ପ୍ରାୟତଃ ନ ଥିବାରୁ ଅଭାବୀ ବିକ୍ରିରେ ଅନ୍ୟ ପ୍ରଦେଶକୁ ଯାଉଥିବା ଅନୁଭବୀ ଚାଷୀ ଜାଣନ୍ତି। ଆଳୁ ମିଶନ, ମତ୍ସ୍ୟ ନିର୍ଦ୍ଦେଶାଳୟ, ଉଦ୍ୟାନ ବିଭାଗ, କୃଷି ବିଭାଗ କେବଳ କାଗଜପତ୍ର କାର୍ଯ୍ୟ ମାଧ୍ୟମରେ ଚାଲିଛି। ଆମ ରାଜ୍ୟ ଅନ୍ୟ ପ୍ରଦେଶ ଏପରିକି ଇଜିପ୍ଟ ଉପରେ ନିର୍ଭର କରିବା କେତେଦୂର ପ୍ରାସଙ୍ଗିକ ତାହା ସରକାର ବିଚାର କରିବା ଦରକାର।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡା, ଗବକୁଣ୍ଡ, ପୁରୀ

### ୬ ମାସରେ ୬୦୪ ନାବାଳିକାଙ୍କୁ ବଳାତ୍କାର

୬ ମାସରେ ୬୦୪ ନାବାଳିକାଙ୍କୁ ବଳାତ୍କାର ହେବା ଖବର ଧରିତ୍ରୀରୁ ପଢ଼ିଲି। ତେବେ ଏହାର ସମାଧାନ କ'ଣ କୋର୍ଟ ବସାଇଦେଲେ ହୋଇଯିବ? ସମସ୍ତେ କହିବାରେ ଏବଂ ଆଲୋଚନାରେ ବ୍ୟସ୍ତ। କାହା ପାଖରେ ସମାଧାନ ବାଟ ନାହିଁ। ପ୍ରଥମେ ଗୃହ ଶିକ୍ଷା। ଦ୍ୱିତୀୟରେ ସ୍କୁଲ। ସ୍କୁଲରୁ ସହଶିକ୍ଷା ଉଠାଇ ଦିଆଯାଉ। ପୁଅପିଲା ଓ ଝିଅପିଲାଙ୍କ ସ୍କୁଲ ଅଲଗା କରାଯାଉ। ଝିଅପିଲା ସ୍କୁଲରେ ଶିକ୍ଷୟିତ୍ରୀ ପଢ଼ାଇବେ ଏବଂ ପୁଅପିଲା ସ୍କୁଲରେ ଶିକ୍ଷକ ପଢ଼ାଇବେ। ଏ ବିଷୟରେ ସମସ୍ତଙ୍କ ଧାରଣା ଥିଲେ ମଧ୍ୟ କେହି ଏହାକୁ କାର୍ଯ୍ୟକାରୀ କରିବାକୁ ପ୍ରୟାସ କରୁନାହାନ୍ତି। ପିଲାଙ୍କ ସଂଖ୍ୟା ଅନୁସାରେ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ଦିଆଯାଉ, ପରେ ଆଇନ କରାଯାଉ। ତା' ହେଲେ ସମାଧାନର ବାଟ ଫିଟିବ। ଅଯଥାରେ ବିଧାନସଭାରେ ହୋହଲ୍ଲା କରିବାର ମୂଲ୍ୟ କିଛି ନାହିଁ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡମା, ଜଗତ୍‌ସିଂହପୁର

### ତଦନ୍ତର ଅଗ୍ରଗତି

କିଛି ରାଜନେତାଙ୍କ ସମ୍ପତ୍ତି ୫ ବର୍ଷରେ ୫୦୦ ପ୍ରତିଶତ ବୃଦ୍ଧି ପାଇଥିବାରୁ ଏହା ଉପରେ ତଦନ୍ତ କରାଯାଉ ନ ଥିବାରୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଗତ ଫେବୃୟାରୀରେ କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ କୋର୍ଟଙ୍କୁ ଜଣାଇଥିଲେ ଯେ, ୭ ଜଣ ଲୋକ ସଭା ସଦସ୍ୟ ଓ ୯୮ ଜଣ ବିଧାୟକଙ୍କ ସମ୍ପତ୍ତି ବୃଦ୍ଧିକୁ ନେଇ ତଦନ୍ତ କରାଯାଇଥିଲା। ସେଥିରୁ ସେମାନଙ୍କ ସମ୍ପତ୍ତି ବୃଦ୍ଧିର ପ୍ରମାଣ ମିଳିଥିଲା। ତା' ଛଡା ଅନ୍ୟ ୯ ଜଣ ଲୋକ ସଭା ସଦସ୍ୟ, ୧୧ ଜଣ ରାଜ୍ୟ ସଭା ସଦସ୍ୟ ଓ ୪୨ ଜଣ ବିଧାୟକଙ୍କ ସମ୍ପତ୍ତି ବୃଦ୍ଧି ଉପରେ ତଦନ୍ତ କରାଯାଉଛି। ଏହି ତଦନ୍ତର ଫଳାଫଳ କ'ଣ ହେଲା ତାହା ଏପର୍ଯ୍ୟନ୍ତ ଜଣା ପଡିନାହିଁ। ତଦନ୍ତର ଅଗ୍ରଗତି ସମ୍ପର୍କରେ ଦେଶବାସୀ ଜାଣିବା ଦରକାର। ଏହା ନ ହେଲେ ସରକାର ଦୁର୍ନୀତିକୁ ପ୍ରୋତ୍ସାହନ ଦେଉଛନ୍ତି ବୋଲି ସାଧାରଣରେ ଧାରଣା ସୃଷ୍ଟି ହେବ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୩୧ ଡିସେମ୍ବର, ୨୦୧୯



ମିତ୍ରଦ୍ରୋହୀ, କୃତଘ୍ନ ଓ ବିଶ୍ୱାସଘାତ - ଏମାନେ
ଚନ୍ଦ୍ର-ସୂର୍ଯ୍ୟ ଥିବାଯାଏ ନରକ ଭୋଗ କରନ୍ତି।
-ମହାକବି କାଳିଦାସ



## ସଂକ୍ଷେପରେ



### ଘର ଭାଙ୍ଗିଲା, ଫସଲ ଉଜାଡ଼ିଲା ଦନ୍ତା

**ରିଆମାଳ, ୩୦।୧୨(ଡି.ଏନ.ଏ.):** ରିଆମାଳ ବ୍ଲକ ପଳସମା ବନାଞ୍ଚଳ ଅନ୍ତର୍ଗତ ଗୁଇଡା ଓ ବାଘବର ଗ୍ରାମରେ ରବିବାର ରାତ୍ରିରେ ଏକ ଦନ୍ତାହାତୀ ଦୁଇଜଣଙ୍କ ଘର ଭାଙ୍ଗିବା ସହ ପରିବା ଚାଷ ଉଜାଡିଛି। ଗୁଇଡାର ସନ୍ତୋଷ ସାହୁ ପରିବାର ସହ ଶୋଇଥିବାବେଳେ ଦନ୍ତା ଆସି ଘରକୁ ଭାଙ୍ଗିଥିଲା। ଏହା ଦେଖି ପରିବାର ଲୋକେ ଜୀବନ ବଞ୍ଚାଇ ଗାଁ ଭିତରକୁ ଦୌଡି ପଳାଇଥିଲେ। ତାଙ୍କ ବାଡିରେ ଥିବା କଦଳୀ ଓ ପନିପରିବା ଚାଷକୁ ମଧ ହାତୀ ଦଳିଚକଟି ଦେଇଛି। ସେହପରି ବାଘବର ଗ୍ରାମର ଟିକେଶ୍ୱର ସାହୁଙ୍କ ଘରକୁ ଉକ୍ତ ହାତୀ ଭାଙ୍ଗି ପକାଇଛି। ଆଜକୁ ଦୁଇମାସ ହେବ ପଳସମା, ରେଙ୍ଗାଲବେଡା ଓ କୁଣ୍ଡେଇଗୋଳା ବନାଞ୍ଚଳ ଅନ୍ତର୍ଗତ ଗ୍ରାମରେ ହାତୀପଲ ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ବନବିଭାଗ ସନ୍ତୋଷ ଓ ଟିକେଶ୍ୱରଙ୍କୁ ଅବିଳମ୍ବେ କ୍ଷତିପୂରଣ ଦେବାକୁ ଦାବି ହେଉଛି।

# ଓପିଜିସି ପାଉଁଶ ପୋଖରୀ ନିର୍ମାଣକୁ ବିରୋଧ

**ଲଖନପୁର,୩୦।୧୨(ଡି.ଏନ.ଏ.)**

ଓଡିଶା ବିଦ୍ୟୁତ ଉତ୍ପାଦନ ନିଗମ (ଓପିଜିସି)ର ପାଉଁଶ ପୋଖରୀ ନିର୍ମାଣକୁ ସଂସରାଟିକ୍ରା ଗ୍ରାମବାସୀ ପ୍ରଥମରୁ ବିରୋଧ କରିବା ସତ୍ତ୍ୱେ କମ୍ପାନୀ କର୍ତ୍ତୃପକ୍ଷ ବଳପୂର୍ବକ ପୋଖରୀ ନିର୍ମାଣ କାମ ଚଳାଇଥିଲେ। ଫଳରେ ଗ୍ରାମର ମା’ ଅମ୍ବିକା ମହିଳା ଏସ୍ଏଚ୍‌ଜି ଗ୍ରୁପ୍ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ର ଦ୍ୱାରସ୍ଥ ହୋଇଛନ୍ତି । ଏ ନେଇ ଏନ୍‌ଜିଟି ଖଣ୍ଡପୀଠ ଜିଲାପାଳ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଏହାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏନ୍‌ଜିଟି ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ମିଳିତ ଭାବେ କ୍ଷେତ୍ର ପରିଦର୍ଶନ କରିଛନ୍ତି । ଏଭଳି ସ୍ଥିତିରେ ଜିଲାପାଳ ସରୋଜ କୁମାର ସାମଲ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଗ୍ରାମବାସୀଙ୍କ ମୁଖ୍ୟ ଦାବି ଯେ, ନିର୍ମାଣାଧୀନ ପାଉଁଶ ପୋଖରୀ ନିକଟରୁ ଗ୍ରାମକୁ ବିସ୍ଥାପିତ କରାଯାଇ ଅନ୍ୟତ୍ର ଥଇଥାନ କରାଯାଉ। ଏ ନେଇ ଜିଲାପାଳ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଗ୍ରାମବାସୀଙ୍କୁ କହିଥିଲେ। ଗ୍ରାମବାସୀ ସରକାରଙ୍କ ନିଷ୍ପତ୍ତିକୁ ଅପେକ୍ଷା କରିଥିବା ବେଳେ ସୋମବାର କମ୍ପାନୀ କର୍ତ୍ତୃପକ୍ଷ ପୋଲିସ ଉପସ୍ଥିତିରେ ବଳପୂର୍ବକ ପୋଖରୀ ନିର୍ମାଣ କାମ ଆରମ୍ଭ କରିଥିଲେ । ଖବର ପାଇଁ ଗ୍ରାମର ଶତାଧିକ ମହିଳା ଓ ପୁରୁଷମାନେ ବିରୋଧ କରିଥିଲେ। ପୋଲିସ ଗ୍ରାମବାସୀଙ୍କୁ ଗିରଫ କରି ପୋଲିସ୍ ଭ୍ୟାନ୍‌ରେ ବନ୍ଧବାହାଲସ୍ଥିତ ଏମ୍‌ସିଏଲ୍ ଇନ୍ଦ୍ରଧନୁ କ୍ଲବ୍‌କୁ ଆଣିଥିଲେ। ସେଠାରୁ ପୋଲିସ ଗିରଫ ଗ୍ରାମବାସୀଙ୍କୁ ବେଲ୍‌ବଣ୍ଡରେ ଛାଡିବା ପାଇଁ କହିଥିଲା। ଏହାକୁ ଗ୍ରାମବାସୀ ଗ୍ରହଣ ନ କରି ସମସ୍ତଙ୍କୁ ଜେଲ୍ ପଠାଇବା ପାଇଁ ଅଡିବସିଥିଲେ। ଫଳରେ ଜିଲା ପ୍ରଶାସନ ଓ ପୋଲିସ୍ ପ୍ରଶାସନ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଥିଲା। ଖବର ପାଇ ଉପଜିଲାପାଳ ଶିବ ଟପ୍ପୋ, ତହସିଲଦାର ଜ୍ୟୋସ୍ନାରାଣି ସାହୁ, ଅତିରିକ୍ତ ଏସ୍‌ପି ଏନ୍‌ସି ଦଣ୍ଡସେନା, ଏସ୍‌ଡିପିଓ ଦିଲୀପ ଦାସ, ଆଇଆଇସି ପ୍ରଶାନ୍ତ ମେହେର ପ୍ରମୁଖ ପହଞ୍ଚି ଗିରଫ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ । ଏଥିରେ କୌଣସି ସୁଫଳ ମିଳି ନ ଥିଲା। ଏ ନେଇ ଇନ୍ଦ୍ରଧନୁ କ୍ଲବ୍‌ରେ ଏକ ଆଲୋଚନା ହୋଇଥିଲା । ଜିଲା ପରିଷଦ ସଦସ୍ୟ ସାମଲ ନାଏକ, ଲଖନପୁର କୋଇଲାଖଣି ବିସ୍ଥାପିତ ସଂଗ୍ରାମ ସମିତି ସଭାପତି ବିରଞ୍ଚି ସାହୁ, ସୁବ୍ରତ ପ୍ରଧାନ, ଲିଙ୍ଗରାଜ ବଢେଇ, ତିଲିଆ ସରପଞ୍ଚ ଠଣସୁନ୍ଦର ସାହୁ, ବିଶ୍ୱଜିତ ଷଡଙ୍ଗି, ହେମନ୍ତ ପଟେଲ, ଆଲୋକ ସାହୁ, ଗୌତମ ସେଠ୍, ଅର୍ଜୁନ ସେଠ୍, ଅନିଲ ସେଠ୍ ପ୍ରମୁଖ ଉପସ୍ଥିତି ଥିଲେ। ଗ୍ରାମର ବିକାଶ ପାଇଁ ପାନୀୟ ଜଳ, ଶିକ୍ଷା, ରାସ୍ତାଘାଟ, ବିଦ୍ୟୁତ୍ ସଂଯୋଗ ଓ ସ୍କୁଲ୍ ବସ୍ ଆଦି କମ୍ପାନୀ ନିକଟରେ ଦାବି କରିଥିଲେ । ଏ ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏହିସବୁ ଦାବି ମଙ୍ଗଳବାରରୁ ଆରମ୍ଭ କରାଯିବ ବୋଲି ଜିଲା ପ୍ରଶାସନ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ପାଇବା ପରେ ଗ୍ରାମବାସୀ ବେଲ୍‌ବଣ୍ଡରେ ଦସ୍ତଖତ କରିଥିଲେ। ପରେ ରାତି ସାଢେ ୭ଟାରେ ଗିରଫ ଗ୍ରାମବାସୀଙ୍କୁ ପୋଲିସ୍ ଛାଡିଥିଲା। ଗିରଫ ଗ୍ରାମବାସୀଙ୍କ ମଧ୍ୟରେ ମହିଳା, ପୁରୁଷ ଓ ଛୋଟ ଶିଶୁ ଆଦି ୩୦ ଜଣ ରହିଥିଲେ। ଇନ୍ଦ୍ରଧନୁ କ୍ଲବ୍‌ରେ ଗ୍ରାମର ମହିଳାମାନେ ଛୋଟ ଶିଶୁଙ୍କୁ କୋଳରେ ଧରି ଶୀତ କାକରରେ ଦିନ ବିତାଇଥିଲେ। ଗ୍ରାମବାସୀ କହିଛନ୍ତି ଯେ, ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାରୀସ୍ତରରେ ନିୟମ କରାଯାଇଛି। ଏହି ନିୟମକୁ ସରକାର ନିଜେ ଉଲ୍ଲଂଘନ କରୁଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଜିଲା ପ୍ରଶାସନ କମ୍ପାନୀକୁ ଧରି ବଳପୂର୍ବକ ନିର୍ମାଣ କାମ ଚଳାଇଛି। ଫଳରେ ଏଠାରେ ଆଇନ୍ ଉଲ୍ଲଂଘନ କରି ଗଣତନ୍ତ୍ରକୁ ହତ୍ୟା କରାଯାଉଛି ବୋଲି ଅସନ୍ତୋଷ ଗ୍ରାମବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି ।



ସଂସରାଟିକ୍ରା ଗ୍ରାମବାସୀଙ୍କୁ ଗିରଫ ପରେ ପୋଲିସ ବନ୍ଧବାହାଲ ଇନ୍ଦ୍ରଧନୁ କ୍ଲବ୍‌ରେ ରଖିଛି।

- ଗିରଫ ୩୦ ଗ୍ରାମବାସୀଙ୍କୁ ବେଲ୍‌ବଣ୍ଡ୍‌ରେ ଛାଡିଲା ପୋଲିସ
- ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ
- ଛୁଆପିଲା ଧରି ଶୀତକାକାରରେ ଦିନ କାଟିଲେ ଗ୍ରାମବାସୀ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଇକି ଚିକଣ ଗୋରୀ**
**ଚମ୍ପା ଫୁଲଠଉଁ ବଳି ସୁନ୍ଦରୀ**
**ଦେଖି ପେଟଯାଏ ପୂରି ।**

ଚମ୍ପା ଫୁଲର ରଙ୍ଗ ଯେମିତି ହଳଦିଆ ଦେଖିବାକୁ ସେମିତି ସୁନ୍ଦର। ସାଧାରଣତଃ ସୌନ୍ଦର୍ଯ୍ୟ ପ୍ରତି ସଭିଙ୍କ ମନରେ ଦୁର୍ବଳତା ଭାବ ରହିଥାଏ। ସୁନ୍ଦରତା ଆଡ଼କୁ ସଭିଙ୍କ ମନ ଅଟୀରେ ଟାଣି ହୋଇଯାଇଥାଏ। ଗୌରବର୍ଣ୍ଣା ଯୁବତୀଙ୍କୁ ଦେଖି ଆଖି ଲାଖି ରହିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚୋରି କରେ ଦୁନିଆ**
**ଧରା ପଡ଼ିଲେ ଚୋର ।**

ସମୟ ସୁବିଧା ସୁଯୋଗ ପାଇଲେ ଅନେକେ ଚୋରି ଭଳି ଘୃଣ୍ୟ କାମ କରିବାକୁ ପଛାଇ ନ ଥାନ୍ତି। କେମିତି ଅନାୟାସରେ ଫାଇଦା ମିଳିଯିବ ସେଇ ଚକ୍କରରେ ରହିଥାନ୍ତି। ଆତ୍ମସାତ୍ କରି ମଧ ଅନ୍ୟଆଗରେ ନିଜକୁ ସାଧୁ ସଚ୍ଚୋଟ ବୋଲାଇବାରେ ତିଳେମାତ୍ର ସଙ୍କୋଚ କରି ନ ଥାନ୍ତି। ତେବେ ଯିଏ ଧରାପଡ଼ିଯାଏ କେବଳ ସେ ହିଁ ଚୋର ଆଖ୍ୟା ପାଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ଦେବଗଡ,୩୦।୧୨(ଡି.ଏନ.ଏ)**

ଦେବଗଡ ଜିଲା ରିଆମାଳ ବ୍ଲକ ଖିଲେଇ ପଞ୍ଚାୟତରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜିଲାପାଳ ସୁଧାଂଶୁ ମୋହନ ସାମଲ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମକାନ୍ତ ଏକ୍କା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରବିନାରାୟଣ ସି, ଉପଜିଲାପାଳ ବ୍ରଜବନ୍ଧୁ ଭୋଇଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ଶିବିରରେ ଜିଲାପାଳ ସାମଲ ଉପସ୍ଥାପିତ ୧୩୭ଟି ଦରଖାସ୍ତର ଶୁଣାଣି କରି ଏହା ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଗ୍ରହଣ କରାଯାଇଥିବା ୧୩୭ଟି ଦରଖାସ୍ତ ମଧ୍ୟରୁ ୧୧୦ଟି ବ୍ୟକ୍ତିଗତ ଓ ୨୭ଟି ସାମୂହିକ ସମସ୍ୟା ଉପରେ ଥିଲା । ୯୯ଟି ଦରଖାସ୍ତର ତତ୍‌କ୍ଷଣାତ୍ ଶୁଣାଣି କରି ସମାଧାନ କରାଯାଇଥିଲା । ଖିଲେଇ ନିବାସୀ ପ୍ରଶାନ୍ତ କୁମାର ଦେହୁରୀ, ଅଶ୍ୱିନୀ କୁମାର ଗଡନାୟକ ଏବଂ ସେଣ୍ଡା ଗ୍ରାମର ବଳିଆ ଖିଲାରଙ୍କୁ ୧୦ହଜାର ଟଙ୍କା ଲେଖାଏ ଜିଲାପାଳ ସାମଲ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ରାଶି ମଞ୍ଜୁର କରିଥିଲେ। ଶିବିରରେ ଯୋଗଦେଇଥିବା ଜନସାଧାରଣ ମୁଖ୍ୟତଃ ମୁଖ୍ୟମନ୍ତ୍ରୀ ଆବାସ, ଘରଡିହ, ପାନୀୟଜଳ ଯୋଗାଣ, ଆର୍ଥିକ ସହାୟତା, ରାସ୍ତା ନିର୍ମାଣ, ବିଦ୍ୟୁତ ଯୋଗାଣ, ବିଧବାଭତା, ହାତୀ ଉପଦ୍ରବ, ଜମି ଚିହ୍ନଟ, ରଂଜଣା ଓ ଲକ୍ଷ୍ମୀପୁରରେ ନୂତନ ସ୍କୁଲ ଗୃହ ନିର୍ମାଣ ଆଦି ବିଷୟ ଉପରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।



ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀମାନେ।

# ନେହେରୁ ଯୁବକେନ୍ଦ୍ରର ଜିଲାସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ

**ଦେବଗଡ଼,୩୦।୧୨(ଡି.ଏନ୍.ଏ.)**

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧିନ ନେହେରୁ ଯୁବ କେନ୍ଦ୍ର ଦେବଗଡ଼ ଓ ଶ୍ରୀଗଣେଶ କ୍ଲବର ମିଳିତ ସହଯୋଗରେ ଗୁଣ୍ଡୁରିପୋଷି ଗ୍ରାମରେ ଜିଲା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ଭୁବନେଶ୍ୱର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ସୁଗୁଡ଼ା ଗ୍ରାମ ପଞ୍ଚାୟତ ସରପଞ୍ଚ ଦେବକୀ ଅଡ଼ା, ଅପୂର୍ବ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଦାଶରଥି ପ୍ରଧାନ, ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପରମା ନନ୍ଦ ବସନ୍ତରା, ନେହେରୁ ଯୁବ କେନ୍ଦ୍ରର ସଂଯୋଜକ ପ୍ରଦୀପ କୁମାର ବିଶ୍ୱାଳ ଯୋଗ ଦେଇଥିଲେ । ଉକ୍ତ ଜିଲା ସାଂସ୍କୃତିକ କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳରେ ଲୋକକଳାର ପୁନରୁଦ୍ଧାର ଓ ଲୋକମାନଙ୍କ ମନୋରଞ୍ଜନ ନିମନ୍ତେ କେନ୍ଦ୍ର ସରକାରଙ୍କର ଏହା ଏକ ପ୍ରୟାସ । ଏଥିରେ ଦଣ୍ଡନୃତ୍ୟ, ଲଉଡ଼ି ଖେଳ, ସଂକୀର୍ତ୍ତନ, କୃଷ୍ଣଗୁରୁ, ସଙ୍ଗୀତ, ଓଡ଼ିଶୀ, ଲୋକନୃତ୍ୟ ଆଦି ପରିବେଷଣ କରାଯାଇଥିଲା । ଶେଷରେ କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଶେଷରେ କ୍ଲବର ସମ୍ପାଦକ ଧରଣୀଧର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।




ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ବେଲପାହାଡ଼ କ୍ରିକେଟ ଲିଗ୍-୨୦୧୯

# ଦ୍ୱିତୀୟ ଦିନରେ ଲିଓ ୟୁଥ, ଟାଇଗର କ୍ଲବ ବିଜୟୀ

**ବେଲପାହାଡ଼,୩୦।୧୨(ଡି.ଏନ.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଟିଆର୍‌ଏଲ ଷ୍ଟାଡ଼ିୟମରେ ଚାଲିଥିବା କ୍ରିକେଟ ଲିଗ ଟୁର୍ନାମେଣ୍ଟର ଦ୍ୱିତୀୟ ସୋମବାର ପାର୍କ ଏକାଦଶ ଓ ଲିଓ ୟୁଥ ଆସୋସିଏଶନ ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ପାର୍କ ଏକାଦଶ ପ୍ରଥମେ ବ୍ୟାଟିଂ କରି ୧୦ ଉଇକେଟ ହରାଇ ମାତ୍ର ୨୮ ରନ୍ ସଂଗ୍ରହ କରିଥିଲା । ଏହାର ଜବାବରେ ଲିଓ ୟୁଥ ଆସୋସିଏଶନ ବିନା କୌଣସି ଉଇକେଟ ହରାଇ ୨୯ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଟାଇଗର କ୍ଲବ ଓ ରାଇଜିଂସନ ମଧ୍ୟରେ ହୋଇଥିଲା। ରାଇଜିଂସନ ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ ପାଇଁ ନିଷ୍ପତି ନେଇଥିଲା । ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୭୫ ରନ୍ ସଂଗ୍ରହ କରିଥିଲା। ଟାଇଗର କ୍ଲବ ବିନା ଉଇକେଟ ହରାଇ ୭୬ ରନ୍ ସଂଗ୍ରହ କରି ମ୍ୟାଚ୍‌ରେ ବିଜୟୀ ହୋଇଥିଲା । ଟାଇଗର କ୍ଲବର ବ୍ୟାଟ୍ସମ୍ୟାନ ପ୍ରଦୀପ ସାହୁ ରନ୍‌ଆଉଟ ରହି ୪୫ ରନ ଓ ବଲୁ ପଟେଲ ୩୧ ରନ୍ ସଂଗ୍ରହ କରିଥିଲେ। ପ୍ରଥମ ମ୍ୟାଚରେ ୪ ଉଇକେଟ ନେଇଥିବା ଲିଓ ୟୁଥ ଆସୋସିଏଶନର ବୋଲର୍ କମଲେଶ ଶର୍ମାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଛି। ଦ୍ୱିତୀୟ ମ୍ୟାଚ୍‌ରେ ସର୍ବାଧିକ ୪୫ ରନ ସଂଗ୍ରହ କରିଥିବା ଟାଇଗର କ୍ଲବର ବ୍ୟାଟ୍ସମ୍ୟାନ ପ୍ରଦୀପ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଛି। ଅମ୍ପୟାର ଶିବରାମ ମହାରଣା ଓ ବିଭୁତି ପାତ୍ର ପ୍ରଥମ ମ୍ୟାଚ୍ ଏବଂ ନରେନ୍ଦ୍ର ରାଉତ ଓ ମନୋଜ ମହାନ୍ତି ଦ୍ୱିତୀୟ ମ୍ୟାଚ୍ ପରିଚାଳନା କରିଥିଲେ।




ବେଲପାହାଡ଼ କ୍ରିକେଟ ଲିଗ ଦ୍ୱିତୀୟ ଦିନ ପ୍ରଥମ ମ୍ୟାଚ୍ ଖେଳିଥିବା ଲିଓ ୟୁଥ ଆସୋସିଏଶନ ଓ ପାର୍କ ଏକାଦଶ ଦଳର ଖେଳାଳି ।

ଜିଲା ପରିକ୍ରମା ସାରିଲା କ୍ଷମତା ଏକ୍ସପ୍ରେସ

# ୧୨୨୧ ନାମ ପଞ୍ଜୀକରଣ କଲେ

**ଦେବଗଡ,୩୦।୧୨(ଡି.ଏନ.ଏ)**

ଦେବଗଡ ଜିଲାରେ କ୍ଷମତା ଏକ୍ସପ୍ରେସ ତାର ପରିକ୍ରମା କାର୍ଯ୍ୟକ୍ରମ ଶେଷ କରିଛି। ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓଡିଶା ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଗତ ୧୯ ତାରିଖରୁ ପରିକ୍ରମା ଆରମ୍ଭ କରିଥିବା କ୍ଷମତା ଏକ୍ସପ୍ରେସ ୨୮ରେ କାର୍ଯ୍ୟ ସାରିଛି। ଏହି ସମୟରେ ଜିଲାର ୧୦ଟି ପଞ୍ଚାୟତରେ ଶିବିର ଆୟୋଜନ କରାଯାଇଥିଲା । ଏହି ଶିବିରଗୁଡିକରେ ୫୬୩ଜଣ ଭିନ୍ନକ୍ଷମ, ୫୦ଜଣ ବିଧବା, ୨ଜଣ ବାସହରା, ୩୬୧ ବରିଷ୍ଠ ନାଗରିକ, ୨ଜଣ ଅନାଥ, ୫ଜଣ କିନ୍ନର, ବିବାହ ପରେ ବିଚ୍ଛେଦ ହୋଇଥିବା ୩ ମହିଳା, ୩୦ବର୍ଷରୁ ଊର୍ଦ୍ଧ୍ୱ ୨୧ଜଣ ଅବିବାହିତ ମହିଳା ଏବଂ ଅନ୍ୟାନ୍ୟ ଶ୍ରେଣୀର ୨୧୪ଜଣଙ୍କ ସମେତ ସର୍ବମୋଟ ୧୨୨୧ଜଣ ନାମ ପଞ୍ଜୀକରଣ କରିଥିଲେ। ସୂଚନାଯୋଗ୍ୟ ଯେ, ଭିନ୍ନକ୍ଷମ, ବରିଷ୍ଠ ନାଗରିକ, ନିଶାଗ୍ରସ୍ତ ବ୍ୟକ୍ତି, କିନ୍ନର, ଭିକ୍ଷୁକ ଏବଂ ସମାଜର ଅନ୍ୟ ଅବହେଳିତ ଶ୍ରେଣୀର ଲୋକଙ୍କୁ ବହୁବିଧ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଏହି କ୍ଷମତା ଏକ୍ସପ୍ରେସ ଜିଲା ପରିକ୍ରମା କରିଥିଲା। ଏହି ସମୟରେ ଚକ୍ଷୁ ଲୋ-ଭିଜନ, ଅଡିଓଲୋଜି, ସ୍ପିଚ୍ ଥେରାପି, ଏଡ୍ ଏବଂ ଏପ୍ଲିକେସନ ଆସେସ୍‌ମେଣ୍ଟ, ଆଣ୍ଡ ମ୍ୟାନେଜମେଣ୍ଟ, ଫିଜିଓଥେରାପି ସର୍ଭିସ୍ ଏବଂ କାଉନସିଲିଂ, ୟୁଡିଆଇଡି ରେଜିଷ୍ଟ୍ରେସନ, ଭୋକେଶନାଲ ଆସେସ୍‌ମେଣ୍ଟ ଆଦି ସମ୍ପନ୍ନ କରାଯାଇ ସମସ୍ୟା ସମାଧାନ ନିମନ୍ତେ ସୁପାରିଶ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସେଣ୍ଟର ଫର ରିହାବିଲିଟେସନ ସର୍ଭିସେସ୍ ଆଣ୍ଡ ରିସର୍ଚ୍ଚ (ସିଆରଏସଆର)ର ମୁଖ୍ୟ ସମ୍ପାଦକ ଡ. ଭଗବାନ ପରିଡାଙ୍କ ନେତୃତ୍ୱରେ ପ୍ରକଳ୍ପ ସଂଯୋଜକ ସେକ୍ ଏସ୍ ଅଲି, ଡ. ଦେବରାଜ ପାଣିଗ୍ରାହୀ, ଚକ୍ଷୁ ବିଶେଷଜ୍ଞ ଡ. ଶଙ୍କର୍ଷଣ ସ୍ୱାଇଁ, ସ୍ପିଚ୍ ଅଡିଓଲୋଜିଷ୍ଟ କମଳାକାନ୍ତ ବାରିକ୍, ଫିଜିଓଥେରାପିଷ୍ଟ ଅବିନାଶ ସାହୁ ପ୍ରମୁଖଙ୍କୁ ଚାନ୍ଦିନୀ ବେଗମ, ସୁମନ ମଞ୍ଜୁରୀ ଧଳ, ସୁଚିସ୍ମିତା ବାରିକ, ରାଜେନ୍ଦ୍ର ଜେନା, ଅମିତା ପାତ୍ର ପ୍ରମୁଖ ସହଯୋଗ କରିଥିଲେ । ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧୀର କୁମାର ନଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିର ଆୟୋଜନରେ ଜିଲା, ବ୍ଲକସ୍ତରୀୟ ସାମାଜିକ ସୁରକ୍ଷା ବିଭାଗ କର୍ମଚାରୀମାନେ ସହଯୋଗ କରିଥିଲେ।

CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଉଜ୍ଜୀବନ ଫାଇନାନ୍ସ କମ୍ପାନୀ
ଭାରତର ନଂ.1 କମ୍ପାନୀ
ଋଣ 1% ସୁଧ 50% ଛାଡ଼
ମୁଦ୍ରା ଋଣ / ପ୍ରପର୍ଟି ଋଣ / ମାର୍କଶିଟ୍ ଋଣ / ଆଧାରକାର୍ଡ ଋଣ / ପର୍ସନାଲ ଋଣ / ବ୍ୟବସାୟ ଋଣ / ଆଦି ସବୁ ଋଣ
ସବୁ ଋଣ 24 ଘଣ୍ଟାରେ ପାଆନ୍ତୁ
ଚାଷୀ, ମହିଳାଙ୍କ ପାଇଁ ବିଶେଷ ଅଫର୍
089303-80336
090537-13407

FINANCE
ସରକାରୀ ଯୋଜନା ଦ୍ୱାରା
All Odisha ଋଣ ନିଜର
ମାର୍କସିଟ, ଆଧାରକାର୍ଡ, କୃଷି ଋଣ
ମାତ୍ର ୦% ସୁଧ ୫୦% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Aastha - 9685015052
Rupali - 8963951185
Manisha - 9753016278
Mona - 7509774004
Janvi - 7566888563
Priyanka - 7649016745
Vasundhara Mall, West Boring Canal Rd, Rajapur, Patna, Bihar 800001

BUSINESS

ASTROLOGY

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ଋଣ ଧମାକା
ଋଣ ପାଆନ୍ତୁ ଆଧାରକାର୍ଡରୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ,
ବ୍ୟବସାୟ, କୁକୁଡ଼ା ପାଳନ,
ପଶୁ ପାଳନ, ସମୂହ ଋଣ ।
ଫୋନ୍ କରନ୍ତୁ
9162071458
8863936059
New Ashok Nagar, East Delhi, Delhi

ମହେଶ୍ୱରୀ ଫାଇନାନ୍ସ
LOAN IN 7 DAYS
ମହିଳା/ପୁରୁଷ, ଦୋକାନୀ
ବ୍ୟବସାୟୀ, ମାର୍କଶିଟ୍, ପ୍ରପର୍ଟି,
କମ୍ ସୁଧ ହାରରେ
(2,00,000-10,00,000)
ଲକ୍ଷ ଋଣ ଉପଲବ୍ଧ।
Contact
9716825082

Hindustan Tower ଗ୍ରୁପ୍
(ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦,୦୦,୦୦୦, ଭଡ଼ା ୬୦,୦୦୦ + କୋର୍ଟ ଏଗ୍ରୀମେଣ୍ଟ।
Helpline No.
7838639856
8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

ଭଟକିବାରୁ ବଞ୍ଚନ୍ତୁ
କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା,
ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡ଼ା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now
9453480851

**ପାଠକଙ୍କ ପାଇଁ ସୂଚନା:**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



କୌଣସି ଧାର୍ମିକ ଭାବନାକୁ ଆଘାତ କଲା ଭଳି ମୁଁ କିଛି କହିନି। କଥାକୁ ଅତିରଞ୍ଜିତ କରାଯାଉଛି। ଯଦି କାହାକୁ ଏହା ଆଘାତ ଦେଇଛି, ତେବେ ମୋତେ କ୍ଷମା କରିଦେବେ।

- ରବୀନା ଟଣ୍ଡନ, ବଲିଉଡ୍ ଅଭିନେତ୍ରୀ



# ପିଲାଙ୍କ ସ୍ମୃତିଶକ୍ତି ବଢ଼ାଏ କାର୍ଟୁନ୍ ବହି

**ୱାଶିଂଟନ:** ଛୋଟପିଲାଙ୍କ ମନ ସବୁବେଳେ ଚଳଚଞ୍ଚଳ। ତେବେ ସେମାନଙ୍କ ସ୍ମୃତିଶକ୍ତିକୁ ପ୍ରଖର କରିବା ପାଇଁ କାର୍ଟୁନ୍ ବହିର ଗପ ଅବା ଗୀତ ବେଶ୍ ଉପଯୋଗୀ ହୋଇଥାଏ। ଏନେଇ ଆମେରିକା ଡାଇଟ୍ରିକ୍ କଲେଜ ଅଫ୍ ହ୍ୟୁମାନଟିଜ୍ ଆଣ୍ଡ୍ ସାଇନ୍ସ ପକ୍ଷରୁ କରାଯାଇଥିବା ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି। କାର୍ଟୁନ୍ ଚରିତ୍ର ଛୋଟପିଲାଙ୍କ କୋମଳ ମନରେ ଶୀଘ୍ର ବସା ବାନ୍ଧିଥାଏ। ଏଥିରେ ଥିବା ନୈତିକ ଶିକ୍ଷା ପରବର୍ତ୍ତୀ ସମୟରେ ଛୋଟ ପିଲାଙ୍କୁ ସତ୍‌ବାଟରେ ପରିଚାଳିତ କରିବାକୁ ସକ୍ଷମ କରାଇଥାଏ। ଅଧ୍ୟୟନରେ ଦେଖିବାକୁ ମିଳିଥିଲା କାର୍ଟୁନ୍ ବହିରୁ ଗପ ଶୁଣୁଥିବା ପିଲାଙ୍କ ସ୍ମୃତିଶକ୍ତି ଧୀରେଧୀରେ ବୃଦ୍ଧି ପାଉଥିବା ବେଳେ କାର୍ଟୁନ୍ ବହିରୁ ଗପ ଶୁଣୁ ନ ଥିବା ପିଲାଙ୍କ ସ୍ମୃତିଶକ୍ତି ସାଧାରଣ ରହିଥିଲା। ଅଧ୍ୟୟନ ପରେ ପିଲାଙ୍କୁ ପଚରା ଯାଇଥିବା କେତେକ ପ୍ରଶ୍ନରୁ ଏହା ଜଣାପଡ଼ିଥିଲା।

# ବରକନ୍ୟାଙ୍କୁ ଉପହାର ମିଳିଲା ୫ ହାର୍ଟ, ୩୦ କିଡ୍‌ନୀ, ୧୪୦ ଚକ୍ଷୁ




**ରାଜସ୍ଥାନ:** ବିବାହ ଉତ୍ସବରେ ବରକନ୍ୟାଙ୍କୁ ଅନେକ ଉପହାର ମିଳିଥାଏ। ଅଳଙ୍କାରଠାରୁ ଆରମ୍ଭ କରି ଘରକରଣା ସାମଗ୍ରୀ ପର୍ଯ୍ୟନ୍ତ। ମାତ୍ର ଏକ ବିବାହ ଉତ୍ସବରେ ଉପହାର ସ୍ୱରୂପ ବରକନ୍ୟାଙ୍କୁ ୫ଟି ହାର୍ଟ, ୩୦ କିଡ୍‌ନୀ ଏବଂ ୧୪୦ ଚକ୍ଷୁ ମିଳିବା ଘଟଣା ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ଏପରି ଦେଖିବାକୁ ମିଳିଛି ରାଜସ୍ଥାନର ଏକ ବିବାହ ଉତ୍ସବରେ। ବିଗତ ୮ ବର୍ଷ ଧରି ଏଠାକାର ଏକ ସଂସ୍ଥା ଚକ୍ଷୁଦାନ, ଅଙ୍ଗଦାନ ଏବଂ ହୃଦୟ ଦାନ ପାଇଁ କାର୍ଯ୍ୟ କରିଆସୁଛି। ଏହି ସଂସ୍ଥା ସହିତ ଜଡ଼ିତ ଟିଙ୍କୁ ଓଝା ନାମକ ଜଣେ ଯୁବକଙ୍କ ବିବାହ ରାଜସ୍ଥାନର ମୁଣ୍ଡିୟର ଗ୍ରାମରେ ସମ୍ପନ୍ନ ହୋଇଛି। ବିବାହ ପୂର୍ବରୁ ସମସ୍ତ ଅତିଥିଙ୍କୁ କାର୍ଡ ଯୋଗେ ନିମନ୍ତ୍ରଣ ପଠାଯାଇଥିଲା। ଆଉ ଏଥିରେ ଲେଖାଥିଲା, ଯଦି ଆପଣ ବରକନ୍ୟାଙ୍କୁ କୌଣସି ଉପହାର ଦେବାକୁ ଚାହୁଁଥାନ୍ତି ତେବେ ଚକ୍ଷୁ, କିଡ୍‌ନୀ ଏବଂ ହାର୍ଟ ଦାନ କରିବେ। କିଛି ଲୋକ ଏହି କାର୍ଡ ପାଇବା ପରେ ବିବାହ ଉତ୍ସବରେ ଯୋଗ ଦେବାକୁ ମନା କରିଦେଇଥିଲେ। ମାତ୍ର ଆଉ କିଛି ଅତିଥି ଆସିବା ପାଇଁ ରାଜି ହୋଇଥିଲେ। ଏଥିପାଇଁ ଏକ ଫର୍ମ ପୂରଣ କରିବାକୁ ସର୍ତ୍ତ ଥିଲା। ଏହି ସର୍ତ୍ତ ଅନୁଯାୟୀ ଯେଉଁମାନେ ଭୋଜିରେ ଯୋଗଦେବେ ସେମାନେ ଫର୍ମ ପୂରଣ କରି ପଠାଇଥିଲେ। ଏହା ପରେ ସାଇନ୍ ଇଣ୍ଡିଆ ଫାଉଣ୍ଡେଶନର ୫ ଜଣ ସଦସ୍ୟ ବିବାହ ଭୋଜିର ଗୋଟଏ ଦିନ ପୂର୍ବରୁ ମୁଣ୍ଡିୟର ଗାଁରେ ପହଞ୍ଚିଥିଲେ। ଏଠାକାର ପ୍ରତ୍ୟେକ ଲୋକଙ୍କ ଘରକୁ ଯାଇ ଅଙ୍ଗଦାନ, ଚକ୍ଷୁଦାନ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ଏଥିରେ ପ୍ରାୟ ୩୦ ଲୋକ କିଡ୍‌ନୀ, ୧୧୦ ଲୋକ ଚକ୍ଷୁ ଏବଂ ୫ ଜଣ ହାର୍ଟ ଦାନ କରିବାକୁ ରାଜି ହୋଇଥିଲେ। ବର ଟିଙ୍କୁ ଏବଂ କନ୍ୟା ତୃପ୍ତିଙ୍କ ବିବାହ ୨୦୦୦ରୁ ଅଧିକ ଲୋକଙ୍କ ଉପସ୍ଥିତିରେ ସମ୍ପନ୍ନ ହୋଇଥିଲା। ଏଥିରେ ବରକନ୍ୟା ମଧ୍ୟ ଅଙ୍ଗଦାନ ପାଇଁ ସଂକଳ୍ପ ପତ୍ର ପୂରଣ କରିଥିଲେ।



ଏକତା କପୁର

# ଫୁକେଟରେ ନୂଆବର୍ଷ ପାଳିବେ ଏକତା

**ମୁମ୍ବାଇ:** ନୂଆବର୍ଷକୁ ନେଇ ବଲିଉଡ୍ ସେଲିବ୍ରିଟିଙ୍କଠାରୁ ଆରମ୍ଭ କରି ଟେଲିଭିଜନ ସେଲିବ୍ରିଟିମାନେ ନୂଆ ନୂଆ ଯୋଜନା କରିଛନ୍ତି। ଅଧିକାଂଶ ବଲିଉଡ୍ ସେଲିବ୍ରିଟି ସ୍ୱିଜରଲାଣ୍ଡରେ ଛୁଟି କଟାଇବାକୁ ଯାଇଥିବା ବେଳେ ଏକତା କପୁର କିନ୍ତୁ ତାଙ୍କ ଟିମ୍ ସହ ଯାଇ ଥାଇଲାଣ୍ଡରେ ପହଞ୍ଚିଛନ୍ତି। ନିକଟରେ ସେ ତାଙ୍କ ଇନଷ୍ଟାଗ୍ରାମ୍ ପୋଷ୍ଟରେ ଫୁକେଟ ବିଚ୍ ଯିବାକୁ ପ୍ରସ୍ତୁତ ହେଉଥିବା ଦେଖାଯାଇଛି। ସମସ୍ତଙ୍କ ଚେହେରାରେ ଏକ୍ସାଇଟମେଣ୍ଟ ମଧ୍ୟ ଦେଖାଯାଇଛି। ସେଠାକାର କ୍ରିଷ୍ଟାଲ କ୍ଲିୟର ପାଣିରେ ବୋଟିଂର ମଜା ମଧ୍ୟ ଉଠାଇଛନ୍ତି, ଏହା ସହ ନାଇଟ୍ କ୍ଲବରେ ଡ୍ୟାନ୍ସ କରିବାର ଭିଡିଓ ମଧ୍ୟ ଦେଖିବାକୁ ମିଳିଛି। ଏଥର ଏକତାଙ୍କ ସହ ଅଛନ୍ତି ଅନିତା ହସନନ୍ଦାନୀ, ରୋହିତ ସେଟ୍ଟୀ, କରିଷ୍ମା ତନ୍ନା, ରିଦ୍ଧିମା ପଣ୍ଡିତ ଓ ବିକାଶ ଗୁପ୍ତା।



## ମାତ୍ର ୩ ଘଣ୍ଟା ସୂର୍ଯ୍ୟଙ୍କ ଦେଖାମିଳେ

**ମସ୍କୋ:** ରୁଷିଆର ପୂର୍ବାଞ୍ଚଳରେ ଥିବା ସାଖା ଜିଲାର ୟାକୁଟିଆ ପୃଥିବୀର ସବୁଠାରୁ ଥଣ୍ଡା ଅଞ୍ଚଳଭାବେ ପରିଚିତି ହାସଲ କରିଛି। ଏଠାକାର ତାପମାତ୍ରା ଶୀତଦିନେ ମାଇନସ୍ ୫୮ ଡିଗ୍ରୀ ସେଲସିୟସ୍ ହୋଇଥାଏ। ଏବେ ଏଠାକାର ତାପମାତ୍ରା ମାଇନସ୍ ୪୪ ଡିଗ୍ରୀ ରହିଛି। ଏଠାରେ ସୂର୍ଯ୍ୟ ଶୀତଦିନରେ ମାତ୍ର ୩ ଘଣ୍ଟା ପାଇଁ ଦୃଶ୍ୟମାନ ହୋଇଥାନ୍ତି। ଅଞ୍ଚଳରେ ପ୍ରାୟ ୩ ଲକ୍ଷ ଲୋକ ବସବାସ କରନ୍ତି। ଆର୍କଟିକ୍ ସର୍କଲଠାରୁ ୩୫୦ କିମି ଦୂର ଏହି ଅଞ୍ଚଳର ମାଟି ତଳେ ପ୍ରଚୁର ପରିମାଣର ସୁନା, ହୀରା, କୋଇଲା ଆଦି ରହିଛି। ଏଠାରେ ସ୍କୁଲ, ହସ୍ପିଟାଲ, ପୋଷ୍ଟ ଅଫିସ୍, ବ୍ୟାଙ୍କ ଆଦି ରହିଛି। ଏତେ ଥଣ୍ଡାରେ ମଧ୍ୟ ପିଲା ସବୁଦିନ ସ୍କୁଲ ଯାଆନ୍ତି। ଏଠାକୁ ବୁଲିବା ପାଇଁ ପ୍ରତିବର୍ଷ ବହୁ ପର୍ଯ୍ୟଟକ ଆସିଥାନ୍ତି। ପ୍ରବଳ ଥଣ୍ଡା ଯୋଗୁ ଗାଡ଼ିର ଇଞ୍ଜିନ୍ ଅଏଲ୍ ଜମାଟ ବାନ୍ଧିଯାଇଥାଏ। ଫଳରେ ଗିୟର ବକ୍ସ ଥଣ୍ଡାରେ ଜମି ଯାଏ। ତେଣୁ ଏଠାରେ ପ୍ରତି ୨-୩ କିଲୋମିଟର ମଧ୍ୟରେ ହିଟିଂ ଗ୍ୟାରେଜ୍ ରହିଥାଏ।

# ୟାକୁଟିଆ ବିଶ୍ୱର ସବୁଠାରୁ ଥଣ୍ଡା ଅଞ୍ଚଳ

# ରକ୍ତଚାପ ନିୟନ୍ତ୍ରଣ କରିଥାଏ ବିଟ୍



ଶୀତଦିନେ ବଜାରରେ ପ୍ରଚୁର ପରିମାଣରେ ବିଟ୍ ମିଳିଥାଏ। ଏହା ପାଟି ସୁଆଦିଆ ନ ହେଲେ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ବିଶେଷକରି ରକ୍ତଚାପ ରୋଗୀଙ୍କ ପାଇଁ ଏହା ବହୁ ଉପକାରୀ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏକ ଗବେଷଣା କରି ସୂଚାଇଛନ୍ତି। ପ୍ରାୟ ୬୮ ଲୋକଙ୍କୁ ନେଇ ଏକ ପରୀକ୍ଷା କରାଯାଇଥିଲା। ଯେଉଁମାନେ ଖାଦ୍ୟରେ ବିଟ୍ ସାମିଲ କରିଛନ୍ତି ସେମାନଙ୍କଠାରେ ରକ୍ତଚାପ ନିୟନ୍ତ୍ରିତ ହୋଇଛି। ଏହାର ଜୁସ୍ କରି ପିଇଲେ ସବୁଠୁ ଭଲ। ବିଟ୍‌ରେ ଭିଟାମିନ ବି ଓ ସି ସହିତ ଫସ୍‌ଫରସ୍, କ୍ୟାଲ୍‌ସିୟମ, ପ୍ରୋଟିନ୍ ଓ ଆଣ୍ଟିଅକ୍ସିଡାଣ୍ଟ ରହିଛି। ବିଟ୍ ଖାଇଲେ ରକ୍ତ ସଫା ହୋଇଥାଏ। ଖାଲି ଏତିକି ନୁହେଁ, ଏଥିରେ ଥିବା ଫସ୍‌ଫରସ୍ କେଶ ବୃଦ୍ଧିରେ ସାହାଯ୍ୟ କରିଥାଏ। ଏହାର ଜୁସ୍ ପିଇଲେ ଥକ୍କାପଣ ଦୂର ହୋଇଥାଏ।

# ଫୁଟ୍‌ପାଥ୍‌ରେ ଜୀବନ କାଟୁଛନ୍ତି ହକି ଖେଳାଳି

## ସହାୟତାର ହାତ ବଢ଼ାଇଲେ ରିଜିଜୁ, ଅମିତାଭ



**ନୂଆଦିଲ୍ଲୀ:** କେବେ ଭାରତୀୟ ଟିମ୍ ପାଇଁ ହକି ଖେଳୁଥିବା ଏହି ଖେଳାଳିଙ୍କ ଜୀବନ ଏବେ ବିତୁଛି ରାସ୍ତାକଡ଼ରେ। ଥଣ୍ଡା କାକରରେ ଦିଲ୍ଲୀର ଫୁଟ୍‌ପାଥରେ ଏହି ପୂର୍ବତନ ଖେଳାଳି ନିଜର ଜୀବନ କାଟୁଛନ୍ତି। ସୋସିଆଲ ମିଡିଆରେ ତାଙ୍କର କାହାଣୀ ସାମ୍ନାକୁ ଆସିବା ପରେ ଖେଳାଳିଙ୍କ ପରିଚୟ ମିଳିଛି। ପରିଚୟ ମିଳିବା ପରେ ତାଙ୍କୁ ସାହାଯ୍ୟର ହାତ ବଢ଼ାଇଛନ୍ତି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରଣ ରିଜିଜୁ ଓ ବଲିଉଡ୍ ମହାନାୟକ ଅମିତାଭ ବଚ୍ଚନ। ସୂଚନାଯୋଗ୍ୟ, ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏହି ହକି ଖେଳାଳିଙ୍କ ନାମ ହେଉଛି ଅମରଜିତ ସିଂହ। ଜୁନିୟର ହକିରେ ସେ ଭାରତ ପାଇଁ ପ୍ରତିନିଧିତ୍ୱ କରିସାରିଛନ୍ତି। ହକି ଖେଳିବା ସମୟରେ ଅମରଜିତ କିଛିବର୍ଷ ଲଣ୍ଡନ ଓ ଜର୍ମାନୀରେ ବି ରହିସାରିଛନ୍ତି। କିନ୍ତୁ ଏବେ ସେ ଦିଲ୍ଲୀର ପାହାଡଗଞ୍ଜ ଅଞ୍ଚଳର ଫୁଟ୍‌ପାଥ୍‌ରେ ରହୁଥିବା ଜଣାପଡ଼ିଛି। ଅମରଜିତଙ୍କ ବିଷୟରେ ଏନେଇ ଜଣାପଡ଼ିବା ପରେ କେନ୍ଦ୍ର କ୍ରୀଡାମନ୍ତ୍ରୀ କିରଣ ରିଜିଜୁ ତାଙ୍କୁ ସହାୟତା ପାଇଁ ଆଶ୍ୱାସନା ଦେଇଛନ୍ତି। ଏଥିସହ ସେ ଟୁଇଟ କରି କହିଛନ୍ତି, 'ବାସ୍ତବରେ ଭାରତ ପାଇଁ ଖେଳି ଏଭଳି ଜୀବନ ବିତାଉଥିବା ଖେଳାଳିଙ୍କୁ ନିଶ୍ଚୟ ସାହାଯ୍ୟ ଯୋଗାଇ ଦିଆଯିବ'। ଏନେଇ ସୋସିଆଲ ମିଡିଆ ମାଧ୍ୟମରେ ସେ ବାରମ୍ବାର ସୂଚାଇଛନ୍ତି ବୋଲି ରିଜିଜୁ କହିଛନ୍ତି। ଯଦି ଏଭଳି ଖେଳାଳିଙ୍କ ଖବର ମିଳିଯାଏ, ତେବେ ତାଙ୍କୁ ଖୁବ୍‌ଶୀଘ୍ର ସହାୟତା ଯୋଗାଇଦିଆଯିବ। ଅପରପକ୍ଷେ ଅମିତାଭ ମଧ୍ୟ ଏନେଇ ଟୁଇଟ କରି କହିଛନ୍ତି, ଯଦି ଅମରଜିତଙ୍କ ବିଷୟରେ ସବିଶେଷ ତଥ୍ୟ ମିଳିଯାଏ, ତେବେ ତାଙ୍କୁ ସାହାଯ୍ୟ କରିବା ସହଜ ହୋଇଯିବ।



# ନୂଆବର୍ଷରେ ବିବାହ କରିପାରନ୍ତି ପ୍ରଭାସ

**ମୁମ୍ବାଇ:** ବଲିଉଡ୍‌ର ବାହୁବଳୀ ତଥା ସାଉଥ୍ ଷ୍ଟାର ପ୍ରଭାସ ନିଜ ଦମଦାର ପର୍‌ଫରମାନ୍ସ ପାଇଁ ଏବେ ଲକ୍ଷେ ଦିଲ୍ କି ଧଡକନ୍ ପାଲଟି ଯାଇଛନ୍ତି। 'ଶାହୋ' ପରେ ସେ ଆଉ କୌଣସି ଫିଲ୍ମରେ ନଜର ଆସି ନ ଥିବାରୁ ଏବେ ସେ ବ୍ରେକ୍ ନେଇଛନ୍ତି ବୋଲି କୁହାଯାଉଛି। ଖୁବ୍‌ଶୀଘ୍ର ସେ ଫିଲ୍ମ 'ଜାନ୍'ରେ ନଜର ଆସିବେ। ଏଥିରେ ପ୍ରଭାସଙ୍କ ସହ ପୂଜା ହେଗ୍‌ଡେଙ୍କୁ ମୁଖ୍ୟ ଚରିତ୍ରରେ ଦେଖିବାକୁ ମିଳିବ। ପ୍ରଭାସଙ୍କର ଅନ୍ୟ ଫିଲ୍ମ ଭଳି ଏହା ଏକ ହାଇବଜେଟ ଫିଲ୍ମ ବୋଲି କୁହାଯାଉଛି। ଏହାର ପ୍ରଥମ ସେଡ୍ୟୁଲ ଇଟାଲିରେ ସମ୍ପୂର୍ଣ୍ଣ କରାଯାଇଛି। ଏହାସହ ପ୍ରଭାସଙ୍କ ପ୍ରଶଂସକଙ୍କ ପାଇଁ ଏକ ଖୁସି ଖବର ରହିଛି। ନୂଆବର୍ଷରେ ସେ ବିବାହ କରିବାକୁ ଯାଉଛନ୍ତି ବୋଲି ଶୁଣିବାକୁ ମିଳିଛି। ପ୍ରଭାସଙ୍କର ଜଣେ ଆଣ୍ଟି ଶ୍ୟାମଳାଦେବୀ ନିକଟରେ କହିଛନ୍ତି ପ୍ରଭାସଙ୍କ ବିବାହ ଖୁବ୍‌ଶୀଘ୍ର ହୋଇପାରେ। ତେବେ ତାଙ୍କ ଅପ୍‌କମିଙ୍ଗ ଫିଲ୍ମ 'ଜାନ୍' ରିଲିଜ୍ ହେବା ପରେ ପ୍ରଭାସ ବିବାହ କରିବେ ବୋଲି କୁହାଯାଉଛି। କିନ୍ତୁ ଶ୍ୟାମଳାଦେବୀ କହିଛନ୍ତି, ଆମର ବଡ଼ ପରିବାର ହୋଇଥିବାରୁ ଆମେ ଏମିତି ଏକ ଝିଅ ଖୋଜୁଛୁ, ଯିଏ ଆମ ପରିବାର ସହ ଭଲଭାବେ ମିଳିମିଶି ଚଳିପାରିବ। ବେଶ୍ କିଛିଦିନ ହେବ ଚର୍ଚ୍ଚା ହେଉଥିଲା କି, ପ୍ରଭାସ ନାୟିକା ଅନୁଷ୍କା ସେଟ୍ଟୀଙ୍କୁ ଡେଟିଂ କରୁଛନ୍ତି ଓ ତାଙ୍କୁ ବିବାହ କରିବେ। ଆଲୋଚନା ହେଉଥିଲା କି ଅନୁଷ୍କା-ପ୍ରଭାସଙ୍କ ବିବାହ 'ଶାହୋ' ଫିଲ୍ମ ରିଲିଜ୍ ପରେ ହେବ। ଏହାପରେ ପୁଣିଥରେ ଶୁଣିବାକୁ ମିଳିଥିଲା ଡିସେମ୍ବରରେ ଏମାନେ ବିବାହ କରିପାରନ୍ତି। ହେଲେ ଏସବୁ ସମୟ ଅତିକ୍ରମ କରିଯାଇଥିବା ବେଳେ ଏବେ ଶୁଣିବାକୁ ମିଳିଛି କି 'ଜାନ୍' ରିଲିଜ୍ ହେବା ପରେ ପ୍ରଭାସ ବିବାହ କରିପାରନ୍ତି।

# ଲଭ୍-ଲାଇଫ୍‌କୁ ନେଇ କାର୍ତ୍ତିକଙ୍କ ଖୁଲାସା



କାର୍ତ୍ତିକ ଆର୍ଯ୍ୟନ

**ମୁମ୍ବାଇ:** ବଲିଉଡ୍‌ରେ ଅଳ୍ପଦିନ ମଧ୍ୟରେ କାର୍ତ୍ତିକ ଆର୍ଯ୍ୟନ ଅନେକ ସଫଳତା ହାସଲ କରିସାରିଲେଣି। ଲଗାତର ତାଙ୍କ ଫିଲ୍ମ ହିଟ୍ ହେଉଛି ଆଉ ଦର୍ଶକେ ତାଙ୍କ ଅନ୍ଦାଜଙ୍କୁ ପସନ୍ଦ ମଧ୍ୟ କରୁଛନ୍ତି। ତାଙ୍କ ଅଭିନୀତ 'ସୋନୁ କେ ଟିଟୁ କି ସ୍ୱିଟି', 'ଲୁକା ଛୁପି' ଓ 'ପତି, ପତ୍ନୀ ଔର୍ ୱୋ' ବକ୍ସ-ଅଫିସ୍‌ରେ ସଫଳ ହୋଇଥିଲା। ବିଶେଷକରି ଯୁବଦର୍ଶକଙ୍କ ମଧ୍ୟରେ କାର୍ତ୍ତିକଙ୍କ ପାଇଁ ସ୍ୱତନ୍ତ୍ର କ୍ରେଜ୍ ରହିଥିବା ଦେଖିବାକୁ ମିଳୁଛି। ଅନ୍ୟପଟେ ନିଜ ରିଲେଶନଶିପ୍‌କୁ ନେଇ ମଧ୍ୟ କାର୍ତ୍ତିକ ସବୁବେଳ ଚର୍ଚ୍ଚାରେ ଥାଆନ୍ତି। ଏବେ ତାଙ୍କ ହାତରେ ଅନେକ ବଡ଼ ବଡ଼ ପ୍ରୋଜେକ୍ଟ ରହିଛି। ବର୍ତ୍ତମାନ ସେ ଅପ୍‌କମିଂ ଫିଲ୍ମ 'ଆଜ୍ କଲ୍'ର ପୋଷ୍ଟ-ପ୍ରଡକ୍ସନରେ ବ୍ୟସ୍ତ ଅଛନ୍ତି। ଏହାରି ଭିତରେ କାର୍ତ୍ତିକଙ୍କ ନାମ ଅଭିନେତ୍ରୀ ସାରା ଅଲୀ ଖାନ୍ ଓ ଅନନ୍ୟା ପାଣ୍ଡେଙ୍କ ସହ ଯୋଡ଼ାଯାଉଛି। ଦୀର୍ଘଦିନ ଧରି କାର୍ତ୍ତିକ-ସାରାଙ୍କ ରିଲେଶନଶିପ୍‌କୁ ନେଇ ଚର୍ଚ୍ଚା ଲାଗି ରହିଥିଲା। ଉଭୟଙ୍କୁ ବି-ଟାଉନ୍‌ର କ୍ୟୁଟ୍ କପଲ୍ ବୋଲି ମଧ୍ୟ କୁହାଯାଉଥିଲା। ପରେ ସେମାନେ ପରସ୍ପର ବୁଝାମଣାରେ ବ୍ରେକ୍‌ଅପ୍ କରି ନେଇଥିବା କୁହାଗଲା। ଏହାପରେ ପୁଣି ଅନନ୍ୟାଙ୍କ ସହ ତାଙ୍କୁ ବିଭିନ୍ନ ସ୍ଥାନରେ ସ୍ପଟ୍ କରାଗଲା। ଉଭୟଙ୍କୁ ବାରମ୍ବାର ଏକାଠି ଆଉ କ୍ଲୋଜ୍ ଦେଖିବା ପରେ କାର୍ତ୍ତିକ-ଅନନ୍ୟାଙ୍କ ରିଲେଶନଶିପ୍ ଖବର ଚର୍ଚ୍ଚା ସାଉଁଟିଲା। ତେବେ ଏହାରି ଭିତରେ ଫିଲ୍ମର ପୋଷ୍ଟ-ପ୍ରଡକ୍ସନରେ ବ୍ୟସ୍ତ କାର୍ତ୍ତିକ ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେବା ସମୟରେ ଏନେଇ କିଛି ଖୁଲାସା କରିଛନ୍ତି।

ସାକ୍ଷାତ୍‌କାରରେ କାର୍ତ୍ତିକଙ୍କ ଲଭ୍-ଲାଇଫ୍ ବିଷୟରେ ପଚରାଯିବାରୁ ସେ ନିଜ ପ୍ରତିକ୍ରିୟା ରଖିଥିଲେ। ସେ କହିଥିଲେ, "ମୁଁ ମୋ ବ୍ୟକ୍ତିଗତ ଜୀବନ ସମ୍ପର୍କରେ କେଉଁଠି ଆଲୋଚନା କରେ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ରିଲେଶନଶିପ୍‌ରେ ମୁଁ ଏକା ସାମିଲ ନୁହେଁ ବରଂ ଆଉ ଜଣେ ବି ଏଥିରେ ସାମିଲ ଅଛନ୍ତି। ମୁଁ କେବଳ ଏତିକି କହିପାରିବି, ଏହି ସମୟରେ ମୁଁ ମୋ ଜୀବନରେ ବହୁତ ଖୁସି ଅଛି।"

ସେହିପରି ବିବାହକୁ ନେଇ କାର୍ତ୍ତିକ କହିଛନ୍ତି ଯେ, ସେ ବହୁତ ଭଲ ସ୍ୱାମୀ ହେବେ। ସେ ତାଙ୍କ ପତ୍ନୀଙ୍କ ବହୁତ ଧ୍ୟାନ ରଖିବେ ଏବଂ ତାଙ୍କ ସହ ସଚ୍ଚୋଟ ମଧ୍ୟ ରହିବେ। ଏହାଛଡ଼ା ନିଜ ରିଲେଶନଶିପ୍‌କୁ ନେଇ ଉଠୁଥିବା ଗୁଜବକୁ ସେ ଧ୍ୟାନ ଦିଅନ୍ତିନାହିଁ। ତାଙ୍କର ଧ୍ୟାନ କେବଳ ତାଙ୍କ କାମ ଉପରେ ବୋଲି କାର୍ତ୍ତିକ କହିଛନ୍ତି। ଆଗକୁ ସାରା ଅଲୀ ଖାନ୍‌ଙ୍କ ସହ ଫିଲ୍ମ 'ଆଜ୍ କଲ୍', ଜାହ୍ନବୀ କପୁରଙ୍କ ସହ 'ଦୋସ୍ତାନା-୨' ଏବଂ କିୟାରା ଆଡ୍‌ଭାନୀଙ୍କ ସହ 'ଭୁଲ୍ ଭୁଲୈୟା-୨'ରେ କାର୍ତ୍ତିକଙ୍କୁ ଦେଖିବାକୁ ମିଳିବ।

ଧରିତ୍ରୀ
DHARITRI
ମଙ୍ଗଳବାର, ୩୧ ଡିସେମ୍ବର, ୨୦୧୯

# ସ୍ମୃତିରେ ୨୦୧୯

## ରାଜ୍ୟ

**ବିଦାୟୀ ବର୍ଷ ଥିଲା ଘଟଣାବହୁଳ। ରାଜ୍ୟରେ ତାଣ୍ଡବଲୀଳା ରଚିଥିଲା ବାତ୍ୟା 'ଫନୀ'। ଲୋକଙ୍କ ଜୀବନଜୀବିକାକୁ ଦୋହଲାଇ ଦେଇଥିଲା। ଏହା ସାଙ୍ଗକୁ ଦେଖିବାକୁ ମିଳିଥିଲା ଜଳବାୟୁ ବ୍ୟତିକ୍ରମ। ଆଷାଢ଼, ଶ୍ରାବଣରେ ଭୂଇଁ ଫାଟିଥିବାବେଳେ ମାଘରେ ଥିଲା ତାତି। ଡିସେମ୍ବର ତୃତୀୟ ସପ୍ତାହ ଯାଏ ଗାଏବ ହୋଇଯାଇଥିଲା ଶୀତ। ଅନ୍ୟପକ୍ଷରେ ବର୍ଷ ଆରମ୍ଭରୁ ମଧ୍ୟ ଯାଏ ରାଜନୀତି ସରଗରମ ଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ରାଜ୍ୟବାସୀ ଲଗାତର ୫ମ ଥର ପାଇଁ ରାଜ୍ୟରେ ଶାସନ କରିବାକୁ ସୁଯୋଗ ଦେଇଥିଲେ। ଏହାକୁ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ଆଲୋଚ୍ୟ ବର୍ଷରେ ଅନେକ ଯୋଜନା ହାତକୁ ନେଇଥିଲେ। ସେଥିମଧ୍ୟରୁ ସବୁଠୁ ଅଧିକ ପ୍ରଶଂସିତ ହୋଇପାରିଛି ଶ୍ରୀକ୍ଷେତ୍ର ଓ ଏକାମ୍ର କ୍ଷେତ୍ରର ସୌନ୍ଦର୍ଯ୍ୟକରଣ।**






## କଳିଙ୍ଗରୁ ଟୋକିଓ ଟିକେଟ

### କଳିଙ୍ଗରେ ହକି, ବାରବାଟୀରେ କ୍ରିକେଟ



ବିଶ୍ୱସ୍ତରୀୟ ଭିତ୍ତିଭୂମି ଯୋଗୁ ୨୦୧୯ରେ ଓଡ଼ିଶା କ୍ରୀଡ଼ା ଜଗତର ଦୃଷ୍ଟି ଆକର୍ଷଣ କରିଛି। ଟ୍ୱିନସିଟି ଭୁବନେଶ୍ୱର ଓ କଟକରେ ଡଜନେରୁ ଊର୍ଦ୍ଧ୍ୱ ଜାତୀୟ/ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନ ହୋଇଛି। ଏହି ବର୍ଷ ଆୟୋଜନ ହୋଇଥିବା ବଡ଼ ପ୍ରତିଯୋଗିତା ମଧ୍ୟରେ ରହିଥିଲା ଏଫଆଇଏଚ୍ ହକି ସିରିଜ ଫାଇନାଲ୍ସ, ଏଫଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସ ହକି ଏବଂ ଭାରତ-ୱେଷ୍ଟଇଣ୍ଡିଜ ଦିନିକିଆ କ୍ରିକେଟ ମ୍ୟାଚ। କଳିଙ୍ଗ ଷ୍ଟାଡିୟମରେ ଜୁନ ୬ରୁ ୧୫ ଏଫଆଇଏଚ୍ ସିରିଜ ଫାଇନାଲ୍ସ ଏବଂ ନଭେମ୍ବର ୧ ଓ ୨ରେ ଅଲିମ୍ପିକ୍ କ୍ୱାଲିଫାୟର୍ସ ହକି ଭାରତ ପାଇଁ ଶୁଭ ସାବ୍ୟସ୍ତ ହୋଇଥିଲା। କଳିଙ୍ଗରୁ ଭାରତୀୟ ହକି ଦଳ ଅଲିମ୍ପିକ୍ସ ପାଇଁ ପାଇଥିଲା ଟୋକିଓ ଟିକେଟ। ସେହିପରି ଡିସେମ୍ବର ୨୨ରେ ବାରବାଟୀ ଷ୍ଟାଡିୟମରେ ରୋମାଞ୍ଚକ ଦିନିକିଆ କ୍ରିକେଟ ମ୍ୟାଚ ଦର୍ଶକଙ୍କୁ ଉଲ୍ଲସିତ କରିଥିଲା। ସିରିଜର ତୃତୀୟ ମ୍ୟାଚ ଜିତି ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତ ସିରିଜ ବିଜୟୀ ହୋଇଥିଲା। ଏହା ବ୍ୟତୀତ ଭୁବନେଶ୍ୱରରେ ପ୍ରଥମଥର ପାଇଁ ଆୟୋଜିତ ହୋଇଥିଲା ଚତୁଃରାଷ୍ଟ୍ରୀୟ ମହିଳା ଫୁଟବଲ। ଏଥିରେ ଭାରତ, ଇରାନ, ନେପାଳ ଓ ମ୍ୟାନମାର ଦଳ ଅଂଶଗ୍ରହଣ କରିଥିଲେ। ଆଇ-ଲିଗ ଓ ସୁପର କପ୍ ଫୁଟବଲ ସହିତ ଏଠାରେ ମିନର୍ଭା ପଞ୍ଜାବ ଓ ମନଙ୍ଗ ମର୍ଶିଆଙ୍ଗଡ଼ି ମଧ୍ୟରେ ଏକ ଏଏଫସି ମ୍ୟାଚ ମଧ୍ୟ ଖେଳାଯାଇଥିଲା। କଟକରେ ଜାତୀୟ ଟେବୁଲ ଟେନିସ ଚାମ୍ପିୟନଶିପ୍, ଜାତୀୟ ସବ୍‌ଜୁନିୟର କୁସ୍ତି, ବାରବାଟୀ ଷ୍ଟାଡିୟମ ଓ ଡ୍ରିମ୍ସ ଗ୍ରାଉଣ୍ଡରେ ସୟଦ ମୁସ୍ତାକ ଅଲ୍ଲୀ ଟି୨୦ ଟୁର୍ନାମେଣ୍ଟର ଗ୍ରୁପ 'ଡି' ମ୍ୟାଚ, ବାରବାଟୀରେ ଜାତୀୟ ସିନିୟର ତୀରନ୍ଦାଜୀ(୨୬ ବର୍ଷ ପରେ), ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଓ ଜାତୀୟ ସବ୍‌ଜୁନିୟର ବାସ୍କେଟବଲ ପ୍ରତିଯୋଗିତା ଦେଶ ବିଦେଶର ଖେଳାଳି ଓ ଅଫିସିଆଲଙ୍କୁ ଏକାଠି କରିଥିଲା। ହକି, କ୍ରିକେଟ ହେଉ କି ଅନ୍ୟ କୌଣସି ଗେମ୍, ଆୟୋଜନରେ ସବୁଠି ପ୍ରଶଂସା ମୁଣ୍ଡାଇଥିଲା ଓଡ଼ିଶା।



# ଫନୀର କୋପ

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ 'ଫନୀ' ଅତି ଭୟଙ୍କର ବାତ୍ୟାରେ ପରିଣତ ହୋଇ ମେ ୩ ତାରିଖ ପୂର୍ବାହ୍ନ ୯ଟାରେ ପୁରୀ ନିକଟ ବାଲୁଖଣ୍ଡ ଅଭୟାରଣ୍ୟର ସ୍ଥଳଭାଗ ଛୁଇଁଥିଲା। ଏହାର ପ୍ରଭାବରେ ଛାରଖାର ହୋଇଯାଇଥିଲା ପୁରୀ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଗଞ୍ଜାମ, ଅନୁଗୋଳ, ଢେଙ୍କାନାଳ, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ ଓ ନୟାଗଡ଼ ଆଦି ୧୪ ଜିଲାର ବିଭିନ୍ନ ଅଞ୍ଚଳ। ଘଣ୍ଟାକୁ ୨୦୦କିଲୋମିଟର ବେଗରେ ଏମିତି ପବନ ବହିଲା ଯେ ପୁରୀ ଓ ଭୁବନେଶ୍ୱର ସହର ପାଇଁ ଆଣିଦେଲା ବିପର୍ଯ୍ୟୟ। ଉଡ଼ାଇନେଇଥିଲା ଘରଦ୍ୱାର, ଗଛଲତା, ହୋର୍ଡିଂ, ବିଦ୍ୟୁତ୍‌ଖୁଣ୍ଟ। ବାଲୁଖଣ୍ଡ ଅଭୟାରଣ୍ୟ ସବୁଜିମା ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଥିଲା। ରାଜ୍ୟ ସରକାରଙ୍କ ରିପୋର୍ଟ ଅନୁଯାୟୀ ୨୪,୨୭୬ କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିବାବେଳେ ୧୮,୧୬୮ ଗାଁ ଓ ୫୨ ସହରାଞ୍ଚଳର ୧.୬୫ କୋଟି ଲୋକ ପ୍ରଭାବିତ ହୋଇଥିଲେ। ସେହିପରି ୫.୫୬ ଲକ୍ଷ ଘର, ୧, ୪୮, ୬୭୩ ହେକ୍ଟର ଚାଷଜମି, ୬୪୧୬ ବୋଟ୍ ନଷ୍ଟ ହୋଇଥିଲା। ମୋଟ ୬୪ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୪୧ଜଣ ଆହତ ହୋଇଥିଲେ। ବିଦ୍ୟୁତ୍ ଓ ଟେଲି ଯୋଗାଯୋଗ ଗୁରୁତର କ୍ଷତିଗ୍ରସ୍ତ ହୋଇଥିଲା। ଫଳରେ ଦିନ ଦିନ ଧରି ଲୋକେ ଅନ୍ଧାରରେ ରହିଲେ। ବିଶେଷ କରି ବିଦ୍ୟୁତ୍ ବିନା ମେ ମାସର ଅସହ୍ୟ ଗରମରେ ଜନଜୀବନ ଦୁର୍ବିଷହ ହୋଇଯାଇଥିଲା। ସବୁଠୁ ଅଧିକ ଧ୍ୱଂସଲୀଳା ଓ ଯନ୍ତ୍ରଣା ଦେଖିବାକୁ ମିଳିଥିଲା ପୁରୀ ଜିଲାରେ। ଛାରଖାର ହୋଇଥିଲା ପର୍ଯ୍ୟଟନ ସହର ପୁରୀ। ଲକ୍ଷ ଲକ୍ଷ ସଂଖ୍ୟାରେ ଗଛ, ଘର ଭାଙ୍ଗି ପଡ଼ିଥିବାବେଳେ ହଜାର ହଜାର ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଥିଲା। ବଡ଼ ବଡ଼ ଟାୱାର ଧରାଶାୟୀ ହୋଇଯାଇଥିଲା। ପାଣି, ବିଦ୍ୟୁତ୍ ପାଇଁ ଲୋକେ ହାହାକାର ହୋଇଥିଲେ। ୧୩ ଦିନ ପରେ ପ୍ରଥମେ ବଡ଼ଦାଣ୍ଡକୁ ବିଦ୍ୟୁତ୍ ଯୋଗାଯୋଗ ସମ୍ଭବ ହୋଇଥିଲେ ହେଁ ସମଗ୍ର ଜିଲାକୁ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହେବାକୁ ପ୍ରାୟ ୩ ମାସ ସମୟ ଲାଗି ଯାଇଥିଲା।

### ଦୋହରା ଦୁଃଖ ବୁଲ୍‌ବୁଲ୍

ଫନୀର କୋପରେ କ୍ଷତିଗ୍ରସ୍ତ ଜନସାଧାରଣ, ବ୍ୟବସାୟୀ, କୃଷକ, ପ୍ରଶାସନ ଅଣ୍ଟାସଳଖି ଠିଆ ହୋଇପାରି ନ ଥିବାବେଳେ ପୁଣି ଆତଙ୍କ ଖେଳାଇଥିଲା ବାତ୍ୟା 'ବୁଲବୁଲ୍'। ନଭେମ୍ବର ୯ ତାରିଖ ରାତିରେ ଏହା ପଶ୍ଚିମବଙ୍ଗର ସାଗର ଦ୍ୱୀପ ଏବଂ ବାଂଲାଦେଶର ଖେପୁପରା ମଧ୍ୟରେ ସ୍ଥଳଭାଗ ଛୁଇଁଥିଲା। କିନ୍ତୁ ଏହାର ପ୍ରଭାବରେ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାରେ ବ୍ୟାପକ କ୍ଷତି ଘଟିଥିଲା। ଏହି ସବୁ ଜିଲାର ପ୍ରାୟ ୩୭ ଲକ୍ଷ ଲୋକେ ୬ ମାସ ମଧ୍ୟରେ ଦୁଇଟି ବାତ୍ୟାକୁ ସମ୍ମୁଖୀନ ହୋଇଥିବାରୁ ସେମାନଙ୍କୁ ଦୋହରା ଦୁଃଖ ସହିବାକୁ ପଡ଼ିଥିଲା। ଘଣ୍ଟାକୁ ୧୧୦ କିମି ବେଗରେ ପବନ ବହିବା ଯୋଗୁ ୫୫୦୦ ଘର ନଷ୍ଟ ହୋଇଥିବାବେଳେ ୧୬ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସେହିପରି ବର୍ଷା ଓ ପବନ ଯୋଗୁ ୩ ଲକ୍ଷ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଥିଲେ।



## ବିବାଦରେ ସ୍ମିତାରାଣୀଙ୍କ ମୃତ୍ୟୁ



ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ହରିଦାସପୁର ପଞ୍ଚାୟତ ନିର୍ବାହୀ ଅଧିକାରିଣୀ ସ୍ମିତାରାଣୀ ବିଶ୍ୱାଳଙ୍କ ଅକ୍ଟୋବର ୧୬ତାରିଖରେ ପଞ୍ଚାୟତ ଅଫିସ ନିକଟସ୍ଥ ଏକ ଗେଷ୍ଟ ହାଉସରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା। ଉକ୍ତ ଗେଷ୍ଟ ହାଉସ ହରିଦାସପୁର ସରପଞ୍ଚଙ୍କ ସ୍ୱାମୀ ରୂପେଶ ଭଦ୍ରଙ୍କ ଦଖଲରେ ଥିବାରୁ ଏହାକୁ ନେଇ ରାଜନୀତି ଜୋର ଧରିଥିଲା। ସ୍ମିତାରାଣୀଙ୍କୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ପୋଲିସ ରୂପେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ହେଲେ ଏତିକିରେ ବିବାଦ ଥମି ନ ଥିଲା। ରୂପେଶଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିବା ସହ ଘଟଣାର ସିବିଆଇ ତଦନ୍ତ ଦାବି କରିଥିଲେ ବିରୋଧୀ। ଏପରି କି ସ୍ମିତାରାଣୀଙ୍କ ମୃତ୍ୟୁ ପରେ ଏସ୍‌ପି ଚରଣ ସିଂ ମୀନା ଦେଇଥିବା ମନ୍ତବ୍ୟ ମଧ୍ୟ ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଥିଲା। ଜଣେ ମହିଳା କର୍ମଚାରୀଙ୍କ ମୃତ୍ୟୁକୁ ବ୍ୟକ୍ତିଗତସ୍ତରକୁ ନେଇ ମନ୍ତବ୍ୟ ଦେବା ଘଟଣା ବିରୋଧୀଙ୍କୁ ମୁହଁ ଖୋଲିବାକୁ ବାଧ୍ୟ କରିଥିଲା।

## ୭୫ ହାତୀଙ୍କ ଜୀବନ ଗଲା

ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବନ୍ୟଜନ୍ତୁଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ତଥାପି ବିପଦରେ ଅଛନ୍ତି ବନ୍ୟଜନ୍ତୁ। ବିଶେଷକରି ଐତିହ୍ୟ ପ୍ରାଣୀ ହାତୀଙ୍କୁ ସୁରକ୍ଷା ଦେବାରେ ଫେଲ୍ ମାରୁଛି ବନ ବିଭାଗ। ପ୍ରତିବର୍ଷ ହାତୀ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ହାତୀ ଶିକାରକୁ ରୋକିବାରେ ଅସଫଳ ହୋଇଛି। ୨୦୧୯ ଜାନୁୟାରୀ ୧ରୁ ଡିସେମ୍ବର ୩୦ ଭିତରେ ମୋଟ ୭୫ଟି ହାତୀ ମରିଛନ୍ତି। ଏଥିମଧ୍ୟରୁ ୩୯ ହାତୀଙ୍କ ପ୍ରାକୃତିକ ମୃତ୍ୟୁ ଘଟିଥିବା ବେଳେ ୮ଟିକୁ ଶିକାର କରାଯାଇଛି, ୨ ହାତୀ ଟ୍ରେନ୍ ଦୁର୍ଘଟଣା ଓ ୩ ହାତୀଙ୍କର ରାସ୍ତା ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଏହାଛଡ଼ା ବିଦ୍ୟୁତ୍ ତାର ସଂସ୍ପର୍ଶରେ ୧୧ ହାତୀଙ୍କ ଜୀବନଯାଇଛି।

## ଯୋଜନାର ବର୍ଷ

୨୦୧୯ରେ ରାଜ୍ୟ ସରକାର କୃଷକ, ଛାତ୍ର, ମହିଳା, ସ୍ୱାସ୍ଥ୍ୟ, ହାତୀ ମୃତ୍ୟୁକୁ ରୋକିବା, ଏସ୍‌ସି/ଏସ୍‌ଟି ଲୋକଙ୍କ ବିକାଶ ଭଳି ଅନେକ ଯୋଜନା ହାତକୁ ନେଇଥିଲେ। ଏହି ବର୍ଷ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାଳିଆ ଯୋଜନାରେ ଅତିରିକ୍ତ ୩୩ ଲକ୍ଷ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିଥିଲେ। ଏଥିସହିତ ତୃତୀୟ ପର୍ଯ୍ୟାୟ ସହାୟତା ରାଶି ମଧ୍ୟ ଚାଷୀମାନଙ୍କୁ ପ୍ରଦାନ କରିଥିଲେ। କାଳିଆ ଯୋଜନାକୁ ପିଏମ୍-କିଷାନ ସହ ବିଲୟ କରିବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି। ଏଥିରେ ରାଜ୍ୟ ସରକାର ୪ ହଜାର ଓ କେନ୍ଦ୍ର ସରକାର ୬ ହଜାର ଟଙ୍କା ପ୍ରଦାନ କରିବେ। ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ୧୦୦ଜଣଙ୍କୁ ଆଇଏଏସ୍ ପାଇଁ କୋଚିଂ ଦେବାକୁ ନିଷ୍ପତ୍ତି ନେଇଥିଲେ। ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶିକ୍ଷା ପ୍ରତି ପ୍ରତିଯୋଗିତା ବୃଦ୍ଧି ସକାଶେ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ମେଧାବୃତ୍ତି ପୁରସ୍କାର ଯୋଜନା ଆରମ୍ଭ କରିଛନ୍ତି। ସେଥିରେ ୪୦ ହଜାର ମୋଧାବୀ ଛାତ୍ରୀଛାତ୍ରଙ୍କୁ ୫ ହଜାର ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ଦିଆଯିବ। ସେହିପରି ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାମାନଙ୍କ ସ୍ୱାସ୍ଥ୍ୟ ବୀମା ରାଶି ୭ରୁ ୧୦ ଲକ୍ଷକୁ ବୃଦ୍ଧି କରିଥିଲେ। ଏଥିସହିତ କଲେଜ ଶିକ୍ଷାକୁ ପ୍ରୋତ୍ସାହନ ଦେବାକୁ ମୋ କଲେଜ ଯୋଜନା ଆରମ୍ଭ କରାଯାଇଥିଲା। ପ୍ରତ୍ୟେକ ବର୍ଷ ଶିକ୍ଷା କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରିଥିବା କଲେଜକୁ ୧ ଲକ୍ଷ ଟଙ୍କାର ପୁରସ୍କାର ଦିଆଯିବ। ସ୍ୱଳ୍ପ ସଞ୍ଚୟକାରୀଙ୍କୁ ପ୍ରୋତ୍ସାହନ ଦେବାକୁ ରାଜ୍ୟ ସରକାର ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ଆରମ୍ଭ କରିଛନ୍ତି। ସ୍ୱଳ୍ପ ଜମାକାରୀ ବିଜେତାଙ୍କୁ ପୁରସ୍କାର ରାଶିକୁ ୫ ଲକ୍ଷ ଟଙ୍କା ବୃଦ୍ଧି କରାଯାଇଛି। ରାଜ୍ୟ ସରକାର ହାତୀମୃତ୍ୟୁକୁ ରୋକିବା ପାଇଁ ଓଡ଼ିଶା ଗଜବନ୍ଧୁ ଯୋଜନା କାର୍ଯ୍ୟକାରୀ କରିଥିଲେ। ହାତୀ ରହୁଥିବା ଅଞ୍ଚଳର ଲୋକମାନଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରାଯିବ। ଏଥିପାଇଁ ଗଜବନ୍ଧୁ ସ୍ୱେଚ୍ଛାସେବୀମାନଙ୍କୁ ନିୟୋଜିତ କରାଯିବ। ଏସ୍‌ସି/ଏସ୍‌ଟି ଛାତ୍ରାବାସରେ ଛାତ୍ରୀଛାତ୍ରଙ୍କୁ ଉତ୍ତମ ସୁବିଧା ଯୋଗାଇଦେବାକୁ ରାଜ୍ୟ ସରକାର ମିଶନ ସୁବିଧା ଆରମ୍ଭ କରିଛନ୍ତି। ବର୍ଷର ଶେଷ ସପ୍ତାହରେ ସରକାର ଜମି ଖଜଣା ଦେବାକୁ ପାଉତି ଆପ୍ ଏବଂ ବାସସ୍ଥାନ, ଆୟ ଓ ଅନ୍ୟାନ୍ୟ ସାର୍ଟିଫିକେଟ ଦେବାକୁ ଇ-ସାର୍ଟିଫିକେଟ ବ୍ୟବସ୍ଥା ଆରମ୍ଭ କରିଥିଲେ।

## ଘାତକ ବଜ୍ରପାତ, ସର୍ପାଘାତ

ଗତ ୧୦ ବର୍ଷ ମଧ୍ୟରେ ବଜ୍ରପାତ, ଅଂଶୁଘାତ, ଅଗ୍ନିକାଣ୍ଡ, ବାତ୍ୟା, ଘୂର୍ଣ୍ଣିଝଡ଼, ବନ୍ୟା, ଡଙ୍ଗାବୁଡ଼ି, ସାପ କାମୁଡ଼ା, ଭୂସ୍ଖଳନ ଓ ପାଣିରେ ବୁଡ଼ି ୧୧,୪୪୦ ଜଣଙ୍କ ଜୀବନ ଯାଇଛି। ତେବେ ଗତ କିଛି ବର୍ଷ ହେବ ରାଜ୍ୟରେ ବଜ୍ରପାତ ଓ ସର୍ପାଘାତ ମହା ବିପର୍ଯ୍ୟୟ ଭାବେ ଦେଖାଦେଇଛି। ଏଥିରେ ଗତ ୧୦ ବର୍ଷ ମଧ୍ୟରେ ୬୧୧୯ ଜଣଙ୍କର ଜୀବନ ଯାଇଛି। ୨୦୧୯ରେ ବଜ୍ରପାତ ଓ ସର୍ପାଘାତ ସମସ୍ତ ରେକର୍ଡକୁ ଭାଙ୍ଗି ଦେଇଛି। ଏଥିଯୋଗୁ କେବଳ ୨୦୧୯-୨୦ରେ ୧୫୬୦ ଜଣଙ୍କର ପ୍ରାଣହାନି ହୋଇଛି। ସାପ କାମୁଡ଼ାରେ ମୟୂରଭଞ୍ଜ ଜିଲା ଆଗରେ ରହିଛି। ୨୦୧୯ ନଭେମ୍ବର ୨୧ ପର୍ଯ୍ୟନ୍ତ ଏହି ଜିଲାରେ ୩୧୨ ଜଣଙ୍କର ସାପକାମୁଡ଼ାରେ ମୃତ୍ୟୁ ହୋଇଛି। ଏହା ତଳକୁ ରହିଛି ଗଞ୍ଜାମ ୨୮୭, ବାଲେଶ୍ୱର ୨୬୬, ଅନୁଗୋଳ ୧୦୨, ଭଦ୍ରକ ୧୩୫, ଢେଙ୍କାନାଳ ୧୦୨, ଯାଜପୁର ୧୧୬, କେନ୍ଦୁଝର ଜିଲାରେ ୧୬୩ ଜଣଙ୍କର ମୃତ୍ୟୁ ହୋଇଛି।



## ଆନ୍ତଃ ରାଜ୍ୟ ବ୍ୟାଘ୍ର ସ୍ଥାନାନ୍ତର ପ୍ରକଳ୍ପ ସ୍ଥଗିତ



ସାତକୋଶିଆରେ ବାଘ ସଂଖ୍ୟା ବୃଦ୍ଧି ପାଇଁ ଆରମ୍ଭ ହୋଇଥିଲା ଆନ୍ତଃରାଜ୍ୟ ବ୍ୟାଘ୍ର ସ୍ଥାନାନ୍ତର ପ୍ରକଳ୍ପ। କିନ୍ତୁ ବର୍ଷ ଶେଷ ବେଳକୁ ବନ ବିଭାଗକୁ ଲାଗିଥିଲା ବଡ଼ ଝଟକା। ବାଘୁଣୀ 'ସୁନ୍ଦରୀ'କୁ ଯଥାଶୀଘ୍ର ସାତକୋଶିଆରୁ ମଧ୍ୟପ୍ରଦେଶ ଫେରାଇ ଦେବାକୁ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନ୍‌ଟିସିଏ) ରାଜ୍ୟ ସରକାରଙ୍କୁ ଚିଠି ଲେଖିଛନ୍ତି। ଏଥିସହିତ ପ୍ରକଳ୍ପକୁ ସ୍ଥଗିତ ରଖିବାକୁ ଏନ୍‌ଟିସିଏ କହିଛି। ସୂଚନାନୁଯାୟୀ, ଏହି ପ୍ରକଳ୍ପ ଦ୍ୱାରା ୬ଟି ବାଘକୁ ସାତକୋଶିଆରେ ଛଡ଼ାଯାଇଥାନ୍ତା। ୨୦୧୮ରେ ପର୍ଯ୍ୟାୟକ୍ରମେ ମହାବୀର ଓ ପରେ ସୁନ୍ଦରୀକୁ ସାତକୋଶିଆରେ ଛଡ଼ାଯାଇଥିଲା। ପ୍ରଥମେ ମହାବୀରକୁ ଶିକାର କରାଗଲା। ପରେ ମଣିଷ ମାରିବା ଅଭିଯୋଗରେ ସୁନ୍ଦରୀକୁ ଏନ୍‌କ୍ଲୋଜରରେ ରଖାଗଲା। କିନ୍ତୁ ବନବିଭାଗ ମହାବୀର ମୃତ୍ୟୁ ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ନେଲାନାହିଁ। ଅନ୍ୟପକ୍ଷରେ ଗୋଟିଏ ବର୍ଷ 'ସୁନ୍ଦରୀ' ଏନ୍‌କ୍ଲୋଜରରେ ରହିଥିଲେ ମଧ୍ୟ ତାକୁ ଜଙ୍ଗଲରେ ଛାଡ଼ିବା ପାଇଁ କୌଣସି ବ୍ୟବସ୍ଥା କରାଗଲାନାହିଁ। ଏଥିସହିତ ପ୍ରକଳ୍ପ ପାଇଁ ଆସିଥିବା ଟଙ୍କାକୁ ଅନ୍ୟତ୍ର ଖର୍ଚ୍ଚ କରିବା, ମହାବୀର ଏବଂ ସୁନ୍ଦରୀକୁ ମନିଟରିଂ ବେଳେ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଡ୍ୟୁରର(ଏସ୍‌ଓପି)ପାଳନ ହୋଇ ନ ଥିଲା ବୋଲି ଏନ୍‌ଟିସିଏ ଚିଠିରେ ଲେଖିଥିଲା। ବନ ବିଭାଗର ଏଭଳି କାର୍ଯ୍ୟକଳାପ ଯୋଗୁ ସୁନ୍ଦରୀକୁ ଫେରାଇନେବା ଓ ଏହି ପ୍ରକଳ୍ପକୁ ବର୍ତ୍ତମାନ ପାଇଁ ବନ୍ଦ କରିବାକୁ ଏନ୍‌ଟିସିଏ ନିଷ୍ପତ୍ତି ନେଇଥିଲା।



## ମନ୍ଦିର ସୌନ୍ଦର୍ଯ୍ୟକରଣ

ପୁରୀ ଶ୍ରୀମନ୍ଦିର ଓ ଭୁବନେଶ୍ୱର ଶ୍ରୀଲିଙ୍ଗରାଜ ମନ୍ଦିରର ହେବ ସୌନ୍ଦର୍ଯ୍ୟକରଣ। ରାଜ୍ୟ ସରକାର ଏହା ଘୋଷଣା କରିବା ସହ ଏଥିପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି। ମନ୍ଦିର ଚତୁଃପାର୍ଶ୍ୱକୁ ନୋ ପାର୍କିଂ ଓ ନୋ ଭେଣ୍ଡିଂଜୋନ କରାଯାଇଥିବାବେଳେ ସୌନ୍ଦର୍ଯ୍ୟକରଣ କାମ ମଧ୍ୟ ଆରମ୍ଭ ହୋଇଛି। ଶ୍ରୀମନ୍ଦିର ମେଘନାଦ ପାଚେରିକୁ ଲାଗି ରହିଥିବା ବିଭିନ୍ନ ନିର୍ମାଣ ଭଙ୍ଗାଯିବା ସହ ସୁରକ୍ଷା ଜୋନ ମଧ୍ୟରେ ଉଚ୍ଛେଦ କାର୍ଯ୍ୟ ଜାରି ରହିଛି। ୫ଟି ମଠ ଭଙ୍ଗାଯାଇଥିବା ବେଳେ ନୂଆ ବ୍ୟାରିକେଡ ନିର୍ମାଣ କରାଯାଉଛି। ସେହିପରି ସିଂହଦ୍ୱାର ସମ୍ମୁଖରେ ପାରମ୍ପରିକ ଝୋଟି ଚିତା ଅଙ୍କା ଯାଇଥିବା ବେଳେ ଆଲୋକମାଳାରେ ଝଲସୁଛି ଶ୍ରୀମନ୍ଦିର ଓ ସିଂହଦ୍ୱାର। ଆଗକୁ ଅନେକ ପ୍ରକାର ସୌନ୍ଦର୍ଯ୍ୟକରଣ କାମ କରାଯିବା ଲାଗି ପ୍ରସ୍ତୁତି ଚାଲିଛି। ସେହିପରି ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରୁ ମଧ୍ୟ ଉଚ୍ଛେଦ କାର୍ଯ୍ୟ ଜାରି ରହିଛି। ଏହାକୁ ଆକର୍ଷଣୀୟ କ୍ଷେତ୍ର ଭାବେ ଗଢ଼ିତୋଳିବାକୁ ସରକାର ତତ୍ପରତା ଦେଖାଇବା ସହ କ୍ଷତିଗ୍ରସ୍ତଙ୍କ ପାଇଁ ସହାୟତା ରାଶି ମଧ୍ୟ ଘୋଷଣା କରିଛନ୍ତି।



## ପଞ୍ଚମରେ ନବୀନ



ବିଜେଡି ସଭାପତି ନବୀନ ପଟ୍ଟନାୟକ ଲଗାତର ୨୦୧୯ରେ ୫ମ ଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ। ସେ ୨୦୦୦ ମାର୍ଚ୍ଚ ୫ରୁ ଏହି ଦାୟିତ୍ୱ ତୁଲାଇ ଆସୁଛନ୍ତି। ତାଙ୍କ ଲୋକପ୍ରିୟତା ହିଁ ବିଜେଡିକୁ ଏହି ସଫଳତା ଦେଇଥିବା ସମୀକ୍ଷକମାନେ କହିଛନ୍ତି। ୨୦୧୯ ସାଧାରଣ ନିର୍ବାଚନ ନବୀନଙ୍କ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ୨୦୦୦, ୨୦୦୪, ୨୦୦୯ ଏବଂ ୨୦୧୪ ଅପେକ୍ଷା ସବୁ ଦିଗରୁ ବିଜେଡି କଡ଼ା ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇଥିଲା। ସବୁ ସମୟରେ ଗଞ୍ଜାମ ଜିଲା ହିଞ୍ଜିଳିରୁ ବିଜୟୀ ହୋଇଆସୁଥିବା ନବୀନ ଚଳିତ ଥର ବରଗଡ ଜିଲା ବିଜେପୁରରେ ମଧ୍ୟ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଉଭୟ ଆସନରେ ବିଜୟୀ ହେବା ପରେ ନବୀନ ବିଜେପୁର ଆସନ ଛାଡି ହିଞ୍ଜିଳିକୁ ରଖିଥିଲେ।

### ବିଜେପୁର

## ରେକର୍ଡ ରଚିଲେ ରୀତା



୧୮ ମାସର ଅବଧି ମଧ୍ୟରେ ୩ଟି ବିଧାନସଭା ନିର୍ବାଚନ ଦେଖିଥିଲା ବିଜେପୁର ବିଧାନସଭା ନିର୍ବାଚନମଣ୍ଡଳୀ। ଚଳିତଥର ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଞ୍ଜାମ ଜିଲା ହିଞ୍ଜିଳି ସହ ବିଜେପୁର ପ୍ରାର୍ଥୀ ହୋଇଥିଲେ। ଉଭୟ ଆସନରୁ ଜିତିବା ପରେ ମୁଖ୍ୟମନ୍ତ୍ରୀ ବିଜେପୁର ଆସନ ଛାଡ଼ିଥିଲେ। ଏହାପରେ ସେହି ସ୍ଥାନରେ ଉପନିର୍ବାଚନ ହୋଇଥିଲା। ଏହି ନିର୍ବାଚନରେ ବିଜେଡି ପ୍ରାର୍ଥିନୀ ରୀତା ସାହୁ ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ସନତ ଗଡତିଆଙ୍କୁ ରେକର୍ଡ ୯୭,୯୯୦ ଭୋଟ୍‌ରେ ପରାସ୍ତ କରିଥିଲେ। ପୂର୍ବରୁ ସର୍ବାଧିକ ବ୍ୟବଧାନରେ ବିଜୟୀ ହେବାର ରେକର୍ଡ ଭାଜପାର ବିଶ୍ୱଭୂଷଣ ହରିଚନ୍ଦନଙ୍କ ନାମରେ ରହିଥିଲା। ସେ ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୯୪,୫୫୫ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଥିଲେ।

### ପାଟକୁରା

## ବିଧାନସଭା ଯାଇପାରିଲେନି ବିଜୟ



ସାଧାରଣ ନିର୍ବାଚନ ସମୟରେ ପାଟକୁରା ଆସନରୁ ବିଜେଡି ପ୍ରାର୍ଥୀ ହୋଇଥିବା ସାବେଦପ୍ରକାଶ ଅଗ୍ରୱାଲଙ୍କ ପରଲୋକ ହୋଇଥିଲା। ତେଣୁ ଧାର୍ଯ୍ୟ ସମୟରେ ହେବାକୁ ଥିବା ନିର୍ବାଚନକୁ ସ୍ଥଗିତ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲେ। ହେଲେ ଲଗାତର ୪ର୍ଥ ଥର ପାଇଁ ବିଜୟ ବିଧାନସଭା ଯିବା ପାଇଁ ଭୋଟ ଜିତିପାରି ନ ଥିଲେ। ସ୍ୱର୍ଗତ ବେଦପ୍ରକାଶଙ୍କ ପତ୍ନୀ ସାବିତ୍ରୀ ଅଗ୍ରୱାଲ ଭାଜପା ପ୍ରାର୍ଥୀ ବିଜୟଙ୍କୁ ୧୭,୭୫୫ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଥିଲେ।

## ବଦଳିଲେ ପୋଲିସ ମୁଖିଆ







ଆଇପିଏସ୍ ଅଫିସର ଆର୍.ପି ଶର୍ମା ବର୍ଷର ପ୍ରଥମାର୍ଦ୍ଧରେ ପୋଲିସ ମହାନିର୍ଦ୍ଦେଶକ ଦାୟିତ୍ୱ ତୁଲାଇଥିଲେ। ହେଲେ ସାଧାରଣ ନିର୍ବାଚନ ସମୟରେ ତାଙ୍କ ପତ୍ନୀ ବିୟୋଗ କାରଣରୁ କିଛିଦିନ ପାଇଁ ସେ ନିଜ ଦାୟିତ୍ୱରୁ ବିରତ ରହିଥିଲେ। ଏହା ପରେ ବି.କେ. ଶର୍ମା ଭାରପ୍ରାପ୍ତ ଡିଜି ଭାବେ ଦାୟିତ୍ୱ ତୁଲାଇଥିଲେ। ଡିଜି ଭାବେ ପୁନଃ ଅବସ୍ଥାପିତ ହେବା ପରେ ଆର.ପି. ଶର୍ମା ସ୍ୱେଚ୍ଛାକୃତ ଅବସର ନେଇଥିଲେ। ଏହାପରେ ସେ ଲୋକାୟୁକ୍ତ ସଦସ୍ୟ ରୂପେ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କ ପରେ ବି.କେ. ଶର୍ମା ଡିଜିପି ଦାୟିତ୍ୱ ଗ୍ରହଣ କରିଥିଲେ। ହେଲେ ତାଙ୍କୁ ରାତିଅଧିଆ ପଦରୁ ବିଦା କରାଯାଇ ଗୃହ ବିଭାଗ ଓଏସ୍‌ଡି ଭାବେ ନିଯୁକ୍ତି ଦିଆଯାଇଥିଲା। ସେହିପରି ଆଇପିଏସ୍ ଅଫିସର ସତ୍ୟଜିତ୍ ମହାନ୍ତି ମଧ୍ୟ କିଛିଦିନ ପାଇଁ ଅନ୍ତରୀଣ ଡିଜିପି ଭାବେ ଦାୟିତ୍ୱ ତୁଲାଇଥିଲେ। ଏହାପରେ ଅଭୟ ପୂର୍ଣ୍ଣକାଳୀନ ଡିଜିପି ଦାୟିତ୍ୱ ନେଇଥିଲେ। ଅନୁରୂପଭାବେ ସୁଧାଂଶୁ ଷଡ଼ଙ୍ଗୀ ଟ୍ୱିନସିଟି ପୋଲିସ କମିଶନର ଭାବେ ନିଯୁକ୍ତି ପାଇଥିଲେ।

### ଓଡ଼ିଶା ପ୍ରଶାସନ ୨୦୧୯

## ପୁରୁଣା ଚେହେରା, ନୂଆ ଦାୟିତ୍ୱ







ଚଳିତ ବର୍ଷ ରାଜ୍ୟ ପ୍ରଶାସନରେ ବହୁ ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ଦୀର୍ଘ ୩ ବର୍ଷ ଧରି ମୁଖ୍ୟ ଶାସନ ସଚିବ ଦାୟିତ୍ୱ ତୁଲାଉଥିବା ଆଦିତ୍ୟ ପ୍ରସାଦ ପାଢ଼ୀ ନିଜ ପଦରୁ ଅବ୍ୟାହତି ନେଇଥିଲେ। ତାଙ୍କ ସ୍ଥାନରେ ଉନ୍ନୟନ କମିଶନର ଥିବା ଅସିତ ତ୍ରିପାଠୀ ନୂଆ ମୁଖ୍ୟ ଶାସନ ସଚିବ ହୋଇଥିଲେ। ଆଦିତ୍ୟ ପ୍ରସାଦ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସୁରେଶ ମହାପାତ୍ରଙ୍କୁ ଉନ୍ନୟନ କମିଶନର ଏବଂ ପ୍ରଦୀପ୍ତ ମହାପାତ୍ରଙ୍କୁ କୃଷି ଉତ୍ପାଦନ କମିଶନର ଭାବେ ଦାୟିତ୍ୱ ମିଳିଥିଲା। ପୂର୍ବତନ ଉନ୍ନୟନ କମିଶନର ଆର. ବାଲକ୍ରିଷ୍ଣନଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ)ର ମୁଖ୍ୟ ପରାମର୍ଶଦାତା ଭାବେ ନିଯୁକ୍ତି ଦିଆଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନ୍‌ଙ୍କୁ ୫-ଟି ସଚିବ ରୂପେ ନୂଆ ଦାୟିତ୍ୱ ପ୍ରଦାନ କରାଯାଇଥିଲା।

## ରାଜ୍ୟପାଳ, ଉପରାଜ୍ୟପାଳ ପଦରେ ଓଡ଼ିଆ





ଆଲୋଚ୍ୟ ବର୍ଷ ୨ ଓଡ଼ିଆଙ୍କୁ ବିଭିନ୍ନ ରାଜ୍ୟ/କେନ୍ଦ୍ର ଶାସିତ ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ପଦରେ ଅବସ୍ଥାପିତ ହୋଇଥିବା ଦେଖିବାକୁ ମିଳିଥିଲା। ବର୍ଷିୟାନ ଭାଜପା ନେତା ବିଶ୍ୱଭୂଷଣ ହରିଚନ୍ଦନଙ୍କୁ କେନ୍ଦ୍ର ସରକାର ଆନ୍ଧ୍ର ପ୍ରଦେଶର ରାଜ୍ୟପାଳଭାବେ ନିଯୁକ୍ତ କରିଥିଲେ। ସେହିପରି ଗୁଜରାଟ କ୍ୟାଡର୍ ଆଇଏଏସ୍ ତଥା ପୂର୍ବତନ ପ୍ରଶାସନିକ ଅଫିସର ଗିରୀଶ ମୁର୍ମୁଙ୍କୁ ନୂଆ କରି ଗଢି ଉଠିଥିବା କେନ୍ଦ୍ର ଶାସିତ ଅଞ୍ଚଳ ଜମ୍ମୁ ଓ କଶ୍ମୀରରେ ଲ୍ୟୁଟନାଣ୍ଟ ଜେନେରାଲ ତଥା ଉପରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଥିଲା।

## ଖାଉଟିଙ୍କ ଚିନ୍ତା ବଢ଼ାଇଲା ଆଳୁ, ପିଆଜ



ଦରଦାମ ବୃଦ୍ଧିକୁ ନେଇ ୨୦୧୯ରେ ଲୋକେ ଏକ ପ୍ରକାର ଅଣନିଃଶ୍ୱାସୀ ହୋଇଯାଇଛନ୍ତି। ଆଳୁ ଓ ପିଆଜ ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ସାଧାରଣ ଲୋକଙ୍କୁ ହନ୍ତସନ୍ତ କରିଛି। ସେପ୍ଟେମ୍ବରରୁ ଆରମ୍ଭ ହୋଇଥିବା ପିଆଜ ଦର ବୃଦ୍ଧିରେ ଡିସେମ୍ବର ଶେଷ ଯାଏ ବିରାମ ଲାଗି ନାହିଁ। ପିଆଜ ଦର କିଲୋ ପିଛା ୨୦ରୁ ୧୫୦ ଟଙ୍କାରେ ପହଞ୍ଚିଛି। ପ୍ରବଳ ବର୍ଷା ଯୋଗୁ ଆନ୍ଧ୍ର, କର୍ଣ୍ଣାଟକ, ମହାରାଷ୍ଟ୍ରରୁ ଓଡ଼ିଶାକୁ ରପ୍ତାନୀ ବାଧାପ୍ରାପ୍ତ ହେବା ଫଳରେ ଦର ବଢ଼ିଯାଇଥିଲା। କେନ୍ଦ୍ର ସରକାର ଇଜିପ୍ଟରୁ ପିଆଜ ମଗାଇଥିଲେ ମଧ୍ୟ ତାହା ପରିସ୍ଥିତିକୁ ସମ୍ଭାଳି ପାରି ନ ଥିଲା। ସେହିପରି ଆଳୁ କିଲୋ ୮ ଟଙ୍କାରୁ ବୃଦ୍ଧି ହୋଇ ୨୫ ଟଙ୍କାରେ ପହଞ୍ଚିଯାଇଛି। ପଶ୍ଚିମବଙ୍ଗରୁ ଆଳୁ ରପ୍ତାନୀ କମିବା ଯୋଗୁ ସପ୍ତାହକ ମଧ୍ୟରେ ୩ ଗୁଣା ଦର ବଢ଼ିଯାଇଥିଲା। ଏହାଛଡା ପନିପରିବା ଦର ମଧ୍ୟ ଦୈନନ୍ଦିନ ଜୀବନକୁ ଦୁର୍ବିଷହ କରି ପକାଇଛି। କହିବାକୁ ଗଲେ ୨୦୧୯ର ଶେଷ ଆଡ଼କୁ ଦରବୃଦ୍ଧି ସାଧାରଣ ଲୋକଙ୍କୁ ବହୁ ଅଡୁଆରେ ପକାଇ ଦେଇଥିଲା।

## ଟୋକନ ଟେନସନ୍, ଓକିଲଙ୍କ ଆନ୍ଦୋଳନ

ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀବେଞ୍ଚ ପ୍ରତିଷ୍ଠା ଦାବି ଆନ୍ଦୋଳନ ଓ ଟୋକନ ପ୍ରସଙ୍ଗରେ ଚାଷୀ ରାସ୍ତାକୁ ଓହ୍ଲାଇବା ଚଳିତ ବର୍ଷ ମୁଖ୍ୟ ପ୍ରସଙ୍ଗ ରହିଥିଲା। ଓକିଲମାନେ ବଲାଙ୍ଗୀର, ସମ୍ବଲପୁର ଓ ଅନ୍ୟାନ୍ୟ ଅଞ୍ଚଳରେ ଆନ୍ଦୋଳନକୁ ଜୋରଦାର କରିଥିଲେ। ଏପରିକି ଆଇନଜୀବୀଙ୍କ ଆନ୍ଦୋଳନ ସମୟରେ ସମ୍ବଲପୁର ଜେଲଛକରେ ଥିବା ମାଧ୍ୟମିକ ଶିକ୍ଷା ପରିଷଦ ଅଫିସରେ ନିଆଁ ଲାଗି ମୂଲ୍ୟବାନ କାଗଜପତ୍ର ନଷ୍ଟ ହୋଇଥିଲା। ସେହିପରି ଧାନ ଅମଳ ପ୍ରକ୍ରିୟା ଆରମ୍ଭରୁ ଦେଖାଦେଇଥିଲା ଟୋକନ ବିବାଦ। ଏହାକୁ ବିରୋଧ କରି ଚାଷୀମାନେ ରାସ୍ତାକୁ ଓହ୍ଲାଇଥିଲେ। ପୂର୍ବ ବ୍ୟବସ୍ଥାରେ ଧାନକ୍ରୟ କରିବାକୁ ସେମାନେ ଦାବି କରିଥିଲେ। ଧାନକ୍ରୟ ପ୍ରକ୍ରିୟାରେ ଟୋକନ ବ୍ୟବସ୍ଥା ସ୍ୱଚ୍ଛତା ଆଣିବ କହି ସରକାର ଏହାକୁ ଚାଲୁ ରଖିବାକୁ କହିବା ପରେ ଚାଷୀ ଆନ୍ଦୋଳନ ତେଜିୟାନ ହୋଇଥିଲା।



ଧରିତ୍ରୀ
DHARITRI
ମଙ୍ଗଳବାର, ୩୧ ଡିସେମ୍ବର, ୨୦୧୯



ଉତ୍ତରପ୍ରଦେଶ ସରକାର ବିକ୍ଷୋଭକାରୀଙ୍କ ବିରୋଧରେ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଦେଶରେ ହିଂସା, ପ୍ରତିଶୋଧର ସ୍ଥାନ ନାହିଁ।
- ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦିକା



## ସଂକ୍ଷେପରେ

### ଶ୍ୱାସରୁଦ୍ଧ ହୋଇ ୬ ମୃତ

**ଗାଜିଆବାଦ୍,୩୦।୧୨(ଆଇଏଏନ୍ଏସ୍):** ଶ୍ୱାସରୁଦ୍ଧ ହୋଇ ଗାଜିଆବାଦରେ ୫ ଶିଶୁ ଓ ଜଣେ ମହିଳା ପ୍ରାଣ ହରାଇଥିବା ଜଣାପଡ଼ିଛି। ସ୍ଥାନୀୟ ମୌଲାନା ଆଜାଦ୍ କଲୋନୀର ତଳ ମହଲାରେ ରବିବାର ରାତିରେ ହଠାତ୍ ଅଗ୍ନିକାଣ୍ଡ ଘଟିବାରୁ ଘର ଧୂଆଁମୟ ହୋଇଯାଇଥିଲା। ଭେଣ୍ଟିଲେଶନ ସୁବିଧା ଘରେ ନ ଥିବାରୁ ୬ ଜଣ ପ୍ରାଣ ହରାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଟିଭି କିମ୍ବା ଫ୍ରିଜ୍‌ରେ ସର୍ଟ ସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ସୋମବାର ସକାଳେ ଏହି ଘଟଣା ଜଣାପଡ଼ିବା ପରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇପଡ଼ିଛନ୍ତି। ମୃତ୍ୟୁବରଣ କରିଥିବା ଶିଶୁମାନେ ୧୨ ବର୍ଷରୁ କମ୍ ବୟସର ହୋଇଥିବାବେଳେ ମହିଳାଙ୍କ ବୟସ ୪୦ ବର୍ଷ ହେବ। ଏହି ଘଟଣାର ତଦନ୍ତ ଜାରି ରହିଥିବା ଗାଜିଆବାଦ୍ ଏସ୍ଏସ୍‌ପି ସୁଧୀର କୁମାର ସିଂ ପ୍ରକାଶ କରିଛନ୍ତି।

### ଉମେଶ ସିହ୍ନା ହେଲେ ନିର୍ବାଚନ ଉପ କମିଶନର



**ନୂଆଦିଲ୍ଲୀ,୩୦।୧୨(ପି.ଟି.):** ବରିଷ୍ଠ ଆଇଏଏସ୍ ଅଫିସର ଉମେଶ ସିହ୍ନାଙ୍କୁ ନିର୍ବାଚନ ଉପ କମିଶନର ଭାବେ ନିଯୁକ୍ତି ମିଳିଛି। ମଙ୍ଗଳବାର ସେ ଅବସର ନେବାକୁ ଥିବାବେଳେ ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ତାଙ୍କର ପୁନଃ ନିଯୁକ୍ତିକୁ ଅନୁମୋଦନ କରିଛି। ୧୯୮୬ ବ୍ୟାଚ୍‌ର ଏହି ଆଇଏଏସ୍ ଅଫିସର ନିର୍ବାଚନ କମିଶନରେ ମହାସଚିବ ଭାବେ କାର୍ଯ୍ୟ କରୁଥିଲେ।

### ନାଗାଲାଣ୍ଡ ବିଧାନସଭା ବାଚସ୍ପତିଙ୍କ ଦେହାନ୍ତ

**କୋହିମା,୩୦।୧୨(ପି.ଟି.):** ନାଗାଲାଣ୍ଡ ବିଧାନସଭାର ବାଚସ୍ପତି ଭିଖୋ ହୋସୁଙ୍କ ସୋମବାର ମୁମ୍ବାଇର ଏକ ଘରୋଇ



ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା। ଦୀର୍ଘଦିନ ଧରି ସେ ଫୁସ୍‌ଫୁସଜନିତ କର୍କଟ ରୋଗରେ ପୀଡ଼ିତ ଥିଲେ। ନ୍ୟାଶନାଲିଷ୍ଟ ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ପାର୍ଟିର ଜଣେ ଟାଣୁଆ ନେତା ଭାବେ ସେ ଜଣାଶୁଣା ଥିଲେ। ୩ ଥର ରାଜ୍ୟ ବିଧାନସଭାକୁ ସେ ନିର୍ବାଚିତ ହୋଇଥିଲେ। ଏବେ ତାଙ୍କ ଧର୍ମପତ୍ନୀଙ୍କ ସହ ୧୦ ସନ୍ତାନ ଅଛନ୍ତି। ମଙ୍ଗଳବାର ତାଙ୍କ ମରଶରୀର ନାଗାଲାଣ୍ଡରେ ପହଞ୍ଚିବା ପରେ ଶେଷକୃତ୍ୟ ସମ୍ପନ୍ନ ହେବ।

### ଆର୍ଏସ୍ଏସ୍ ମୁଖ୍ୟଙ୍କ ବିରୋଧରେ ଏତଲା

**ହାଇଦ୍ରାବାଦ, ୩୦।୧୨(ପି.ଟି.):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍ଏସ୍ଏସ୍) ମୁଖ୍ୟ ମୋହନ ଭାଗବତଙ୍କ ବିରୋଧରେ ବରିଷ୍ଠ କଂଗ୍ରେସ ନେତା ଭି. ହନୁମନ୍ତ ରାଓ ସୋମବାର ଏତଲା ଦାଏର କରିଛନ୍ତି। ଦେଶର ସମସ୍ତ ୧୩୦ କୋଟି ଲୋକ ହିନ୍ଦୁ ବୋଲି ଭାଗବତ କହିଥିଲେ। ଏହା ଜନସାଧାରଣଙ୍କ ଭାବାବେଗ ପ୍ରତି ଅପମାନ ବୋଲି ରାଓ କହିଛନ୍ତି।

### ଇତିହାସର ଆଇନାରେ
### ଡିସେମ୍ବର ୩୧ର ପ୍ରମୁଖ ଘଟଣା

**୨**୦୧୪ ଡିସେମ୍ବର ୩୧ରେ ସାଂଘାଇରେ ନୂଆବର୍ଷ ପାଳନ ଉତ୍ସବବେଳେ ଦଳାଚକଟା ହେବାରୁ ପ୍ରାୟ ୪୦ ଜଣଙ୍କ ଜୀବନ ଚାଲିଯାଇଥିଲା। ୫୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। ୧୩ ଜଣ ଗୁରୁତର ହୋଇପଡ଼ିଥିଲେ। ଏଠାରେ ୩ ଲକ୍ଷଲୋକ ଉତ୍ସବ ମନାଇବା ଲାଗି ରୁଣ୍ଡ ହୋଇଥିଲେ।

**୨**୦୧୮ ଡିସେମ୍ବର ୩୧ରେ ରୁଷିଆର ମାଗ୍ନିଟୋଗୋରସ୍କ ଶିଳ୍ପାଞ୍ଚଳରେ ଥିବା ଏକ ୧୦ ମହଲା ବିଲ୍ଡିଂ ଭୁଶୁଡ଼ି ପଡ଼ିବା ଫଳରେ ପ୍ରାୟ ୪୦ ଲୋକଙ୍କ ପ୍ରାଣହାନି ଘଟିଥିଲା। ଶତାଧିକ ଲୋକ ଏଥିରେ ଆହତ ହୋଇଥିଲେ। ଗ୍ୟାସ ବିସ୍ଫୋରଣରୁ ଏହା ହୋଇଥିବା ସନ୍ଦେହ କରାଯାଇଥିଲା।

# ଦିଲ୍ଲୀରେ ୧୧୯ ବର୍ଷର ରେକର୍ଡ ଭାଙ୍ଗିଲା ଶୀତ



ଦିଲ୍ଲୀର ଏକ ରେଳ ଷ୍ଟେଶନରେ ମହିଳାଯାତ୍ରୀ କମ୍ବଳ ଘୋଡାଇ ହୋଇଛନ୍ତି।

- ଘନ କୁହୁଡ଼ି ଯୋଗୁ ଜୀବନଯାତ୍ରା ବ୍ୟାହତ
- ୫୩୦ ବିମାନ ବିଳମ୍ବିତ, ୪ ବାତିଲ

**ନୂଆଦିଲ୍ଲୀ,୩୦।୧୨(ପି.ଟି.)**

ଦିଲ୍ଲୀରେ ଶୀତ ଦୀର୍ଘ ୧୧୯ ବର୍ଷର ରେକର୍ଡ ଭାଙ୍ଗିଛି। ଦୁଇ ସପ୍ତାହ ହେଲା ଦିଲ୍ଲୀବାସୀ ଶୀତରେ ଥରୁଥିବାବେଳେ ସୋମବାରକୁ ଡିସେମ୍ବରର ସର୍ବାଧିକ ଥଣ୍ଡାଦିନ ବିବେଚିତ କରାଯାଇଛି। ସୋମବାର ଦିଲ୍ଲୀର ସର୍ବାଧିକ ତାପମାତ୍ରା ଥିଲା ମାତ୍ର ୯.୪ ଡିଗ୍ରୀ ସେଲ୍‌ସିୟସ୍ ଥିଲା, ଯାହାକି ସାଧାରଣ ତାପମାତ୍ରାର ଅଧାକୁ ଖସିଆସିଛି। ୧୯୦୧ ପରେ ଏହା ଡିସେମ୍ବରର ସବୁଠୁ ଥଣ୍ଡା ଦିନ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଆୟାନଗରର ପାଣିପାଗ କେନ୍ଦ୍ରରେ ସର୍ବାଧିକ ତାପମାତ୍ରା ୭.୮ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ରିଜ୍‌ରେ ୮.୪ ଡିଗ୍ରୀ, ପାଲାମରେ ୯ ଡିଗ୍ରୀ ଓ ଲୋଡ଼ିରେ ୯.୨ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ସର୍ବନିମ୍ନ ତାପମାତ୍ରା ୩ଡିଗ୍ରୀ ତଳେ ରହିଛି। ଶନିବାର ସଫଦରଜଙ୍ଗ ଅବଜରଭେଟୋରିରେ ସର୍ବନିମ୍ନ ତାପମାତ୍ରା ୨.୪ ଡିଗ୍ରୀ ରେକର୍ଡ କରାଯାଇଥିଲା, ଯାହାକି ଚଳିତ ଶୀତଋତୁର ସର୍ବନିମ୍ନ ତାପମାତ୍ରା।

ଦିଲ୍ଲୀ ସମେତ ସମଗ୍ର ଉତ୍ତର ଭାରତରେ ପ୍ରବଳ ଶୀତ ଲହରି ସାଙ୍ଗକୁ ଘନକୁହୁଡ଼ି ଯୋଗୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। କୁହୁଡ଼ି ଯୋଗୁ ଭଲ ଦୃଶ୍ୟ ହେଉ ନ ଥିବାରୁ ସୋମବାର ଦିଲ୍ଲୀ ବିମାନବନ୍ଦରରେ ଅବତରଣ କରିବାକୁ ଥିବା ୨୦ଟି ବିମାନକୁ ଅନ୍ୟ ବିମାନବନ୍ଦରକୁ ପଠାଯାଇଥିବାବେଳେ ୪ଟିର ଉଡାଣ ବାତିଲ କରିଦିଆଯାଇଛି। ମଧ୍ୟାହ୍ନ ୧୨ଟା ୫୨ ମିନିଟ ସୁଦ୍ଧା ପାଖାପାଖି ୫୩୦ ବିମାନ ଉଡ଼ାଣ ଓ ଅବତରଣରେ ବିଳମ୍ବ ହୋଇଥିବା ଏୟାରପୋର୍ଟ କର୍ତ୍ତୃପକ୍ଷ କହିଛନ୍ତି। ଉତ୍ତର ଭାରତରେ ଘନକୁହୁଡ଼ି ଯୋଗୁ ବିମାନସେବା ପ୍ରଭାବିତ ହୋଇଛି। ପରିସ୍ଥିତିକୁ ଅନୁଧ୍ୟାନ କରି ସୋସିଆଲ ପ୍ଲାଟଫର୍ମରେ ଉଡ଼ାଣର ଠିକ୍ ସମୟ ସମ୍ପର୍କରେ ସୂଚନା ଦିଆଯିବ ବୋଲି ଇଣ୍ଡିଗୋ ପକ୍ଷରୁ କୁହାଯାଇଛି। ଘର ଛାଡ଼ିବା ପୂର୍ବରୁ ବିମାନ ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିବାକୁ ଯାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଛି।

## କେନାଲକୁ କାର୍ ଖସି ୬ ମୃତ

**ନୋଇଡା,୩୦।୧୨(ପି.ଟି.)**

ପ୍ରବଳ ଶୀତ ସାଙ୍ଗକୁ ଘନ କୁହୁଡ଼ିର ଆସ୍ତରଣ ଉତ୍ତର ଭାରତକୁ ଆଚ୍ଛାଦିତ କରି ରଖିଥିବାବେଳେ ରାସ୍ତାଘାଟ ଭଲ ଭାବେ ଦୃଶ୍ୟ ହେଉ ନ ଥିବାରୁ ଦୁର୍ଘଟଣା ବୃଦ୍ଧି ପାଇଛି। ରବିବାର ରାତିରେ କୁହୁଡ଼ି ଯୋଗୁ ଉତ୍ତରପ୍ରଦେଶର ଗ୍ରେଟର ନୋଇଡାରେ ଏକ କାର୍ କେନାଲରେ ଖସିପଡ଼ିବାରୁ ୬ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୨ ଜଣ ଶିଶୁ ଅଛନ୍ତି। କାର୍‌ରେ ଥିବା ଅନ୍ୟ ୫ ଜଣ ଆହତ ହୋଇଛନ୍ତି। ଏକ ମାରୁତି ଏର୍ଟିଗାରେ ୧୧ ଜଣ ଯାତ୍ରୀ ଯାଉଥିଲାବେଳେ ରାତି ସାଢ଼େ ୧୧ଟା ବେଳେ ଏହି ଦୁର୍ଘଟଣା ଘଟିଥିଲା। କାର୍‌ଟି ଡଙ୍କଉର ଅଞ୍ଚଳର ଖେରଲି କେନାଲରେ ଖସିପଡିଥିଲା। ସମସ୍ତ ଯାତ୍ରୀଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ୬ ଜଣଙ୍କୁ ମୃତ ଘୋଷଣା କରିଥିଲେ।

## ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ନିଆଁ

**ନୂଆଦିଲ୍ଲୀ,୩୦।୧୨(ଆଇଏଏନ୍ଏସ୍)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୯ ଲୋକକଲ୍ୟାଣ ମାର୍ଗ ବାସଭବନ କମ୍ପ୍ଲେକ୍ସରେ ସୋମବାର ସନ୍ଧ୍ୟାରେ ଛୋଟ ଧରଣର ଅଗ୍ନିକାଣ୍ଡ ହୋଇଛି। ସର୍ଟ ସର୍କିଟରୁ ନିଆଁ ଲାଗିଥିବାବେଳେ ଏହାକୁ ତୁରନ୍ତ ନିୟନ୍ତ୍ରଣ କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ବାସଭବନରୁ ଫୋନ କଲ୍ ପାଇ ୯ଟି ନିଆଁଲିଭା ଗାଡ଼ି ପହଞ୍ଚିଥିଲା। ଇନ୍‌ଭର୍ଟରରୁ ସ୍ପାର୍କି ହୋଇ ନିଆଁ ଲାଗିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ପ୍ରଧାନମନ୍ତ୍ରୀଙ୍କ ବାସଭବନ କିମ୍ବା କାର୍ଯ୍ୟାଳୟ ନୁହେଁ ଏସ୍‌ପିଜି ରିସେପଶନ୍ ଅଞ୍ଚଳରେ ନିଆଁ ଲାଗିଥିଲା ବୋଲି ପିଏମ୍ଓ ପକ୍ଷରୁ ଟୁଇଟ୍ କରାଯାଇଛି।

## ଅଟକ ୫ କଶ୍ମୀରୀ ନେତା ମୁକୁଳିଲେ

**ଶ୍ରୀନଗର,୩୦।୧୨(ପି.ଟି.)**

ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ଜମ୍ମୁ-କଶ୍ମୀର ବିଭାଜନ ଘୋଷଣା ପରେ ଅଗଷ୍ଟ ୫ରୁ ଅଟକ ଥିବା ୫ ଜଣ ରାଜନେତାଙ୍କୁ ପ୍ରଶାସନ ସୋମବାର ମୁକ୍ତ କରିଦେଇଛି। ମୁକୁଳିଥିବା ନେତାମାନେ ହେଲେ ନ୍ୟାଶନାଲ କନ୍‌ଫରେନ୍ସର ଇଶ୍‌ଫାକ୍ ଜବ୍ବାର, ଗୁଲାମ ନବୀ ଭଟ୍ଟ, ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି)ର ବଶିର ମୀର୍, ଜହୁର ମୀର୍ ଏବଂ ୟାସିର ରେଶି। ରେଶି ପିଡିପି ନେତ୍ରୀ ମେହବୁବା ମୁଫ୍‌ତିଙ୍କ ବିରୋଧୀ ଭାବେ ଜଣାଶୁଣା। ଗତ ନଭେମ୍ବର ୨୫ରେ ପିଡିପି ନେତା ଦିଲୱାର ମୀର୍ ଏବଂ ଡେମୋକ୍ରାଟିକ୍ ପାର୍ଟି ଅଫ ନ୍ୟାଶନାଲିଷ୍ଟର ନେତା ଗୁଲାମ ହାସନ ମୀର୍‌ଙ୍କୁ ମୁକ୍ତ କରାଯାଇଥିଲା।

## ଟେକ୍ସାସ ଚର୍ଚ୍ଚରେ ଗୁଳିକାଣ୍ଡ: ୨ ନିହତ

**ହ୍ୟୁଷ୍ଟନ,୩୦।୧୨(ପି.ଟି.)**

ଟେକ୍ସାସ୍‌ର ଏକ ଚର୍ଚ୍ଚରେ ରବିବାର ଜଣେ ବନ୍ଧୁକଧାରୀ ଗୁଳି ଚଳାଇବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ସୁରକ୍ଷା ଯବାନଙ୍କ ଗୁଳିରେ ଆକ୍ରମଣକାରୀ ନିହତ ହୋଇଛନ୍ତି। ହ୍ୱାଇଟ୍ ସେଟଲମେଣ୍ଟରେ ଥିବା ଫ୍ରିୱେ ଚର୍ଚ୍ଚରେ ଲୋକମାନେ ପ୍ରାର୍ଥନା କରୁଥିବାବେଳେ ବନ୍ଧୁକଧାରୀ ଗୁଳି ଚଳାଇଥିଲେ। ଭିଡିଓ ଫୁଟେଜ୍‌ରେ ଦେଖାଯାଇଛି ଆକ୍ରମଣକାରୀ ଚର୍ଚ୍ଚରେ ପହଞ୍ଚିବା ପରେ ଜଣକ ସହ କଥା ହୋଇଥିଲେ ଓ ବନ୍ଧୁକ ବାହାର କରି ଗୁଳି ଚଳାଇଥିଲେ।

■ ରାଜନୈତିକ ଦଳଗୁଡ଼ିକୁ ମମତାଙ୍କ ଆହ୍ୱାନ

# ଭାଜପାକୁ ଏକଘରିଆ ଲାଗି ଏକାଠି ହୁଅ

**ପୁରୁଲିଆ,୩୦।୧୨(ପି.ଟି.)**



ଭାଜପାକୁ ଏକଘରିଆ କରିବା ଲାଗି ଟିଏମ୍‌ସି ନେତ୍ରୀ ମମତା ବାନାର୍ଜୀ ସୋମବାର ସମସ୍ତ ରାଜନୈତିକ ଦଳ ଓ ନାଗରିକ ସମାଜକୁ ଆହ୍ୱାନ କରିଛନ୍ତି। ପଶ୍ଚିମବଙ୍ଗର ପୁରୁଲିଆଠାରେ ଏକ ଜନସଭାକୁ ସମ୍ବୋଧିତ କରି ଭାଜପା ନାଗରିକଙ୍କ ନାଗରିକତ୍ୱ ଛଡ଼ାଇ ନେବା ଲାଗି ପ୍ରୟାସ କରୁଥିବା ଅଭିଯୋଗ କରିଛନ୍ତି। ଏମିତିକି ସିଏଏକୁ ବିରୋଧ କରି ବିକ୍ଷୋଭ କରୁଥିବା ଲୋକଙ୍କୁ ଦେଶଦ୍ରୋହୀ ଭାବେ ଚିତ୍ରଣ କରାଯାଉଛି। ଏନ୍‌ପିଆର୍‌କୁ ରାଜ୍ୟରେ ଲାଗୁ କରାଯାଇପାରିବ ନାହିଁ ବୋଲି ମମତା କହିଛନ୍ତି। ସମସ୍ତ ରାଜନୈତିକ ଦଳ, ନାଗରିକ ସମାଜ, ଛାତ୍ର ଗୋଷ୍ଠୀ ଦେଶରେ ଭାଜପାର ଏକଛତ୍ରବାଦ ନୀତିକୁ ବିରୋଧ କରିବା ଉଚିତ। ସ୍ୱାଧୀନତା ଛଡ଼ାଇନେବାକୁ ପ୍ରୟାସ କରୁଥିବା ଏହି ଦଳକୁ କୌଣସି ସୁଯୋଗ ଦେବାନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ସିଏଏ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଏଭଳି ବିରୋଧ ଜାରି ରହିବ ବୋଲି ମମତା କହିଛନ୍ତି। କାହାରିକୁ ଦେଶ ଛାଡ଼ି ଯିବାକୁ ଦିଆଯିବନି। ବେଙ୍ଗଲରେ ସିଏଏ ଓ ଏନ୍‌ପିଆର୍ ଲାଗୁ ହେବାର ପ୍ରଶ୍ନ ଉଠୁନି। ବିଶେଷକରି ସେ ବଞ୍ଚିଥିବା ପର୍ଯ୍ୟନ୍ତ ଏହା ସମ୍ଭବ ନୁହେଁ ବୋଲି ମମତା ପ୍ରକାଶ କରିଛନ୍ତି।

## ଜମ୍ମୁ-କଶ୍ମୀରରେ ନିଯୁକ୍ତି ଲାଗି ସର୍ବଭାରତୀୟ ସ୍ତରରୁ ଦରଖାସ୍ତ ଆହ୍ୱାନ

**ଜମ୍ମୁ,୩୦।୧୨(ପି.ଟି.)**

ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ସେଠାରେ ନିଯୁକ୍ତି ଲାଗି ପ୍ରଥମ ଥର ପାଇଁ ସର୍ବଭାରତୀୟ ସ୍ତରରୁ ପ୍ରାର୍ଥୀମାନଙ୍କୁ ସୁଯୋଗ ଦିଆଯାଇଛି। ଜମ୍ମୁ-କଶ୍ମୀର ହାଇକୋର୍ଟରେ ଖାଲିଥିବା ୩୩ ପଦବୀ ଲାଗି ସାରା ଦେଶରୁ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଇଛି। ଷ୍ଟେନୋଗ୍ରାଫର, ଷ୍ଟେନୋ ଟାଇପିଷ୍ଟ, କମ୍ପୋଜିଟର, ଇଲେକ୍ଟ୍ରିସିଆନ ଏବଂ ଡ୍ରାଇଭର ପଦବୀ ଲାଗି ଆବେଦନ କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆବେଦନପତ୍ର ଦାଖଲର ଶେଷ ତାରିଖ ଜାନୁୟାରୀ ୩୧ ରହିଛି।



କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ନେବା ପରେ ଆଦିତ୍ୟ ଠାକ୍‌ରେ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ସହ ହାତ ମିଳାଉଛନ୍ତି।



ଶ୍ରୀନଗରର ଟାଙ୍ଗମାର୍ଗଠାରେ ତୁଷାରପାତ ପରେ ଏକ ବ୍ରିଜ୍‌ରୁ ବରଫ ଝୁଲି ରହିଛି।

## ସିଏଏ ବିରୋଧରେ ନୂଆବର୍ଷରେ ଅନଶନ କରିବ କଂଗ୍ରେସ

**ନୂଆଦିଲ୍ଲୀ,୩୦।୧୨(ପି.ଟି.)**

ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ), ଆର୍ଥିକ ମାନ୍ଦାବସ୍ଥା ଓ ବେରୋଜଗାରୀ ବିରୋଧରେ କଂଗ୍ରେସର ଦିଲ୍ଲୀ ସଂଗଠନ ନୂଆବର୍ଷରେ ୧୨ ଘଣ୍ଟିଆ ଅନଶନରେ ବସିବାକୁ ଘୋଷଣା କରିଛି। କନ୍ନଟ ପ୍ଲେସ୍‌ରେ ମଙ୍ଗଳବାର ସନ୍ଧ୍ୟା ୬ଟାରୁ ବୁଧବାର ସକାଳ ୬ଟା ପର୍ଯ୍ୟନ୍ତ ଅନଶନ ଧର୍ମଘଟ କରାଯିବ। ସିଏଏକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ସାରା ଦେଶ ଆର୍ଥିକ ମାନ୍ଦାବସ୍ଥା ଓ ବେରୋଜଗାରୀ ସମସ୍ୟା ଦେଇ ଗତି କରୁଥିବାବେଳେ ନୂଆବର୍ଷ ପାଳନ କରିବାର କୌଣସି କାରଣ ନାହିଁ ବୋଲି ଦିଲ୍ଲୀ କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ କୀର୍ତ୍ତି ଆଜାଦ କହିଛନ୍ତି।

## ୟୁପି ପୋଲିସ କାର୍ଯ୍ୟାନୁଷ୍ଠାନର ବିଚାର ବିଭାଗୀୟ ତଦନ୍ତ ଦାବି

**ଲକ୍ଷ୍ନୌ,୩୦।୧୨(ପି.ଟି.)**

ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ) ବିରୋଧୀ ହିଂସାତ୍ମକ ଆନ୍ଦୋଳନ ବେଳେ ଉତ୍ତରପ୍ରଦେଶ ପୋଲିସର ବେଆଇନ କାର୍ଯ୍ୟାନୁଷ୍ଠାନର ବିଚାର ବିଭାଗୀୟ ତଦନ୍ତ ଲାଗି କଂଗ୍ରେସ ଦାବି କରିଛି। ଏନେଇ ଦଳର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଓ ଉତ୍ତର ପ୍ରଦେଶ କଂଗ୍ରେସ ମୁଖ୍ୟ ଅଜୟ କୁମାର ଲାଲୁଙ୍କ ସ୍ୱାକ୍ଷରରେ ୧୪ ପୃଷ୍ଠାର ଏକ ସ୍ମାରକପତ୍ର ରାଜ୍ୟପାଳ ଆନନ୍ଦୀବେନ୍ ପଟେଲଙ୍କୁ ପ୍ରଦାନ କରାଯାଇଛି। ଆନ୍ଦୋଳନ ଦମନ ପାଇଁ ନାଗରିକଙ୍କ ଉପରେ ପୋଲିସର କାର୍ଯ୍ୟାନୁଷ୍ଠାନ ବେଆଇନ ଓ ନିୟମ ବିରୁଦ୍ଧ ବୋଲି ଏଥିରେ କୁହାଯାଇଛି। ପ୍ରତି ନାଗରିକର ଅଧିକାରର ସୁରକ୍ଷା କରିବା ପୋଲିସର କର୍ତ୍ତବ୍ୟ ହୋଇଥିବାବେଳେ ଏହାର ଉଲ୍ଲଂଘନ ହୋଇଥିବା କଂଗ୍ରେସ ଅଭିଯୋଗ କରିଛି।

## ନାଗାଲାଣ୍ଡରେ ଆଫ୍‌ସ୍ପା ସମୟସୀମା ୬ ମାସ ବଢ଼ିଲା

**ନୂଆଦିଲ୍ଲୀ,୩୦।୧୨(ଆଇଏଏନ୍ଏସ୍)**

ନାଗାଲାଣ୍ଡରେ ସଶସ୍ତ୍ର ବାହିନୀ ସ୍ୱତନ୍ତ୍ର କ୍ଷମତା ଆଇନ, ୧୯୫୮ (ଆଫ୍‌ସ୍ପା) କାର୍ଯ୍ୟକାଳକୁ ଆଉ ୬ ମାସ ବଢ଼ାଇଦିଆଯାଇଛି। ସୋମବାର କେନ୍ଦ୍ର ସରକାର ଏହି ଘୋଷଣା କରିଛନ୍ତି। ସମଗ୍ର ନାଗାଲାଣ୍ଡରେ ଅସ୍ଥିର ଅବସ୍ଥା ଲାଗିରହିଥିବାରୁ ଆଫ୍‌ସ୍ପା ଆଇନର ବ୍ୟବହାର କରିବାକୁ ପଡୁଛି ବୋଲି ଗେଜେଟ ବିଜ୍ଞପ୍ତିରେ କୁହାଯାଇଛି। ଏହି ରାଜ୍ୟରେ ୬ ଦଶନ୍ଧି ହେଲା ଆଫ୍‌ସ୍ପା କାର୍ଯ୍ୟକାରୀ ହୋଇଆସୁଛି। ୨୦୧୫ ଅଗଷ୍ଟ ୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିରେ ନାଗା ଉଗ୍ରବାଦୀ ସଂଗଠନ ନ୍ୟାଶନାଲ ସୋସିଆଲିଷ୍ଟ କାଉନ୍‌ସିଲ ଅଫ୍ ନାଗାଲାଣ୍ଡ (ଆଇଜାକ୍ ମୁଇଭା)ର ସାଧାରଣ ସମ୍ପାଦକ ଥୁଇଙ୍ଗାଲେଙ୍ଗ୍ ମୁଇଭାଙ୍କ ସହ ସରକାରଙ୍କ ମଧ୍ୟସ୍ଥି ଆର୍.ଏନ୍. ରବିଙ୍କ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର ସତ୍ତ୍ୱେ ଉକ୍ତ ଆଇନକୁ ଉଠାଯାଇପାରିନାହିଁ। ଏହି ଆଇନ ଆସାମ ସମେତ ମଣିପୁର ଓ ଅରୁଣାଚଳପ୍ରଦେଶର କେତେକ ଅଞ୍ଚଳରେ ମଧ୍ୟ ଲାଗୁ ହୋଇଛି।



■ ସିଏଏ ପ୍ରତି ସମର୍ଥନ ଯୋଗାଡ଼ ପ୍ରୟାସ

# ଟୁଇଟର ଅଭିଯାନ ଆରମ୍ଭ କଲେ ମୋଦି

**ନୂଆଦିଲ୍ଲୀ,୩୦।୧୨(ଆଇଏଏନ୍ଏସ୍)**

ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ) ପ୍ରତି ଜନସାଧାରଣଙ୍କ ସମର୍ଥନ ଯୋଗାଡ଼ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଏକ ଟୁଇଟର୍ ଅଭିଯାନ ଆରମ୍ଭ କରିଛନ୍ତି। ଏହି ଆଇନ ଭାରତରେ ଶରଣାର୍ଥୀ ଭାବେ ରହିଥିବା ଲୋକଙ୍କୁ ନାଗରିକତ୍ୱ ଦେବା ପାଇଁ, କାହାର ନାଗରିକତ୍ୱ ଛଡ଼ାଇନେବା ଲାଗି ନୁହେଁ ବୋଲି ସେ ତାଙ୍କର ବ୍ୟକ୍ତିଗତ ୱେବ୍‌ସାଇଟର ଟୁଇଟର ହ୍ୟାଣ୍ଡଲ୍‌ରେ ଲେଖିଛନ୍ତି। ଏହାକୁ ନମୋ ଆପ୍‌ର ଭଲ୍ୟୁଣ୍ଟର ମୋଡ୍ୟୁଲ୍ ସେକ୍ସନରେ ଥିବା ୟୋର ଭଏସ୍ ସେକ୍ସନରେ ଏ ସମ୍ପର୍କିତ ବିଷୟ, ଚିତ୍ର, ଭିଡିଓ ଆଦି ଦେଖିବା ସହ ସମର୍ଥନ ଓ ଶେୟାର କରିବା ପାଇଁ କୁହାଯାଇଛି। ମୋଦିଙ୍କର ଏହି ପୋଷ୍ଟକୁ କିଛି ସମୟ ମଧ୍ୟରେ ୧୩୦୦ ଥର ରିଟୁଇଟ୍ କରାଯିବା ସହ ୨୭୦୦



ଲାଇକ୍ କରାଯାଇଛି ଏବଂ ୩୮୬ ହଜାର ସମର୍ଥନ ମିଳିଛି। ପ୍ରଧାନମନ୍ତ୍ରୀ ଆଧ୍ୟାତ୍ମିକ ଗୁରୁ ଜାଗି ବାସୁଦେବଙ୍କ ଏକ ଭିଡିଓ ମଧ୍ୟ ଟୁଇଟ୍ କରିଛନ୍ତି। ଆଧ୍ୟାତ୍ମିକ ଗୁରୁ ସିଏଏକୁ ସମର୍ଥନ କରି ଏହା ଉପରେ ସ୍ୱଷ୍ଟ ବ୍ୟାଖ୍ୟା କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

ଭାଜପା ନେତ୍ରୀ ମୀନାକ୍ଷୀ ଲେଖି ଟୁଇଟ୍ କରି ନିଷ୍ଠୁର ଧର୍ମାନ୍ଧତାର ବଶବର୍ତ୍ତୀ ନ ହେବା ପାଇଁ ଆହ୍ୱାନ ଦେଇଛନ୍ତି। ସିଏଏକୁ ସମର୍ଥନ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଟୁଇଟ୍ କରିଛନ୍ତି। ସିଏଏ ଲାଗୁ ହେଲେ ଭାରତୀୟ ମୁସଲମାନ ନାଗରିକତ୍ୱ ହରାଇବେ ବୋଲି ମିଥ୍ୟା ପ୍ରଚାର କରାଯିବା ସହ ବିରୋଧ ନାଁରେ ସର୍ବସାଧାରଣ ସମ୍ପତ୍ତି ନଷ୍ଟ କରାଯାଉଥିବା ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର ଟୁଇଟ୍ କରିଛନ୍ତି। ଯେଉଁମାନେ ଶରଣାର୍ଥୀମାନଙ୍କୁ ଆଶ୍ରୟ ଦେବାକୁ ନେଇ ଚିନ୍ତିତ ହୋଇପଡ଼ିଛନ୍ତି ସେମାନେ ପ୍ରଥମେ ସେମାନଙ୍କ ହୃଦୟରେ ସ୍ଥାନ ଦେବା ଉଚିତ ବୋଲି ଭାଜପା ଆଇଟି ସେଲ୍ ମୁଖ୍ୟ ଅମିତ ମାଲବ୍ୟ ଟୁଇଟ୍ କରିବା ସହ ଏକ ଭିଡିଓ କ୍ଲିପ୍ ପୋଷ୍ଟ କରିଛନ୍ତି। ତାଙ୍କ ଟୁଇଟ୍‌କୁ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ରିଟୁଇଟ୍ କରିଛନ୍ତି।

ନୂଆ ଆଇନ ସିଏଏ ଡିସେମ୍ବର ୧୧ରେ ପାର୍ଲାମେଣ୍ଟରେ ଗୃହୀତ ହେବା ପରେ ଦେଶବ୍ୟାପୀ ଏହାକୁ ବିରୋଧ କରାଯାଉଛି। ପଡୋଶୀ ଦେଶ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରେ ଧର୍ମୀୟ ବିଦ୍ୱେଷର ଶିକାର ହୋଇ ୨୦୧୪ ଡିସେମ୍ବର ୩୧ ପୂର୍ବରୁ ଭାରତରେ ଶରଣାର୍ଥୀ ଭାବେ ରହୁଥିବା ଅଣମୁସଲମାନମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ ଲାଗି ସରକାର ଏହି ଆଇନ ଆଣିଛନ୍ତି। ତେବେ ଏହି ସୁବିଧାରୁ ପଡୋଶୀ ଦେଶର ମୁସଲମାନଙ୍କୁ ବାଦ୍ ଦିଆଯାଇଥିବାରୁ ଏହାକୁ ସମାଲୋଚନା କରାଯାଇଛି। ସିଏଏ ବିରୋଧୀ ହିଂସାତ୍ମକ ଆନ୍ଦୋଳନ ବେଳେ ଉତ୍ତରପ୍ରଦେଶରେ ୧୯ ଜଣଙ୍କ ସମେତ ମୋଟ ୨୬ ଜଣଙ୍କ ଜୀବନ ଯାଇଛି। ବିକ୍ଷୋଭକାରୀଙ୍କୁ ଦମନ କରିବା ଲାଗି ପୋଲିସ ମାତ୍ରାଧିକ ବଳ ପ୍ରୟୋଗ କରିଥିବା ଅଭିଯୋଗ ହୋଇଛି। ପୋଲିସ ଗୁଳିରେ ୧୪ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଉତ୍ତରପ୍ରଦେଶର ମିରଟରେ ପୋଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ବେଳେ ସର୍ବାଧିକ ୫ ଜଣଙ୍କ ମୃତ୍ୟୁ ଘଟିଥିଲା।



କଥା କହିବାର ଶୈଳୀ ଏମିତି ରଖ ଯେ, ଅନ୍ୟମାନେ ତୁମ କଥା ଶୁଣିବାକୁ ବ୍ୟାକୁଳ ହେବେ। କଥା ଶୁଣିବାର ଶୈଳୀ ଏମିତି ରଖ ଯେ, ଅନ୍ୟମାନେ ତୁମକୁ ପ୍ରତ୍ୟେକ କଥା କହିବେ।
- ଚାଣକ୍ୟ



## ସଂକ୍ଷେପରେ

### କାର ଧକ୍କାରେ ବାଇକ୍ ଆରୋହୀ ମୃତ

ଧମା, ୩୦।୧୨ (ଡି.ଏନ.ଏ.): ସୋମବାର ଅପରାହ୍ଣ ୨ଟାରେ ଏକ କାର୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଧମା ଥାନା ଅଧୀନ ବହଁଶରା ଗ୍ରାମର ସୁବାସ କୁହଁର (୪୫)। ଅପରାହ୍ଣରେ ବାଇକ୍ (ନଂ.ଓଆର୧୫ଏନ୍-୧୬୬୯) ଯୋଗେ ସମ୍ବଲପୁର ପଟେ ଯାଉଥିବା ବେଳେ ଶାନ୍ତି ରାଇସ୍ ମିଲ୍ ସମ୍ମୁଖରେ ଏକ କାର ତାଙ୍କୁ ପଛପଟୁ ଧକ୍କା ଦେବାରୁ ଗୁରୁତର ଆହତ ହୋଇଥିଲେ। ଖବର ପାଇ ଧମା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଦୁର୍ଘଟଣା ଘଟାଇଥିବା ଗାଡି ସେଠାରୁ ଫେରାର ହୋଇଯାଇଥିଲା। ଗୁରୁତର ଆହତଙ୍କୁ ବୁର୍ଲା ମେଡିକାଲ୍‌ରେ ଭର୍ତ୍ତିକରାଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଏବାବଦରେ ବୁର୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଜଣାପଡିଛି।

### ଜାନୁୟାରୀ ୨ରେ ଗାନ୍ଧୀ ଆଧ୍ୟାତ୍ମିକତା ବକ୍ତୃତା

ସମ୍ବଲପୁର,୩୦।୧୨(ବ୍ୟୁରୋ): ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ୩୬ ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆସନ୍ତା ୨ ତାରିଖରେ ଗାନ୍ଧୀ ଓ ଆଧ୍ୟାତ୍ମିକତା ଶୀର୍ଷକ ବକ୍ତୃତା ଆୟୋଜିତ ହେବ । ବିଶ୍ୱାତ୍ମ ଚେତନା ପରିଷଦର ଅଧକ୍ଷ ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ ଓ ଆଧ୍ୟାତ୍ମିକ ପ୍ରବକ୍ତା ଡା. କୃଷ୍ଣକେଶବ ଷଡ଼ଙ୍ଗୀ ଏଥିରେ ଯୋଗ ଦେବେ । ନୃସିଂହ ଗୁରୁ ସ୍ମୃତି ସମିତି ପକ୍ଷରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମଧ ପୁରସ୍କୃତ କରାଯିବ। ସୋମବାର ସ୍ମୃତି ସମିତି ସଂପାଦକ ହେମନ୍ତ କୁମାର ମହାପାତ୍ର ପ୍ରେସ ବିବୃତିରେ ଏହି ସୂଚନା ଦେଇଛନ୍ତି।

### ହାଡ଼ଭଙ୍ଗା ଶୀତ ଦାଉରୁ ରକ୍ଷା ପାଇଁ ରାତ୍ରି ଆଶ୍ରୟସ୍ଥଳୀ

କୁଚିଣ୍ଡା, ୩୦।୧୨(ଡି.ଏନ.ଏ.) : କୁଚିଣ୍ଡା ଏନଏସିରେ ରବିବାରଠାରୁ ପ୍ରବଳ ଶୀତ ଅନୁଭୂତ ହେଉଛି। ଭିକାରି, ବୁଲା ବିକାଳି ଏବଂ ଅସହାୟ ବ୍ୟକ୍ତି ବାହାରେ ଶୋଇ ହଇରାଣ ହେଉଛନ୍ତି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ କୁଚିଣ୍ଡା ଏନଏସି ପକ୍ଷରୁ ସଫେଇ ଇନ୍‌ଚାର୍ଜ ତପନ ମହାପାତ୍ର ଓ ସଫେଇ କର୍ମଚାରୀ ସୁରଜ ମହାନନ୍ଦ ରବିବାର ରାତିରେ ବୁଲି ବାହାରେ ଶୋଇଥିବା କେତେକ ବ୍ୟକ୍ତିଙ୍କୁ ଠାବ କରିବା ସହ ସେମାନଙ୍କୁ ଶୀତବସ୍ତ୍ର କମ୍ବଳ ପ୍ରଦାନ କରାଯାଇଛି। ଏଥିସହ ସେଠାରୁ ନେଇ ମୁକ୍ତାକାଶ ଧର୍ମଶାଳାରେ ଏକ ସାଙ୍ଗରେ ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଶୋଇବା ପାଇଁ ଗଦା ବିଛାଇବା ସହ କମ୍ବଳ ବ୍ୟବସ୍ଥା ରଖାଯାଇଛି। ରବିବାର ୩ଜଣ ଅସହାୟଙ୍କୁ ନେଇ ଖାଇବା ବ୍ୟବସ୍ଥା କରିବା ସହ ରାତ୍ରି ଆଶ୍ରୟସ୍ଥଳରେ ରଖିଛନ୍ତି । ସୋମବାର ମଧ ଏପରି କାର୍ଯ୍ୟକ୍ରମ ଜାରି ରହିବ ବୋଲି ଏନଏସି ପକ୍ଷରୁ ପ୍ରକାଶ।

# ଏନ୍‌ଏଲ୍‌ସି ପାଉଁଶୟାର୍ଡକୁ ବିରୋଧ

ସମ୍ବଲପୁର,୩୦।୧୨(ବ୍ୟୁରୋ)

ସମ୍ବଲପୁର ଠେଲକୋଲି ଅଞ୍ଚଳରେ ଏନ୍‌ଏଲ୍‌ସି କମ୍ପାନୀ ପାଉଶଁ ଗଦା କରିବାକୁ ଯାଉଛି। ଏଥିପାଇଁ ପ୍ରାୟ ୫ ଶହ ୫୦ ଏକର ଜମି ଅଧିଗ୍ରହଣ କରିବାକୁ ଯୋଜନା କରୁଛି। ହେଲେ ଏହାକୁ ବନ୍ଦ କରାଯାଉ ବୋଲି ଠେଲକୋଲି ଅଞ୍ଚଳର ଆରଆର କଲୋନୀବାସୀ ଦାବି କରି ସୋମବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ସେମାନଙ୍କ ଅଭିଯୋଗ କ୍ରମେ ୨୦୦୪ ମସିହାରେ ଭୂଷଣ ପାୱାର ଆଣ୍ଡ ଷ୍ଟିଲ କମ୍ପାନୀ ଦ୍ୱାରା ବିସ୍ଥାପିତ ହାଇଥିଲେ। କମ୍ପାନୀ ପକ୍ଷରୁ ଆରଆର କଲୋନୀରେ ୧୬୫ ପରିବାରକୁ ଥଇଥାନ କରାଯାଇଥିଲା। ପୁଣି ଏବେ ଏନଏଲସି କମ୍ପାନୀ ଦାଉ ସାଧୁଛି । କଲୋନୀକୁ ଛାଡି ଚତୁପାର୍ଶ୍ୱର ପ୍ରାୟ ୫ ଶହ ଏକ ଜମିରେ ପାଉଁଶ ଗଦା କରିବାକୁ ପରିଦର୍ଶନ କରି ସ୍ଥିର କରିଛି। ପାଉଁଶ ପାହାଡ ହୋଇଗଲେ କଲୋନୀବାସୀ କେମିତି ରହବେ ବୋଲି ପ୍ରଶ୍ନ କରିଛନ୍ତି। ଧୂଳିଗୁଣ୍ଡ ପରିବେଶରେ ରହିବା କଷ୍ଟକର ହେବ। ଯଦି ପାଉଶଁ ୟାର୍ଡ କରାଯିବ ତାହା ହେଲେ ସେମାନଙ୍କୁ ପୁଣି ଥରେ ଥଇଥାନ କରାଯାଉ। ନ ଚେତ ସେହି ସ୍ଥାନରେ ପାଉଶଁ ପାକାଇବା ବନ୍ଦ କରାଯାଉ ବୋଲି ଦାବି କରିଛନ୍ତି। ଅନ୍ୟଥା ସେମାନେ ମରିବେ ପଛେ କମ୍ପାନୀକୁ ଠିଆ ହେବାକୁ ଦେବେ ନାହିଁ ବୋଲି ଚନ୍ଦ୍ରଶେଖର ରାଉତ, ମନୋଜ ଭୁଏ, ସୁଧୀର କୁମାର ନାଥ, ସୁଦର୍ଶନ ରୋହିଦାସ, ଅମୂଲ୍ୟ ପ୍ରଧାନ ଚେତାବନୀ ଦେଇଛନ୍ତି।



ଏନଏଲସି କମ୍ପାନୀ ପକ୍ଷରୁ ହେବାକୁ ଥିବା ପାଉଁଶଗଦାକୁ ବିରୋଧ କରି ଠେଲକୋଲି ଆରଆର କଲୋନୀବାସୀ ।

■ ଟ୍ରକ୍ ଡ୍ରାଇଭରଙ୍କଠାରୁ ଲୁଟ୍

## ନାବାଳକ ଗିରଫ, ୩ ଫେରାର, ୨ ବାଇକ ଜବତ

ରେଢାଖୋଲ,୩୦।୧୨(ଡି.ଏନ.ଏ.)

ରେଢାଖୋଲ ଥାନା ୫୫ ନଂ. ଜାତୀୟ ରାଜପଥର ବେଲଡିହି ନିକଟରେ ରବିବାର ରାତିରେ ଏକ ଟ୍ରକ ଡ୍ରାଇଭରଙ୍କଠାରୁ ୪ ଜଣ ଯୁବକ ୨ଟି ବାଇକରେ ଆସି ମାରପିଟ କରିବା ସହ ୨୭୦୦ ଟଙ୍କା ଲୁଟ କରିନେଇ ଥିବା ଥାନାରେ ଅଭିଯୋଗ ହୋଇଛି। ଏ ଘଟଣାରେ ପୋଲିସ ଅନୁଗୋଳର ଜଣେ ନାବାଳକଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ୩ ଜଣ ଯୁବକ ଫେରାର ହୋଇଯାଇଥିବା ପୋଲିସ କହିଛି। ମଙ୍ଗଳବାର ଗିରଫ ନାବାଳକଙ୍କୁ ଜୁଭେନାଲ କୋର୍ଟରେ ହାଜର କରାଯିବ ବୋଲି ପୋଲିସ କହିଛି। ଟ୍ରକ୍ ଡ୍ରାଇଭର ଢେଙ୍କାନାଳର କୁମରମଣି ପ୍ରଧାନଙ୍କ ଅଭିଯୋଗକ୍ରମେ ପୋଲିସ ଦଫା ୩୯୪ରେ ଏକ ମାମଲା (ନଂ. ୩୦୭/୧୯) ରୁଜୁ କରି ଫେରାର ଅଭିଯୁକ୍ତମାନଙ୍କୁ ଖୋଜୁଛି। ପୋଲିସ କହିଛି ଯେ, ଟ୍ରକ (ନଂ.ଓଡି୦୫ଡି୧୯୨୫) ରେଢାଖୋଲ ସହର ନିକଟ ବେଲଡିହିଠାରେ ୫୫ ନଂ ଜାତୀୟ ରାଜପଥ ଉପରେ ଯାନ୍ତ୍ରୀକ ତ୍ରୁଟି ଯୋଗୁ ଅଟକି ରହିଥିଲା। ରବିବାର ରାତି ପ୍ରାୟ ସାଢେ ୩ଟା ବେଳେ ୨ଟି ନମ୍ବର ବିହିନ ବାଇକରେ ୪ଜଣ ଯୁବକ ଆସି ଗାଡି ଭିତରେ ଶୋଇଥିବା ଡ୍ରାଇଭରଙ୍କୁ ଉଠାଇ ମାରପିଟ କରିବା ସହ ତାଙ୍କ ପାଖରେ ଥିବା ୨୭୦୦ ଟଙ୍କା ଲୁଟ କରି ନେଇଥିଲେ। ଏହି ସମୟରେ ପୋଲିସ ପାଟ୍ରୋଲିଂ ଗାଡି ପହଞ୍ଚିବାରୁ ପୋଲିସକୁ ଦେଖି ବାଇକ ୨ଟି ଛାଡି ଦୌଡି ଫେରାର ହୋଯାଇଥିଲେ। ପୋଲିସ ପିଛା କରି ଜଣେ ନାବାଳକଙ୍କୁ ଧରିବାରେ ସକ୍ଷମ ହୋଇଥିବା ବେଳେ ଅନ୍ୟ ୩ଜଣ ଫେରାର ହୋଇଯାଇଥିଲେ।

# ଶିଶୁଚାଲାଣ ରୋକିବାକୁ ସଚେତନତା ଆବଶ୍ୟକ




ସମ୍ବଲପୁର ପାନ୍ଥନିବାସ କର୍ମଶାଳାରେ ବିଧାୟକ ଜୟନାରାୟଣ ମିଶ୍ର ବକ୍ତବ୍ୟ ଦେଉଛନ୍ତି ।

ସମ୍ବଲପୁର,୩୦।୧୨(ବ୍ୟୁରୋ)

ଶିଶୁ ଚାଲାଣ ରୋକିବାରେ ମୁଖ୍ୟତଃ ସମାଜିକ ସଚେତନର ଆବଶ୍ୟକ ରହିଛି। ଆଇନ ଯେତେ କଡା ହେଲେ ମଧ ଲୋକଙ୍କୁ ଭୟ ହେଉନାହିଁ। ଅପରାଧ ବଢିବାରେ ଲାଗିଛି। ପରିବାରଠାରୁ ଆରମ୍ଭ କରି ସମାଜରେ ରହୁଥିବା ପ୍ରତ୍ୟକ ବ୍ୟକ୍ତିଙ୍କୁ ଶିଶୁ ଚାଲାଣ ରୋକିବାକୁ ନିଜର ଦାୟିତ୍ୱ ନେବାକୁ ପଡିବ। ପାନ୍ଥନିବାସ ପରିସରରେ ସୋମବାର ଶିଶୁ ଚାଲାଣ ରୋକିବା ଉପରେ ଅନୁଷ୍ଠିତ ଏକ କର୍ମଶାଳାରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଏହା କହିଛନ୍ତି। ଏଥିରେ ଉପସ୍ଥିତ ରେଙ୍ଗାଲି ବିଧାୟକ ନାଉରୀ କହିଥିଲେ ଯେ, ଶିଶୁ ସୁରକ୍ଷା ଉପରେ ଆଇନ ରହିଛି। କର୍ମଶାଳା ହେଉଛି । ହେଲେ ପାଳନ କରାଯାଉ ନାହିଁ। ଚାଇଲ୍ଡ ଲାଇନକୁ ଅଭିଯୋଗ କଲେ ସେମାନ ପୋଲିସକୁ ଖବର ଦେବାକୁ କହୁଛନ୍ତି। ଏଣୁ ସରପଞ୍ଚ, ସମିତି, ୱାର୍ଡ ସଭ୍ୟା ସଭ୍ୟମାନଙ୍କୁ ଏଥିରେ ସାମିଲ କରାଯାଉ। ଫଳରେ ସେମାନେ ତୃଣମୂଳସ୍ତରରେ ଦେଖି ପାରିବେ। ଏଥିରେ ଅତିରିକ୍ତ ଏସ୍‌ପି ଶାନ୍ତନୁ ଦାସ, ସହରାଞ୍ଚଳ ସିଡିପିଓ ବିଜୟଲକ୍ଷ୍ମୀ ମିଶ୍ର, ଡ. ମିନାକ୍ଷୀ ପଣ୍ଡା, ସିଡବ୍ଲୁସି ଅଧକ୍ଷ ବ୍ରଜେନ୍ଦ୍ର କିଶୋର ପଣ୍ଡା, ସିଡବ୍ଲୁସି ସଭ୍ୟ ଡ. ଝରଣା ମିଶ୍ର, ଚାଇଲ୍ଡଲାଇନ ନିର୍ଦ୍ଦେଶକ ପ୍ରଦୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳା ଖବରଦାତାଙ୍କୁ ଆକ୍ରମଣର ପ୍ରତିବାଦ

ସମ୍ବଲପୁର,୩୦।୧୨(ବ୍ୟୁରୋ)

ଭୁବନେଶ୍ୱର ଏସ୍‌ପ୍ଲାନେଡ ମଲ୍‌ରେ ମହିଳା ଖବରଦାତା ଶ୍ୱାତି ଜେନାଙ୍କୁ ମଲ୍‌ର ସୁରକ୍ଷା କର୍ମୀ ଓ କର୍ମଚାରୀ ଆକ୍ରମଣ କରିବା ଘଟଣାକୁ ସମ୍ବଲପୁର ପ୍ରେସ୍ କ୍ଲବ ପକ୍ଷରୁ ନିନ୍ଦା କରାଯାଇଛି। ସୋମବାର ପ୍ରେସ୍ କ୍ଲବ୍ ସଭ୍ୟ ଓ ଖବରଦାତାମାନେ ଉତ୍ତରାଞ୍ଚଳ ପୋଲିସ ଡିଆଇଜି ହିମାଂଶୁ ଲାଲଙ୍କୁ ଭେଟି ଖୁବ ଶୀଘ୍ର ଉକ୍ତ ମଲ୍ ମାଲିକଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ସୁରକ୍ଷାକର୍ମୀଙ୍କୁ କେବଳ ପୋଲିସ ଗିରଫ କରି ବାହାବା ନେଉଛି । ହେଲେ ଏହି ଘଟଣା ପାଇଁ ଦାୟୀ ମଲ୍ ମାଲିକଙ୍କ ପାଖର ପହଞ୍ଚି ପାରୁନାହିଁ। ସମ୍ବଲପୁରରେ ମଧ ଅନେକ ମଲ୍ ରହିଛି। ଏଗୁଡିକ ଲାଗି ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ସେମାନେ ବେଆଇନଭାବେ ପାର୍କିଂ ଫି ଆଦାୟ କରୁଛନ୍ତି। ସେହିଭଳି ଅନେକ ନର୍ସିଂହୋମ୍ ରାସ୍ତାରେ ପାର୍କିଂ କରୁଛନ୍ତି। ତେଣୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି ବୋଲି ଡିଆଇଜିଙ୍କଠାରେ ଏମାନେ ଅଭିଯୋଗ କରିଛନ୍ତି। ପ୍ରେସ୍ କ୍ଲବ ସଭାପତି ତ୍ରିବିକ୍ରମ ପ୍ରଧାନ, ସଂପାଦକ ଭବନୀ ଭୋଇ, କୋଷାଧକ୍ଷ ଶ୍ରବଣ କୁମାର ପତି, ଉପସଭାପତି ଲଳିତ ଶର୍ମା, ସରୋଜ ସାହୁ, ଗାର୍ଗୀ ଶତପଥୀ, ସୁଧାଂଶୁ ମହାରଣା, ତେଜସ୍କର ମହାପାତ୍ର, ଦୁଷ୍ମନ୍ତ ରାଣା, ମଳୟ ଭୋଇ, ଧର୍ମେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଘରଡିହ ପଟ୍ଟା ଦାବି କଲେ ଭୋଇପାଲି ଗ୍ରାମବସୀ

ସମ୍ବଲପୁର,୩୦।୧୨(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅଧୀନ ଭୋଇପାଲି ଗ୍ରାମବାସୀ ସୋମବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଘର ଡିହ ପଟ୍ଟା ପ୍ରଦାନ କରିବାକୁ ଦାବି କରିଛନ୍ତି । ଅଭିଯୋଗ କ୍ରମେ ୪ ବର୍ଷ ପୂର୍ବରୁ ମାପ ହୋଇଥିଲା । ହେଲେ ଆଜି ପର୍ଯ୍ୟନ୍ତ ପଟ୍ଟାପ୍ରଦାନ କରାଯାଇ ନାହିଁ। ଫଳରେ ଆବାସ ଯୋଜନାରୁ ବଞ୍ଚିବ ହେବାକୁ ପଡୁଛି । ଏହା ସହ ଜାତିଗତ ପ୍ରମାଣ ପତ୍ର, ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ମିଳୁନାହିଁ । ତେଣୁ ଶିଘ୍ର ପଟ୍ଟା ପ୍ରଦାନ କରାଯାଉ ବୋଲି ମନରଞ୍ଜନ ପ୍ରଧାନ, ବିଜୟ ମୁଣ୍ଡା, ଝସକେତନ ଭୋଇ, ଆନନ୍ଦ କୁମୁରା, ଗୋପାଳ ଭୋଇ, ଜୟକୃଷ୍ଣ ବାଗ, ଜୋସ୍ନା ପସାୟତ, ତିଳୋତ୍ତମା ପସାୟତ, ପଦ୍ମିନୀ ପସାୟତ, ବସନ୍ତ ପସାୟତ, ନମିତା ଭୋଇ, ରିଙ୍କି ପାଣିଗ୍ରାହୀ, ସତ୍ୟ ମୁଣ୍ଡା, ମିନିକେତନ ଭୋଇ ପ୍ରମୁଖ ଦାବି କରିଛନ୍ତି।



ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଭୋଇପାଲି ଗ୍ରାମବାସୀ ।



ଜିଲାସ୍ତରୀୟ କର୍ମଶାଳାରେ ଯୋଗଦେଇଥିବା ଅତିଥି ।

# ପ୍ରଧାନମନ୍ତ୍ରୀ ଜନଧନ ବିକାଶ ଯୋଜନାର ଜିଲାସ୍ତରୀୟ କର୍ମଶାଳା

କୁଚିଣ୍ଡା, ୩୦।୧୨(ଡି.ଏନ.ଏ.)

କୁଚିଣ୍ଡାସ୍ଥିତ ଟାଉନହଲଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ଓ ଜିଲା ପ୍ରଶାସନ ସମ୍ବଲପୁରର ମିଳିତ ଉଦ୍ୟମରେ ଉପଖଣ୍ଡରେ ଓଡ଼ିଶା ଜୀବିକା ମିଶନରେ କାର୍ଯ୍ୟ କରୁଥିବା ୨୭ଟି ସ୍ୱୟଂ ସହାୟକ ଗୋଷ୍ଠୀ ୩୦୦ ସଭ୍ୟାଙ୍କୁ ନେଇ ପ୍ରଧାନମନ୍ତ୍ରୀ ଜନଧନ ବିକାଶ ଯୋଜନାର ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, କୁଚିଣ୍ଡା ଉପଜିଲାପାଳ ବିଶ୍ୱରଞ୍ଜନ ନାୟକ, ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ପିଏଆଇଟିଡିଏ ପବିତ୍ର ବେହେରା, ଓର୍‌ମାସ ନିର୍ଦ୍ଦେଶକ ଶ୍ରୀମନ୍ତ ହୋତା, ବିଡିଓ ନିଶିପୁରମ୍ ମିଞ୍ଜ, ଆଇଡିସିସି ମାର୍କେଟିଂ ମ୍ୟାନେଜର ଚନ୍ଦନ ଗୁପ୍ତା, ଟ୍ରାଇଫେଡ଼ ପ୍ରଫୁଲ୍ଲ କୁମାର ପଣ୍ଡା, ଡବ୍ଲ୍ୟୁଏଲ ରେଞ୍ଜର ଗଗନ ମଲ୍ଲିକ ଯୋଗଦେଇଥିଲେ। ବନଜାତ ଦ୍ରବ୍ୟ ଓ ଲଘୁ ବନଜାତ ଦ୍ରବ୍ୟର କିଣାବିକା ସହ ପ୍ରସ୍ତୁତ କରିବା ଓ ପ୍ରଣାଳୀ ଉପରେ ତାଲିମ ଦେବା ସହ ଗୋଷ୍ଠୀମାନଙ୍କୁ କିପରି ସରକାରୀ ସୁବିଧା ଦେଇ ସ୍ୱାବଲମ୍ବୀ କରାଯାଇପାରିବ ସେ ନେଇ ସଭ୍ୟାମାନଙ୍କୁ ଅବଗତ କରାଇଥିଲେ । ଏଥିପାଇଁ ଟିଡିସିସି ପକ୍ଷରୁ ଏକ ଗୋଦାମ ଗୃହ ପ୍ରଦାନ କରିବା ସହ ଗୋଷ୍ଠୀ ସଭ୍ୟମାନେ ସେଠାରେ ବନଜାତ ଦ୍ରବ୍ୟର କ୍ରୟ କରି ଗଚ୍ଛିତ ରଖିବା ସହ ଉକ୍ତ ସ୍ଥାନରେ ବନଜାତ ଦ୍ରବ୍ୟର ପ୍ରସ୍ତୁତ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିବ ବୋଲି ପ୍ରଶାସନିକ ସ୍ତରରୁ ପ୍ରକାଶ ।

## କାର୍ ଧକ୍କାରେ ସ୍କୁଟି ଚାଳକଙ୍କ ମୃତ୍ୟୁ, ସ୍ତ୍ରୀ, ପୁଅ ଗୁରୁତର

ରିଆମାଳ, ୩୦।୧୨(ଡି.ଏନ.ଏ.)

ଦେବଗଡ ଜିଲା ରିଆମାଳ ବ୍ଲକ ଲୁଲଙ୍ଗ ପଞ୍ଚାୟତର ଇଛାପୁର ଛକରେ ସୋମବାର ଅପରାହ୍ଣରେ କାର୍ ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରତିମୁର ଗ୍ରାମର ଅଜିତ ସାହୁ(୩୫)। ସ୍କୁଟି ପଛରେ ବସିଥିବା ତାଙ୍କ ସ୍ତ୍ରୀ ଓ ପୁଅ ଗୁରୁତର ହୋଇଛନ୍ତି। ଏ ନେଇ ରିଆମାଳ ଥାନାରେ ଏକ ମାମଲା ରୁଜୁ ହୋଇଛି। ଭୁବନେଶ୍ୱରରେ ହୋଟେଲ ମ୍ୟାନେଜମେଣ୍ଟରେ କାମ କରୁଥିବା ଅଜିତ ଅଙ୍ଗନଓାଡି ଦିଦି ଭାବେ କାର୍ଯ୍ୟ କରୁଥିବା ତାଙ୍କ ସ୍ତ୍ରୀ ଓ ପାଞ୍ଚବର୍ଷର ପୁଅକୁ ବାଗେଡିଆରେ ଛାଡି ଆଜି ଭୁବନେଶ୍ୱର ଯାଇଥାନ୍ତେ। ଏଥିପାଇଁ ଘରୁ ସ୍କୁଟି ନଂ-ଓଡି-୧୯-ଏନ-୪୧୩୦ରେ ଯାଉଥିବାବେଳେ ଇଛାପୁର ଛକରେ କାର ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ତିନିଜଣ ଯାକ ଗୁରୁତର ହୋଇଥିଲେ। କଟକ ମେଡିକାଲକୁ ନେବେ ବାଟରେ ଅନୁଗୋଳ ନିକଟରେ ଅଜିତଙ୍କ ମୃତ୍ୟୁ ହୋଇଥିଲା। ସ୍ତ୍ରୀ ଓ ପୁଅ ବର୍ତ୍ତମାନ ଅନୁଗୋଳ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

# ଅନ୍ୟା ପକ୍ଷରୁ ସାହିତ୍ୟ ଆସର

ସମ୍ବଲପୁର, ୩୦।୧୨(ବ୍ୟୁରୋ)

ସୋମବାର ସାର୍ବଜନୀନ ଗ୍ରନ୍ଥାଗାର ସଭା କକ୍ଷରେ ଅନ୍ୟା ସାହିତ୍ୟ ଆସର ଅନୁଷ୍ଠିତି ହୋଇଯାଇଛି । ସାହିତ୍ୟିକ ଡ. ଦ୍ୱାରିକାନାଥ ନାୟକଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । କବି ସୌଭାଗ୍ୟ ମହାରଣା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଗାଳ୍ପିକ ଈଶ୍ୱର ପ୍ରସାଦ ନନ୍ଦଙ୍କ ଗଳ୍ପ ସଙ୍କଳନ ଦୁଇଟି ଜହ୍ନର ଆକାଶ ପୁସ୍ତକ ଉନ୍ମୋଚନ କରାଯାଇଥିଲା । କବି ସରୋଜ କୁମାର ମହାନ୍ତି ଓ କବୟିତ୍ରୀ ସାବିତ୍ରୀ ପୁରୋହିତ କବିତା ପାଠ କରିଥିଲେ । ଡ. ଗୌରିଦାସ ପ୍ରଧାନ କାର୍ଯ୍ୟକ୍ରମରେ ସଂଯୋଜନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।



ସୋମବାର ସମ୍ବଲପୁର ଅନ୍ୟା ସାହିତ୍ୟ ଆସରରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

## ପିକେସିସି କପ୍ କ୍ରିକେଟ ଟୁର୍ନାମେଣ୍ଟ: ବସଷ୍ଟାଣ୍ଡ ବୁଲ ଚାମ୍ପିୟନ

ନାକଟିଦେଉଳ,୩୦।୧୨(ଡି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଶିମିଳିପାଳ ପଞ୍ଚାୟତ କାଦୋବାହାଲ ହାଇସ୍କୁଲ ଖେଳ ପଡ଼ିଆଠାରେ ଗତ ୨୩ ତାରିଖଠାରୁ ଚାଲିଥିବା ୧୯ତମ ପିକେସିସି କପ୍ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ସମୁଦାୟ ୧୬ଟି ଦଳ ଭାଗ ନେଇଥିବା ବେଳେ ଫାଇନାଲ ମ୍ୟାଚ ଶିମିଳିପାଳର ପିକେସିସି କ୍ରିକେଟ କ୍ଲବ ଏବଂ ଶିମିଳିପାଳ ବସଷ୍ଟାଣ୍ଡ ବୁଲ ମଧରେ ଅନୁଷ୍ଠିତ ହୋଇଥିଲା । ଟସ ଜିଣି ପିକେସିସି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ସମୁଦାୟ ଉଇକେଟ ହରାଇ ୭୫ ରନ ସଂଗ୍ରହ କରିଥିଲା। ଜବାବରେ ବସଷ୍ଟାଣ୍ଡ ବୁଲ ୧୩ ଓଭରରେ ୨ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା । ବସଷ୍ଟାଣ୍ଡ ବୁଲର ସୁବଳକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଏବଂ ପୀତାମ୍ବରଙ୍କୁ ମ୍ୟାନ ଅଫ ଦି ସିରିଜ ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚକୁ ପରିଚାଳନା କରିଥିଲେ ମହେଶ ସ୍ୱାଇଁ ଏବଂ ରାଜେନ୍ଦ୍ର ପଣ୍ଡା। ପ୍ରତାପ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ସମାରୋହରେ ନାକଟିଦେଉଳ ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ ମୁଖ୍ୟଅତିଥି, ଡ଼ଙ୍ଗଟା ସରପଞ୍ଚ ପ୍ରବୀଣ କୁମାର ପ୍ରଧାନ ଏବଂ କାଦୋବାହାଲ ପଞ୍ଚଖଣ୍ଡା ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ମୁରଲୀ ଧର ସ୍ୱାଇଁ ଏବଂ ବିଶୁ ମହାରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ଶିମିଳିପାଳ ସରପଞ୍ଚ ସଞ୍ଜୀତ ତିରିଆ ଟୁର୍ନାମେଣ୍ଟକୁ ଗତ ୨୩ ତାରିଖରେ ଉଦ୍‌ଘାଟନ କରିଥିଲେ।

## ଦନ୍ତାହାତୀ ଉପଦ୍ରବ: ଘର ଭାଙ୍ଗି ଧାନ, ଚାଉଳ ଖାଇଲା

ନାକଟିଦେଉଳ,୩୦।୧୨(ଡି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଜାମୁଯୋରି ଗ୍ରାମପଞ୍ଚାୟତ ଅଙ୍ଗାବିରା ଗ୍ରାମରେ ସୋମବାର ସକାଳୁ ଏକ ଦନ୍ତା ହାତୀ ଉପଦ୍ରବରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ହାତୀ ଗାଁମୁଣ୍ଡରେ ଥିବା ଭୀମ ଧଳଙ୍କ ଘର କାନ୍ଥ ଭାଙ୍ଗି ଧାନ ଚାଉଳ ଖାଇ ଯାଇଥିବା ଅଭିଯୋଗ ହୋଇଛି। ପ୍ରାପ୍ତ ସୂଚନା ଅନୁସାରେ ସୋମବାର ଭୋର ସକାଳ ପ୍ରାୟ ସାଢେ ୫ଟାରେ ଏହି ହାତୀ ଅଙ୍ଗାବିରା ଗ୍ରାମକୁ ଚାଲିଆସି ଗାଁ ମୁଣ୍ଡରେ ଥିବା ଭୀମ ଧଳଙ୍କ ଚାଳଛପର ଘରର ମାଟି କାନ୍ଥକୁ ଶୁଣ୍ଢ ଏବଂ ଗୋଡ଼ରେ ଭାଙ୍ଗି ଘର ଭିତରୁ ୫୦ କେଜି ବିପିଏଲ ଚାଉଳ, ୧୨ କେଜି ଗହମ ଏବଂ ୨ ବସ୍ତା ଧାନ ଖାଇ ଯିବା ସହ ଏଣେତେଣେ ଫୋପାଡ଼ି ନଷ୍ଟ କରିଦେଇଛ । ଭୀମଙ୍କ ପରିବାର ଲୋକେ ଘର ଭିତରେ ଶୋଇଥିବା ବେଳେ ହାତୀ ଉପଦ୍ରବ ଦେଖି କୌଣସି ପ୍ରକାରେ ସେଠାରୁ ଖସି ପଛପାଖେ ଦୌଡ଼ି ପଳାଇ ଗାଁରେ ଖବର ଦେଇଥିଲେ। ଗ୍ରାମବାସୀ ଦଳବଦ୍ଧ ଭାବେ ସେଠାରେ ପହଞ୍ଚିବା ପରେ ଏବଂ ସକାଳ ହୋଇଯିବାରୁ ହାତୀ ସେଠାରୁ ଜଙ୍ଗଲ ଭିତରକୁ ଚାଲିଯାଇଥିଲା । ଭୀମ ଧଳଙ୍କ ଘରବାଡ଼ିରେ ହୋଇଥିବା ବନ୍ଧାକୋବି, ବାଇଗଣ ଏବଂ ଟମାଟୋ ଚାଷ କ୍ଷେତରେ ପଶି ସେସବୁ ହାତୀ ଦଳି ଚକଟି ନଷ୍ଟ କରିଦେଇଥିବା ଜଣାପଡ଼ିଛି । ଖବର ପାଇ ସ୍ଥାନୀୟ ବନବିଭାଗ କର୍ମଚାରୀମାନେ ସୋମବାର ସକାଳୁ ସେଠାରେ ପହଞ୍ଚି କ୍ଷୟକ୍ଷତି ଅନୁଧ୍ୟାନ କରିଛନ୍ତି। ହାତୀ ଉପଦ୍ରବରେ ବାସହରା ହୋଇପଡ଼ିଥିବା ଭୀମ ଧଳଙ୍କ ପରିବାରବର୍ଗଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

# ଏନ୍‌ଏଲ୍‌ସି କମ୍ପାନୀ ବିରୋଧରେ ଜିଲାପାଳଙ୍କୁ ଅଭିଯୋଗ କଲେ ତଳାବିରା ଗ୍ରାମବାସୀ

ରେଙ୍ଗାଲି,୩୦।୧୨(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଖିଣ୍ଡା ପଞ୍ଚାୟତ ତିଲାବିରା ୧ ଏବଂ ୨ କୋଇଲା ଖଣି ଖନନ କାର୍ଯ୍ୟ ଆରମ୍ଭ କରିବାକୁ ଏନ୍‌ଏଲ୍‌ସି କମ୍ପାନୀ ପ୍ରକ୍ରିୟା ଆରମ୍ଭ କରିଲାଣି। କିନ୍ତୁ କୋଇଲା ଖଣି ଦ୍ୱାରା ବିସ୍ଥାପିତ ପରିବାରଙ୍କୁ କମ୍ପାନୀ ଦେଇଥିବା ପ୍ରତିଶ୍ରୁତି ଏବେ ପର୍ଯ୍ୟନ୍ତ ପୂରଣ କରିନାହିଁ। ସୋମବାର ଶରତ କୁମାର ଭୋଇଙ୍କ ନେତୃତ୍ୱରେ ତଲାବିରା ୨ କୋଇଲା ଖଣି ବିସ୍ଥାପିତମାନେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏନ୍‌ଏଲ୍‌ସି ଏବଂ ଅଦାନୀ କମ୍ପାନୀର ମନମୁଖୀ କାର୍ଯ୍ୟକଳାପ ବିରୋଧରେ ଅଭିଯୋଗ କରିଥିଲେ। ବିସ୍ଥାପିତ ପରିବାରଗୁଡ଼ିକ ଅଭିଯୋଗ ଯେ, ଗତ ତା୫।୧୧।୧୯ରିଖରେ କମ୍ପାନୀ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଏବଂ ବିସ୍ଥାପିତ ଗ୍ରାମବାସୀଙ୍କୁ ନେଇ ଏକ ତ୍ରିପାକ୍ଷିକ ବୈଠକ ବସିଥିଲା। ବୈଠକରେ ବିସ୍ଥାପିତ ଗ୍ରାମବାସୀଙ୍କୁ ଯୋଗ୍ୟତା ଆଧାରରେ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। କିନ୍ତୁ କମ୍ପାନୀ ଖନନ କାର୍ଯ୍ୟ ଆରମ୍ଭ କରିବାକୁ ସଜବାଜ ହେଉଥିବା ବେଳେ ବିସ୍ଥାପିତ ଗ୍ରାମବାସୀଙ୍କୁ ନିଯୁକ୍ତି ମିଳିନାହିଁ। ଆସନ୍ତା ଜାନୁୟାରୀ ୩ ତାରିଖ ମଧରେ ଉପରୋକ୍ତ ଅଭିଯୋଗର ଶୁଣାଣି ନ ହେଲେ ଖଣି କାମକୁ ବନ୍ଦ କରିବାକୁ ବାଧ ହେବୁ ବୋଲି ବିସ୍ଥାପିତ ଗ୍ରାମବାସୀ ଜଣାଇଛନ୍ତି। ଆସନ୍ତା ୭ ଦିନ ମଧରେ ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରତିନିଧି ଯାଇ ଆଲୋଚନା କରିବା ପାଇଁ ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ । ଆଗାମୀ ୩ ଜାନୁୟାରୀରେ ହେବାକୁ ଥିବା ବନ୍ଦକୁ ବାତିଲ କରିବାକୁ ଉପଜିଲାପାଳ ପିଡିଏଫ୍ ପ୍ରତିନିଧିମାନଙ୍କୁ ଅନୁରୋଧ କରିଥିଲେ ଏବଂ ପିଡିଏଫ୍ ପ୍ରତିନିଧିମାନେ ଉପଜିଲାପାଳଙ୍କ କଥାକୁ ରଖି ଦାବି ପୂରଣ ନ ହେଲେ ଆନ୍ଦୋଳନ ବିଷୟରେ ଆଗୁଆ ଲିଖିତ ଜଣାଇବେ ବୋଲି କହିଥିଲେ ।



୭ ଦିନ ମଧରେ ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

**ବିକ୍ଷୋଭକାରୀଙ୍କ ଦାବି**

- ‘ଦଙ୍ଗା’ ବ୍ୟାଖ୍ୟାନ ବଦଳରେ ‘ବିକ୍ଷୋଭ’ ଶବ୍ଦ ବ୍ୟବହାର କରାଯାଉ
- ସମସ୍ତ ବିକ୍ଷୋଭକାରୀଙ୍କୁ ଛାଡ଼ି ଦିଆଯାଉ
- ପୋଲିସ ବର୍ବରତାର ନିରପେକ୍ଷ ତଦନ୍ତ ହେଉ
- ଚିଫ୍ ଏକ୍ଜିକ୍ୟୁଟିଭ୍ ଏବଂ ଲେଜିସ୍ଲେଟିଭ୍ କାଉନ୍ସିଲ ନିର୍ବାଚନରେ ମତଦାନର ଅଧିକାର ମିଳୁ

କେଉଁଠି ହକ୍ ପାଇଁ ବିକ୍ଷୋଭ ବିଦ୍ରୋହ ତ ପୁଣି କେଉଁଠି ଅଧିକାର ଲାଗି ଆନ୍ଦୋଳନ ଦେଖିଛି ବିଦାୟୀ ବର୍ଷ। କେତେବେଳେ ଆତଙ୍କବାଦର ବିଭୀଷିକା ଆଉ କେତେବେଳେ ଆତଙ୍କର ସୌଦାଗରଙ୍କ ପତନ ଦେଖିଛି ବିଶ୍ୱ। ଶ୍ରୀଲଙ୍କାରେ ଆତଙ୍କବାଦୀ ଆକ୍ରମଣ ସଭିଙ୍କୁ ସ୍ତବ୍ଧ କରିଦେଇଥିବାବେଳେ ବାଗ୍‌ଦାଦୀଙ୍କ ମୃତ୍ୟୁ ବିଶ୍ୱବାସୀଙ୍କୁ କରିଛି ଆଶ୍ୱସ୍ତ। ହଂକଂରେ ୬ ମାସ ଧରି ଚାଲିଥିବା ବିକ୍ଷୋଭ, ଜଳବାୟୁ ପରିବର୍ତ୍ତନ କର୍ମୀ ଗ୍ରେଟା ଥନ୍‌ବର୍ଗଙ୍କ ଉତ୍‌ଥାନ, ବୋରିସ୍ ଜନସନଙ୍କ ବିଜୟ ଏବଂ ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ମହାଭିଯୋଗ ଭଳି ସମୟର ସ୍ରୋତରେ ଘଟିଯାଇଛି ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମ ଓ ବହିଯାଇଛି ଅଜସ୍ର ଅଫେରନ୍ତା ଜଳରାଶି।



# ହକ୍ ମାଗୁଛି ହଂକଂ

୨୦୧୯ରେ ବିଶ୍ୱର ଅନେକ ଆନ୍ଦୋଳନ ମଧ୍ୟରୁ ହଂକଂ ବିକ୍ଷୋଭ ପ୍ରମୁଖ। ଚାଇନାର ବିବାଦୀୟ ପ୍ରତ୍ୟର୍ପଣ ବିଲ୍ ବିରୋଧରେ ଏହି ବାଣିଜ୍ୟିକ ସହରରେ ୬ ମାସ ତଳେ ମୁଣ୍ଡ ଟେକିଥିଲା ଆନ୍ଦୋଳନ। ଆପରାଧିକ ସନ୍ଦିଗ୍ଧମାନଙ୍କୁ ମାମଲାର ବିଚାର ପାଇଁ ଚାଇନାକୁ ପଠାଯିବା ଲାଗି ଉକ୍ତ ବିଲ୍‌ରେ ବ୍ୟବସ୍ଥା ରହିଥିଲା, ଯାହାକୁ ଜୁନ୍‌ରେ ହଂକଂବାସୀ ବିରୋଧ କରିଥିଲେ। ବିକ୍ଷୋଭ ପରେ ବିଲ୍‌କୁ ପ୍ରତ୍ୟାହାର କରାଯାଇଥିଲେ ହେଁ କୁହୁଳୁଥିବା ଧୂଆଁ କ୍ରମଶଃ ସରକାର ବିରୋଧୀ ଆନ୍ଦୋଳନର ରୂପ ନେଇସାରିଥିଲା। ଜୁଲାଇରେ ଆନ୍ଦୋଳନକାରୀମାନେ ପାର୍ଲାମେଣ୍ଟରେ ଧସେଇ ପଶି ଏହାର କିଛି ଅଂଶକୁ ଭାଙ୍ଗି ଦେଇଥିଲେ। ବେଜିଂ ଏହାକୁ ଆତଙ୍କବାଦ ସହ ତୁଳନା କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ଗଣତନ୍ତ୍ରର କଣ୍ଠରୋଧ ଉଦ୍ୟମ ଚଳାଇଛି। ଏଥିଯୋଗୁ ପୋଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହିଂସାର ରୂପ ନେଇଛି। ୬ ହଜାର ଆନ୍ଦୋଳନକାରୀଙ୍କୁ ଗିରଫ କରାଯାଇଥିବାବେଳେ ୧ ହଜାରରୁ ଊର୍ଦ୍ଧ୍ୱଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଜୋଶୁଆ ୱୋଙ୍ଗ୍, ଅଗ୍‌ନେସ୍ ଚୋ ଏବଂ ଆଣ୍ଡି ଚାନ୍‌ଙ୍କ ଭଳି ଛାତ୍ରୀଛାତ୍ର। ପୂର୍ବରୁ ବ୍ରିଟିଶ୍ ଉପନିବେଶ ଥିବା ହଂକଂର ସ୍ୱାୟତ୍ତତା ପାଇଁ ଚାଇନାର ଅବାଞ୍ଛିତ ହସ୍ତକ୍ଷେପ ସଙ୍କଟ ସୃଷ୍ଟି କରିଥିବାରୁ ଏହି ସହର ନ୍ୟାୟିକ ସ୍ୱାଧୀନତା ହରାଇପାରେ ବୋଲି ଆଶଙ୍କା କରାଯାଉଛି।

# ବାଗଦାଦୀଙ୍କ ପତନ



ଆମେରିକାଠୁ ନେଇ ଭାରତ ଯାଏ ସବୁ ବିକଶିତ ଓ ବିକାଶଶୀଳ ରାଷ୍ଟ୍ରକୁ ଚ୍ୟାଲେଞ୍ଜ ଦେଇଥିବା ମୃତ୍ୟୁ ଓ ଆତଙ୍କର ସୌଦାଗର ଅବୁ ବକର୍ ଅଲ୍-ବାଗଦାଦୀଙ୍କ ପତନ ଘଟିଥିଲା ଅକ୍ଟୋବର ୨୭ରେ। ଉତ୍ତରପଶ୍ଚିମ ସିରିଆରେ ଗୁପ୍ତ ଚଢ଼ାଉ ବେଳେ ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)ର ମୁଖ୍ୟ ବାଗଦାଦୀ ନିହତ ହୋଇଥିବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିବା ପରେ ଆଶ୍ୱସ୍ତ ହୋଇଥିଲା ସାରା ବିଶ୍ୱ। ଆମେରିକା ସେନା ହାତରେ ଧରାପଡିବା ନିଶ୍ଚିତ ଜାଣି ଶେଷ ମୁହୂର୍ତ୍ତରେ ବିଶ୍ୱର ସବୁଠୁ ଦୁର୍ଦ୍ଦାନ୍ତ ଓ ନିଷ୍ଠୁର ଆତଙ୍କବାଦୀ ବାଗଦାଦୀ ଶେଷରେ ଆତଙ୍କିତ ହୋଇ ଆତ୍ମଘାତୀ ବିସ୍ଫୋରଣରେ ନିଜକୁ ଉଡାଇଦେଇଥିଲେ। ଏହି ବିସ୍ଫୋରଣରେ ତାଙ୍କର ୩ ପିଲା ମଧ୍ୟ ପ୍ରାଣ ହରାଇଥିଲେ। ଜଣେ ଭୀରୁ ଓ କୁକୁର ଭଳି ସେ ନିହତ ହୋଇଥିବା ଟ୍ରମ୍ପ କହିଥିଲେ। ୪୮ ବର୍ଷୀୟ ବାଗ୍‌ଦାଦୀଙ୍କ ପରିଚୟ ସ୍ପଷ୍ଟକରିବା ପାଇଁ ଡିଏନ୍ଏ ପରୀକ୍ଷା ସକାଶେ ତାଙ୍କର ଚୋରି ଅନ୍ତର୍ବସ୍ତ୍ର ବ୍ୟବହାର ହୋଇଥିଲା।

## ଆମେରିକା ସ୍ୱପ୍ନ ଧୂଳିସାତ୍



ଆମେରିକାରେ ବେଆଇନ ଭାବେ ରହୁଥିବା ୧୪୫ ଭାରତୀୟଙ୍କୁ ଟ୍ରମ୍ପ ପ୍ରଶାସନ ଏକ ଚାର୍ଟାର୍ଡ ପ୍ଲେନ୍‌ରେ ସ୍ୱଦେଶକୁ ପଠାଇଦେଇଥିଲା। ନଭେମ୍ବର ୨୦ରେ ପ୍ରତ୍ୟର୍ପଣ ପରେ ସେମାନେ ନୂଆଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିଥିଲେ। ପଞ୍ଜାବ, ହରିୟାଣା, ମହାରାଷ୍ଟ୍ର ଓ ଗୁଜରାଟର ଏହି ୩ ଯୁବତୀ ଓ ୧୪୨ ଯୁବକଙ୍କୁ ବିମାନରେ ପଠାଇବା ପୂର୍ବରୁ ସେମାନଙ୍କ ହାତଗୋଡ଼ ବାନ୍ଧି ଦିଆଯାଇଥିଲା। ଆପ୍ରବାସନ ଔପଚାରିକତା ଶେଷ ହେବା ପରେ ସେମାନେ ନିଜ ନିଜ ରାଜ୍ୟକୁ ଯାଇଥିଲେ। ଏହି ଯୁବତୀଯୁବକମାନେ ଏଜେଣ୍ଟମାନଙ୍କୁ ଜଣପିଛା ୨୫ ଲକ୍ଷ ଟଙ୍କା ଦେବା ପରେ ମେକ୍ସିକୋ ସମେତ ବିଭିନ୍ନ ସୀମା ଦେଇ ଆମେରିକାରେ ପ୍ରବେଶ କରିଥିଲେ।

# ‘ହାଓ ଡେୟାର ୟୁ’ ଗ୍ରେଟାଙ୍କ ଗ୍ରେଟ୍‌ନେସ



ଜଳବାୟୁ ପରିବର୍ତ୍ତନର ଭୟାବହତାକୁ ନେଇ ବିଶ୍ୱବ୍ୟାପୀ ନାନା ଆଶଙ୍କା ଲାଗିରହିଥିବାବେଳେ ଜାତିସଂଘ ଜଳବାୟୁ କାର୍ଯ୍ୟାନୁଷ୍ଠାନ ସମ୍ମିଳନୀରେ ଭାବଗର୍ଭକ ଭାଷଣ ଦେଇ ସମସ୍ତଙ୍କୁ ବିସ୍ମିତ କରିଦେଇଥିଲେ ଗ୍ରେଟା ଥନ୍‌ବର୍ଗ। ସ୍ୱିଡେନ୍‌ର ଷ୍ଟକ୍‌ହୋମ୍‌ରେ ଜନ୍ମିତ ଏହି ୧୬ ବର୍ଷୀୟା ପରିବେଶ କର୍ମୀଙ୍କୁ ଏହାର ଦୁଇଦିନ ପରେ ମିଳିଥିଲା ‘ରାଇଟ୍ ଲିଭ୍‌ଲିହୁଡ୍ ଆୱାର୍ଡ’। ବୈଜ୍ଞାନିକ ଉପାୟରେ ଜଳବାୟୁ ପରିବର୍ତ୍ତନଜନିତ ଭୟବହତାରୁ ବିଶ୍ୱକୁ ରକ୍ଷା କରିବା ପାଇଁ ରାଜନୈତିକ ଦାବିକୁ ଜୋରଦାର କରିବାରେ ସକ୍ଷମ ହୋଇଥିବାରୁ ତାଙ୍କୁ ଦିଆଯାଇଥିଲା ‘ଅଲ୍‌ଟରନେଟିଭ୍ ନୋବେଲ’ ନାମରେ ପରିଚିତ ସ୍ୱିଡେନର ବାର୍ଷିକ ଅନ୍ତର୍ଜାତୀୟ ପୁରସ୍କାର। ତୁମେ ମୋର ସ୍ୱପ୍ନ ଓ ପିଲାଦିନ ଚୋରି କରିନେଇଛ। ଏଥିଲାଗି ତୁମେ କିପରି ସାହସ କଲ ବୋଲି ବିଶ୍ୱନେତାଙ୍କୁ ନ୍ୟୁୟର୍କରେ ଜାତିସଂଘ ସାଧାରଣ ସଭାରେ ଗ୍ରେଟା ପ୍ରଶ୍ନ କରିଥିଲେ। ତାଙ୍କର ଏହି ପ୍ରଶ୍ନ ପରିବେଶ ସୁରକ୍ଷା ନେଇ ଚିନ୍ତାକରିବା ପାଇଁ ସମସ୍ତଙ୍କୁ ବାଧ୍ୟ କରିଥିଲା। ୨୦୦୩ ଜାନୁୟାରୀ ୩ରେ ଜନ୍ମିତ ଏହି ପରିବେଶବିତ୍ ସ୍କୁଲରୁ ସମୟ ବାହାରକରି ସ୍ୱିଡେନ ପାର୍ଲାମେଣ୍ଟ ବାହାରେ ବିକ୍ଷୋଭ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତାଙ୍କର ଏହି ସହ ଯୋଡ଼ିହୋଇଥିଲେ ଦେଶବିଦେଶର ଅନେକ ଚିନ୍ତାଶୀଳ ବ୍ୟକ୍ତି। ୨୦୧୯ ମେ’ରେ ‘ଟାଇମ୍ସ ମାଗାଜିନ’ ତା’ ପ୍ରଚ୍ଛଦରେ ଗ୍ରେଟାଙ୍କୁ ନେଇ ପ୍ରକାଶ କରିଥିଲା ‘ନେକ୍ସଟ୍ ଜେନେରେଶନ୍ ଲିଡର’।

## ଖାଶୋଗୀ ହତ୍ୟାକାରୀଙ୍କୁ ମୃତ୍ୟୁ ଦଣ୍ଡାଦେଶ



ଗତବର୍ଷ ଅକ୍ଟୋବରରେ ଇସ୍ତାନବୁଲସ୍ଥିତ ସୌଦି ଆରବର ବାଣିଜ୍ୟିକ ଦୂତାବାସକୁ ଯାଇ ଆଉ ଫେରି ନ ଥିଲେ ‘ୱାଶିଂଟନ ପୋଷ୍ଟ’ ସ୍ତମ୍ଭକାର ଜମାଲ ଖାଶୋଗୀ। ସୌଦି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନଙ୍କ ନିର୍ଦ୍ଦେଶରେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ୨୦୧୯ ଡିସେମ୍ବର ୨୩ ଏହି ମାମଲାରେ ସୌଦି ଆରବର ଏକ ଅଦାଲତ ୫ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ।

## ବ୍ରେକ୍‌ଜିଟ ପଥ ପରିଷ୍କାର ବୋରିସ୍‌ଙ୍କ ବିଜୟ



ବ୍ରିଟିଶ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କ କଞ୍ଜରଭେଟିଭ୍ ପାର୍ଟି ଡିସେମ୍ବର ୧୩ସାଧାରଣ ନିର୍ବାଚନରେ ବିଜୟୀ ହୋଇଥିଲା। ପାର୍ଲାମେଣ୍ଟର ୬୫୦ ଆସନ ମଧ୍ୟରୁ କଞ୍ଜରଭେଟିଭ୍ ପାର୍ଟି ୩୬୪ ଆସନ ଦଖଲ କରିଥିଲା। ବୋରିସ୍‌ଙ୍କ ଏହି ବିପୁଳ ବିଜୟ ଫଳରେ ବ୍ରେକ୍‌ଜିଟ ଡିଲ୍ ଶୀଘ୍ର କାର୍ଯ୍ୟକାରୀ ହେବା ଲାଗି ପଥ ପରିଷ୍କାର ହେଲା। ଥେରେସା ମେ’ଙ୍କ ଇସ୍ତଫା ପରେ ସରକାରର ମଙ୍ଗ ଧରିଥିବା ବୋରିସ୍ ବ୍ରେକ୍‌ଜିଟକୁ ସଫଳ କରିବା ଲାଗି ଭୋଟ ପାଇଁ ଜୋର୍‌ଦାର ପ୍ରଚାର ଚଳାଇଥିଲେ। ବିଜୟ ରାଲିରେ ବୋରିସ୍ କହିଥିଲେ, ବ୍ରିଟେନରେ ଏକ ନୂଆ ସକାଳ ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ନିର୍ବାଚନରେ ଉଭୟ କଞ୍ଜରଭେଟିଭ୍ ଓ ଲେବର ପାର୍ଟିରୁ ୧୫ ଜଣ ଭାରତୀୟ ବଂଶୋଦ୍ଭବ ପ୍ରାର୍ଥୀ ବିଜୟୀ ହେବା ଥିଲା ଉଲ୍ଲେଖନୀୟ।

## ମୃତ୍ୟୁ ଆଁରେ ଶରଣାର୍ଥୀ



ଜୁନ ୨୬ ତାରିଖରେ ବିଶ୍ୱକୁ ସ୍ତବ୍ଧ କରିଦେଇଥିଲା ଏକ ହୃଦୟ ବିଦାରକ ଫଟୋ। ସଲ୍‌ଭାଡୋରର ଶରଣାର୍ଥୀ ଓସ୍କାର ମାର୍ଟିନେଜ୍ ରେମିରେଜ୍ ଓ ତାଙ୍କ ୨୩ ମାସର ଝିଅ ଭାଲେରିଆ ଆମେରିକାକୁ ଅନୁପ୍ରବେଶ ବେଳେ ସୀମାନ୍ତ ରିଓ ଗ୍ରାଣ୍ଡେ ନଦୀରେ ଭାସିଯାଇ ପ୍ରାଣ ହରାଇଥିଲେ। ଓସ୍କାର୍‌ଙ୍କ କଳା ଟି-ଶାର୍ଟ ଉପରକୁ ଉଠିଯାଇଥିବାବେଳେ ଭାଲେରିଆ ତା’ ଭିତରେ ଛନ୍ଦିହୋଇ ରହିଥିଲେ। ଭାଲେରିଆଙ୍କ ହାତ ଓସ୍କାରଙ୍କ ବେକ ଉପରେ ରହିଥିଲା। ସତେଯେମିତି ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ବାପାଙ୍କ ସହିତ ରହିବାକୁ ଚାହିଁଥିଲେ ସେ। ଉତ୍ତମ ଜୀବନ ଜିଇଁବା ଆଶାରେ ମେକ୍ସିକୋରୁ ଆମେରିକାକୁ ଯାଉଥିବା ଶରଣାର୍ଥୀମାନେ କିପରି ମରଣ ମୁହଁରେ ପଡ଼ି ପ୍ରାଣ ହରାଉଛନ୍ତି, ତା’ର ଏକ ନିଷ୍ଠୁର ସତ୍ୟତା ବ୍ୟକ୍ତ କରିଥିଲା ଏହି ବହୁଚର୍ଚ୍ଚିତ ଛବି। ମୁହଁମାଡ଼ି ଭାସୁଥିବା ବାପଝିଅଙ୍କ ଏହି ହୃଦୟ ବିଦାରକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଦେଶାନ୍ତରୀଙ୍କ ଦୁର୍ଦ୍ଦଶାକୁ ନେଇ ପୁଣିଥରେ ମୁଣ୍ଡ ଟେକିଥିଲା ବିତର୍କ। ଏହାସହ ମେକ୍ସିକୋ ସୀମାରେ ଆମେରିକୀୟ ସେନା ମୁତୟନ ଓ ଶରଣାର୍ଥୀଙ୍କ ପ୍ରତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଡ଼ା ଆଭିମୁଖ୍ୟକୁ ନେଇ ସୃଷ୍ଟି ହୋଇଥିଲା ବିରାଟ ପ୍ରଶ୍ନବାଚୀ।

# ଆମାଜନ ଜଙ୍ଗଲରେ ନିଆଁ

ବିଭିନ୍ନ ଦେଶର ଜଙ୍ଗଲଗୁଡ଼ିକରେ ଲାଗିଥିବା ନିଆଁ ବର୍ଷ ଶେଷ ଯାଏ ଲିଭାଯାଇ ପାରିନାହିଁ। ସବୁଠୁ ଭୟାବହ ଅଗ୍ନିକାଣ୍ଡର ଶିକାର ହୋଇଛି ବିଶ୍ୱର ସର୍ବବୃହତ୍ ଚିରହରିତ୍ ଜଙ୍ଗଲ ଆମାଜନ। ବିଶ୍ୱକୁ ୨୦% ଅମ୍ଳଜାନ ଯୋଗାଉଥିବା ଏହି ଜଙ୍ଗଲରେ ଜୁନ୍‌ରେ ଲାଗିଥିବା ନିଆଁ ଅଗଷ୍ଟ-ସେପ୍ଟେମ୍ବର ଆଡ଼କୁ ବହୁ ଅଞ୍ଚଳକୁ ଗ୍ରାସ କରି ସାରିଥିଲା। ନିଆଁ ଲିଭାଇବା ପାଇଁ ଜି-୭ ସମ୍ମିଳନୀରେ ୨୨ ନିୟୁତ ଡଲାର ସହାୟତା ଘୋଷଣା କରାଯାଇଥିଲା। ଅନ୍ତର୍ଜାତୀୟ ସମୁଦାୟରୁ ଚାପ ପଡ଼ିବା ପରେ ରାଷ୍ଟ୍ରପତି ଜୈର୍ ବୋଲ୍‌ସୋନାରୋ ନିଆଁ ଲିଭାଇବା ଲାଗି ୪୪,୦୦୦ ସୈନ୍ୟଙ୍କୁ ଜଙ୍ଗଲକୁ ପଠାଇଥିଲେ। ଆମାଜନ ଅବବାହିକାରେ ବାୟୁସେନା ପକ୍ଷରୁ ଯୁଦ୍ଧବିମାନରୁ ପାଣିବର୍ଷା କରାଯାଉଛି, ଯାହାକି ଯଥେଷ୍ଟ ନୁହେଁ। ଆମାଜନର ୬୦% ବ୍ରାଜିଲରେ ରହିଥିବାବେଳେ ଅନ୍ୟ ୪୦% ପଡ଼ୋଶୀ ଫ୍ରେଞ୍ଚ ଗୁଏନା ସମେତ ୮ଟି ଦେଶରେ ରହିଛି। ବ୍ରାଜିଲ ସମେତ କଙ୍ଗୋ, ଇଣ୍ଡୋନେସିଆ, କଲମ୍ବିଆ, ବଲିଭିଆ, ମାଲେସିଆ, ପେରୁ, ପାପୁଆ ନ୍ୟୁ ଗିନି ଓ କାମେରୁନ ଆଦି ଦେଶର ଜଙ୍ଗଲଗୁଡ଼ିକରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ ବହୁ ଧନଜୀବନ ହାନିର କାରଣ ସାଜିଛି।



# ହାଓଡି ମୋଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୭ ଦିନିଆ ଆମେରିକା ଗସ୍ତରେ ଯାଇ ହ୍ୟୁଷ୍ଟନ ସହରରେ ସେପ୍ଟେମ୍ବର ୯ରେ ଆତଙ୍କବାଦ ବିରୋଧରେ ଏକାଠି ହେବା ପାଇଁ ବିଶ୍ୱ ସମୁଦାୟକୁ ଆହ୍ୱାନ ଦେଇଥିଲେ। ଏନ୍ଆର୍‌ଜି ଷ୍ଟାଡିୟମ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମର ନାମକରଣ କରାଯାଇଥିଲା ‘ହାଓଡି ମୋଦି’।

ଏହି ମେଗା ଇଭେଣ୍ଟରେ ସେ ୫୦ ହଜାରରୁ ଊର୍ଦ୍ଧ୍ୱ ଭାରତୀୟ ବଂଶୋଦ୍ଭବଙ୍କୁ ସମ୍ବୋଧିତ କରିଥିଲେ। ଆମେରିକାରେ ଏତେବଡ଼ କାର୍ଯ୍ୟକ୍ରମରେ ଭାଷଣ ଦେବାରେ ମୋଦି ହେଉଛନ୍ତି ପ୍ରଥମ ବିଦେଶୀ ନିର୍ବାଚିତ ନେତା। ମୋଦି ନିଜ ଅଭିଭାଷଣରେ ଟ୍ରମ୍ପଙ୍କୁ ଉଚ୍ଚପ୍ରଶଂସା କରିବା ସହ ‘ଅବ୍‌କୀ ବାର ଟ୍ରମ୍ପ ସରକାର’ (ଏଥର ଟ୍ରମ୍ପ ସରକାର) ବୋଲି କହିଥିଲେ। ସେଠାରେ ଉପସ୍ଥିତ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ତାଙ୍କୁ ପ୍ରଶଂସାରେ ପୋତି ଦେଇଥିଲେ। ଏହାର ଦୁଇଦିନ ପରେ ନ୍ୟୁୟର୍କରେ ଅନୁଷ୍ଠିତ ୭୪ତମ ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ) ପରିପ୍ରେକ୍ଷୀରେ ଦ୍ୱିପାକ୍ଷିକ ବୈଠକ ପରେ ମୋଦିଙ୍କୁ ‘ଭାରତର ଜନକ’ ଭାବେ ଟ୍ରମ୍ପ ଅଭିହିତ କରିଥିଲେ, ଯାହାକୁ ନେଇ ବିବାଦ ଉଠିଥିଲା।



## ଇଷ୍ଟର ସଣ୍ଡେରେ ଥରିଲା ଶ୍ରୀଲଙ୍କା

ଏପ୍ରିଲ ୧୯ରେ ପଡ଼ୋଶୀ ଶ୍ରୀଲଙ୍କାରେ ଆତଙ୍କବାଦୀ କରିଥିଲେ ବଡ଼ଧରଣର ଆକ୍ରମଣ। ରାଜଧାନୀ କଲମ୍ବୋର ୮ଟି ସ୍ଥାନରେ ବିସ୍ଫୋରଣ ଘଟାଇ ନେଇଥିଲେ ୨୬୦ ଜୀବନ। ରବିବାର ଇଷ୍ଟର ପାଳନବେଳେ ୩ଟି ହୋଟେଲ ଓ ୩ଟି ଚର୍ଚ୍ଚକୁ ସେମାନେ ଏକସଙ୍ଗେ ଟାର୍ଗେଟ କରିଥିଲେ। ପରେ ଅନ୍ୟ ଦୁଇଟି ସ୍ଥାନରେ ଆତ୍ମଘାତୀ ବିସ୍ଫୋରଣ ଘଟାଇ ଆତଙ୍କ ଖେଳାଇଥିଲେ। ଶ୍ରୀଲଙ୍କା ଇତିହାସର ଏହି ସବୁଠୁ ଘାତକ ଆତଙ୍କବାଦୀ ଆକ୍ରମଣକୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଇଥିଲା। ଦ୍ୱୀପରାଷ୍ଟ୍ର ଶ୍ରୀଲଙ୍କା ପାଇଁ ଇଷ୍ଟର ସଣ୍ଡେ ପାଲଟିଯାଇଥିଲା କଳାଦିନ।



## ଟ୍ରମ୍ପଙ୍କ ବିରୋଧରେ ମହାଭିଯୋଗ



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିର୍ବାଚନରେ ତାଙ୍କ ଡେମୋକ୍ରାଟ ପ୍ରତିଦ୍ୱନ୍ଦ୍ୱୀ ଜୋ ବିଡେନଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ କରିବା ଲାଗି ୟୁକ୍ରେନ୍ ଉପରେ ଚାପ ପକାଇଥିଲେ। ଏପରି କି ସେ କଂଗ୍ରେସର କାର୍ଯ୍ୟରେ ବାଧା ସୃଷ୍ଟି କରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ତାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଡିସେମ୍ବର ୧୮ରେ ପ୍ରତିନିଧି ସଭାରେ ଗୃହୀତ ହେଲା। ଫଳରେ ତାଙ୍କୁ ସିନେଟରେ ବିଚାରର ସମ୍ମୁଖୀନ ହେବାକୁ ପଡିବ। ସେ କ୍ଷମତାରେ ରହିବେ କି ବହିଷ୍କୃତ ହେବେ ସେ ନିଷ୍ପତ୍ତି ସିନେଟ ନେବ। ମହାଭିଯୋଗ ପ୍ରସ୍ତାବ ଗୃହୀତ ହେବାରେ ଟ୍ରମ୍ପ ଆମେରିକା ଇତିହାସରେ ତୃତୀୟ ରାଷ୍ଟ୍ରପତି। ମହାଭିଯୋଗକୁ ଦେଶର ଇତିହାସରେ ‘ଅତ୍ୟନ୍ତ ଲଜ୍ଜାଜନକ ରାଜନୈତିକ ଅଧ୍ୟାୟ’ ଭାବେ ଅଭିହିତ କରିଥିଲା ହ୍ୱାଇଟ ହାଉସ।

## ସଂକ୍ଷେପରେ

### ସମୁଦ୍ରରେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ

**ଭୋଗରାଇ, ୩୦।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ କୃଷ୍ଣପୁର ଗ୍ରାମର ବିଶ୍ୱଜିତ୍ ପାଳ (୪୫) ନାମକ ମତ୍ସ୍ୟଜୀବୀଙ୍କ ସମୁଦ୍ରରେ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ଏନେଇ ତାଳସାରୀ ମେରାଇନ୍ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୫/୧୯) ରୁଜୁ କରାଯାଇ ଶବକୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ସେଠାରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ମତ୍ସ୍ୟଜୀବୀ ପାଳ ଏକ ଡଙ୍ଗାରେ ସୋମବାର ଅପରାହ୍ନରେ ମାଛ ଧରିବାକୁ ସମୁଦ୍ର ମୁହାଣକୁ ଯାଇଥିଲେ। ସେ ମାଛ ମାରି ଫେରୁଥିବାବେଳେ କୂଳରେ ତାଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟିଥିଲା। ମତ୍ସ୍ୟଜୀବୀଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମତ୍ସ୍ୟଜୀବୀଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ୧୪ ଡିଏସ୍ପିଙ୍କୁ ଅତିରିକ୍ତ ଏସ୍ପି ର୍ୟାଙ୍କ୍‌କୁ ପଦୋନ୍ନତି

ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)

ରାଜ୍ୟ ସରକାର ୧୪ ଡିଏସ୍ପିଙ୍କୁ ଅତିରିକ୍ତ ଏସ୍ପି ର୍ୟାଙ୍କ୍‌କୁ ପଦୋନ୍ନତି ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ପୋଲିସ ମୁଖ୍ୟାଳୟରେ ଥିବା ଡିଏସ୍ପି ପ୍ରଦୀପ କୁମାର ଜାଲିଙ୍କୁ ଭୁବନେଶ୍ୱର ବାଣିଜ୍ୟ ଓ ପରିବହନ ବିଭାଗକୁ ନିଯୁକ୍ତ ଦିଆଯିବା ସହ ରୋଡ୍ ସେଫ୍ଟି ସେଲ୍ ଅତିରିକ୍ତ ଦାୟିତ୍ୱ ମଧ୍ୟ ମିଳିଛି। ସୋନପୁର ଡିଆଇବିରେ ଡିଏସ୍ପି ଥିବା ମନୋରଞ୍ଜନ ପ୍ରଧାନଙ୍କୁ ବଲାଙ୍ଗୀର ଅତିରିକ୍ତ ଏସ୍ପି, ବୌଦ୍ଧ ଡିଆଇବି ଡିଏସ୍ପି ଥିବା ବିପିନ ବିହାରୀ ବେହେରାଙ୍କୁ କନ୍ଧମାଳ ଆଇୟୁସିଏଡବ୍ଲ୍ୟୁକୁ ବଦଳି କରାଯାଇଛି। କମିଶନରେଟ ପୋଲିସରେ ଏସିପି ଥିବା ପ୍ରମୋଦ କୁମାର ରଥଙ୍କୁ ଅତିରକ୍ତ ଡିସିପିଭାବେ କମିଶନରେଟ ପୋଲିସରେ ଅବସ୍ଥାପିତ କରାଯାଇଛି। କଟକ ପିସିଆର ସେଲ୍‌ରେ ଥିବା ଇତିକାନ୍ତ ମହାପାତ୍ରଙ୍କୁ କଟକ ଏଚ୍ଆରପିସିକୁ ଅତିରିକ୍ତ ଏସ୍ପିଭାବେ ଦାୟିତ୍ୱ ଦିଆଯାଇଛି। ବାଲେଶ୍ୱର ଡିଆଇବିରେ ଥିବା ସୁଦାମ ଚରଣ ସାହୁଙ୍କୁ ମୟୂରଭଞ୍ଜ ଜିଲାର ଅତିରିକ୍ତ ଏସ୍ପିଭାବେ ବଦଳି କରାଯାଇଛି। ସୋନପୁର ଆଇୟୁସିଏଡବ୍ଲ୍ୟୁରେ ଥିବା ସୟଦ ମୁଜିବୁର ରହମାନଙ୍କୁ ବଣାଇକୁ ଅତିରିକ୍ତ ଏସ୍ପିଭାବେ ବଦଳି କରାଯାଇଛି। ଭୁବନେଶ୍ୱର ଟ୍ରାଫିକ ଏସିପି କିଶୋର କୁମାର ପାଣିଗ୍ରାହୀଙ୍କୁ ଇଓଡବ୍ଲ୍ୟୁକୁ ପୂର୍ବରୁ ବଦଳି ହୋଇଥିଲା। ତାହାକୁ ବାତିଲ କରାଯାଇ କମିଶନରେଟ ପୋଲିସରେ ଅତିରିକ୍ତ ଡିସିପିଭାବେ ଅବସ୍ଥାପିତ କରାଯାଇଛି। ସେହି ପଦବୀରେ ଥିବା ଅମରେଶ କୁମାର ପଣ୍ଡାଙ୍କୁ ବଦଳି କରାଯାଇଛି। ଇଣ୍ଟେଲିଜେନ୍ସରେ ଥିବା ଡିଏସ୍ପି ଜ୍ଞାନରଞ୍ଜନ ମହାପାତ୍ରଙ୍କୁ ପଦୋନ୍ନତି ମିଳିବା ପରେ ଇଣ୍ଟେଲିଜେନ୍ସର ଅତିରିକ୍ତ ଏସ୍ପିଭାବେ ଅବସ୍ଥାପିତ କରାଯାଇଛି। ଇଣ୍ଟେଲିଜେନ୍ସରେ ଥିବା ଡିଏସ୍ପି ରଶ୍ମିକାନ୍ତ ମିଶ୍ରଙ୍କୁ ଇଣ୍ଟେଲିଜେନ୍ସର ଅତିରିକ୍ତ ଏସ୍ପିଭାବେ ନିଯୁକ୍ତି ମିଳିଛି। ବଣାଇ ଏସ୍‌ଡିପିଓ ଥିବା ଅବକାଶ ରାଉତରାୟଙ୍କୁ ରାଉରକେଲା ଅତିରିକ୍ତ ଏସ୍ପି, ସୁନ୍ଦରଗଡ ଡିଆଇବିରେ ଥିବା ରାମପ୍ରସାଦ ସାହୁଙ୍କୁ ରାୟଗଡା ଆଇୟୁସିଏଡବ୍ଲ୍ୟୁକୁ ଅତିରିକ୍ତ ଏସ୍ପିଭାବେ ବଦଳି କରାଯାଇଛି। ଇଣ୍ଟେଲିଜେନ୍ସରେ ଡିଏସ୍ପି ଥିବା ଭବାନୀକାନ୍ତ ପଟ୍ଟନାୟକଙ୍କୁ ଯାଜପୁର ଅତିରିକ୍ତ ଏସ୍ପି, କମିଶନରେଟ ପୋଲିସରେ ଅତିରିକ୍ତ ଡିସିପି ଥିବା ଅମରେଶ କୁମାର ପଣ୍ଡାଙ୍କୁ ଅତିରିକ୍ତ ଏସ୍ପି ଭାବେ ସମ୍ବଲପୁରକୁ ବଦଳି କରାଯାଇଛି।

# ଘରେ ପଶି ଯୁବକଙ୍କୁ ଗୁଳିମାଡ଼

■ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି

ପାଟଣାଗଡ଼, ୩୦।୧୨(ଡି.ଏନ.ଏ.)



ଗୁଳିମାଡରେ ଆହତ ନବୀନ ମେହେର।

ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା ଅନ୍ତର୍ଗତ ଗଙ୍ଗାସାଗର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ପଶି ମୁଖାପିନ୍ଧା ଦୁର୍ବୃତ୍ତ ରବିବାର ବିଳମ୍ବିତ ରାତିରେ ଆତଙ୍କ ଖେଳାଇଥିଲେ। ତାଙ୍କ ଗୁଳିମାଡ଼ରେ ଗୃହକର୍ତ୍ତା ନବୀନ ମେହେର(୪୦) ଗୁରୁତର ହୋଇଛନ୍ତି। ତାଙ୍କୁ ପାଟଣାଗଡ଼ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହାସପାତାଳକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ନବୀନଙ୍କ ମା' ପାଟଣାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏହି ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇନାହିଁ। ପୋଲିସ ତନାଘନା ଚଳାଇଥିଲେ ବି ବିଶେଷ କିଛି ସୁରାକ ପାଇ ପାରିନାହିଁ। ଅଭିଯୋଗ ଅନୁସାରେ ଗାଁ ଶେଷମୁଣ୍ଡରେ ନବୀନ ଓ ତାଙ୍କ ମା' ରୁହନ୍ତି। ବିଳମ୍ବିତ ରାତିରେ ତାଙ୍କ ଘର କବାଟ କେହି ବାଡଉଥିବା ଶୁଣି ନବୀନ କବାଟ ଖୋଲିଥିଲେ। ଏହି ସମୟରେ ମୁଖାପିନ୍ଧି ଥିବା ଜଣେ ବ୍ୟକ୍ତି ଘର ଭିତରକୁ ଧସେଇ ପଶିଥିଲେ। ଅଜଣା ବ୍ୟକ୍ତି ଜଣକ ନିଜକୁ ମାଓବାଦୀ ପରିଚୟ ଦେଇ ଭୟଭୀତ କରିଥିଲେ। କିଛି କହିବା ପୂର୍ବରୁ ସେ ଏକ ପିସ୍ତଲରେ ନବୀନଙ୍କ ଉପରକୁ ଗୁଳି ଚଳାଇଥିଲେ। ଗୁଳି ତାଙ୍କ ବାମ ହାତ କହୁଣି ଉପରେ ବାଜିଥିଲା। ଗୁଳିମାଡ ପରେ ଦୁର୍ବୃତ୍ତ ସେଠାରୁ ଖସି ପଳାଇଯାଇଥିଲେ। ତେବେ ସଂପୃକ୍ତ ବ୍ୟକ୍ତି କିଏ, ସେ ନବୀନଙ୍କୁ କାହିଁକି ଗୁଳିମାଡ଼ କଲେ ତାହା ସ୍ପଷ୍ଟ ହୋଇନାହିଁ। ପୋଲିସ ବିଭିନ୍ନ ଦିଗକୁ ଆଖି ଆଗରେ ରଖି ତଦନ୍ତ ଚଳାଇଛି।

# ଗୁଳିକରି ହାତୀ ଶାବକକୁ ହତ୍ୟା ଘଟଣା : ଜଣେ ଗିରଫ

ଦେବଗଡ଼,୩୦।୧୨(ଡି.ଏନ.ଏ.)



ଗିରଫ ଦୁଃଖବନ୍ଧୁ ସାହୁ।

ଦେବଗଡ ବନଖଣ୍ଡ ରିଆମାଳ ରେଞ୍ଜ ପଲସମା ସେକ୍ସନ ଅନ୍ତର୍ଗତ ବରଡାନାଳୀ ଗ୍ରାମରେ ଗତ ୨୫ତାରିଖ ରାତିରେ ଏକ ହାତୀ ଶାବକକୁ ଗୁଳି କରି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ବରଡାନାଳୀ ଗ୍ରାମରେ ଦୁଃଖବନ୍ଧୁ ସାହୁ (୩୭)ଙ୍କୁ ଦେବଗଡ ବନ ବିଭାଗ ସୋମବାର ଗିରଫ କରି କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଖବର ମୁତାବକ ଗତ ୨୬ ତାରିଖ ସକାଳେ ବରଡାନାଳି ଗ୍ରାମର ଫକୀର ଗଡନାୟକଙ୍କ ଗୁହାଳ ପଛପଟେ ଏକ ମାଈହାତୀ ଶାବକର ମୃତଦେହ ପଡିଥିବା ନେଇ ପଲସମା ସେକ୍ସନର ଫରେଷ୍ଟର ଓ ରିଆମାଳ ଫରେଷ୍ଟ ରେଞ୍ଜ ଅଫିସରଙ୍କୁ ଖବର ମିଳିଥିଲା । ଖବରପାଇ ରିଆମାଳ ରେଞ୍ଜ ଅଫିସର ଭବାନୀ ଶଙ୍କର ଦାଶ ଓ ପଲସମା ଫରେଷ୍ଟର ପ୍ରଶାନ୍ତ କୁମାର ଶତପଥୀ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ । ପରେ ଦେବଗଡ ବନଖଣ୍ଡ ଅଧିକାରୀ କ୍ଷମା ଷଡଙ୍ଗୀ ଓ ଅବୈତନିକ ୱାଇଲ୍ଡ ଲାଇଫ ୱାର୍ଡେନ ଲଳିତ ମୋହନ ସାହୁଙ୍କ ଉପସ୍ଥିତିରେ ରିଆମାଳ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସ୍ୱପ୍ନେଶ୍ୱର ନାୟକଙ୍କ ଦ୍ୱାରା ହାତୀ ଶାବକର ମୃତଦେହ ବ୍ୟବଚ୍ଛେଦ କରାଯାଇ ପୋତି ଦିଆଯାଇଥିଲା। ବ୍ୟବଚ୍ଛେଦ ସମୟରେ ହାତୀ ଶାବକର କଲିଜା ନିକଟରୁ ୮ଏମ୍.ଏମ୍.ସାଇଜ୍‌ର ଏକ ଗୁଳି ବାହାରିବାରୁ ଗୁଳି କରି ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା । ଫଳରେ ବନ ବିଭାଗ ପକ୍ଷରୁ ଏ ନେଇ ଏକ ମାମଲା ରଜୁ କରାଯାଇ ବନଖଣ୍ଡ ଅଧିକାରୀ ଷଡଙ୍ଗୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରାଯାଇ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଥିଲା । ବରଡାନାଳି ଗ୍ରାମର ଦୁଃଖବନ୍ଧୁ ସାହୁ ଉକ୍ତ ହାତୀ ଶାବକକୁ ଏକ ଦେଶୀ ବନ୍ଧୁକ ସାହାଯ୍ୟରେ ଗୁଳି କରି ହତ୍ୟା କରିଥିବା ଜଣାପଡିଥିଲା। ଦୁଃଖବନ୍ଧୁଠାରୁ ବ୍ୟବହୃତ ବନ୍ଧୁକ ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଥିଲା ।

## ପ୍ରଥମ ପୃଷ୍ଠାରୁ...

### ସହର...

କାର୍ଯ୍ୟ କରିବେ। ଏହି କମିଟିରେ ପରିବେଶବିତ୍, ଉଦ୍ୟାନକୃଷିବିତ୍, ଔଷଧୀୟ ବୃକ୍ଷ ବିଶେଷଜ୍ଞ, ମତ୍ସ୍ୟଜୀବୀ ସମୁଦାୟ ଆଦି ବିଭିନ୍ନ ବିଷୟର ୭ ଜଣ ସଦସ୍ୟ ରହିବେ। ସେହି କମିଟି ସହରାଞ୍ଚଳ ପରିବେଶକୁ କିପରି ପ୍ରଦୂଷଣ ମୁକ୍ତ ରଖାଯାଇପାରିବ ସେ ନେଇ ପୌର ପ୍ରଶାସନକୁ ପରାମର୍ଶ ଦେବେ। ଏହି କମିଟିର ବିନାନୁମତିରେ ସହରାଞ୍ଚଳରୁ ବୃକ୍ଷ କଟାଯାଇ ପାରିବ ନାହିଁ। କେଉଁ ଅଞ୍ଚଳରେ କି ପ୍ରକାର ପ୍ରଦୂଷଣ ହେଉଛି ସେସବୁକୁ ଅନୁଧ୍ୟାନ କରି କମିଟି ରିପୋର୍ଟ ପ୍ରସ୍ତୁତ କରିବେ। ଏହି କମିଟିକୁ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) ନିୟମିତ ମନିଟରିଂ କରିବ। କମିଟି ଠିକ ଢଙ୍ଗରେ କାର୍ଯ୍ୟ ନ କଲେ ସମ୍ପୃକ୍ତ ପୌର ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏନ୍‌ଜିଟି ଚେତାବନୀ ଦେଇଛନ୍ତି। ସତ୍ୟପାଠ ଦାଖଲ କରିବାକୁ ଥିବାରୁ ରାଜ୍ୟ ସରକାର ତରବରିଆ ଭାବେ ଏହି କମିଟି ଗଠନ କରିଛନ୍ତି। ଏଥିସହିତ ସହରାଞ୍ଚଳରେ ଯାନବାହନଜନିତ ଧୂଆଁ, ପଲିଥିନ, ମେଡିକାଲ ବର୍ଜ୍ୟବସ୍ତୁ, ଜଳ ପ୍ରଦୂଷଣ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଆଦି କ୍ଷେତ୍ରରେ ରାଜ୍ୟ ସରକାର କି ପଦକ୍ଷେପ ନେଇଛନ୍ତି ସେ ନେଇ ମଧ୍ୟ ଏନ୍‌ଜିଟି ରିପୋର୍ଟ ତଲବ କରିଛନ୍ତି। ଘର ଘର ବୁଲି କଠିନ ବର୍ଜ୍ୟବସ୍ତୁ ସଂଗ୍ରହ କରିବା, ମାଇକ୍ରୋ କମ୍ପୋଷ୍ଟିଂ ବ୍ୟବସ୍ଥା, ମ୍ୟାଟେରିଆଲ ରିକଭରି ଫାସିଲିଟି(ଏମଆରଏଫ), ୨୪୩ଟି ମାଇକ୍ରୋ କମ୍ପୋଷ୍ଟ ପ୍ଲାଣ୍ଟ ତିଆରି, ୨୮,୬୦୬ ସଫେଇ କର୍ମଚାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ, ୨ହଜାର ସ୍ୱଚ୍ଛସାଥୀ ଏବଂ ୫୧୫ ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଥିବା ବେଳେ ବୃକ୍ଷରୋପଣ, ସହର ସୌନ୍ଦର୍ଯ୍ୟକରଣ ଆଦି କାର୍ଯ୍ୟ ହୋଇଛି । ସହରକୁ ପଲିଥିନମୁକ୍ତ ରଖିବାକୁ ଚଢ଼ାଉ ଜାରି ରହିଛି। ଏ ପର୍ଯ୍ୟନ୍ତ ୨୧୦୦ ମେଟ୍ରିକଟନ ପଲିଥିନ ଓ ପ୍ଲାଷ୍ଟିକ ଜବତ ହୋଇଛି। ୨୫ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି । ଏନଜିଟିଙ୍କ ନିକଟରେ ଏ ସବୁ ତଥ୍ୟ ପ୍ରଦାନ କରାଯିବ ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ, ୨୦୧୮ରେ ତତ୍କାଳୀନ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ଏନଜିଟିରେ ହାଜର ହୋଇ ସହରାଞ୍ଚଳ ପରିବେଶ ପ୍ରଦୂଷଣ ରୋକିବା ଦିଗରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ କି ପଦକ୍ଷେପ ନିଆଯାଇଛି ସେ ନେଇ ସତ୍ୟପାଠ ଦାଖଲ କରିଥିଲେ। ମାତ୍ର ଏଥିରେ ଏନ୍‌ଜିଟି ସନ୍ତୁଷ୍ଟ ହୋଇ ନ ଥିଲେ। ବାୟୋଡାଇଭରସିଟି କମିଟି ଗଠନ କରିବା ସହ ପରିବେଶକୁ ସ୍ୱଚ୍ଛ ରଖିବା ଦିଗରେ ଦୃଢ଼ ପଦକ୍ଷେପ ନେବାକୁ ପରାମର୍ଶ ଦେବା ସହ ପୁଣି ବ୍ୟକ୍ତିଗତ ଭାବେ ହାଜର ହୋଇ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ।

### ଅଜିତ୍...

ମନ୍ତ୍ରିମଣ୍ଡଳରେ ୩ ମହିଳା ନେତ୍ରୀ ବର୍ଷା ଗାଏକ୍‌ୱାଡ୍, ଯଶୋମତି ଠାକୁର୍ ଓ ଅଦିତି ଟଟ୍‌କରେ ସ୍ଥାନ ପାଇଛନ୍ତି। ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱରେ ମହାରାଷ୍ଟ୍ର ବିକାଶ ଅଘାଡ଼ି ସରକାର ଗଠନ ହେବାର ମାସେ ପରେ ଏହି ସମ୍ପ୍ରସାରଣ କରାଯାଇଛି। ଏଥିସହ ମନ୍ତ୍ରିମଣ୍ଡଳର ସଦସ୍ୟ ସଂଖ୍ୟା ୪୩କୁ ବୃଦ୍ଧି ପାଇଛି। ପ୍ରକାଶଥାଉ କି, ପୂର୍ବରୁ ୩ ସହଯୋଗୀ ଦଳର ୨ଜଣ ଲେଖାଏ ମନ୍ତ୍ରୀ ଭାବେ ଶପଥଗ୍ରହଣ କରିଥିଲେ। ଠାକ୍‌ରେ ସରକାର କୃଷକଙ୍କ ଆଶା ପୂରଣ କରି ନ ଥିବା କହି ସୋମବାର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଉତ୍ସବରୁ ଭାଜପା ନେତାମାନେ ଦୂରେଇ ରହିଥିଲେ।

ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ପୃଥ୍ୱୀରାଜ୍ ଚଭନ ଠାକ୍‌ରେଙ୍କ ମନ୍ତ୍ରିମଣ୍ଡଳରେ ଆଶ୍ଚର୍ଯ୍ୟଜନକ ଭାବେ ସ୍ଥାନ ପାଇନାହାନ୍ତି। ତାଙ୍କୁ ଦଳର ସାଙ୍ଗଠନିକ ନେତୃତ୍ୱ ଦିଆଯାଇପାରେ ବୋଲି କୁହାଯାଉଛି। ସେହିଭଳି ଶିବସେନା ଏମ୍‌ପି ସଞ୍ଜୟ ରାଉତ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଉତ୍ସବକୁ ଆସି ନ ଥିଲେ। ତାଙ୍କ ଭାଇ ତଥା ବିଧାୟକ ସୁନୀଲ ରାଉତଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ନ ମିଳିବାରୁ ସେ ଏଥିରୁ ଦୂରେଇ ରହିଥିବା ଜଣାପଡ଼ିଛି। ଏଠାରେ ସୂଚନାଯୋଗ୍ୟ ଯେ, ନଭେମ୍ବର ୨୮ରେ ଉଦ୍ଧବ ଠାକ୍‌ରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ତାଙ୍କ ସହ କଂଗ୍ରେସର ବାଲାସାହେବ୍ ଥୋରଟ୍ ଓ ନୀତିନ୍ ରାଉତ, ଶିବସେନାର ଏକ୍‌ନାଥ ସିନ୍ଦେ ଓ ସୁଭାଷ ଦେଶାଇ ଓ ଏନ୍‌ସିପିର ଜୟନ୍ତ ପାଟିଲ ଓ ଛଗନ ଭୁଜବଳ ଶପଥଗ୍ରହଣ କରିଥିଲେ।

### ଲାଞ୍ଚ ନେଇ ଆଇଏଏସ୍...

ଅଧିକ ଖୋଳତାଡ଼ କରିବା ସହ ବିଜୟ କେତନଙ୍କ ଅଫିସ ସମେତ ଅନ୍ୟ କେତେକ ସ୍ଥାନରେ ଏକକାଳୀନ ଚଢ଼ାଉ ଜାରି ରଖିଥିବା ଜଣାଯାଇଛି। 'ମୋ ସରକାର' କାର୍ଯ୍ୟକ୍ରମ ଆଧାରରେ ସୂଚନା ପାଇ ଭିଜିଲାନ୍ସ ତାଙ୍କୁ ଟ୍ରାପ୍ କରିଛି। ଅନ୍ୟପଟେ ବିଜୟଙ୍କୁ କେହି ଫସେଇ ଦେଇଥିବା କହିଛନ୍ତି ବାପା ରବି ନାରାୟଣ ଉପାଧ୍ୟାୟ। ବିଜୟ ଜଗତ୍‌ସିଂପୁର ଜିଲାପାଳ ଥିବା ବେଳେ କିଛି ଘଟଣା ଘଟିଥିଲା। ଜିଲାପାଳ ତାଙ୍କ କଥା ଶୁଣୁ ନ ଥିବା କିଛି ଲୋକ ମୁଖ୍ୟମନ୍ତ୍ରୀଙ୍କୁ କହିଥିଲେ। ମୁଁ ଜାଣିନି ସେଠିକା ଲୋକ କିଏ ଏମିତି କରିଥିବେ। ତେବେ ସେ ଟଙ୍କା ନେବା ପିଲା ନୁହେଁ ବୋଲି ରବି ନାରାୟଣ କହିଛନ୍ତି।

### ଆଜିଠୁ ବରଗଡ଼ରେ ...

ଧନୁଯାତ୍ରାକୁ ନିରାପଦ, ସୁରକ୍ଷିତ ଭାବେ ସମାପନ କରିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏସ୍ପି ସାହୁଙ୍କ ତତ୍ତ୍ୱାବଧାନରେ ଜଣେ ଅତିରିକ୍ତ ଏସ୍ପି, ଜିଲାର ସମସ୍ତ ଡିଏସ୍ପି, ଇନ୍ସପେକ୍ଟର, ସବଇନ୍ସପେକ୍ଟରଙ୍କ ସମେତ ଜିଲା ବାହାରୁ ୨ଜଣ ଡିଏସ୍ପି, ୭ଜଣ ଇନ୍ସପେକ୍ଟର ଏବଂ ସବଇନ୍ସପେକ୍ଟରମାନେ ସୁରକ୍ଷା ବ୍ୟବସ୍ଥା ପାଇଁ ଏଠାକୁ ଆସୁଥିବା ଜଣାପଡ଼ିଛି । ଏହା ସହିତ ୩୦ଟି ପ୍ରମୁଖ ସ୍ଥାନରେ ସିସିଟିଭି ଲଗାଯାଇଛି । ୪ଟି ସ୍ଥାନରେ ପୋଲିସ ସହାୟତା କେନ୍ଦ୍ର ଏବଂ ୧୦ରୁ ୧୬ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବାର ବ୍ୟବସ୍ଥା ହୋଇଛି ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି ।

### ସିଏଜି...

ପାଖାପାଖି ୧୪ଲକ୍ଷ ଉପଭୋକ୍ତା ଗୋଟିଏ ମାସରେ ୩ରୁ ୪୧ଟି ପର୍ଯ୍ୟନ୍ତ ଗ୍ୟାସ୍ ସିଲିଣ୍ଡର ବ୍ୟବହାର କରିଥିବା ଜଣାପଡିଛି। ଅନ୍ୟପଟେ ସିଙ୍ଗିଲ ବଟଲ୍ କନେକ୍ସନ ଥିବା ୩ଲକ୍ଷ ୪୪ହଜାର ଲୋକଙ୍କୁ ଉଜ୍ଜ୍ୱଳା ଯୋଜନାରେ ଗୋଟିଏ ମାସରେ ୨ରୁ ୨୦ଟି ଗ୍ୟାସ୍ ସିଲିଣ୍ଡର ରିଫିଲିଂ ପାଇଁ ଆଇଓସିଏଲ୍ ଏବଂ ଏଚ୍‌ପିସିଏଲ୍ ଅନୁମତି ଦେଇଛନ୍ତି।

ଉଜ୍ଜ୍ୱଳା ଯୋଜନାକୁ ନେଇ କେନ୍ଦ୍ର ସରକାର ବାହାବା ନେଉଥିବା ବେଳେ ସିଏଜି ରିପୋର୍ଟକୁ ନେଇ ବିଜେଡି, କଂଗ୍ରେସ କଡ଼ା ସମାଲୋଚନା କରିଛନ୍ତି। ଏନେଇ ବିଜେଡି ଯୁବ ସଭାପତି ଅମରେଶ ପତ୍ରୀ କହିଛନ୍ତି, ଦୀର୍ଘଦିନ ଧରି ଉଜ୍ଜ୍ୱଳାରେ ଦୁର୍ନୀତି ହେଉଥିବା କଥା କହିଆସୁଥିଲା। ଏହାକୁ କିନ୍ତୁ କେନ୍ଦ୍ରମନ୍ତ୍ରୀ ସ୍ୱୀକାର ନ କରି ଫାଙ୍କି ଦେଉଥିଲେ। ହେଲେ ଏହାର ସତ୍ୟାସତ୍ୟ ସିଏଜି ପ୍ରକାଶ କରିଛନ୍ତି। ଯେତିକି ଲୋକ ଉଜ୍ଜ୍ୱଳାରେ ଗ୍ୟାସ ସଂଯୋଗ ନେଇଛନ୍ତି ବୋଲି ସେମାନେ ଦାବି କରୁଥିଲେ ରିଫିଲିଂ କେତେ ହେଉଛି ସେକଥା ଖୋଦ୍ ସିଏଜିଙ୍କ ରିପୋର୍ଟରେ ପ୍ରକାଶପାଇଛି। ଏହି ଯୋଜନା ଦଳୀୟ ଭିତ୍ତିରେ ବଣ୍ଟନ ଚାଲିଥିବା ନେଇ ଯାହା ବିଜେଡି ଅଭିଯୋଗ କରୁଥିଲେ ତାହା ସତ୍ୟ ପ୍ରମାଣିତ ହୋଇଛି ବୋଲି ଅମରେଶ କହିଛନ୍ତି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ଗରିବ ଲୋକଙ୍କ ଆକାଉଣ୍ଟକୁ ୧୫ଲକ୍ଷ ଲେଖା ଦେବା କଥା ହେଉ ବା ଉଜ୍ଜ୍ୱଳା ମୋଦି ସରକାରର ସବୁ ଯୋଜନା ଫେଲ୍ ମାରିଛି। କେବଳ ପ୍ରଚାର ଓ ପ୍ରସାରର ସରକାର। ଏହି ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ବିଗତ ଦିନରୁ କଂଗ୍ରେସ କହିଆସୁଥିବା ବେଳେ ଏନେଇ ଦଳ ରାସ୍ତାକୁ ଓହ୍ଲାଇବ ବୋଲି ନିରଞ୍ଜନ କହିଛନ୍ତି। ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି, ସାମାଜିକ ଅର୍ଥନୈତିକ ଜାତିଭିତ୍ତିକ ଜନଗଣନା(ଏସ୍‌ଇସିସି)ତାଲିକା ରାଜ୍ୟ ସରକାର କରିଥାନ୍ତି। ରାଜ୍ୟରେ ଯଦି ତାଲିକା ଭୁଲ୍ ପ୍ରସ୍ତୁତ ହୁଏ ତେବେ କେନ୍ଦ୍ର କିଛି କରିପାରିବ ନାହିଁ। ଏହା ଏକ ଗୁରୁତ୍ୱପୂର୍ଣ୍ଣ, ମହତ୍ତ୍ୱପୂର୍ଣ୍ଣ ଯୋଜନା, ଯାହାର ଧାର୍ଯ୍ୟ ସମୟ ପୂର୍ବରୁ ଲକ୍ଷ୍ୟ ପୂରଣ ହୋଇପାରିଛି। ଯଦି କିଛି ଭୁଲ୍ ତ୍ରୁଟି ଥାଏ ତା'ର ତର୍ଜମା କରାଯିବ ବୋଲି ଗୋଲକ କହିଛନ୍ତି।


**BHUBANESWAR DEVELOPMENT AUTHORITY, BHUBANESWAR**

Notice No. 31637/BDA/ Dated: 30.12.2019

**REQUEST FOR PROPOSAL**
**For Leasing of Food Court & Kiosks At BDA CITY CENTRE, BHUBANESWAR**

| S. N. | Description | |
|---|---|---|
| 1 | Method of Selection proposal required | Highest financial proposal |
| 2 | Date of publication of proposal | 31.12.2019 |
| 3 | Last date and time of Submission of proposal (Proposal Due Date) | 14.01.2020 upto 4.00 PM |
| 4 | Opening of Technical proposal | 15.01.2020 at 4.30 PM |
| 5 | Earnest Money Deposit | Rs. 15,000/- in shape of a Demand Draft in favour of the "BDA City Centre Ltd.", on any scheduled bank, payable at "Bhubaneswar". |
| 6 | Validity of proposal | 180 days from due date of submission of proposal. |
| 7 | Name and Address where queries/ correspondence concerning this Request for porposal is to be sent | Member Finance, Bhubaneswar Development Authority, Bhubaneswar, Odisha, fmbdabbsr@gmail.com, Te. No.: 0674-2392473 |
| 8 | Address where Bidders must submit proposal | Chairman, BDA City Centre Ltd. Cum Member Finance, BDA, Bhubaneswar Development Authority, Aakash Shova Building, Sachivalaya Marg, Bhubaneswar, Odisha |

Sd./- Member Finance, BDA



**ZILLA SWASTHYA SAMITI, KHORDHA**

**DISTRICT PROGRAMME MANAGEMENT UNIT**
**TENDER CALL NOTICE**

No.E-624 :- Sealed tenders are invited from interested registered manufacturers / authorized distributors, NGO's and Individual for Helpdesk, Bio-Medical waste management, Vehicle and Bike Ambulance on outsourcing basis rate contract to C.D.M & P.H.O, Khordha, The details regarding the tender may be downloaded from district website www.Khordha.nic.in. The bid must be in sealed envelope should reach the office of the undersigned through Regd. Post/speed post or courier by 20.01.2020 at 04.00 P.M. along with all relevant documents. The undersigned reserves the right to reject the tender without assigning any reason thereof.

Sd./- Chief District Medical & Public Health Officer, Khordha

10029/11/0017/1920



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, CENTRAL CIRCLE (R&B) NIRMAN SOUDHA**
**PHASE-II, 2ND FLOOR, BHUBANESWAR**
Mail i.d. : seccbbsr@gmail.com
**E-procurement Short Tender Call Notice No.6 of 2019-20**
**No. 4003 (Estg.) Bhubaneswar the 24th December-2019**

No.B-477 :- The Superintending Engineer, Central Circle (R&B), Bhubaneswar on behalf of the Governor of Odisha invites percentage rate bids for Two numbers of Composite Building work to be received in online bidding, double cover system for construction work as detailed in:https://tendersorissa.gov.in. The details of bid documents will be available in the above website from 5.00 PM of 31.12.2019 to 5:00 PM of 08.01.2020. The bidders must possess compatible Digital Signature Certificate of Class II or III. Bids received online shall be opened at 11:00 AM of 09.01.2020 in the Office of the Superintending Engineer, Central Circle (R&B) Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./-Er.G.C.Sahu
Superintending Engineer
Central Circle (R&B), Bhubaneswar

34005/11/0006/1920






**JAWAHAR NAVODAYA VIDYALAYA**
Burjuguda, Therubali, Dist.- Rayagada-765018, Odisha
Website: jnvrayagada.nic.in
Ministry of Human Resource Development, Department of Education (Govt. of India)

F.No.11.3/JNVR/2019-20 Date: 30.12.2019

**CORRIGENDUM**

This is in reference to this Office Tender Call Notice-3 published in daily Odia News Paper "Dharitri" on dated 18.12.2019, the last date for sale of tender papers extended to 4.00 PM of dated 06.01.2020. Tender submitted date 07.01.2020 at 10.00 AM and to be opened on 07.01.2020 at 11.00 AM.

Sd./- (D. Bhagyalakshmi)
Principal



**OFFICE OF THE MUNICIPAL COUNCIL, SUNDARGARH**

No. 5728 Dt. 30.12.2019

**COMPETITIVE BIDDING THROUGH e-Procurement**
**NOTICE INVITING TENDER**
**Bid Reference No. SNGM-12/2019-20/Dt. 30.12.2019**

On behalf of the Sundargarh Municipality, on-line Item rate Bids/ proposals from eligible Registered firms/ Service Providers / NGOs/ Labour Contractors those have experience in similar nature of work and working in Municipality through on-line Item rate bids under two bid system (Technical and Financial) in prescribed formats in conformity with the Detailed Tender Call Notice.

1. Name of the work for which Tenders invited: **Sanitation work including collection of solid waste from door to door in 19 (Ninteen) Nos. of wards of Sundargarh Municipality area i.e., from ward No. 01 to 19.**
2. Intending bidders have to participate through **"On-Line"** bidding only. The website for online bidding is **https://www.tendersodisha.gov.in.**
3. The bid documents will be available in the above website from **11 AM on 02.01.2020 to 5 PM on 16.01.2020** for online bidding.
4. Bids received online will be opened at **04 PM on 20.01.2020.**
5. The bidder must possess valid and compatible **Digital Signature Certificate (DSC)**.
6. The DTCN for bid shall be available in the e-procurement portal **https://www.tendersodisha.gov.in** for on-line bidding.

Sd./- Executive Officer, Sundargarh Municipality



**Zilla Swasthya Samiti, Bargarh**
Dept. of Health & Family Welfare, Govt. of Odisha
District Head Quarter Hospital, Bargarh-768028, Phone/Fax: 06646-231763

**TENDER CALL NOTICE FOR SUPPLY OF BREAST CANCER EARLY DETECTION SYSTEM**

Advt. No.19/NHM/BGH/2019 Date: 27.12.2019

Sealed tenders are invited from reputed firms/agency/ Company for supply of Breast Cancer Early Detection System for Bargarh District. Details regarding eligibility criteria, terms & conditions and the formats for submisstion of tender (Technical & Price bid) are mentioned in the tender document which may be downloaded from the website: www.bargarh.nic.in. Interested agencies have to submit their tenders in a sealed envelope superscribing on the top of the sealed envelope as "Tender Documents (Downloaded from Website) for Breast Cancer Early Detection System for Bargarh District in reference to Advertisement No-19/NHM/BGH/2019 dt: 27.12.2019". The tenders should reach to the office of the undersigned by Dt. 20.01.2020 till 04.00 PM. Sealed tenders will be opened on Dt. 21.01.2020 at 11.30 AM. The undersigned reserves the right to reject any or all the tenders without assigning any reason thereof.

Sd./-
CDM & PHO, Bargarh



**GOVERNMENT OF ODISHA**
**LABOUR & ESI DEPARTMENT**

No.IE/9-34/2018 8051 /LESI, Bhubaneswar, Dtd.27.12.19

**QUOTATION CALL NOTICE FOR HIRING OF VEHICLE**

No.K-21 :- Sealed quotations / tenders are hereby invited from interested Travelling Agencies / Tour Operators or private individuals for providing 01 (one) no of Non AC/ AC light vehicle i.e. Zest/Tigor/Xcent/Swift Dzire/Etios [petrol] or equivalent vehicle on monthly hiring basis to Labour & ESI Department, Odisha, Bhubaneswar for official use for a period of one year as per the terms & conditions of Finance Department O.M.No. 30464 dtd. 06.09.2019.

The last date of the receipt of the bid is 16.01.2020 up to 3.30 PM and will be opened at 4 PM on the same day in the office chamber of the undersigned. The quotation/application form containing the general bid information and detailed terms & conditions for hiring the vehicle can be downloaded from website www.odisha.gov.in and also will be available with OE-II Section of Labour & ESI Department.

Sd./-
Under Secretary to Government

17001/11/0003/1920

ସୌନ୍ଦର୍ଯ୍ୟ



# ପାର୍ଟି ପାଇଁ ମେକ୍ଅପ୍

ପାର୍ଟିକୁ ଯିବାକୁ ହେଲେ କେବଳ ପାର୍ଲର ଗୋଟିଏ ଅପ୍ସନ୍ ନୁହେଁ, ଆପଣ ଚାହିଁଲେ ଘରେ ବି ନେଇପାରିବେ ମେକ୍ଅପ୍ । ଜାଣନ୍ତୁ ସେ ନେଇ କିଛି ଟିପ୍ସ...

**ଫେସ୍ ମେକ୍ଅପ୍–** ଆପଣଙ୍କ ଚେହେରାକୁ ମେକ୍ଅପ୍ କରିବାକୁ ଚାହୁଁଥିଲେ ପ୍ରଥମେ କ୍ଲିନ୍ଜିଂ କରି ମୁହଁକୁ ସଫା କରନ୍ତୁ। ପରେ ଟୋନିଂ ଏବଂ ମଇଶ୍ଚରାଇଜିଂ କରନ୍ତୁ। ଏହାପରେ କନ୍ସିଲର ଲଗାନ୍ତୁ। କନ୍ସିଲର ଦ୍ୱାରା ମୁହଁର ଦାଗ ଲୁଚି ଯାଇଥାଏ। ପରେ ଫାଉଣ୍ଡେଶନ୍ ଲଗାନ୍ତୁ। ମନେରଖନ୍ତୁ ଫାଉଣ୍ଡେଶନ୍ ସ୍କିନ୍ କଲର ସହ ମ୍ୟାଚ୍ କରିବା ଦରକାର। ସିମର ଲୁକ୍ ଦେବାକୁ ହେଲେ କ୍ରିମ୍ ବ୍ଲସର ଲଗାନ୍ତୁ। ଏହାପରେ ଏକ ନାଚୁରାଲ୍ ବେସ୍‌ରେ ଫେସ୍ ପାଉଡର ଲଗାନ୍ତୁ।

**ଆଖି ମେକ୍ଅପ୍–** ରାତିରେ ପାର୍ଟିକୁ ଯିବାକୁ ହେଲେ ଆଖିରେ ଡାର୍କ ମେକ୍ଅପ୍ ଆକର୍ଷଣୀୟ ଲାଗିଥାଏ। ଦିନରେ ଲାଇଟ୍ ସେଡ୍‌ସର ଆଇସ୍ୟାଡୋ ବ୍ୟବହାର କରନ୍ତୁ। ଲଗାଇବା ପୂର୍ବରୁ ଏହାର ଉପରିଭାଗରେ ଫାଉଣ୍ଡେଶନ୍ ଏବଂ ଲୁଜ୍ ପାଉଡର ହାଲ୍କା ବ୍ରସ୍‌ରେ ଲଗାନ୍ତୁ।

**ହେୟାର ଷ୍ଟାଇଲ୍ –** ମେକ୍ଅପ୍ ବ୍ୟତୀତ ଆପଣଙ୍କ ହେୟାର ଷ୍ଟାଇଲ୍ ବି ଖାସ୍ ହେବା ଦରକାର। ଏଥିରେ ଆପଣ ଚାହିଁଲେ କିଛି ନୂଆ ଟ୍ରାଏ କରିପାରିବେ। ଲୁଜ୍ କର୍ଲସ ସହିତ ନିଜ କେଶକୁ ଷ୍ଟାଇଲିସ୍ ଲୁକ୍ ଦେଇପାରିବେ। ଏହା ସହିତ ଲୋ ଏବଂ ହାଇ ପୋନିଟେଲ୍ ମଧ୍ୟ ଫ୍ୟାଶନ୍‌ରେ ଅଛି।

**ଓଠ ମେକ୍ଅପ୍–** ଓଠ ପତଳା ଦେଖାଯିବାକୁ ହେଲେ ଲିପ୍‌ଷ୍ଟିକ୍ ସେଡ୍‌କୁ ମ୍ୟାଚ୍ କରି ଲିପ୍ ଲାଇନର ଓଠର ଇନର ଲାଇନ୍‌ରେ ଲଗାନ୍ତୁ। ଲିପ୍‌ଷ୍ଟିକ୍‌ର କୌଣସି ରିଚ୍ ସେଡ୍ ଲଗାନ୍ତୁ। ଲିପ୍ ଗ୍ଲସ୍ ସାହାଯ୍ୟରେ ଓଠର ଉପର ଏବଂ ତଳ ଭାଗକୁ ହାଇଲାଇଟ୍ କରନ୍ତୁ।



ଖାଦ୍ୟରୁଚି

# ରସାବଳି

**ଆବଶ୍ୟକ ସାମଗ୍ରୀ–** ଏକ କପ୍ ପନିର, ଚିନି ପାଉଡର– ୧ କପ୍, ସୁଜି– ୨ ଚାମଚ, ବେକିଂ ସୋଡା– ଅଳ୍ପ ପରିମାଣରେ, ଅଳେଇଚ ପାଉଡର– ୧ ଚାମଚ, କ୍ଷୀର– ୨ କପ୍, ଆଲ୍‌ମଣ୍ଡ ବାଦାମ ଛୋଟ ଛୋଟ ଖଣ୍ଡ– ୧/୨ ଚାମଚ, କାଜୁ ଛୋଟ ଛୋଟ ଖଣ୍ଡ– ୧ ଚାମଚ, ଚିନି – ୩ ଚାମଚ, କେଶର– ଅଳ୍ପ ପରିମାଣରେ ଓ ଆବଶ୍ୟକ ଅନୁସାରେ ତେଲ।

**ପ୍ରସ୍ତୁତି–** ଏକ ବାଉଲ୍‌ରେ ଗୁଣ୍ଡ କରାଯାଇଥିବା ପନିର୍, ବେକିଂ ସୋଡା, ଚିନି ଗୁଣ୍ଡ, ସୁଜି, ୧/୨ ଚାମଚ ଅଳେଇଚ ପାଉଡରକୁ ଭଲଭାବେ ଗୋଳାନ୍ତୁ। ଏହି ମିଶ୍ରଣରେ ଛୋଟ ଛୋଟ ଗୁଳା ପ୍ରସ୍ତୁତ କରନ୍ତୁ। ଏକ ପାତ୍ରରେ କ୍ଷୀର ରଖନ୍ତୁ। ଏଥିରେ କେଶର ଓ ଅଳେଇଚ ମିଶାଇ କ୍ଷୀର ଅଧା ହେବା ପର୍ଯ୍ୟନ୍ତ ଗ୍ୟାସ୍‌ରେ ଫୁଟାନ୍ତୁ। ଏବେ ଏଥିରେ ଚିନି ମିଶାଇ ୮ରୁ ୧୦ ମିନିଟ୍ ପର୍ଯ୍ୟନ୍ତ କମ୍ ଆଞ୍ଚରେ ରଖନ୍ତୁ। ଏକ କଡ଼େଇରେ ତେଲ ଗରମ କରନ୍ତୁ। ଏଥିରେ ପନିର ଗୁଳାକୁ



ପକାଇ ବ୍ରାଉନ୍ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ଏହାକୁ କ୍ଷୀର ମିଶ୍ରଣରେ ପକାଇ ଗ୍ୟାସ୍ ବନ୍ଦ କରିଦିଅନ୍ତୁ। ଏବେ ଏଥିରେ କେଶର, କାଜୁ ଏବଂ ଆଲ୍‌ମଣ୍ଡ୍ ପକାଇ ସଜାନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ରସାବଳି।

# ଡିଜିଟାଲ ଲାଇଫ୍











ୱାର୍କିଂ ଲାଇଫ୍ ହେଉ ଅବା ପର୍ସନାଲ୍ ଲାଇଫ୍, ସବୁକିଛି ସମୟ ସହ ପାଦ ଦେଇ ବଦଳିବାରେ ଲାଗିଛି। ଡିଜିଟାଲ ଲାଇଫ୍ ଦିନକୁ ଦିନ ଆଡ୍‌ଭାନ୍ସ ହେବା ଦ୍ୱାରା ପ୍ରତିଦିନ ନୂଆ ନୂଆ ଆପ୍ସରୁ ଆମକୁ କିଛିନା କିଛି ଶିଖିବାକୁ ମିଳୁଛି। ଏବେ ଅନ୍‌ଲାଇନ୍ ଦୁନିଆରେ ଆମର ରହିଛି ଡିଜିଟାଲ ଆଇଡି, ଯାହାଦ୍ୱାରା ହ୍ୱାଟ୍‌ସ ଆପ୍, ଇନ୍‌ଷ୍ଟାଗ୍ରାମ୍ ଓ ଟୁଇଟର ଭଳି ସୋସିଆଲ୍ ନେଟ୍‌ୱର୍କିଂ ସାଇଟ୍‌କୁ ଆମେ ଆକ୍ସେସ୍ କରିପାରିଛେ। ତେବେ ଆସନ୍ତୁ ନୂଆବର୍ଷରେ ଆମ ଲାଇଫ୍‌ରେ କିଛି ଫ୍ରେସ୍‌ନେସ୍ ଭରିଦେବା।

**ଅପ୍‌ଲୋଡ୍ କରନ୍ତୁ ଫ୍ରେଶ୍‌ନେସ୍:**
ଏବେ ସମସ୍ତେ ଡିଜିଟାଲ ପ୍ଲାଟ୍‌ଫର୍ମରେ ବ୍ୟସ୍ତ। କେହି ବନ୍ଧୁ ଆପଣଙ୍କୁ ହ୍ୱାଟ୍‌ସ ଆପ୍‌ରେ ମନେପକାଇଲେ, ଫେସ୍‌ବୁକ୍‌ରେ କମେଣ୍ଟ ଦେଲେ, ଷ୍ଟାଟସ୍‌ର ପ୍ରଶଂସା କଲେ କିମ୍ବା ବହୁ ପୁରୁଣା ଫଟୋ ଶେୟାର କରିଥିବେ, ଯେଉଁଥିରେ ଆପଣ ଥିବେ। ମୁହଁରେ ହସ ଆସିବାଟା ସ୍ୱାଭାବିକ।

ତେବେ ନୂଆବର୍ଷରେ ଆପଣ ଫେସ୍‌ବୁକ୍‌ରେ ପିଲାଦିନର ସ୍କୁଲ ସାଙ୍ଗଙ୍କୁ ଖୋଜନ୍ତୁ। ପୁରୁଣା ସାଙ୍ଗଙ୍କୁ ଏଥିରେ ଆଡ୍ କରି ନୂଆବର୍ଷରେ ଫ୍ରେସ୍‌ନେସ୍ ଭରି ଦିଅନ୍ତୁ। କିଛି ଷ୍ଟାଟସ୍ ଛାଡ଼ନ୍ତୁ। କୌଣସି କଥା ବା ଫଟୋ ଆପଣଙ୍କୁ ଖୁବ୍ ଭଲ ଲାଗୁଥିଲେ ତାହାକୁ ଅନ୍ୟମାନଙ୍କ ସହ ଶେୟାର କରନ୍ତୁ। ଦେଖିବେ ସେମାନଙ୍କ ପ୍ରତିକ୍ରିୟା ଆପଣଙ୍କୁ ନିଶ୍ଚୟ ଖୁସି ଆଣିଦେବ। ନୂଆ ନୂଆ କମ୍ୟୁନିଟିଜ୍ ସହ ମିଶନ୍ତୁ, ଯେଉଁଠୁ ଆପଣ କିଛି ନୂଆ କଥା ଜାଣିବାକୁ ପାଇବେ। ଆପଣଙ୍କ ହବି ସହ ଖାପ ଖାଉଥିବା ପେଜ୍‌କୁ ଲାଇକ୍ ଏବଂ ଫଲୋ କରନ୍ତୁ, ଯାହାଦ୍ୱାରା ସବୁଦିନ ଏହାସହ ଟଚ୍‌ରେ ରହିପାରିବେ। ଯଦି ଆପଣଙ୍କୁ ଲାଗୁଛି କିଛିବର୍ଷ ହେବ ଆପଣଙ୍କର ଗୋଟିଏ ପାସ୍‌ୱାର୍ଡ ରହିଛି, ଯାହାକୁ ଅନ୍ୟ କେହି ଜାଣିଛନ୍ତି ତେବେ ଏହି ନୂଆବର୍ଷରେ କିଛି ନୂଆ ପାସ୍‌ୱାର୍ଡ ଦିଅନ୍ତୁ। ଡିଜିଟାଲ ସେଫ୍ଟି ପାଇଁ ଏହା ଜରୁରୀ।

**ଡିଜିଟାଲ ଅଳିଆ ସଫା କରନ୍ତୁ:** ଯେଉଁ ବନ୍ଧୁଙ୍କ ପୋଷ୍ଟ ଆପଣଙ୍କୁ ପସନ୍ଦ ଆସୁନି ସେପରି ବନ୍ଧୁଙ୍କୁ ବ୍ଲକ୍ କରନ୍ତୁ। ହ୍ୱାଟ୍‌ସଆପ୍ ଭଳି ମେସେଜିଙ୍ଗ୍ ଆପ୍ସରେ ବେଳେବେଳେ ଭିନ୍ନ ଭିନ୍ନ ପ୍ରକାର ଫଟୋ ଏବଂ ଭିଡିଓ ଆସିଥାଏ। ତେଣୁ ଆପ୍ସକୁ ଯାଇ ଅଟୋ ଡାଉନ୍‌ଲୋଡ୍ ବନ୍ଦ କରନ୍ତୁ।

**ଷ୍ଟାଇଲ୍ ଏବଂ ଟ୍ରେଣ୍ଡ୍‌କୁ କରନ୍ତୁ ଅପ୍‌ଡେଟ୍**
ପୁରୁଣା ଏବଂ ବୋରିଂ ଲାଇଫ୍‌କୁ ବିଦାୟ ଦେଇ ନୂଆବର୍ଷରେ ଆପଣଙ୍କ ଡିଜିଟାଲ ଲାଇଫ୍‌କୁ ନୂଆ ମୋଡ଼ ଦିଅନ୍ତୁ। ଡିଜିଟାଲ ଲାଇଫ୍‌ର ପ୍ରୋଫାଇଲ୍‌ରୁ ଆରମ୍ଭ କରି ପର୍ସନାଲ୍ ପ୍ରୋଫାଇଲ ପର୍ଯ୍ୟନ୍ତ କିଛି ନୂଆ କରନ୍ତୁ। ନୂଆ ନୂଆ ଗ୍ୟାଜେଟ୍‌ସକୁ ଆପଣାନ୍ତୁ।

**ରିଚାର୍ଜ କରନ୍ତୁ ପର୍ସନାଲ ଲାଇଫ୍:**
ଡିଜିଟାଲ ଲାଇଫ୍ କେବଳ ସୋସିଆଲ ମିଡିଆରେ ସୀମିତ ନାହିଁ। ଏହାର ପର୍ସନାଲ ଏବଂ ୱାର୍କିଂ ଲାଇଫ୍ ସହ ବି ରହିଛି ସଂଯୋଗ।

– ହେଲ୍‌ଥ ଏବଂ ଫିଟ୍‌ନେସ୍ ସବୁଠାରୁ ଜରୁରୀ। ଯୋଗ ଏବଂ ଏକ୍ସରସାଇଜ୍ ଆପଣଙ୍କ ସ୍ୱାସ୍ଥ୍ୟକୁ ଠିକ୍ ରଖିଥାଏ। ଏଥିପାଇଁ ଭଲ ଫିଟ୍‌ନେସ୍ ଆପ୍ ଡାଉନ୍‌ଲୋଡ୍ କରନ୍ତୁ।

– ସମ୍ପର୍କ ଯୋଡ଼ିବା ପାଇଁ ହ୍ୱାଟ୍‌ସଆପ୍ ବେଷ୍ଟ ଅପ୍ସନ। ଏହାଦ୍ୱାରା ଆପଣ ସମ୍ପର୍କୀୟଙ୍କ ସହ ୨୪ ଘଣ୍ଟା କଣ୍ଟାକ୍ଟରେ ରହି ବି କଥାବାର୍ତ୍ତା ଶେୟାର କରିପାରିବେ।

– ପ୍ରତିଦିନ କିଛି ନୂଆ କଥା ଶିଖିବାକୁ ଚେଷ୍ଟା କରନ୍ତୁ। ଏଥିପାଇଁ ଆପ୍ସ ବି ଡାଉନ୍‌ଲୋଡ୍ କରିପାରିବେ। ଏହାର ନୋଟିଫିକେଶନ୍‌ରୁ ଆପଣ ପ୍ରତିଦିନ କିଛି ନା କିଛି ଶିଖିବାକୁ ପାଇବେ। ୟୁଟ୍ୟୁବ୍‌ରୁ ବି ଆପଣ ନୂଆ ତଥ୍ୟ ପାଇପାରିବେ।

– ଗେମ୍‌ସ ଆପଣଙ୍କର କ୍ରିଏଟିଭିଟି ଏବଂ ଫ୍ଲେକ୍ସିବିଲିଟିକୁ ବଢ଼ାଇଥାଏ। ନୂଆବର୍ଷରେ କିଛି ଡିଜିଟାଲ ଏବଂ ଆଉଟ୍‌ଡୋର ଗେମ୍‌ସକୁ ଆପଣଙ୍କ ଲାଇଫ୍‌ରେ ସାମିଲ କରନ୍ତୁ, ଯାହାକି ମସ୍ତିଷ୍କକୁ ଫ୍ରି ଏବଂ ଶାର୍ପ ରଖିବ।

– ଡାଏଟିଂ କରୁଥିଲେ ଏପରି ଆପ୍ସ ଡାଉନ୍‌ଲୋଡ୍ କରନ୍ତୁ, ଯେଉଁଥିରୁ କେତେ କ୍ୟାଲୋରୀର ଖାଦ୍ୟ ଖାଇବେ ସେ ବିଷୟରେ ଉପଯୁକ୍ତ ନୋଟିଫିକେଶନ୍ ପାଇବା ସହ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିପାରିବେ।

– ପଢ଼ିବାର ସଉକ ଥିଲେ ବହିର ଅନେକ ଆପ୍ସ ରହିଛି, ତାହାକୁ ଡାଉନ୍‌ଲୋଡ୍ କରନ୍ତୁ। ଯେଉଁଥିରୁ ଆପଣ ମନପସନ୍ଦର କାହାଣୀ ଏବଂ ଉପନ୍ୟାସ ପଢ଼ିପାରିବେ।

– ମ୍ୟୁଜିକ୍ ଯଦି ଆପଣଙ୍କର ପସନ୍ଦ, ତେବେ ନୂଆବର୍ଷରେ ମ୍ୟୁଜିକ୍ ଆପ୍ସ ଡାଉନ୍‌ଲୋଡ୍ କରି ନୂଆ ନୂଆ ମ୍ୟୁଜିକ୍ ଶୁଣିବାର ମଜା ନିଅନ୍ତୁ।

**ଅପ୍‌ଗ୍ରେଡ୍ କରନ୍ତୁ ୱାର୍କିଂ ଲାଇଫ୍:**
ବିଜ୍‌ନେସ୍ ପ୍ଲାନ୍ କରିବାକୁ ଚାହୁଁଥିଲେ ଲାଟେଷ୍ଟ ଆଇଡିଆ ଆବଶ୍ୟକ। ଡିଜିଟାଲ ୱାର୍ଲ୍ଡରେ ଏହାକୁ ଖୁବ୍ କମ୍ ସେକେଣ୍ଡରେ ଆପଣ ପାଇପାରିବେ। ଅଫିସ କାମକୁ ମ୍ୟାନେଜ୍ କରିବା ପାଇଁ ଆପଣଙ୍କ ସ୍ମାର୍ଟଫୋନ୍ ଖୁବ୍ କାମରେ ଆସିପାରିବ। ଆପଣଙ୍କ ଫିଲ୍ଡ ସମ୍ବନ୍ଧିତ ଜରୁରୀ ଆପ୍ସ ଡାଉନ୍‌ଲୋଡ୍ କରି ବି ଆପଣଙ୍କ ୱାର୍କ ଲାଇଫ୍‌କୁ ଅପ୍‌ଗ୍ରେଡ୍ କରିପାରିବେ।

# ଓଡ଼ିଶୀ ମାୟାରେ ମନୀଷା

ଅଦମ୍ୟ ବିଶ୍ୱାସ ଏବଂ ପ୍ରଗାଢ଼ ଚେଷ୍ଟା ବଳରେ ନିଜର ସ୍ୱପ୍ନକୁ ସାକାର କରିହୁଏ। ଗୋଟିଏ ପଟେ ଶିକ୍ଷାଦାନ ଅନ୍ୟପଟେ ଓଡ଼ିଶୀ ନୃତ୍ୟରେ ନିଜର ଦକ୍ଷତା ପ୍ରତିପାଦନ କରାଇବାରେ ସଫଳ ହୋଇଛନ୍ତି ମନୀଷା ମନସ୍ୱିନୀ। ଛୋଟବେଳେ ବିଶେଷ କିଛି ସ୍ୱପ୍ନ ନ ଥିଲା। ଖେଳକୁଦରେ ସମୟ କଟି ଯାଉଥିଲା। ବିଶ୍ୱସୁନ୍ଦରୀ ପ୍ରତିଯୋଗିତାରେ ଭାଗନେବାକୁ ମଧ୍ୟ ତାଙ୍କର ଇଚ୍ଛା ଥିଲା। ଏ ସମ୍ପର୍କରେ ମନୀଷା କହନ୍ତି, 'ମାଧୁରୀଙ୍କ ନାଚ ମୋତେ ବହୁତ ଭଲ ଲାଗେ। ପିଲାବେଳେ ତାଙ୍କ ନାଚ ଦେଖି ଟିଭି ସାମ୍ନାରେ ନାଚେ। ଅବିକଳ ନକଲ କରିବାକୁ ଚେଷ୍ଟା କରେ। ନାଚରେ ଆଗ୍ରହ ଦେଖି ମୋ ପାପା ମାମା ମୋତେ ଓଡ଼ିଶୀ ଶିଖାଇବା ପାଇଁ ନିଷ୍ପତ୍ତି ନେଲେ। ୪/୫ ବର୍ଷ ବୟସରେ ଓଡ଼ିଶା ଡ୍ୟାନ୍ସ ଏକାଡେମୀରେ ନାଚ ଶିଖିବା ଆରମ୍ଭ କରିଥିଲି। ଦଳଗତ ନୃତ୍ୟ ୫ ବର୍ଷ ବୟସରେ କରିଥିଲି। କିନ୍ତୁ ଷ୍ଟେଜ୍‌ରେ ଏକକ ନୃତ୍ୟ ୬ ବର୍ଷ ବୟସରେ କରିଥିଲି। ମୁଁ ଗାନ୍ଧୀନଗର ନ୍ୟାଶନାଲ ଲ' ୟୁନିଭର୍ସିଟିରୁ ଏଲ୍ଏଲ୍ଏମ୍ କରିଛି। ଆଇପିଆର୍ (ଇଣ୍ଟେଲେକ୍ଟୁଆଲ୍ ପ୍ରପର୍ଟି ରାଇଟ୍‌ସ)ରେ ସ୍ପେସିଆଲାଇଜେଶନ୍ କରିଛି। ବର୍ତ୍ତମାନ ଭୁବନେଶ୍ୱରସ୍ଥ କିଟ୍ ଲ' ସ୍କୁଲରେ ଅଧ୍ୟାପିକା ଅଛି। ଓଡ଼ିଶୀ ମୋର ଜୀବନ ଏବଂ ଅଧ୍ୟାପନା ଜୀବିକା। ଉଭୟକୁ ମୁଁ ବହୁତ ଭଲ ପାଏ। ବିଶେଷକରି ଛୋଟପିଲାଙ୍କୁ ଓଡ଼ିଶୀ ଶିଖାଇବା ସମୟରେ ମୋତେ ଯେଉଁ ଆତ୍ମତୃପ୍ତି ମିଳେ, ତାହା ମୁଁ ବର୍ଣ୍ଣନା କରିପାରିବି ନାହିଁ। ମୋଟ୍ ଉପରେ କହିବାକୁ ଗଲେ, ଓଡିଶୀ ନୃତ୍ୟ ମୋର ପ୍ରାଣ, ଜୀବନ ଓ ନିଶା। ଓଡ଼ିଶୀ ମୋତେ ବହୁତ ନାମ, ଯଶ, ସମ୍ମାନ ଏବଂ ଖ୍ୟାତି ଆଣି ଦେଇଛି। ଦର୍ଶକଙ୍କ କରତାଳି ଏବଂ ପ୍ରଶଂସା ଯେଉଁ ଆତ୍ମତୃପ୍ତି ଆଣିଦିଏ ତାହା ଭାଷାରେ ପ୍ରକାଶ କରିବା ଅସମ୍ଭବ। ଏହାବ୍ୟତୀତ ନୂଆ ନୂଆ ଜାଗା ଦେଖିବାକୁ ଭଲପାଏ। ସମୟ ମିଳିଲେ ପରିବାର ସହ ବୁଲିବାକୁ ଯାଏ। ରୋଷେଇ କରିବାକୁ ବହୁତ ଭଲପାଏ। ହେଲେ ଓଡ଼ିଶୀ ନୃତ୍ୟର ପ୍ରଚାର ଏବଂ ପ୍ରସାର ମୋର ପ୍ରଧାନ ଲକ୍ଷ୍ୟ।' ଭୁବନେଶ୍ୱର ଜାଭିୟର ସ୍କୋୟାର ନିକଟସ୍ଥ ଏଲଆଇସି ନଗରରେ ରହୁଥିବା ଶାରଦା ପ୍ରସାଦ ସାମନ୍ତରାୟ ଏବଂ ନିବେଦିତା ସାମନ୍ତରାୟଙ୍କ ଏହି କନ୍ୟା ଏବେ ନିଜ ସ୍କୁଲ 'ଆତ୍ମନ୍' ମାଧ୍ୟମରେ ଗରିବ ଏବଂ ଅବହେଳିତ ପିଲାମାନଙ୍କୁ ମଧ୍ୟ ଶିକ୍ଷାଦାନରେ ନିଜକୁ ନିୟୋଜିତ ରଖିଛନ୍ତି। ସୁଯୋଗ ମିଳିଲେ ରାଜ୍ୟ ଏବଂ ଦେଶ ବାହାରେ ୱାର୍କଶପ୍ ଏବଂ ସେମିନାର ମାଧ୍ୟମରେ ପ୍ରଚାର ପ୍ରସାର କରିବାର ଇଚ୍ଛା ରଖିଛି। କେବଳ ଓଡ଼ିଶା ନୁହେଁ, ଭାରତର ବିଭିନ୍ନ ସ୍ଥାନରେ ଏପରି କି ବିଦେଶରେ ମଧ୍ୟ ଓଡ଼ିଶୀ ନୃତ୍ୟ ପରିବେଷଣ କରି ମନୀଷା ସାଉଣ୍ଟିଛନ୍ତି ଅନେକ ପ୍ରଶଂସା। ଓଡ଼ିଶୀ ନୃତ୍ୟର ପ୍ରଚାର ପ୍ରସାର ପାଇଁ ଏହି ଓଡ଼ିଶୀ ନୃତ୍ୟାଙ୍ଗନା କେତେ ପ୍ରତିଶ୍ରୁତିବଦ୍ଧ ତାହା ତାଙ୍କ ଚେଷ୍ଟାରୁ ସ୍ପଷ୍ଟ ବାରିହୋଇପଡ଼ିଥାଏ।

**ଆକାଙ୍କ୍ଷା**
**ମନୀଷା ମନସ୍ୱିନୀ**



# ୱିଣ୍ଟର ଫ୍ୟାଶନ୍



ଶୀତଦିନ ପାଇଁ ମାର୍କେଟରେ ମିଳୁଛି ବିଭିନ୍ନ ପାଟର୍ନର ଷ୍ଟୋଲ୍ । ଏହାକୁ ଆପଣ ଶାଢ଼ି, ସୁଟ୍, ଜିନ୍ସ, ସ୍କର୍ଟ ଆଦି ସହ ଭିନ୍ନ ଭିନ୍ନ ଷ୍ଟାଇଲ୍‌ରେ ପକାଇପାରିବେ। ଡ୍ରେସ୍ ଅନୁଯାୟୀ ଉଲେନ୍ ଏବଂ କଟନ୍ ଷ୍ଟୋଲ୍‌କୁ ବି ମ୍ୟାଚ୍ କରି ପକାଇପାରିବେ...

- ସାଧାରଣତଃ ମହିଳାମାନଙ୍କର କଟନ୍ ଷ୍ଟୋଲ୍ ହିଁ ପସନ୍ଦ। କାରଣ ଏହା ହାଲ୍‌କା ହେବା ସହ ଦେଖିବା ପାଇଁ ସୁନ୍ଦର। ଖରା, ବର୍ଷା କିମ୍ବା ଶୀତ ଯେକୌଣସି ସମୟରେ ଆପଣ ଏହାକୁ ବ୍ୟବହାର କରିପାରିବେ। କେବଳ ଶୀତ ନୁହେଁ, ସୂର୍ଯ୍ୟକିରଣରୁ ରକ୍ଷା ପାଇବା ପାଇଁ ବି ଏହାକୁ ବ୍ୟବହାର କରିପାରିବେ।
- ଉଲେନ୍ ଷ୍ଟୋଲ୍‌କୁ କେବଳ ଶୀତଦିନେ ବ୍ୟବହାର କରିପାରିବେ। ଶାଢ଼ି ଏବଂ ଜିନ୍ସ ସହ ଏହା ବେଶ୍ ମ୍ୟାଚିଂ କରିଥାଏ। ଏହା ଶରୀରକୁ ଉଷ୍ମତା ପ୍ରଦାନ କରିବା ସହ ଆକର୍ଷଣୀୟ ଲୁକ୍ ବି ଦେଇଥାଏ। ଆପଣ ଚାହିଁଲେ ସିମ୍ପଲ୍ ଏବଂ ଏମ୍ବ୍ରୋଡରି ୱାର୍କ ଥିବା ଷ୍ଟୋଲ୍ ବାଛିପାରିବେ।



- ହ୍ୟାଣ୍ଡମେଡ୍ ଷ୍ଟୋଲ୍ ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ। ଏହା ଆପଣଙ୍କୁ ପର୍‌ଫେକ୍ଟ ଲୁକ୍ ଦେବ। ହ୍ୟାଣ୍ଡମେଡ୍ ଷ୍ଟୋଲ୍ ମଧ୍ୟରେ କ୍ରୋଶିୟା ୱାର୍କ, ଏମ୍ବ୍ରୋଡରି ଷ୍ଟୋଲ୍ ଏବଂ ହ୍ୟାଣ୍ଡ ପ୍ରିଣ୍ଟ ଷ୍ଟୋଲ୍ ଆଦି ଥିବାବେଳେ ଏହାର ପ୍ରାଇସ୍ ସାଧାରଣତଃ ଅନ୍ୟ ୱାର୍କ ତୁଳନାରେ ଅଧିକ ଥାଏ।
- ଯଦି ଆପଣଙ୍କୁ ପ୍ରିଣ୍ଟେଡ୍ ଷ୍ଟୋଲ୍ ପସନ୍ଦ ତେବେ ଭିନ୍ନ ଭିନ୍ନ ପ୍ରିଣ୍ଟର ଷ୍ଟୋଲ୍ ଆପଣାନ୍ତୁ। ଏହା ମଧ୍ୟରେ ରହିଛି ଟାଇଗର ପ୍ରିଣ୍ଟ, ଫ୍ଲୋରାଲ୍ ପ୍ରିଣ୍ଟ, ଡିଜିଟାଲ୍ ପ୍ରିଣ୍ଟ ଓ ସିନେରି ପ୍ରିଣ୍ଟ ଇତ୍ୟାଦି। ଏହା ମଧ୍ୟରୁ ଯେକୌଣସି ଷ୍ଟୋଲ୍‌କୁ ଆପଣ ଡ୍ରେସ୍ ସହ ମ୍ୟାଚିଂ କରି ପିନ୍ଧିପାରିବେ।
- ଶୀତଦିନେ ଉଲେନ୍ ବ୍ୟତୀତ ଫିଁଦରରେ ପ୍ରସ୍ତୁତ ଷ୍ଟୋଲ୍‌କୁ ଅନେକେ ପସନ୍ଦ କରୁଛନ୍ତି। ଏହି ଷ୍ଟୋଲ୍‌କୁ ଆପଣ ପାର୍ଟି ବା ଫଙ୍କ୍‌ଶନରେ ବି ପିନ୍ଧି ଯାଇପାରିବେ।





“ସବୁ କମ୍ପାନୀଙ୍କୁ ଟ୍ରାଏଲ ଲାଗି ୫ ଜି ସ୍ପେକ୍ଟ୍ରମ ପ୍ରଦାନ କରାଯିବ।

–ରବି ଶଙ୍କର ପ୍ରସାଦ, କେନ୍ଦ୍ର ଆଇଟି ମନ୍ତ୍ରୀ



“ଆସନ୍ତା ୫ ବର୍ଷରେ ଦିଲ୍ଲୀ–ମୁମ୍ବାଇ, ଦିଲ୍ଲୀ–କଲିକତା ରୁଟ୍ ୱେଟଲିଷ୍ଟିଂ ମୁକ୍ତ ହେବ।

–ବିନୋଦ କୁମାର ଯାଦବ, ରେଳ ବୋର୍ଡ ଅଧ୍ୟକ୍ଷ

### ■ନୀତି ଆୟୋଗର ନିରନ୍ତର ବିକାଶ ଲକ୍ଷ୍ୟ ସୂଚକାଙ୍କ

# ଶୀର୍ଷରେ କେରଳ, ସର୍ବାଧିକ ଉନ୍ନତିରେ ଓଡ଼ିଶା

ନୂଆଦିଲ୍ଲୀ,୩୦–୧୨

- ■ ବିହାରର ପ୍ରଦର୍ଶନ ସବୁଠୁ ଖରାପ
- ■ ଭାରତର ସାମଗ୍ରିକ ସ୍କୋର ୬୦କୁ ବୃଦ୍ଧି
- ■ ଜଳ, ପରିମଳ, ଶକ୍ତି , ଶିଳ୍ପରେ ସଫଳତାରୁ ସ୍କୋରରେ ଉନ୍ନତି

सत्यमेव जयते
नीति आयोग
National Institution for Transforming India

ସରକାରଙ୍କ ଥିଙ୍କ୍ ଟ୍ୟାଙ୍କ ନୀତି ଆୟୋଗର ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ସୂଚକାଙ୍କ ସୋମବାର ପ୍ରକାଶ ପାଇଛି। ଉକ୍ତ ସୂଚକାଙ୍କରେ କେରଳ ଶୀର୍ଷ ସ୍ଥାନରେ ରହିଥିବା ବେଳେ ବିହାରର ପ୍ରଦର୍ଶନ ଅତ୍ୟନ୍ତ ନିକୃଷ୍ଟ ରହିଥିବା ଜଣାପଡିଛି। ଏହି ରିପୋର୍ଟରେ ସାମାଜିକ, ଅର୍ଥନୈତିକ ଏବଂ ପରିବେଶ ମାପଦଣ୍ଡକୁ ବିଚାର କରି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡିକର ବିକାଶକୁ ମୂଲ୍ୟାଙ୍କନ କରାଯାଇଥାଏ। ଓଡିଶା, ଉତ୍ତରପ୍ରଦେଶ ଏବଂ ସିକିମ ନିରନ୍ତର ବିକାଶ କ୍ଷେତ୍ରରେ ସର୍ବାଧିକ ଉନ୍ନତି ହାସଲ କରିଥିବା ବେଳେ ଗୁଜରାଟ ଭଳି ରାଜ୍ୟ ଉନ୍ନତି କରି ନ ଥିବା କୁହାଯାଇଛି। ୭୦ ସ୍କୋର ସହିତ କେରଳ ଏହାର ଶୀର୍ଷ ସ୍ଥାନକୁ ବଜାୟ ରଖିଛି। କେନ୍ଦ୍ରଶାସିତ ଅଞ୍ଚଳଗୁଡିକ ମଧ୍ୟରେ ଚଣ୍ଡିଗଡ ଶୀର୍ଷ ସ୍ଥାନରେ ରହିଛି। ତାଲିକାର ଦ୍ୱିତୀୟ ସ୍ଥାନରେ ହିମାଚଳ ପ୍ରଦେଶ ରହିଥିବା ବେଳେ ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ତେଲେଙ୍ଗାନା ତୃତୀୟ ସ୍ଥାନରେ ରହିଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

ସବୁଠାରୁ ଖରାପ ପ୍ରଦର୍ଶନ କରିଥିବା ରାଜ୍ୟଗୁଡିକ ମଧ୍ୟରେ ବିହାର,ଝାଡଖଣ୍ଡ ଏବଂ ଅରୁଣାଞ୍ଚଳ ପ୍ରଦେଶ ରହିଛି। ମିଳିତ ଜାତିସଂଘର ଏସ୍‌ଡିଜି ଲକ୍ଷ୍ୟ–୩୦ ଭାରତ ବିନା ହାସଲ କରାଯାଇ ପାରିବ ନାହିଁ। ଏହି ଲକ୍ଷ୍ୟକୁ ହାସଲ କରିବା ଦିଗରେ ପ୍ରତିଶ୍ରୁତିବଦ୍ଧ ବୋଲି ନୀତି ଆୟୋଗର ସିଇଓ ଅମିତାଭ କାନ୍ତ କହିଛନ୍ତି। ଦକ୍ଷିଣାଞ୍ଚଳ ରାଜ୍ୟଗୁଡିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଥିବା ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର କହିଛନ୍ତି। ୧୪ ସ୍ଥାନରେ ଥିବା ପଶ୍ଚିମବଙ୍ଗ ଚଳିତ ବର୍ଷର ଏସ୍‌ଡିଜି ସୂଚୀରେ ଉନ୍ନତ ପ୍ରଦର୍ଶନ ଜାରି ରଖିଛି। ମାତ୍ର ଶିକ୍ଷା ପ୍ରସଙ୍ଗକୁ ବିଚାର କଲେ ଏହା ଶୀର୍ଷ ୩ ଉନ୍ନତ ପ୍ରଦର୍ଶନକାରୀ ରାଜ୍ୟ ମଧ୍ୟରେ ସାମିଲ ହେବା କଥା ବୋଲି କୁମାର ମତ ରଖିଛନ୍ତି। ରିପୋର୍ଟ ମୁତାବକ, ୨୦୧୮ରେ ଭାରତର ସାମଗ୍ରିକ ସ୍କୋର ୫୭ ରହିଥିବା ବେଳେ ୨୦୧୯ରେ ଏହା ୬୦କୁ ବଢ଼ିଛି। ଜଳ, ପରିମଳ, ଶକ୍ତି ଏବଂ ଶିଳ୍ପ କ୍ଷେତ୍ରରେ ସଫଳତା ଯୋଗୁ ସ୍କୋରରେ ଉନ୍ନତି ହୋଇଥିବା କୁହାଯାଇଛି। ଏଭଳି ସ୍ଥିତିରେ ପୋଷଣ ଏବଂ ଲିଙ୍ଗଭେଦ ଏବେ ମଧ୍ୟ ସମସ୍ୟା ଭାବେ ଉଭା ହୋଇଛି। ଏହି ଦିଗରେ ସରକାର ଅଧିକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ରିପୋର୍ଟରେ କୁହାଯାଇଛି।

୧୨ ଗୋଲ୍ କ୍ଷେତ୍ରରେ ଶୀର୍ଷ ସ୍ଥାନରେ ଥିବା ୫ ରାଜ୍ୟ ମଧ୍ୟରୁ ୩ର ପରଫରମାନ୍ସ ସମାନ କିମ୍ବା ଦେଶର ହାରାହାରି ପର୍‌ଫର୍‌ମାନ୍ସ ଠାରୁ ଉନ୍ନତ ରହିଛି। ଅନ୍ୟ ୨ ରାଜ୍ୟ ୧୧ ଗୋଲ୍ କ୍ଷେତ୍ରରେ ସମାନ ପର୍‌ଫର୍‌ମାନ୍ସ କରିଛନ୍ତି।

### ■ଅର୍ଥ ସଙ୍କଟରେ ଏୟାର ଇଣ୍ଡିଆ

# ବିଡର ନ ମିଳିଲେ ୬ ମାସରେ ବନ୍ଦ ହୋଇଯିବ

ନୂଆଦିଲ୍ଲୀ,୩୦–୧୨



କ୍ଷତିରେ ଚାଲୁଥିବା ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀକୁ ଯଦି ବିଡର ନ ମିଳନ୍ତି, ତେବେ ୬ ମାସ ମଧ୍ୟରେ ଏହା ବନ୍ଦ ହେବାର ଆଶଙ୍କା ଉପୁଜିଛି। ବିମାନ କମ୍ପାନୀକୁ ଯୋଗାଡ ଦ୍ୱାରା ବେଶିଦିନ ଧରି ଚଳାଇ ରଖିବା କଷ୍ଟକର। ଯଦି ଏୟାର ଇଣ୍ଡିଆକୁ କିଣିବା ଲାଗି କେହି ବିଡର ନ ଆସନ୍ତି ତେବେ, ବାଧ ହୋଇ ଏହାକୁ ବନ୍ଦ କରିବାକୁ ପଡିବ ବୋଲି ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏବେ ଏହି ବିମାନ କମ୍ପାନୀ ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଛି। ଏହାର ପରିଚାଳନା ଲାଗି ପାଣ୍ଠି ଯୋଗାଡ କରିବା କଷ୍ଟକର ହୋଇପଡୁଛି। କମ୍ପାନୀ ନିକଟରେ ଥିବା ୧୨ ନ୍ୟାରୋ ବଡି ବିମାନ ଏବେ ଗ୍ରାଉଣ୍ଡରେ ରହିଛି। ଏହାକୁ ଠିକ୍ କରି ଚଳାଇବା ଲାଗି ପାଣ୍ଠିର ଅଭାବ ରହିଛି। ଏଣୁ ବିମାନ କମ୍ପାନୀକୁ ଆଗାମୀ ଦିନରେ ପରିଚାଳନା କରିବା ଅନିଶ୍ଚିତତା ଉପୁଜିଛି ବୋଲି ଅଧିକାରୀ ଜଣକ କହିଛନ୍ତି। ବିମାନ କମ୍ପାନୀ ଉପରେ ୬୦ହଜାର କୋଟି ଟଙ୍କାର ଋଣ ଭାର ରହିଛି। ଏହି ବିମାନ କମ୍ପାନୀକୁ ନିଲାମ କରିବା ଲାଗି ସରକାର ପ୍ରକ୍ରିୟା ଜାରି ରଖିଛନ୍ତି।

ବିମାନ କମ୍ପାନୀରେ ଆଉ ଅର୍ଥ ବିନିଯୋଗ ନେଇ ସରକାର ଚାହୁଁନାହାନ୍ତି। ଏହାକୁ ନିଲାମ କରିବା ଲାଗି ପ୍ରକ୍ରିୟା ଚାଲୁ ରହିଛି। ଯୋଗାଡ ଦ୍ୱାରା ଏୟାର ଇଣ୍ଡିଆ ଚାଲିଥିବା ବେଳେ ଏହି ପ୍ରକ୍ରିୟା ବେଶି ଦିନ ତିଷ୍ଠିବା ଭଳି ଦେଖାଯାଉ ନ ଥିବା ଅଧିକାରୀ କହିଛନ୍ତି। ୨୦୧୧–୧୨ ଆର୍ଥିକ ବର୍ଷ ପରଠାରୁ ଚଳିତ ବର୍ଷ ବର୍ତ୍ତମାନ ପର୍ଯ୍ୟନ୍ତ ସରକାର ଏୟାର ଇଣ୍ଡିଆକୁ ୩୦,୫୨୦ କୋଟି ଟଙ୍କାର ପୁଞ୍ଜି ପ୍ରଦାନ କରିଛନ୍ତି। ଉପା ସରକାରଙ୍କ ସମୟରେ ଟର୍ନ ଆରାଉଣ୍ଡ ଯୋଜନା ଦ୍ୱାରା ଏହି ବିମାନ କମ୍ପାନୀକୁ ୩୦ ହଜାର କୋଟି ଟଙ୍କାର ପୁଞ୍ଜି ସହାୟତା ଘୋଷଣା କରାଯାଇଥିଲା। ଏହି ଅର୍ଥ ଆଗାମୀ ୧୦ ବର୍ଷ ମଧ୍ୟରେ ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ପରିଚାଳନାଗତ ଆବଶ୍ୟକତା ପୂରଣ ଲାଗି ଏହି କମ୍ପାନୀ ୨୪୦୦ କୋଟି ଟଙ୍କାର ସୋଭରେନ ଗ୍ୟାରେଣ୍ଟି ଚାହୁଁଛି। ମାତ୍ର ସରକାର ୫୦୦ କୋଟି ଟଙ୍କାର ଗ୍ୟାରେଣ୍ଟି ପ୍ରଦାନ କରିଛନ୍ତି। ଏଭଳି ସ୍ଥିତିରେ ଏୟାର ଇଣ୍ଡିଆକୁ ଚଳାଇ ରଖିବା କଷ୍ଟକର ବୋଲି ଅଧିକାରୀ ସ୍ପଷ୍ଟ କରିଛନ୍ତି। ଯଦି ଠିକ୍ ସମୟରେ ବିମାନ କମ୍ପାନୀକୁ କ୍ରୟ ଲାଗି କେହି ଆସନ୍ତି ନାହିଁ,ତେବେ ବାଧ ହୋଇ ଏହାକୁ ବନ୍ଦ କରାଯିବା ନେଇ ସେ ମତ ରଖିଛନ୍ତି।

ଦୀର୍ଘ ୨୫ ବର୍ଷ ଧରି ବିମାନ ସେବା ଯୋଗାଉଥିବା ଜେଟ ଏୟାରୱେଜ ଅର୍ଥ ଅଭାବରୁ ବନ୍ଦ ହୋଇଗଲା। ୨୦୧୮–୧୯ ଆର୍ଥିକ ବର୍ଷରେ ଏୟାର ଇଣ୍ଡିଆର କ୍ଷତି ପ୍ରାୟ ୮୫୫୫ କୋଟି ଟଙ୍କା ହେବ। କମ୍ପାନୀ ଉପରେ ୬୦ ହଜାର କୋଟି ଟଙ୍କାର ଋଣ ମଧ୍ୟ ରହିଛି। ଏହି ପ୍ରସଙ୍ଗ ଉପରେ ଏୟାର ଇଣ୍ଡିଆର ମତାମତ ମିଳିପାରି ନାହିଁ। ଉକ୍ତ ବିମାନ କମ୍ପାନୀର ୧୦୦% ଅଂଶଧନ ବିକ୍ରି କରିବାକୁ ସରକାର ଯୋଜନା ରଖିଛନ୍ତି।

## ୧.୧୨ ଲକ୍ଷ କୋଟି ଟଙ୍କାର ଆଇଜିଏସ୍‌ଟି ରିଫଣ୍ଡ ପ୍ରଦାନ

**ନୂଆଦିଲ୍ଲୀ,୩୦–୧୨:** ୮୩,୫୦୦ ରପ୍ତାନିକାରୀଙ୍କୁ ସମନ୍ୱିତ ସାମଗ୍ରୀ ଏବଂ ସେବା ଟିକସ (ଆଇଜିଏସ୍‌ଟି) ରିଫଣ୍ଡ ବାବଦକୁ ସରକାର ୧.୧୨ ଲକ୍ଷ କୋଟି ଟଙ୍କାର ପ୍ରଦାନ କରିଛନ୍ତି। ୩୬୦୪ କୋଟି ରିଫଣ୍ଡ ପ୍ରଦାନ କରାଯାଇ ନ ଥିବା କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ(ସିବିଆଇସି) ପକ୍ଷରୁ ସୂଚନା ରହିଛି। ରପ୍ତାନିକାରୀଙ୍କୁ ଦ୍ରୁତ ଭିତ୍ତିରେ ବକେୟା ରିଫଣ୍ଡ ପ୍ରଦାନ ଦିଗରେ ସରକାର ଏଭଳି ପଦକ୍ଷେପ ନେଇଥିବା ସିବିଆଇସି କହିଛି। ୧.୮୫ ଲକ୍ଷ ରପ୍ତାନିକାରୀଙ୍କ ମଧ୍ୟରେ ୬୪୨୧ ରପ୍ତାନିକାରୀଙ୍କ କିଛି ଷ୍ଟାର ଏକ୍ସପୋର୍ଟର ରିସ୍କି ବୋଲି କୁହାଯାଇଛି। ଏମାନେ ମିଥ୍ୟା ଇନଭଏସ୍ ଦ୍ୱାରା ଇନ୍‌ପୁଟ ଟାକ୍ସ କ୍ରେଡିଟ ଦାବି କରୁଥିବା ସିବିଆଇସି କହିଛି।

## ହାସଲ ହୋଇ ନ ପାରେ ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ

**ନୂଆଦିଲ୍ଲୀ,୩୦–୧୨:** ଚଳିତ ଆର୍ଥିକ ବର୍ଷ ସରକାର ବିତ୍ତୀୟ ନିଅଣ୍ଟ ଧାର୍ଯ୍ୟ ଲକ୍ଷ୍ୟକୁ ହାସଲ କରି ନ ପାରନ୍ତି। ରାଜସ୍ୱ ସଂଗ୍ରହ ଲଗାତର ଭାବେ କମୁଥିବା ବେଳେ ସରକାରଙ୍କ ଅତିରିକ୍ତ ଖର୍ଚ୍ଚ ଯୋଗୁ ବିତ୍ତୀୟ ନିଅଣ୍ଟ ଧାର୍ଯ୍ୟ ଲକ୍ଷ୍ୟ ଟପିଯିବ ବୋଲି କୁହାଯାଉଛି। ଡୁନ ବ୍ରାଡସିଟ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏ ନେଇ ପ୍ରକାଶ ପାଇଛି। ସରକାରଙ୍କ ଫାଇନାନ୍ସ ସ୍ଥିତ ରହିଥିବା ବେଳେ ସରକାର ଆର୍ଥିକ ପ୍ୟାକେଜ ପ୍ରଦାନ କରୁଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଚଳିତ ଆର୍ଥିକ ବର୍ଷ ଲାଗି ସରକାର ୩.୩% ବିତ୍ତିୟ ନିଅଣ୍ଟ ଲକ୍ଷ୍ୟ ରଖିଛନ୍ତି। ଏଭଳି ସ୍ଥିତି ଆସିଲେ ଏହା ନିବେଶ ଉପରେ ପ୍ରଭାବ ପକାଇବ ବୋଲି ଡୁନ୍ ଆଣ୍ଡ ବ୍ରାଡଷ୍ଟ୍ରିଟର ଇଣ୍ଡିଆର ମୁଖ୍ୟ ଅର୍ଥନୀତିଜ୍ଞ ଅରୁଣ ସିଂ କହିଛନ୍ତି। ସେହିଭଳି ଏହା ଦ୍ୱାରା କର୍ପୋରେଟ ନିବେଶ ଧାରା ପ୍ରଭାବିତ ହେବ ବୋଲି ସେ ମତ ଦେଇଛନ୍ତି।

## ଋଣ ଉପରେ ସୁଧହାର କମାଇଲା ଏସ୍‌ବିଆଇ

**ନୂଆଦିଲ୍ଲୀ,୩୦–୧୨:** ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ସୋମବାର ଏକ୍ସଟରନାଲ ବେଞ୍ଚମାର୍କ ଭିତ୍ତିକ ରେଟ୍ ବା ଋଣ ଉପରେ ସୁଧହାରକୁ ୨୫ ବେସିସ ପଏଣ୍ଟ ହ୍ରାସ କରିଛି। ଏହା ଦ୍ୱାରା ବ୍ୟାଙ୍କର ସୁଧହାର ୮.୦୫%ରୁ ୭.୮୦%କୁ ହ୍ରାସ ଘଟିଛି। ଜାନୁୟାରୀ ପହିଲାଠାରୁ ନୂଆ ହାର ଲାଗୁ ହେବ ବୋଲି ଏସ୍‌ବିଆଇ ପକ୍ଷରୁ ସୂଚନା ରହିଛି। ଏହି ସୁଧହାର ହ୍ରାସ ହେବା ପରେ ଏକ୍ସଟରନାଲ ବେଞ୍ଚମାର୍କ ଆଧାରିତ ଋଣ ଉପରେ ଉପରେ ଘରର ଇଏମ୍‌ଆଇ ଏବଂ ଏମ୍‌ଏସ୍‌ଏମ୍‌ଇଗୁଡିକ ଲାଗି ଋଣର କିସ୍ତିରେ ରିହାତି ମିଳିବ। ଘରକ୍ରେତାମାନେ ବର୍ତ୍ତମାନ ୭.୯୦% ଆରମ୍ଭ ସୁଧହାରରେ ଋଣ ନେଇପାରିବେ। ଏହା ପୂର୍ବରୁ ୮.୧୫% ରହିଥିଲା।




**ଭାରତୀୟ ରିଜର୍ଭ ବ୍ୟାଙ୍କ୍**
ଭୁବନେଶ୍ୱର-୭୫୧୦୦୧
ସମ୍ପଦ ବିଭାଗ

**ଟେଣ୍ଡର ବିଜ୍ଞପ୍ତି**

୧.ବ୍ୟାଙ୍କ ର ମୁଖ୍ୟ ପରିସର ଏବଂ ଉପଭବନ ମଧ୍ୟରେ Intelligent Analog Addressable Fire Alaram ର ରଚନା, ଯୋଗାଣ, ସ୍ଥାପନ, ପରିକ୍ଷଣ ଏବଂ କାର୍ଯ୍ୟକ୍ଷମ କରଣ । (ଆନୁମାନିକ ମୂଲ୍ୟ ୪୯ ଲକ୍ଷ) E-TENDER-RBI/Bhubaneswar/Estate/125/19-20/ET/269
(୨) ବ୍ୟାଙ୍କର ମୁଖ୍ୟ ପରିସର ମଧ୍ୟରେ X-Ray Baggage Scanner ର ଯୋଗାଣ, ସ୍ଥାପନ, ପରିକ୍ଷଣ ଏବଂ କାର୍ଯ୍ୟକ୍ଷମକରଣ । (ଆନୁମାନିକ ମୂଲ୍ୟ ୧୪ ଲକ୍ଷ) E-TENDER-RBI/Bhubaneswar/Estate/128/19-20/ET/272
ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱରଙ୍କ ତରଫରୁ ଉପରୋକ୍ତ କାର୍ଯ୍ୟଗୁଡ଼ିକ ପାଇଁ ଯୋଗ୍ୟ ଠିକାଦାରମାନଙ୍କ ଠାରୁ ପୃଥକ ଇ-ଟେଣ୍ଡର ପ୍ରଦତ୍ତ ଆନୁମାନିକ ମୂଲ୍ୟରେ ଆହ୍ୱାନ କରାଯାଉଛି । MSTC Portal ରେ ଉଭୟ ଟେଣ୍ଡର ଜମା କରିବାର ଶେଷ ସମୟ ଦିନାଙ୍କ ୦୩.୦୨.୨୦୨୦ ଅପରାହ୍ଣ ୨ ଟା ଅଟେ । ଅଧିକ ବିବରଣୀ ପାଇଁ ବ୍ୟାଙ୍କର ୱେବ୍‌ସାଇଟ୍ www.rbi.org.in କୁ ଦେଖନ୍ତୁ ।
କ୍ଷେତ୍ରୀୟ ନିର୍ଦ୍ଦେଶକ

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LTD.**
(A Govt. of Odisha Undertaking)
OFFICE OF THE GENERAL MANAGER (ELECT), EHT (O&M) CIRCLE, JAJPUR ROAD, PHONE / FAX- (06726) 220965 (OFF), Email:-ehtm.cle.jjp@optcl.co.in
No.Tech/ET-03(19-20)/1483 CIN: U401040R2004SGC007553 Dated.30.12.19
**e- TENDER CALL NOTICE NO. 03/19-20**
Sealed tenders are invited from registered experienced contractors / Agencies in single part bidding system for “RENOVATION OF EMULSIFIER SYSTEM OF 2*315 MVA .400/220KV ICTS AT GRID SUB-STATION,NEW DUBURI UNDER EHT(O&M) DIVISION, DUBURI(NEW)”. Cost of tender paper Rs. 11,200/- (Including GST @ 12%), EMD as 1% of quoted price (Including all Taxes). Sale of tender documents from dated. 31.12.2019 (10:00 hrs) to dated. 23.01.2020 (up to 12:30hrs). Last date of submission of tender dated. 23.01.2020 up to 15:00hrs. Due date of opening of tender dated. 24.01.2020 at 11:30Hrs. For details visit our web site www.optcl.co.in and www.tenderwizard.com/OPTCL
Corrigendum if any will be published in the OPTCL website only.
Sd./- General Manager (Electrical) EHT (O&M) Circle, Jajpur Road.

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LTD.**
(A Govt. of Odisha Undertaking)
OFFICE OF THE GENERAL MANAGER (ELECT), EHT (O&M) CIRCLE, JAJPUR ROAD, PHONE / FAX- (06726) 220965 (OFF), Email:-ehtm.cle.jjp@optcl.co.in
No.Tech/ET-02(19-20)/1480 CIN: U401040R2004SGC007553 Dated.30.12.19
**e- TENDER CALL NOTICE NO. 02/2019-20**
Sealed tenders are invited from registered manufacturer/authorized dealer/Supplier having valid GST Registration certificate, PAN Card and Authorized Dealership Certificates (if applicable) in two part bidding system for supply of hardware fittings and aluminium clamps & connectors for Grid substation, Joda under EHT(O&M) Division,Joda. Cost of tender paper Rs. 6,720/- (Including GST @ 12%), EMD=1% of quoted price. Sale of tender documents from dated. 31.12.2019 to 27.01.2020 (up to 12:30hrs). Last date of submission of tender dated.27.01.2020 up to 15:00hrs. Due date of opening of tender dated. 28.01.2020 at 11:30Hrs. for details visit our web site www.optcl.co.in and www.tenderwizard.com/OPTCL
Corrigendum if any will be published in the OPTCL website only.
Sd./- General Manager (Electrical) EHT (O&M) Circle, Jajpur Road.

BHAKRA BEAS NATIONS'S PRIDE
**ଭାକ୍ରା ବ୍ୟାସ ପରିଚାଳନା ବୋର୍ଡ**
(ପାୱାର୍ ୱିଙ୍ଗ୍)
ଶୁଦ୍ଧିପତ୍ର ନଂ.2 ଇ-ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତି ତାରିଖ: 24.12.2019
ଏନ୍.ଆଇ.ଟି. ନଂ.466/ପିଏଚ୍‌ଡି/ପିଓଏନ୍‌ଜି-341 ତାରିଖ: 30.10.2019
କାର୍ଯ୍ୟାଳୟର ନାମ: ଚିଫ୍ ଇଞ୍ଜିନିୟର / ସିଷ୍ଟମ୍ ଅପରେଶନ୍, ପ୍ଲାନିଂ ଓ ଡିଜାଇନ୍ (ପାୱାର ପ୍ଲାଣ୍ଟସ୍), ଡିଟିଇ. ବିବିଏମ୍‌ବି (ପିଡବ୍ଲ୍ୟୁ), ଏସ୍‌ଏଲ୍‌ଡିସି କମ୍ପ୍ଲେକ୍ସ, ଇଣ୍ଡଷ୍ଟ୍ରିଆଲ ଏରିଆ, ଫେଜ୍–I, ଚଣ୍ଡିଗଡ୍–160002, ଟେଲିଫାକ୍ସ: 0172–2637035
କାର୍ଯ୍ୟର ନାମ: ବିବିଏମ୍‌ବିର ବିଭିନ୍ନ ପାୱାର ହାଉସ୍ ତଥା ସବ୍ ଷ୍ଟେଶନଗୁଡ଼ିକ ପାଇଁ ଏଚ୍‌ଟି ପାୱାର କେବୁଲ ସଂଗ୍ରହଣ ଲାଗି ଅନ୍‌ଲାଇନ୍ ଟେଣ୍ଡର।

| | |
|---|---|
| ୱେବ୍‌ସାଇଟ୍‌ରୁ ଟେଣ୍ଡର ସ୍ୱତନ୍ତ୍ରତା/ଟେଣ୍ଡର କାଗଜପତ୍ର ଡାଉନଲୋଡିଂ | ଆରମ୍ଭ ତାରିଖ: 01.11.2019, 10.00 ଘଟିକାରୁ<br>ଶେଷ ତାରିଖ: 24.01.2020, 17.00 ଘଟିକା ପର୍ଯ୍ୟନ୍ତ |
| ସମ୍ପୂର୍ଣ୍ଣ ପ୍ରାକ୍-ଯୋଗ୍ୟତା ଦସ୍ତାବିଜ ଅପ୍‌ଲୋଡିଂର ଶେଷ ତାରିଖ ଓ ସମୟ | 14.01.2020, 17.00 ଘଟିକା ପର୍ଯ୍ୟନ୍ତ |
| ବିଡ୍ ଦାଖଲର ଆରମ୍ଭ ତାରିଖ ଓ ସମୟ | 01.11.2019, 10.00 ଘଟିକାଠାରୁ |
| ଅନ୍‌ଲାଇନ୍ ବିଡ୍ ଦାଖଲର ଶେଷ ତାରିଖ ଓ ସମୟ | 27.01.2020, 11.00 ଘଟିକା ପର୍ଯ୍ୟନ୍ତ |
| https://bbmbeproc.abcprocure.comରେ ଅନ୍‌ଲାଇନ୍ ବିଡ୍ ଖୋଲାଯିବାର ତାରିଖ ଓ ସମୟ (ଭାଗ-1) | 27.01.2020, 11.30 ଘଟିକା ପରଠାରୁ |

ବିଡ୍‌ଗୁଡ଼ିକ ଅନ୍‌ଲାଇନ୍‌ରେ ଦାଖଲ କରାଯିବ। ପ୍ରାକ୍–ଯୋଗ୍ୟତା ସର୍ତ୍ତ, ସ୍ୱତନ୍ତ୍ରତା ମୂଲ୍ୟ, ଟେଣ୍ଡର କାଗଜପତ୍ର, ଅମାନତ ଜମା ରାଶି ତଥା ସବିଶେଷ ଏନ୍‌ଆଇଟି ପାଇଁ ଦୟାକରି ବିବିଏମ୍‌ବି ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: https://bbmbeproc.abcprocure.com ଓ www.bbmb.gov.in
379-PR-SO-7 ନିଜର ଉତ୍ତମ ଭବିଷ୍ୟତ ପାଇଁ ଆଜି ଶକ୍ତି ସଞ୍ଚୟ କରନ୍ତୁ

**Government of Odisha**
**Department of Water Resources**
**Rengali Irrigation Project, Phase- 2**
**Bid Documents for International Competitive Bidding**
No.A-523:- **Invitation for Bids**
Date: *24th December 2019*
Loan Agreement No.:ID –P244
IFB No:CE-BLB-ICB-D(I)-02 of 2019-20

1. The Government of India has received a loan from Japan International Cooperation Agency (JICA) towards the cost of the Rengali Irrigation Project, Phase-2. It is intended that part of the proceeds of this loan will be applied to eligible payments under the contract for ICB Civil Works Package-D(I) “Construction of Left Bank Canal from RD 100.490 Km to 107.500 Km including all Structures”.
2. The Chief Engineer, JICA Project, Brahmani Left Basin, Sukinda, At. -Jamuposhi, Post Office-Amploba, Via Sukinda, Dist.- Jajpur, Odisha, India now invites sealed Bids from prequalified eligible Bidders for the construction and completion of “Construction of Left Bank Canal from RD 100.490 Km to 107.500Km including all Structures”(“the Works”), which comprises the following major facilities:
   **A. Canal Works**
   1. Canal Excavation of All Kinds of Soil (AKS)
   2. Canal Excavation of Disintegrated (DI) Rock
   3. Canal Excavation of Medium Hard Rock
   4. Canal Excavation of Hard Rock
   **B. Structure Works**
   1. Water Conveyance System by Rectangular Triple Vent Conduit (Width 5.0 m x Height 6.5 m x 3 nos.): 900 m
   2. Village Road Bridge (VRB): 6 Nos.
   3. Cross Drainage / Super Passage Works: 7 nos.
   4. Existing Canal Crossing cum Village Bridge: 1 No.
3. Bidding will be conducted through procedures in accordance with the applicable Guidelines for Procurement under Japanese ODA Loans, and is open to all Bidders from eligible source countries, as defined in the Loan Agreement.
4. Interested eligible Bidders may obtain further information from and inspect the Bidding Documents at the office of Chief Engineer, JICA Project, Brahmani Left Basin, Sukinda with the following address from 10:00 AM to 5:00 PM from 1st January 2020 to 22nd January 2020.
5. A complete set of Bidding Documents may be purchased by the interested Bidders on the submission of a written application to the address above and upon payment of a non-refundable fee of INR20,000.00 in shape of cash transfer in favour of Financial Advisor & Chief Accounts Officer, Rengali Irrigation Project, Sukinda in State Bank of India (SBI), Sukinda Branch (Address of Bank: Sukinda, Dist. Jajpur, Account No.: 11641030252, IFSC Code: SBIN0002128, Type of Bank Account: Current Account).
   The Bidder(s) who wish to obtain the soft copy of Bidding Documents (PDF Format) may request to the office of the Chief Engineer, JICA Project, Brahmani Left Basin, Sukinda by electronic mail. The Bidder(s) shall deposit the cost of Bidding Documents by cash transfer in favour of Financial Advisor & Chief Accounts Officer, Rengali Irrigation Project, Sukinda and submit photocopy of the bank statement or bank receipt in support of payment for issue of Bidding Documents.
6. The Provisions in the Instruction to Bidders and in the General Conditions of Contract are the provisions of the Standard Bidding Documents under Japanese ODA Loans for the Procurement of Works.
7. Bids must be delivered to the address above on or before 11:00 AM (IST) on 3rd March 2020 and must be accompanied by a security (Bid security) i.e. not less than 2% of the bidding cost in INR.
8. The Technical Bids will be opened in the presence of Bidders or their authorized representatives who choose to attend at 12:00 Noon (IST) on 3rd March 2020 at the office of Chief Engineer, JICA Project, Brahmani Left Basin, Sukinda with the following address:
   Address: At- Jamuposi, Post Office - Amploba, Via- Sukinda, Dist-Jajpur, Odisha, India, PIN-755018, Telephone number: +91 6726-244416 / 244417, E-mail: cejicablbeicwr.od@gov.in

32343/11/0005/1920 **Chief Engineer, JICA Project, Brahmani Left Basin, Sukinda**

**GOVERNMENT OF ODISHA**
**OFFICE OF THE ENGINEER-IN-CHIEF**
**RURAL WATER SUPPLY & SANITATION**
**BHUBANESWAR**
Jal O Parimal Bhawan, Unit – V, Bhubaneswar-751001, Tel: 0674-2395734, Fax No.0674-2394946; Email: cerwssodisha@gmail.com
No. 10933 Date: 27.12.2019
**NOTICE INVITING BID**
**NATIONAL COMPETITIVE BIDDING THROUGH e-PROCUREMENT**
**REQUEST FOR PROPOSAL (RFP)**
**No.O-720 :-** The Engineer-in-Chief, RWS&S, Odisha, Bhubaneswar on behalf of the Governor of Odisha invites proposals for Consultancy Services for engagement of Authority's Engineer (AE) for supervision of Mega Piped Water Supply projects on the basis of National Competitive Bidding for the works detailed in the table given below. The firm is advised to examine carefully all instructions in the RFP Document.

| S No | Name of the Rural Water Supply Project | Bid ID No. | Assignment Period (months) | Availability of Bid Documents for Online Bidding: From | Availability of Bid Documents for Online Bidding: To |
|---|---|---|---|---|---|
| 1 | RFP for Consultancy Services for Authority Engineer (AE) Services for Nilagiri Project of Balasore District | EIC, RWSS-31/19-20 | 24 months (Twenty Four Months) | 17.00 hours of 07.01.2020 | 17.00 hours of 07.02.2020 |
| 2 | RFP for Consultancy Services for Authority Engineer (AE) Services for Jajpur District | EIC, RWSS-32/19-20 | 24 months (Twenty Four Months) | 17.00 hours of 07.01.2020 | 17.00 hours of 07.02.2020 |
| 3 | RFP for Consultancy Services for Authority Engineer (AE) Services for Deogarh District | EIC, RWSS-33/19-20 | 24 months (Twenty Four Months) | 17.00 hours of 07.01.2020 | 17.00 hours of 07.02.2020 |
| 4 | RFP for Consultancy Services for Authority Engineer (AE) Services for Dhenkanal District | EIC, RWSS-34/19-20 | 24 months (Twenty Four Months) | 17.00 hours of 07.01.2020 | 17.00 hours of 07.02.2020 |
| 5 | RFP for Consultancy Services for Authority Engineer (AE) Services for W/S project under 1 package for Jajpur, Keonjhar & Mayurbhanj District (OMBADC) | EIC, RWSS-35/19-20 | 24 months (Twenty Four Months) | 17.00 hours of 07.01.2020 | 17.00 hours of 07.02.2020 |
| 6 | RFP for Consultancy Services for Authority Engineer (AE) Services for Keonjhar, District (W/S to Ghatagaon, Harichandanpur, Patna, Telkoi & palalahada Block | EIC, RWSS-36/19-20 | 24 months (Twenty Four Months) | 17.00 hours of 07.01.2020 | 17.00 hours of 07.02.2020 |

**Name & Address of officer inviting RFP:** ENGINEER-IN-CHIEF, RWS & S, JAL O PARIMAL BHAWAN, UNIT-V, BHUBANESWAR-751001, ODISHA, Tel: 0674-2395734, FAX: 0674-2394946, E-mail: cerwssodisha@gmail.com
Further details can be seen from the e-procurement portal **https://tendersodisha.gov.in**
**25040/11/0018/1920** Sd/27.12.2019 Engineer-In-Chief,

**GOVERNMENT OF ODISHA**
**DEPARTMENT OF HIGHER EDUCATION**
**EXTENSION OF DATE FOR FRESH & RENEWAL APPLICATIONS FOR E-MEDHABRUTI FOR THE SESSION 2019-20 FOR ALL SAMS & NON - SAMS COLLEGES**
**No.N-77 :-** It is hereby informed to all concerned that online validation of applications and documents for award of e-Medhabruti Fresh & Renewal of the year 2019-20 by Principals/Head of the Institution of all +3 Colleges under SAMS & Non- SAMS Colleges / Institutions and Universities imparting Technical & Professional and P.G. courses (Non-SAMS) is hereby extended as noted below.

| | Scholarship Session | Scholarship Type | Date of Extension |
|---|---|---|---|
| All SAMS & Non-SAMS colleges | 2019-20 | Fresh (online submission of applications by the students belonging to +3,P.G.,Professional / Technical) | 31.01.2020 |
| | | Fresh and Renewal (Authentication / validation by Heads of Institutions/ Principals concerned) | 15.02.2020 |

It is further informed that in case of deliberate negligence at college level in validating the eligible cases i.e. resulting in debarring a student of scholarship, the concerned college authority shall be held responsible for such lapses.
**NB: Online validation by Principal of concerned Institutions is mandatory for getting Fresh and Renewal scholarship by the eligible students.**
***In case of any problem faced by the institutes at the time of online validation, they may refer FAQs available at home page of the website or take the help of Sanjog Helpline (Toll Free) No. 155335 /18003456770 or scholarship section 0674-2396550 or e-mail on*** emedhabruti1920@gmail.com
**11001/11/0022/1920** **Sd/- Additional Secretary to Government**

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
At - Sijua (Patrapada), Post - Dumuduma, Bhubaneswar (Odisha) - 751019
Website : www.aiimsbhubaneswar.nic.in
F. No.- AIIMS/BBSR/MS/HOSP.CANTEEN/102/2019-20 Date : 27.12.2019
**TENDER CALL NOTICE**
All India Institute of Medical Sciences (AIIMS) Bhubaneswar is inviting Tender on “**Catering Services for Staff & Patient Attendees Canteen**” vide Tender *No. J-11043(024)/2019/S&P/130 dtd. 27.12.2019*. The tender document can be viewed and downloaded from the AIIMS, Bhubaneswar website : **www.aiimsbhubaneswar.nic.in.** The Pre-Bid Meeting will be held on **07.01.2020 at 3:00 PM**. The last date of submission of Bid is **30.01.2020 by 11:30 AM** and the tender opening date is **30.01.2020 at 3:00 PM.**
Sd/-
**(Sr. Procurement-cum Store Officer)**
**AIIMS, Bhubaneswar**

“ମିଚେଲ ସ୍ୱିପସନଙ୍କୁ ସୁଯୋଗ ଦେବାକୁ ଶେନ୍ ୱର୍ନ ମୋତେ ପରାମର୍ଶ ଦେଉଛନ୍ତି, କିନ୍ତୁ ଏହା ସେ ନିଜ କ୍ୟାରିୟରରେ କରି ନାହାନ୍ତି।
–ନାଥାନ ଲିଅନ୍, ଅଷ୍ଟ୍ରେଲୀୟ ବୋଲର



“ଟ୍ରାଏଲ୍ ବାଉଟ୍‌କୁ ନେଇ ଏମ.ସି. ମେରୀକମ୍ ଏବଂ ତାଙ୍କ ଚ୍ୟାଲେଞ୍ଜର ନିଖତ ଜରିନ୍‌ଙ୍କ ମଧ୍ୟରେ ଯଦିଓ ବିବାଦ ହୋଇଛି, ଦେଶ କିନ୍ତୁ ଏହି ଦୁଇ ବକ୍ସରଙ୍କ ପାଇଁ ଗର୍ବିତ ।
–କିରେନ ରିଜିଜୁ, କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ



## ସଂକ୍ଷେପରେ

### ଶୀର୍ଷ ସ୍ଥାନ ବଜାୟ ରଖିଲେ କୋହଲି

**ଦୁବାଇ,୩୦।୧୨(ପି.ଟି.):** ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଅଧିନାୟକ ବିରାଟ କୋହଲି ବ୍ୟାଟିଂ ତାଲିକାର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଫଳର ଶୀର୍ଷ ସ୍ଥାନରେ ରହି ସେ ବର୍ଷ ଶେଷ କରିବେ। ସେହିପରି ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ଗୋଟିଏ ସ୍ଥାନ ତଳକୁ ଖସି ପଞ୍ଚମ ସ୍ଥାନରେ ରହିଛନ୍ତି। ୯୨୮ ପଏଣ୍ଟ ପାଇଁ କୋହଲି ୧ ନମ୍ବର ସ୍ଥାନରେ ରହିଥିବା ବେଳେ ୯୧୧ ପଏଣ୍ଟ ପାଇଁ ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ ୮୨୨ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲିଆ ଯୁବ ବ୍ୟାଟ୍ସମ୍ୟାନ ମାର୍ନସ ଲାବୁସେନ ଚଳିତ ବର୍ଷ ୧୧ଟି ଟେଷ୍ଟ ଖେଳି ୧, ୦୫୮ ରନ ସଂଗ୍ରହ କରିବା ସହ ଗୋଟିଏ ସ୍ଥାନ ଉପରକୁ ଉଠି ଚତୁର୍ଥ ସ୍ଥାନରେ ରହିଛନ୍ତି। ୭୯୧ ପଏଣ୍ଟ ପାଇ ପୂଜାରା ପଞ୍ଚମ, ୭୫୯ ପଏଣ୍ଟ ପାଇ ଅଜିଙ୍କ୍ୟ ରାହାନେ ଯୁଗ୍ମ ସପ୍ତମ ସ୍ଥାନରେ ରହିଛନ୍ତି। ସେହିପରି ଦକ୍ଷିଣ ଆଫ୍ରିକାର କ୍ୱିଣ୍ଟନ ଡିକକ୍ ମଧ ର୍‍ୟାଙ୍କିଙ୍ଗ୍‌ରେ ଉନ୍ନତି କରିଛନ୍ତି।

### ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗନେବ ଭାରତ

**ନୂଆଦିଲ୍ଲୀ, ୩୦।୧୨ (ପି.ଟି.):** ୨୦୨୨ରେ ବର୍ମିଂହାମରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ଅଂଶଗ୍ରହଣ କରିବ। ପୂର୍ବରୁ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୦୨୨ ସଂସ୍କରଣରେ ଶୁଟିଂକୁ ସାମିଲ କରା ନ ଯିବାରୁ ଏଥିରେ କ୍ଷୁବ୍ଧ ହୋଇ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ଓହରିଯିବ ବୋଲି ଚେତାବନୀ ଦେଇଥିଲା। କିନ୍ତୁ ୨୦୨୨ ସଂସ୍କରଣରେ ଭାରତ ଅଂଶଗ୍ରହଣ କରିବା ସହ ୨୦୨୬ କିମ୍ବା ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ପାଇଁ ବିଡ୍ ଦାଖଲ କରାଯିବ ବୋଲି ଆଇଓଏର ବାର୍ଷିକ ସାଧାରଣ ବୈଠକ (ଏଜିଏମ୍)ରେ ନିଷ୍ପତ୍ତି ହୋଇଛି। ଏଥିସହ ୨୦୨୨ ଓ ୨୦୩୦ ସଂସ୍କରଣ ଆୟୋଜନ ନେଇ ଆବଶ୍ୟକ ମଞ୍ଜୁରୀ ପ୍ରଦାନ କରିବା ପାଇଁ ଆଇଓଏ ପକ୍ଷରୁ ସରକାରଙ୍କୁ ଅନୁରୋଧ କରାଯିବ ବୋଲି ଜଣାପଡ଼ିଛି। ଅଲିମ୍ପିକ୍ସ ପରେ ବିଶ୍ୱର ଦ୍ୱିତୀୟ ସର୍ବୋଚ୍ଚ କ୍ରୀଡ଼ା ପ୍ରତିଯୋଗିତା ଭାବେ ପରିଚିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଭାରତ ଥରେ ମାତ୍ର ଆୟୋଜନ କରିବାର ସୌଭାଗ୍ୟ ଲାଭ କରିଥିଲା। ୨୦୧୦ରେ ରାଜଧାନୀ ଦିଲ୍ଲୀରେ ଏହି ସମ୍ମାନଜନକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

### ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ ଚାମ୍ପିୟନ

**ଖୋର୍ଦ୍ଧା ଅଫିସ/ଟାଙ୍ଗୀ, ୩୦।୧୨(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ କୁହୁଡି ଜନତା ଷ୍ଟାଡିୟମ୍‌ରେ ମହାବୀର ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୬୦ ତମ ସର୍ବଭାରତୀୟ ‘ମହାବୀର କପ୍’ ଫୁଟ୍‌ବଲ୍ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ ବରଗଡ଼ର ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ ୧-୦ ଗୋଲରେ ଓଡ଼ିଶା ପୋଲିସ୍‌କୁ ପରାସ୍ତକରି ଚାମ୍ପିୟନ ହୋଇଛି।

# କଟକ ଚାମ୍ପିୟନ, ସୁନ୍ଦରଗଡ଼ ରନର୍ସଅପ୍



ଟ୍ରଫି ସହ ଦଳଗତ ଚାମ୍ପିୟନ କଟକର ଖେଳାଳିମାନେ।

## ରାଜ୍ୟ ଆଥଲେଟିକ୍ ମିଟ୍ ଉଦ୍‌ଯାପିତ

- ତୃତୀୟ ଦିବସରେ ୨ ମିଟ୍ ରେକର୍ଡ
- ମନୀଷା ମେରେଲ ଶ୍ରେଷ୍ଠ ମହିଳା ଆଥଲେଟ୍
- ବିଘ୍ନରାଜ ମିରିଡିଆ ଶ୍ରେଷ୍ଠ ପୁରୁଷ ଆଥଲେଟ୍

**ଭୁବନେଶ୍ୱର, ୩୦।୧୨(କ୍ରୀଡ଼ା ପ୍ରତିନିଧି)**

କଟକ ବାରବାଟୀ ଷ୍ଟାଡିୟମରେ ରାଜ୍ୟ ଆଥଲେଟିକ୍ ମିଟ୍‌ର ୬୭ତମ ସଂସ୍କରଣ ସୋମବାର ଉଦ୍‌ଯାପିତ ହୋଇଛି। ଏଥିରେ କଟକ ଦଳ ୫୫୭ ପଏଣ୍ଟ ପାଇ ଓଭରଅଲ୍ ଚାମ୍ପିୟନ ହୋଇଛି। ୨୬୪ ପଏଣ୍ଟ ସହିତ ସୁନ୍ଦରଗଡ଼ ରନର୍ସଅପ୍ ହୋଇଛି। ୨୦ ବର୍ଷରୁ କମ୍ ବାଳିକା ଲଙ୍ଗଜମ୍ପରେ ପ୍ରତିନିଧିତ୍ୱ କରିଥିବା କିଟ୍‌ର ମନିଷା ମେରେଲ ଓ ୪୦୦ ମିଟର ରେସ୍‌ରେ ଭାଗ ନେଇଥିବା ଓଡ଼ିଶା ପୋଲିସର ବିଘ୍ନରାଜ ମିରିଡିଆ ଯଥାକ୍ରମେ ଶ୍ରେଷ୍ଠ ମହିଳା ଓ ପୁରୁଷ ଆଥଲେଟ୍ ବିବେଚିତ ହୋଇଥିଲେ। ମନିଷାଙ୍କୁ ଶଶିକାନ୍ତ ମେମୋରିଆଲ ଟ୍ରଫି ସହ ୧୦୦୦ ଏବଂ ବିଘ୍ନରାଜଙ୍କୁ ଜୋଡାର କାର୍ଲ ଲୁଇସ ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ଟ୍ରଫି ଓ ୧୦୦୦ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ୧୪ ବର୍ଷରୁ କମ୍ ବାଳିକାରେ ସୁନ୍ଦରଗଡ଼(୪୩ ପଏଣ୍ଟ), ବାଳକରେ ଭୁବନେଶ୍ୱର(୨୬), ୧୬ ବର୍ଷରୁ କମ୍ ବାଳିକାରେ ଭୁବନେଶ୍ୱର (୬୪), ବାଳକରେ ଭୁବନେଶ୍ୱର (୫୩), ୧୮ ବର୍ଷରୁ କମ୍ ବାଳିକାରେ କଟକ(୫୫), ବାଳକରେ କଟକ (୯୭), ୨୦ ବର୍ଷରୁ କମ୍ ବାଳିକାରେ କଟକ(୭୦), ବାଳକରେ କଟକ(୬୫), ମହିଳାରେ କଟକ(୯୩) ଓ ପୁରୁଷରେ ଓଡ଼ିଶା ପୋଲିସ(୧୨୮ ପଏଣ୍ଟ) ପ୍ରଥମସ୍ଥାନ ଅଧିକାର କରିଥିଲା।

ପ୍ରତିଯୋଗିତାର ତୃତୀୟ ଦିବସରେ ୨ଟି ମିଟ୍ ରେକର୍ଡ ସ୍ଥାପନ ହୋଇଛି। ମହିଳା ୩୦୦୦ ମିଟର ଷ୍ଟିପଲ ଚେଜ୍‌ରେ କିଟ୍‌ର ପ୍ରଭାତି ମାଝି ୧୨:୧୧.୮ ସେକେଣ୍ଡ ସମୟ ନେଇ ଏହି ରେକର୍ଡର ଅଧିକାରିଣୀ ହୋଇଛନ୍ତି। ପୂର୍ବରୁ ରେକର୍ଡ ଟାଇମିଂ ଥିଲା ୧୨:୪୧.୭ ସେକେଣ୍ଡ। ସେହିପରି ୨୦ ବର୍ଷରୁ କମ୍ ବାଳକ ହାମର ଥ୍ରୋରେ ପୁରୀର ଅଭିଷେକ ପଣ୍ଡା ମିଟ୍ ରେକର୍ଡ କରିଛନ୍ତି। ସେ ୪୩.୦୪ ଦୂରକୁ ହାମର ଥ୍ରୋ କରି ପୂର୍ବରୁ ଥିବା ରେକର୍ଡ(୪୨.୧୬ ମିଟର)କୁ ଭାଙ୍ଗିଛନ୍ତି। ଅନ୍ତିମ ଦିବସରେ ଅନୁଷ୍ଠିତ ଇଭେଣ୍ଟ ଗୁଡ଼ିକ ମଧ୍ୟରେ ୨୦ ବର୍ଷରୁ କମ୍ ବାଳିକା ୨୦୦ ମିଟର ରେସ୍‌ରେ ମଧୁମିତା ଦେବ୍, ୩୦୦୦ ମିଟର ରନରେ ସ୍ୱେତା କୁଜୁର, ୪୦୦ ମିଟର ହର୍ଡଲ୍ସରେ ପ୍ରିୟଙ୍କା ଟପ୍ପୋ, ଟ୍ରିପଲ ଜମ୍ପରେ ବିଷ୍ଣୁପ୍ରିୟା ନାୟକ, ହାମର ଥ୍ରୋରେ ସ୍ୱେତଲିନା ନାୟକ ହେପ୍‌ଟାଥଲନରେ ପ୍ରିୟଙ୍କା ଟପ୍ପୋ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ପୁରୁଷ ୨୦୦ ମିଟର ରେସ୍‌ରେ ଅମିୟ ମଲିକ, ୮୦୦ ମିଟର ରେସ୍‌ରେ ରୋଶନ ମିଞ୍ଜ, ୧୦୦୦୦ ମିଟର ରେସ୍‌ରେ ଅଶୋକ ଦଣ୍ଡସେନା, ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ବିପିନ ପ୍ରଧାନ, ୪୦୦ ମିଟର ହର୍ଡଲ୍ସରେ କୌଶଲ୍ୟା କୁମାର ନାୟକ, ପୋଲଭଲ୍ଟରେ ମନୋଜ କୁମାର ହେମ୍ବ୍ରମ ହାମର ଥ୍ରୋରେ ମଳୟ ରଞ୍ଜନ ପତି ପ୍ରଥମସ୍ଥାନ ଅଧିକାର କରିଛନ୍ତି। ସେହିପରି ମହିଳା ୨୦୦ ମିଟରରେ ଦୂତୀ ଚାନ୍ଦ, ୧୦୦୦୦ ମିଟର ରେସ୍‌ରେ ଅସ୍ମିତା ସେଠୀ, ୩୦୦୦ ମିଟର ଷ୍ଟିପଲ ଚେଜ୍‌ରେ ପ୍ରଭାତି ମାଝି, ୪୦୦ ମିଟର ହର୍ଡଲ୍ସରେ ଜଉନା ମୁର୍ମୁ, ଟ୍ରିପଲ ଜମ୍ପରେ ରେନ୍‌କି ସାହୁ, ହାମର ଥ୍ରୋରେ ଦିବ୍ୟା ସାଣ୍ଡିଲ୍ୟ, ହେପ୍‌ଟାଥଲନରେ ସଞ୍ଜୁକ୍ତା ମିଞ୍ଜ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି।

## ପାର୍ବତୀ ପୁରସ୍କୃତ



ଦୀର୍ଘ ୨୭ ବର୍ଷ ଧରି ରାଜ୍ୟ ଆଥଲେଟିକ୍ସ ମିଟ୍‌ରେ ଅଂଶଗ୍ରହଣ କରି ଆସୁଥିବା ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଆଥଲେଟ୍ ପାର୍ବତୀ ସେଠୀଙ୍କୁ ସୋମବାର ଟ୍ରଫି ଦିଆଯାଇ ପୁରସ୍କୃତ କରାଯାଇଛି। ପ୍ରତିଯୋଗିତାର ଏହି ସଂସ୍କରଣରେ ପାର୍ବତୀ ନିଜ ପ୍ରିୟ ଇଭେଣ୍ଟ ଡିସ୍‌କସ୍ ଥ୍ରୋରେ ସ୍ୱର୍ଣ୍ଣ ଏବଂ ଶଟ୍‌ପୁଟ୍‌ରେ ରୌପ୍ୟ ପଦକ ଲାଭ କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ବର୍ଷ ୨୦୧୯ରେ ପାର୍ବତୀ ମାଷ୍ଟର୍ସ ଗେମ୍ ସହିତ ଇଣ୍ଡିଆନ ଗ୍ରାଁ ପ୍ରି ଓ ଅନ୍ୟ ପ୍ରତିଯୋଗିତା ଗୁଡ଼ିକରେ ପ୍ରଭାବୀ ପ୍ରଦର୍ଶନ କରି ନିଜ ପ୍ରଦର୍ଶନର ଛାପ ଛାଡ଼ିଛନ୍ତି। ଥ୍ରୋ ଇଭେଣ୍ଟକୁ କ୍ୟାରିୟର କରିଥିବା ପାର୍ବତୀ ଡେରାଡୁନ ମାଷ୍ଟର୍ସ ଗେମ୍‌ରେ ୨ ସ୍ୱର୍ଣ୍ଣ, ୧ ରୌପ୍ୟ ଜିତିଥିବାବେଳେ ସଙ୍ଗୃରଠାରେ ଇଣ୍ଡିଆନ ଗ୍ରାଁ ପ୍ରି–୨ରେ ବ୍ରୋଞ୍ଜ, ପଞ୍ଚକୁଲାରେ ଇଣ୍ଡିଆନ ଗ୍ରାଁ ପ୍ରି–୪ରେ ରୌପ୍ୟ, ଇଟାଲୀର ଟୋରିନୋରେ ଅନୁଷ୍ଠିତ ୟୁରୋପିଆନ ମାଷ୍ଟର୍ସ ଗେମ୍ ଶଟ୍‌ପୁଟରେ ବ୍ରୋଞ୍ଜ ଓ ଡିସକସ୍‌ରେ ରୌପ୍ୟ ପଦକ ଲାଭ କରି ରାଜ୍ୟ କ୍ରୀଡ଼ାକୁ ସମୃଦ୍ଧ କରିଛନ୍ତି।

# ପ୍ରଥମଥର ପାଇଁ କ୍ୱାର୍ଟରରେ ଓଡ଼ିଶା

**ଜାତୀୟ ରୋଲ୍‌ବଲ ଚାମ୍ପିୟନଶିପ୍**

**ଭୁବନେଶ୍ୱର, ୩୦।୧୨(କ୍ରୀଡ଼ା ପ୍ରତିନିଧି)**


ମ୍ୟାଚ୍ ବେଳର ଏକ ଦୃଶ୍ୟ।

ଆସାମର ଗୁଆହାଟୀଠାରେ ଚାଲିଥିବା ୧୩ତମ ଜାତୀୟ ରୋଲ୍‌ବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳ ଚମତ୍କାର ପ୍ରଦର୍ଶନ କରିଛି। ପ୍ରଥମଥରପାଇଁ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ଇତିହାସ ସୃଷ୍ଟି କରିଛି। ପ୍ରତିଯୋଗିତାରେ ଦଳ ଏପର୍ଯ୍ୟନ୍ତ ୨ଟି ମ୍ୟାଚ ଜିତିଥିବାବେଳେ ଗୋଟିଏରେ ପରାଜିତ ହୋଇଛି। ପୁଲ୍ ‘ସି’ରେ ସ୍ଥାନ ପାଇଥିବା ଓଡ଼ିଶା ୬–୪ ଗୋଲରେ ହରିୟାଣାକୁ ଏବଂ ନାଗାଲାଣ୍ଡକୁ ୭–୨ ଗୋଲରେ ହରାଇଥିବାବେଳେ ଗୁଜରାଟଠାରୁ ୩–୬ ଗୋଲରେ ପରାଜିତ ହୋଇଛି। ପ୍ରିତିଶ ଆର୍ଯ୍ୟନ ଜେନା ସର୍ବାଧିକ ୧୧ଟି ଗୋଲ ଦେଇ ଓଡ଼ିଶାକୁ କ୍ୱାର୍ଟର ଫାଇନାଲରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଓଡ଼ିଶା ଦଳ ମାତ୍ର ୩ ବର୍ଷ ଧରି ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ଅଭିଜ୍ଞତା ରଖିଥିଲେ ହେଁ ଶକ୍ତିଶାଳୀ ଦଳକୁ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚି ପାରିଛି। ଓଡ଼ିଶା ରୋଲବଲ୍ ଆସୋସିଏଶନ ଓ ଓଡ଼ିଶା ସ୍କେଟିଂ ଏକାଡେମୀ ପକ୍ଷରୁ ଦଳର ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଯାଇଛି। ପ୍ରତିଯୋଗିତାର ପୁଲ୍ ‘ଏ’ରେ ରାଜସ୍ଥାନ, ମଧ୍ୟପ୍ରଦେଶ, ଆସାମ, ଜମ୍ମୁ–କଶ୍ମୀର, ତାମିଲନାଡୁ, ପୁଲ୍ ‘ବି’ରେ ଉତ୍ତର ପ୍ରଦେଶ, ଅରୁଣାଚଳ ପ୍ରଦେଶ, ମେଘାଳୟ, କେରଳ, ବିହାର ଏବଂ ପୁଲ୍ ‘ଡି’ରେ ମହାରାଷ୍ଟ୍ର, ଛତିଶଗଡ଼, ଦିଲ୍ଲୀ ଓ ଝାଡ଼ଖଣ୍ଡ ଦଳ ସ୍ଥାନ ପାଇଛନ୍ତି।

**ଜାତୀୟ ସିନିୟର ଥ୍ରୋ ବଲ୍**

## ଓଡ଼ିଶା ମହିଳା, ପୁରୁଷ ଦଳ ସେମିରେ

**ଭୁବନେଶ୍ୱର, ୩୦।୧୨ (କ୍ରୀଡ଼ା ପ୍ରତିନିଧି):** ବର୍ଦ୍ଧମାନଠାରେ ଚାଲିଥିବା ଜାତୀୟ ସିନିୟର ଥ୍ରୋ ବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ମହିଳା ଓ ପୁରୁଷ ଦଳ ସେମି ଫାଇନାଲରେ ପ୍ରବେଶ କରିଛି। ସେମବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଓଡ଼ିଶା ପୁରୁଷ ଦଳ ଆନ୍ଧ୍ର ପ୍ରଦେଶକୁ ୧୫–୧୦ ପଏଣ୍ଟରେ ପରାସ୍ତ କରିଛି। ସୂର୍ଯ୍ୟକାନ୍ତ ସ୍ୱାଇଁ ସର୍ଭିସରେ ୭ ପଏଣ୍ଟ ପାଇ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ସେହିପରି ମହିଳା ଦଳ କ୍ୱାର୍ଟର ଫାଇନାଲରେ ତାମିଲନାଡୁକୁ ୧୫–୯, ୧୫–୯ ପଏଣ୍ଟରେ ହରାଇ ଦେଇଛି। ଉପଅଧିନାୟିକା ପୁଷ୍ପାଞ୍ଜଳି ପତି ସର୍ଭିସରେ ୫ ପଏଣ୍ଟ ଅର୍ଜନ କରି ଦଳକୁ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି।

## ବେଙ୍ଗଲରେ ପ୍ରଶିକ୍ଷଣ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା: ଗଣେଶ

**ଭୁବନେଶ୍ୱର, ୩୦।୧୨(କ୍ରୀଡ଼ା ପ୍ରତିନିଧି)**



କ୍ୟାମ୍ପରେ ଗଣେଶ ଜେନା

ପଶ୍ଚିମବଙ୍ଗ ବାଙ୍କୁଡା ଜିଲ୍ଲା ମୁକୁଟ ମଣିପୁରଠାରେ ଡିସେମ୍ବର ୨୬ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ଅଙ୍ଗନ ଚାରିୟେ ନେଚର୍ ଷ୍ଟଡି ଆଣ୍ଡ୍ ରକ୍ କ୍ଲାଇମ୍ବିଂ ଶିବିରକୁ ସଫଳତାର ସହ ପରିଚାଳନା କରିଛନ୍ତି ଓଡ଼ିଶାର ଏଭରେଷ୍ଟ ଆରୋହି ଗଣେଶ ଜେନା। ୪ ଦିନିଆ ଏହି ଶିବିରରେ ବିଭିନ୍ନ ବୟସ ବର୍ଗର ୪୮ ଜଣ ଭାଗ ନେଇଥିଲେ। ୬ରୁ ୮ ବର୍ଷ ପିଲାଙ୍କୁ ନେଚର୍ ଷ୍ଟଡି, ୯ରୁ ୧୨ ବର୍ଷର ପିଲାଙ୍କୁ ରକ୍ କ୍ଲାଇମ୍ବିଂ ଏବଂ ୧୨ରୁ ୧୬ ବର୍ଷର ପିଲାଙ୍କୁ ଆଡଭାନ୍ସ ପର୍ବତାରୋହଣ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ନିୟମିତ ଭାବେ ଏହି ଶିବିରରେ ଅନ୍ୟତମ ପ୍ରଶିକ୍ଷକ ଭାବେ ଯୋଗ ଦେଉଥିଲେ ମଧ ଚଳିତ ବର୍ଷ ଏହା ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା ବୋଲି ଗଣେଶ ପ୍ରକାଶ କରିଛନ୍ତି। ‘‘ଚଳିତ ବର୍ଷ ଏହି ସଂସ୍ଥାର ମୁଖ୍ୟ ସଞ୍ଚାଳକ ଏଭେରେଷ୍ଟ ଆରୋହି ଦୀପଙ୍କର ଘୋଷ ଏଭେରେଷ୍ଟରେ ପ୍ରାଣ ହରାଇଥିବାରୁ ମୋତେ ଏହି ଶିବିରକୁ ପରିଚାଳନାର ଗୁରୁଦାୟିତ୍ୱ ପଡ଼ିଥିଲା। ତଥାପି ସଫଳତାର ସହ ଶିବିରକୁ ସମାପନ କରିବା ସହ ଅନେକ କିଛି ଶିକ୍ଷା କରିଛି’’ ବୋଲି ଓଡ଼ିଶାର ସର୍ବପୁରାତନ ଦୁଃସାହସିକ କ୍ରୀଡ଼ା ସଂସ୍ଥା ‘ଆସା’ର ସମ୍ପାଦକ ଗଣେଶ ପ୍ରକାଶ କରିଛନ୍ତି।

# କିଟ୍ ରଗ୍‌ବୀ ଦଳକୁ ୩ ଟାଇଟଲ



ଚାମ୍ପିୟନ୍ କିଟ୍ ରଗ୍‌ବୀ ମହିଳା ଓ ପୁରୁଷ ଦଳ।

**ଭୁବନେଶ୍ୱର, ୩୦।୧୨(କ୍ରୀଡ଼ା ପ୍ରତିନିଧି)**

କିଟ୍ ବିଶ୍ୱବିଦ୍ୟାଳୟର ଉଭୟ ମହିଳା ଓ ପୁରୁଷ ରଗ୍‌ବୀ ଦଳ ଚମତ୍କାର ପ୍ରଦର୍ଶନ କରି ୩ଟି ଟାଇଟଲ ହାସଲ କରିଛନ୍ତି। ପଞ୍ଜାବର ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟରେ ସୋମବାର ଶେଷ ହୋଇଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରଗ୍‌ବୀ (ମହିଳା ଓ ପୁରୁଷ) ପ୍ରତିଯୋଗିତାରେ କିଟ୍‌ର ଉଭୟ ବାଳିକା ଓ ବାଳକ ଦଳ ଚାମ୍ପିୟନ ହୋଇଛନ୍ତି। ସେହିପରି ଚାମ୍ପିୟନଶିପ୍‌ର ୭ଏସ୍ ବର୍ଗରେ ଉଭୟ ମହିଳା ଓ ପୁରୁଷ ଦଳ ଚାମ୍ପିୟନ ହୋଇଥିବା ବେଳେ ୧୫ଏସ୍ ବର୍ଗରେ କେବଳ ମହିଳା ଦଳ ଚାମ୍ପିୟନ ହୋଇଛି। ୭ଏସ୍ ରଗ୍‌ବୀ ଫାଇନାଲରେ କିଟ୍ ପୁରୁଷ ଦଳ ପଞ୍ଜାବ ବିଶ୍ୱବିଦ୍ୟାଳୟକୁ ୧୦–୭ ପଏଣ୍ଟରେ ପରାସ୍ତ କରିଛି। ସେହିପରି ମହିଳା ଦଳ ପାଟଳୀପୁତ୍ର ବିଶ୍ୱବିଦ୍ୟାଳୟକୁ ୧୯–୫ ପଏଣ୍ଟରେ ହରାଇ ଟାଇଟଲ ହାସଲ କରିଛି। ୧୫ ଏସ୍ ମହିଳା ବର୍ଗର ଫାଇନାଲରେ କିଟ୍ ଦଳ ପଟିଆଲା ବିଶ୍ୱବିଦ୍ୟାଳୟକୁ ୨୪–୬ ପଏଣ୍ଟରେ ପରାସ୍ତ କରିଛି। ପୁରୁଷ ଦଳ ପଞ୍ଜାବ ବିଶ୍ୱବିଦ୍ୟାଳୟକୁ ୧୯–୧୨ ପଏଣ୍ଟରେ ହରାଇ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହୋଇଛି। ଏହା ସହିତ ଉଭୟ ଦଳ ୨୦୨୦ ଫେବୃୟାରୀରେ କିଟ୍ ବିଶ୍ୱବିଦ୍ୟାଳୟରେ ହେବାକୁ ଥିବା ପ୍ରଥମ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ସଫଳତାରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଭୟ ଦଳର ଖେଳାଳି, କୋଚ୍‌ଏବଂ ଅଫିସିଆଲଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଓଡ଼ିଶା ମହିଳା ଦଳକୁ ବ୍ରୋଞ୍ଜ

**ଜାତୀୟ ସିନିୟର ଖୋଖୋ**

**ଭୁବନେଶ୍ୱର, ୩୦।୧୨(କ୍ରୀଡ଼ା ପ୍ରତିନିଧି)**


ବ୍ରୋଞ୍ଜ ବିଜୟୀ ଓଡ଼ିଶା ମହିଳା ଖୋଖୋ ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫ୍।

ଛତିଶଗଡରେ ଅନୁଷ୍ଠିତ ୫୩ତମ ଜାତୀୟ ସିନିୟର ଖୋଖୋ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଛି। ଏଥିରେ ଓଡ଼ିଶା ମହିଳା ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ପ୍ରଥମଥର ପାଇଁ ଓଡ଼ିଶା ଦଳ ସେମିଫାଇନାଲରେ ପ୍ରବେଶ କରି ଏୟାରପୋର୍ଟ ଅଥୋରିଟି ଅଫ୍ ଇଣ୍ଡିଆ ସହ ମୁକାବିଲା କରିଥିଲା। ଏଥିରେ ଓଡିଶା ୪ ପଏଣ୍ଟ ହାସଲ କରିଥିବା ବେଳେ ଏୟାରପୋର୍ଟ ଅଥୋରିଟି ଅଫ୍ ଇଣ୍ଡିଆ ୮ ପଏଣ୍ଟହାସଲ କରି ବିଜୟୀ ହୋଇଥିଲା। ପରବର୍ତ୍ତୀ ମ୍ୟାଚରେ କୋହ୍ଲାପୁରକୁ ହରାଇ ଓଡିଶା ତୃତୀୟ ସ୍ଥାନ ଅଧିକାର କରିଥିଲା। ଏହି ମ୍ୟାଚରେ ସସ୍ମିତା ନାଥ ଶର୍ମା ୧ ମି ୫୦ ସେକେଣ୍ଡ ରନିଂ କରିଥିବା ବେଳେ ସାବିଲା ଖାତୁନ ୧ମି ୫୦ ସେକେଣ୍ଡ ଓ ୧ ପଏଣ୍ଟ, ମନ୍ଦାକିନୀ ମାଝୀ ୫୦ ସେକେଣ୍ଡ ରନିଂ ଓ ୧ ପଏଣ୍ଟ, ସବନମ୍ ଖାତୁନ ୧ ମିନିଟ ୪୦ ସକେଣ୍ଡ ରନିଂ, ମଧୁସ୍ମିତା ଓଝା ୧ମି ୩୦ ସେ ଓ ୧ ପଏଣ୍ଟ, ମାଗାଇ ମାଝୀ ୧ ପଏଣ୍ଟ ହାସଲ କରିଛନ୍ତି ବୋଲି ଓଡ଼ିଶା ଖୋ ଖୋ ଆସୋସିଏସନର ରାଜ୍ୟ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ପ୍ରକାଶ କରିଛନ୍ତି। ଏହି ଦଳର ଅନ୍ୟ ଖେଳାଳି ହେଲେ ଆଶା ମାରାଣ୍ଡୀ, ପ୍ରିୟଙ୍କା ସିଂ, ଶିବାନୀ ଗମାଙ୍ଗୋ, ରିତା ବାରିକ, ଶୁଭଶ୍ରୀ ସିଂ, ଅର୍ଚ୍ଚନା ମାଝୀ। କୋଚ ପ୍ରଶାନ୍ତ ମଲ୍ଲିକ ଓ ମ୍ୟାନେଜର ଏଲିନା ଖୁଣ୍ଟିଆ ଦାୟିତ୍ୱ ନିର୍ବାହ କରିଥିଲେ। ଓଡିଶା ପୁରୁଷ ଦଳ ପ୍ରିକ୍ୱାଟରରେ ବିଦର୍ଭଠାରୁ ହାରି ନବମରେ ରହିଥିଲା।



“ବିଗ୍ ଥ୍ରୀ ବୋଲି କୁହାଯାଉଥିବା ତିନୋଟି ଦେଶ ଭାରତ, ଅଷ୍ଟ୍ରେଲିଆ ଓ ଇଂଲଣ୍ଡର କ୍ରିକେଟ ପ୍ରଶାସନରେ ଅଧିକ ପ୍ରାଧାନ୍ୟ ରହୁଛି, ତାହା ଠିକ ନୁହେଁ ।
–ଫାଫ୍ ଡୁ ପ୍ଲେସି, ଦକ୍ଷିଣ ଆଫ୍ରିକା କ୍ରିକେଟ ଅଧିନାୟକ



“କ୍ରିକେଟରେ ବେଳେ ବେଳେ ଜଣେ ଖେଳାଳି ନିଜ ଟେକ୍‌ନିକ୍ ଭୁଲିଯାଇଥାଏ। ଏହାକୁ ଫେରି ପାଇବାକୁ ହେଲେ ଲଢୁଆ ପ୍ରଦର୍ଶନର ଆବଶ୍ୟକତା ରହିଛି ।
–ମାର୍କ ବାଉଚର, ଦକ୍ଷିଣ ଆଫ୍ରିକା ମୁଖ୍ୟ କୋଚ୍

## ସଂକ୍ଷେପରେ

### ଡିଡିସିଏ ସଭାପତି ପାଇଁ ଗମ୍ଭୀର ଅଯୋଗ୍ୟ

**ନୂଆଦିଲ୍ଲୀ, ୩୦।୧୨ (ପି.ଟି.):** ଦିଲ୍ଲୀ ଆଣ୍ଡ୍ ଡିଷ୍ଟ୍ରିକ୍ଟ କ୍ରିକେଟ୍ ଆସୋସିଏଶନ (ଡିଡିସିଏ)ର ସଭାପତି ପଦ ପାଇଁ ନିର୍ବାଚନ ଜାନୁୟାରୀ ଶେଷ ଭାଗରେ ଅନୁଷ୍ଠିତ ହେବ ନାହିଁ। ଫେବୃୟାରୀରେ ଦିଲ୍ଲୀ ବିଧାନସଭା ନିର୍ବାଚନ ରହିଥିବାରୁ ଏହାପରେ ଡିଡିସିଏ ସଭାପତି ପଦ ପାଇଁ ନିର୍ବାଚନ ହେବ ବୋଲି ଜଣାପଡ଼ିଛି। ଏଥିସହ ସଭାପତି ପଦ ପାଇଁ ଚର୍ଚ୍ଚାରେ ରହିଥିବା ପୂର୍ବତନ କ୍ରିକେଟର୍ ଗୌତମ ଗମ୍ଭୀର ଲୋଧା କମିଟିର ନିୟମ ଅନୁଯାୟୀ ଅଯୋଗ୍ୟ ବୋଲି ଡିଡିସିଏ ପକ୍ଷରୁ ସ୍ପଷ୍ଟ କରାଯାଇଛି। ‘ସଭାପତି ପଦ ପାଇଁ ନିର୍ବାଚନକୁ ଘୁଞ୍ଚାଇବା ପାଇଁ ଅମ୍ବୁଡସମ୍ୟାନ ଦୀପକ ବର୍ମାଙ୍କୁ ଅନୁରୋଧ କରାଯାଇଛି। ଜାନୁୟାରୀ ଶେଷ ଭାଗରେ ନିର୍ବାଚନ ହେବାର ଥିଲା। କିନ୍ତୁ ଫେବୃୟାରୀରେ ହେବାକୁ ଥିବା ଦିଲ୍ଲୀ ବିଧାନସଭା ନିର୍ବାଚନ ପରେ ଏହାକୁ କରିବା ପାଇଁ ଅନୁରୋଧ କରାଯାଇଛି’ ବୋଲି ଡିଡିସିଏ ସାଧାରଣ ସମ୍ପାଦକ ବିନୋଦ ତିହାର କହିଛନ୍ତି। ଏଥିସହ ଗମ୍ଭୀରଙ୍କ ପାର୍ଥିବ୍ୟକୁ ନେଇ ବିନୋଦ କହିଛନ୍ତି, ଦିଲ୍ଲୀ କ୍ରିକେଟ୍‌ର ସେବା ପାଇଁ ତାଙ୍କୁ ଆମେ ସ୍ୱାଗତ କରୁଛୁ। କିନ୍ତୁ ଯେବେ ସେ ଏମ୍‌ପି ପଦ ଛାଡ଼ିବେ ତାହେଲେ ସଭାପତି ପାଇଁ ଯୋଗ୍ୟ ହେବେ। ଗତ ମାସରେ ରଜତ ଶର୍ମାଙ୍କ ଇସ୍ତଫା ପରେ ଡିଡିସିଏ ସଭାପତି ପଦ ଖାଲିପଡ଼ିଛି।

### ଦ୍ୱିତୀୟ ସ୍ଥାନରେ ହମ୍ପି

**ମସ୍କୋ, ୩୦।୧୨(ପି.ଟି.):** ଏଠାରେ ଚାଲିଥିବା ମହିଳା ବିଶ୍ୱ ରାପିଡ୍ ଓ ବ୍ଲିଜ୍ ଚେସ୍ ଚାମ୍ପିୟନଶିପ୍‌ରେ ଭାରତୀୟ ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପି ଦ୍ୱିତୀୟ ଟାଇଟଲ ଦୌଡ଼ରେ ରହିଛନ୍ତି। ପ୍ରଥମ ଦିବସରେ ସେ ଅନ୍ୟ ୩ ଖେଳାଳିଙ୍କ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୩୨ ବର୍ଷୀୟ ହମ୍ପି ଏହି ପ୍ରତିଯୋଗିତାରେ ଶନିବାର ରାପିଡ୍ ଟାଇଟଲ ଜିତିଥିଲେ। ଏହା ପରେ ସେ ଦୁଇଦିନିଆ ବ୍ଲିଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଏକଦା ସେ ଏଥିରେ ୫ ରାଉଣ୍ଡ ଗେମ୍ ଜିତି ଅନ୍ୟ ଖେଳାଳିଙ୍କ ସହ ୧ ନମ୍ବର ସ୍ଥାନରେ ରହିଥିଲେ। ପରବର୍ତ୍ତୀ ଦୁଇଟି ଗେମ୍‌କୁ ଡ୍ର ରଖିବା ପରେ ସେ ଅଷ୍ଟମ ଗେମ୍‌ରେ ମୋନିକା ସାକୋଙ୍କୁ ପରାସ୍ତ କରିଥିଲେ। ତେବେ ସେ ପ୍ରଥମ ଦିନର ଅଗ୍ରଣୀ ରୁଷିଆର କାଟେରିନା ଲାଗ୍‌ନୋଙ୍କଠାରୁ ନାଟକୀୟ ଢଙ୍ଗରେ ଫାଇନାଲ ରାଉଣ୍ଡରେ ପରାସ୍ତ ହୋଇଥିଲେ। ୨୦୧୮ରେ କାଟେରିନା ୯ରୁ ସର୍ବାଧିକ ୮ ପଏଣ୍ଟ ହାସଲ କରି ଟାଇଟଲ ଜିତିଥିଲେ।

# ୱିଜ୍‌ଡେନ ଟି୨୦ ଟିମ୍‌ରେ କୋହଲି

**ଲଣ୍ଡନ, ୩୦।୧୨(ପି.ଟି.)**

ଭାରତୀୟ ଅଧିନାୟକ ବିରାଟ କୋହଲି ଓ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଦଶନ୍ଧିର ୱିଜ୍‌ଡେନ ଟି୨୦ ଦଳରେ ସ୍ଥାନ ପାଇଛନ୍ତି। ତେବେ ମହେନ୍ଦ୍ର ସିଂ ଧୋନୀଙ୍କ ସମେତ ଅନ୍ୟ କୌଣସି ଭାରତୀୟ ଖେଳାଳି ଏହି ଦଳରେ ସ୍ଥାନ ପାଇନାହାନ୍ତି। ଅଷ୍ଟ୍ରେଲିଆ ସୀମିତ ଓଭର ଅଧିନାୟକ ଆରୋନ ଫିଞ୍ଚ୍ ଏହି ଦଳର ଅଧିନାୟକ ରୂପେ ନିଯୁକ୍ତ ହୋଇଛନ୍ତି। ସେହିପରି ଅନ୍ୟ ଦୁଇ ଅଷ୍ଟ୍ରେଲୀୟ ଖେଳାଳି ଶେନ ୱାଟସନ ଓ ଗ୍ଲେନ୍ ମ୍ୟାକ୍ସୱେଲଙ୍କୁ ମଧ୍ୟ ସ୍ଥାନ ମିଳିଛି। ଦୁଇ ଇଂଲଣ୍ଡ କ୍ରିକେଟର ଜୋସ ବଟଲର ଓ ଡେଭିଡ୍ ୱିଲି, ଦୁଇ ଆଫଗାନିସ୍ତାନ ଅଲ୍‌ରାଉଣ୍ଡର ମହମ୍ମଦ ନବୀ ଓ ରସିଦ ଖାଁ, ନ୍ୟୁଜିଲାଣ୍ଡର କଲିନ ମୁନ୍‌ରୋ ଓ ଶ୍ରୀଲଙ୍କାର ଲସିଥ ମାଲିଙ୍ଗା ମଧ୍ୟ ଏହି ଦଳରେ ସ୍ଥାନ ପାଇଛନ୍ତି। ଅନ୍ତର୍ଜାତୀୟ ଟି୨୦ରେ କୋହଲି ଅସାଧାରଣ ପ୍ରଦର୍ଶନ କରିଛନ୍ତି ବୋଲି ୱିଜଡେନ ତରଫରୁ କୁହାଯାଇଛି। କୋହଲିଙ୍କ ହାରାହାରି ରନ୍ ସଂଗ୍ରହ ୫୩ ରହିଛି। ଉଭୟ ପେସ୍ ଓ ସ୍ପିନ୍ ବିପକ୍ଷରେ କୋହଲିଙ୍କ ପ୍ରଦର୍ଶନ ବେଶ୍ ଉଚ୍ଚକୋଟୀର ରହିଆସିଛି। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ପରେ ସେ ୩ ନମ୍ବରରେ ବ୍ୟାଟିଂ କରି ସ୍ଥିତି ସମ୍ଭାଳିବା ସହ ଏକାଧିକବାର ଦଳକୁ ଜିତାଇଛନ୍ତି ବୋଲି ୱିଜ୍‌ଡେନ ୱେବ୍‌ସାଇଟ୍ ତରଫରୁ କୁହାଯାଇଛି।

କୋହଲି ମଧ୍ୟ ଦଶନ୍ଧିର ୱିଜ୍‌ଡେନ ଶ୍ରେଷ୍ଠ ୫ ଖେଳାଳିଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ଏହି ତାଲିକାରେ ଷ୍ଟିଭ୍ ସ୍ମିଥ୍, ଡେଲ୍ ଷ୍ଟେଇନ, ଏବି ଡିଭିଲର୍ସ ଓ ଏଲିସ ପେରୀ ସ୍ଥାନ ପାଇଛନ୍ତି। ସେହିପରି ଯଶପ୍ରୀତ ବୁମ୍‌ରା ମଧ୍ୟ ଦ୍ରୁତ ବୋଲିଂରେ ଅସାଧାରଣ ପ୍ରଦର୍ଶନ କରିଛନ୍ତି। ଟି୨୦ରେ ୫୧ଟି ଉଇକେଟ ନେବା ସହ ସେ ଅନ୍ତର୍ଜାତୀୟ କ୍ରିକେଟରେ ଏପର୍ଯ୍ୟନ୍ତ ୨୧୬ଟି ଉଇକେଟ ଅକ୍ତିଆର କରିଛନ୍ତି ବୋଲି ୱିଜ୍‌ଡେନ ତରଫରୁ କୁହାଯାଇଛି। ତେବେ ୨୦୦୭ରେ ନେତୃତ୍ୱ ନେଇଥିବା ଭାରତକୁ ପ୍ରଥମ ଟି୨୦ ବିଶ୍ୱକପ୍‌ରେ ଚାମ୍ପିୟନ କରାଇଥିବା ଧୋନୀଙ୍କୁ ଏହି ଦଳରେ ସ୍ଥାନ ମିଳିନାହିଁ।



ବିରାଟ କୋହଲି

**ସ୍ଥାନ ପାଇଲେନି ଧୋନୀ**

**ଦଶନ୍ଧିର ୱିଜ୍‌ଡେନ ଟି୨୦ ଦଳ**
ଆରୋନ ଫିଞ୍ଚ୍ (ଅଧିନାୟକ), କଲିନ ମୁନ୍‌ରୋ, ବିରାଟ କୋହଲି, ଶେନ୍ ୱାଟ୍‌ସନ, ଗ୍ଲେନ୍ ମ୍ୟାକ୍ସୱେଲ, ଜୋସ୍ ବଟଲର, ମହମ୍ମଦ ନବୀ, ଡେଭିଡ ୱିଲି, ରସିଦ ଖାଁ, ଯଶପ୍ରୀତ ବୁମ୍‌ରା ଓ ଲସିଥ ମାଲିଙ୍ଗା।

### ସିରିଜ୍ ଜିତିଲା ଭାରତ

**ଜୋହାନ୍ସବର୍ଗ, ୩୦।୧୨:** ଦକ୍ଷିଣ ଆଫ୍ରିକା ଗସ୍ତରେ ଯାଇଥିବା ଭାରତୀୟ ୧୯ ବର୍ଷରୁ କମ୍ କ୍ରିକେଟ୍ ଦଳ ଏହାର ଅନ୍ତିମ ତଥା ୩ୟ ଦିନିକିଆ ମ୍ୟାଚ୍‌ରେ ପରାସ୍ତ ହୋଇଛି। ପରାଜୟ ସତ୍ତ୍ୱେ ଭାରତୀୟ ଯୁବ ଦଳ ୨–୧ରେ ସିରିଜ ଜିତିଛି। ପୂର୍ବରୁ ଭାରତ ପ୍ରଥମ ଓ ୨ୟ ଦିନିକିଆକୁ ଯଥାକ୍ରମେ ୯ ଓ ୮ ଉଇକେଟ୍‌ରେ ଜିତି ସିରିଜ କବ୍‌ଜା କରିସାରିଥିଲା। ୩ୟ ଦିନିକିଆରେ ଘରୋଇ ଦକ୍ଷିଣ ଆଫ୍ରିକା ୧୯ ବର୍ଷରୁ କମ୍ ଦଳ ୫ ଉଇକେଟ୍‌ରେ ଭାରତକୁ ପରାସ୍ତ କରିଛି।


**29th Birthday Wish**



Saraswati Shing
Many many happy returns of the day. Wish you an auspicious
HAPPY BIRTH DAY
With best wishes from:
Surendra Biswal, Sukanti Biswal, Tiki Shing, Suna Shing, Samasir Shing, Krishna Shing.
D-15993


### ଅଷ୍ଟ୍ରେଲିଆ ଦିନିକିଆ ଦଳରେ ଶର୍ଟ

**ମେଲବୋର୍ନ, ୩୦।୧୨ (ପି.ଟି.):** ଆଗାମୀ ଭାରତ ଗସ୍ତ ପାଇଁ ଅଷ୍ଟ୍ରେଲିଆ ଦିନିକିଆ ଦଳ ଘୋଷିତ ହୋଇଛି। ଆହତ ହୋଇଥିବା ଦ୍ରୁତ ବୋଲର ସିନ ଆବୋଟଙ୍କ ବଦଳରେ ବିସ୍ଫୋରକ ଓପନିଂ ଅଲରାଉଣ୍ଡର ଡ'ଆର୍କି ଶର୍ଟଙ୍କୁ ଦଳରେ ସାମିଲ କରାଯାଇଛି। ଜାନୁୟାରୀ ୧୪ରେ ଅଷ୍ଟ୍ରେଲିଆ ଭାରତ ଗସ୍ତ ଆରମ୍ଭ କରିବ ଓ ଏହି ଦିନ ମୁମ୍ବାଇରେ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳାଯିବ। ସେହିପରି ଦ୍ୱିତୀୟ ଦିନିକିଆ ରାଜକୋଟରେ ୧୭ ତାରିଖରେ ଓ ତୃତୀୟ ଦିନିକିଆ ୧୯ ତାରିଖରେ ବେଙ୍ଗାଲୁରୁରେ ଆୟୋଜନ ହେବ। ଅଷ୍ଟ୍ରେଲିଆ ଦଳରେ ପୂର୍ବରୁ ମିଚେଲ ଷ୍ଟାର୍କ, ପ୍ୟାଟ କୁମିନ୍ସ, ଜୋଶ ହାଜେଲଉଡ ଓ କେନ୍ ରିଚାର୍ଡସନଙ୍କ ଭଳି ଆଗଧାଡ଼ିର ବୋଲର ସାମିଲ ରହିଛନ୍ତି। ଶର୍ଟ ଜଣେ ବିଗ୍ ହିଟିଂ ବ୍ୟାଟ୍ସମ୍ୟାନ ସହିତ ଭଲ ଲେଗ୍ ସ୍ପିନ୍ ମଧ୍ୟ ବୋଲିଂ କରିଥାନ୍ତି। ଅଷ୍ଟ୍ରେଲିଆ ପାଇଁ ଶର୍ଟ ୪ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ୨୬.୬୬ ରନ ହାରରେ ସେ ୮୩ ରନ ସଂଗ୍ରହ କରିଛନ୍ତି। ସେ ମିଡଲଅର୍ଡରେ ବ୍ୟାଟିଂ କରିବେ ବୋଲି ଆଶା କରାଯାଉଛି। ଶେଷଥର ପାଇଁ ଅଷ୍ଟ୍ରେଲିଆ ୨୦୧୯ ବିଶ୍ୱକପ୍ ପୂର୍ବରୁ ଦିନିକିଆ ଖେଳିବାକୁ ଭାରତ ଗସ୍ତ କରିଥିଲା। ୨–୦ ପଛରେ ପଡିଥିଲେ ମଧ୍ୟ ପ୍ରତ୍ୟାବର୍ତ୍ତନ କରି ଅଷ୍ଟ୍ରେଲିଆ ୩–୨ରେ ସିରିଜ ହାତେଇଥିଲା। ବଲ ଟ୍ୟାମ୍ପରିଂ ଘଟଣା ପରେ ୱାର୍ନର ଓ ଷ୍ଟିଭ ସ୍ମିଥ୍ ପ୍ରଥମ ଥର ପାଇଁ ଭାରତ ଗସ୍ତରେ ଆସିବେ।



**ଘୋଷିତ ଦଳ**
ଆରୋନ ଫିଞ୍ଚ୍ (ଅଧିନାୟକ), ଡି'ଆର୍କି ଶର୍ଟ, ଆଷ୍ଟନ ଅଗର, ଆଲେକ୍ସ କାରେ (ଉଇକେଟକିପର), ପ୍ୟାଟ୍ କୁମିନ୍ସ, ପିଟର ହ୍ୟାଣ୍ଡ୍ସକମ୍ବ, ଜୋଶ ହାଜେଲଉଡ, ମାର୍ନସ ଲାବୁସେନ, କେନ ରିଚାର୍ଡସନ, ଷ୍ଟିଭେନ ସ୍ମିଥ୍, ମିଚେଲ ଷ୍ଟାର୍କ, ଆଷ୍ଟନ ଟର୍ନର, ଡେଭିଡ ୱାର୍ନର ଓ ଆଡାମ ଜାମ୍ପା।

**ଦିନିକିଆ କାର୍ଯ୍ୟସୂଚୀ**
**ପ୍ରଥମ ଦିନିକିଆ:** ଜାନୁୟାରୀ ୧୪(ମୁମ୍ବାଇ)
**ଦ୍ୱିତୀୟ ଦିନିକିଆ:** ଜାନୁୟାରୀ ୧୭ (ରାଜକୋଟ)
**ତୃତୀୟ ଦିନିକିଆ:** ଜାନୁୟାରୀ ୧୯ (ବେଙ୍ଗାଲୁରୁ)

# ଛିନ୍ଦେଇକେଲା କ୍ରିକେଟ: ରାଇଜିଂ ଷ୍ଟୁଡେଣ୍ଟ ଚାମ୍ପିୟନ

**ପାଇକମାଲ, ୩୦।୧୨ (ଡି.ଏନ.ଏ)**

ବରଗଡ଼ ଜିଲା ପାଇକମାଲ ବ୍ଲକ ଛିନ୍ଦେଇକେଲା ଚନ୍ଦ୍ରଶେଖର ମିନି ଷ୍ଟାଡିୟମରେ ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ୍ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ଓ ରାଇଜିଂ ଷ୍ଟୁଡେଣ୍ଟ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟ ଦଳ ଇଷ୍ଟକୋଷ୍ଟ ରେଲୱେକୁ ହରାଇ ଚାମ୍ପିୟନ ହୋଇଛି। କଟକ ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୬୨ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ କ୍ଷମାସାଗର ବଳ ୩୦ ବଲ୍‌ରେ ୬୨ରନ୍, ହରଷିତ ରାଠୋର ୨୮ ବଲରେ ୪୯ରନ୍, ସୌଭାଗ୍ୟ ମିଶ୍ର ୧୮ବଲ୍‌ରେ ୧୨ରନ୍ କରିଥିଲେ। ଖୋର୍ଦ୍ଧାର ଆଲୋକ ମଙ୍ଗରାଜ ୫ଓଭରରେ ୩ ଉଇକେଟ୍, ଲମ୍ବଜିତ ସାମଲ ଓ ମଳୟ ଜେନା ୫ ଓଭର ଲେଖାଏ ବୋଲିଂ କରି ୨ ଉଇକେଟ ଅକ୍ତିଆର କରିଥିଲେ। ୧୬୩ରନ୍ ବିଜୟ ଲକ୍ଷ୍ୟ ନେଇ ଖୋର୍ଦ୍ଧା ଦଳ ସମସ୍ତ ଉଇକେଟ ହରାଇ ୭୬ରନ୍ କରିଥିଲା। ଦଳର ସନ୍ଦିପ ମୂଳିଆ ୨୬ ଓ କାମେଶ୍ୱର ବାରିକ ୧୬ରନ୍ କରିଥିଲେ। ଫଳରେ ରାଇଜିଂ ଷ୍ଟୁଡେଣ୍ଟ କଟକ ଖୋର୍ଦ୍ଧାକୁ ୮୬ରନ୍‌ରେ ହରାଇ ଚାମ୍ପିୟନ ହୋଇଥିଲା। କଟକର କ୍ଷମାସାଗର ବଳ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ଖୋର୍ଦ୍ଧାର ପ୍ରଶାନ୍ତ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ପୁରସ୍କୃତ କରାଯାଇଥିଲା । ଅମ୍ପେୟାର ମହେଶ ମୁନ୍‌ସୀ ଓ ସଚ୍ଚିଦାନନ୍ଦ ପଣ୍ଡା ଖେଳ ପରିଚାଳନା କରିଥିଲେ। ପ୍ରମୋଦ ଦାସ ଓ ଆକାଶ ସାହୁ ସ୍କୋରର ଥିବାବେଳେ ରମେଶ ଚନ୍ଦ୍ର ସାହୁ, ପତିତପାବନ ସାହୁ ଓ ପ୍ରହ୍ଲାଦ ଭୋଇ ଧାରା ବିବରଣୀ ପ୍ରଦାନ କରିଥିଲେ। ଧନିରାମ ପିଞ୍ଜରା ଅତିଥି ଭାବେ ଯୋଗଦେଇ ଆଜିର ଫାଇନାଲ୍ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୬୧ହଜାର ଟଙ୍କା ଓ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରନର୍ସ ଦଳକୁ ଟ୍ରଫି ସହ ୪୧ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ। ବରଗଡ଼ ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡଙ୍ଗୀ, ଡ. ଲଳିତ କୁମାର ସାହୁ, ଅଶୋକ ଜିନ୍ଦଲ, ପ୍ରଦୀପ୍ତ ସାହୁ, ସୁମିତ ଅଗ୍ରୱାଲ, ସରପଞ୍ଚ ରାମଚନ୍ଦ୍ର ସାହୁ, ମାନସ ରଞ୍ଜନ ନାଏକ, ଆୟୁଷ ଅଗ୍ରୱାଲ, ଅରୂପା ସାହୁ, ପ୍ରିତେଶ ବହିଦାର, ସୌଦାଗର ସାହୁ ପ୍ରମୁଖ ମଞ୍ଚାସୀନ ଅତିଥି ଥିଲେ। ଶେଷରେ କ୍ଲବର ସଭାପତି ପ୍ରଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ମୁଖ୍ୟଅତିଥି ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

# ୪ ଦିନିଆ ଟେଷ୍ଟ ବିଚାରାଧୀନ

**ମେଲବୋର୍ନ, ୩୦।୧୨ (ପି.ଟି.):** ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଅଂଶ ବିଶେଷ ସ୍ୱରୂପ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ୨୦୨୩ରୁ ୪ ଦିନିଆ ଟେଷ୍ଟ ମ୍ୟାଚ ବାଧ୍ୟତାମୂଳକ କରିପାରେ। ଏ ନେଇ ବିଚାର ବିମର୍ଶ ଚାଲିଛି। ଖେଳସୂଚୀର ବୋଝ ହାଲ୍‌କା କରିବା ଏହାର ମୂଳ ଉଦ୍ଦେଶ୍ୟ। ୨୦୨୩ରୁ ୨୦୩୧ ପର୍ଯ୍ୟନ୍ତ ଟେଷ୍ଟ ମ୍ୟାଚକୁ ୫ ଦିନିଆ ପରିବର୍ତ୍ତେ ୪ ଦିନିଆ କରିବା ଲାଗି ହୋଇଥିବା ପ୍ରସ୍ତାବର ଆଇସିସି କ୍ରିକେଟ କମିଟି ବିଚାର କରିଦେଖିବ। ଆଇସିସି ଅଧିକ ସଂଖ୍ୟାରେ ଗ୍ଲୋବାଲ ଇଭେଣ୍ଟ କରିବାକୁ ଚାହୁଁଛି। ୪ ଦିନିଆ ଟେଷ୍ଟ ମ୍ୟାଚ ଏକ ନୂଆ ବିଚାରାଧାରା ନୁହେଁ। ଚଳିତ ବର୍ଷ ଆରମ୍ଭରେ ଇଂଲଣ୍ଡ ଓ ଆୟର୍ଲାଣ୍ଡ ମଧ୍ୟରେ ଏହା ଖେଳାଯାଇଛି। ୨୦୧୭ରେ ଦକ୍ଷିଣ ଆଫ୍ରିକା ଓ ଜିମ୍ବାୱେ ମଧ୍ୟରେ ମଧ୍ୟ ୪ ଦିନିଆ ଟେଷ୍ଟ ଅନୁଷ୍ଠିତ ହୋଇଛି। କ୍ରିକେଟ ଅଷ୍ଟ୍ରେଲିଆ ମୁଖ୍ୟ କେଭିନ ରବର୍ଟ୍ସ ୪ ଦିନିଆ ଟେଷ୍ଟ ସପକ୍ଷରେ ମତବ୍ୟକ୍ତ କରିଛନ୍ତି। କିନ୍ତୁ ଅଷ୍ଟ୍ରେଲିଆ ଅଧିନାୟକ ଟିମ୍ ପେନ୍ ୫ ଦିନିଆ ଟେଷ୍ଟକୁ ପସନ୍ଦ କରୁଛନ୍ତି। ଟେଷ୍ଟ କ୍ରିକେଟରେ ଜଣେ ଖେଳାଳିଙ୍କୁ ଉଭୟ ଶାରୀରିକ ଓ ମାନସିକ ଭାବେ ସୁଦୃଢ ହେବାକୁ ପଡ଼ିବ।

# ଇଂଲଣ୍ଡ ଦଳର ସଦ୍ୟ ଅସୁସ୍ଥ ଖେଳାଳି ସିବ୍‌ଲି

**ସେଞ୍ଚୁରୀଅନ୍, ୩୦।୧୨ (ଏଏଫ୍‌ପି):** ଦକ୍ଷିଣ ଆଫ୍ରିକା ଟୁର୍‌ରେ ଥିବା ଇଂଲଣ୍ଡ କ୍ରିକେଟ ଦଳର ଆଉ ଜଣେ ଖେଳାଳି ଓପନିଂ ବ୍ୟାଟ୍ସମ୍ୟାନ ଡୋମିନିକ୍ ସିବ୍‌ଲି ଅସୁସ୍ଥ ହୋଇ ପଡ଼ିଛନ୍ତି। ଦଳର ଜଣେ ମୁଖପାତ୍ର ସୋମବାର ଏକଥା ପ୍ରକାଶ କରିଛନ୍ତି। ଚଳିତ ମାସ ପ୍ରାରମ୍ଭରେ ଦକ୍ଷିଣ ଆଫ୍ରିକାରେ ପହଞ୍ଚିବା ପରେ ବୃତ୍ତାନ୍ତ ଏକାଦଶର ସମସ୍ତ ଖେଳାଳିଙ୍କ ବ୍ୟତୀତ ୬ ଜଣ ସପୋର୍ଟ ଷ୍ଟାଫ୍ କେତେବେଳେ କେମିତି ଅସୁସ୍ଥତାର ଶିକାର ହୋଇଛନ୍ତି। ସେଞ୍ଚୁରିଅନ୍‌ରେ ରବିବାର ଶେଷ ହୋଇଥିବା ପ୍ରଥମ ଟେଷ୍ଟ ମ୍ୟାଚ ପାଇଁ କ୍ରିସ୍ ଓକ୍ସ ଏବଂ ଜ୍ୟାକ୍ ଲିଚ୍ ଉପଲବ୍ଧ ନ ଥିଲେ। ଇଂଲଣ୍ଡ ଦଳ ମଙ୍ଗଳବାର କେପ୍ ଟାଉନ୍ ଗସ୍ତ କରିବ। ସେଠାରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ ଶୁକ୍ରବାରଠାରୁ ଖେଳାଯିବ।

# ହୃଦ୍‌ଘାତ ଯୋଗୁ ଫୁଟ୍‌ବଲରଙ୍କ ମୃତ୍ୟୁ

**ମାଲାପୁରମ (କେରଳ), ୩୦।୧୨ (ପି.ଟି.)**

କେରଳର ପରିଣ୍ଟାଲ୍‌ମାନାଠାରେ ଏକ ମ୍ୟାଚ ଖେଳୁଥିବାବେଳେ ଫୁଟ୍‌ବଲର ଧନରାଜନ ରାଧାକ୍ରିଷ୍ଣନଙ୍କର ହୃଦ୍‌ଘାତରେ ପ୍ରାଣହାନୀ ଘଟିଛି। ରବିବାର ସନ୍ଧ୍ୟାରେ ଏଫ୍‌ସିସ ପରିଣ୍ଟାଲମାନ୍ନା ତରଫରୁ ସାସ୍ଥା ମେଡିକାଲ୍ସ ଏଫ୍‌ସି ତ୍ରିସୂର ବିପକ୍ଷ ସେଭେନ୍ସ ଟୁର୍ନାମେଣ୍ଟ (ସେଭେନ–ଏ ସାଇଡ୍) ମ୍ୟାଚ ଖେଳୁଥିବାବେଳେ ଏହି ଡିଫେଣ୍ଡର ଜଣଙ୍କ ପଡ଼ିଆ ମଝିରେ ଆକସ୍ମିକ ସଂଜ୍ଞାହୀନ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୩୯ବର୍ଷୀୟ ଧନରାଜନଙ୍କ ସେଠାରେ ରାତି ୧୦ଟା ୨୦ରେ ମୃତ୍ୟୁ ଘଟିଥିଲା। ଖବର ଅନୁସାରେ ମ୍ୟାଚର ୨୭ତମ ମିନିଟ୍‌ରେ ସେ ତାଙ୍କ ବାମହାତ ଉପରକୁ ଟେକିଥିବା ଅବସ୍ଥାରେ ବେହୋସ୍ ହୋଇପଡ଼ିଥିଲେ। ଧନରାଜନ ଚିରାଗ ୟୁନାଇଟେଡ କ୍ଲବରେ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ। ସେ ୧୧ ବର୍ଷ ଧରି ପ୍ରଫେଶନାଲ ଫୁଟ୍‌ବଲ ଖେଳିଥିଲେ। ମୋହନବାଗାନ ଓ ଇଷ୍ଟବେଙ୍ଗଲ ବ୍ୟତୀତ ସେ ୨୦୧୨–୧୪ରେ ମହମ୍ମଡ଼ାନ ସ୍ପୋର୍ଟିଂ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ସେ ଆହୁରି ମଧ୍ୟ ସନ୍ତୋଷ ଟ୍ରଫିରେ ବେଙ୍ଗଲ ତରଫରୁ ଖେଳିଛନ୍ତି। ତାଙ୍କ ଦେହାନ୍ତରେ ସର୍ବ ଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ତରଫରୁ ଶୋକ ପ୍ରକାଶ କରାଯାଇଛି। ସମଗ୍ର ବିଶ୍ୱରେ ସେଭେନ୍ସ ଟୁର୍ନାମେଣ୍ଟ କ୍ରମେ ଲୋକପ୍ରିୟ ହେବାରେ ଲାଗିଛି। ଅଲ୍ କେରଳ ସେଭେନ୍ସ ଫୁଟ୍‌ଲ ଆସୋସିଏଶନ ତରଫରୁ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିଲା। ଧନରାଜନ ମିଡ୍ ଫିଲ୍ଡର ଡେନସନ ଦେବଦାସଙ୍କ ସହିତ ୨୦୦୪ରେ କୋଲକାତା ଆସିଥିଲେ। ସେ ପ୍ରଥମେ ୟୁନାଇଟେଡ ସ୍ପୋର୍ଟ୍ସ କ୍ଲବ (ପରେ ଚିରାଗ ୟୁନାଇଟେଡ ନାମରେ ନାମିତ) ତରଫରୁ ଖେଳିଥିଲେ।

## ରାଜ୍ୟସ୍ତରୀୟ ତିଳେଶ୍ୱର କପ୍ ଫୁଟବଲ

# ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାକୁ ଟାଇଟଲ




ଅତିଥିଙ୍କ ସହ ଚାମ୍ପିୟନ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ଖେଳାଳିମାନେ।

**ପୁରୁଣାକଟକ,୩୦।୧୨(ଡି.ଏନ.ଏ.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତିଳେଶ୍ୱରଠାରେ ୭ଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ ତିଳେଶ୍ୱର କପ୍ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ଫାଇନାଲ ଖେଳ ବରଗଡ ୟୁନାଇଟେଡ୍ ସ୍ପୋର୍ଟିଂ ବନାମ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ନୂଆପଡା ମଧ୍ୟରେ ହୋଇଥିଲା । ସଂଘର୍ଷପୂର୍ଣ୍ଣ ମ୍ୟାଚର ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ମହିନ୍ଦ୍ରା ଦଳ ୧୧-୧୦ ଗୋଲରେ ବରଗଡକୁ ହରାଇ ବଜାର ଆସୋସିଏଶନ ଓ ଫ୍ରେଣ୍ଡସ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ୧୯ତମ ତିଳେଶ୍ୱର କପ୍‌ର ଚାମ୍ପିୟନ ହୋଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବୌଦ୍ଧ ବିଧାୟକ ପ୍ରଦୀପ ଅମାତ୍, ସମ୍ମାନିତ ଅତିଥି ଯୁବନେତା ବିଶ୍ୱଜିତ୍ ପ୍ରଧାନ ଯୋଗଦେଇ ଚାମ୍ପିୟନ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଓ ରନର୍ସ ଅପ ବରଗଡ ୟୁନାଇଟେଡ୍ ସ୍ପୋର୍ଟିଂକୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ଆସୋସିଏଶନ ଉପଦେଷ୍ଟା ମଣ୍ଡଳୀର ସନତ୍ କୁମାର ବିଶି, ସୁରେନ୍ଦ୍ର ପ୍ରଧାନ, ଶ୍ୟାମ ସୁନ୍ଦର ମେହେର, ଲବ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଶ୍ୟାମସୁନ୍ଦର ଶାହା ଖେଳ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସହଯୋଗ କରିଥିଲେ ସୁନୀଲ କୁମାର ବେହେରା, ସରୋଜ କୁମାର ମୁନି, ସତ୍ୟନାରାୟଣ ମୁଖୀ, ରଞ୍ଜନ ଯୋଶୀ । ଆସୋସିଏଶନ ସଭାପତି ଅର୍ଜୁନ ପ୍ରଧାନ, ସମ୍ପାଦକ ସଞ୍ଜୟ ବେହେରା, କ୍ୟାଶିୟର ଶୁଭ୍ରଜିତ ପ୍ରଧାନ ଓ ସମସ୍ତ ସଦସ୍ୟ ଟୁର୍ନାମେଣ୍ଟର ସଫଳ ସମାପନରେ ସହଯୋଗ କରିଥିଲେ । ଅତିଥିଙ୍କ ସହ ଚାମ୍ପିୟନ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ଖେଳାଳିମାନେ।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



✓ଡ଼ଃ ଶରତ ଚନ୍ଦ୍ର ମିଶ୍ର
(ଭେଟେରୀନାରି ପ୍ରଫେସର ଓ ଡ଼ିନ୍ ଏକ୍ସଟେନ୍‌ସନ୍ ଏଜୁକେସନ୍, ଓୟୁଏଟି)
ଆବିର୍ଭାବ : ୧୫.୦୯.୧୯୪୮
ତିରୋଧାନ : ୨୧.୧୨.୨୦୧୯
ହେ ଅମରାତ୍ମା! ତୁମର ଏକାଦଶ ଦିବସରେ ତୁମପ୍ରତି ଆମ୍ଭର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି । ତୁମର ନୀତି, ଆଦର୍ଶ, କାର୍ଯ୍ୟଦକ୍ଷତା, ସାହସ ଓ ପରୋପକାରିତା ଆମ୍ଭର ମାର୍ଗଦର୍ଶକ ହୋଇ ରହିଥାଉ । ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ବିନମ୍ର ନିବେଦନ ଜଣାଉଛୁ ।
॥ଇତି॥ ଶୋକସନ୍ତପ୍ତ
ସ୍ତ୍ରୀ-ରେଣୁବାଳା, ବଡ଼ପୁଅ- ଜିତେନ୍ଦ୍ର (ଜିତନ୍), ସାନପୁଅ- ଧର୍ମେନ୍ଦ୍ର (ପପୁନି) ଝିଅ- ବିଦ୍ୟୁତ୍‌ଲତା (ମମିନା), ଜ୍ୱାଇଁ- ପ୍ରଦୀପ୍ତ (ଟୁଟୁ), ବୋହୂ- ସଂଗୀତା (ମାନୀ), ସାଗତିକା (ଲୋନୀ), ନାତି- ସାର୍ଥକ (ଚୁନୁ), ବୃହନ୍ (ଗୁଡୁ), ଦୈବିକ୍ (ଦିପୁ), ନାତୁଣୀ- ସୁମନ୍ ସୁପ୍ରିତି (ସୁମନ୍) ଏବଂ ବନ୍ଧୁ ଓ ପରିବାର ବର୍ଗ
ଧ-୬୮୯୪୫

**ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ନିରୋଜ କୁମାର ସାମଲ
(କୁନିଆ)
ଜଗନ୍ନାଥବିହାର, ବରମୁଣ୍ଡା, ଭୁବନେଶ୍ୱର
ତିରୋଧାନ: ୩୧।୧୨।୨୦୦୪
କୁନିଆ, ତୁ ଯିବାର ୧୫ବର୍ଷ ବିତିଗଲା। ବଦଳିଗଲା ଦୁନିଆ, ବଦଳିଗଲା ଅନେକ କିଛି, କିନ୍ତୁ ବଦଳିନି ତୋର ସ୍ମୃତି ଓ ହସହସ ମୁହଁ। ତୋର ସ୍ମୃତି ପ୍ରତିକ୍ଷଣରେ ନାଚୁଛି। ଲାଗୁଛି ତୁ ଏଇଠି ଅଛୁ। ତୁ ଯେଉଁଠି ଥା ଶାନ୍ତିରେ ଥା। ଭଗବାନ ତୋ ଅମର ଆତ୍ମାକୁ ସର୍ବଦା ଶାନ୍ତିରେ ରଖନ୍ତୁ ଏତିକି ପ୍ରଭୁଙ୍କଠାରେ ପ୍ରାର୍ଥନା। ଶୋକସନ୍ତପ୍ତ: ବୋଉ- ଲକ୍ଷ୍ମୀପ୍ରିୟା, ନନା- ସରୋଜ, ମନୋଜ, ଭାଉଜ- ଅର୍ଚ୍ଚନା, ସୁଚରିତା, ଭଉଣୀ- ଝରଣା, ମାତ୍ସୀ ମନସ୍ୱୀତା, ପ୍ରଜ୍ଞା, ଭିଣୋଇ- ପ୍ରଶାନ୍ତ, ଅଶୋକ, ଜ୍ୟୋତି, ପୁତୁରା- ଅରବିନ୍ଦ, ଅଂଶୁମାନ, ଭଣଜା- ଅର୍ପଣ, ଝିଆରୀ- ଆକାଂକ୍ଷା, ଐଶ୍ୱର୍ଯ୍ୟା, ଭାଣିଜୀ- ସ୍ୱାତୀ, ଶ୍ରେଷ୍ଠା।
ଧ-୧୫୯୮୭

**୧୧ତମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ପ୍ରିୟଦର୍ଶିନୀ ମିଶ୍ର (ଟୁଇଁ)
ଖୁଣ୍ଟିଆ କଲୋନୀ, ପୁରୀ ଟାଉନ୍
ଆବିର୍ଭାବ: ୧୭।୦୧।୨୦୦୧
ତିରୋଧାନ: ୩୧।୧୨।୨୦୦୮
ତୋର ଅନୁପସ୍ଥିତି ଆମ୍ଭେ ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୋର ଆତ୍ମାର ସଦ୍‌ଗତି ନିମନ୍ତେ ଅଖିଳ ବ୍ରହ୍ମାଣ୍ଡ ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ:
ମାଆ, ନନା, ବୋଉ, ନାନୀ,
ଧ-୬୯୦୦୫

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତା ରଞ୍ଜିତା ସିଂହ
ଗ୍ରାମ: ଗୁରୁଜଙ୍ଗ, ଜିଲ୍ଲା: ଖୋର୍ଦ୍ଧା
ତିରୋଧାନ: ୨୧।୧୨।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ:
ହତଭାଗା ପୁଅ: ବାବୁଲୁ, ଝିଅ: ରୁନା, ଟୁନି, କୁନି, ଜ୍ୱାଇଁ: ଅରୁ, କୁନା, ହରି, ନାତି: ତୋଫୁ, ସିପୁନ, ଗୁଗୁ, ନାତୁଣୀ: ଶ୍ରୀୟା, ବନ୍ଧୁ ଓ ପରିବାରବର୍ଗ ।
ଧ-୧୫୯୯୨

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



✓କାହ୍ନୁ ଚରଣ ଶତପଥୀ
ଉତ୍ତର ମଧୁବନ କୁଞ୍ଜକାନ୍ତ, ଢେଙ୍କାନାଳ
ଆବିର୍ଭାବ : ୨୫.୦୧.୧୯୩୫
ତିରୋଧାନ : ୨୧.୧୨.୨୦୧୯
ଜାତସ୍ୟ ହି ଧ୍ରୁବୋ ମୃତ୍ୟୁ ଧ୍ରୁବଂ ଜନ୍ମ ମୃତସ୍ୟ ଚ, ତସ୍ମାତ ପରିହାର୍ଯ୍ୟର୍ଥେ ନ ତ୍ୱଂ ଶୋଚିତୁମର୍ହସି ।
ତୁମ ଆଦର୍ଶ, ସରଳ ନିଷ୍କପଟ ଜୀବନଚର୍ଯ୍ୟା, କର୍ତ୍ତବ୍ୟ ପରାୟଣତା ଓ ମାର୍ଗଦର୍ଶନ ଆମ ପାଇଁ ଅଭୁଲା ସ୍ମୃତି ହୋଇ ରହିବ । ତୁମ ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ପ୍ରାର୍ଥନା ।
ଶୋକସନ୍ତପ୍ତ : ହତଭାଗିନୀ ପତ୍ନୀ-ଜ୍ୟୋତ୍ସ୍ନାମୟୀ, ପୁଅ/ବୋହୂ,ଝିଅ/ଜ୍ୱାଇଁ, ନାତି/ନାତୁଣୀ ଏବଂ ଜ୍ଞାତିକୁଟୁମ୍ବ, ବନ୍ଧୁବାନ୍ଧବ ଓ ଆତ୍ମୀୟ ସ୍ୱଜନ
ଧ-୧୫୯୯୧

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଡିସେମ୍ବର ୩୧/୨୦୧୯ Sambalpur, Tuesday, December 31 / 2019

### ■ ସର୍ବଭାରତୀୟ ଲୁତୁରପଙ୍କ କ୍ରିକେଟ କପ୍

# କରିମ୍ ଏକାଡେମୀ ନାଗପୁର ଚାମ୍ପିୟନ

ଅମରପାଲି, ୩୦।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁତୁରପଙ୍କ ହାଇସ୍କୁଲ ପଡ଼ିଆରେ ଚାଲିଥିବା ୨୪ତମ ସର୍ବଭାରତୀୟ ଜୟ ଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପ୍ ଫାଇନାଲରେ ସୋଲାର କ୍ରିକେଟ କ୍ଲବ କଟକକୁ ହରାଇ କରିମ ଏକାଡେମୀ ନାଗପୁର ଚାମ୍ପିୟନ ହୋଇଛି। ଫାଇନାଲ ଖେଳ ଟି-୨୦ ଓ ଟି-୧୦ ଫର୍ମାଟରେ ହୋଇଥିଲା। ନାଗପୁର ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୭୨ରନ୍ କରିଥିଲା। ଦଳର ଏମ.ଡି. ଉମର ୩୯, ଅଶ୍ୱିନୀ ସିଂ ୩୦ ଓ ଅତୁଲ ଶ୍ରୀବାସ୍ତବ ୨୩ ରନ୍ କରିଥିଲେ। କଟକର ତାପସ ଓ କମଲ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସୋଲାର କଟକ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୩୬ ରନ୍ କରିଥିଲା। ଦଳର ପ୍ରଦୀପ ଦାଶ ୫୦ ଓ ଆଦିତ୍ୟ ଓଝା ୨୨ ରନ୍ କରିଥିଲେ। ନାଗପୁରର ଏମ୍.ଡି. ଉମର ୩ ଓ ରାମଚନ୍ଦ୍ର ୨ଟି ଉଇକେଟ ନେଇଥିଲେ। ଫଳରେ ଟି-୨୦ ମ୍ୟାଚ୍‌ରେ ନାଗପୁର ବିଜୟୀ ହୋଇଥିଲା। ପରେ ଖେଳାଯାଇଥିବା ଟି-୧୦ ମ୍ୟାଚ୍‌ରେ ନାଗପୁର ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୮୦ ରନ୍ କରିଥିଲା। ଦଳର ଅତୁଲ ଶ୍ରୀବାସ୍ତବ ୨୩ ଓ ଶୈଳେଶ ୨୨ ରନ୍ କରିଥିଲେ। କଟକର ତାପସ ଓ ପ୍ରଦୀପ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ କଟକ ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରାଇ ୭୮ ରନ୍ କରିଥିଲା। ଦଳର ଶ୍ରୀହରି ୧୨ ଓ ମନିସ ୧୫ ରନ୍ କରିଥିଲେ। ବିପକ୍ଷ ରାମଚନ୍ଦ୍ର ୩ଟି ଉଇକେଟ ନେଇଥିଲେ। ଉଭୟ ଫର୍ମାଟରେ ବିଜୟୀ ହୋଇ ନାଗପୁର ୨-୦ରେ ଚାମ୍ପିୟନ ହୋଇଥିଲା। କ୍ଲବ ସଭାପତି ସୁଧୀର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ସନ୍ତୋଷ ଭୋଇ, ବିଡିସିସି ସଭାପତି ଲକ୍ଷ୍ମଣ ମେହେର, ଜିଲା ପରିଷଦ ସଭ୍ୟା ଗାୟତ୍ରୀ ପାଣିଗ୍ରାହୀ, ସମିତି ସଭ୍ୟ ଲବ କୁମାର ସାହୁ, ସରପଞ୍ଚ ସୁଜାତା ସାହୁ, ରୀନା ପୁଟା, ଆଶା ସାହୁ, ରବୀନ୍ଦ୍ର ହୋତା ଓ ରାମଶଙ୍କର ସାହୁ, ଶୈଳରଞ୍ଜନ ବାଦୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ନାଗପୁରର ଏମ.ଡି. ଉମରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ସନ୍ଦୀପ ଭାରତୀଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ଭାବେ ପୁରସ୍କୃତ କରିଥିଲେ। ଚାମ୍ପିୟନ ନାଗପୁର ଦଳକୁ ନଗଦ ୩୬ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ କଟକ ଦଳକୁ ନଗଦ ୨୬ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସକାଳୁ ବହଳପଦର ସମିତି ସଭ୍ୟ ପୀତାମ୍ବର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଫାଇନାଲ ଖେଳକୁ ଉଦ୍‌ଘାଟନ କରିଥିଲେ। ଖେଳକୁ ଓସିଏ ପ୍ୟାନେଲ ଅମ୍ପେୟାର ଚୂଡ଼ାମଣି ପାଢ଼ୀ ଓ ଶ୍ୟାମସୁନ୍ଦର ପଣ୍ଡା ପରିଚାଳନା କରିଥିଲେ। ବାଙ୍କବିହାରୀ ମହାକୁର ସ୍କୋରର, ପ୍ରଭୁଦତ୍ତ ବେଦୋକ୍ତା ଅନ୍‌ଲାଇନ ସ୍କୋରର, ମ୍ୟାକମିଲନ ଓ ଆଶିଷ ଦେଓ ଧାରା ବିବରଣୀ ପ୍ରଦାନ କରିଥିଲେ। ପ୍ରାଣବନ୍ଧୁ ସାହୁ ପୁରସ୍କାର ବିତରଣ ଉତ୍ସବରେ ସଂଯୋଜନା କରିଥିଲେ।



ଟ୍ରଫି ସହ ଅତିଥିଙ୍କ ଗହଣରେ ଚାମ୍ପିୟନ ନାଗପୁର ଦଳ।

### ■ ଆୟ ବହିର୍ଭିତ ସମ୍ପତ୍ତି ଠୁଳ ଅଭିଯୋଗରେ ଚଢ଼ାଉ

# ଭିଜିଲାନ୍ସ ଜାଲରେ କୋଟିପତି ରେଞ୍ଜର

ଭବାନୀପାଟଣା/କୋକସରା, ୩୦।୧୨(ସ୍ୱ.ପ୍ର./ଡି.ଏନ.ଏ.)

ଭିଜିଲାନ୍ସ ଜାଲରେ ଧରାପଡିଛନ୍ତି କଳାହାଣ୍ଡି ଜିଲା ଭବାନୀପାଟଣା ସର୍କଲ ଆରସିସିଏଫ୍ କାର୍ଯ୍ୟାଳୟ ରେଞ୍ଜର ଲକ୍ଷ୍ମଣ କୁମାର ଶବର। ଭିଜିଲାନ୍ସ ଟିମ୍ ଏକକାଳୀନ ତାଙ୍କ ପୈତୃକ ଗ୍ରାମ କୋକସରା ବ୍ଲକ ଲଡୁଗାଁ ଓ ତାଙ୍କ ଶ୍ୱଶୁର ଘର କନ୍ଦାବୁରୁରା ପଞ୍ଚାୟତ ଡୁନଗାଁରେ ସୋମବାର ସକାଳୁ ଚଢ଼ାଉ କରିଛି। ତାଙ୍କର ସ୍ଥାବର ଅସ୍ଥାବର ସମ୍ପତ୍ତି ଯାଞ୍ଚ କରିବା ସହ ଆବଶ୍ୟକ କାଗଜପତ୍ର ତନଖି କରିଛି। ତାଙ୍କ ସମ୍ପତ୍ତିର ମୂଲ୍ୟ ପ୍ରାୟ ୧ କୋଟି ଟଙ୍କା ହେବ ବୋଲି ଭିଜିଲାନ୍ସ ଅଧିକାରୀମାନେ ଆକଳନ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଜୁନାଗଡ ରେଞ୍ଜର ଶବରଙ୍କ ନାମରେ ପୂର୍ବରୁ ଭିଜିଲାନ୍ସ ନିକଟରେ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି କୋରାପୁଟ ଭିଜିଲାନ୍ସ ଏସ୍‌ପି ଶଶୀଶେଖର ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ କଳାହାଣ୍ଡି ଭିଜିଲାନ୍ସ ଡିଏସ୍‌ପି ସତ୍ୟବାନ ମହାନନ୍ଦଙ୍କ ନେତୃତ୍ୱରେ ଏହି ଚଢାଉ ହୋଇଥିଲା। ଡୁନଗାଁରେ ପହଞ୍ଚି ଏହି ଟିମ୍ ରେଞ୍ଜରଙ୍କ ଶ୍ୱଶୁର ଘରେ ଚଢ଼ାଉ କରିବା ସହ ଲଡୁଗାଁଠାରେ ଥିବା ତାଙ୍କ ବାସ ଭବନରେ ଯାଞ୍ଚ କରାଯାଇଥିଲା । ଘରର ସମସ୍ତ ସଦସ୍ୟଙ୍କ ନାମରେ ଥିବା ବ୍ୟାଙ୍କ ଆକାଉଣ୍ଟ ଓ ଅନ୍ୟାନ୍ୟ ଦସ୍ତାବିଜ ଉପରେ ଆକଳନ ଆରମ୍ଭ ହୋଇଛି । ଏ ନେଇ କଳାହାଣ୍ଡି ଡିଏସ୍‌ପି ସତ୍ୟବାନ ମହାନନ୍ଦଙ୍କୁ ପଚାରିବାରୁ ପାଖାପାଖି ୧ କୋଟିରୁ ଉର୍ଦ୍ଧ୍ୱ ସମ୍ପତ୍ତିର ଆକଳନ କରାଯାଇଥିବା ବେଳେ ସବିଶେଷ ତଥ୍ୟ ତଦନ୍ତ ପରେ ଜଣାପଡିବ ବୋଲି କହିଛନ୍ତି। ଚଢାଉରେ ରାୟଗଡା ଭିଜିଲାନ୍ସ ଡିଏସ୍‌ପି ଅରୁଣ ନାଏକ, ମାଲକାନଗିରି ଭିଜିଲାନ୍ସ ଡିଏସ୍‌ପି ସୁଶାନ୍ତ ବିଶ୍ୱାଳ, ନବରଙ୍ଗପୁର ଭିଜିଲାନ୍ସ ଇନ୍ସପେକ୍ଟର ଦୀନବନ୍ଧୁ ବେହେରା, କଳାହାଣ୍ଡି ଭିଜିଲାନ୍ସ ଇନ୍ସପେକ୍ଟର କଳାବତୀ ବାଗଙ୍କ ସହ ଅନ୍ୟାନ୍ୟ କର୍ମଚାରୀମାନେ ସାମିଲ ଥିଲେ ।


ରେଞ୍ଜରଙ୍କ ଘରେ ଭିଜିଲାନ୍ସ ଅଧିକାରୀମାନେ ଯାଞ୍ଚ କରୁଛନ୍ତି ।

## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ଆଶୁତୋଷ


କୃପା


ରଶ୍ମିରଞ୍ଜନ


ପାଣ୍ଡବ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

### ■ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

# ସେସୁ କନିଷ୍ଠ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ଜଗତ୍‌ସିଂହପୁରସ୍ଥିତ କାର୍ଯ୍ୟାଳୟ, ଘର ସମେତ ୫ ସ୍ଥାନରେ ଚଢ଼ାଉ**

ଜଗତ୍‌ସିଂହପୁର ଅଫିସ,୩୦।୧୨

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସେସୁ ଜଗତ୍‌ସିଂହପୁର-୨ କନିଷ୍ଠ ଯନ୍ତ୍ରୀ ଦୀପ୍ତି ପ୍ରକାଶ ସ୍ୱାଇଁଙ୍କ ଘରେ ଭିଜିଲାନ୍ସ ଚଢ଼ାଉ ହୋଇଛି। ଭିଜିଲାନ୍ସର ୫ଟି ଦଳ ସ୍ୱାଇଁଙ୍କ ଘର, କାର୍ଯ୍ୟାଳୟ ସମେତ ୫ଟି ସ୍ଥାନରେ ପୃଥକ ଭାବେ ଚଢ଼ାଉ କରି ଅନେକ କିଛି ତଥ୍ୟ ପାଇଛି। ପ୍ରତି ଦଳରେ ୫/୬ ଜଣ ଲେଖାଏଁ କର୍ମଚାରୀ ସୋମବାର ସକାଳୁ ଚଢ଼ାଉରେ ସାମିଲ ଥିଲେ। ବିଶେଷକରି ସ୍ୱାଇଁଙ୍କ ସ୍ଥାନୀୟ ଗୋପାଳସାଗରସ୍ଥିତ ନୂଆ ବାସଭବନ, ଗାନ୍ଧୀ ଛକରେ ଥିବା ମାର୍କେଟ୍ କମ୍ପ୍ଲେକ୍ସ, ଜଗତ୍‌ସିଂହପୁର ବ୍ଲକ ବିସିପାଡାଲସ୍ଥିତ ପୈତୃକ ଘର, ଜଗତ୍‌ସିଂହପୁର ବସ ଷ୍ଟପ୍ ନିକଟକାର୍ଯ୍ୟାଳୟ ଓ ଶ୍ୱଶୁର ଘରେ ଏହି ଚଢ଼ାଉ ହୋଇଥିଲା।

ଏ ସମ୍ପର୍କରେ ଜଗତ୍‌ସିଂହପୁର ଭିଜିଲାନ୍ସ କାର୍ଯ୍ୟାଳୟର ଭାରପ୍ରାପ୍ତ ଡିଏସ୍‌ପି ତଥା ଇନ୍ସପେକ୍ଟର ହେମନ୍ତ କୁମାର ମହାନ୍ତି କହିଛନ୍ତି, ସ୍ୱାଇଁଙ୍କ ଗୋପାଳସାଗରସ୍ଥିତ ଘରୁ ନଗଦ ୨୩,୮୦୦ ଟଙ୍କା ମିଳିଛି। ଏଥିସହ ଆସବାବପତ୍ର ୨,୯୦,୦୦୦ ଟଙ୍କା ଓ ୫ଟା ବ୍ୟାଙ୍କରେ ୨,୯୩,୦୦୦ ଟଙ୍କାର ଜମା ସଂକ୍ରାନ୍ତୀୟ କାଗଜପତ୍ର ଜବତ ହୋଇଛି। ଏହି ବିଲ୍ଡିଂର ମୂଲ୍ୟ ୨୯,୯୦,୦୦୦ ଟଙ୍କା ହୋଇଥିବାବେଳେ ସୁନା ୬୭,୦୦୦, ୨ଟି ବାଇକ୍ ମଧ୍ୟରୁ ଗୋଟିଏ ୧,୦୦,୦୦୦ ଓ ଅନ୍ୟଟି ୭୦,୦୦୦ ଟଙ୍କାର ବୋଲି ଜଣାଯାଇଛି। ବସ ଷ୍ଟପ୍ ନିକଟ କାର୍ଯ୍ୟାଳୟରୁ ୫ ଲକ୍ଷ ଟଙ୍କାର ବୀମା କାଗଜପତ୍ର ଜବତ ହୋଇଛି। ପୈତୃକ ଘର ବିସିପିତଲରୁ ନଗଦ ୩ ଲକ୍ଷ ଟଙ୍କା ଜବତ ହୋଇପାରିଛି। ସ୍ୱାଇଁଙ୍କ ଗାନ୍ଧୀ ଛକରେ ଥିବା ମାର୍କେଟ କମ୍ପ୍ଲେକ୍ସର ମୂଲ୍ୟ ୫୧ ଲକ୍ଷ ଟଙ୍କା ବୋଲି ଆକଳନ କରାଯାଇଛି। କିନ୍ତୁ ଶ୍ୱଶୁର ଘରୁ କିଛି ମିଳିପାରିନାହିଁ। କଟକରେ ୧୩ ଲକ୍ଷରୁ ଅଧିକ ଟଙ୍କାର ଏକ ଜମି ଅଛି, ଯାହା ସ୍ୱାଇଁଙ୍କ ବାପାଙ୍କ ନାଁରେ ଥିବା ଜଣାଯାଇଛି। ୨୦୧୧ ମସିହାରୁ ସ୍ୱାଇଁ ଚୁକ୍ତିଭିତ୍ତିରେ କନିଷ୍ଠ ଯନ୍ତ୍ରୀ ନିଯୁକ୍ତି ପାଇଛନ୍ତି। ପ୍ରଥମେ କମ ଦରମା ପାଉଥିଲେ। ଏବେ ପାଖାପାଖି ୧୫,୦୦୦ ଟଙ୍କା ପାଉଥିବା ଜଣାଯାଇଛି। ତେବେ ମାତ୍ର ୮ ବର୍ଷରେ ସେ ଆୟଠାରୁ ଅଧିକ ସମ୍ପତ୍ତି ହାତେଇଥିବା ସଂକ୍ରାନ୍ତରେ ହୋଇଥିବା ଅଭିଯୋଗକୁ ଭିତ୍ତିକରି କଟକ ଭିଜିଲାନ୍ସ ଏସ୍‌ପିଙ୍କ ନିର୍ଦ୍ଦେଶପ୍ରକାରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ଯାଜପୁର ଡିଏସ୍‌ପି ବନମାଳୀ ଧଳ, କେନ୍ଦ୍ରାପଡ଼ା ଡିଏସ୍‌ପି ଏସ୍. ଏନ୍. ରାଉଗୁରୁ ପ୍ରମୁଖ ସାମିଲ ହୋଇଥିଲେ।

# ଘରୋଇ ସଂସ୍ଥାକୁ ସେସୁ ପରିଚାଳନା ଦାୟିତ୍ୱକୁ ବିରୋଧ

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସିପିଆଇଏମ୍‌ର ସ୍ମାରକପତ୍ର**

ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)

ରାଜ୍ୟ ସରକାର ବିଦ୍ୟୁତ୍ ବିତରଣ ପରିଚାଳନା ସଂସ୍ଥା ସେସୁକୁ ଏକ ଘରୋଇ କମ୍ପାନୀକୁ ବିକ୍ରି କରିବାକୁ ସିପିଆଇଏମ ଘୋର୍ ବିରୋଧ କରିଛି। ଏନେଇ ଦଳ ପକ୍ଷରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଦିଆଯାଇଛି। ସିପିଆଇଏମର ବରିଷ୍ଠ ନେତା ଜନାର୍ଦ୍ଦନ ପତି ଓ ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ସୁରେଶ ପାଣିଗ୍ରାହୀ ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ପୂର୍ବରୁ ରାଜ୍ୟ ସରକାର ୩ଥର ଘରୋଇ ସଂସ୍ଥାକୁ ବିଦ୍ୟୁତ୍ ବିତରଣ ପରିଚାଳନା ଦାୟିତ୍ୱ ଦେଇ କ୍ଷତି ସହିଛନ୍ତି। ଘରୋଇ ସଂସ୍ଥା ମଧ୍ୟ ନାନା ବାହାନା ଦେଖାଇ ରାଜ୍ୟ ସରକାରଙ୍କଠାରୁ ପରିଚାଳନା ଦାୟିତ୍ୱ ନେଇ କୋଟି କୋଟି ଟଙ୍କା ପୈଠ ନ କରି ଖସିଯାଇଛନ୍ତି। ଏଭଳି ଅଭିଜ୍ଞତା ଥାଇ ସରକାର ପୁଣି ଘରୋଇ ସଂସ୍ଥାକୁ ପରିଚାଳନା ଦାୟିତ୍ୱ ଦେବା ଗ୍ରାହକ ନୀତି ବିରୋଧୀ ଓ ଆଗାମୀ ଦିନରେ ଏହାକୁ ନେଇ ଆନ୍ଦୋଳନ ହେବ ବୋଲି ଦଳ ପକ୍ଷରୁ କୁହାଯାଇଛି।

ଶୋଭାରାମପୁର ବ୍ରିଜ୍ ଗାର୍ଡ଼ର ଭାଙ୍ଗିବା ଘଟଣା

## ସୋମବାର ଚାଲିଲା ସ୍ପେଶାଲ ଟ୍ରେନ୍

ଭୁବନେଶ୍ୱର, ୩୦।୧୨(ବ୍ୟୁରୋ): ବାଲେଶ୍ୱର ଶୋଭାରାମପୁରଠାରେ ରେଳ ଟ୍ରାକ୍ ଉପରେ ବ୍ରିଜ୍ ଗାର୍ଡ଼ର ଭାଙ୍ଗିବାରୁ ରବିବାର ହାଓଡ଼ା-ଚେନ୍ନାଇ ମୁଖ୍ୟ ଲାଇନ୍‌ରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଅଧିକାଂଶ ଟ୍ରେନ୍ ବାତିଲ୍ ଓ ବିଳମ୍ବ ହେତୁ ବିଭିନ୍ନ ଷ୍ଟେଶନରେ ଯାତ୍ରୀ ଭିଡ଼ ଜମିଥିଲା। ସୋମବାର ପୁରୀ-ହାଓଡ଼ା ଶତାବ୍ଦୀ ଏକ୍ସପ୍ରେସର ସଂଲଗ୍ନ ଟ୍ରେନ୍ ବିଳମ୍ବରେ ଆସିବାରୁ ପୁରୀ ଓ ସାନ୍ତ୍ରାଗଛି (ହାଓଡ଼ା) ମଧ୍ୟରେ ଏକ ସ୍ପେଶାଲ ଟ୍ରେନ୍ ଚଳାଚଳ କରିଛି। ପୁରୀଠାରୁ ଏହି ଟ୍ରେନ୍‌ଟି ମଧ୍ୟାହ୍ନ ୧୨ଟା ୩୦ରେ ବାହାରି ରାତି ୧୦ଟାରେ ସାନ୍ତ୍ରାଗଛିରେ ପହଞ୍ଚିଥିଲା। ସେହିପରି ସାନ୍ତ୍ରାଗଛିଠାରୁ ରାତି ୧୧ଟାରେ ବାହାରି ପୁରୀରେ ମଙ୍ଗଳବାର ସକାଳେ ପହଞ୍ଚିବା ଯାତ୍ରୀ ଭିଡ଼କୁ ଲକ୍ଷ୍ୟ କରି ସମୟସୂଚୀ ପରିବର୍ତ୍ତନ କରାଯାଇ ହାଓଡ଼ାରୁ ୩ଟି ଟ୍ରେନ୍ ଚଳାଚଳ କରାଯାଇଥିଲା। ହାଓଡ଼ା-ପୁରୀ ଶତାବ୍ଦୀ ଏକ୍ସପ୍ରେସ ସୋମବାର ସକାଳ ୬ଟାରେ ଛାଡ଼ିଥିଲା।




ଡା. ଅର୍ଥୋ ହିଁ କାହିଁକି କିଣିବେ?
ସମଗ୍ର ଭାରତରେ ମିଳିଛି ପରିଣାମ

Rajasthan — ମହମ୍ମଦ ଜାବେଦ କୁରେଶୀ, ୨୯ ବର୍ଷ ଲେଖିଛନ୍ତି ଯେ କିଛିଦିନ ତଳେ ମୋର ଆପ୍ପେଣ୍ଡେକ୍ସ ହୋଇଯାଇଥିଲା। ଔଷଧ ସେବନ ବନ୍ଦ କରିବା ପରେ ଆଣ୍ଠୁରେ ଭୀଷଣ ଯନ୍ତ୍ରଣା ରହିବାକୁ ଲାଗିଲା। ମୁଁ ବହୁତ ଚିନ୍ତିତ ରହୁଥିଲି। ଦିନେ ମୋ ସାଙ୍ଗ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ବ୍ୟବହାର କରିବାର ପରାମର୍ଶ ଦେଲେ। ମୁଁ ତାହାକୁ ବ୍ୟବହାର କଲି। ଏବେ ଯନ୍ତ୍ରଣା କ'ଣ ତାହା ମୁଁ ଭୁଲିଯାଇଛି।

Delhi — ମାୟା ଚାଓ୍ୱଲା, ବୟସ ୭୧ ବର୍ଷ, ହାଉସ୍ ୱାଇଫ୍। ଅନେକ ବର୍ଷ ଧରି ମୁଁ ଆଣ୍ଠୁ ଯନ୍ତ୍ରଣା କାରଣରୁ ବହୁତ ଚିନ୍ତିତ ଥିଲି। ଡାକ୍ତରମାନେ ସର୍ଜରି କରାଇବା ପାଇଁ ପରାମର୍ଶ ଦେଇଥିଲେ। ଦିନେ ଜଣେ ବାନ୍ଧବୀଙ୍କ କଥାମାନି ଡା. ଅର୍ଥୋ ତେଲ ସକାଳେ-ସନ୍ଧ୍ୟାବେଳେ ଆଣ୍ଠୁରେ ଲଗାଇଲି ଓ ଦୁଇ-ଦୁଇ କ୍ୟାପ୍‌ସୁଲ ସକାଳେ-ସନ୍ଧ୍ୟାରେ ସେବନ କରିବା ଆରମ୍ଭ କରିଦେଲି। ଏବେ ୪୫ ଦିନ ମଧ୍ୟରେ ହିଁ ମୋ ଆଣ୍ଠୁ ଯନ୍ତ୍ରଣା କ'ଣ ଭୁଲିଯାଇଛି।

Gujarat — ବିନୋଦ ଭାଇ, ବୟସ ୫୬ ବର୍ଷ, ପ୍ରାଇଭେଟ ଚାକିରିଆ ଓ ଆଥଲେଟ୍ ଖେଳାଳି ଥିଲେ। ବିଗତ ୪-୫ ବର୍ଷ ଧରି ମୋ ଡାହାଣ ଆଣ୍ଠୁ ଓ ଶରୀରରେ ବ୍ୟଥାର ସମସ୍ୟା ରହିଥିଲା। ମୁଁ ଖବରକାଗଜରୁ ଆୟୁର୍ବେଦିକ ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ବିଜ୍ଞାପନ ଦେଖିଲି ଓ ନିର୍ଦ୍ଦେଶ ଅନୁଯାୟୀ ତାହାକୁ ବ୍ୟବହାର କଲି। ଆଜିକୁ ୪ ମାସ ହେଲାଣି ମୁଁ ପୂର୍ବାପେକ୍ଷା ଭଲ ଅନୁଭବ କରୁଛି।

Maharashtra — ଦେବୀଦାସ ଟିଂଘା ସୋନବଡ଼େ, ୫୫ ବର୍ଷ, ବ୍ୟାଙ୍କ କର୍ମଚାରୀ। ଗଣ୍ଠି ଯନ୍ତ୍ରଣା କାରଣରୁ ଚିନ୍ତିତ ରହୁଥିଲେ। ଦିନେ ଟିଭିରେ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲ୍‌ର ବିଜ୍ଞାପନ ଦେଖିଲେ। ସେ ଡା. ଅର୍ଥୋ ଆୟୁର୍ବେଦିକ ତେଲ ସକାଳେ ଓ ସନ୍ଧ୍ୟାରେ ମାଲିସ୍ କଲେ ଏବଂ ଡା. ଅର୍ଥୋର ଦୁଇ-ଦୁଇ କ୍ୟାପ୍‌ସୁଲ ସକାଳେ ଓ ସନ୍ଧ୍ୟାରେ ସେବନ କଲେ। ମାତ୍ର ୨ ମାସର ବ୍ୟବହାର ପରେ ସେ କୁହନ୍ତି ଯେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଇଛନ୍ତି ।

Gujarat — ମୋ ନାମ ଲକ୍ଷ୍ମୀ ବେନ ସୋଲଙ୍କି, ବୟସ ୫୨ ବର୍ଷ। ମୁଁ ସିଲେଇ କାମ କରେ। ଦୁଇ ବର୍ଷ ଧରି ମୋ ଗୋଡ଼ ଓ ଗୋଇଠିରେ ଭୟଙ୍କର ବ୍ୟଥା ରହୁଥିଲା। ପରେ ମୁଁ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ବିଷୟରେ ଜାଣିଲି। ମାତ୍ର ପଚାଶ ଦିନର ବ୍ୟବହାର ଦ୍ୱାରା ମୋତେ ବହୁତ ଓ ଉତ୍ତମ ଉପଶମ ମିଳିପାରିଛି। ଆପଣଙ୍କୁ ଥ୍ୟାଙ୍କ୍‌ସ କହିବାକୁ ଚାହୁଁଛି ।

Haryana — ସଞ୍ଜୁ କୁମାର, ୩୩ ବର୍ଷ, ଲାଇବ୍ରେରିରେ କାମ କରନ୍ତି। ସେ ଲେଖିଛନ୍ତି ଯେ ୩-୪ ବର୍ଷ ଧରି ମୋ କାନ୍ଧ ଓ ବେକରେ ବ୍ୟଥା ରହୁଥିଲା।ଚିକିତ୍ସା ବି କରାଇଲି, କିନ୍ତୁ କିଛି ଫରକ ପଡ଼ିଲା ନାହିଁ । ଦିନେ ମୁଁ ଖବରକାଗଜରେ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ବିଜ୍ଞାପନ ଦେଖିଲି । ମୁଁ ନିର୍ଦ୍ଦେଶ ଅନୁଯାୟୀ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ସକାଳେ ଓ ସନ୍ଧ୍ୟାରେ ବ୍ୟବହାର କଲି। ଏବେ ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଟେ।

24x7 Helpline No.: 0171-3055100 • Website: www.drorthooil.com • Available at all medical & general stores

ନକଲକାରୀଙ୍କ ପ୍ରତି ସାବଧାନ — 'ଡା. ଅର୍ଥୋ'ର ସବୁ ଉତ୍ପାଦ କେବଳ 'ଡା. ଅର୍ଥୋ' ନାମରେ ହିଁ ତିଆରି ଓ ବିକ୍ରି କରାଯାଏ । ବଜାରରେ ଏକା ସଦୃଶ ନାମ, ପ୍ୟାକିଂ, ବୋତଲ, ବିଜ୍ଞାପନ ପ୍ରତି ସାବଧାନ । ସର୍ବୋତ୍ତମ ଡା. ଅର୍ଥୋ ହିଁ କିଣନ୍ତୁ ।






| ରୋଗ | ଔଷଧ |
|---|---|
| ଏସିଡିଟି | ଆୟୁସିଡ୍ ଟାବ୍‌ଲେଟ୍‌ସ, ଆକ୍ୱା ଜେଷ୍ଟ |
| ଆମୋବିଆସିସ୍ | ଆମୋଏବିକା ଟାବ୍‌ଲେଟ୍‌ସ, ଇସାବେଲ୍ - ଏଚ୍ |
| ଥଣ୍ଡା ଓ କାଶ | କାଶାମ୍ରିତ ହର୍ବାଲ୍, ଡ.ହନି |
| ଗ୍ୟାସ୍ | ଗ୍ୟାସ ଗାର୍ଡ଼, ଗୈସାନ୍ତକ୍ ବଟି |
| ଲିଭର ସମସ୍ୟା | ଲିଭେରଲ୍ ସିରପ ଓ ଟାବ୍‌ଲେଟ୍‌ସ, ଲିଭ୍ ଗୁଡ୍ |
| ପାଇଲ୍‌ସ | ପାଇଲୋସ୍ କ୍ୟାପ୍‌ସୁଲ, ପାଇରୋଏଡ୍‌ସ ଟାବ୍‌ଲେଟ୍‌ସ |
| କ୍ଳାନ୍ତିଭାବ ଓ ଦୁର୍ବଳତା | ଗୁଡ୍‌କେୟାର ଜେଷ୍ଟ ମେନ୍ ଏଣ୍ଡ ଓମେନ୍ କ୍ୟାପ୍‌ସୁଲ୍‌ସ |
| ପରିସ୍ରାଜନିତ (ୟୁରିନାରି) ସମସ୍ୟା | ପ୍ରୋସ ଗାର୍ଡ଼ କ୍ୟାପ୍‌ସୁଲ୍‌ସ, ପ୍ରୋଷ୍ଟେଡ୍ ଟାବଲେଟ୍‌ସ |
| ପରିସ୍ରାଜନିତ (ୟୁରିନାରି) ଷ୍ଟୋନ୍‌ସ | ପଥ୍‌ରିନା ଟାବ୍‌ଲେଟ୍‌ସ |
| ମହିଳାଙ୍କ ସମସ୍ୟା | ସୁନ୍ଦରି ଶାଖି, ବୈଦ୍ୟନାଥ ଅଶୋକାରିଷ୍ଟ |
| ପିମ୍ପଲ୍ ଓ ବ୍ରଣ | ଗୁଡ୍‌କେୟାର ପ୍ୟୁରିଫାଇଂ ଆଣ୍ଟି ଆକ୍‌ନେ ଫେସ୍ ୱସିରମ୍, ନିମ ଗାର୍ଡ଼, ସୁରକ୍ତା |
| କୋଲେଷ୍ଟ୍ରଲ | କୋଲେଷ୍ଟ ଗାର୍ଡ଼, ଗୁଡ୍ ହାର୍ଟ |
| ନିଦ୍ରାରେ ସମସ୍ୟା/ଇନ୍‌ସୋମ୍ନିଆ | ନାଇଟ୍‌ଜ କ୍ୟାପ୍‌ସୁଲ୍‌ସ |
| ଚାପ ଓ ଉଦ୍‌ବିଗ୍ନତା | ଷ୍ଟ୍ରେସ୍ ଗାର୍ଡ଼ କ୍ୟାପ୍‌ସୁଲ୍‌ସ |

ସମସ୍ତ ବୈଦ୍ୟନାଥ ଆୟୁର୍ବେଦିକ ରିଟେଲ୍ ସୋରୁମ୍ ଓ କ୍ଲିନିକ୍‌ରେ ଔଷଧ ଉପଲବ୍ଧ ଅଟେ

ଭୁବନେଶ୍ୱର-2596035, 2596036, 9437165004, 9668721777, କଟକ-2427570, 9439486929, 9438276544, 9437511462, ଆଠଗଡ଼-9132476972, ବାଲେଶ୍ୱର-9438725025, 9777093442, ଜଲେଶ୍ୱର-9040161611, ଭଦ୍ରକ-9437215761, ବାରିପଦା-253418, ରାଉରକେଲା-2522005, ବରଗଡ଼-9861246674, 9938645223, କୁଚିଣ୍ଡା-9437255846, କେନ୍ଦ୍ରାପଡ଼ା-9853631559, ଯାଜପୁର-9937316754, ପାଇକମାଳ-9437057611, ସମ୍ବଲପୁର-8763343900, ବ୍ରହ୍ମପୁର-9777122789, 9439328443, 9437438256, ପୁରୀ-9337291464, ପାରଳାଖେମୁଣ୍ଡି-9078830679, କେଉଁଝର-6370698870,9437136317, ମାଲ୍‌କାନଗିରି-9437435213, ଅନୁଗୁଳ-9938175640, ସୁନ୍ଦରଗଡ଼-7749070946, ବଲାଙ୍ଗିର-9437241839, ଖୋର୍ଦ୍ଧା-9937846846, ଭବାନିପାଟଣା-9437624887 Shop Online: www.baidyanath.com | www.goodcare.co.in


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ମିତ୍ରଦ୍ରୋହୀ, କୃତଘ୍ନ ଓ ବିଶ୍ୱାସଘାତ - ଏମାନେ
ଚନ୍ଦ୍ର-ସୂର୍ଯ୍ୟ ଥିବାଯାଏ ନରକ ଭୋଗ କରନ୍ତି।
-ମହାକବି କାଳିଦାସ



## ସଂକ୍ଷେପରେ

### ଜିଲାସ୍ତରୀୟ ଓଡ଼ିଶା ସବୁଜ ବିକାଶ ପରିଷଦ ବୈଠକ

**ପାଇକମାଳ,୩୦।୧୨(ଡି.ଏନ.ଏ.):** ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ନୃସିଂହନାଥ ପୀଠ କପିଳମୁନି ଆଶ୍ରମରେ ଓଡ଼ିଆ ସବୁଜ ବିକାଶ ପରିଷଦର ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ବ୍ଲକ ସଂଯୋଜକ ରାଜକୁମାର ସେଠଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଓଡ଼ିଶା ସବୁଜ ବିକାଶ ପରିଷଦ ବରଗଡ଼ ଜିଲାର ପ୍ରତ୍ୟେକ ବ୍ଲକରୁ ସଂଯୋଜକ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଗାମୀ ଜାନୁୟାରୀ ୧୫ ତାରିଖରେ ନୃସିଂହନାଥ ପୀଠରେ ହେବାକୁ ଥିବା ଜିଲାସ୍ତରୀୟ ପଞ୍ଚାୟତ କର୍ମୀ ଶିବିରରେ ପରିଷଦର ରାଜ୍ୟ ଅଧକ୍ଷ ରାଜୀବ ରାୟ ଯୋଗଦାନ କରି ପଞ୍ଚାୟତ ସଂଯୋଜକମାନଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ ପାଇକମାଳ ବ୍ଲକ ସଂଯୋଜକ ମନୋଜ ଦାସଙ୍କ ତତ୍ତ୍ୱାବଧାନରେ ବ୍ଲକର ୧୪ଟି ପଞ୍ଚାୟତର ସଂଯୋଜକମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା।

ଟାର୍ଗେଟ୍ ବୃଦ୍ଧି ହୋଇନି

# ମଣ୍ଡିରେ ପଡ଼ି ରହିଛି ଧାନ

**ସୋନପୁର,୩୦।୧୨(ନି.ପ୍ର.)**

**୨୦,୨୨୪ ଚାଷୀଙ୍କଠାରୁ କିଣା ହେଲାଣି ୧୬ ଲକ୍ଷ କୁଇଣ୍ଟାଲ**

ରାଜ୍ୟ ସରକାର ସୁବର୍ଣ୍ଣପୁର ଜିଲାର ଧାନ କ୍ରୟ ଟାର୍ଗେଟ୍ ବୃଦ୍ଧି କରି ନ ଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ଟାର୍ଗେଟ୍ ସରିଥିବାରୁ ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଧାନ କିଣୁ ନଥିବା ଚାଷୀ ଅଭିଯୋଗ କରୁଛନ୍ତି। ମିଲର୍ସ ମଣ୍ଡିକୁ ଆସୁ ନାହାନ୍ତି । ଚାଷୀ ମଣ୍ଡିରେ ଧାନ ରଖି ଶୀତ କାକରରେ ଜଗି ରହିଛନ୍ତି । ଅନ୍ୟପକ୍ଷେ ଜିଲା ଯୋଗାଣ ବିଭାଗ ଧାନକ୍ରୟ କରିବା ପାଇଁ ଗତ ୨୭ ତାରିଖରେ ୧୦ଲକ୍ଷ ୧୪ହଜାର କୁଇଣ୍ଟାଲର ଟାର୍ଗେଟ୍ ରାଜ୍ୟ ଯୋଗାଣ ନିଗମକୁ ମାଗିଛି। କିନ୍ତୁ ସୋମବାର ସନ୍ଧ୍ୟା ସୁଦ୍ଧା ସରକାରଙ୍କ ପକ୍ଷରୁ ଟାର୍ଗେଟ୍ ମିଳିନି । ଜିଲାରେ ଗତ ନଭେମ୍ବର ୧୫ ତାରିଖରୁ ଖରିଫ ଧାନ କିଣା ଆରମ୍ଭ ହୋଇଛି। ଖରିଫ ଧାନ ବିକ୍ରି ପାଇଁ ୪୭ ହଜାର ୯୯୦ ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି। ଜିଲାର ୪୧ଟି ମିଲର୍ସ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇଥିବା ବେଳେ ବାହାର ଜିଲାର ମିଲର୍ସଙ୍କୁ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରିବା ପାଇଁ ପ୍ରଶାସନ ପକ୍ଷରୁ ସରକାରଙ୍କୁ ଅନୁରୋଧ କରାଯାଇଛି। ସେହିପରି ୬୫ଟି ପ୍ୟାକ୍ସ ଓ ୧୪ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଧାନ କ୍ରୟ ହେଉଛି। ଚାଷୀଙ୍କୁ ଅନଲାଇନ ଟୋକନ ବ୍ୟବସ୍ଥା ଅନୁଯାୟୀ ସୋମବାର ସନ୍ଧ୍ୟା ସୁଦ୍ଧା ୨୦ହଜାର ୨୨୪ ଚାଷୀଙ୍କଠାରୁ ୧୬ଲକ୍ଷ ୭ହଜାର ୨୨୪କୁଇଣ୍ଟାଲ ଧାନ କ୍ରୟ ହୋଇଛି। ତେବେ ପୂର୍ବ ବର୍ଷ ଭଳି ଜିଲାରେ ମିଲର୍ସଙ୍କ ମର୍ଜିରେ ଚାଲିଛି ଧାନକ୍ରୟ। ଏଫଏକ୍ୟୁ ଆଳ ଦେଖାଇ ମିଲର୍ସମାନେ କୁଇଣ୍ଟାଲ ପ୍ରତି ୩ରୁ ୪ କେଜି ଧାନ କାଟି ନେଉ ଥିବାର ଚାଷୀମାନେ ଅଭିଯୋଗ କରୁଛନ୍ତି। କଟ୍‌ନି ଛଟ୍‌ନିରେ ମିଲର୍ସଙ୍କ ଖାତାକୁ ଚାଲିଗଲାଣି ହଜାର ହଜାର କୁଇଣ୍ଟାଲ ଧାନ। ଏହି ଧାନ ମିଲର୍ସଙ୍କ ଖାତାକୁ ଯାଉଥିଲେ ମଧ୍ୟ ଏହାର ତଦନ୍ତ ହେଉନାହିଁ। ମିଲର୍ସଙ୍କ ଉପରେ ପ୍ରଶାସନ ନିୟନ୍ତ୍ରଣ ହରାଇଥିବାରୁ କଟ୍‌ନି ଛଟ୍‌ନି ଜାରି ରହିଛି। ଏହି କଟ୍‌ନି ଛଟ୍‌ନିରେ ମିଲର୍ସ, ପ୍ୟାକ୍ସ କର୍ମଚାରୀ ଓ ଯୋଗାଣ ବିଭାଗ ସମ୍ପୃକ୍ତ ଥିବା ଅଭିଯୋଗ ହେଉଛି। ପ୍ରତିବର୍ଷ ଧାନ ସଂଗ୍ରହ ବୈଠକରେ କଟ୍‌ନି ଛଟ୍‌ନି ଉପରେ ରୋକ ଲଗାଇବାକୁ ନିଷ୍ପତ୍ତି ହୋଇଥାଏ । କିନ୍ତୁ ବାସ୍ତବ କ୍ଷେତ୍ରରେ ତାହା କାର୍ଯ୍ୟକାରୀ ହୁଏନି। ଯାହାର ପୁନରାବୃତ୍ତି ଚଳିତ ଖରିଫ ଧାନ ସଂଗ୍ରହରେ ଦେଖିବାକୁ ମିଳିଛି। ଡୁଙ୍ଗୁରିପାଲି ବ୍ଲକ ଭୀମଟିକିରା ମଣ୍ଡିରେ ଗତ ୨୪ଦିନ ଧରି ଧାନ ପଡି ରହିଛି । ଟ୍ୟାଗିଂ ହୋଇଥିବା ମିଲର୍ସ ମଣ୍ଡିକୁ ଯାଉ ନ ଥିବାରୁ ଧାନ ଉଠୁନି। ବୀରମହାରାଜପୁର, ଉଲୁଣ୍ଡା ଓ ତରଭା ବ୍ଲକର ବିଭିନ୍ନ ପ୍ୟାକ୍ସରେ ମଧ୍ୟ ଧାନ ପଡି ରହିଛି। ମିଲର୍ସ ଆସୁ ନଥିବାରୁ ଧାନ ଉଠି ପାରୁନି । ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକୋରା କୁହନ୍ତି ମିଲର୍ସଙ୍କ ଉପରେ ଆହୁରି ୪ ଲକ୍ଷ କୁଇଣ୍ଟାଲ ଧାନର ଟାର୍ଗେଟ୍ ଅଛି। ମଙ୍ଗଳବାର ସୁଦ୍ଧା ପୁଣି ୧୦ ଲକ୍ଷ କୁଇଣ୍ଟାଲ ଧାନ ଟାର୍ଗେଟ୍ ଆସିବ । ଚାଷୀଙ୍କ ଧାନ କିଣିବାରେ କୌଣସି ଅସୁବିଧା ହେବନି ବୋଲି ମତ ଦେଇଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଇକି ଚିକଣ ଗୋରୀ**
**ଚମ୍ପା ଫୁଲଠଉଁ ବଳି ସୁନ୍ଦରୀ**
**ଦେଖି ପେଟଯାଏ ପୂରି ।**

ଚମ୍ପା ଫୁଲର ରଙ୍ଗ ଯେମିତି ହଳଦିଆ ଦେଖିବାକୁ ସେମିତି ସୁନ୍ଦର। ସାଧାରଣତଃ ସୌନ୍ଦର୍ଯ୍ୟ ପ୍ରତି ସଭିଙ୍କ ମନରେ ଦୁର୍ବଳତା ଭାବ ରହିଥାଏ। ସୁନ୍ଦରତା ଆଡ଼କୁ ସଭିଙ୍କ ମନ ଅଚୀରେ ଟାଣି ହୋଇଯାଇଥାଏ। ଗୌରବର୍ଣ୍ଣା ଯୁବତୀଙ୍କୁ ଦେଖି ଆଖି ଲାଖି ରହିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚୋରି କରେ ଦୁନିଆ**
**ଧରା ପଡ଼ିଲେ ଚୋର ।**

ସମୟ ସୁବିଧା ସୁଯୋଗ ପାଇଲେ ଅନେକେ ଚୋରି ଭଳି ଘୃଣ୍ୟ କାମ କରିବାକୁ ପଛାଇ ନ ଥାନ୍ତି। କେମିତି ଅନାୟାସରେ ଫାଇଦା ମିଳିଯିବ ସେଇ ଚକ୍କରରେ ରହିଥାନ୍ତି। ଆତ୍ମସାତ୍ କରି ମଧ ଅନ୍ୟଆଗରେ ନିଜକୁ ସାଧୁ ସଚ୍ଚୋଟ ବୋଲାଇବାରେ ତିଳେମାତ୍ର ସଙ୍କୋଚ କରି ନ ଥାନ୍ତି। ତେବେ ଯିଏ ଧରାପଡ଼ିଯାଏ କେବଳ ସେ ହିଁ ଚୋର ଆଖ୍ୟା ପାଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଦେଶୀ ରନ୍ଧା ମଦ ଜବତ, ଅଭିଯୁକ୍ତ ଗିରଫ

**ବିନିକା, ୩୦।୧୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଶଙ୍କରା ଗ୍ରାମ ଖେଳପଡିଆରେ ରବିବାର ରାତିରେ ପାଟ୍ରୋଲିଂ ପୋଲିସ ଜଣେ ବ୍ୟକ୍ତିଙ୍କ ପାଖରୁ ୧୦ଲିଟର ଦେଶୀ ରନ୍ଧାମଦ ଜବତ କରିଛି। ଏହି ଘଟଣାରେ ପୋଲିସ ଗ୍ରାମର ଶ୍ରୀକର ଜଗଦଲା(୨୫) ଗିରଫ କରିଛି। ଦେଶୀ ରନ୍ଧାମଦ ଏକ ବ୍ୟାଗ୍‌ରେ ଭର୍ତ୍ତି କରି ସେ ନେଉଥିଲେ। ସୋମବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି । ଏନେଇ ବିନିକା ଥାନାରେ ଏକ ମାମଲା (ନଂ.୨୨୯/୧୯)ରୁଜୁ ହୋଇଛି।



ଖଲିଆପାଲିରେ ନାଗବାଚାଙ୍କ ପୂଜାର୍ଚ୍ଚନା କରାଯାଉଛି।

## ଖଲିଆପାଲିରେ ପାରମ୍ପରିକ ନାଗବାଚା ପୂଜା

**ଉଲୁଣ୍ଡା, ୩୦।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଦର ପଞ୍ଚାୟତର ଖଲିଆପାଲି ଗ୍ରାମରେ ନାଗବାଚା ପୂଜା ସୋମବାର ଅନୁଷ୍ଠିତ ହୋଇଯାଇଛି। ଗୌଡଗାଁ (ବାହାଲି) ନାଗବାଚା ଭକ୍ତମାନେ ଶିବଙ୍କୁ ଏକ ଖଟୁଲିରେ ଧରି ଛତି, ଛତ୍ର, ଘଣ୍ଟ, ଘଣ୍ଟାର ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା ସହ ଉଲୁଣ୍ଡାରେ ପହଞ୍ଚିଥିଲେ। ଏଠାରେ ମଧ୍ୟ ଗ୍ରାମ ପରିକ୍ରମା ସହ ଗ୍ରାମର ଭୁବନେଶ୍ୱର ମହାଦେବଙ୍କ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା ପରେ ମହାଦେବଙ୍କୁ ବରଣ କରି ଖଲିଆପାଲିକୁ ନେଇଥିଲେ। ସେଠାରେ ଗ୍ରାମବାସୀ ସ୍ୱାଗତ କରି ଗ୍ରାମକୁ ପାଛୋଟି ନେଇ ମନ୍ଦିର ସମ୍ମୁଖରେ ପୂଜାର୍ଚ୍ଚନା କରିଥିଲେ। ପୂଜାର୍ଚ୍ଚନା ବେଳେ ହାଡୁ ସେଠୀ, ଗଣେଷ ପୋଢ, ଦୁଃଶାସନ ପାଣ୍ଡେ, ପରମା ବାବାଜୀଙ୍କ ଦେହରେ ଦେବୀ ଆବିର୍ଭାବ ହୋଇଥିଲେ। ଏହି ସମୟରେ ଗ୍ରାମର ଭୁତ, ପ୍ରେତ ତଥା ସର୍ପଭୟ ନିବାରଣ ପାଇଁ ଗ୍ରାମବାସୀ ପ୍ରାର୍ଥନା କରିଥିଲେ। ଅପରାହ୍ନରେ ନାଗବାଚା ଭକ୍ତ ପୁଣି ଗୌଡଗାଁକୁ ଫେରିଯାଇ ରାତ୍ରୀରେ ନିଶି ପୂଜା କରି ବିଶ୍ୱମଙ୍ଗଳ କାମନା କରିଥିଲେ। ଦେବରାଜ ମଲ୍ଲିକ, ସତ୍ୟାନନ୍ଦ ଘିବିଲା, ସୌମିତ୍ରୀ ପାଣ୍ଡେ ପୂଜାର୍ଚ୍ଚନା କରିଥିଲେ। ମ୍ୟାନେଜର ଦେବାର୍ଚ୍ଚନ ବାଘଙ୍କ ସମେତ ସୁରେଶ ଘିବିଲା, ପ୍ରଦୀପ ମହାକୁର, ବାବୁ ଭୋଇ, ସୁବ୍ରତ ଦୀପ, ପବିତ୍ର ସେଠୀ, ବିଜ୍ଞାନ କର୍ଣ୍ଣ, ମଦନ ଭୋଇ, ସୁରୁ ଘିବିଲା, ବେଦ ମଲ୍ଲିକ, ସମାରୁ ପୋଢ, କୃଷ୍ଣ ମହାକୁର ପ୍ରମୁଖ ସହଯୋଗ କରିଥିଲେ।

ହାତୀଙ୍କ ଉତ୍ପାତ, ଉଲୁଣ୍ଡା ବନାଞ୍ଚଳବାସୀ ଅତିଷ୍ଠ

## ଚଢ଼େଇଗୁଡ଼ି ଯୋଗାଶ୍ରମ ଭାଙ୍ଗିଲା ଦନ୍ତା

**ସୋନପୁର,୩୦।୧୨(ନି.ପ୍ର.)**



ଦନ୍ତା ହାତୀ ରବିବାର ରାତିରେ ଅରବିନ୍ଦ ଯୋଗାଶ୍ରମର କାନ୍ଥ ଭାଙ୍ଗି ଦେଇଛି ।

ସୁବର୍ଣ୍ଣପୁର ବନଖଣ୍ଡର ଉଲୁଣ୍ଡା ବନାଞ୍ଚଳରେ ହାତୀ ଉପଦ୍ରବ ବୃଦ୍ଧି ପାଇଛି। ହାତୀପଲ ଦୀର୍ଘଦିନ ଧରି ସ୍ଥାନୀୟ ଅଞ୍ଚଳରେ ବ୍ୟାପକ କ୍ଷତି ଘଟାଉଛନ୍ତି। ଗୋଟିଏ ପଲରେ ୧୮ଟି, ଅନ୍ୟଟିରେ ୩ଟି ଓ ଗୋଟିଏ ଦନ୍ତା ଏକୁଟିଆ ବିଭିନ୍ନ ସ୍ଥାନରେ ଘୁରି ବୁଲୁଛନ୍ତି। ସନ୍ଧ୍ୟା ହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମକୁ ଆସି ଫସଲ ଓ ସମ୍ପତ୍ତି ନଷ୍ଟ କରୁଛନ୍ତି। ବନ ବିଭାଗ ହାତୀ ଘଉଡାଇବା ପାଇଁ ଉଦ୍ୟମ କରି ଫେଲ ମାରୁଛି। ଏଥିପାଇଁ ଅଞ୍ଚଳବାସୀ ଅତିଷ୍ଠ ହେଲେଣି। ଗତ ୩ ଦିନ ହେଲା ଗୋଟିଏ ଦନ୍ତା ଚଢେଇଗୁଡିସ୍ଥିତ ଅରବିନ୍ଦ ଯୋଗାଶ୍ରମକୁ ଆସି ବ୍ୟାପକ କ୍ଷତି କଲାଣି। ରବିବାର ରାତିରେ ଏହି ଦନ୍ତା ଆଶ୍ରମର ଷ୍ଟୋରରୁମ୍, ଲୁହା ଗେଟ୍, ବାଇକ୍, ସୋଲାର ପ୍ଲେଟ୍ ଓ ଘରର କାନ୍ଥ ଭାଙ୍ଗି ଦେଇଛି। ସୋମବାର ରାତିରେ ଦନ୍ତା ପୁଣି ଆଶ୍ରମରେ ପ୍ରବେଶ କରିଛି। ଆଶ୍ରମର ଅନ୍ତେବାସୀ ଭୟଭୀତ ଅବସ୍ଥାରେ ଛାତ ଉପରେ ଆଶ୍ରୟ ନେଇଛନ୍ତି। ସେହିପରି ଅନ୍ୟ ଏକ ଦଳ ଜଉଁରାଭଉଁରା ପଞ୍ଚାୟତର ଗୁଜା ପ୍ରାଇମେରୀ ସ୍କୁଲ, ବଡମାଳ ସ୍କୁଲ ଓ ପଣ୍ଡକିଟାଲ ସ୍କୁଲରେ କ୍ଷତି କରିଥିବା ଜଣାପଡିଛି। ବିଦ୍ୟାଳୟର ମଧ୍ୟାହ୍ନଭୋଜନ ଚାଉଳ ହାତୀ ଖାଇ ଦେଉଥିବା ଅଭିଯୋଗ ହୋଇଛି। ସୋମବାର ହାତୀପଲକୁ ରେଢାଖୋଲ ପଟକୁ ଘଉଡାଇବା ପାଇଁ ସହକାରୀ ବନ ସଂରକ୍ଷକ ସୁଶିଲ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଟିମ୍ ଉଦ୍ୟମ କରିଥିଲେ। ତେବେ ହାତୀ ଆକ୍ରମଣ କରିବାକୁ ଗେଡାଇ ବାରୁ ସେମାନେ ଫେରି ଆସିଥିବା ଜଣାପଡିଛି ।

ରାଜେନ୍ଦ୍ର କଲେଜ ପ୍ଲାଟିନମ୍ ଜୁବିଲିର ଚତୁର୍ଥ ଦିବସ

## ଗୁଣାତ୍ମକ ଶିକ୍ଷା ସମସ୍ୟା ସମାଧାନର ଚାବିକାଠି



ରାଜେନ୍ଦ୍ର କଲେଜ ପ୍ଲାଟିନମ୍ ଜୁବିଲି ସମାରୋହର ଚତୁର୍ଥ ଦିବସରେ ମଞ୍ଚାସୀନ ଅତିଥି।

**ବଲାଙ୍ଗୀର ଅଫିସ, ୩୦।୧୨**

ଆମ ସମାଜ ଅନେକ ସମସ୍ୟା ଦେଇ ଗତି କରୁଛି । ସବୁଠୁ ବଡ ସମସ୍ୟା ହେଉଛି ଆମେ ଲୋକଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗାଇବାରେ ଫେଲ ମାରିଛୁ। ଗୁଣାତ୍ମକ ଶିକ୍ଷା ନ ଥିବା କାରଣରୁ ଆମ ସମାଜରେ ଦେଖାଯାଉଥିବା ଆହ୍ୱାନଗୁଡିକୁ ଆମେ ସଫଳତାର ସହ ମୁକାବିଲା କରିପାରୁନାହୁଁ। ଗୁଣାତ୍ମକ ଶିକ୍ଷା ଜରିଆରେ ଆମେ ସମସ୍ତ ସମସ୍ୟା ଓ ଆହ୍ୱାନର ମୁକାବିଲା କରିପାରିବା ବୋଲି ଅତିଥି, ବକ୍ତାମାନେ ରାଜେନ୍ଦ୍ର ସ୍ୱୟଂଶାସିତ କଲେଜ ପ୍ଲାଟିନମ୍ ଜୁବିଲି ସମାରୋହ ରାଜେନ୍ଦ୍ରାୟନର ଚତୁର୍ଥ ଦିବସ ସଭାରେ କହିଛନ୍ତି । ଏହି ସଭାକୁ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର ଉଦ୍‌ଘାଟନ କରିଥିଲେ । ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ମଧୁସୂଦନ ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ବିଧାୟକ ମିଶ୍ର, ସମ୍ମାନିତ ଅତିଥି ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ, ମୁଖ୍ୟବକ୍ତା ଆଉଟ୍ ଲୁକ୍ ପତ୍ରିକା ମୁଖ୍ୟ ସମ୍ପାଦକ ରୁବେନ୍ ବାନାର୍ଜୀ ଓ ସମ୍ମାନିତ ବକ୍ତା ଶିକ୍ଷାବିତ୍ ଡ. ସତ୍ୟନାରାୟଣ ସାହୁ, ଆଲୁମ୍‌ନି ଆସୋସିଏଶନ ସଭାପତି ଲଳିତ କୁମାର ନାୟକ ମଞ୍ଚାସୀନ ଥିଲେ । ସଭାରେ ଆଲୁମ୍‌ନି ଭାଗିରଥି ମିଶ୍ର ସ୍ୱାଗତ ବକ୍ତବ୍ୟ ଦେଇଥିଲେ ଓ ଡ ସନ୍ତୋଷ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ । ଆଲୁମ୍‌ନି ସଭାପତି ନାୟକ ପ୍ଲାଟିନମ୍ ଜୁବିଲି ସମ୍ପର୍କରେ ସୂଚନା ଦେବା ସହ ଘୋଷିତ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ କିଭଳି ଉତ୍କର୍ଷ ଅନୁଷ୍ଠାନ କରାଯାଇପାରିବ ସେନେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ମୁଖ୍ୟବକ୍ତା ବାନାର୍ଜୀ ତାଙ୍କ ବକ୍ତବ୍ୟରେ ନୈତିକତା ଉପରେ ଆଲୋଚନା କରିଥିଲେ। ଆମେ ଆମର ଉତ୍ତର ପିଢ଼ିକୁ ଏକ କିଭଳି ସମାଜ ଦେବାକୁ ଯାଉଛୁଁ ବୋଲି ପ୍ରଶ୍ନ କରିଥିଲେ। ପରସ୍ପର ଭିତରେ ବିଶ୍ୱାସ ଓ ଆସ୍ଥା କମି ଯାଉଛି। ସମାଜରେ ନୈତିକତା କ'ଣ ଜଣାପଡୁନାହିଁ । ଫଳରେ କେଉଁଟା ଠିକ୍ ଓ କେଉଁଟା ଭୁଲ ଜାଣିପାରୁନାହୁଁ । ଏହା ଏକ ସାଂଘାତିକ ସ୍ଥିତି ବୋଲି କହିବା ସହ ନୈତିକତା ଉପରେ ବିଶେଷ ଜୋର ଦେବା ଉଚିତ୍ ବୋଲି କହିଥିଲେ । ଏହି ଅବସରରେ କେତେକ ପୁରାତନ ଛାତ୍ରୀଛାତ୍ରଙ୍କ ପ୍ରଶ୍ନର ଉତ୍ତର ଦେଇ ବାନାର୍ଜୀ ଓଡିଶାରେ ସରକାର ହକି ବିଶ୍ୱକପ ଆୟୋଜନ କରିପାରୁଥିବାବେଳେ ସ୍କୁଲ-କଲେଜରେ ଶିକ୍ଷକ-ଅଧ୍ୟାପକ ଯୋଗାଇ ନ ପାରିବା ବାସ୍ତବିକ ଚିନ୍ତାର ବିଷୟ ବୋଲି କହିଥିଲେ। ସମ୍ମାନିତ ବକ୍ତା ଡ ସାହୁ ତାଙ୍କ ବକ୍ତବ୍ୟରେ ଗାନ୍ଧୀ ଓ ଆମ୍ବେଦକରଙ୍କ ଶିକ୍ଷା ଚିନ୍ତନ ଉପରେ ଆଲୋଚନା କରିଥିଲେ। ଶିକ୍ଷାର ଉଚିତ୍ ପ୍ରଚାର ପ୍ରସାର କରି ବଞ୍ଚିତ ବର୍ଗଙ୍କୁ ଗୁଣାତ୍ମକ ଶିକ୍ଷା ଦେଇ ଆମେ ସମସ୍ତ ସମସ୍ୟାର ସମାଧାନ କରିପାରିବା ବୋଲି ସେ କହିଥିଲେ।

ମୁଖ୍ୟଅତିଥି ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ ପ୍ଲାଟିନମ୍ ଜୁବିଲି ପାଳନ ବର୍ଷରେ ରାଜେନ୍ଦ୍ର କଲେଜର ଅଧ୍ୟାପକ ସମସ୍ୟା ଦୂର ହୋଇ ନ ପାରିବା ବାସ୍ତବିକ ଚିନ୍ତାର ବିଷୟ ବୋଲି କହିଥିଲେ। ରାଜେନ୍ଦ୍ର କଲେଜକୁ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ ଭାବେ ଘୋଷଣା କରାଯାଇଥିଲେ ମଧ୍ୟ ଏହି ରାଜେନ୍ଦ୍ର କଲେଜର ସ୍ୱାତନ୍ତ୍ରତା ବଜାୟ ରହୁ, ସରକାର ଏ ଦିଗରେ ପଦକ୍ଷେପ ନିଅନ୍ତୁ ବୋଲି ସେ କହିଥିଲେ। ରାଜେନ୍ଦ୍ର କଲେଜର ଜବରଦଖଲ ଉଚ୍ଛେଦ କରାଯାଇ ଅନ୍ତତଃ ବିଶ୍ୱବିଦ୍ୟାଳୟ ପାଇଁ ଶହେ ଏକର ଜମି ସୁନିଶ୍ଚିତ କରିବାକୁ କହିଥିଲେ । ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଜନପତିକ୍ରିୟା ପ୍ରକାଶ ପାଉ ନ ଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଡ ମହାଲିଙ୍ଗ ତାଙ୍କ ବକ୍ତବ୍ୟରେ ଆଗାମୀ ଦିନରେ ବଲାଙ୍ଗୀର ଏକ ଶିକ୍ଷା ହବ୍ ହେବାକୁ ଯାଉଛି କହି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ଉତ୍କର୍ଷ ବିଶ୍ୱବିଦ୍ୟାଳୟ ଭାବେ ଗଢ଼ିବା ଦିଗରେ ସରକାର ଗୁରୁତ୍ୱ ଦେବା ଉଚିତ୍ ବୋଲି କହିଥିଲେ । ସଭାପତୀୟ ଅଭିଭାଷଣରେ ପ୍ରଫେସର ପତି ବଡଧରଣର ଆୟୋଜନ କରି ପ୍ଲାଟିନମ୍ ଜୁବିଲି ପାଳନ କରିପାରୁଥିବା ଆଲୁମ୍‌ନିମାନେ ଏହି କଲେଜ ଓ ବଲାଙ୍ଗୀର ପାଇଁ ବହୁତ୍ କିଛି କରିପାରିବେ ବୋଲି କହିଥିଲେ। ଶିକ୍ଷାର ବିକାଶ ହେଲେ ସମସ୍ତେ ଉପକୃତ ହେବେ ବୋଲି କହିଥିଲେ। ସଭାରେ ପ୍ଲାଟିନମ୍ ଜୁବିଲି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ଉଜ୍ଜୀବନ ଫାଇନାନ୍ସ କମ୍ପାନୀ
ଭାରତର ନଂ.1 କମ୍ପାନୀ
ଋଣ 1% ସୁଧ 50% ଛାଡ଼
ମୁଦ୍ରା ଋଣ, ପ୍ରପର୍ଟି ଋଣ, ମାର୍କଶିଟ୍ ଋଣ, ଆଧାରକାର୍ଡ ଋଣ, ପର୍ସନାଲ ଋଣ, ବ୍ୟବସାୟ ଋଣ ଆଦି ସବୁ ଋଣ
ସବୁ ଋଣ 24 ଘଣ୍ଟାରେ ପାଆନ୍ତୁ
ଚାଷୀ, ମହିଳାଙ୍କ ପାଇଁ ବିଶେଷ ଅଫର
089303-80336
090537-13407

FINANCE
ସରକାରୀ ଯୋଜନା ଦ୍ୱାରା All Odisha ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ
ମାତ୍ର ୦% ସୁଧ ୫୦% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Aastha - 9685015052
Rupali - 8963951185
Manisha - 9753016278
Mona - 7509774004
Janvi - 7566888563
Priyanka - 7649016745
Vasundhara Mall, West Boring Canal Rd, Rajapur, Patna, Bihar 800001

BUSINESS

ASTROLOGY

ଋଣ ଧମାକା
ଋଣ ପାଆନ୍ତୁ ଆଧାରକାର୍ଡରୁ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ, ବ୍ୟବସାୟ, କୁକୁଡ଼ା ପାଳନ, ପଶୁ ପାଳନ, ସମୂହ ଋଣ ।
ଫୋନ୍ କରନ୍ତୁ
9162071458
8863936059
New Ashok Nagar, East Delhi, Delhi

ମହେଶ୍ୱରୀ ଫାଇନାନ୍ସ
LOAN IN 7 DAYS
ମହିଳା/ପୁରୁଷ, ଦୋକାନୀ ବ୍ୟବସାୟୀ, ମାର୍କଶିଟ୍, ପ୍ରପର୍ଟି, କମ୍ ସୁଧ ହାରରେ (2,00,000-10,00,000) ଲକ୍ଷ ଋଣ ଉପଲବ୍ଧ।
Contact 9716825082

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦,୦୦,୦୦୦, ଭଡ଼ା ୬୦,୦୦୦ + କୋର୍ଟ ଏଗ୍ରୀମେଣ୍ଟ।
Helpline No.
7838639856
8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡ଼ା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋଣା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now
9453480851

**ପାଠକଙ୍କ ପାଇଁ ସୂଚନା:**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯଦି ଆମେ ଅପରର ଦୁଃଖକୁ ପ୍ରକୃତ ବୁଝିପାରୁଥାନ୍ତେ,
ତେବେ ଏ ସଂସାର ସ୍ୱର୍ଗରେ ପରିଣତ ହୋଇଯାନ୍ତା।
- ସକ୍ରେଟିସ୍



## ସଂକ୍ଷେପରେ



### ବିଜେପୁରରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

ବିଜେପୁର,୩୦।୧୨(ଡି.ଏନ.ଏ) ବରଗଡ ଜିଲା ବିଜେପୁରଠାରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଜ୍ୟୋତିରଞ୍ଜନ ପଧାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ଜନଶୁଣାଣିରେ ମୋଟ ୧୫୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ବରଗଡ ଏସ୍‌ପି ପଦ୍ମିନୀ ସାହୁ, ଉପଜିଲାପାଳ ତନ୍ମୟ ଦରୁଆନ, ବିଡିଓ ପଦ୍ମନାଭ ସାମନ୍ତରାୟ, ତହସିଲଦାର ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ବିଜେପୁର ତହସିଲରେ ରହିଥିବା ବିଭିନ୍ନ ସମସ୍ୟା, ବିଜେପୁର ଏନ୍‌ଏସିର ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀମାନଙ୍କ ବସ୍ତି ପ୍ଲଟର ନକ୍‌ସା ମାଧ୍ୟମରେ ଗୃହ ନିର୍ମାଣ, ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରୁ ବଞ୍ଚିତ ହେବା, ବୟସ ଅତିକ୍ରାନ୍ତ ସତ୍ତ୍ୱେ ବାର୍ଦ୍ଧକ୍ୟ ଭତ୍ତା ନ ମିଳିବା ଆଦି ପ୍ରସଙ୍ଗ ନେଇ ଅଭିଯୋଗ ଦେଖିବାକୁ ମିଳିଥିଲା । ବିଜେପୁର ବ୍ଲକ, ଏନ୍‌ଏସି, ତହସିଲ, ଥାନା, ସ୍ୱାସ୍ଥ୍ୟ ବିଭାଗ, ପ୍ରାଣୀଧନ, ଶିକ୍ଷା, କୃଷି ବିଭାଗର ଅଧିକାରୀ ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ

**ପଞ୍ଚଶାସିନୀ ବ୍ରାହ୍ମଣ ସମାଜର ବାର୍ଷିକୋତ୍ସବ**

### ସମାଜ ସଂସ୍କାରରେ ଯୁବ ସମାଜ ଆଗଭର ହୁଅନ୍ତୁ

ସରଣ୍ଡା, ୩୦।୧୨ (ଡି.ଏନ.ଏ.) ପଞ୍ଚଶାସିନୀ ବ୍ରାହ୍ମଣ ସମାଜର ତ୍ରୟୋବିଂଶ ବାର୍ଷିକୋତ୍ସବ ଏବଂ ନିର୍ବାଚନ ବରଗଡ଼ ଜିଲା ଅତାବିରା ସ୍ଥିତ ଅଗ୍ରସେନ ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସମାଜର ସ୍ଥାୟୀ ସଭାପତି ହୃଷିକେଶ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଶିବ ପ୍ରସାଦ ତ୍ରିପାଠୀ ସଭା ପରିଚାଳନା କରିଥିଲେ । ଏଥିରେ ଚତୁର୍ଭୁଜ ନାଏକ, ଲକ୍ଷ୍ମୀନାରାୟଣ ଦାଶ, ଡ. ବେଣୁଧର ଦାଶ, ଶ୍ୟାମସୁନ୍ଦର ଧର ନଳିନୀ ନାରାୟଣ ଦାଶ, ଅଚ୍ୟୁତାନନ୍ଦ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ସଭାରେ ସମାଜ ସଂସ୍କାର ଦିଗରେ ଯୁବକଙ୍କ ଭୂମିକା ଉପରେ ବିଷଦ ଆଲୋଚନା ହୋଇଥିଲା। ଏହି ଅବସରରେ ସମାଜର ନୂତନ କର୍ମକର୍ତ୍ତା ନିର୍ବାଚନ ଡ. ବେଣୁଧର ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କାର୍ଯ୍ୟକାରୀ ସଭାପତି ଲକ୍ଷ୍ମଣ କୁମାର ବେହେରା, ଉପସଭାପତି ପ୍ରସନ୍ନ କୁମାର ବିଶ୍ୱାଳ, ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର କର, ସମ୍ପାଦକ ବଦ୍ରିନାରାୟଣ ନାଥଶର୍ମା, ସହ ସମ୍ପାଦକ ଶୁଶୀଲ କୁମାର ନାଏକ ଓ ସରୋଜ କୁମାର ଧର, କୋଷାଧ୍ୟକ୍ଷ ହୃଷିକେଶ ନାଥ, ଆଇନ ଉପଦେଷ୍ଟା ଭାବେ ଦିଲୀପ କୁମାର ତ୍ରିପାଠୀଙ୍କୁ ମନୋନୀତ କରାଯାଇଥିଲା। ଏଥିରେ ଅବିଭକ୍ତ ସମ୍ବଲପୁର ଜିଲାର ବିଭିନ୍ନ ଅଞ୍ଚଳରୁ ୧୦୦୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗ ଦେଇଥିଲେ ।

**ଅର୍ଥାଭାବରୁ ହୋଇପାରୁନି ଚିକିତ୍ସା**

# ଜୀବନ ଯନ୍ତ୍ରଣାରେ ସୁରେଖା

ଗଣ୍ଡତୁରୁମ, ୩୦।୧୨(ଡି.ଏନ.ଏ.) ବରଗଡ଼ ଜିଲା ଭେଡ଼େନ ବ୍ଲକ ମହୁଲପାଲି ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣତୁରୁମ ଗ୍ରାମର ସୁରେଖା ମେହେର (୪୫) । ସେ ଆଜକୁ ଦୁଇବର୍ଷ ହେବ ଦଉଡ଼ି ଖଟରେ ପଡ଼ିରହି ଛଟପଟ ହେଉଛନ୍ତି। ଅର୍ଥାଭାବରୁ ମେରୁଦଣ୍ଡ ଜନିତ ସମସ୍ୟାର ଉପଚାର କରି ନ ପାରି ସେ ଏପରି ଦୁର୍ଦ୍ଦଶା ଭୋଗୁଛନ୍ତି ।

ସ୍ୱାମୀ ସରଜୁ ମେହେର, ୨ ଝିଅ ଓ ଗୋଟିଏ ପୁଅକୁ ନେଇ ସୁରେଖାଙ୍କ ପରିବାର। ଗତ ୨୦୧୭ ଜୁନ୍ ୨୮ ତାରିଖରେ ସୁରେଖା ନିଜ ଘର ଛାତ ଉପରକୁ ଧାନ ଶୁଖାଇବା ପାଇଁ ମାଟି ପାହାଚ ଚଢୁଥିବାବେଳେ ଗୋଡ଼ ଖସିଗଲା। ଅଚେତ ଅବସ୍ଥାରେ



ସୁରେଖା ଦଉଡ଼ି ଖଟରେ ପଡ଼ିରହିଛନ୍ତି।

ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବୁର୍ଲା ଡାକ୍ତରଖାନା ନେଇଗଲେ। ସେଠାରେ ଡାକ୍ତର ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ନେଇଯିବାକୁ କହିଲେ। ସୁରେଖାଙ୍କ ଜୀବନ ବଞ୍ଚାଇବା ଲକ୍ଷ୍ୟରେ ପରିବାର ଲୋକେ ଘରର ଆସବାବ ସହିତ ଜମି ବନ୍ଧକ ରଖି ଟଙ୍କା ଯୋଗାଡ଼ କଲେ। ଶୀଘ୍ର ଚିକିତ୍ସା ହେବ ଭାବି କଟକର ଏକ ଘରୋଇ ନର୍ସିଂହୋମ୍‌ରେ ତାଙ୍କୁ ଭର୍ତ୍ତି କରାଗଲା। ତେବେ ଅତ୍ୟଧିକ ଖର୍ଚ୍ଚ ତୁଲାଇ ନ ପାରି ପରିବାର ଲୋକେ ସୁରେଖାଙ୍କୁ ପୁଣି ସରକାରୀ ଡାକ୍ତରଖାନାକୁ ଫେରାଇ ଆଣିଲେ । ସେଠାରେ ମଧ ଡାକ୍ତର ଆହୁରି ଉଚ୍ଚତର ଚିକିତ୍ସା ପାଇଁ ପରାମର୍ଶ ଦେଲେ । ସରଜୁ ଖର୍ଚ୍ଚ ତୁଲାଇ ନ ପାରି ତାଙ୍କୁ ଘରକୁ ନେଇ ଆସିଲେ। ସେହିଦିନଠାରୁ ସୁରେଖା ଉଠିବସି ନ ପାରି ଘର କୋଣରେ ଦଉଡ଼ିଆ ଖଟରେ ପଡ଼ିରହିଛନ୍ତି। ପରିବାର ସଦସ୍ୟଙ୍କ ସେବା ଶୁଶ୍ରୁଷା ପାଇ ଏତେଦିନ ଭାଗ୍ୟକୁ ଆଦରି ବଞ୍ଚିରହି ବୋଝ ପାଲଟିଛନ୍ତି। ଏମିତି ଦହଗଞ୍ଜ ଜୀବନ ଅପେକ୍ଷା ମରିଯିବା ଭଲ ବୋଲି ଛଳଛଳ ଆଖିରେ କହିଛନ୍ତି ସୁରେଖା। କୌଣସି ସହୃଦୟ ବ୍ୟକ୍ତି କିମ୍ବା ପ୍ରଶାସନିକ ଅଧିକାରୀଙ୍କ ସହାୟତାରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ତାଙ୍କୁ ସହାୟତା ମିଳିଲେ ତାଙ୍କର ଚିକିତ୍ସା ହୋଇପାରନ୍ତା ବୋଲି ଗ୍ରାମବାସୀ ଅନୁରୋଧ କରିଛନ୍ତି ।

## ନାଗବାଚା ପୂଜା ଲାଗି ଶିବ ବରଣ

ଗଣ୍ଡତୁରୁମ, ୩୦।୧୨(ଡି.ଏନ.ଏ.) ଭେଡ଼େନ ବ୍ଲକ ଗଣ୍ଡତୁରୁମ ସ୍ଥିତ ରାମେଶ୍ୱର ମନ୍ଦିରରେ ନାଗବାଚା ପୂଜା ପାଇଁ ଶିବ ବରଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରଞ୍ଜନ ମାଝି, ମୁନ୍‌ସୀ ନାଗ, ଗୋବିନ୍ଦ ସେଠୀ, ଭରତ ପଧାନ, କୁଳମଣି ଭୁଏ, କୁମରମଣି ଭୁଏ, ଗୌରାଙ୍ଗ ଭୁଏ ଏବଂ ବାଲେଶ୍ୱର ଭୁଏ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ସୋନପୁର ଜିଲା ବିନିକା ବ୍ଲକ ମଣିଗାଁ ଗ୍ରାମରେ ୨ଦିନ ଧରି ପାଳିତ ହେବାକୁ ଥିବା ନାଗବାଚା ପୂଜା ପାଇଁ ପ୍ରତିବର୍ଷ ପୌଷ ମାସ ରାମେଶ୍ୱରଙ୍କୁ ବରଣ କରି ଯନ୍ତ୍ର, ମନ୍ତ୍ର, ତନ୍ତ୍ରର ସାଧନା ପାଇଁ ପୂଜାର୍ଚ୍ଚନା କରାଯାଇଥାଏ। ପ୍ରଥମ ଦିନରେ ଶିବଙ୍କୁ ଆବାହନ କରିବା ସହିତ ମନ୍ତ୍ରପୂଜା କରାଯାଉଥିବା ବେଳେ ଦ୍ୱିତୀୟ ଦିନ ବିନ୍ଧୁଁଆ ପୂଜା ସହ ବିଭିନ୍ନ ଦେବଦେବୀଙ୍କୁ ବଡ଼ ପୂଜା କରାଯାଇଥାଏ । ଏଥିରେ ଜଡ଼ିବୁଟି ସେବନ ଏବଂ ବିଭିନ୍ନ ବିଷାକ୍ତ ପ୍ରାଣୀଙ୍କ ଦଂଶନର ବିଷ ହରଣ ପ୍ରକ୍ରିୟା ଶିକ୍ଷା ଦିଆଯାଏ ବୋଲି ବେହେରୀ ରାମ ପଧାନ କହିଛନ୍ତି। ବିଶେଷ କରି ଚେରମୂଳି ଔଷଧ ପ୍ରୟୋଗରେ ବିଭିନ୍ନ ସଂକ୍ରାମକ ରୋଗର ଉପଶମ ଏବଂ ଏହାର ଗୁଣ ବିଷୟରେ ଶିଷ୍ୟମାନଙ୍କୁ ଶିକ୍ଷା ଦିଆଯାଇଥାଏ ବୋଲି ସଭାପତି ଯୋଗୀନ୍ଦ୍ର ଖଣ୍ଡଗିରି କହିଛନ୍ତି ।



ଗଣ୍ଡତୁରୁମ ରାମେଶ୍ୱର ମନ୍ଦିରର ନାଗବାଚା ଭକ୍ତମାନେ ଶିବଙ୍କ ପ୍ରତିମାକୁ ବରଣ କରି ନେଉଛନ୍ତି ।

## ଗୁରୁମା'ଙ୍କ ଆଶୀର୍ବାଦ ନେଲେ କଂସ ଅଭିନେତା

ବରଗଡ଼ ଅଫିସ,୩୦।୧୨ ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହେଉଛି। ଏଥର କ୍ରମାଗତ ତୃତୀୟଥର ପାଇଁ ବରଗଡ଼ ବ୍ଲକ ସରଲା ଗ୍ରାମର ଭୁବନେଶ୍ୱର ପ୍ରଧାନ ଏଠାରେ କଂସ ଭୂମିକାରେ ଅଭିନୟ କରିବେ। ସେ ଅଭିନୟ କରିବା ପୂର୍ବରୁ ସୋମବାର ବରଗଡ଼ ଗାନ୍ଧୀଛକ ନିକଟ କଲ୍ୟାଣ ମଣ୍ଡପରେ ଗୁରୁମା' ଜମ୍ବୋବତୀ ଶତପଥୀ (ପୂର୍ବତନ କଂସ ଅଭିନେତା ସ୍ୱର୍ଗତ ଯୁଧିଷ୍ଠିର ଶତପଥୀଙ୍କ ସ୍ତ୍ରୀ)ଙ୍କ ଆଶୀର୍ବାଦ ନେଇଥିଲେ । ଭୁବନେଶ୍ୱରଙ୍କ ସହିତ



ଅଭିନୟ ପୂର୍ବରୁ ଗୁରୁମା'ଙ୍କଠାରୁ କଂସ ଅଭିନେତା ଆଶୀର୍ବାଦ ଗ୍ରହଣ କରୁଛନ୍ତି ।

ସ୍ତ୍ରୀ ପ୍ରତିମା ଉପସ୍ଥିତ ରହି ଗୁରୁମା'ଙ୍କ ଆଶିଷ କାମନା କରିଥିଲେ । ସେହିପରି ଧନୁଯାତ୍ରା ମହୋତ୍ସବର ମହାରାଣୀ ପଦ୍ମାବତୀ ଭୂମିକାରେ ଅଭିନୟ କରୁଥିବା ଅଭିନେତ୍ରୀ ଓ ଜମ୍ବୋବତୀଙ୍କ ନାତି ଜିତେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ଦୁର୍ଘଟଣାରେ ୨ମୃତ

ପଦ୍ମପୁର,୩୦।୧୨(ଡି.ଏନ.ଏ) ପଦ୍ମପୁର ଥାନା ଅନ୍ତର୍ଗତ ବୁଡ଼ାମାଲ କେନାଲ ପାଖରେ ସୋମବାର ଏକ ସଡ଼କ ଦୁର୍ଘଟଣା ଘଟିଛି । ଭାରସାମ୍ୟ ହରାଇ ଗୋଟିଏ ବାଇକ୍ (ନଂ.ଓଆର୧୫କେ/୩୪୬୩) ଦୁର୍ଘଟଣାଗ୍ରସ୍ତ ହେବାରୁ ୨ଜଣଙ୍କ ମୃତ୍ୟୁ ହୋଇଛି । ମୃତକମାନେ ହେଲେ ଗୁଠୁଲା ଗ୍ରାମର ସୋନୁ ଅମରୀ(୩୫) ଓ ବୃନ୍ଦା ନେଗୀ(୪୦)। ସୂଚନା ଅନୁଯାୟୀ, ସୋନୁ ଓ ବୃନ୍ଦା ବାଇକ୍ ଯୋଗେ ପଦ୍ମପୁରରୁ ଗୁଠୁଲା ଗ୍ରାମକୁ ଫେରୁଥିଲେ। କୌଣସି କାରଣରୁ ବୁଡ଼ାମାଲ କେନାଲ ପାଖରେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱସ୍ଥ ଏକ ଗଛରେ ପିଟି ହୋଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ପୋଲିସ ମୃତଦେହ ଜବତ କରି ପଦ୍ମପୁର ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ଫାଇନାଲରେ ବରଗଡ଼ ବ୍ଲୁ ଡାଇମଣ୍ଡ

**ଗ୍ରାମାଞ୍ଚଳ କ୍ରିକେଟ**

ଭେଡ଼େନ, ୩୦।୧୨(ଡି.ଏନ.ଏ) ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ରେମଣ୍ଡା କ୍ରୀଡ଼ା ସଂସଦ ତରଫରୁ ଚାଲିଥିବା ୨୫ତମ ଗ୍ରାମାଞ୍ଚଳ କ୍ରିକେଟ ପ୍ରତିଯୋଗିତାର ଫାଇନାଲକୁ ବରଗଡ଼ ବ୍ଲୁ ଡ଼ାଇମଣ୍ଡ ଦଳ ପ୍ରବେଶ କରିଛି। ସୋମବାର ଖେଳା ହୋଇଥିବା ମ୍ୟାଚରେ ବରଗଡ଼ ଦଳ କେଏସଏ କଟାପାଲି ଦଳକୁ ୯ ଉଇକେଟରେ ହରାଇ ସହଜ ବିଜୟ ହାସଲ କରିବା ସହ ଫାଇନାଲକୁ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କଟାପାଲି ଦଳ ୧୬.୨ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୭୫ ରନ କରିଥିଲେ। ଜବାବରେ ବରଗଡ଼ ଏକାଦଶ ୭.୩ ଓଭରରେ ମାତ୍ର ଗୋଟିଏ ଉଇକେଟ ହରାଇ ଆବଶ୍ୟକ ରନ୍ କରି ବିଜୟୀ ହୋଇଥିଲେ । ବିଜୟୀ ଦଳର ପରଦେଶୀ ନିଶାଦଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ପୂର୍ବତନ ଖେଳାଳି ଶୁଶାନ୍ତ ଭୋଇ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟାର ଏକାଦଶିଆ ହଟେଇ ଓ ସୁକୁମାର ଶତପଥି ଖେଳ ପରିଚାଳନା କରିଥିବା ବେଳେ ବିନାୟକ ମେହେର ଓ ଛାୟାକାନ୍ତ ମେହେର ସ୍କୋରର, ଶୁଶୀଲ ଅଗ୍ରୱାଲ, ପ୍ରଭଞ୍ଜନ ଶତପଥି ଧାରା ବିବରଣୀ ପ୍ରଦାନ କରିଥିଲେ। ଆସନ୍ତା ଜାନୁୟାରୀ ୧ ତାରିଖ ବୁଧବାର ଏଏଫସିସି ବଲାଙ୍ଗୀର ଓ ବରଗଡ଼ ବ୍ଲୁ ଡ଼ାଇମଣ୍ଡ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି ।

## ଅସହାୟ ବୃଦ୍ଧଙ୍କୁ ଉଦ୍ଧାରକଲେ ସ୍ୱେଚ୍ଛାସେବୀ

ବୌଦ୍ଧ,୩୦।୧୨(ସ୍ୱ.ପ୍ର) ବର୍ତ୍ତମାନ ବୌଦ୍ଧରେ ପ୍ରବଳ ଶୀତ ହେଉଛି। ସୋମବାର ଜଣେ ୭୦ ବର୍ଷୀୟା ବୃଦ୍ଧ ବସଷ୍ଟାଣ୍ଡ ନିକଟ ଶନି ମନ୍ଦିରଠାରେ ଅସହାୟ ଭାବେ ପଡିରହିଥିଲା । ଏହି ଖବର ପାଇବା ପରେ ବୁଡୁପାଲି ସ୍ଥିତ ଗଙ୍ଗାଧର ସ୍ୱେଚ୍ଛାସେବୀ ସମିତିର ପ୍ରତିଷ୍ଠାତା ଇନ୍ଦ୍ରମଣୀ ମେହେର ଓ ସଦସ୍ୟମାନେ ପହଞ୍ଚି ତାଙ୍କୁ ଉଦ୍ଧାର କରି ବୌଦ୍ଧ ମେଡିକାଲରେ ଭର୍ତ୍ତି କରିଛନ୍ତି। ବୃଦ୍ଧଙ୍କ ନାମ ନିଧି ପ୍ରଧାନ ଓ ଘର ମୁଣ୍ଡିପଦର ଗ୍ରାମରେ ବୋଲି ଜଣାପଡିଛି। ତାଙ୍କର କେହି ସମ୍ପର୍କୀୟ ନ ଥିବାରୁ ସେ ଭିକ୍ଷା ବୃତ୍ତି କରି ଚଳୁଥିବା ଜଣାପଡିଛି ।



ସ୍ୱେଚ୍ଛାସେବୀମାନେ ଅସହାୟ ବୃଦ୍ଧଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଉଛନ୍ତି ।

### ଧାରଣାରୁ ଓହରିଲେ ଅଙ୍ଗନୱାଡି କର୍ମୀ, ସହାୟିକା

ବିଜେପୁର,୩୦।୧୨(ଡି.ଏନ.ଏ) ବରଗଡ ଜିଲା ବିଜେପୁର ବ୍ଲକ ସିଡିପିଓଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ଆଣି ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ଦେଇଥିବା ଧାରଣା ସୋମବାର ପ୍ରତ୍ୟାହୃତ ହୋଇଛି । ଜିଲାପାଳ ଜ୍ୟୋତିରଞ୍ଜନ ପଧାନ ଓ ଡିଏସ୍‌ଡବ୍ଲ୍ୟୁଓ ନଳିନୀ ବଳବନ୍ତ ରାଏ, ଉପଜିଲାପାଳ ତନ୍ମୟ ଦରୁଆନ, ବିଡିଓ ପଦ୍ମନାଭ ସାମନ୍ତରାୟ ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାସୁଝା କରିଥିଲେ। ଅଭିଯୋଗ ସଂକ୍ରାନ୍ତରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରି ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ କର୍ମୀମାନେ ଧାରଣାରୁ ଓହରିଥିଲେ । ଅନ୍ୟପକ୍ଷରେ ସିଡିପିଓଙ୍କୁ ଅନ୍ୟତ୍ର ବଦଳି କରା ନ ଗଲେ ଏବଂ ଯଦି ସିଡିପିଓ ବିଜେପୁର କାର୍ଯ୍ୟାଳୟରେ ପୁଣି ଯୋଗ ଦିଅନ୍ତି ତେବେ ପୁଣି ଧାରଣା ଦିଆଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି ।

## ଚ୍ୟାଲେଞ୍ଜର୍ସ କପ୍ କ୍ରିକେଟ :କଣ୍ଡପଲା ଚାମ୍ପିୟନ

ଅମ୍ବାଭୋନା,୩୦।୧୨(ଡି.ଏନ.ଏ.) ବିଜୁ ଯୁବବାହିନୀ ଭୁଲ୍ଟା ଗ୍ରାମପଞ୍ଚାୟତ ଆନୁକୂଲ୍ୟରେ ଶ୍ରୀଗୁଣ୍ଡିଚା ଖେପଡ଼ିଆ ପ୍ରକାଶପୁରରେ ଦୀର୍ଘ ୧୨ଦିନ ଧରି ଆୟୋଜିତ ହୋଇଥିବା ୨୩ତମ ଚ୍ୟାଲେଞ୍ଜର୍ସ କପ୍ କ୍ରିକେଟ ଟୁର୍ନାମେଣ୍ଟ ଏବଂ ୧୫ତମ ସଞ୍ଜୀବ ସ୍ମାରକୀ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ ଶ୍ରୀଗୁଣ୍ଡିଚା କ୍ରିକେଟ କ୍ଲବ ଚିଚୋଲି ଏବଂ କଣ୍ଡପଲା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୧୫ ଓଭର ବିଶିଷ୍ଟ ଏହି ଫାଇନାଲ ମ୍ୟାଚରେ ଶ୍ରୀଗୁଣ୍ଡିଚା କ୍ରିକେଟ କ୍ଲବ ପ୍ରଥମେ ଟସ୍ ଜିଣି ୧୪୬ ରନ୍ ସଂଗ୍ରହ କରିଥିଲା। ମାତ୍ର ୧୪ ଓଭର ଖେଳରେ କଣ୍ଡପଲା ଦଳ ଟାର୍ଗେଟ ପୂରଣ କରି ଚାମ୍ପିୟନ ହୋଇଥିଲା। ଶ୍ରୀଗୁଣ୍ଡିଚା କ୍ରିକେଟ କ୍ଲବ ରନର୍ସ ଅପ ହୋଇଥିଲା। ୧୨ଦିନ ଧରି ଚାଲିଥିବା ଏହି କ୍ରିକେଟ ପ୍ରତିଯୋଗିତାରେ ମୋଟ ୩୨ଟି ଆଞ୍ଚଳିକ ଦଳ ଭାଗ ନେଇଥିଲେ। ଉଦ୍‌ଯାପନୀ ସମାରୋହରେ ଯୁବ ସମାଜସେବୀ ସୁବ୍ରତ ସିଂ ମୁଖ୍ୟଅତିଥି ଏବଂ ଅମ୍ବାଭୋନା ତହସିଲଦାର ସଦାକର କୁମ୍ଭାର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅମ୍ବାଭୋନା ପ୍ରାଣୀଧନ ଅଧିକାରୀ ଡା. ଶ୍ରୀକାନ୍ତ ପରିଡ଼ା, କୋଚ୍ ଜ୍ୟୋତି ପ୍ରକାଶ ପଧାନ, ସମାଜସେବୀ ପ୍ରେମ କିଶୋର ପଟେଲ, ରାଜୀବ କୁମାର ମିଶ୍ର, ଛବିଲାଲ ପଧାନ, ପୂର୍ଣ୍ଣାନନ୍ଦ ରଣା, ଡୋଲାମଣି ସା, ଶଶୀଭୂଷଣ ପଧାନ, ମନବୋଧ ଭୋଇ, ଡା. ଏସ୍.କେ. ସରକାର, ଶିବ ପ୍ରସାଦ ଭୋଇ, ଦୀନମଣି ସା, ସୁଶୀଲ ସା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ରାଜେଶ ଧାରା ବିବରଣୀ ପ୍ରଦାନ କରିଥିଲେ। ଅତିଥିଗଣ ଉଭୟ ବିଜେତା ଏବଂ ଉପବିଜେତାଙ୍କୁ ପୁରସ୍କୃତ କରିଥିଲେ।

## ବିଜୁ ଯୁବବାହିନୀ କ୍ରିକେଟ: ସଂକ୍ରୀଡ଼ା ଚାମ୍ପିୟନ

ଭେଡ଼େନ, ୩୦।୧୨(ଡି.ଏନ.ଏ) ଭେଡ଼େନ ବ୍ଲକ ଅନ୍ତର୍ଗତ ସଂକ୍ରୀଡ଼ାଠାରେ ବିଜୁ ଯୁବ ବାହିନୀ ତରଫରୁ ଚାଲିଥିବା ଗ୍ରାମାଞ୍ଚଳ କ୍ରିକେଟ ପ୍ରତିଯୋଗିତାରେ ସଂକ୍ରୀଡ଼ା ଦଳ ଚାମ୍ପିୟନ ହୋଇଛି। ସୋମବାର ଫାଇନାଲ ମ୍ୟାଚରେ ସଂକ୍ରୀଡ଼ା ଦଳ ଲୁଇସିରା ଏକାଦଶକୁ ୩୨ ରନରେ ହରାଇ ଚାମ୍ପିୟନ ହୋଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ସଂକ୍ରୀଡ଼ା ଦଳ ୧୨ ଓଭରରେ ୮ ଉଇକେଟ ହରାଇ ୧୧୯ ରନ କରିଥିଲେ। ଏହାର ଜବାବରେ ଲୋଇସିରା ଏକାଦଶ ୧୨ ଓଭରରେ ୮ ଉଇକେଟ ହରାଇ ୮୮ ରନ କରିବାକୁ ସମର୍ଥ ହୋଇଥିଲେ। ଗଦଲ ପଞ୍ଚବିହାରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ଟୁର୍ନାମେଣ୍ଟ ଭାବେ ପୁରସ୍କୃତ କରାଯାଇଥିଲା। ସଂକ୍ରୀଡ଼ା ସରପଞ୍ଚ ସୁଶାନ୍ତ ସାହୁ ମୁଖ୍ୟଅତିଥି, ପ୍ୟାକ୍ସ ସଭାପତି ସତ୍ୟଜିତ ପୁରୋହିତ, ସମିତିସଭ୍ୟା ଗୀତାଞ୍ଜଳି ଭୋଇ ସମ୍ମାନିତ ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ ଅମ୍ପାୟାର ଯୋଗେଶ ଶର୍ମା ଓ ସଚିନ ପୁରୋହିତ ପରିଚାଳନା କରିଥିଲେ। ଶେଷରେ ହିମାଂଶୁ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।



ସଂକ୍ରୀଡ଼ା କ୍ରିକେଟ ପ୍ରତିଯୋଗିତାରେ ଅତିଥି ଓ ଖେଳାଳି ।

**ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ**

## ପୁରୁଣାକଟକ, ଘଣ୍ଟାପଡ଼ା, ଗେହ୍ଲାମା ଦଳ ବିଜୟୀ

ବୌଦ୍ଧ,୩୦।୧୨(ସ୍ୱ.ପ୍ର) ବୌଦ୍ଧ ଜିଲା ଆସନ୍ତା ୨ତାରିଖରେ ୨୬ତମ ସ୍ୱନକ୍ଷତ୍ର ଦିବସ ପାଳନ କରିବ। ଏହି ଅବସରରେ ବୌଦ୍ଧ ଜିଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ସହିତ ଏକ ସଙ୍ଗରେ ପୁସ୍ତକ, କୃଷି, କ୍ରୀଡା, ପର୍ଯ୍ୟଟନ ଉତ୍ସବ ପାଳନ ହେବାକୁ ଯାଉଛି । ଜିଲାବ୍ୟାପୀ କ୍ରୀଡା ମହୋତ୍ସବ ବ୍ଲକ ଓ ଏନ୍‌ଏସି ସ୍ତରରେ ଆୟୋଜିତ ହେବା ପରେ ଗତ ରବିବାର ଠାରୁ ଜିଲାସ୍ତରୀୟ କ୍ରୀଡା ମହୋତ୍ସବ ଜିଲା ଷ୍ଟାଡିୟମ ପଡିଆରେ ଆରମ୍ଭ ହୋଇଛି । ସୋମବାର ଏହି ଜିଲାସ୍ତରୀୟ କ୍ରୀଡା ମହୋତ୍ସବର ଦ୍ୱିତୀୟ ଦିନ ଖେଳ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିନର ପ୍ରଥମ ଖେଳ କନ୍ଧମାଳ ବ୍ଲକର ଘଣ୍ଟାପଡା ଓ ହରଭଙ୍ଗା ବ୍ଲକର ପୁରୁଣାକଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୁଣାକଟକ ଦଳ ୧-୦ ଗୋଲରେ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ ବୌଦ୍ଧ ବ୍ଲକର ତାଳସରଡା ଓ କନ୍ଧମାଳ ବ୍ଲକର ଘଣ୍ଟାପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଘଣ୍ଟାପଡା ଦଳ ୨-୧ ଗୋଲରେ ବିଜୟୀ ହୋଇଥିଲା। ସେହିପରି ତୃତୀୟ ମ୍ୟାଚ ଏନ୍‌ଏସର ଗେହ୍ଲାମା ଦଳ ଓ ହରଭଙ୍ଗା ବ୍ଲକର ପୁରୁଣାକଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗେହ୍ଲାମା ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ଏହି ଅବସରରେ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ରୂର ସେଠୀ, ଡେପୁଟି କଲେକ୍ଟର ଅବିନାଶ ପାଣ୍ଡିଆ, ସଂସ୍କୃତି ଅଧିକାରୀ ଶିଶିର କୁମାର ସାହୁ, କ୍ରୀଡା ଅଧିକାରୀ ପବିତ୍ର କୁମାର ରାଉତ ଓ ଜିଲା ଆଥଲେଟିକ ଆସୋସିଏଶନର ସମ୍ପାଦକ ରବିନ୍ଦ୍ର କୁମାର ରାଉତ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଏହି ମ୍ୟାଚଗୁଡିକୁ ରେଫରୀ ଭାବେ ସଲୀଳ ବେହେରା, ବିଭୂତି ବେହେରା, ପ୍ରବୀଣ ବେହେରା, ଶଶୀକାନ୍ତ ଦାସିଆ, ସୁରେନ୍ଦ୍ର ବେହେରା, ସାଗର ବେହେରା ପ୍ରମୁଖ ପରିଚାଳନା କରିଥିଲେ । ମ୍ୟାଚ କମିଶନର ଭାବେ ସଞ୍ଜୟ ଜେନା ଓ ଶ୍ରୀକାନ୍ତ ବହିଦାର ଦାୟିତ୍ୱ ତୁଲାଇଥିଲେ। ମଙ୍ଗଳବାର ଏହି କ୍ରୀଡା ମହୋତ୍ସବର ଫାଇନାଲ ଖେଳ ବୌଦ୍ଧ ଏନ୍‌ଏସିର ଗେହ୍ଲାମା ଦଳ ଓ ହରଭଙ୍ଗା ବ୍ଲକର ପୁରୁଣାକଟକ ଦଳ ମଧ୍ୟରେ ହେବ । ତୃତୀୟ ପୋଜିସନ ପାଇଁ ବୌଦ୍ଧ ବ୍ଲକର ତାଳସରଡା ଓ କନ୍ଧମାଳ ବ୍ଲକର ଘଣ୍ଟାପଡା ମଧ୍ୟରେ ଖେଳ ଅନୁଷ୍ଠିତ ହେବ।



ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳି ।



ମିତ୍ରଦ୍ରୋହୀ, କୃତଘ୍ନ ଓ ବିଶ୍ୱାସଘାତ - ଏମାନେ
ଚନ୍ଦ୍ର-ସୂର୍ଯ୍ୟ ଥିବାଯାଏ ନରକ ଭୋଗ କରନ୍ତି।
-ମହାକବି କାଳିଦାସ

## ସଂକ୍ଷେପରେ

### ଜିଲାସ୍ତରୀୟ ଓଡ଼ିଶା ସବୁଜ ବିକାଶ ପରିଷଦ ବୈଠକ

**ପାଇକମାଳ,୩୦।୧୨(ଡି.ଏନ.ଏ.):** ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ନୃସିଂହନାଥ ପୀଠ କପିଳମୁନି ଆଶ୍ରମରେ ଓଡ଼ିଆ ସବୁଜ ବିକାଶ ପରିଷଦର ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ବ୍ଲକ ସଂଯୋଜକ ରାଜକୁମାର ସେଠଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଓଡ଼ିଶା ସବୁଜ ବିକାଶ ପରିଷଦ ବରଗଡ଼ ଜିଲାର ପ୍ରତ୍ୟେକ ବ୍ଲକରୁ ସଂଯୋଜକ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଗାମୀ ଜାନୁୟାରୀ ୧୫ ତାରିଖରେ ନୃସିଂହନାଥ ପୀଠରେ ହେବାକୁ ଥିବା ଜିଲାସ୍ତରୀୟ ପଞ୍ଚାୟତ କର୍ମୀ ଶିବିରରେ ପରିଷଦର ରାଜ୍ୟ ଅଧକ୍ଷ ରାଜୀବ ରାୟ ଯୋଗଦାନ କରି ପଞ୍ଚାୟତ ସଂଯୋଜକମାନଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ବୈଠକରେ ପାଇକମାଳ ବ୍ଲକ ସଂଯୋଜକ ମନୋଜ ଦାସଙ୍କ ତତ୍ତ୍ୱାବଧାନରେ ବ୍ଲକର ୧୪ଟି ପଞ୍ଚାୟତର ସଂଯୋଜକମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା।

ଟାର୍ଗେଟ୍ ବୃଦ୍ଧି ହୋଇନି

# ମଣ୍ଡିରେ ପଡ଼ି ରହିଛି ଧାନ

**୨୦,୨୨୪ ଚାଷୀଙ୍କଠାରୁ କିଣା ହେଲାଣି ୧୬ ଲକ୍ଷ କୁଇଣ୍ଟାଲ**

**ସୋନପୁର,୩୦।୧୨(ନି.ପ୍ର.)**

ରାଜ୍ୟ ସରକାର ସୁବର୍ଣ୍ଣପୁର ଜିଲାର ଧାନ କ୍ରୟ ଟାର୍ଗେଟ୍ ବୃଦ୍ଧି କରି ନ ଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ଟାର୍ଗେଟ୍ ସରିଥିବାରୁ ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଧାନ କିଣୁ ନଥିବା ଚାଷୀ ଅଭିଯୋଗ କରୁଛନ୍ତି। ମିଲର୍ସ ମଣ୍ଡିକୁ ଆସୁ ନାହାନ୍ତି । ଚାଷୀ ମଣ୍ଡିରେ ଧାନ ରଖି ଶୀତ କାକରରେ ଜଗି ରହିଛନ୍ତି । ଅନ୍ୟପକ୍ଷେ ଜିଲା ଯୋଗାଣ ବିଭାଗ ଧାନକ୍ରୟ କରିବା ପାଇଁ ଗତ ୨୭ ତାରିଖରେ ୧୦ଲକ୍ଷ ୧୪ହଜାର କୁଇଣ୍ଟାଲର ଟାର୍ଗେଟ୍ ରାଜ୍ୟ ଯୋଗାଣ ନିଗମକୁ ମାଗିଛି। କିନ୍ତୁ ସୋମବାର ସନ୍ଧ୍ୟା ସୁଦ୍ଧା ସରକାରଙ୍କ ପକ୍ଷରୁ ଟାର୍ଗେଟ୍ ମିଳିନି । ଜିଲାରେ ଗତ ନଭେମ୍ବର ୧୫ ତାରିଖରୁ ଖରିଫ ଧାନ କିଣା ଆରମ୍ଭ ହୋଇଛି। ଖରିଫ ଧାନ ବିକ୍ରି ପାଇଁ ୪୭ ହଜାର ୯୯୦ ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି। ଜିଲାର ୪୧ଟି ମିଲର୍ସ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇଥିବା ବେଳେ ବାହାର ଜିଲାର ମିଲର୍ସଙ୍କୁ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରିବା ପାଇଁ ପ୍ରଶାସନ ପକ୍ଷରୁ ସରକାରଙ୍କୁ ଅନୁରୋଧ କରାଯାଇଛି। ସେହିପରି ୬୫ଟି ପ୍ୟାକ୍ସ ଓ ୧୪ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଧାନ କ୍ରୟ ହେଉଛି। ଚାଷୀଙ୍କୁ ଅନଲାଇନ ଟୋକନ ବ୍ୟବସ୍ଥା ଅନୁଯାୟୀ ସୋମବାର ସନ୍ଧ୍ୟା ସୁଦ୍ଧା ୨୦ହଜାର ୨୨୪ ଚାଷୀଙ୍କଠାରୁ ୧୬ଲକ୍ଷ ୭ହଜାର ୨୨୪କୁଇଣ୍ଟାଲ ଧାନ କ୍ରୟ ହୋଇଛି। ତେବେ ପୂର୍ବ ବର୍ଷ ଭଳି ଜିଲାରେ ମିଲର୍ସଙ୍କ ମର୍ଜିରେ ଚାଲିଛି ଧାନକ୍ରୟ। ଏଫଏକ୍ୟୁ ଆଳ ଦେଖାଇ ମିଲର୍ସମାନେ କୁଇଣ୍ଟାଲ ପ୍ରତି ୩ରୁ ୪ କେଜି ଧାନ କାଟି ନେଉ ଥିବାର ଚାଷୀମାନେ ଅଭିଯୋଗ କରୁଛନ୍ତି। କଟ୍‌ନି ଛଟ୍‌ନିରେ ମିଲର୍ସଙ୍କ ଖାତାକୁ ଚାଲିଗଲାଣି ହଜାର ହଜାର କୁଇଣ୍ଟାଲ ଧାନ। ଏହି ଧାନ ମିଲର୍ସଙ୍କ ଖାତାକୁ ଯାଉଥିଲେ ମଧ ଏହାର ତଦନ୍ତ ହେଉନାହିଁ। ମିଲର୍ସଙ୍କ ଉପରେ ପ୍ରଶାସନ ନିୟନ୍ତ୍ରଣ ହରାଇଥିବାରୁ କଟ୍‌ନି ଛଟ୍‌ନି ଜାରି ରହିଛି। ଏହି କଟ୍‌ନି ଛଟ୍‌ନିରେ ମିଲର୍ସ, ପ୍ୟାକ୍ସ କର୍ମଚାରୀ ଓ ଯୋଗାଣ ବିଭାଗ ସମ୍ପୃକ୍ତ ଥିବା ଅଭିଯୋଗ ହେଉଛି। ପ୍ରତିବର୍ଷ ଧାନ ସଂଗ୍ରହ ବୈଠକରେ କଟ୍‌ନି ଛଟ୍‌ନି ଉପରେ ରୋକ ଲଗାଇବାକୁ ନିଷ୍ପତ୍ତି ହୋଇଥାଏ । କିନ୍ତୁ ବାସ୍ତବ କ୍ଷେତ୍ରରେ ତାହା କାର୍ଯ୍ୟକାରୀ ହୁଏନି। ଯାହାର ପୁନରାବୃତ୍ତି ଚଳିତ ଖରିଫ ଧାନ ସଂଗ୍ରହରେ ଦେଖିବାକୁ ମିଳିଛି। ଡୁଙ୍ଗୁରିପାଲି ବ୍ଲକ ଭୀମଟିକିରା ମଣ୍ଡିରେ ଗତ ୨୪ଦିନ ଧରି ଧାନ ପଡି ରହିଛି । ଟ୍ୟାଗିଂ ହୋଇଥିବା ମିଲର୍ସ ମଣ୍ଡିକୁ ଯାଉ ନ ଥିବାରୁ ଧାନ ଉଠୁନି। ବୀରମହାରାଜପୁର, ଉଲୁଣ୍ଡା ଓ ତରଭା ବ୍ଲକର ବିଭିନ୍ନ ପ୍ୟାକ୍ସରେ ମଧ ଧାନ ପଡି ରହିଛି। ମିଲର୍ସ ଆସୁ ନଥିବାରୁ ଧାନ ଉଠି ପାରୁନି । ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକୋରା କୁହନ୍ତି ମିଲର୍ସଙ୍କ ଉପରେ ଆହୁରି ୪ ଲକ୍ଷ କୁଇଣ୍ଟାଲ ଧାନର ଟାର୍ଗେଟ୍ ଅଛି। ମଙ୍ଗଳବାର ସୁଦ୍ଧା ପୁଣି ୧୦ ଲକ୍ଷ କୁଇଣ୍ଟାଲ ଧାନ ଟାର୍ଗେଟ୍ ଆସିବ । ଚାଷୀଙ୍କ ଧାନ କିଣିବାରେ କୌଣସି ଅସୁବିଧା ହେବନି ବୋଲି ମତ ଦେଇଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଇକି ଚିକଣ ଗୋରୀ**
**ଚମ୍ପା ଫୁଲଠଉଁ ବଳି ସୁନ୍ଦରୀ**
**ଦେଖି ପେଟଯାଏ ପୂରି ।**

ଚମ୍ପା ଫୁଲର ରଙ୍ଗ ଯେମିତି ହଳଦିଆ ଦେଖିବାକୁ ସେମିତି ସୁନ୍ଦର। ସାଧାରଣତଃ ସୌନ୍ଦର୍ଯ୍ୟ ପ୍ରତି ସଭିଙ୍କ ମନରେ ଦୁର୍ବଳତା ଭାବ ରହିଥାଏ। ସୁନ୍ଦରତା ଆଡ଼କୁ ସଭିଙ୍କ ମନ ଅଚୀରେ ଟାଣି ହୋଇଯାଇଥାଏ। ଗୌରବର୍ଣ୍ଣା ଯୁବତୀଙ୍କୁ ଦେଖି ଆଖି ଲାଖି ରହିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚୋରି କରେ ଦୁନିଆ**
**ଧରା ପଡ଼ିଲେ ଚୋର ।**

ସମୟ ସୁବିଧା ସୁଯୋଗ ପାଇଲେ ଅନେକେ ଚୋରି ଭଳି ଘୃଣ୍ୟ କାମ କରିବାକୁ ପଛାଇ ନ ଥାନ୍ତି। କେମିତି ଅନାୟାସରେ ଫାଇଦା ମିଳିଯିବ ସେଇ ଚକ୍କରରେ ରହିଥାନ୍ତି। ଆତ୍ମସାତ୍ କରି ମଧ ଅନ୍ୟଆଗରେ ନିଜକୁ ସାଧୁ ସଚ୍ଚୋଟ ବୋଲାଇବାରେ ତିଳେମାତ୍ର ସଙ୍କୋଚ କରି ନ ଥାନ୍ତି। ତେବେ ଯିଏ ଧରାପଡ଼ିଯାଏ କେବଳ ସେ ହିଁ ଚୋର ଆଖ୍ୟା ପାଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଦେଶୀ ରନ୍ଧା ମଦ ଜବତ, ଅଭିଯୁକ୍ତ ଗିରଫ

**ବିନିକା, ୩୦।୧୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଶଙ୍କରା ଗ୍ରାମ ଖେଳପଡିଆରେ ରବିବାର ରାତିରେ ପାଟ୍ରୋଲିଂ ପୋଲିସ ଜଣେ ବ୍ୟକ୍ତିଙ୍କ ପାଖରୁ ୧୦ଲିଟର ଦେଶୀ ରନ୍ଧାମଦ ଜବତ କରିଛି। ଏହି ଘଟଣାରେ ପୋଲିସ ଗ୍ରାମର ଶ୍ରୀକର ଜଗଦଲା(୨୫) ଗିରଫ କରିଛି। ଦେଶୀ ରନ୍ଧାମଦ ଏକ ବ୍ୟାଗ୍‌ରେ ଭର୍ତ୍ତି କରି ସେ ନେଉଥିଲେ। ସୋମବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି । ଏନେଇ ବିନିକା ଥାନାରେ ଏକ ମାମଲା (ନଂ.୨୨୯/୧୯)ରୁଜୁ ହୋଇଛି।



ଖଲିଆପାଲିରେ ନାଗବାଚାଙ୍କ ପୂଜାର୍ଚ୍ଚନା କରାଯାଉଛି।

# ଖଲିଆପାଲିରେ ପାରମ୍ପରିକ ନାଗବାଚା ପୂଜା

**ଉଲୁଣ୍ଡା, ୩୦।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଦର ପଞ୍ଚାୟତର ଖଲିଆପାଲି ଗ୍ରାମରେ ନାଗବାଚା ପୂଜା ସୋମବାର ଅନୁଷ୍ଠିତ ହୋଇଯାଇଛି। ଗୌଡଗାଁ (ବାହାଲି) ନାଗବାଚା ଭକ୍ତମାନେ ଶିବଙ୍କୁ ଏକ ଖଟୁଲିରେ ଧରି ଛତି, ଛତ୍ର, ଘଣ୍ଟ, ଘଣ୍ଟାର ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା ସହ ଉଲୁଣ୍ଡାରେ ପହଞ୍ଚିଥିଲେ। ଏଠାରେ ମଧ୍ୟ ଗ୍ରାମ ପରିକ୍ରମା ସହ ଗ୍ରାମର ଭୁବନେଶ୍ୱର ମହାଦେବଙ୍କ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା ପରେ ମହାଦେବଙ୍କୁ ବରଣ କରି ଖଲିଆପାଲିକୁ ନେଇଥିଲେ। ସେଠାରେ ଗ୍ରାମବାସୀ ସ୍ୱାଗତ କରି ଗ୍ରାମକୁ ପାଛୋଟି ନେଇ ମନ୍ଦିର ସମ୍ମୁଖରେ ପୂଜାର୍ଚ୍ଚନା କରିଥିଲେ। ପୂଜାର୍ଚ୍ଚନା ବେଳେ ହାଡୁ ସେଠୀ, ଗଣେଷ ପୋଢ, ଦୁଃଶାସନ ପାଣ୍ଡେ, ପରମା ବାବାଜୀଙ୍କ ଦେହରେ ଦେବୀ ଆବିର୍ଭାବ ହୋଇଥିଲେ। ଏହି ସମୟରେ ଗ୍ରାମର ଭୁତ, ପ୍ରେତ ତଥା ସର୍ପଭୟ ନିବାରଣ ପାଇଁ ଗ୍ରାମବାସୀ ପ୍ରାର୍ଥନା କରିଥିଲେ। ଅପରାହ୍ନରେ ନାଗବାଚା ଭକ୍ତ ପୁଣି ଗୌଡଗାଁକୁ ଫେରିଯାଇ ରାତ୍ରୀରେ ନିଶି ପୂଜା କରି ବିଶ୍ୱମଙ୍ଗଳ କାମନା କରିଥିଲେ। ଦେବରାଜ ମଲ୍ଲିକ, ସତ୍ୟାନନ୍ଦ ଘିବିଲା, ସୌମିତ୍ରୀ ପାଣ୍ଡେ ପୂଜାର୍ଚ୍ଚନା କରିଥିଲେ। ମ୍ୟାନେଜର ଦେବାର୍ଚ୍ଚନ ବାଘଙ୍କ ସମେତ ସୁରେଶ ଘିବିଲା, ପ୍ରଦୀପ ମହାକୁର, ବାବୁ ଭୋଇ, ସୁବ୍ରତ ଦୀପ, ପବିତ୍ର ସେଠୀ, ବିଜ୍ଞାନ କର୍ଣ୍ଣ, ମଦନ ଭୋଇ, ସୁରୁ ଘିବିଲା, ବେଦ ମଲ୍ଲିକ, ସମାରୁ ପୋଢ, କୃଷ୍ଣ ମହାକୁର ପ୍ରମୁଖ ସହଯୋଗ କରିଥିଲେ।

ହାତୀଙ୍କ ଉତ୍ପାତ, ଉଲୁଣ୍ଡା ବନାଞ୍ଚଳବାସୀ ଅତିଷ୍ଠ

# ଚଢେଇଗୁଡ଼ି ଯୋଗାଶ୍ରମ ଭାଙ୍ଗିଲା ଦନ୍ତା

**ସୋନପୁର,୩୦।୧୨(ନି.ପ୍ର.)**



ଦନ୍ତା ହାତୀ ରବିବାର ରାତିରେ ଅରବିନ୍ଦ ଯୋଗାଶ୍ରମର କାନ୍ଥ ଭାଙ୍ଗି ଦେଇଛି ।

ସୁବର୍ଣ୍ଣପୁର ବନଖଣ୍ଡର ଉଲୁଣ୍ଡା ବନାଞ୍ଚଳରେ ହାତୀ ଉପଦ୍ରବ ବୃଦ୍ଧି ପାଇଛି। ହାତୀପଲ ଦୀର୍ଘଦିନ ଧରି ସ୍ଥାନୀୟ ଅଞ୍ଚଳରେ ବ୍ୟାପକ କ୍ଷତି ଘଟାଉଛନ୍ତି। ଗୋଟିଏ ପଲରେ ୧୮ଟି, ଅନ୍ୟଟିରେ ୩ଟି ଓ ଗୋଟିଏ ଦନ୍ତା ଏକୁଟିଆ ବିଭିନ୍ନ ସ୍ଥାନରେ ଘୁରି ବୁଲୁଛନ୍ତି। ସନ୍ଧ୍ୟା ହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମକୁ ଆସି ଫସଲ ଓ ସମ୍ପତ୍ତି ନଷ୍ଟ କରୁଛନ୍ତି। ବନ ବିଭାଗ ହାତୀ ଘଉଡାଇବା ପାଇଁ ଉଦ୍ୟମ କରି ଫେଲ ମାରୁଛି। ଏଥିପାଇଁ ଅଞ୍ଚଳବାସୀ ଅତିଷ୍ଠ ହେଲେଣି। ଗତ ୩ ଦିନ ହେଲା ଗୋଟିଏ ଦନ୍ତା ଚଢେଇଗୁଡିସ୍ଥିତ ଅରବିନ୍ଦ ଯୋଗାଶ୍ରମକୁ ଆସି ବ୍ୟାପକ କ୍ଷତି କଲାଣି। ରବିବାର ରାତିରେ ଏହି ଦନ୍ତା ଆଶ୍ରମର ଷ୍ଟୋରରୁମ୍, ଲୁହା ଗେଟ୍, ବାଇକ୍, ସୋଲାର ପ୍ଲେଟ୍ ଓ ଘରର କାନ୍ଥ ଭାଙ୍ଗି ଦେଇଛି। ସୋମବାର ରାତିରେ ଦନ୍ତା ପୁଣି ଆଶ୍ରମରେ ପ୍ରବେଶ କରିଛି। ଆଶ୍ରମର ଅନ୍ତେବାସୀ ଭୟଭୀତ ଅବସ୍ଥାରେ ଛାତ ଉପରେ ଆଶ୍ରୟ ନେଇଛନ୍ତି। ସେହିପରି ଅନ୍ୟ ଏକ ଦଳ ଜଉଁରାଭଉଁରା ପଞ୍ଚାୟତର ଗୁଜା ପ୍ରାଇମେରୀ ସ୍କୁଲ, ବଡମାଳ ସ୍କୁଲ ଓ ପଣ୍ଡକିଟାଲ ସ୍କୁଲରେ କ୍ଷତି କରିଥିବା ଜଣାପଡିଛି। ବିଦ୍ୟାଳୟର ମଧ୍ୟାହ୍ନଭୋଜନ ଚାଉଳ ହାତୀ ଖାଇ ଦେଉଥିବା ଅଭିଯୋଗ ହୋଇଛି। ସୋମବାର ହାତୀପଲକୁ ରେଢାଖୋଲ ପଟକୁ ଘଉଡାଇବା ପାଇଁ ସହକାରୀ ବନ ସଂରକ୍ଷକ ସୁଶିଲ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଟିମ୍ ଉଦ୍ୟମ କରିଥିଲେ। ତେବେ ହାତୀ ଆକ୍ରମଣ କରିବାକୁ ଗେଡାଇ ବାରୁ ସେମାନେ ଫେରି ଆସିଥିବା ଜଣାପଡିଛି ।

ରାଜେନ୍ଦ୍ର କଲେଜ ପ୍ଲାଟିନମ୍ ଜୁବିଲିର ଚତୁର୍ଥ ଦିବସ

# ଗୁଣାତ୍ମକ ଶିକ୍ଷା ସମସ୍ୟା ସମାଧାନର ଚାବିକାଠି



ରାଜେନ୍ଦ୍ର କଲେଜ ପ୍ଲାଟିନମ୍ ଜୁବିଲି ସମାରୋହର ଚତୁର୍ଥ ଦିବସରେ ମଞ୍ଚାସୀନ ଅତିଥି ।

**ବଲାଙ୍ଗୀର ଅଫିସ, ୩୦।୧୨**

ଆମ ସମାଜ ଅନେକ ସମସ୍ୟା ଦେଇ ଗତି କରୁଛି । ସବୁଠୁ ବଡ ସମସ୍ୟା ହେଉଛି ଆମେ ଲୋକଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗାଇବାରେ ଫେଲ ମାରିଛୁ। ଗୁଣାତ୍ମକ ଶିକ୍ଷା ନ ଥିବା କାରଣରୁ ଆମ ସମାଜରେ ଦେଖାଯାଉଥିବା ଆହ୍ୱାନଗୁଡିକୁ ଆମେ ସଫଳତାର ସହ ମୁକାବିଲା କରିପାରୁନାହୁଁ। ଗୁଣାତ୍ମକ ଶିକ୍ଷା ଜରିଆରେ ଆମେ ସମସ୍ତ ସମସ୍ୟା ଓ ଆହ୍ୱାନର ମୁକାବିଲା କରିପାରିବା ବୋଲି ଅତିଥି, ବକ୍ତାମାନେ ରାଜେନ୍ଦ୍ର ସ୍ୱୟଂଶାସିତ କଲେଜ ପ୍ଲାଟିନମ୍ ଜୁବିଲି ସମାରୋହ ରାଜେନ୍ଦ୍ରାୟନର ଚତୁର୍ଥ ଦିବସ ସଭାରେ କହିଛନ୍ତି । ଏହି ସଭାକୁ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର ଉଦ୍‌ଘାଟନ କରିଥିଲେ । ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ମଧୁସୂଦନ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ବିଧାୟକ ମିଶ୍ର, ସମ୍ମାନିତ ଅତିଥି ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ, ମୁଖ୍ୟବକ୍ତା ଆଉଟ୍ ଲୁକ୍ ପତ୍ରିକା ମୁଖ୍ୟ ସମ୍ପାଦକ ରୂବେନ୍ ବାନାର୍ଜୀ ଓ ସମ୍ମାନିତ ବକ୍ତା ଶିକ୍ଷାବିତ୍ ଡ. ସତ୍ୟନାରାୟଣ ସାହୁ, ଆଲୁମ୍ନି ଆସୋସିଏଶନ ସଭାପତି ଲଳିତ କୁମାର ନାୟକ ମଞ୍ଚାସୀନ ଥିଲେ । ସଭାରେ ଆଲୁମ୍ନି ଭାଗିରଥି ମିଶ୍ର ସ୍ୱାଗତ ବକ୍ତବ୍ୟ ଦେଇଥିଲେ ଓ ଡ ସନ୍ତୋଷ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ । ଆଲୁମ୍ନି ସଭାପତି ନାୟକ ପ୍ଲାଟିନମ୍ ଜୁବିଲି ସମ୍ପର୍କରେ ସୂଚନା ଦେବା ସହ ଘୋଷିତ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ କିଭଳି ଉତ୍କର୍ଷ ଅନୁଷ୍ଠାନ କରାଯାଇପାରିବ ସେନେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ମୁଖ୍ୟବକ୍ତା ବାନାର୍ଜୀ ତାଙ୍କ ବକ୍ତବ୍ୟରେ ନୈତିକତା ଉପରେ ଆଲୋଚନା କରିଥିଲେ। ଆମେ ଆମର ଉତ୍ତର ପିଢ଼ିକୁ ଏକ କିଭଳି ସମାଜ ଦେବାକୁ ଯାଉଛୁ ବୋଲି ପ୍ରଶ୍ନ କରିଥିଲେ। ପରସ୍ପର ଭିତରେ ବିଶ୍ୱାସ ଓ ଆସ୍ଥା କମି ଯାଉଛି। ସମାଜରେ ନୈତିକତା କ'ଣ ଜଣାପଡୁନାହିଁ । ଫଳରେ କେଉଁଟା ଠିକ୍ ଓ କେଉଁଟା ଭୁଲ ଜାଣିପାରୁନାହୁଁ । ଏହା ଏକ ସାଂଘାତିକ ସ୍ଥିତି ବୋଲି କହିବା ସହ ନୈତିକତା ଉପରେ ବିଶେଷ ଜୋର ଦେବା ଉଚିତ୍ ବୋଲି କହିଥିଲେ । ଏହି ଅବସରରେ କେତେକ ପୁରାତନ ଛାତ୍ରୀଛାତ୍ରଙ୍କ ପ୍ରଶ୍ନର ଉତ୍ତର ଦେଇ ବାନାର୍ଜୀ ଓଡିଶାରେ ସରକାର ହକି ବିଶ୍ୱକପ ଆୟୋଜନ କରିପାରୁଥିବାବେଳେ ସ୍କୁଲ-କଲେଜରେ ଶିକ୍ଷକ-ଅଧ୍ୟାପକ ଯୋଗାଇ ନ ପାରିବା ବାସ୍ତବିକ ଚିନ୍ତାର ବିଷୟ ବୋଲି କହିଥିଲେ। ସମ୍ମାନିତ ବକ୍ତା ଡ ସାହୁ ତାଙ୍କ ବକ୍ତବ୍ୟରେ ଗାନ୍ଧୀ ଓ ଆମ୍ବେଦକରଙ୍କ ଶିକ୍ଷା ଚିନ୍ତନ ଉପରେ ଆଲୋଚନା କରିଥିଲେ। ଶିକ୍ଷାର ଉଚିତ୍ ପ୍ରଚାର ପ୍ରସାର କରି ବଞ୍ଚିତ ବର୍ଗଙ୍କୁ ଗୁଣାତ୍ମକ ଶିକ୍ଷା ଦେଇ ଆମେ ସମସ୍ତ ସମସ୍ୟାର ସମାଧାନ କରିପାରିବା ବୋଲି ସେ କହିଥିଲେ।

ମୁଖ୍ୟଅତିଥି ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ ପ୍ଲାଟିନମ୍ ଜୁବିଲି ପାଳନ ବର୍ଷରେ ରାଜେନ୍ଦ୍ର କଲେଜର ଅଧ୍ୟାପକ ସମସ୍ୟା ଦୂର ହୋଇ ନ ପାରିବା ବାସ୍ତବିକ ଚିନ୍ତାର ବିଷୟ ବୋଲି କହିଥିଲେ। ରାଜେନ୍ଦ୍ର କଲେଜକୁ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ ଭାବେ ଘୋଷଣା କରାଯାଇଥିଲେ ମଧ ଏହି ରାଜେନ୍ଦ୍ର କଲେଜର ସ୍ୱାତନ୍ତ୍ରତା ବଜାୟ ରହୁ, ସରକାର ଏ ଦିଗରେ ପଦକ୍ଷେପ ନିଅନ୍ତୁ ବୋଲି ସେ କହିଥିଲେ। ରାଜେନ୍ଦ୍ର କଲେଜର ଜବରଦଖଲ ଉଚ୍ଛେଦ କରାଯାଇ ଅନ୍ତଃତ ବିଶ୍ୱବିଦ୍ୟାଳୟ ପାଇଁ ଶହେ ଏକର ଜମି ସୁନିଶ୍ଚିତ କରିବାକୁ କହିଥିଲେ । ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଜନପତିକ୍ରିୟା ପ୍ରକାଶ ପାଉ ନ ଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଡ ମହାଲିଙ୍ଗ ତାଙ୍କ ବକ୍ତବ୍ୟରେ ଆଗାମୀ ଦିନରେ ବଲାଙ୍ଗୀର ଏକ ଶିକ୍ଷା ହବ୍ ହେବାକୁ ଯାଉଛି କହି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ଉତ୍କର୍ଷ ବିଶ୍ୱବିଦ୍ୟାଳୟ ଭାବେ ଗଢ଼ିବା ଦିଗରେ ସରକାର ଗୁରୁତ୍ୱ ଦେବା ଉଚିତ୍ ବୋଲି କହିଥିଲେ । ସଭାପତୀୟ ଅଭିଭାଷଣରେ ପ୍ରଫେସର ପତି ବଡଧରଣର ଆୟୋଜନ କରି ପ୍ଲାଟିନମ୍ ଜୁବିଲି ପାଳନ କରିପାରୁଥିବା ଆଲୁମ୍ନିମାନେ ଏହି କଲେଜ ଓ ବଲାଙ୍ଗୀର ପାଇଁ ବହୁତ୍ କିଛି କରିପାରିବେ ବୋଲି କହିଥିଲେ। ଶିକ୍ଷାର ବିକାଶ ହେଲେ ସମସ୍ତେ ଉପକୃତ ହେବେ ବୋଲି କହିଥିଲେ। ସଭାରେ ପ୍ଲାଟିନମ୍ ଜୁବିଲି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ନବବର୍ଷର ଶୁଭ ଅବସରରେ
ଭାରତର ନଂ.୧ କମ୍ପାନୀ, ୧୨୫୫ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ଉଜ୍ଜୀବନ ଫାଇନାନ୍ସ କମ୍ପାନୀ
ଭାରତର ନଂ.1 କମ୍ପାନୀ
ଋଣ 1% ସୁଧ 50% ଛାଡ଼
ମୁଦ୍ରା ଋଣ, ପ୍ରପର୍ଟି ଋଣ, ମାର୍କଶିଟ୍ ଋଣ, ଆଧାରକାର୍ଡ ଋଣ, ପର୍ସନାଲ ଋଣ, ବ୍ୟବସାୟ ଋଣ, ଆଦି ସବୁ ଋଣ
ସବୁ ଋଣ 24 ଘଣ୍ଟାରେ ପାଆନ୍ତୁ
ଚାଷୀ, ମହିଳାଙ୍କ ପାଇଁ ବିଶେଷ ଅଫର
089303-80336
090537-13407

ଋଣ ଧମାକା
ଋଣ ପାଆନ୍ତୁ ଆଧାରକାର୍ଡରୁ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ, ବ୍ୟବସାୟ, କୁକୁଡ଼ା ପାଳନ, ପଶୁ ପାଳନ, ସମୂହ ଋଣ ।
ଫୋନ୍ କରନ୍ତୁ
9162071458
8863936059
New Ashok Nagar, East Delhi, Delhi

FINANCE
ସରକାରୀ ଯୋଜନା ଦ୍ୱାରା All Odisha ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Aastha - 9685015052
Rupali - 8963951185
Manisha - 9753016278
Mona - 7509774004
Janvi - 7566888563
Priyanka - 7649016745
Vasundhara Mall, West Boring Canal Rd, Rajapur, Patna, Bihar 800001

ମହଶ୍ୱେରୀ ଫାଇନାନ୍ସ
LOAN IN 7 DAYS
ମହିଳା/ପୁରୁଷ, ଦୋକାନୀ ବ୍ୟବସାୟୀ, ମାର୍କଶିଟ୍, ପ୍ରପର୍ଟି, କମ୍ ସୁଧ ହାରରେ (2,00,000-10,00,000) ଲକ୍ଷ ଋଣ ଉପଲବ୍ଧ।
Contact
9716825082

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

BUSINESS

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦,୦୦,୦୦୦, ଭଡ଼ା ୬୦,୦୦୦ + କୋର୍ଟ ଏଗ୍ରୀମେଣ୍ଟ।
Helpline No.
7838639856
8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now
9453480851

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରଷ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

**ପାଠକଙ୍କ ପାଇଁ ସୂଚନା:**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେଉଁମାନେ ଅତୀତର ଭୁଲ୍‌କୁ ଭୁଲିଯାଆନ୍ତି, ସେମାନେ ପୁଣି ସେଇ ଭୁଲ୍ କରିବସନ୍ତି।

-ଜର୍ଜ ଶାନ୍ତାୟନ

## ସଂକ୍ଷେପରେ

### ଟ୍ରାକ୍ଟର ଚକା ତଳେ ଚାପିହୋଇ ଡ୍ରାଇଭର ମୃତ

**ବୋଡେନ,୩୦।୧୨ (ଡି.ଏନ.ଏ.):** ନୂଆପଡା ଜିଲା ବୋଡେନ ଥାନା ଅନ୍ତର୍ଗତ ଅଲାବେହେଲି ଗାଁରେ ଟ୍ରାକ୍ଟର ଚକା ତଳେ ଚାପି ହୋଇ ଜଣେ ଡ୍ରାଇଭଙ୍କ ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ହେଲେ ଲକ୍ଷ୍ମଣ ହଂସ (୨୮)। ସୂଚନାମତେ ରବିବାର ସନ୍ଧ୍ୟାରେ ନାଗପଡା ପଞ୍ଚାୟତ ସିର୍ଲିଗାଁକୁ ବାଲି ବୋଝେଇ କରି ନେଇ ଖାଲି ଟ୍ରାକ୍ଟର ଗାଁକୁ ଫେରୁଥିଲେ। ସିର୍ଲି ଏବଂ ମାକରବିର୍ଲିଗାଁ ରାସ୍ତା ମଝିରେ ଦ୍ରୁତଗତିରେ ଗାଡି ଆସୁଥିବାରୁ ଭାରସାମ୍ୟ ହରାଇ ରାସ୍ତାକଡକୁ ଓଲଟି ପଡିଥିଲା। ଟ୍ରାକ୍ଟର ଚକ ତଳେ ଚାପିହୋଇ ଘଟଣାସ୍ଥଳରେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିଲା। ରାତି ପ୍ରାୟ ୧୦ଟାରେ ଘଟିଥିବାରୁ ଲୋକେ ଜାଣିପାରି ନ ଥିଲେ। ସୋମବାର ସକାଳେ ଗାଁ ଲୋକେ ମୃତ ଡ୍ରାଇଭର ଲକ୍ଷ୍ମଣଙ୍କ ପରିବାରକୁ ଖବର ଦେଇଥିଲେ। ପରିବାର ଲୋକେ ପୋଲିସରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଟ୍ରାକ୍ଟର ଜବତ କରିଥିଲା। ବୋଡେନ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବୋଡେନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଏହାର ତଦନ୍ତ ଚାଲିଛି ବୋଲି ଥାନା ଆଇଆଇସି ସରୋଜ ମଲିକ ପ୍ରକାଶ କରିଛନ୍ତି ।

କୁରେଶ୍ୱର ଚାଷୀଙ୍କ ଧାନକିଣା ନ ହେବା ଘଟଣା

# ଜିଲାପାଳଙ୍କୁ ଭେଟି ନିରାଶ ହୋଇ ଫେରିଲେ

**ନୂଆପଡ଼ା ଅଫିସ,୩୦।୧୨**

ଜିଲା ଯୋଗାଣ ବିଭାଗର ଦୋମୁହାଁ ନୀତି ଯୋଗୁ ଚାଷୀମାନେ ଜିଲାବ୍ୟାପି ଧାନ କିଣାବିକାରେ ହଟହଟା ହେଉଛନ୍ତି । ଏହାର ନଜିର ନୂଆପଡ଼ା ଜିଲା କୋମନା ବ୍ଲକ କୁରେଶ୍ୱର ଗ୍ରାମପଞ୍ଚାୟତରେ ଦେଖାଦେଇଛି । ଧାନକିଣା ଆରମ୍ଭ ହେବାର ଆଜକୁ ଦେଢ ମାସ ସମୟ ବିତିଯାଇଥିଲେ ମଧ୍ୟ ଗୋଟିଏ ଗ୍ରାମପଞ୍ଚାୟତର ୪ଖଣ୍ଡ ଗାଁର ୪୭୧ଜଣ ଚାଷୀଙ୍କ ୫ ହଜାରରୁ ଉର୍ଦ୍ଧ୍ୱ କୁଇଣ୍ଟାଲ ଧାନ ବିକ୍ରି କରିପାରି ନ ଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି। ଏହାକୁ ନେଇ ଚାଷୀମାନେ ସୋମବାର ବୋଡେନରେ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କୁ ଭେଟି ଗୁହାରି କରିଛନ୍ତି ।ହେଲେ ନିର୍ଭର ପ୍ରତିଶ୍ରୁତି ନ ମିଳିବାରେ ନିରାଶ ହୋଇ ଚାଷୀମାନେ ଫେରିଛନ୍ତି। ଶେଷରେ ଆସନ୍ତା ଜାନୁୟାରୀ ୨ ତାରିଖରେ ଉଦ୍ୟାନବନ୍ଧ ନିକଟରେ ଧାନବସ୍ତା ରଖି ଜାତୀୟ ରାଜପଥକୁ ଅବରୋଧ କରିବେ ବୋଲି ସିଦ୍ଧାନ୍ତ ନେଇଛନ୍ତି । ସୂଚନାଯୋଗ୍ୟ ଯେ, କୁରେଶ୍ୱର ଗ୍ରାମପଞ୍ଚାୟତର କୁରେଶ୍ୱର ସମେତ ଘୋଟସର, ଖଇରଭାଡି, ରେଙ୍ଗ ଗାଁର ଚାଷୀମାନେ ଗତାନୁଗତିକ ଭାବେ ପୂର୍ବରୁ କୋମନା ପ୍ୟାକ୍ସରେ ଧାନ ବିକ୍ରି କରିଆସୁଥିଲେ। ଏଥର ଜିଲା ଯୋଗାଣ ବିଭାଗ ଏଠାରେ ସ୍ୱଂୟ ସହାୟକ ଦଳକୁ ଧାନ କିଣିବାକୁ ବ୍ୟବସ୍ଥା କରିଥିଲା। ଏଥିପାଇଁ ପଞ୍ଜୀକୃତ ଚାଷୀମାନଙ୍କ ତାଲିକା ସ୍ୱଂୟ ସହାୟକ ଦଳର ତାଲିକାକୁ ଆସିବା କଥା ।ହେଲେ ଆଜକୁ ଦେଢ ମାସ ହେବ ୪୭୧ ଜଣ ଚାଷୀଙ୍କ ତାଲିକା ମଝିରେ ଝୁଲୁଛି ।କୌଣସି ଚାଷୀ ଧାନ କାଣିଚାଏ ବିକ୍ରି କରିପାରୁନାହାନ୍ତି । ଏହାକୁ ନେଇ ଆରମ୍ଭରୁ ଚାଷୀମାନେ ଜିଲାପାଳଙ୍କୁ ଭେଟିଛନ୍ତି । ହେଲେ ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି । ଜିଲପାଳ ମଧ୍ୟ ମାରମ୍ବାର ଯୋଗାଣ ବିଭାଗକୁ ନିର୍ଦ୍ଦେଶ କରୁଛନ୍ତି । ହେଲେ ଫଳ ଶୂନ ବାହାରୁଛି। ଚାଷୀ



ଜିଲା ଯୋଗାଣ ଅଧିକାରୀଙ୍କ ସହ ଚାଷୀମାନେ ଆଲୋଚନା କରୁଛନ୍ତି ।

**ରାସ୍ତାରୋକୋ ୨ରେ**

ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ପଞ୍ଚାୟତ ଚାଷୀମାନେ ବାରମ୍ବାର ମେଳି କରି ଆନ୍ଦୋଳନ କରିବାକୁ ସଜବାଜ ହେଉଛନ୍ତି । ସୋମବାର ଶେଷ ଥର ପାଇଁ ବୋଡେନକୁ ଚାଷୀମାନେ ଯାଇ ଜିଲାପାଳଙ୍କୁ ଅଭିଯୋଗ ଶୁଣାଣି ଶିବିରରେ ଭେଟି ଦାବିପତ୍ର ଦେଇଥିଲେ। ଜିଲାପାଳ ଯୋଗାଣ ଅଧିକାରୀଙ୍କୁ ଏହା ଉପରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେଠାରେ ହିଁ ଚାଷୀ ନେତା ରୁପସିଂ ବାଗ, ନିମିଚାନ୍ଦ ଅହୀର, ଖମାରୀ ସଗରିଆ, ରତ୍ନମଣୀ ତାଣ୍ଡି ପ୍ରମୁଖ ଯୋଗାଣ ଅଧିକାରୀଙ୍କୁ ଭେଟି ଆଲୋଚନା କରିଥିଲେ। ଏହା ଆମରି ହାତର କଥା ନୁହେଁ। ଏହା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗଣ ବିଭାଗ ଦ୍ୱାରା ସମାଧାନ ହେବ ବୋଲି କହିବା ପରେ ଚାଷୀମାନେ କ୍ଷୁବ୍ଧ ହୋଇଥିଲେ। ସେଠାରୁ ନିରାଶ ହୋଇ ଫେରିଆସିଛନ୍ତି। ଆସନ୍ତା ଗୁରୁବାର ଜାତୀୟ ରାଜପଥରେ ଧାନ ବସ୍ତା ରଖି ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଅବରୋଧ କରି ରଖିବେ ବୋଲି ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ଜିଲା ପ୍ରଶାସନ ଦାୟୀ ରହିବ ବୋଲି ଆବାହକ ରୂପସିଂ ବାଗ କହିଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଇକି ଚିକଣ ଗୋରୀ**
**ଚମ୍ପା ଫୁଲଠଉଁ ବଳି ସୁନ୍ଦରୀ**
**ଦେଖି ପେଟଯାଏ ପୂରି ।**

ଚମ୍ପା ଫୁଲର ରଙ୍ଗ ଯେମିତି ହଳଦିଆ ଦେଖିବାକୁ ସେମିତି ସୁନ୍ଦର। ସାଧାରଣତଃ ସୌନ୍ଦର୍ଯ୍ୟ ପ୍ରତି ସଭିଙ୍କ ମନରେ ଦୁର୍ବଳତା ଭାବ ରହିଥାଏ। ସୁନ୍ଦରତା ଆଡ଼କୁ ସଭିଙ୍କ ମନ ଅଚୀରେ ଟାଣି ହୋଇଯାଇଥାଏ। ଗୌରବର୍ଣ୍ଣା ଯୁବତୀଙ୍କୁ ଦେଖି ଆଖି ଲାଖି ରହିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚୋରି କରେ ଦୁନିଆ**
**ଧରା ପଡ଼ିଲେ ଚୋର ।**

ସମୟ ସୁବିଧା ସୁଯୋଗ ପାଇଲେ ଅନେକେ ଚୋରି ଭଳି ଘୃଣ୍ୟ କାମ କରିବାକୁ ପଛାଇ ନ ଥାନ୍ତି। କେମିତି ଅନାୟାସରେ ଫାଇଦା ମିଳିଯିବ ସେଇ ଚକ୍କରରେ ରହିଥାନ୍ତି। ଆତ୍ମସାତ୍ କରି ମଧ ଅନ୍ୟଆଗରେ ନିଜକୁ ସାଧୁ ସଚ୍ଚୋଟ ବୋଲାଇବାରେ ତିଳେମାତ୍ର ସଙ୍କୋଚ କରି ନ ଥାନ୍ତି। ତେବେ ଯିଏ ଧରାପଡ଼ିଯାଏ କେବଳ ସେ ହିଁ ଚୋର ଆଖ୍ୟା ପାଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ



ଅତିଥିଙ୍କ ଗହଣରେ ଖେଳାଳିମାନେ ।

# ଫୁଟବଲ ଟୁର୍ନାମେଣ୍ଟ: ବୋଡେନ ଚାମ୍ପିୟନ

**ବୋଡେନ,୩୦।୧୨ (ଡି.ଏନ.ଏ.)**

ନୂଆପଡା ଜିଲା ବୋଡେନ ବ୍ଲକ ସରକାରୀ ଆଶ୍ରମ ହାଇସ୍କୁଲ ଖେଳ ପଡିଆଠାରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ଟେମେରିକୁ ୧-୦ ଗୋଲରେ ହରାଇ ବୋଡେନ ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ବୋଡେନ ଦଳକୁ ଟ୍ରଫି ସହ ୮୦୦୦ ଟଙ୍କା ଏବଂ ରନର୍ସଅଫ ଟେମେରି ଦଳକୁ ଟ୍ରଫି ସହ ୬୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ପ୍ରତୋଶ ଜଗତ ଖେଳ ଧାରାବିବରଣି ପ୍ରଦାନ କରିଥିଲେ। ଖେଳକୁ ବଳରାମ ସରାଫ ପରିଚାଳନା କରିଥିଲେ। ଗୋଲ ଜଜ୍ ଭାବେ ରଜତ ପଟ୍ଟନାଏକ ଓ କୁମର ମାଝି ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଯାପନୀରେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ବୋଡେନ ସରପଞ୍ଚ ନୃପରାଜ ତାଣ୍ଡି, ଫାରୁକ ମହମ୍ମଦ, ଚମରୁ ମାଝି, ସୌଦାଗର ସାହୁ, ବୈଷ୍ଣବ ଦୁରିଆ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଟୁର୍ନାମେଣ୍ଟକୁ ମା' ଦ୍ୱାରଶନୀ ଫୁଟବଲ ସଂଘ ଦ୍ୱାରା ଆୟୋଜନ କରାଯାଇଥିଲା। ଦ୍ୱାରାଶନୀ ଫୁଟବଲ ସଂଘ ସଭାପତି ଭମର ବୈଠାରୁ, ସୁବୋଧକାନ୍ତ ମାଝି, ଟୁନା ନାଗ, ହେମନ୍ତ ମାଝି, କୃଷ୍ଣ ମାଝି, ସୁଚିତ୍ର ମାଝି, ହୃଷିକେଶ, ସଚିନ ପ୍ରମୁଖଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ ଶିଶୁ ଉତ୍ସବରେ ଅର୍ପିତାରାଣୀ ମେହେର ପୁରସ୍କୃତ

**ସିନାପାଲି,୩୦।୧୨ (ଡି.ଏନ.ଏ.)**

ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ଉତ୍ସବରେ ନୂଆପଡା ଜିଲା ସିନାପାଲି ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଅର୍ପିତାରାଣୀ ମେହେର କବିତା ଆବୃତ୍ତି ବିଭାଗରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲା ପାଇଁ ଗୌରବ ଆଣିଛନ୍ତ। ଗତ ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ କଟକ ଶହୀଦ ଭବନଠାରେ ତିନିଦିନ ବ୍ୟାପୀ ଚାଲିଥିବା ଶିଶୁ ଉତ୍ସବରେ ବିଭିନ୍ନ ବିଭାଗରେ ସମସ୍ତ ଜିଲାର ଜିଲାସ୍ତରୀୟ ଶିଶୁ ଉତ୍ସବରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୩୧୦ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରୁ କବିତା ଆବୃତ୍ତି ବିଭାଗରେ ଅର୍ପିତା ଯୋଗଦେଇ ଚିତ୍ତାକର୍ଷକ ପରିବେଷଣ କରିଥିଲେ। ଚଳିତବର୍ଷ ସିନାପାଲି ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ତାଙ୍କ ଏହି ପାରଦର୍ଶିତା ପାଇଁ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ନୂଆପଡା ଜିଲା କାର୍ଯ୍ୟକାରୀ ସଭାପତି ବନବିହାରୀ ମେହେର, ସମ୍ପାଦକ ବିନୋଦ କୁମାର ପାଢୀ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ରବୀନ୍ଦ୍ରନାଥ ଯୋଷୀଙ୍କ ସମେତ ନୂଆପଡା ଜିଲା ଓଷ୍ଟା କର୍ମକର୍ତ୍ତା ପରମାନନ୍ଦ ସାହୁ, ଲକ୍ଷ୍ମୀକାନ୍ତ ସଲମା, ଚିତ୍ତରଞ୍ଜନ ଦୁବେ, ଟଙ୍କଧର ଯାଦବ, ଭରତ ବେହେରା, ସୀମାଞ୍ଚଳ ଦାଶ, ସୁବାସ ଚନ୍ଦ୍ର ସାହୁ, ପ୍ରଦୀପ କୁମାର ଭୋଇ, ତାରାଚାନ୍ଦ ଥାପା, ସ୍ୱାତୀବାଳା ମିଶ୍ର, ରମେଶ କୁମାର ଦୁବେ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି ।

# ହରିପୁର ଆଶ୍ରମର ବାର୍ଷିକ ଉତ୍ସବ ଉଦ୍‌ଯାପିତ

**ନୂଆପଡା ଅଫିସ,୩୦।୧୨**

ସ୍ଥାନୀୟ ହରିପୁରସ୍ଥିତ ଗୁରୁକୁଳ ଆଶ୍ରମର ଦଶମ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଗୁରୁକୁଳ ଆଶ୍ରମ ମୁଖ୍ୟ ଡ. ସୁଦର୍ଶନ ଦେବ ଆର୍ଯ୍ୟ ସଭାପତିତ୍ୱ କରିଥିବାବେଳେ ସ୍ୱାମୀ ଶିବଦତ ପଣ୍ଡା, ଆନନ୍ଦ ପୁରୁଷାର୍ଥୀ, ଖୁସଲ ଚନ୍ଦ୍ର ଆର୍ଯ୍ୟ, ଆନନ୍ଦ ଦେବ ଆର୍ଯ୍ୟ, ସ୍ୱତନ୍ତ୍ରାନନ୍ଦ ଜୀ, ବିଷଦ୍ଧାନନ୍ଦ ଜୀ, ଓମପ୍ରକାଶ ହଂସ, ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ, ଜିଲା କଂଗ୍ରେସ ସଭାପତି ଘାସିରାମ ମାଝି, ହୋମସିଂ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବର୍ତ୍ତମାନ ପରିପ୍ରେକ୍ଷୀରେ ସମାଜ ଏକ ଭିନ୍ନ ଗତି ଆଡକୁ ଯାଉଛି। ଏହାକୁ ସୁଧାରିବାର ଆବଶ୍ୟକତା ରହିଛି। ଏଥିପାଇଁ ସମାରେ ସଂସ୍କାର ଦରକାର । ପୁଣି ଏହି ସଂସ୍କାର ଦିଗରେ ଆର୍ଯ୍ୟ ଧର୍ମ ଗୁରୁମାନଙ୍କ ପ୍ରମୁଖ ଭୂମିକା ରହିଛି । ଆର୍ଯ୍ୟ ଧର୍ମର ପ୍ରଚାର ପ୍ରସାର ପାଇଁ ଆମ ସମସ୍ତଙ୍କୁ ଆଗକୁ ଆସିବାକୁ ହେବ ବୋଲି ବକ୍ତାମାନେ କହିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ସକାଶେ ବ୍ରହ୍ମଚାରୀ ବିଦ୍ୟାର୍ଥୀମାନଙ୍କୁ ୧୦ଟି ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆଶ୍ରମ ପକ୍ଷରୁ ବହୁ ଅନ୍ନବସ୍ତ୍ର ଦାନ କରାଯାଇଥିଲା। ଏଥିରେ ଜିଲା ତଥା ଜିଲା ବାହାରୁ ବହୁ ଲୋକ ଯୋଗଦେଇଥିଲେ। ବିଦ୍ୟାର୍ଥୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅନ୍ୟମାନଙ୍କ ମଧ୍ୟରେ ଆଚାର୍ଯ୍ୟ ଦିଲୀପ କୁମାର, ରାଜେନ୍ଦ୍ର ବର୍ଣ୍ଣ, ସୋମନାଥ ପାତ୍ର, ସ୍ମୃତି ପ୍ରିୟ ଉପାଧ୍ୟାୟ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ସାଧୁସନ୍ଥଗଣ।

# ଆସିଷ୍ଟାଣ୍ଟ କଲେକ୍ଟର ଦୁର୍ଘଟଣାରେ ଗୁରୁତର

**ନୂଆପଡା ଅଫିସ,୩୦।୧୨**

ନୂଆପଡା ଜିଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଆସିଷ୍ଟାଣ୍ଟ କଲେକ୍ଟର ଜୟଲାଲ ବେଶ୍ରା ଦୁର୍ଘଟଣାରେ ଗୁରୁତର ହୋଇପଡିଛନ୍ତି । ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ରାୟପୁରକୁ ସ୍ଥାନାନ୍ତର କରାଯାଇଛି । ସୋମବାର ସନ୍ଧ୍ୟାରେ ଭବାନୀପାଟଣାରୁ ଖରିଆରରୋଡ ଅଭିମୁଖେ ଆସୁଥିବା ବସରେ ଏକ ପାର୍ସଲ ଆସୁଥିଲା। ବସ ନୂଆପଡାକୁ ଅତିକ୍ରମ କରି ଖରିଆରରୋଡ ଆଡେ ଯାଉଥିଲା। ଏହାକୁ ପିଛା କରି ବେଶ୍ରା ପେଟ୍ରୋଲ ଟାଙ୍କି ନିକଟରେ ଅଟକାଇଥିଲେ। ଏତିକିବେଳେ ଅନ୍ୟଏକ ଗାଡି ଦ୍ରୁତ ବେଗରେ ଆସି ପିଟିଦେଇ ଚାଲିଗଲା। ମୁଣ୍ଡର ପଛପଟ ଫାଟି ରକ୍ତାକ୍ତ ହୋଇପଡିଥିଲେ। ତାଙ୍କୁ ଏକ ଗାଡିରେ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳକୁ ନିଆଯାଇଥିଲା । ଅବସ୍ଥା ସଙ୍କଟାପନ୍ନ ହେବାରୁ ପ୍ରାଥମିକ ଚିକିତ୍ସା ପରେ ରାୟପୁରକୁ ସ୍ଥାନାନ୍ତର କରାଯାଇଛି।

ଖଡ଼ିଆଲ କୋଶଲା ଧନୁଯାତ୍ରାର ୯ଦିନ

# ଗୋପନାରୀଙ୍କ ଦହିବିକ୍ରି କାର୍ଯ୍ୟକ୍ରମ



**ଖଡ଼ିଆଲ,୩୦।୧୨ (ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ନାକାପଡ଼ାରେ ଚାଲିଥିବା ସଙ୍କଟ ମୋଚନ କମିଟି ଆନୁକୂଲ୍ୟରେ କୋଶଲା ଧନୁଯାତ୍ରା ରବିବାର ୯ମ ଦିନରେ ପହଞ୍ଚିଛି। ସନ୍ଧ୍ୟାରେ କଂସ ଦରବାରରେ କୃଷ୍ଣଙ୍କୁ ମାରିବା ପାଇଁ ଅନେକ ଉପାୟ କରି ନିରାଶ ହେବାପରେ କଂସ ମହାରାଜା ଏକ ଧନୁଯାତ୍ରା ଆୟୋଜନ ପାଇଁ ପ୍ରସ୍ତୁତି କରିବା ସହ ଏହି ଯାତ୍ରାକୁ କୃଷ୍ଣ ଓ ବଳରାମଙ୍କୁ ଡକାଇ ମାରିବାକୁ ଷଡ଼ଯନ୍ତ୍ର ରଚି ଅକ୍ରୁରକୁ ଗୋପପୁର ପଠାଇଥିଲେ। ଗୋପପୁରର ଗୋପନାରୀମାନେ କଂସ ଦରବାରକୁ ଆସି ଦହିବିକା କାର୍ଯ୍ୟକ୍ରମ ମଞ୍ଚସ୍ଥ କରିଥିଲେ। କଂସ ମହାରାଜା ସିଂହାସନରେ ବସି ସ୍ୱପ୍ନରେ ଭଗବାନ କୃଷ୍ଣ ତାଙ୍କୁ ବଧ କରୁଥିବା ଭାବି ଚମକି ଉଠି ପଡ଼ି ବ୍ୟାକୁଳିତ ହୋଇଉଠିଥିଲେ। ଏହି ଦରବାରରେ ମୁଖ୍ୟଅତିଥି ଭାବେ କମିଟି ସଭାପତି ପ୍ରଦୀପ ସିଂଦେଓ, ସମ୍ମାନିତ ଅତିଥି ଭାବେ ସମ୍ପାଦକ ବଳମତ ସେଠି, କୋଷାଧକ୍ଷ ନବୀନ ପ୍ରଧାନୀ, ବରିଷ୍ଠ ସଦସ୍ୟ ତାରାପ୍ରସାଦ ଆଚାର୍ଯ୍ୟ, ଡ. କୁବେରକାନ୍ତ ପଣ୍ଡା, ଦୟା ଥପ୍ପା, ଅନୀତା ସଗରିଆ, ମମତା ମଞ୍ଜୁରି ଥପ୍ପା, ବିଜୟ ବାରିକ, ସ୍ୱର୍ଣ୍ଣ ମଞ୍ଜୁରୀ ନାଗ, ନବୀନ ପଟେଲ, ବିକ୍ରମ ସେଠୀ ମଞ୍ଚାସୀନ ଥିଲେ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଉଜ୍ଜୀବନ ଫାଇନାନ୍ସ କମ୍ପାନୀ
ଭାରତର ନଂ.1 କମ୍ପାନୀ
ଋଣ 1% ସୁଧ 50% ଛାଡ଼
ମୁଦ୍ରା ଋଣ | ପ୍ରପର୍ଟି ଋଣ | ମାର୍କେଶିଟ୍ ଋଣ | ସବୁ ଋଣ 24 ଘଣ୍ଟାରେ ପାଆନ୍ତୁ
ଆଧାରକାର୍ଡ ଋଣ | ପର୍ସନାଲ ଋଣ | ବ୍ୟବସାୟ ଋଣ | ଆଦି ସବୁ ଋଣ
*T&T Apply
ଚାଷୀ, ମହିଳାଙ୍କ ପାଇଁ ବିଶେଷ ଅଫର୍
089303-80336
090537-13407

FINANCE
ସରକାରୀ ଯୋଜନା ଦ୍ୱାରା All Odisha ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Aastha - 9685015052
Rupali - 8963951185
Manisha - 9753016278
Mona - 7509774004
Janvi - 7566888563
Priyanka- 7649016745
Vasundhara Mall, West Boring Canal Rd, Rajapur, Patna, Bihar 800001

BUSINESS

ASTROLOGY

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1988ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲି଼ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ଋଣ ଧମାକା
ଋଣ ପାଆନ୍ତୁ ଆଧାରକାର୍ଡରୁ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ, ବ୍ୟବସାୟ, କୁକୁଡ଼ା ପାଳନ, ପଶୁ ପାଳନ, ସମୂହ ଋଣ ।
ଫୋନ୍ କରନ୍ତୁ
9162071458
8863936059
New Ashok Nagar, East Delhi, Delhi

ମହେଶ୍ୱରୀ ଫାଇନାନ୍ସ
LOAN IN 7 DAYS
ମହିଳା/ପୁରୁଷ, ଦୋକାନୀ ବ୍ୟବସାୟୀ, ମାର୍କଶିଟ୍, ପ୍ରପର୍ଟି, କମ୍ ସୁଧ ହାରରେ (2,00,000-10,00,000) ଲକ୍ଷ ଋଣ ଉପଲବ୍ଧ।
Contact
9716825082

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦,୦୦,୦୦୦, ଭଡ଼ା ୬୦,୦୦୦ + କୋର୍ଟ ଏଗ୍ରୀମେଣ୍ଟ।
Helpline No.
7838639856
8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

ନବବର୍ଷର ଶୁଭ ଅବସରରେ
ଋଣ ଧମାକା | ଋଣ ଧମାକା | ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲି଼ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now
9453480851


## ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସତ୍ୟ, ଶାନ୍ତି, ଦୟା, କ୍ଷମା, ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
- ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ଦେଶୀରନ୍ଧା ମଦ ଜବତ, ଅଭିଯୁକ୍ତ ଗିରଫ

**ବିନିକା, ୩୦।୧୨(ଡି.ଏନ୍.ଏ.):** ବିନିକା ବ୍ଲକ ଶଙ୍କରା ଗ୍ରାମ ଖେଳପଡିଆରେ ରବିବାର ରାତିରେ ପାଟ୍ରୋଲିଂ ପୋଲିସ ଜଣେ ବ୍ୟକ୍ତିଙ୍କ ପାଖରୁ ୧୦ଲିଟର ଦେଶୀ ରନ୍ଧାମଦ ଜବତ କରିଛି। ଏହି ଘଟଣାରେ ପୋଲିସ ଗ୍ରାମର ଶ୍ରୀକର ଜଗଦଲା(୨୫) ଗିରଫ କରିଛି। ଦେଶୀ ରନ୍ଧାମଦ ଏକ ବ୍ୟାଗ୍‌ରେ ଭର୍ତ୍ତି କରି ସେ ନେଉଥିଲେ। ସୋମବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏନେଇ ବିନିକା ଥାନାରେ ଏକ ମାମଲା (ନଂ.୨୨୯/୧୯)ରୁଜୁ ହୋଇଛି।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

**ବଲାଙ୍ଗୀର ଅଫିସ, ୩୦।୧୨:** ବଲାଙ୍ଗୀର ଇନ୍ଦିରାନଗର ନିବାସୀ ଧର୍ମପ୍ରାଣା ଧନମତୀ ପ୍ରଧାନ (୮୩)ଙ୍କ ସୋମବାର ସକାଳେ ପରଲୋକ ଘଟିଛି। ସେ ଦୀର୍ଘଦିନ ହେଲା କ୍ୟାନସର ରୋଗରେ ପୀଡିତ ଥିଲେ। ଜଣେ ମିଷ୍ଟଭାଷୀ, ମେଳାପୀ ମହିଳା ଭାବେ ତାଙ୍କର ସୁନାମ ରହିଥିଲା। ମୃତ୍ୟୁ ବେଳକୁ ତାଙ୍କ ବଡପୁଅ କିଶୋର ମିଶ୍ର, ମଝିଆ ପୁଅ ବଲାଙ୍ଗୀର ଆକ୍ସନ କମିଟି ପୂର୍ବତନ ସମ୍ପାଦକ ସନ୍ତୋଷ ପ୍ରଧାନ, ଅନ୍ୟ ପରିବାରବର୍ଗ ଉପସ୍ଥିତ ଥିଲେ। ଆକ୍ସନ କମିଟି ସଭାପତି ଗୋପାଳଜୀ ପାଣିଗ୍ରାହୀ, ଗିରିଶ ସିଂଦେଓ, ମୁନ୍ନା ପଟ୍ଟନାୟକ, ବିଦୋନ କାଲସାଏ, ଗୋବିନ୍ଦ ଶତପଥୀ, ଜିଲା କୁଲତା ସମାଜ ସଭାପତି ସୁରଥ ପଧାନ, ଉପସଭାପତି ପ୍ରହ୍ଲଦ ଭୋଇ ଓ ଅନ୍ୟମାନେ ଅନ୍ତେଷ୍ଟି କ୍ରିୟାରେ ଯୋଗଦାନ କରିଥିଲେ। ବଡପୁଅ କିଶୋର ମୁଖାଗ୍ନି ଦେଇଥିଲେ।

ରାଜେନ୍ଦ୍ର କଲେଜ ପ୍ଲାଟିନମ୍ ଜୁବିଲିର ଚତୁର୍ଥ ଦିବସ

# ଗୁଣାତ୍ମକ ଶିକ୍ଷା ସମସ୍ୟା ସମାଧାନର ଚାବିକାଠି

**ବଲାଙ୍ଗୀର ଅଫିସ, ୩୦।୧୨**

ଆମ ସମାଜ ଅନେକ ସମସ୍ୟା ଦେଇ ଗତି କରୁଛି । ସବୁଠୁ ବଡ ସମସ୍ୟା ହେଉଛି ଆମେ ଲୋକଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗାଇବାରେ ଫେଲ ମାରିଛୁ। ଗୁଣାତ୍ମକ ଶିକ୍ଷା ନ ଥିବା କାରଣରୁ ଆମ ସମାଜରେ ଦେଖାଯାଉଥିବା ଆହ୍ୱାନଗୁଡ଼ିକୁ ଆମେ ସଫଳତାର ସହ ମୁକାବିଲା କରିପାରୁନାହୁଁ । ଗୁଣାତ୍ମକ ଶିକ୍ଷା ଜରିଆରେ ଆମେ ସମସ୍ତ ସମସ୍ୟା ଓ ଆହ୍ୱାନର ମୁକାବିଲା କରିପାରିବା ବୋଲି ଅତିଥି, ବକ୍ତାମାନେ ରାଜେନ୍ଦ୍ର ସ୍ୱୟଂଶାସିତ କଲେଜ ପ୍ଲାଟିନମ୍ ଜୁବିଲି ସମାରୋହ ରାଜେନ୍ଦ୍ରାୟନର ଚତୁର୍ଥ ଦିବସ ସଭାରେ କହିଛନ୍ତି । ଏହି ସଭାକୁ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର ଉଦ୍‌ଘାଟନ କରିଥିଲେ । ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ମଧୁସୂଦନ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ବିଧାୟକ ମିଶ୍ର, ସମ୍ମାନିତ ଅତିଥି ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ, ମୁଖ୍ୟବକ୍ତା ଆଉଟ୍ ଲୁକ୍ ପତ୍ରିକା ମୁଖ୍ୟ ସମ୍ପାଦକ ରୁବେନ୍ ବାନାର୍ଜୀ ଓ ସମ୍ମାନିତ ବକ୍ତା ଶିକ୍ଷାବିତ୍ ଡ. ସତ୍ୟନାରାୟଣ ସାହୁ, ଆଲୁମ୍‌ନି ଆସୋସିଏଶନ ସଭାପତି ଲଳିତ କୁମାର ନାୟକ ମଞ୍ଚାସୀନ ଥିଲେ । ସଭାରେ ଆଲୁମ୍‌ନି ଭାଗିରଥି ମିଶ୍ର ସ୍ୱାଗତ ବକ୍ତବ୍ୟ ଦେଇଥିଲେ ଓ ଡ ସନ୍ତୋଷ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ । ଆଲୁମ୍‌ନି



ରାଜେନ୍ଦ୍ର କଲେଜ ପ୍ଲାଟିନମ୍ ଜୁବିଲି ସମାରୋହର ଚତୁର୍ଥ ଦିବସରେ ମଞ୍ଚାସୀନ ଅତିଥି ।

ସଭାପତି ନାୟକ ପ୍ଲାଟିନମ୍ ଜୁବିଲି ସମ୍ପର୍କରେ ସୂଚନା ଦେବା ସହ ଘୋଷିତ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ କିଭଳି ଉତ୍କର୍ଷ ଅନୁଷ୍ଠାନ କରାଯାଇପାରିବ ସେନେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ମୁଖ୍ୟବକ୍ତା ବାନାର୍ଜୀ ତାଙ୍କ ବକ୍ତବ୍ୟରେ ନୈତିକତା ଉପରେ ଆଲୋଚନା କରିଥିଲେ। ଆମେ ଆମର ଉତ୍ତର ପିଢ଼ିକୁ ଏକ କିଭଳି ସମାଜ ଦେବାକୁ ଯାଉଛେ ବୋଲି ପ୍ରଶ୍ନ କରିଥିଲେ। ପରସ୍ପର ଭିତରେ ବିଶ୍ୱାସ ଓ ଆସ୍ଥା କମି ଯାଉଛି। ସମାଜରେ ନୈତିକତା କ'ଣ ଜଣାପଡୁନାହିଁ । ଫଳରେ କେଉଁଟା ଠିକ୍ ଓ କେଉଁଟା ଭୁଲ ଜାଣିପାରୁନାହୁଁ । ଏହା ଏକ ସାଂଘାତିକ ସ୍ଥିତି ବୋଲି କହିବା ସହ ନୈତିକତା ଉପରେ ବିଶେଷ ଜୋର ଦେବା ଉଚିତ୍ ବୋଲି କହିଥିଲେ । ଏହି ଅବସରରେ କେତେକ ପୁରାତନ ଛାତ୍ରୀଛାତ୍ରଙ୍କ ପ୍ରଶ୍ନର ଉତ୍ତର ଦେଇ ବାନାର୍ଜୀ ଓଡିଶାରେ ସରକାର ହକି ବିଶ୍ୱକପ ଆୟୋଜନ କରିପାରୁଥିବାବେଳେ ସ୍କୁଲ-କଲେଜରେ ଶିକ୍ଷକ-ଅଧ୍ୟାପକ ଯୋଗାଇ ନ ପାରିବା ବାସ୍ତବିକ ଚିନ୍ତାର ବିଷୟ ବୋଲି କହିଥିଲେ । ସମ୍ମାନିତ ବକ୍ତା ଡ ସାହୁ ତାଙ୍କ ବକ୍ତବ୍ୟରେ ଗାନ୍ଧୀ ଓ ଆମ୍ବେଦକରଙ୍କ ଶିକ୍ଷା ଚିନ୍ତନ ଉପରେ ଆଲୋଚନା କରିଥିଲେ। ଶିକ୍ଷାର ଉଚିତ୍ ପ୍ରଚାର ପ୍ରସାର କରି ବଞ୍ଚିତ ବର୍ଗଙ୍କୁ ଗୁଣାତ୍ମକ ଶିକ୍ଷା ଦେଇ ଆମେ ସମସ୍ତ ସମସ୍ୟାର ସମାଧାନ କରିପାରିବା ବୋଲି ସେ କହିଥିଲେ।

ମୁଖ୍ୟଅତିଥି ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ ପ୍ଲାଟିନମ୍ ଜୁବିଲି ପାଳନ ବର୍ଷରେ ରାଜେନ୍ଦ୍ର କଲେଜର ଅଧ୍ୟାପକ ସମସ୍ୟା ଦୂର ହୋଇ ନ ପାରିବା ବାସ୍ତବିକ ଚିନ୍ତାର ବିଷୟ ବୋଲି କହିଥିଲେ। ରାଜେନ୍ଦ୍ର କଲେଜକୁ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ ଭାବେ ଘୋଷଣା କରାଯାଇଥିଲେ ମଧ୍ୟ ଏହି ରାଜେନ୍ଦ୍ର କଲେଜର ସ୍ୱାତନ୍ତ୍ରତା ବଜାୟ ରହୁ, ସରକାର ଏ ଦିଗରେ ପଦକ୍ଷେପ ନିଅନ୍ତୁ ବୋଲି ସେ କହିଥିଲେ। ରାଜେନ୍ଦ୍ର କଲେଜର ଜବରଦଖଲ ଉଚ୍ଛେଦ କରାଯାଇ ଅନ୍ତଃତ ବିଶ୍ୱବିଦ୍ୟାଳୟ ପାଇଁ ଶହେ ଏକର ଜମି ସୁନିଶ୍ଚିତ କରିବାକୁ କହିଥିଲେ । ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଜନପତିକ୍ରିୟା ପ୍ରକାଶ ପାଉ ନ ଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଡ ମହାଲିଙ୍ଗ ତାଙ୍କ ବକ୍ତବ୍ୟରେ ଆଗାମୀ ଦିନରେ ବଲାଙ୍ଗୀର ଏକ ଶିକ୍ଷା ହବ୍ ହେବାକୁ ଯାଉଛି କହି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ଉତ୍କର୍ଷ ବିଶ୍ୱବିଦ୍ୟାଳୟ ଭାବେ ଗଢ଼ିବା ଦିଗରେ ସରକାର ଗୁରୁତ୍ୱ ଦେବା ଉଚିତ୍ ବୋଲି କହିଥିଲେ। ସଭାପତୀୟ ଅଭିଭାଷଣରେ ପ୍ରଫେସର ପତି ବଡଧରଣର ଆୟୋଜନ କରି ପ୍ଲାଟିନମ୍ ଜୁବିଲି ପାଳନ କରିପାରୁଥିବା ଆଲୁମ୍‌ନିମାନେ ଏହି କଲେଜ ଓ ବଲାଙ୍ଗୀର ପାଇଁ ବହୁତ୍ କିଛି କରିପାରିବେ ବୋଲି କହିଥିଲେ । ଶିକ୍ଷାର ବିକାଶ ହେଲେ ସମସ୍ତେ ଉପକୃତ ହେବେ ବୋଲି କହିଥିଲେ। ଏହି ସଭାରେ ପ୍ଲାଟିନମ୍ ଜୁବିଲି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଶେଷରେ କୋଷାଧ୍ୟକ୍ଷ ଡ ଶ୍ରୀକର ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

**ପୁରସ୍କୃତ ହେଲେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ**

ରାଜେନ୍ଦ୍ର କଲେଜ ପ୍ଲାଟିନମ୍ ଜୁବିଲି ସମାରୋହ

### ଆଜି ଯୋଗଦେବେ ମୁଖ୍ୟମନ୍ତ୍ରୀ

**ବଲାଙ୍ଗୀର ଅଫିସ, ୩୦।୧୨**

ରାଜେନ୍ଦ୍ର କଲେଜର ୭୫ ବର୍ଷ ପୂର୍ତ୍ତି ଅବସରରେ ପାଳନ କରାଯାଉଥିବା ପ୍ଲାଟିନମ୍ ଜୁବିଲି ସମାରୋହର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଯୋଗଦାନ କରିବେ । ପୂର୍ବାହ୍ନ ସାଢ଼େ ୧୧ଟାରେ ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମ ସଭା ମଞ୍ଚରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଉଦ୍‌ବୋଧନ ଦେବେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ଟୁକୁନି ସାହୁ, ମୁଖ୍ୟବକ୍ତା ଭାବେ ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ଓଡିଶା ମୁଖ୍ୟଶାସନ ସଚିବ ଅସିତ୍ ତ୍ରିପାଠୀ ଓ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ ଯୋଗଦାନ କରିବା କାର୍ଯ୍ୟକ୍ରମ ରହିଛି । ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଆଖି ଆଗରେ ରଖି ବଲାଙ୍ଗୀରରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଉଛି । ଜିଲାପାଳ ଅରିନ୍ଦମ ଡାକୁଆ ଓ ଏସ୍‌ପି ସନ୍ଦୀପ ମାଡକର ଗାନ୍ଧୀ ଷ୍ଟାଡିୟମ ପରିଦର୍ଶନ କରି ସ୍ଥିତି ତଦାରଖ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ଯୋଗୁଁ ଭିଡ ମୁକାବିଲା ପାଇଁ ପୋଲିସ ଓ ଜିଲା ପ୍ରଶାସନ ପକ୍ଷରୁ ଉଚିତ୍ ବ୍ୟବସ୍ଥା କରାଯାଇଛି।

## ସଂସ୍କାରଯଜ୍ଞ, କୃଷି ପ୍ରଦର୍ଶନୀ ମେଳା



ମୁଣ୍ଡପଲାରେ ସମାଜ ସଂସ୍କାର ଯଜ୍ଞ ଓ କୃଷି ପ୍ରଦର୍ଶନୀ ମେଳା ଅବସରରେ ବୃକ୍ଷରୋପଣ ପୂର୍ବରୁ ଅତିଥିବୃନ୍ଦ ।

**ଦେଓଗାଁ, ୩୦।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲୁତାପଡା ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡପଲା ଛକରେ ଶୁଲିଆଯାତ୍ରା ଉପଲକ୍ଷେ ସମାଜ ସଂସ୍କାରଯଜ୍ଞ, କୃଷି ପ୍ରଦର୍ଶନୀ ଓ ପଲ୍ଲୀ ମେଳା ଆରମ୍ଭ ହୋଇଛି । ଅଞ୍ଚଳ ବିକାଶ କମିଟି ଆୟୋଜନ ତଥା କମିଟି ସଭାପତି ଟଙ୍କଧର ଗଡତ୍ୟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମେଳାକୁ ଜିଲା ଉଦ୍ୟାନ ଅଧିକାରୀ କେଶବ ଚନ୍ଦ୍ର ମିଶ୍ର ଓ ଦେଓଗାଁ ବ୍ଲକ ବ୍ଲକ ଉଦ୍ୟାନ ଅଧିକାରୀ ତିର୍ଯ୍ୟକ ଦାଶ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହିଦିନ ସକାଳ ୮ଟାରୁ ତୁଷୁରା ଗାୟତ୍ରୀ ପରିବାର ତରଫରୁ ସମାଜ ସଂସ୍କାର ଯଜ୍ଞ ଆରମ୍ଭ କରାଯାଇଥିଲା । ଅପରାହ୍ନରେ ସଂକୀର୍ତ୍ତନ ପରିବେଷଣ ପ୍ରତିଯୋଗିତା ଆରମ୍ଭ ହୋଇଛି । ଏହି ଅବସରରେ ସବୁଜ ମହାନଦୀ ଅଭିଯାନ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ରେଞ୍ଜର ବିଜୟ ଖୁଣ୍ଟିଆ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ । ପରେ ସ୍ଥାନୀୟ କର୍ମକର୍ତ୍ତାମାନେ ଅଞ୍ଚଳର ବିକାଶ ଦିଗରେ କଣ ଆବଶ୍ୟକତା ରହିଛି ସେ ଉପରେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ମୁଣ୍ଡପଲା ଅଞ୍ଚଳ ବିକାଶ କମିଟି କର୍ମକର୍ତ୍ତା ସହଯୋଗ କରୁଛନ୍ତି । ୩ତାରିଖ ଉଦ୍‌ଯାପନୀ ସମାରୋହ ହେବ ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ ।

### ଯୁବକଙ୍କ ଆତ୍ମହତ୍ୟା

**କଲମପୁର, ୩୦।୧୨ (ଡି.ଏନ.ଏ.):** ଜୟପାଟଣା ଥାନା ଅନ୍ତର୍ଗତ ବିଜମରା ମିନି ଷ୍ଟାଡିୟମ ପାଖରେ ଥିବା ମଶାଣି ଘରେ ଜଣେ ଯୁବକ ସ୍ତ୍ରୀଙ୍କ ଶାଢୀ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତ ଯୁବକ ହେଲେ ବିଜମରା ଗ୍ରାମର ଦୁର୍ଯ୍ୟୋଧନ ବାଗ (୩୫) । ଗତ ୩ ମାସ ତଳେ ତାଙ୍କ ସ୍ତ୍ରୀ ସୁନୀତା ବାଗ ରୋଗରେ ପୀଡିତ ହୋଇ ମୃତ୍ୟୁ ବରଣ କରିଥିବା ବେଳେ ସେ କ'ଣ ପାଇ ଆତ୍ମହତ୍ୟା କରିଛନ୍ତି ତାହା ପଷ୍ଟ ହୋଇପାରିନାହିଁ।

## କେନ୍ଦୁଉଡ଼ାର ଫୁଟବଲ : ମୁରିବାହାଲ ଚାମ୍ପିୟନ

**ଟିକ୍ରାପଡା, ୩୦।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଝିଙ୍କିଡୁଙ୍ଗୁରି ପଞ୍ଚାୟତ ଅଧିନ କେନ୍ଦୁଉଡାରଠାରେ ଲାଙ୍କେଶ୍ୱର ସ୍ପୋର୍ଟସ ଆଣ୍ଡ କଲଚରାଲ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ପଞ୍ଚମ ବାର୍ଷିକ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଚୂଡାପାଲି ଦଳକୁ ୪-୩ ଗୋଲରେ ଟାଇବ୍ରେକର ଯୋଗେ ହରାଇ ମୁରିବାହାଲ ଚାମ୍ପିୟନ ହୋଇଥିଲା । ଜଳନ୍ଧର ସାହୁଙ୍କୁ ଖେଳ ପରିଚାଳନାରେ ପୁରୁଷୋତ୍ତମ ବୁଡେକ, ମଣ୍ଟୁ ବେହେରା, ଦେବରାଜ ନାହାକ ସହାୟତା କରିଥିଲେ। ଚୂଡାମଣି ବଗର୍ତ୍ତୀ, ମନଧର ଦୀପ ଧାରା ବିବରଣୀ ପ୍ରଦାନ କରିଥିଲେ । ଶିଶୁ ଓ ମହିଳା ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀଙ୍କ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ସୁବାଷ ବୁଡେକ, ଦିଲୀପ ରାଜପଲିଆ, ସୀତାରାମ ମାଝୀ, ଆଇନଜୀବୀ ବିଶ୍ୱନାଥ ସୁଆର, ବାମନ ବୁଡେକ, ଆଲୋକ ବୁଡେକ, ଆଇନଜୀବୀ ଗୌରଚନ୍ଦ୍ର ରାଜପଲିଆ, ବିକ୍ରମ ବୁଡେକ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଚାମ୍ପିୟନ ଦଳକୁ ଟ୍ରଫି ସହ ୫୦୦୦ ଟଙ୍କା ଓ ରନର୍ସଅପ ଦଳକୁ ଟ୍ରଫି ସହ ୩୫୦୦ ଟଙ୍କା ପ୍ରଦାନ କରାଯାଇଥିଲା । ମନୋଜ ବଗର୍ତ୍ତୀ, ରାଜିନ ନିଆଲ, ସର୍ଜନ ବଗର୍ତ୍ତୀ, ନିଳାମ୍ବର ପ୍ରଧାନୀ, ଦିପକ ପ୍ରଧାନୀ, ୟୁସୁଫ ପ୍ରଧାନୀ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଫାଇନାଲ ଖେଳିଥିବା ଖେଳାଳି।

## ଛେଳିଆପାଟ କ୍ରିକେଟ: ଯୋଗୀସର୍ଡା ଚାମ୍ପିୟନ



ଅତିଥିଙ୍କଠାରୁ ବିଜୟ ପଧାନ ଟୁର୍ନାମେଣ୍ଟ ଅଫ୍ ଦି ସିରିଜ ପୁରସ୍କାର ଗ୍ରହଣ କରୁଛନ୍ତି।

**ଲୋଇସିଂହା,୩୦।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଉପରବାହାଲ ଗ୍ରାମ ଯୁବଶକ୍ତି କ୍ରୀଡା ସଂଘ ଆନୁକୂଲ୍ୟରେ ଚାଲିଥିବା ମା'ଛେଳିଆପାଟ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ୮୬ ରନରେ ବୁଢୀପଦର ଦଳକୁ ହରାଇ ଯୋଗୀସର୍ଡା ଚାମ୍ପିୟନ ହୋଇଛି। ୧୦ ଓଭର ବିଶିଷ୍ଟ ଫାଇନାଲ ଖେଳରେ ଯୋଗୀସର୍ଡା ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ ବିନିମୟରେ ୧୪୦ ରନ ସଂଗ୍ରହ କରିଥିଲା । ଦଳର ମୁନା ବାଗ ୧୯ ବଲରେ ୫୬ ରନ କରିଥିଲେ। ବଢୀପଦର ୧୪୧ ରନର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିବାକୁ ଯାଇ ୯ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୫୪ ରନ ସଂଗ୍ରହ କରି ପରାଜିତ ହୋଇଥିଲା । କାଳିଆ ପଟେଲ, ସୁରେନ୍ଦ୍ର ସାହୁ ଖେଳ ପରିଚାଳନା କରିଥିଲେ । ଯୋଗୀସର୍ଡ ଦଳର ମୁନା ବାଗ ମ୍ୟାନ ଅଫ ଦି ମ୍ୟାଚ ଓ ୯ ଉଇକେଟ ହାସଲ କରିଥିବା ବିଜୟ ପଧାନ ଟୁର୍ନାମେଣ୍ଟ ଅଫଦି ସିରିଜି ବିବେଚିତ ହୋଇଥିଲେ। ପୁରସ୍କାର ବତରଣୀ ଉତ୍ସବରେ କବି ହରପାଲ, ଗୌତମ ସେଠ, ସାରଥୀ ସାହୁ, ବିପ୍ର ଠେଲା ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ୮ ହଜାର ଓ ରନର୍ସ ଅପ ଦଳକୁ ୫ ହଜାର ଦେଇ ପୁରସ୍କୃତ କରିଥିଲେ ।

ଶୁଲିଆ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

## ମନମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ

**ଦେଓଗାଁ, ୩୦।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲୁତାପଡା ପଞ୍ଚାୟତ ଅନ୍ତର୍ଗତ ଖଇରଗୁରା ଶୁଲିଆ ପାହାଡ ପାଦଦେଶରେ ଚାଲିଥିବା ପ୍ରଥମ ଶୁଲିଆ ମହୋତ୍ସବର ସୋମବାର ଥିଲା ଦ୍ୱିତୀୟ ସନ୍ଧ୍ୟା । ମହୋତ୍ସବ କମିଟି ସଭାପତି ମୟ ପ୍ରଧାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ବନଖଣ୍ଡ ଅଧିକାରୀ ସମୀର ଶତପଥୀ, ମୁଖ୍ୟବକ୍ତାଭ ପଦ୍ମଶ୍ରୀ ହଳଧର ନାଗ, ସମ୍ମାନୀତ ଅତିଥିଭାବେ ଜିଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥୀ, ତରଭା ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କୁଅଁର, ତରଭା ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଅନୀଲ କୁମାର ନାଏକ ଓ ସାଥିଙ୍କ ଦ୍ୱାରା ରାବଣ ଦରବାର ଅନୁଷ୍ଠିତ ହୋଇଥିଲା। ମାନଭଞ୍ଜନ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରାରମ୍ଭରେ ହାତିସରାର ବେନାର ମୁହୁରୀ କଳା ପରିଷଦର ଅର୍ଜୁନ ନନ୍ଦ ଓ ସାଥିଙ୍କ ଦ୍ୱାରା ଦୁଲଦୁଲି ନୃତ୍ୟ ପରିବେଷଣ ହୋଇଥିଲା। ତୁଷୁରାର କୃଷ୍ଣପ୍ରୀୟା କଳା ପରିଷଦ ସାନବଡ ଓ ସାଥିଙ୍କ ଘୁଡୁକାନୃତ୍ୟ, କଲିକତାର ସୃଷ୍ଟି ଡ୍ୟାନ୍ସଗୃପ ଓ ବଲାଙ୍ଗୀର ବାଙ୍ଗିରୀ ଅନୁଷ୍ଠାନ ଦ୍ୱାରା ନୃତ୍ୟ ପରିବେଷିତ ହୋଇଥିଲା । ପ୍ରବଳ ଶୀତ ମଧ୍ୟରେ ଦର୍ଶକମାନେ ଏହାକୁ ମନଭରି ଉପଭୋଗ କରିଥିଲେ। ମଙ୍ଗଳବାର ସକାଳେ ପ୍ରସିଦ୍ଧ ଶୁଲିଆଯାତ୍ରା ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ । ମହୋତ୍ସବକୁ ଉତ୍କଳ କନ୍ଧସମାଜ କେନ୍ଦ୍ରୀୟ କମିଟି ସଭାପତି ଚିନ୍ତାମଣୀ ଭୋଇ, ସମ୍ପାଦକ ପ୍ରଭାତ କୁମାର ପାତ୍ର, ଅନନ୍ତ ଚୌହାନ, ପ୍ରଫୁଲ୍ଲ ଦାଶ, ସହ ସମ୍ପାଦକ ରାଜେନ୍ଦ୍ର ପାଣି, ଝସକେତନ କାଲସାଏ, କୋଷାଧ୍ୟକ୍ଷ ସୂର୍ଯ୍ୟକାନ୍ତ ରଣା ଯୁବନେତା ପପୁ ପାତ୍ର, ମନବୋଧ ହରପାଲ, ସୁଦାମ ପଟେଲ, ହିଂମାଂଶୁ ଗଡତ୍ୟା, ପରମେଶ୍ୱର ରାଉତ, ମନୋରଞ୍ଜନ ବିଶ୍ୱାଳ ତଥା କମିଟି ସଦସ୍ୟ ଓ ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ୯ଟି ପଞ୍ଚାୟତର କର୍ମକର୍ତ୍ତା ବୃନ୍ଦ ସହଯୋଗ କରୁଛନ୍ତି ।




ହାତିସରା ବେନାର ମୁହୁରୀ କଳା ପରିଷଦ କଳାକାରଙ୍କ ଦୁଲଦୁଲି ନୃତ୍ୟ ପରିବେଷଣ ।

ରାମଚନ୍ଦ୍ରପୁର ପ୍ୟାକ୍ସରେ ଅଚଳାବସ୍ଥା ଜାରି

## ଧାନକ୍ରୟକୁ ନେଇ ବିବାଦ, ଚାଷୀ ହଟହଟା

**ଦେଓଗାଁ, ୩୦।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ଅନ୍ତର୍ଗତ ରାମଚନ୍ଦ୍ରପୁର ପ୍ୟାକ୍ସରେ ଚଳିତବର୍ଷ ଧାନକିଣା ଆରମ୍ଭରୁ ବିବାଦ ଦେଖାଦେଇଛି। ସମ୍ପୃକ୍ତ ପ୍ୟାକ୍ସର ସମ୍ପାଦକଙ୍କ ବିରୋଧରେ କେତେକ ଚାଷୀ ଋଣ ଅନିୟମିତତା ଅଭିଯୋଗ ଉଠାଇବାରୁ ଧାନକିଣାରେ ବ୍ୟାଘାତ ଦେଖାଦେଇଥିଲା। ହେଲେ ପ୍ୟାକ୍ସରେ ଚାଷୀଙ୍କ ନାମ ପଞ୍ଜିକୃତ ହୋଇଥିବାରୁ ସମ୍ପୃକ୍ତ ସମ୍ପାଦକ ରଜନୀକାନ୍ତ ସାହୁ ଧାନକିଣା ଆରମ୍ଭ କରିଥିଲେ। ୨ ଦିନରେ ୧୪ଜଣ ଚାଷୀଙ୍କଠାରୁ ୮୭୦ କୁଇଣ୍ଟାଲ ୨୧କେଜି ଧାନକ୍ରୟ ହୋଇଥିଲା। ପରେ କେତେକ ଚାଷୀଙ୍କ ଅଭିଯୋଗକୁ ଆଧାର କରି ପ୍ୟାକ୍ସରେ ଧାନକିଣାକୁ ପ୍ରଶାସନ ବନ୍ଦ କରି ମିଶନ ଶକ୍ତି ସହାୟତାରେ ପରୁଆଭାଡି ଗ୍ରାମର ମା'ମଙ୍ଗଳା ଓ ସତିଘାଟ ଗ୍ରାମର ମା' ଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ଧାନକ୍ରୟ କରିବା ପାଇଁ ସ୍ୱୀକୃତି ଦେଇଥିଲେ । ହେଲେ ଅଦ୍ୟାବଧି ଉକ୍ତ ଏସ୍‌ଏଚ୍‌ଜିକୁ କୌଣସି ଉପକରଣ କି ବୈଷୟିକ ସହଯୋଗ ମିଳି ନ ଥିବାରୁ ଧାନକ୍ରୟ ଆରମ୍ଭ ହୋଇ ନ ପାରି ଅନିଶ୍ଚିତତାରେ ରହିଛି । ବର୍ତ୍ତମାନ ଉକ୍ତ ଅଞ୍ଚଳର ଚାଷୀମାନେ ପ୍ରାୟତଃ ଧାନ ଅମଳ କରି ସାରିଲେଣି । ହେଲେ ସରକାରୀ ସୂତ୍ରରେ କେଉଁଠି ଧାନ ବିକ୍ରୟ କରିବେ ପ୍ୟାକ୍ସରେ ନାଁ ଏସ୍‌ଏଚ୍‌ଜିଠାରେ ଦ୍ୱନ୍ଦ୍ୱରେ ପଡିଛନ୍ତି । ତେବେ ଚାଷୀ ଧାନ ବିକ୍ରୟ ପାଇଁ ହନ୍ତସନ୍ତ ହେଉଥିବା ବେଳେ ଅନେକ ଚାଷୀ ଅଭାବୀ ଦରରେ ଧାନକୁ ବିକ୍ରି କରିଦେଉଥିବା ଅଭିଯୋଗ ହେଉଛି। ଉକ୍ତ ପ୍ୟାକ୍ସ ଅଧିନ ୧୫ଟି ଗାଁର ୨୬୧ଟି ଚାଷୀ ପଞ୍ଜିକୃତ ରହିଛନ୍ତି। ପ୍ୟାକ୍ସ ସମ୍ପାଦକଙ୍କ କହିବାନୁସାରେ ବର୍ତ୍ତମାନ ମଧ୍ୟ ୧୪ଜଣ ଚାଷୀଙ୍କ ୧୫ଶହରୁ ଉର୍ଦ୍ଧ୍ୱ ବସ୍ତା ଧାନ ପ୍ୟାକ୍ସ ପରିସରରେ ବିକ୍ରୟ ପାଇଁ ପଡି ରହିଛି । ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ରବିବାର ଏଆରସିଏସ ଗଜେନ୍ଦ୍ର ପଣ୍ଡା, ଏସଏଆରସିଏସ ରବିନ୍ଦ୍ର କୁମାର ପଣ୍ଡା ଓ କେତେକ କର୍ମଚାରୀ ଉକ୍ତ ପ୍ୟାକ୍ସକୁ ଯାଇ ସ୍ଥିତି ପରଖିଥିଲେ । ଗାଁ ଗାଁ ଯାଇ ଚାଷୀଙ୍କ ମତ ଲୋଡିଥିଲେ। ଚାଷୀମାନେ ଅଧିକାରୀଙ୍କୁ ତୁରନ୍ତ ଧାନକ୍ରୟ କରିବା ପାଇଁ ଦାବି କରିଥିଲେ । ହେଲେ ସମ୍ପାଦକ ଓ କେତେକ ଚାଷୀଙ୍କ ମଧ୍ୟରେ ବିବାଦ ରହିଥିବାରୁ କୌଣସୀ ସିଦ୍ଧାନ୍ତ ନ ନେଇ ଫେରି ଆସିଥିଲେ । ପୁନଶ୍ଚ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଏଆରସିଏସ କାର୍ଯ୍ୟାଳୟଙ୍କ ପତ୍ରସଂଖ୍ୟା ୧୭୦୬/ତା ୨୮।୧୨।୧୯ରିଖରେ ଦେଓଗାଁ ବ୍ୟାଙ୍କ ସୁପରଭାଇଜର ଭଗବାନ ସାହୁଙ୍କୁ ରାମଚନ୍ଦ୍ରପୁର ପ୍ୟାକ୍ସ ସମ୍ପାଦକ ଦାୟିତ୍ୱ ନେବାକୁ ନିର୍ଦ୍ଦେଶନାମା ହୋଇଛି । ସୁପରଭାଇଜର ସାହୁ ପୂର୍ବରୁ ବନ୍ଧପଡା ଓ ଦେଓଗାଁ ପ୍ୟାକ୍ସର ସମ୍ପାଦକ ଦାୟିତ୍ୱରେ ରହିଥିବା ବେଳେ ଏହା ତାଙ୍କ ଚତୁର୍ଥ ଦାୟିତ୍ୱ । ଏଣୁ ସେ କେମିତି ଏକାସାଙ୍ଗରେ ୪ଟି ଦାୟିତ୍ୱ ନିର୍ବାହ କରିବେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ନେଇ ସୁପରଭାଇଜର ସାହୁଙ୍କ ମତ ଲୋଡିବାରୁ ଏକାସାଙ୍ଗରେ ୪ଟି ଦାୟିତ୍ୱ ସମ୍ଭାଳିବା ନିଶ୍ଚିତ କଷ୍ଟସାଧ୍ୟ। ତଥାପି ବିଭାଗୀୟ ନିର୍ଦ୍ଦେଶକୁ ଅବମାନନା କରିହେବ ନାହିଁ ବୋଲି କହିଥିଲେ । ସେହିପରି ଏସଏଆରସିଏସ ରବିନ୍ଦ୍ର କୁମାର ପଣ୍ଡାଙ୍କୁ ପଚାରିବାରୁ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଚାଷୀଙ୍କ ମତ ଲୋଡିବାପାଇଁ ରାମଚନ୍ଦ୍ରପୁର ପ୍ୟାକ୍ସର ଗାଁମାନଙ୍କୁ ଯାଇଥିଲୁ। ଧାନକିଣା ଉପରେ କମ୍‌ଦିନ ମଧ୍ୟରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।



ରାମଚନ୍ଦ୍ରପୁର ପ୍ୟାକ୍ସରେ ଜମା ହୋଇ ରହିଥିବା ଚାଷୀଙ୍କ ଧାନ ।

**ଦେଓଗାଁ ସମବାୟ ବ୍ୟାଙ୍କ ସୁପରଭାଇଜରଙ୍କୁ ୩ଟି ପ୍ୟାକ୍ସ ଦାୟିତ୍ୱକୁ ନେଇ ପ୍ରଶ୍ନ**



ମିଥ୍ୟା ଯେତେବେଳେ କାର୍ଯ୍ୟରେ ପରିଣତ ହୁଏ, ସେତେବେଳେ ତାହାର ନାମ ହୋଇଥାଏ ଭୁଲ୍।
- ମାଇକେଲ ଲାଣ୍ଡନ୍



## ସଂକ୍ଷେପରେ

### ବେକରେ ଶାଢ଼ି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**କଲମପୁର,୩୦।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୟପାଟଣା ଥାନା ଅନ୍ତର୍ଗତ ବିଜମରା ମିନି ଷ୍ଟାଡିୟମ ପାଖରେ ଥିବା ମଶାଣି ଘରେ ଜଣେ ଯୁବକ ସ୍ତ୍ରୀଙ୍କ ଶାଢ଼ୀ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତ ଯୁବକ ହେଲେ ବିଜମରା ଗ୍ରାମର ଦୁର୍ଯ୍ୟୋଧନ ବାଗ (୩୫) । ଗତ ୩ ମାସ ତଳେ ତାଙ୍କ ସ୍ତ୍ରୀ ସୁନୀତା ବାଗ ରୋଗରେ ପୀଡିତ ହୋଇ ମୃତ୍ୟୁ ବରଣ କରିଥିବା ବେଳେ ସେ କ'ଣ ପାଇ ଆତ୍ମହତ୍ୟା କରିଛନ୍ତି ତାହା ପଷ୍ଟ ହୋଇପାରିନାହିଁ। ମୃତ ଯୁବକଙ୍କ ମା' ପୂର୍ଣ୍ଣମୀ ବାଗଙ୍କ କହିବା ଅନୁସାରେ ୩ ମାସ ତଳେ ତା ସ୍ତ୍ରୀଙ୍କ ମୃତ୍ୟୁ ପରେ ଦୁର୍ଯ୍ୟୋଧନ ମାନସିକ ଚାପରେ ଥିଲେ। ରବିବାର ସନ୍ଧ୍ୟାରେ ଦୁର୍ଯ୍ୟୋଧନ ଘରୁ ବାହାରି ଆଉ ଫେରି ନ ଥିବାବେଳେ ସକାଳେ ତାଙ୍କ ଝୁଲନ୍ତା ମୃତଦେହ ବିଜମରା ମିନି ଷ୍ଟାଡିୟମ ପାଖରେ ଥିବା ମଶାଣି ଘରେ ଦେଖିବାକୁ ମିଳିଥିଲା। ଦୁର୍ଯ୍ୟୋଧନଙ୍କ ୮ବର୍ଷ ଓ ୧୪ ବର୍ଷର ଦୁଇ ପୁଅ ଥିବାବେଳେ ତାଙ୍କ ମୃତ୍ୟୁରେ ପରିବାରରେ ଶୋକରଛାୟା ଖେଳିଯାଇଛି। ଘଟଣାସ୍ଥଳରେ କିଣ୍ଟୁ ଫାଣ୍ଡି ଅଧିକାରୀ କୃତ୍ତିବାସ ପୂଝାରୀ ପହଞ୍ଚି ଶବ ଜବତ କରି ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏ ନେଇ କିଣ୍ଟୁ ପାଣ୍ଡିରେ ଏକ ମାମଲା (ନଂ.୩୧/୧୯) ରୁଜୁ ହୋଇଛି।

### ଧବଳେଶ୍ୱର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ମୋହନଗିରି,୩୦।୧୨(ଡି.ଏନ.ଏ.)-** କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୋହନଗିରିଠାରେ ଥିବା ଧବଳେଶ୍ୱର ଉଚ୍ଚମାଧ୍ୟମିକ ବିଦ୍ୟାଳୟ ୬ତମ ବାର୍ଷିକ କ୍ରୀଡା ଉତ୍ସବ ୨୬ରୁ ଆରମ୍ଭ ହୋଇ ୨୮ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। କ୍ରୀଡା ମହୋତ୍ସବରେ କବାଡି, ଭଲିବଲ, ହାଇଜମ୍ପ, ଲଙ୍ଗଜମ୍ପ, ଜେବଲିନ, ସଟପୁଟ, ମ୍ୟୁଜିକଚ୍ୟାର ଆଦି ପ୍ରତିଯୋଗିତା ହୋଇଥିଲା। ଏଥିରେ ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅସନ୍ତା ୨୬ ଜାନୁୟାରୀରେ ପୁରସ୍କୃତ କରାଯିବା ପାଇଁ ଧାର୍ଯ୍ୟ କରାଯାଇଛି। କ୍ରୀଡା ଉତ୍ସବରେ ମୁଖ୍ୟଅତିଥି ଭାବେ ଆଶ୍ରମ ବିଦ୍ୟାଳୟ ବାଲିଭଟାର ସହକାରୀ ଶିକ୍ଷକ ଜନ୍ମେଜୟ ଶବର ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସୁନିଲ କହଁର ଭୁଗୋଳ ଅଧାପକ ଥିବା ବେଳେ ବିଭୂପ୍ରସ୍ୟର ପଟ୍ଟନାୟକ କଲେଜର ଅଧକ୍ଷ, ଗୋକୁଳାନନ୍ଦ ବିଶ୍ୱାଳ କାର୍ଯ୍ୟକାରୀ ସଭାପତି, ଶୁକଦେବ ସାହୁ ସମ୍ପାଦକ ପ୍ରମୁଖ ମଞ୍ଚାସୀନ ଥିଲେ। କଲେଜ ଖେଳଶିକ୍ଷକ ଧିରେନ୍ଦ୍ର ବିଶ୍ୱାଳ ଖେଳ ପରିଚଳନା କରିଥିବା ବେଳେ ସମସ୍ତ ଅଧାପକଅଧାପିକା ସହଯୋଗ କରିଥିଲେ ।

## ଟ୍ରାକ୍ଟର ଧକ୍କାରେ ଆହତ ବାଇକ୍ ଆରୋହୀଙ୍କ ମୃତ୍ୟୁ

# କ୍ଷତିପୂରଣ ଦାବିରେ ୧୨ ଘଣ୍ଟା ରାସ୍ତାରୋକୋ

**କଲମପୁର,୩୦।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ଦେପୁର ପଞ୍ଚାୟତ ବାବୁକେନ୍ଦୁଗୁଡା ଗ୍ରାମର ବୀରେନ୍ଦ୍ର ନାଗ (୩୮) ନାମକ ଜଣେ ଯୁବକ ଶନିବାର ସନ୍ଧ୍ୟା ସାଢେ ୬ଟାରେ ଏକ ନମ୍ବର ବିହିନ ଟ୍ରାକ୍ଟର ଧକ୍କାରେ ଗୁରୁତର ଆହତ ହୋଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଶନିବାର ସନ୍ଧ୍ୟାରେ କୌଣସି କାମରେ କଲମପୁରଠାରୁ ଗାଁ ଫେରୁଥିବା ବେଳେ ବାବୁକେନ୍ଦୁଗୁଡା ନିକଟ ରାଣିବନ୍ଧଠାରେ ଏକ ନମ୍ବର ବିହିନ ଟ୍ରାକ୍ଟର ଧକ୍କାରେ ବିରେନ୍ଦ୍ର ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ଡାକ୍ତର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ଖବର ଶୁଣି ପରିବାର ଲୋକେ ଦୁର୍ଘଟଣା ଘଟାଇଥିବା ଗାଡିକୁ ଧରିବା ଏବଂ କ୍ଷତିପୂରଣ ଦାବିରେ କଲମପୁର-ଜୁନାଗଡ ରାସ୍ତାକୁ ଦୀର୍ଘ ୧୨ ଘଣ୍ଟା ଅବରୋଧ କରିଥିଲେ। ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ କଲମପୁର ଫାଣ୍ଡି ଅଧିକାରୀ ମନୋରଞ୍ଜନ ଆଚାର୍ଯ୍ୟ ପହଞ୍ଚି ଘଟଣା ପହଞ୍ଚିଥିଲେ। ସନ୍ଦେହରେ ୬ଟି ଟ୍ରାକ୍ଟରକୁ ଫାଣ୍ଡିକୁ ନେଇ ତଦନ୍ତ କରିଥିଲେ ମଧ୍ୟ ଦୁର୍ଘଟଣା ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରକୁ ଚିହ୍ନଟ କରିପାରି ନ ଥିଲେ। ଟ୍ରାକ୍ଟର ଚିହ୍ନଟରେ ବିଳମ୍ବ ହେବାରୁ ଉତ୍ତେଜନ ଦେଖାଦେଇଥିଲା। ପରିବାର ଲୋକେ ଶବ ବ୍ୟବଚ୍ଛେଦ ପରେ ଘରକୁ ଆଣି ରାସ୍ତା ଅବରୋଧ କରିଥିଲେ। ପରେ ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରକୁ ଚିହ୍ନଟ କରିଥିଲେ। ଲିଜରେ ଆଣିଥିବା ଏକ କମ୍ପାନୀର ନମ୍ବର ବିହିନ ଟ୍ରାକ୍ଟର ମାଲିକ ଶୁସାନ୍ତ ସାହୁଙ୍କ ଘର ସାମ୍ନାରେ ପରିବାର ଲୋକେ ମୃତଦେହ ରଖି ପ୍ରତିବାଦ କରିଥିଲେ। କଲମପୁର ତହସିଲଦାର ଶାୟଦ ଶବିର ସା, ଜୟପାଟଣା ଥାନାଧିକାରୀ ରଶ୍ମିତା ପ୍ରଧାନଙ୍କ ଉପସ୍ଥିତିରେ କ୍ଷତିପୂରଣ ବାବଦକୁ ମାଲିକ ଘଟଣାସ୍ଥଳରେ ପରିବାର ଲୋକଙ୍କୁ ୨୫ ହଜାର ଦେବା ପାଇଁ କହିଥିଲେ। ଘଟଣାରେ ଜୟପାଟଣା ପ୍ରାରପ୍ରାପ୍ତ ଥାନାଧିକାରୀ ଲିଙ୍ଗରାଜ ସେଠୀ, ଦେପୁର ସରପଞ୍ଚ ଭୋକଲୁ ବାଗ, ସମିତିସଭ୍ୟ ଗଜିନ୍ଦ୍ର ବୀହାର, ଶ୍ରୀକାନ୍ତ ଛତ୍ରୀଆ ପ୍ରମୂଖ ଉପସ୍ଥିତ ଥିଲେ। ମୃତ ପରିବାର ଲୋକଙ୍କୁ ସରକାରଙ୍କ ପକ୍ଷରୁ ରେଡ୍‌କ୍ରସ୍‌ରୁ ୧୦ ହଜାର, ହରିଶ୍ଚନ୍ଦ୍ର ଯୋଜନାରୁ ୨ ହଜାର ପ୍ରଦାନ କରାଯାଇଥିଲା। ପରେ ରାସ୍ତା ଅବରୋଧ ହଟିଥିଲା।



କ୍ଷତିପୂରଣ ଦାବିରେ ଲୋକେ ମୃତଦେହ ରଖି ରାସ୍ତାରୋକୋ କରିଛନ୍ତି ।

# ଦୁର୍ଗମ ଅଞ୍ଚଳରେ ଲାଞ୍ଜିଗଡ଼ ବିଡିଓ

**ଲାଞ୍ଜିଗଡ଼, ୩୦।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକରେ ଯୋଗଦେବା ଦିନଠାରୁ ନିଜର କାର୍ଯ୍ୟଶୈଳୀ ଦ୍ୱାରା ବ୍ଲକର ଜନସାଧାରଣଙ୍କ ମଧ୍ୟରେ ଆଶାର ସଞ୍ଚାର କରିଥିବା ବିଡିଓ ଜିତେନ୍ଦ୍ର କୁମାର ମିଶ୍ର ଚର୍ଚ୍ଚାରେ ରହି ଆସିଛନ୍ତି । ନିଜ ଦରମାରୁ ପୁରସ୍କାର ଘୋଷଣା ହେଉ କି ହାତରେ କୋଦାଳ ଧରି ସଫେଇ ଅଭିଯାନରେ ସାମିଲ ହେବା ହେଉ ବିଡିଓ ମିଶ୍ର ସବୁବେଳେ ଆଗରେ ରହିବା ଦେଖାଯାଉଛି। ସେହିପରି ମାଓବାଦୀ ଭୟରେ କୌଣସି ଅଫିସରଙ୍କ ପାଦ ପଡୁ ନ ଥିବା ନିୟମଗିରି ପର୍ବତ ତଥା ଦୁର୍ଗମ ତ୍ରିଲୋଚନପୁର ପଞ୍ଚାୟତ ପାଲବେରି, କୁନାକାଡୁ, ଫୁଲଡୁମେର, ଗଉଡଥୁଆଗୁଡା ଆଦି ଗାଁକୁ ପାଦରେ ଚାଲିଚାଲି ଯାଇ ଥିଲେ। ସେଠାରେ ଦୟନୀୟ ଅବସ୍ଥାରେ ବାସ କରୁଥିବା ଝରଣିଆ ଓ କୁଟିଆ କନ୍ଧ ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହେବାକୁ ନିତିପ୍ରତି ଉଦ୍ୟମ ଜାରି ରଖିଛନ୍ତି। ନିଜ ପାଇଁ ସ୍ଥାୟୀ ଘରଟିଏ ହେଲେ ଆଦିବାସୀମାନଙ୍କ ଜୀବନରେ ନିଶ୍ଚିତ ପରିବର୍ତ୍ତନ ଘଟିବ ବୋଲି ଉଦ୍ଦେଶ୍ୟ ରଖି ସେ ଆଦିବାସୀ ବହୁଳ ଅଞ୍ଚଳ ଗସ୍ତକୁ ପ୍ରାଥମିକତା ଦେଉଥିବା ସେ ପ୍ରକାଶ କରିବା ସହିତ ସମାଜର ନିମ୍ନରେ ରହୁଥିବା ଲୋକଙ୍କ ପାଖରେ ବିକାଶ ପହଞ୍ଚାଇବା ହିଁ ତାଙ୍କ ପ୍ରଶାସନିକ ଲକ୍ଷ୍ୟ ବୋଲି ସେ କହିଛନ୍ତି । ଏପରିକି ସକାଳୁ ସେ ବିଭିନ୍ନ ପଞ୍ଚାୟତ ଓ ବ୍ଲକର ବିଭିନ୍ନ ଗାଁରେ ପହଞ୍ଚି ଯାଉଥିବାରୁ କାର୍ଯ୍ୟସ୍ଥଳରେ ପ୍ରାୟତଃ ରହୁ ନ ଥିବା ପିଇଓ ତଥା ଜିଆର୍‌ଏସ୍ ଓ ଅନ୍ୟ ଅଧିକାରୀମାନଙ୍କ ମନରେ ଛନକା ପଶିଛି। କାମ କଲେ ପୁରସ୍କାର ନଚେତ୍ କାର୍ଯ୍ୟାନୁଷ୍ଠାନର ନାରା ଦେଇ ବିଡିଓ ମିଶ୍ର ଲାଞ୍ଜିଗଡ ବ୍ଲକରେ ଏକ ନୂଆ ଚିନ୍ତାଧାରା ଆରମ୍ଭ କରିଥିବାବେଳେ ସମସ୍ତ ଜନସାଧାରଣଙ୍କ ସହଯୋଗ ଲୋଡିଛନ୍ତି। ବିଡିଓ ମିଶ୍ରଙ୍କ କାର୍ଯ୍ୟ ଶୈଳୀକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।



ଲାଞ୍ଜିଗଡ଼ ବିଡିଓ ଦୁର୍ଗମ ତ୍ରିଲୋଚନପୁର ପଞ୍ଚାୟତକୁ ଚାଲି ଚାଲି ଯାଉଛନ୍ତି ।

## ସୂଚନା ଫଳକ ନ ଲେଖି ରାସ୍ତା କାମର ବିଲ୍ ପୈଠ

# ସରକାରୀ ନିର୍ଦ୍ଦେଶନାମା ଉଲ୍ଲଂଘନ

**ଜୁନାଗଡ,୩୦।୧୨ (ଡି.ଏନ.ଏ.)**

**ଚାରଭାଟି ପଞ୍ଚାୟତ**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚାରଭାଟି ପଞ୍ଚାୟତ ବୁଢାରଜାପଡାକୁ ଯିବା ପାଇଁ ଗତ ମାସକ ତଳେ ଏକ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି। ରାସ୍ତା କାମ ଶେଷ ପରେ ଏହାର ବିଲ ମଧ୍ୟ ପୈଠ ହୋଇସାରିଥିବା ସ୍ଥାନୀୟ ଯନ୍ତ୍ରୀଙ୍କଠୁ ଜଣାପଡିଛି। ତେବେ ସବୁଠୁ ଆଶ୍ଚର୍ଯ୍ୟର କଥା ଏହି ରାସ୍ତା କାମ ସୂଚନା ଫଳକ ନିର୍ମାଣ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ସେଠାରେ କିଛି ଲେଖାଯାଇନାହିଁ। ତେବେ ସୂଚନା ଫଳକ ନ ଲେଖି ଯନ୍ତ୍ରୀ କେମିତି ଏହି ରାସ୍ତା କାମର ବିଲ କଲେ ତାହା ଏଠାରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣାରେ ସିଧାସଳଖ ଯନ୍ତ୍ରୀ ସରକାରୀ ଆଇନକୁ ଉଲ୍ଲଂଘନ କରିଥିବା ମନେହେଉଛି। ପୁନଶ୍ଚ ଏହି ରାସ୍ତା କାମକୁ ମାସେ ନ ପୁରୁଣୁ କିଛି ସ୍ଥାନରେ କଂକ୍ରିଟ ଫାଟି ଯାଇଥିବା ମଧ୍ୟ ଦେଖିବାକୁ ମିଳିଛି। ଫଳରେ ଏଠାରେ ନିମ୍ନମାନର କାର୍ଯ୍ୟ ସମ୍ପାଦନା ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ ତଥା ଭିଜିଲାନ୍ସ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ସ୍ଥାନୀୟ ଯନ୍ତ୍ରୀ ପାନାଡା ଦିଲ୍ଲୀଙ୍କୁ ପଚାରିବାରୁ ରାସ୍ତା କାମ ଆହୁରି ବାକି ଅଛି। ସେଠାରେ ଏକ କଲର୍ଭଟ ହେବା ପରେ ଫାଇନାଲ ବିଲ ହେବ। ବର୍ତ୍ତମାନ କେବଳ ରନିଙ୍ଗ ବିଲ କରାଯାଇଛି ବୋଲି କହିଥିଲେ। ଜୁନାଗଡ ବ୍ଲକ ସହକାରୀ ଯନ୍ତ୍ରୀ ଗୋବିନ୍ଦ ବଲ୍ଲଭ ମହାରଣାଙ୍କୁ ପଚାରିବାରୁ ସୂଚନା ଫଳକ ନ ଲେଖି ବିଲ କେମିତି କଲେ ଯନ୍ତ୍ରୀ ତାଙ୍କୁ ପଚାରିବି ବୋଲି କହିଥିଲେ।



ସୂଚନା ଫଳକରେ କିଛି ଲେଖାଯାଇନାହିଁ। କଂକ୍ରିଟ ରାସ୍ତା ଫାଟିଯାଇଛି।

## କଳାହାଣ୍ଡି ପୋଲିସ ବିଭାଗରେ ବ୍ୟାପକ ପରିବର୍ତ୍ତନ

**ଭବାନୀପାଟଣା, ୩୦।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ପୋଲିସ ବିଭାଗରେ ବ୍ୟାପକ ଅଦଳ ବଦଳ କରାଯାଇଛି। ଗୋଲାମୁଣ୍ଡା ଥାନା ଅଧିକାରୀ ରଶ୍ମିତା ପ୍ରଧାନଙ୍କୁ ଜୟପାଟଣା ଥାନାକୁ ବଦଳି କରାଯାଇଛି। ଭବାନୀପାଟଣା ଟାଉନ ଥାନା ଆଇଆଇସି ବାସୁଦେବ ଛତ୍ରିଆଙ୍କୁ କୋକସରା ଅଇଆଇସି ଭାବେ ବଦଳି କରାଯାଇଛି। ସେହିଭଳି କୋକସରା ଆଇଆଇସି ଏସ୍.ଏନ୍. ପାତ୍ରଙ୍କୁ ଲାଞ୍ଜିଗଡ ଥାନା, ମଦନପୁର ରାମପୁର ଥାନା ଓଆଇସି ଉତ୍ତମ ସାହୁଙ୍କୁ ଜୁନାଗଡ ଥାନା, ଜୁନାଗଡ ଆଇଆଇସି ପ୍ରଭାତ ସେଠୀଙ୍କୁ ପୋଲିସ ମୁଖ୍ୟାଳୟ, ପୋଲିସ ମୁଖ୍ୟାଳୟରେ ଥିବା ଚତୁର୍ଭୁଜ ନାଏକଙ୍କୁ ଗୋଲାମୁଣ୍ଡା ଥାନା, ଲାଞ୍ଜିଗଡ ଆଇଆଇସି ସତ୍ୟ ନନ୍ଦଙ୍କୁ ଭବାନୀପାଟଣା ଟାଉନ ଥାନା ଓ ଗୋବିନ୍ଦ ମାଝିଙ୍କୁ ମଦନପୁର ରାମପୁର ଥାନାକୁ ବଦଳି କରାଯାଇଥିବା ପୋଲିସ ବିଭାଗରୁ ସୂଚନା ମିଳିଛି।

## ଗ୍ରାମାଞ୍ଚଳ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ଓଆଇଏସ୍‌ଏଫ୍ ଲାଞ୍ଜିଗଡ଼କୁ ହରାଇ ଶାନ୍ତପୁର ଚାମ୍ପିୟନ

**ଲାଞ୍ଜିଗଡ଼,୩୦।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର ଗ୍ରାମପଞ୍ଚାୟତ ଭାଲୁଟଙ୍ଗରା ଓ ପାଟଭାଲେର ଦିବ୍ୟଶକ୍ତି ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସପ୍ତାହେ ବ୍ୟାପି ଚାଲିଥିବା ଗ୍ରାମାଞ୍ଚଳ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଜିଲା ତଥା ଜିଲା ବାହାରର ୧୬ଟି ଦଳକୁ ନେଇ ଆୟୋଜିତ ଏହି ଟୁର୍ନାମେଣ୍ଟରେ ଓଆଇଏସ୍‌ଏଫ୍ ଲାଞ୍ଜିଗଡ ଓ ନର୍ଲା ବ୍ଲକ ଶାନ୍ତପୁର କ୍ରିକେଟ୍ ଦଳ ଫାଇନାଲକୁ ଉନ୍ନୀତ ହୋଇଥିଲେ। ଫାଇନାଲ ମ୍ୟାଚ୍‌ରେ ଟସ୍ ଜିଣି ଲାଞ୍ଜିଗଡ଼ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୧୭୨ ରନ୍ ସଂଗ୍ରହ କରିଥିଲା। ଶାନ୍ତପୁର ଦଳ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲେ ପରେ ଲୟକୁ ଫେରିବା ସହ ପଞ୍ଚମ ସ୍ଥାନରେ ଆସିଥିବା ବ୍ୟାଟ୍ସମେନ୍ ନବୀନ ଓ ପ୍ରକାଶଙ୍କ ଧୂଆଁଧାର ବ୍ୟାଟିଂ ଓ ଦ୍ରୁତତମ ରନ୍ ସଂଗ୍ରହ ଯୋଗୁ ନିର୍ଦ୍ଧାରିତ ୧୫ ଓଭର୍ ମଧ୍ୟରୁ ଶେଷ ଓଭରର ଶେଷ ବଲ୍ ବାକିଥାଇ ବିଜୟସୂଚକ ଛକା ମାରିବା ସହିତ ବିଜୟ ହାସଲ କରିଥିଲା । ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ବିଧାୟକଙ୍କ ପ୍ରତିନିଧି ପ୍ରଦୀପ ଘଡେଇ, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରଧାନୀ, ଗୋବର୍ଦ୍ଧନପୁର ସରପଞ୍ଚ ସୁରେନ୍ଦ୍ର ମାଝି, ସମିତିସଦସ୍ୟ ଚିତ୍ରସେନ ମାଝି, ଯୁବନେତା କିରଣ ମାଝି, ପ୍ରସନ୍ନ ପରିଡା, ସୁବନ ଭୋଇ ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତ ଦଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଗୋଧନ ବାଗ ଓ ଅଭିନ ମାଝି ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିବାବେଳେ ମ୍ୟାଚ୍ ରେଫରୀ ଭାବେ ଶଙ୍କର ମାଝି, ସ୍କୋରର ଭାବେ ପ୍ରମୋଦ ମାଝି ଓ ଧାରା ବିବରଣୀ ପ୍ରଦାନ କରିଥିଲେ ଚୈତନ୍ୟ ମିର୍ଦ୍ଧା, ଦୈତାରୀ ମାଝି। ଆୟୋଜକ କମିଟି ସଭାପତି ଅମର ମିର୍ଦ୍ଧାଙ୍କ ସମେତ ଗନ୍ଧର୍ବ ମାଝି, ଦ୍ୱିତୀୟା ମାଝି, ବବୃବାହନ ମାଝି, ମଣି ମିର୍ଦ୍ଧାଙ୍କ ଭାଲୁଟଙ୍ଗରା ଓ ପାଟଭାଲେର ଗ୍ରାମବାସୀ ସହଯୋଗ କରିଥିଲେ।



ଫାଇନାଲ ମ୍ୟାଚ୍ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ ।

# ଫେବୃୟାରୀ ୨୮, ୨୯, ମାର୍ଚ୍ଚ ୧ ଡଙ୍ଗରିଆଙ୍କ ନିୟମରାଜା ପର୍ବ

**ଭବାନୀପାଟଣା/ଲାଞ୍ଜିଗଡ଼ ୩୦।୧୨ (ଡି.ଏନ.ଏ.)**

ପ୍ରତିବର୍ଷ ପରି ଆସନ୍ତା ୨୦୨୦ ଫେବୃୟାରୀ ୨୮, ୨୯ ଓ ମାର୍ଚ୍ଚ ୧ ୩ ଦିନ ବ୍ୟାପୀ କଳାହାଣ୍ଡି ରାୟଗଡା ସିମାନ୍ତ ନିୟମଗିରି ପର୍ବତ ଶିଖର ଉପରେ ନିୟମରାଜା ପର୍ବ ଧୁମଧାମ୍‌ର ସହିତ ପାଳିତ ହେବ। ଏ ନେଇ ନିୟମଗିରି ସୁରକ୍ଷା ସମିତି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। କଳାହାଣ୍ଡି ସୀମାନ୍ତ ମୁନିଖୋଲ ପଞ୍ଚାୟତ ଗରଟାଗ୍ରମରେ ନିୟମଗିରି ସୁରକ୍ଷା ସମିତି ସଭାପତି ଲୋଦୋ ସିକୋକାଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଆଦିବାସୀ ନେତା ଦଧି ପୁସିକା, ଡେଞ୍ଜୋପୁସିକା, ଲିଗରାଜ ଆଜାଦ, ସତ୍ୟ ମାହାରଙ୍କ ସମେତ ନିୟମଗିରି ଅଞ୍ଚଳରେ ବାସ କରୁଥିବା ଡଙ୍ଗରିଆ ଓ ଝରଣିଆ କନ୍ଧମାନେ ଏହି ନିଷ୍ପତି ନେଇଛନ୍ତି । ଜଳ, ଜମି ଏବଂ ଜଙ୍ଗଲର ସୁରକ୍ଷା ତଥା ନିୟମଗିରିକୁ ବହୁରଷ୍ଟ୍ରୀୟ କମ୍ପାନୀଠାରୁ ବଞ୍ଚାଇବା ପାଇଁ ଏହି ଅଞ୍ଚଳ ଆଦିବାସୀମାନେ ସେମାନଙ୍କ ଆରାଧ୍ୟ ଦେବତା ନିୟମରାଜାଙ୍କୁ ପୂଜା କରି ଆସୁଛନ୍ତି । ପ୍ରକୃତିର ନିୟମଗିରି ପର୍ବତ ଉପରେ ପ୍ରାୟ ୨ ଶହ ଖଣ୍ଡ ଗାଁର ୮ ହଜାରରୁ ଊର୍ଦ୍ଧ୍ୱ ଡଙ୍ଗରିଆ ଏବଂ ଝରଣୀଆ କନ୍ଧ ବାସ କରିଥାନ୍ତି । ଏହି ଆଦିବାସୀମାନେ ପର୍ବତ ଉପରେ କାନ୍ଧୁଲ, ମାଣ୍ଡିଆ, କୋଳଥ, ମକା, କମଳା, କଦଳୀ, ସପୁରୀ ଆଦି ଚାଷ କରି ନିଜର ଜୀବିକା ନିର୍ବାହ କରିଥାନ୍ତି। କିନ୍ତୁ କିଛି କମ୍ପାନୀକୁ ରାଜ୍ୟ ସରକାର ସାଗମାଛ ଦରରେ ଖଣିକୁ ଟେକିଦେଇ ଆଦିବାସୀମାନଙ୍କ ଜୀବନ ଜୀବିକାକୁ ଛଡାଇ ନେବା ପାଇଁ ଯେଉଁ ଅପଚେଷ୍ଟା କରୁଛନ୍ତି । ତାକୁ ଡଙ୍ଗରିଆ ଓ ଝରଣିଆ ଆଦିବାସୀମାନେ ଦୀର୍ଘ ବର୍ଷ ହେଲା ତୀବ୍ର ବିରୋଧ କରି ଆସୁଛନ୍ତି । ଏହା ସହିତ ପୋଲିସ ଏବଂ ସିଆର୍‌ପିଏଫ୍ ମାଓବାଦୀ ନାଁରେ ଆଦିବାସୀମାନଙ୍କୁ ଯେଉଁ ଭଳି ହଇରାଣ କରୁଛନ୍ତି ତାକୁ ମଧ୍ୟ ଆଦିବାସୀ ବିରୋଧ କରୁଛନ୍ତି। ଆଦିବାସୀ ଡଙ୍ଗରିଆ ଓ ଝରଣୀଆ କନ୍ଧମାନଙ୍କ ବିଶ୍ୱାସ ରହିଛି ଯେ, ସେମାନଙ୍କ ଆରା ଦେବତା ନିୟମରଜାଙ୍କୁ ବଳି ଦେଇ ସନ୍ତୁଷ୍ଟ କଲେ ସମସ୍ତ ରୋଗକୁଷ୍ଟରୁ ମୁକ୍ତି ମିଳିବା ସହ ସେମାନଙ୍କ ଫସଲ ଉତ୍ପାଦନ ବଢିଥାଏ। ତେଣୁ ପ୍ରତିବର୍ଷ ନିୟମଗିରି ପର୍ବତ ଶିଖର ଉପରେ ଥିବା ନିୟମରାଜାଙ୍କ ଧରଣିପେନୁଠାରେ ଆଦିବାସୀ ଡଙ୍ଗରିଆ ଓ ଝରଣୀଆ କନ୍ଧମାନେ ପାରମ୍ପାରିକ ପୋଷାକ ଓ ଅସ୍ତ୍ର ଶସ୍ତ୍ର ଧରି ନାଚଗୀତ କରିବା ସହିତ ଧରଣୀପେନୁଠାରେ କୁକୁଡା, ପାରା, ବୋଦା, ଘୁଷୁରୀ ଓ ପୋଡ ଆଦି ବଳୀ ଦେଇ ନିୟମରାଜାଙ୍କୁ ସନ୍ତୁଷ୍ଟ କରିବା ସହିତ ରକ୍ତ ଚାଉଳ ଧରି ଜୀବନର ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ନିୟମଗିରିର ସୁରକ୍ଷା ପାଇଁ ବଜ୍ର ଶପଥ ନେଇଥାନ୍ତି । ୩ ଦିନ ଧରି ହେବାକୁ ଥିବା ନିୟମରାଜା ପର୍ବରେ ବିଭିନ୍ନ ଜନ ଆନ୍ଦୋଳନ ସଙ୍ଗଠନ, ସେଚ୍ଛାସେବୀ, ପରିବେଶବିତ ଓ ପ୍ରକୃତିପ୍ରେମୀଙ୍କୁ ଏହି ଯାତ୍ରାରେ ସାମିଲ ହେବା ପାଇଁ ନିୟମଗିରି ସୁରକ୍ଷା ସମିତି କଳାହାଣ୍ଡି ଓ ରାୟଗଡା ପକ୍ଷରୁ ଆହ୍ୱାନ କରାଯାଇଛି।



ନିୟମଗିରି ଅଞ୍ଚଳରେ ବାସ କରୁଥିବା ଡଙ୍ଗରିଆ ଓ ଝରଣିଆ କନ୍ଧମାନେ।

## ଜିଲାରେ ଖୋଲିଲା ପ୍ରଥମ ମାଣ୍ଡିଆ ମଣ୍ଡି

# ପ୍ରଥମ ଦିନରେ ୫୦୪.୯୮ କୁଇଣ୍ଟାଲ କିଣା

**ଭବାନୀପାଟଣା,୩୦।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲାରେ ଖୋଲିଛି ଜିଲାର ପ୍ରଥମ ମାଣ୍ଡିଆ ମଣ୍ଡି। ଏହି ବ୍ଲକ ଅଧୀନ ଘଣ୍ଟମାଳ ମାଣ୍ଡିଆ ମଣ୍ଡିରେ ପ୍ରଥମ ଦିନରେ ୧୦ ଜଣ ଚାଷୀଙ୍କଠାରୁ ୫୦୪.୯୮ କୁଇଣ୍ଟାଲ ମାଣ୍ଡିଆ କିଣାଯାଇଥିଲା। ରାଜ୍ୟ ସରକାର ଗତ ପାଞ୍ଚ ବର୍ଷ ଧରି କ୍ଷୁଦ୍ର ଶସ୍ୟ (ମିଲେଟ ମିଶନ) ଚାଷକୁ ପ୍ରୋତ୍ସାହନ ଯୋଗାଇ ଆସୁଥିବା ବେଳେ ଏଥିରେ ଆଗ୍ରହ ପ୍ରକାଶ କରି ନର୍ଲା ଅଞ୍ଚଳରେ ଚାଷୀ ମାଣ୍ଡିଆ, ମୁଗ, ବିରି, ଗୁର୍ଜୀ, କୋଳଥ, କାଙ୍ଗ, କୋଶଲା ବାଜରା ପ୍ରଭୃତି ବିଲୁପ୍ତ ହେବାକୁ ବସିଥିବା ଯୁଦ୍ର ଶସ୍ୟ ଚାଷ କରିବା ଦିଗରେ ଧ୍ୟାନ ଦେଇଛନ୍ତି। ଏହି ବ୍ଲକ ଅଧୀନ ଘଣ୍ଟମାଳ ଗ୍ରାମପଞ୍ଚାୟତରେ ଶୁକ୍ରବାର ମାଣ୍ଡିଆ ମଣ୍ଡିକୁ ନର୍ଲା ଜିଲା କୃଷି ଅଧିକାରୀ ଅନ୍ତର୍ଯ୍ୟାମୀ ମଲ୍ଲିକ ଉଦ୍‌ଘାଟନ କରିଥିଲେ । ଟିଡିସିସିଓଏଲର ଅଧକ୍ଷ ଡମ୍ବରୁଧର ମାଝି, କଳାହାଣ୍ଡି ଶାଖା ପରିଚାଳକ ନବଘନ ସାହୁ, ଘଣ୍ଟମାଳ ସରପଞ୍ଚ ଦିରକୁ ପାତ୍ର, ଆରଏମସି କର୍ମଚାରୀ, ନର୍ଲା ପିପିସି ସମ୍ପାଦକ ବୃନ୍ଦାବନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମିଲେଟ ମିଶନକୁ ସହାୟତା ଯୋଗାଇଉଥିବା ୱାସନର ଜିଲା ସଂଯୋଜକ ଆଦିତ୍ୟ ପ୍ରତାପ ସିଂଦେଓ, ଆଞ୍ଚଳିକ ନିର୍ଦ୍ଦେଶକ ନରେନ୍ଦ୍ର କୁମାର ବାରିକ, ସହଭାଗୀ ବିକାଶ ଅଭିଯାନର ବ୍ଲକ ସଂଯୋଜକ ସୁକାନ୍ତ କୁମାର ଚାନ୍ଦ, ସହସଂଯୋଜକ ଥବିର ସାହୁ, ଥୟରାମ ଭୋଇ, ମଧୁସୂଦନ ମାଝି, ହରିହର ଭୋଇ, ଅଳକା ଭୋଇ ପ୍ରମୁଖଙ୍କ ସମେତ ନର୍ଲା ଅଞ୍ଚଳର ଶତାଧିକ ଚାଷୀବୃନ୍ଦ ଉପସ୍ଥିତ ଥିଲେ। ମାଣ୍ଡିଆର ସରକାରୀ ଧାର୍ଯ୍ୟ ମୂଲ୍ୟ, ସରକାରଙ୍କ ପ୍ରୋତ୍ସାହନ ରାଶି ଏ ସମସ୍ତ ବିଷୟଗୁଡିକ ଉପରେ ବୁଝାଇଥିଲେ। ଅନୁଷ୍ଠାନର କୁମାର ଚାନ୍ଦ ଉପସ୍ଥିତ ସମସ୍ତ ଅଧିକାରୀ, କର୍ମଚାରୀ, ଜନସାଧାରଣ ଓ ଚାଷୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ମିଲଟ ମିଶନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ତଥା ମାଣ୍ଡିଆର ଖାଦ୍ୟ ଗୁଣ ଏବଂ ବଜାର ବ୍ୟବସ୍ଥା ଏବଂ ସରକାରଙ୍କ ଧାର୍ଯ୍ୟ ସର୍ବନିମ୍ନ ମୂଲ୍ୟ (ଏମ୍‌ଏସ୍‌ପି) ବିଷୟରେ ସୂଚନା ଦେଇଥିଲେ। ଏହା ପରେ ଜିଲା କୃଷି ଅଧିକାରୀ ମଲ୍ଲିକ, ୱାସନର ଜିଲା ସଂଯୋଜକ ସିଂଦେଓ, ଆରଏମ୍‌ସି କର୍ମଚାରୀ ପ୍ରମୁଖ ମାଣ୍ଡିଆ ଚାଷ ବିଷୟ ଓ ଏହାର ସୁବିଧା, ଆର୍ଥିକ ଉନ୍ନତି ସମ୍ପର୍କରେ ବୁଝାଇ ଆଗକୁ ଅଧିକରୁ ଅଧିକ ଚାଷୀ ଏହି ମୂଲ୍ୟବାନ ଔଷଧୀୟ ମାଣ୍ଡିଆ ଚାଷ କରିବା ପାଇଁ ଅନୁରୋଧ କରିଥିଲେ। ନର୍ଲା ବ୍ଲକ ସହ ସଂଯୋଜକ ଥବିର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଜିଲାର ପ୍ରଥମ ମାଣ୍ଡିଆ ମଣ୍ଡି ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥି ଏବଂ ଚାଷୀମାନେ ।

**ସଂକ୍ଷେପରେ**

## ଗାୟତ୍ରୀ ପ୍ରଜ୍ଞାପୀଠରେ ହରିଦ୍ୱାର ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା

ରାଉରକେଲା ଅଫିସ,୩୦।୧୨- ଫର୍ଟିଲାଇଜର ଗାୟତ୍ରୀ ପ୍ରଜ୍ଞାପୀଠ ପରିଦର୍ଶନରେ ଶାନ୍ତିକୁଞ୍ଜ ହରିଦ୍ୱାରରୁ ଆସିଥିବା ପ୍ରତିନିଧିଙ୍କୁ ରବିବାର ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ୨ଜଣିଆ ପ୍ରତିନିଧି ମଣ୍ଡଳୀ ସଦସ୍ୟ ସୁଦର୍ଶନ ମିତଲ ଓ ମସ୍ତରାମ ଶର୍ମା ପୀଠ ପରିଦର୍ଶନ କରିବା ସହ ଭଲମନ୍ଦ ପଚାରି ବୁଝିଥିଲେ। ଏହାପରେ ଉଭୟ କୁଆଁରମୁଣ୍ଡା, ନୂଆଗାଁ ଆଦି କେତେକ ଗାୟତ୍ରୀ ପୀଠ ପରିଦର୍ଶନ କରିଥିଲେ। ଏଥିରେ ଉପଜୋନ ପ୍ରତିନିଧି ନିତ୍ୟାନନ୍ଦ ଦାସ, ପରିବ୍ରାଜକ ରାମମୋହନ ସାହୁ ଉପସ୍ଥିତ ଥିଲେ। ପ୍ରଜ୍ଞାପୀଠ ମୁଖ୍ୟ ପ୍ରବନ୍ଧକ ରାହାସବିହାରୀ ମହାପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସହ ପ୍ରବନ୍ଧକ ବିଚିତ୍ରାନନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶଶୀରେଖା ଦାସ, ରୋଶନ ପଣ୍ଡିତଙ୍କ ସମେତ ଚିତ୍ତରଞ୍ଜନ ବଳ, ରୀନା ସ୍ୱାଇଁ, ଉମା ପଣ୍ଡିତ, ରିଙ୍କି ସିଂ ପ୍ରମୁଖ ଉପସ୍ଥିତ ଥିଲେ।

ଉତ୍କଳମଣି ଗୋପବନ୍ଧୁ ହୋମିଓପାଥି କଲେଜରେ ଜୁଏଲ

# ସମସ୍ୟା ଶୁଣିଲେ, ପ୍ରତିଶ୍ରୁତି ଦେଲେ

**ରାଉରକେଲା ଅଫିସ,୩୦।୧୨**

ସେକ୍ଟର ୨୧ ନୟାବଜାରଠାରେ ଥିବା ଉତ୍କଳମଣି ଗୋପବନ୍ଧୁ ହୋମିଓପାଥିକ କଲେଜକୁ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ସୋମବାର ପରିଦର୍ଶନ କରିଥିଲେ। ଛାତ୍ର ମଙ୍ଗଳ କମିଟି ଅନୁରୋଧ କ୍ରମେ ଏମ୍‌ପି ଓରାମ କଲେଜର ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ ଓ ତାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କ ସହ କଥା ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଓଡ଼ିଶା ସରକାରଙ୍କ ଆୟୁଷ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଏହି କଲେଜ ସ୍ଥାପିତ ହେବାର ୨୫ ବର୍ଷ ବିତିଲାଣି। ତଥାପି ଏହାର ନାନା ସମସ୍ୟାର ସମାଧାନ ହୋଇପାରିନି। ଓଡ଼ିଶା ସମେତ ଅନ୍ୟ ରାଜ୍ୟରୁ ବହୁ ଛାତ୍ରୀଛାତ୍ର ଉକ୍ତ



ଏମ୍‌ପି ଜୁଏଲ ଓରାମ କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରୁଛନ୍ତି।

କଲେଜରେ ନାମ ଲେଖାଇ ପାଠ ପଢୁଛନ୍ତି । ତେବେ ପରିଚାଳନାଗତ ଅବ୍ୟବସ୍ଥା ନେଇ ସମସ୍ୟା ଏହାର ପିଛା ଛାଡୁନି। ବାହାରୁ ଆସୁଥିବା ଛାତ୍ରଙ୍କ ରହିବା ପାଇଁ ଏଠାରେ ଆବଶ୍ୟକ ହଷ୍ଟେଲ ନାହିଁ। ଆବଶ୍ୟକ ସଂଖ୍ୟକ ଶିକ୍ଷକ ନ ଥିବାରୁ ଶିକ୍ଷାଦାନରେ ସମସ୍ୟା ସୃଷ୍ଟି ହୋଇଛି । ୩୯ ଶିକ୍ଷକଙ୍କ ବଦଳରେ ମାତ୍ର ୭ ଜଣ ସ୍ଥାୟୀ ଓ ୪ ଜଣ ଅସ୍ଥାୟୀ ଶିକ୍ଷକଙ୍କ ଦ୍ୱାରା ଅଧ୍ୟାପନା ଚାଲିଛି। ୮ ଶ୍ରେଣୀ ପରିବର୍ତ୍ତେ ମାତ୍ର ୩ଟିରେ କାମ ଚଳାଯାଉଛି। ଲାଇବ୍ରେରିଆନ କେହି ନାହାନ୍ତି। ଟେକନିକାଲ ଷ୍ଟାଫ୍, ଆଟେଣ୍ଡାଣ୍ଟ, ଷ୍ଟାଫ୍ ନର୍ସ, ପାଥୋଲଜି ଷ୍ଟାଫ୍ ଭଳି ଜରୁରୀ ପଦବୀ ପୂରଣ ହୋଇପାରୁନି। କଲେଜ କୋଠା ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ନାମକୁ ମାତ୍ର ଖେଳ ପଡ଼ିଆ ରହିଛି। ଏହାର ପୁନରୁଦ୍ଧାର ନେଇ କାହାର ଚିନ୍ତା ନାହିଁ। ଅପନ୍ତରା ଭାବେ ପଡି ରହିଥିବା ଖେଳ ପଡିଆ ବ୍ୟବହାର ଅନୁପଯୋଗୀ ହୋଇପଡିଛି। ଏନେଇ ବିଭିନ୍ନ ସମୟରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯିବା ସତ୍ତ୍ୱେ ଫଳ ଶୂନ। ଏମିତି ଅବସ୍ଥାରେ ଏମ୍‌ପି ଓରାମ କଲେଜ ପରିଦର୍ଶନ କାଳରେ ସମସ୍ୟା ପଚାରି ବୁଝିଥିଲେ। ଦୀର୍ଘ ବର୍ଷ ପରେ ଏହି କଲେଜର ଉନ୍ନତୀକରଣ କରାଯାଇନଥିବାରୁ ସେ ଦୁଃଖ ପ୍ରକାଶ କରିଥିଲେ। ସମସ୍ୟାର ତ୍ୱରାନ୍ୱିତ ସମାଧାନ ନେଇ ସେ ଉପରିସ୍ଥ ଅଧିକାରୀଙ୍କ ସହ କଥା ହେବାକୁ ପ୍ରତିଶ୍ରୁତି ଦେଇଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟାଇକି ଚିକଣ ଗୋରୀ**
**ଚମ୍ପା ଫୁଲଠଉଁ ବଳି ସୁନ୍ଦରୀ**
**ଦେଖି ପେଟଯାଏ ପୂରି ।**

ଚମ୍ପା ଫୁଲର ରଙ୍ଗ ଯେମିତି ହଳଦିଆ ଦେଖିବାକୁ ସେମିତି ସୁନ୍ଦର। ସାଧାରଣତଃ ସୌନ୍ଦର୍ଯ୍ୟ ପ୍ରତି ସଭିଙ୍କ ମନରେ ଦୁର୍ବଳତା ଭାବ ରହିଥାଏ। ସୁନ୍ଦରତା ଆଡ଼କୁ ସଭିଙ୍କ ମନ ଅଟୀରେ ଟାଣି ହୋଇଯାଇଥାଏ। ଗୌରବର୍ଣ୍ଣା ଯୁବତୀଙ୍କୁ ଦେଖି ଆଖି ଲାଖି ରହିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚୋରି କରେ ଦୁନିଆ**
**ଧରା ପଡ଼ିଲେ ଚୋର ।**

ସମୟ ସୁବିଧା ସୁଯୋଗ ପାଇଲେ ଅନେକେ ଚୋରି ଭଳି ଘୃଣ୍ୟ କାମ କରିବାକୁ ପଛାଇ ନ ଥାନ୍ତି। କେମିତି ଅନାୟାସରେ ଫାଇଦା ମିଳିଯିବ ସେଇ ଚକ୍କରରେ ରହିଥାନ୍ତି। ଆତ୍ମସାତ୍ କରି ମଧ୍ୟ ଅନ୍ୟଆଗରେ ନିଜକୁ ସାଧୁ ସଚ୍ଚୋଟ ବୋଲାଇବାରେ ତିଳେମାତ୍ର ସଙ୍କୋଚ କରି ନ ଥାନ୍ତି। ତେବେ ଯିଏ ଧରାପଡ଼ିଯାଏ କେବଳ ସେ ହିଁ ଚୋର ଆଖ୍ୟା ପାଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

ନାଗରିକତ୍ୱ ସଂଶୋଧନ ଆଇନ

# ତଥ୍ୟ, ସତ୍ୟ ଜଣାଇବାକୁ ପ୍ରୟାସ

ରାଉରକେଲା ଅଫିସ,୩୦।୧୨- ନାଗରିକତ୍ୱ ସଂଶୋଧନ ଆଇନ ନେଇ ସମ୍ବିଧାନ ସଚେତନ ମଞ୍ଚ ସୋମବାର ଆଗକୁ ବାହାରିଛି। ଏ ନେଇ ସାଧାରଣରେ ରହିଥିବା ଭ୍ରମ ଦୂର କରିବାକୁ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ଅପରାହ୍ନରେ ବିର୍ସା ଛକରେ ଗଣଧାରଣା ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛି। କେନ୍ଦ୍ର ସରକାରଙ୍କ ବାସ୍ତବବାଦୀ ପଦକ୍ଷେପକୁ ଏଥିରେ ସମର୍ଥନ କରିବାକୁ ପଦକ୍ଷେପ ନିଆଯାଇଛି। ଏନେଇ ସୋମବାର ସନ୍ଧ୍ୟାରେ ବିଏମ୍‌ଏସ୍ କାର୍ଯ୍ୟାଳୟ ସେକ୍ଟର ୪ ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଏଥିରେ ଉପସ୍ଥିତ ସଙ୍ଗଠନ କର୍ମକର୍ତ୍ତା ମନୋଜ ନାୟକ, ସର୍ବେଶ୍ୱର ଦାସ ଓ ସୁରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଗଠନ କର୍ମକର୍ତ୍ତାମାନେ କହିଛନ୍ତି, ନାଗରିକତ୍ୱ ସଂଶୋଧନ ଆଇନ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଏହା ଦ୍ୱାରା ପଡୋଶୀ ଦେଶର ମୌଳବାଦୀ ଓ ଆତଙ୍କବାଦର ଶିକାର ହୋଇ ଭୟରେ ଆମ ଦେଶର ଶରଣାର୍ଥୀ ସାଜିଥିବା ହିନ୍ଦୁ ଓ ଅନ୍ୟ ଧର୍ମାବଲମ୍ବୀ ଏବେ ଦେଶର ନାଗରିକତା ପାଇପାରିବେ। ଏହି



ଖବରଦାତା ସମ୍ମିଳନୀରେ ସଚେତନ ମଞ୍ଚ କର୍ମକର୍ତ୍ତା।

ସଂଶୋଧନ ନିୟମ ଫଳରେ ପୂର୍ବରୁ ରହିଥିବା ନାଗରିକ ନିୟମ ୧୯୫୫ର ଐତିହାସିକ ଭୁଲ୍ ସଂଶୋଧିତ ହୋଇପାରିବ। ଏହାକୁ ନେଇ ସାଧାରଣ ନାଗରିକଙ୍କ ମଧ୍ୟରେ ଦେଖା ଦେଇଥିବା ଦ୍ୱନ୍ଦ ସଂପୂର୍ଣ୍ଣ ଅମୂଳକ। ପରିସ୍ଥିତିର ବଶବର୍ତ୍ତୀ ହୋଇ ଦେଶ ଛାଡି ଅନ୍ୟ ଦେଶରେ ବାସ କରୁଥିବା ଲୋକଙ୍କୁ ଶରଣାର୍ଥୀ କୁହାଯାଏ। ଗତ ୫୦ ଓ ୬୦ ଦଶକରେ ବାଂଲାଦେଶ ଓ ପାକିସ୍ଥାନ ସୈନିକ, ନାଗରିକଙ୍କ ଦ୍ୱାରା ନିର୍ଯାତିତ ହୋଇ ଭାରତକୁ ଶରଣାର୍ଥୀ ଭାବେ ବହୁ ଲୋକ ଚାଲି ଆସିଥିଲେ। ପାକିସ୍ତାନ ଓ ଆଫଗାନିସ୍ତାନରେ ବସବାସ କରୁଥିବା ଶିଖ ହିନ୍ଦୁ ବି ଆସିଥିଲେ। ସେମାନଙ୍କୁ ଦେଶରେ ସ୍ଥାନ ଦେଇ ଭାରତ ସରକାର ନିଜ ଉଦାରତାର ପରିଚୟ ଦେଇଛନ୍ତି। ସଂପ୍ରତି କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି, ସଂଗଠନ ଏହି ଆଇନ ଆଳରେ ଦେଶରେ ଅରାଜକତା ସୃଷ୍ଟି କରିବାକୁ ଉଦ୍ୟମ ଚଳାଇଛନ୍ତି। ଏହାଦ୍ୱାରା ଜାତୀୟ ସଂପତ୍ତି ଓ ଧନଜୀବନ ପ୍ରଭାବିତ ହୋଇଛି। ସମାଜରେ ଭୟର ବାତାବରଣ ସୃଷ୍ଟି କରିବାକୁ ଅପଚେଷ୍ଟା ଚାଲିଛି। ଏନେଇ ସାଧାରଣ ଲୋକଙ୍କୁ ବାସ୍ତବ ସତ୍ୟ ଓ ତଥ୍ୟ ଜଣାଇବାକୁ ସଙ୍ଗଠନ ପକ୍ଷରୁ ବିର୍ସା ଛକରେ ଗଣଧାରଣା ଆୟୋଜନ କରାଯାଉଛି ବୋଲି ସେମାନେ କହିଥିଲେ।

# ପାଚିକା ସହାୟିକା ସଂଘ ପକ୍ଷରୁ ବିକ୍ଷୋଭ

**ରାଉରକେଲା ଅଫିସ,୩୦।୧୨**

ବିଭିନ୍ନ ଦାବି ନେଇ ସୋମବାର ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ ସୁନ୍ଦରଗଡ଼ ଜିଲା କମିଟି ପକ୍ଷରୁ ପାନପୋଷ ସବ୍‌କଲେକ୍ଟରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘ ପକ୍ଷରୁ ଦର୍ଶାଯାଇଛି ଯେ, ୧୯୯୫ରେ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଦୀର୍ଘ ୨୩ବର୍ଷ ଧରି ଏହି ଯୋଜନାକୁ ପାଚିକା ଓ ସହାୟିକା ସଫଳ କରିବାରେ ଗୁରୁଦାୟିତ୍ୱ ନିର୍ବାହ କରି ଆସୁଛନ୍ତି। ଅପରପକ୍ଷେ ଏମାନଙ୍କୁ ପ୍ରାପ୍ୟ ପ୍ରଦାନ କରିବା ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଚରମ ଅବହେଳା ପ୍ରଦର୍ଶନ କରି ଆସୁଛନ୍ତି ବୋଲି ଅଭିଯୋଗ କରାଯାଇଥିଲା। ଶିକ୍ଷା ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନରେ କାର୍ଯ୍ୟ କରୁଥିବା ଏହି କର୍ମୀଙ୍କ ପ୍ରତି ହେୟ ମନୋଭାବ ପୋଷଣ କରାଯିବା ଗ୍ରହଣଯୋଗ୍ୟ ନୁହେଁ ବୋଲି ସଂଘର କର୍ମକର୍ତ୍ତା କହିଥିଲେ । ସ୍ୱଳ୍ପ ବେତନ ଦେଇ ଏମାନଙ୍କୁ ଖଟାଯାଉଛି। ସାମାଜିକ ସୁରକ୍ଷା ନାହିଁ ବୋଲି ସଂଘ ସଭାପତି ବିଜୟ ସାହୁ କହିଥିଲେ।




ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

### ବିଭିନ୍ନ ଦାବି ପୂରଣ ଉପରେ ଜୋର ଦେଲେ

ବାରମ୍ବାର ଦାବି ସତ୍ତ୍ୱେ ପାଚିକା ସହାୟିକଙ୍କ ସ୍ୱର ସରକାରଙ୍କ କାନରେ ନ ବାଜିବା ଦୁଃଖ ଏବଂ କ୍ଷୋଭର ବିଷୟ ବୋଲି କହିଥିଲେ ସଂଘର କର୍ମକର୍ତ୍ତା ଟୁନି ଓରାମ, ସାଲୋମି ଓରାମ, ଗୀତା ମହାତୋ, ନମିତା ସେଠୀ ପ୍ରମୁଖ। ଏହି ଅବସରରେ ଉପଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ତୁରନ୍ତ ସରକାର ଦାବି ମାନି ନିଅନ୍ତୁ ଅନ୍ୟଥା ରାଜ୍ୟବ୍ୟାପୀ ଗଣ ଆନ୍ଦୋଳନ ଡାକରା ଦିଆଯିବ ବୋଲି ଉପସ୍ଥିତ ନେତୃମଣ୍ଡଳୀ ଚେତାବନୀ ଦେଇଥିଲେ। ଏହି ବିକ୍ଷୋଭ ପ୍ରଦର୍ଶନରେ ଅଲ୍ ଇଣ୍ଡିଆ ୟୁଟିୟୁସି ରାଜ୍ୟ କମିଟି ସଭ୍ୟ ଅଜିତ ନାୟକ, ବିଷ୍ଣୁ ପଣ୍ଡା ପ୍ରମୁଖ ଉଦ୍‌ବୋଧନ ଦେଇ ପୁଞ୍ଜିବାଦୀ ବ୍ୟବସ୍ଥାର ଅବସାନ ଘଟାଇ ସମାଜବାଦ ବ୍ୟବସ୍ଥାରେ ସାମିଲ ହେବାକୁ ଆହ୍ୱାନ କରିଥିଲେ ।

# ଟିମ୍ବର କଲୋନୀ ଖେଳକୁଦ ପ୍ରତିଯୋଗିତା ଉଦ୍‌ଯାପିତ



ଖେଳକୁଦ ପ୍ରତିଯୋଗିତାରେ ଯୋଗଦେଇଥିବା ଅତିଥିମାନେ।

**ରାଉରକେଲା ଅଫିସ,୩୦।୧୨**

ଟିମ୍ବର କଲୋନୀଠାରେ ସପ୍ତାହବ୍ୟାପୀ ଆୟୋଜିତ ଖେଳକୁଦ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଭାଜପା ନେତା ଧୀରେନ ସେନାପତି ଓ ପ୍ରମିଳା ଦାସ ଯୋଗ ଦେଇଥିଲେ। ଆଞ୍ଚଳିକସ୍ତରରେ ଆୟୋଜିତ ଏଭଳି ପ୍ରତିଯୋଗିତା ନୂଆ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ନେଇ ସୁଯୋଗ ସୃଷ୍ଟି କରିଥାଏ ବୋଲି ସେନାପତି କହିଥିଲେ। ସେ ଆହୁରି କହିଥିଲେ, ଯୁବକମାନେ ନିଜକୁ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରଖିବାକୁ ହେଲେ ଏଭଳି ଖେଳକୁଦର ବହୁ ଆବଶ୍ୟକତା ରହିଛି। ଅଞ୍ଚଳବାସୀ ମିଳିମିଶି ଏହି ପ୍ରତିଯୋଗିତାକୁ ସଫଳ କରିଥିବାରୁ ସେ ସନ୍ତୋଷ ବ୍ୟକ୍ତ କରିଥିଲେ। ମହିଳା ନେତ୍ରୀ ଦାସ ନିଜ ବକ୍ତବ୍ୟରେ କହିଥିଲେ ସୁଯୋଗ ଅଭାବରୁ ବସ୍ତି କଲୋନୀ ଅଞ୍ଚଳର ଅନେକ ଯୁବ ପ୍ରତିଭା ନିଜ ଦକ୍ଷତା ପ୍ରତିପାଦନ କରିବାରୁ ବଞ୍ଚିତ ହେଉଛନ୍ତି। ଏନେଇ ଅଭିଭାବକ ଓ ବିଭିନ୍ନ ସଂଘ ସଙ୍ଗଠନ କର୍ମକର୍ତ୍ତା ସଚେତନ ହେଲେ ବହୁ ବିଚକ୍ଷଣ ଖେଳାଳି ନିଜ ଦକ୍ଷତା ପ୍ରଦର୍ଶନ କରିପାରିବେ। ସୂର୍ଯ୍ୟ ଫାଉଣ୍ଡେଶନ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମ ସଫଳ ହୋଇଥିବାରୁ ଦାସ ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ପୂର୍ବରୁ କ୍ରିକେଟ, ଭଲି, ବ୍ୟାଡମିଣ୍ଟନ, ଦୌଡକୁଦ, ସୂର୍ଯ୍ୟ ନମସ୍କାର ସହ ବାଳିକାଙ୍କୁ ନେଇ ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଅନ୍ୟତମ ଅତିଥି ରୂପେ ଯୁବ ନେତା ସୁବ୍ରତ ପଟ୍ଟନାୟକ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ପୁରସ୍କାର ଓ ମାନପତ୍ର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସନ୍ତୋଷ ନାୟକ, ସୁମନ୍ତ ନାୟକ, ବିନୋଦ ବାଡା, ସରୋଜ ନାୟକ, ମନୋଜ ସ୍ୱାଇଁ, ଶ୍ରୀକାନ୍ତ ରାୟ ପ୍ରମୁଖ ପରିଚାଳନା କରିଥିଲେ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଉଜ୍ଜୀବନ ଫାଇନାନ୍ସ କମ୍ପାନୀ
ଭାରତର ନଂ.1 କମ୍ପାନୀ
ଋଣ 1% ସୁଧ 50% ଛାଡ଼
ମୁଦ୍ରା ଋଣ, ପ୍ରପର୍ଟି ଋଣ, ମାର୍କଶିଟ୍ ଋଣ — ସବୁ ଋଣ 24 ଘଣ୍ଟାରେ ପାଆନ୍ତୁ
ଆଧାରକାର୍ଡ ଋଣ, ପର୍ସନାଲ ଋଣ, ବ୍ୟବସାୟ ଋଣ, ଆଦି ସବୁ ଋଣ
*C&T Apply
ଚାଷୀ, ମହିଳାଙ୍କ ପାଇଁ ବିଶେଷ ଅଫର୍
089303-80336
090537-13407

FINANCE
ସରକାରୀ ଯୋଜନା ଦ୍ୱାରା All Odisha ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Aastha - 9685015052
Rupali - 8963951185
Manisha - 9753016278
Mona - 7509774004
Janvi - 7566888563
Priyanka - 7649016745
Vasundhara Mall, West Boring Canal Rd, Rajapur, Patna, Bihar 800001

BUSINESS

ASTROLOGY

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ଋଣ ଧମାକା
ଋଣ ପାଆନ୍ତୁ ଆଧାରକାର୍ଡରୁ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ, ବ୍ୟବସାୟ, କୁକୁଡ଼ା ପାଳନ, ପଶୁ ପାଳନ, ସମୂହ ଋଣ ।
ଫୋନ୍ କରନ୍ତୁ
9162071458
8863936059
New Ashok Nagar, East Delhi, Delhi

ମହେଶ୍ୱରୀ ଫାଇନାନ୍ସ
LOAN IN 7 DAYS
ମହିଳା/ପୁରୁଷ, ଦୋକାନୀ ବ୍ୟବସାୟୀ, ମାର୍କଶିଟ୍, ପ୍ରପର୍ଟି, କମ୍ ସୁଧ ହାରରେ (2,00,000-10,00,000) ଲକ୍ଷ ଋଣ ଉପଲବ୍ଧ।
Contact
9716825082

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦,୦୦,୦୦୦, ଭଡ଼ା ୬୦,୦୦୦ + କୋର୍ଟ ଏଗ୍ରୀମେଣ୍ଟ।
Helpline No.
7838639856
8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ, ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ, ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଯାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୂଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now
9453480851

**ପାଠକଙ୍କ ପାଇଁ ସୂଚନା:**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ମନୁଷ୍ୟ କୌଣସି ବିଷୟରେ ଏକାଗ୍ରଚିତ୍ତ ହୋଇ, ତାହାରି ପାଇଁ ପାଗଳ ହେଲେ ସେଥିରେ ସେ ସିଦ୍ଧି ଲାଭ କରେ।
- ଭଗବାନ ଶ୍ରୀକୃଷ୍ଣ



## ସଂକ୍ଷେପରେ



### ଟ୍ରକ୍ ଧକ୍କାରେ ସ୍କୁଲ ଗେଟ୍, ପାଚେରି ଭାଙ୍ଗିଲା

ଲହୁଣୀପଡା,୩୦।୧୨ (ଡି.ଏନ୍.ଏ.) ଲହୁଣୀପଡ଼ା ଉଚ୍ଚ ପ୍ରାଥମିକ ସ୍କୁଲର ଗେଟ୍ ଓ ପାଚେରି ରବିବାର ବିଳମ୍ବିତ ରାତିରେ ଏକ ଟ୍ରକ୍ ଧକ୍କାରେ ଭାଙ୍ଗିଛି। କୋଇଡା ଖଣି ଅଞ୍ଚଳରୁ ଲୁହା ପଥର ବୋଝେଇ କରି ଏହି ଟ୍ରକ୍ (ନଂ.ଡବ୍ଲୁବି-୭୩ଇ-୦୯୭୦)ଟି ଯାଉଥିବାବେଳେ ଭାରସାମ୍ୟ ହରାଇ ଏହି ଦୁର୍ଘଟଣା ଘଟାଇଛି। ପୋଲିସ ଟ୍ରକ୍‌କୁ ଜବତ କରିଛି।

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ଲହୁଣୀପଡା,୩୦।୧୨ (ଡି.ଏନ୍.ଏ.) ଲହୁଣୀପଡ଼ା ଥାନା ଅଧୀନ ବାହାଡ଼ପୋଷ-କଲେଇପୋଷ ୧୦(କ) ରାଜ୍ୟ ରାଜପଥର ଉଲୁସୁରେଇ ନିକଟରେ ସୋମବାର ସନ୍ଧ୍ୟା ସାଢ଼େ ୬ଟା ସମୟରେ ଦୁର୍ଘଟଣା ଘଟିଛି। ଗୋଟିଏ ଟ୍ରକ୍‌ପଛରେ ପିଟିହୋଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭରତ ମହାନ୍ତି (୩୨)। ତେବେ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିବା ସହ କ୍ଷତିପୂରଣ ପ୍ରଦାନ ବାବଦରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେବା ପରେ ଲୋକେ ରାସ୍ତା ଅବରୋଧରୁ ହଟିଥିଲେ। ପୋଲିସ୍ ଉଭୟ ଟ୍ରକ୍ ଓ ବାଇକ୍‌କୁ ଜବତ କରିଛି। ଏଥିସହ ମୃତ ଦେହକୁ ବ୍ୟବଚ୍ଛେଦ ପାଇଁ ଲହୁଣପଡ଼ା ଡାକ୍ତରଖାନାକୁ ପଠାଇଛି। ସୂଚନାଯୋଗ୍ୟ, ଟ୍ରକ୍‌ଟି ଯାନ୍ତ୍ରିକ ତ୍ରୁଟିଯୋଗୁଁ ରାସ୍ତାକଡ଼ରେ ଠିଆହୋଇଥିଲା। ଭରତ ଏହି ସମୟରେ ବାଇକ୍‌ରେ ତାଙ୍କ ଘର ରାଇଖଲାକୁ ଫେରୁଥିଲେ। ହେଲେ ଟ୍ରକ୍‌ପଛରେ ପିଟିହୋଇଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।

### ବାଇକ୍ ଦୁର୍ଘଟଣାରେ ୩ ଆହତ

ବଡ଼ଗାଁ,୩୦।୧୨(ଡି.ଏନ୍.ଏ.) ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅଧୀନ ଟିକିଲିପଡ଼ା ଗାଁ ନିକଟ ୧୦ ନଂ. ରାଜ୍ୟପଥରେ ସୋମବାର ସନ୍ଧ୍ୟା ୬ଟାରେ ଦୁର୍ଘଟଣା ଘଟିଛି। ରାସ୍ତାରେ ଯାଉଥିବା ଟିକିଲିପଡ଼ା ଗାଁର ଜଣେ ବୃଦ୍ଧାଙ୍କୁ ଗୋଟିଏ ବାଇକ୍ ଧକ୍କା ଦେଇଛି। ଫଳରେ ବୃଦ୍ଧା ସତ୍ୟବତୀ ଠେମରିଆ (୫୨)ଙ୍କ ସମେତ ବାଇକ୍‌ରେ ବସିଥିବା ପାଣ୍ଡେରପାଲି ଗାଁର ଅନ୍ୟ ୨ ଜଣ ବ୍ୟକ୍ତି ଆହତ ହୋଇଛନ୍ତି। ଏ ଦିଜଣ ହେଲେ ଦଶରଥ କନ୍ଦରା (୨୬) ଓ ସୁଶାନ୍ତ ବାଗ (୨୫)। ଏମାନଙ୍କୁ ଟିକିଲିପଡା ବନ କର୍ମଚାରୀ କ୍ରିଷ୍ଟା ଗଡ଼ତିଆ, ସାବନ ନାଏକ ଓ ଅନିମେଶ ଷଡଙ୍ଗୀ ଉଦ୍ଧାର କରି ବଡ଼ଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

# ବିକାଶ ନାଁରେ ବିସ୍ଥାପିତଙ୍କୁ ଅତ୍ୟାଚାର

## ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଡୁଲିଙ୍ଗା କୋଇଲା ଖଣି ବିସ୍ଥାପିତ ଗ୍ରାମବାସୀ

ସୁନ୍ଦରଗଡ,୩୦।୧୨ (ଡି.ଏନ୍.ଏ.) ସୁନ୍ଦରଗଡ ଜିଲା ହେମଗିର ବ୍ଲକରେ ଥିବା ଡୁଲିଙ୍ଗା କୋଇଲା ଖଣି ଦ୍ୱାରା ମଝାପଡା ଅଞ୍ଚଳର ଲୋକେ ବିସ୍ଥାପିତ ହେଉଛନ୍ତି। ବିକାଶ ନାଁରେ ବିସ୍ଥାପିତଙ୍କୁ ଅତ୍ୟାଚାର କରାଯାଉଛି। ଏଣୁ ଅଞ୍ଚଳର ବିସ୍ଥାପିତ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଦାବିରେ ଗ୍ରାମବାସୀ ସୋମବାର ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କୁ ଭେଟି ଆଲୋଚନା କରିବା ସହ ଏକ ଦାବିପତ୍ର ଦେଇଛନ୍ତି। ଏନ୍‌ଟିପିସି ତରଫରୁ କରାଯାଉଥିବା ମୂଲ୍ୟାୟନରେ ବ୍ୟାପକ ଅନିୟମିତତା ଏବଂ ପକ୍ଷପାତିତା କରାଯାଇଛି ବୋଲି ଅଭିଯୋଗ କରିଛନ୍ତି।

ସୁପ୍ରିମକୋର୍ଟ କୋଲ୍ ବ୍ଲକ ଆବଣ୍ଟନରେ ଅନିୟମିତତା ଦର୍ଶାଇ ଏନ୍‌ଟିପିସିକୁ ଆବଣ୍ଟନ ହୋଇଥିବା ଡୁଲିଙ୍ଗା କୋଇଲା ଖଣିକୁ ୨୦୧୪ ସେପ୍ଟେମ୍ବରରେ ଖାରଜ କରିଥିଲେ। ପୁନର୍ବାର ୨୦୧୫ ମାର୍ଚ୍ଚରେ ଏନଟିପିସିକୁ ଆବଣ୍ଟନ ହୋଇଛି । ଏଣୁ ୨୦୧୫ ମାର୍ଚ୍ଚ ପୂର୍ବରୁ ନିର୍ମିତ ସମସ୍ତ ଘର ଦ୍ୱାର ଓ ରହିଯାଇଥିବା ଜମିର କ୍ଷତିପୂରଣ ପ୍ରଦାନ ନେଇ ଆକଳନ କରାଯାଉ। ହେଲେ ଏନ୍‌ଟିପିସି ଦ୍ୱାରା ତାହା କରା ନ ଯାଇ ଜିଲା ଭୂ-ଅର୍ଜନ ଅଧିକାରୀଙ୍କ ଦ୍ୱାରା ପ୍ରକୃତ ମୂଲ୍ୟାୟନ କରାଯାଇ କ୍ଷତିପୂରଣ ପ୍ରଦାନ ପାଇଁ ବିସ୍ଥାପତ ଗ୍ରାମବାସୀ ଦାବି କରିଛନ୍ତି। ଜିଲାପାଳ ମଧ୍ୟ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ବିସ୍ଥାପିତ ଗ୍ରାମବାସୀଙ୍କ ପକ୍ଷରୁ ଡାଃ ହିମାଂଶୁ ଶେଖର ଷଡଙ୍ଗୀ ଓ ପ୍ରତାପ ପଟେଲଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଜିଲାପାଳଙ୍କ ସହିତ ଆଲୋଚନା କରିଥିଲେ।

ପ୍ରକାଶଯୋଗ୍ୟ, ପୂର୍ବରୁ ଏମାନେ ଆନ୍ଦୋଳନ କରି ପ୍ରତିବାଦ କରିବାରୁ ଜିଲା ପ୍ରଶାସନ ହସ୍ତକ୍ଷେପ କରିଥିଲା। ଏନ୍‌ଟିପିସି ଅଧିକାରୀମାନଙ୍କ ଉପସ୍ଥିତିରେ ସଦର ଉପଜିଲାପାଳ, ସ୍ଥାନୀୟ ବିଧାୟିକା ଓ ବିସ୍ଥାପିତ ଖଣି ସଂଘର ପ୍ରତିନିଧିମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ଆଲୋଚନା ମୁତାବକ କୋଇଲା ଖଣି ପାଇଁ ହେଉଥିବା ଜମି ଅଧିଗ୍ରହଣ କାର୍ଯ୍ୟ ଏନ୍‌ଟିପିସି ଦ୍ୱାରା କରା ଯିବନି। ଜିଲା ପ୍ରଶାସନର ଜମି ଅଧିଗ୍ରହଣ ବିଭାଗ ମାଧ୍ୟମରେ ତାହା ସମ୍ପନ୍ନ ହେବ। ଉପଯୁକ୍ତ ମୂଲ୍ୟାୟନ କରାଯାଇ ସମସ୍ତ ଘରଦ୍ୱାରର କ୍ଷତିପୂରଣ ପ୍ରଦାନ କରାଯିବା ପାଇଁ ପ୍ରଶାସନ ତରଫରୁ ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ବର୍ତ୍ତମାନ ସୁଦ୍ଧା ତାହା କରାଯାଉ ନାହିଁ ବୋଲି ଏମାନେ ଅଭିଯୋଗ କରିଛନ୍ତି।



ଏନ୍‌ଟିପିସି ଡୁଲିଙ୍ଗା କୋଇଲା ଖଣି ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହେଉଥିବା ସୁନ୍ଦରଗଡ ଜିଲା ହେମଗିର ବ୍ଲକ୍ ମଝାପଡାର ଗ୍ରାମବାସୀ ଉଚିତ କ୍ଷତିପୂରଣ ପ୍ରଦାନ ଦାବିରେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି।

# ଆହାର କେନ୍ଦ୍ରରେ ଖାଇଲେ ରାଜ୍ୟ ସଭା ସଦସ୍ୟ ଅମର

ସୁନ୍ଦରଗଡ,୩୦।୧୨(ଡି.ଏନ୍.ଏ.)

ରାଜ୍ୟସଭା ସଦସ୍ୟ ଅମର ପଟ୍ଟନାୟକ ସୋମବାର ଦିନିକିଆ ସୁନ୍ଦରଗଡ ଜିଲା ଗସ୍ତରେ ଆସି ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି। ଡାକ୍ତରଖାନା ପରିସରରେ ଥିବା ଆହାରକେନ୍ଦ୍ର ପରିଦର୍ଶନ କରି ସେ ଟୋକନ କାଟି ସେଠାରେ ମଧ୍ୟାହ୍ନ ଭୋଜନ କରିଥିଲେ। ଏଥି ସହିତ ଆହାର କେନ୍ଦ୍ରରେ ଭୋଜନ କରୁଥିବା ଲୋକଙ୍କୁ ଖାଦ୍ୟର ମାନ ପଚାରି ବୁଝିଥିଲେ। ପରିସ୍କାର ପରିଚ୍ଛନ୍ନ ରଖିବାକୁ ଆହାରକେନ୍ଦ୍ର ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ।

ଅନ୍ୟସ୍ଥାନୀୟ ସର୍କିଟ ହାଉସ୍‌ରେ ବିଜେଡି କାର୍ଯ୍ୟକର୍ତ୍ତା ଓ କର୍ମୀଙ୍କ ସହ ଆଲୋଚନା କରିଥିଲେ। ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ, ସୁନୀତା ବିଶ୍ୱାଳ, ଷ୍ଟିପେନ ସୋରେଙ୍ଗ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ଅମାତ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ସଦର ବ୍ଲକ ଉପାଧ୍ୟକ୍ଷ ଅଶ୍ୱିନୀ ନାଏକ, ବରିଷ୍ଠ ବିଜେଡି ନେତା ଜନ୍ମେଜୟ ମହାପାତ୍ର, ହରଜେନ୍ଦ୍ରେ ସିଂ, ଜୟନାରାୟଣ ତ୍ରିପାଠୀ, ଜିତେନ୍ଦ୍ରୀୟ କର, ସୁମନ୍ତ କୁମାର ପଣ୍ଡା, ସୁକୁମାର ସ୍ୱାଇଁ, ପରଭେଜ ହୁସେନ୍, ଶାହାବାଜ୍ ହୁସେନ୍ ମୁକେଶ ପୁରୋହିତ, ରୋଶନ ସାହୁ, ସୁନୀଲ ମହାପାତ୍ର ପ୍ରମୁଖ ଦଳୀୟ କାର୍ଯ୍ୟକର୍ତ୍ତା ଓ ପୁରୁଖା କର୍ମୀମାନେ ତାଙ୍କୁ ସ୍ୱାଗତ କରିଥିଲେ।



ସୁନ୍ଦରଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ଆହାର କେନ୍ଦ୍ରରେ ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ ସୋମବାର ମଧ୍ୟାହ୍ନ ଭୋଜନ ଖାଉଛନ୍ତି।

# କ୍ରିକେଟ ଟୁର୍ନାମେଣ୍ଟ: ରେଲୱେ କ୍ରିକେଟ କ୍ଲବ ବିଜୟୀ

କୁଆଁରମୁଣ୍ଡା,୩୦।୧୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ପୌରପାଳିକାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଅନ୍ତିମ ଦିବସରେ ଶ୍ରୀ ଗଣେଶ ଟିମ୍‌କୁ ହରାଇ ରେଲୱେ କ୍ରିକେଟ କ୍ଲବ୍ ବିଜୟୀ ହୋଇଛି। ରେଲୱେ କ୍ଲବ୍ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୨୫ ଓଭରରେ କ୍ଲବ ପକ୍ଷରୁ ୨୪୦ ରନ୍ ସଂଗ୍ରହ କରାଯାଇଥିଲା। ବିପକ୍ଷ ଶ୍ରୀଗଣେଶ ଟିମ୍ ବ୍ୟାଟିଂ ଆରମ୍ଭ କରିଥିଲେ ମଧ୍ୟ ଆରମ୍ଭରୁ ଖେଳାଳିମାନେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ। ମାତ୍ର ୧୫ ଓଭରରେ ସମସ୍ତ ବ୍ୟାଟ୍ସମ୍ୟାନ ଆଉଟ୍ ହୋଇଥଲେ। ଦଳ ପକ୍ଷରୁ ମାତ୍ର ୧୦୦ ରନ୍ ସଂଗ୍ରହ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ସାମାଜିକ କର୍ମୀ ମିସ୍ ସସ୍ମିତା, ଶମ୍ଭୁ ଦୀପ, ପ୍ରଦୀପ ଟେବ୍ରିୱାଲ, ସାମାଜିକ କର୍ମୀ ସନ୍ଦୀପ ମିଶ୍ରା ପ୍ରମୁଖ ଯୋଗ ଦେଇଥିଲେ। ବିଜୟୀ ଘୋଷିତ ରେଲୱେ କ୍ରିକେଟ୍ କ୍ଲବକୁ ଟ୍ରଫି ସହ ୨୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ରନର୍ସ ଅପ୍ ଘୋଷିତ ଶ୍ରୀଗଣେଶ ଟିମ୍‌କୁ ଟ୍ରଫି ସହ ୧୦ ହଜାର ଟଙ୍କାର ଚେକ୍ ଅତିଥିମାନେ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଏହି ପ୍ରତିଯୋଗିତା ଚଳିତ ମାସ ୧୭ ତାରିଖରୁ ଆରମ୍ଭ ହୋଇଥିଲା।




ବିଜୟୀ ରେଲୱେ କ୍ରିକେଟ୍ କ୍ଲବ୍ ଟିମ୍‌କୁ ଅତିଥିମାନେ ଟ୍ରଫି, ଚେକ୍ ପ୍ରଦାନ କରୁଛନ୍ତି।

# ଏନ୍‌ଏଲ୍‌ସି କମ୍ପାନୀ ପାଉଁଶୟାର୍ଡକୁ ବିରୋଧ

ସମ୍ବଲପୁର,୩୦।୧୨(ବ୍ୟୁରୋ)

ସମ୍ବଲପୁର ଠେଲକୋଲି ଅଞ୍ଚଳରେ ଏନ୍‌ଏଲ୍‌ସି କମ୍ପାନୀ ପାଉଁଶ ଗଦା କରିବାକୁ ଯାଉଛି। ଏଥିପାଇଁ ପ୍ରାୟ ୫ ଶହ ୫୦ ଏକର ଜମି ଅଧିଗ୍ରହଣ କରିବାକୁ ଯୋଜନା କରୁଛି। ହେଲେ ଏହାକୁ ବନ୍ଦ କରାଯାଉ ବୋଲି ଠେଲକୋଲି ଅଞ୍ଚଳର ଆରଆର କଲୋନୀବାସୀ ଦାବି କରି ସୋମବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ପ୍ରାୟ ୫ ଶହ ଏକ ଜମିରେ ପାଉଁଶ ଗଦା କରିବାକୁ ସ୍ଥିର ହୋଇଛି। ପାଉଁଶ ପାହାଡ ହୋଇଗଲେ କଲୋନୀବାସୀ କେମିତି ରହବେ ବୋଲି ପ୍ରଶ୍ନ କରିଛନ୍ତି। ଧୂଳିଗୁଣ୍ଡ ପରିବେଶରେ ରହିବା କଷ୍ଟକର ହେବ। ଯଦି ପାଉଁଶ ୟାର୍ଡ କରାଯିବ ତାହା ହେଲେ ସେମାନଙ୍କୁ ପୁଣି ଥରେ ଥଇଥାନ କରାଯାଉ। ନ ଚେତ ସେହି ସ୍ଥାନରେ ପାଉଁଶ ପାକାଇବା ବନ୍ଦ କରାଯାଉ ବୋଲି ଦାବି କରିଛନ୍ତି। ଅନ୍ୟଥା ସେମାନେ ମରିବେ ପଛେ କମ୍ପାନୀକୁ ଠିଆ ହେବାକୁ ଦେବେ ନାହିଁ ବୋଲି ଚନ୍ଦ୍ରଶେଖର ରାଉତ, ମନୋଜ ଭୁଏ, ସୁଧୀର ନାଥ, ସୁଦର୍ଶନ ରୋହିଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ମହିଳା ଖବରଦାତାଙ୍କୁ ଆକ୍ରମଣର ପ୍ରତିବାଦ

ସମ୍ବଲପୁର,୩୦।୧୨(ବ୍ୟୁରୋ)

ଭୁବନେଶ୍ୱର ଏସ୍‌ପ୍ଲାନେଡ ମଲ୍‌ରେ ମହିଳା ଖବରଦାତା ଶ୍ୱାତି ଜେନାଙ୍କୁ ମଲ୍‌ର ସୁରକ୍ଷା କର୍ମୀ ଓ କର୍ମଚାରୀ ଆକ୍ରମଣ କରିବା ଘଟଣାକୁ ସମ୍ବଲପୁର ପ୍ରେସ୍ କ୍ଲବ ପକ୍ଷରୁ ନିନ୍ଦା କରାଯାଇଛି। ସୋମବାର ପ୍ରେସ୍ କ୍ଲବ୍ ସଭ୍ୟ ଓ ଖବରଦାତାମାନେ ଉତ୍ତରାଞ୍ଚଳ ପୋଲିସ ଡିଆଇଜି ହିମାଂଶୁ ଲାଲଙ୍କୁ ଭେଟି ଖୁବ ଶୀଘ୍ର ଉକ୍ତ ମଲ୍ ମାଲିକଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ସୁରକ୍ଷାକର୍ମୀଙ୍କୁ କେବଳ ପୋଲିସ ଗିରଫ କରି ବାହାବା ନେଉଛି । ହେଲେ ଏହି ଘଟଣା ପାଇଁ ଦାୟୀ ମଲ୍ ମାଲିକଙ୍କ ପାଖର ପହଞ୍ଚି ପାରୁନାହିଁ। ସମ୍ବଲପୁରରେ ମଧ୍ୟ ଅନେକ ମଲ୍ ରହିଛି। ଏଗୁଡିକ ଲାଗି ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ସେମାନେ ବେଆଇନଭାବେ ପାର୍କିଂ ଫି ଆଦାୟ କରୁଛନ୍ତି। ସେହିଭଳି ଅନେକ ନର୍ସିଂହୋମ୍ ରାସ୍ତାରେ ପାର୍କିଂ କରୁଛନ୍ତି। ତେଣୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି ବୋଲି ଡିଆଇଜିଙ୍କଠାରେ ଏମାନେ ଅଭିଯୋଗ କରିଛନ୍ତି। ତ୍ରିବିକ୍ରମ ପ୍ରଧାନ, ସଂପାଦକ ଭବନୀ ଭୋଇ, କୋଷାଧ୍ୟକ୍ଷ ଶ୍ରବଣ କୁମାର ପତି, ଉପସଭାପତି ଲଳିତ ଶର୍ମା, ସରୋଜ ସାହୁ, ଗାର୍ଗୀ ଶତପଥୀ, ସୁଧାଂଶୁ ମହାରଣା, ତେଜସ୍କର ମହାପାତ୍ର, ଦୁଷ୍ମନ୍ତ ରାଣା, ମଳୟ ଭୋଇ, ଧର୍ମେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଭୋଇପାଲି ପଞ୍ଚାୟତରେ ଡାକ ବିଭାଗର ଆଇପିପିବି ଶିବିର

ବଡ଼ଗାଁ, ୩୦।୧୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଭୋଇପାଲି ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଡାକ ବିଭାଗ ପକ୍ଷରୁ ଇଣ୍ଡିଆନ ପୋଷ୍ଟାଲ ପେମେଣ୍ଟ ବ୍ୟାଙ୍କ (ଆଇପିପିବି) ଶିବିର ଆୟୋଜିତ ହୋଇଯାଇଛି। ଏହା ମାଧ୍ୟମରେ ୬୩ଜଣଙ୍କ ଜମାଖାତା ଖୋଲା ଯାଇଛି। ଏହି ଶିବିରରେ ଡାକ ସହାୟକ ପ୍ରବନ୍ଧକ ଆଶୁତୋଷ ପାତ୍ରଙ୍କ ସହିତ ଗାଁ ଡାକ ପୋଷ୍ଟମାଷ୍ଟର ଗୌରାଙ୍ଗ ପୃଷ୍ଠେଠ, ଜିତେନ୍ଦ୍ର ଜେନା, ଦିଲ୍ଲୀପ ଗୌଡ଼ ଲୋକଙ୍କୁ ଆଇପିପିବି ଉପରେ ବୁଝାଇଥିଲେ। ଗାଁଗୁଡ଼ିକରେ ବ୍ୟାଙ୍କ ନ ଥିବାରୁ ଲୋକେ ହଇରାଣ ହୋଇଥାନ୍ତି। ହେଲେ ଏହି ପୋଷ୍ଟାଲ ବ୍ୟାଙ୍କ ଦ୍ୱାରା ଲୋକେ ନିଜ ଗାଁରେ ହିଁ ବ୍ୟାଙ୍କର ସମସ୍ତ କାମ କରାଇପାରିବେ। ଏହି ଶିବିରରେ ଭାଜପା ରାଜ୍ୟ ସମ୍ପାଦକ ରଞ୍ଜନ ପଟେଲ ଜମାଖାତା ଖୋଲିଥିଲେ। ଶିବିର ପରିଚାଳନାରେ ଭୋଇପାଲି ଗ୍ରାମର ରବୀନ୍ଦ୍ର ପଟେଲ ସହଯୋଗ କରିଥିଲେ।



ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ଶିବିରରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀ।

## ଜୟଦୁର୍ଗା କ୍ଲବର ବାର୍ଷିକ କ୍ରୀଡ଼ା, ସାଂସ୍କୃତିକ ମହୋତ୍ସବର ସପ୍ତମ ଦିବସ

# ରାଜ୍ୟସ୍ତରୀୟ ମହିଳା କବାଡ଼ି ପ୍ରତିଯୋଗିତା



ଅତିଥି ଓ ଆୟୋଜକଙ୍କ ସହ ମହିଳା କବାଡି ଖେଳାଳିମାନେ।

ସୁନ୍ଦରଗଡ,୩୦।୧୨ (ଡି.ଏନ.ଏ.)

ସ୍ଥାନୀୟ ରଙ୍ଗାଡିପା ଖେଳ ପଡିଆଠାରେ ଗତ ୨୪ତାରିଖଠାରୁ ଚାଲିଥିବା ଜୟଦୁର୍ଗା କ୍ଲବର ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ମହୋତ୍ସବ ସୋମବାର ସପ୍ତମ ଦିବସରେ ରାଜ୍ୟସ୍ତରୀୟ ମହିଳା କବାଡି ପ୍ରତିଯୋଗିତା ମୁଖ୍ୟ ଆକର୍ଷଣ ସାଜିଛି। ଏହି ପ୍ରତିଯୋଗିତାରେ ରାଉରକେଲା, ଝାରସୁଗୁଡା, ବରଗଡ, ସମ୍ବଲପୁର, ଦେବଗଡ, ଯାଜପୁର ଓ ଭୁବନେଶ୍ୱରର ମହିଳା କବାଡି ଦଳ ଭାଗ ନେଇଥିଲେ। ସଦର ବ୍ଲକ ବିଡିଓ ଅନାମିକା ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ର ଶିକ୍ଷା ସହିତ ଖେଳକୁ ଯୋଡି ଜୀବନରେ ସଫଳତା ହାସଲ କରିପାରିବେ ବୋଲି ବିଡିଓ କହିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ପ୍ରଶାସନିକ ଅଧିକାରୀ ତଥା ସୁନ୍ଦରଗଡ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧକ୍ଷ ସନ୍ତୋଷ କୁମାର ଅମାତ, କ୍ରୀଡାବିତ୍ ତଥା ମ୍ୟୁନିସପାଲ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପ୍ରସାଦ, ଜାତୀୟ କବାଡି ଖେଳାଳି ହାଜି ଅବଦୁଲ ସୟିଦ, ତେହେରିନ ସୟିଦ ପ୍ରମୁଖ ଯୋଗ ଦେଇ ଥିଲେ। କ୍ଲବର ସଭାପତି ଅଭୟ କୁମାର ପଟ୍ଟନାୟକ, ସମ୍ପାଦକ ବଟକିଶୋର ମିଶ୍ର, କ୍ଲବର ବରିଷ୍ଠ ସଦସ୍ୟ ସୁରେନ୍ ଦାଶ, ଗୋପାଳ ଚନ୍ଦନ, ଶେଷଦେବ ନନ୍ଦ, ଅମୀୟ ପଟ୍ଟନାୟକ, ଦେବେନ ଅମାତଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି ପ୍ରତିଯୋଗୀତାକୁ କ୍ରୀଡା ଶିକ୍ଷକ ପ୍ରେମାନନ୍ଦ ଶତପଥୀ, ଇନ୍ଦ୍ରମଣି ଜେନା, ଶୁକ୍ରୁ ତନ୍ତୀ, ସନ୍ତୋଷ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

## ଡିଲେଇକାନି ଶୁକ୍ରୁ, ପୀୟୂଷ ମେମୋରିଆଲ ହକି ଟୁର୍ନାମେଣ୍ଟ ଉଦ୍‌ଯାପିତ

# ଲାକ୍ରାଯୋର, ଡିଲେଇକାନି ଚାମ୍ପିୟନ

ବାଲିଶଙ୍କରା, ୩୦।୧୨ (ଡି.ଏନ୍.ଏ.)

ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକ ଅନ୍ତର୍ଗତ ଡିଲେଇକାନି ପଞ୍ଚାୟତର ରୁରାଲ ଡେଭଲପମେଣ୍ଟ ୟୁଥ୍ କ୍ଲବ ଆନୁକୂଲ୍ୟରେ ଗତ ୨୭ ତାରିଖରୁ ଚାଲିଥିବା ୨୭ତମ ଶୁକ୍ରୁ ଓ ୧୩ତମ ପୀୟୂଷ ମେମୋରିଆଲ ହକି ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ଏଥିରେ ଫାଇନାଲରେ ପୁରୁଷ ସିନିୟରରେ ଲାକ୍ରାଯୋର ଦଳ ୩-୦ ଗୋଲରେ ନୂଆଁ ଗାଁ ଦଳକୁ ପରାସ୍ତ କରି ଚମ୍ପିୟନ ହୋଇଛି। ସେହିପରି ଜୁନିୟର ପୁରୁଷ ବିଭାଗରେ ଡିଲେଇକାନି ଦଳ ସଉନାମୁରା ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ସମାରୋହରେ ସୁନ୍ଦରଗଡ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୧୦ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ଟ୍ରଫି ଓ ୭ହଜାର ଟଙ୍କା ପୁରସ୍କାର ସ୍ୱରୂପ ପ୍ରଦାନ କରିଥିଲେ। ପୂର୍ବତନ କ୍ରୀଡା ପ୍ରଶାସକ ଅଭୟ କୁମାର ପଟ୍ଟନାୟକ, ପୂର୍ବତନ ଅଲିମ୍ପିୟାର୍ଡ ତଥା ହକି ତାରକା ଲାର୍ଜାରୁସ ବାର୍ଲା, ଅବସରପ୍ରାପ୍ତ କମାଣ୍ଡାଣ୍ଟ ଫ୍ରାନସିସ୍ ତିର୍କୀ, ଇଥେର ତିର୍କୀ, ଫାଦର ସଞ୍ଜୟ ତିର୍କୀ, ଜିଲା ଶ୍ରମ ଅଧିକାରୀ ରବୀନ୍ଦ୍ର ବାର୍ଲା, ଫାଦର ଫୁଲଜେନ୍ସ ମାଝି, ପ୍ରକାଶ ବାର୍ଲା, ସୁନୀଲ ବରୁଆ, କେଶବ ରଣା, ଅକ୍ଷୟ ନାଏକ, ପ୍ରଦୀପ କୁଜୁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଦିବାସୀଙ୍କ ମଧ୍ୟରେ ହକି ଖେଳ ପାଇଁ ରହିଥିବା ଉଦ୍ଦାମତା ସମ୍ପର୍କରେ ଆଲୋକପାତ କରିଥିଲେ। ଭାରତୀୟ ହକି ଦଳରେ ସୁନ୍ଦରଗଡ ଜିଲାର ବାଲିଶଙ୍କରା ଗ୍ରାମର ଡିଲେଇକାନି, ସଉନାମୁରା, ଲୁଲକିଡିହି ଆଦି ଗ୍ରାମର ଖେଳାଳିମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଆମ ପାଇଁ ଗୌରବ ଆଣିଛନ୍ତି ବୋଲି ଅତିଥିମାନେ କହିଥିଲେ । ରାଜେନ୍ ଏକ୍କା ଓ ସଞ୍ଜୀବ ଖାଲକୋ ଖେଳ ପରିଚାଳନା କରିଥିଲେ । ବିନୋଦ କୁମାର କୁଜୁର ସଭା ପରିଚାଳନା କରିଥିଲେ। ଟୁର୍ନାମେଣ୍ଟର ଆୟୋଜକ ଇଲିୟାସ ତିର୍କୀ ଧନ୍ୟବାଦ ଦେଇଥିଲେ।



ଅତିଥି ଓ ଆୟୋଜକଙ୍କ ସହ ହକି ଖେଳାଳିମାନେ।